# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୨୭/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, October 27/ 2018 (Career & Appointment) ★★

୧୪ଶ ଭାଗ ୩୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**‘ଏବେ ବହୁତ ସମ୍ମାନ ମିଳୁଛି’**

ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିବା ପରେ ମୋତେ ବହୁତ ସମ୍ମାନ ମିଳୁଛି ବୋଲି ମହିଳା ହେପ୍ଟାଥଲନ ତାରକା ସ୍ୱପ୍ନା ବର୍ମନ କହିଛନ୍ତି।

୧୯

୧୩

**ଭଲ କାହାଣୀକୁ ପସନ୍ଦ କରେ: ରାଧିକା ଆପ୍ତେ**

ଭଲ କାହାଣୀ ଆଧାରିତ ଫିଲ୍ମକୁ ପସନ୍ଦ କରେ ବୋଲି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍ତେ ପ୍ରକାଶ କରିଛନ୍ତି ।








## ସଂକ୍ଷେପରେ

■ ଶ୍ରୀଲଙ୍କାରେ ରାଜନୈତିକ ଡ୍ରାମା

### ରାଜପାକ୍ସେ ହେଲେ ପ୍ରଧାନମନ୍ତ୍ରୀ



କଲମ୍ବୋ,୨୬।୧୦(ପି.ଟି.): ଏକ ନାଟକୀୟ ଘଟଣାକ୍ରମରେ ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦ୍ରା ରାଜପାକ୍ସେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂହେଙ୍କ ସ୍ଥାନରେ ରାଜପାକ୍ସେ ଦେଶର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ନେଇ ସେଠାର ଟିଭି ଚ୍ୟାନେଲଗୁଡ଼ିକରେ ଖବର ପ୍ରସାରିତ ହୋଇଛି। ୱିକ୍ରମସିଂହେଙ୍କ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି (ୟୁଏନ୍‌ପି) ନେତୃତ୍ୱାଧୀନ ଏକତା ସରକାରରୁ ସିରିସେନାଙ୍କ ବୃହତ୍ ରାଜନୈତିକ ମେଣ୍ଟ ୟୁନାଇଟେଡ୍ ପିପୁଲ୍ସ ଫ୍ରିଡମ୍ ଆଲାଏନ୍ସ (ୟୁପିଏଫ୍‌ଏ) ଓହରିଯାଇଛି। ୨୦୧୫ରେ ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟି (ଏସ୍‌ଏଲ୍‌ପିଏଫ୍) ନେତା ସିରିସେନା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ମିଳିତ ସରକାର ଗଠନ ହୋଇଥିଲା। ଏଥିସହ ପ୍ରାୟ ୧ ଦଶନ୍ଧି ଧରି ଚାଲିଥିବା ରାଜପାକ୍ସେଙ୍କ ଶାସନର ଅବସାନ ଘଟିଥିଲା। ସେତେବେଳେ ସିରିସେନାଙ୍କୁ ୱିକ୍ରମସିଂହେ ସମର୍ଥନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସରକାରଙ୍କ ଅର୍ଥନୈତିକ ନୀତି ଓ ଦୈନନ୍ଦିନ ପ୍ରଶାସନକୁ ନେଇ ସିରିସେନା ଓ ୱିକ୍ରମସିଂହେଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା।

## କିଛି ତଥ୍ୟ

ଅକ୍ଟୋବର ୧୨ ସୁଦ୍ଧା ବ୍ୟାଙ୍କଗୁଡିକର ଋଣ ଯୋଗାଣ ଧାରାରେ ୧୪.୩୫% ବୃଦ୍ଧି ଘଟି ୮୯.୯୩ ଲକ୍ଷ କୋଟି ଟଙ୍କା ରହିଛି। ଏହି ସମୟରେ ଜମାରେ ୮.୮୬%ବୃଦ୍ଧି ଘଟିବା ସହ ୧୧୭.୮୫ ଲକ୍ଷ କୋଟି ଟଙ୍କା ଛୁଇଁଛି।

– ଆର୍‌ବିଆଇ

# ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୬।୧୦(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ପୂର୍ବରୁ ଭୁବନେଶ୍ୱରରେ ହେବାକୁ ଯାଉଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରୀ ଫେଷ୍ଟିଭାଲର ଲୋଗୋକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ଏହି ଲୋଗୋକୁ ଶେୟାର କରି ମୁଁ ବହୁତ ଖୁସି। ଏହି ଫେଷ୍ଟିଭାଲ କ୍ରୀଡ଼ା, କଳା ଓ ସଂସ୍କୃତିର ଏକ ଅପୂର୍ବ ସମ୍ମିଶ୍ରଣ। ଏହି ଇଭେଣ୍ଟରେ ଭାଗ ନେବାକୁ ଯାଉଥିବା ବ୍ୟକ୍ତିବିଶେଷଙ୍କୁ ସ୍ମାର୍ଟ ସିଟି ଭୁବନେଶ୍ୱର ଏବଂ ଓଡ଼ିଶା ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟର ମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ନଭେମ୍ବର ୨ ଓ ୩ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହି ଇଭେଣ୍ଟ ଅବସରରେ ଦେଶ ବିଦେଶର ପ୍ରତିଷ୍ଠିତ କ୍ରୀଡ଼ା ତାରକା, ସାହିତ୍ୟିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ସାମ୍ବାଦିକ ଏବଂ ପ୍ରତିଷ୍ଠିତ ଲେଖକ ଏକାଠି ହେବେ।

ଏସିଆରେ ପ୍ରଥମଥରପାଇଁ ହେବାକୁ ଯାଉଥିବା ଏହି ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଲିଟେରାରୀ ☞ପୃଷ୍ଠା-୮

EKAMRA SPORTS LITERARY FESTIVAL 2018

■ ସିବିଆଇ କଳି: ସିଭିସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ୨ ସପ୍ତାହରେ ତଦନ୍ତ ସାର

ନୂଆଦିଲ୍ଲୀ,୨୬।୧୦(ପି.ଟି.)



■ ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହେବ ତଦନ୍ତ
■ ନାଗେଶ୍ୱର ନେଇପାରିବେନି ବଡ଼ ନିଷ୍ପତ୍ତି
■ ନଭେମ୍ବର ୧୨ରେ ପରବର୍ତ୍ତୀ ଶୁଣାଣି
■ କେନ୍ଦ୍ର, ସିଭିସିଙ୍କୁ ଜବାବ ତଲବ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କଳି ଘନେଇବାରେ ଲାଗିଥିବାବେଳେ ଶୁକ୍ରବାର ଏଥିରେ ନୂଆ ମୋଡ଼ ଆସିଛି। ସିବିଆଇର ଦୁଇ ମୁଖିଆ ଆଲୋକ ବର୍ମା ଏବଂ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଆଣିଥିବା ଆରୋପ ଓ ପ୍ରତ୍ୟାରୋପର ତଦନ୍ତ ୨ ସପ୍ତାହ ମଧ୍ୟରେ ଶେଷ କରିବାକୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ। ଏହାସହ ଅନ୍ତରୀଣ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଏମ୍. ନାଗେଶ୍ୱର ରାଓ ଇତିମଧ୍ୟରେ କୌଣସି ବଡ଼ଧରଣର ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୧୨ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। କେନ୍ଦ୍ର ସରକାର ଛୁଟିରେ ପଠାଇଦେଇଥିବା ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଆଗତ ଅଭିଯୋଗଗୁଡ଼ିକର ତଦନ୍ତ ପାଇଁ ସମୟ ଗଡ଼ିଚାଲିବା ଦେଶର ସ୍ୱାର୍ଥ ହିତରେ ନୁହେଁ ବୋଲି ସୁପ୍ରିମକୋର୍ଟ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ଅଭିଯୋଗକୁ ନେଇ ସିଭିସିଙ୍କୁ କ୍ୟାବିନେଟ ସେକ୍ରେଟାରି ଦେଇଥିବା ଟିପ୍ପଣୀ ଆଧାରରେ ତଦନ୍ତ କରାଯିବ। ସିଭିସି ୧୪ ଦିନ ମଧ୍ୟରେ ତଦନ୍ତ ଶେଷ କରିବେ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ। ଅନ୍ତରୀଣ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ନାଗେଶ୍ୱର ରାଓ ଅକ୍ଟୋବର ୨୩ରୁ କୌଣସି ବଡ଼ଧରଣର ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ। ସେ କେବଳ ରୁଟିନ୍ କାର୍ଯ୍ୟ କରିପାରିବେ। ☞ପୃଷ୍ଠା-୮


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ଆଜିର ସମ୍ପାଦକୀୟ

### ବରିଷ୍ଠତାକୁ ଉପେକ୍ଷା

## ଆଜିର ମନ୍ତବ୍ୟ

“ ଚାଷ ଜମିରେ କାଦୁଅକୁ ବି କାଞ୍ଚନରେ ପରିଣତ କରାଯାଇପାରେ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ରିଭ୍ୟୁ ପିଟିଶନ ଦାୟର କଲେ ସରକାର

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

**ପୌର ନିର୍ବାଚନ ଅଡୁଆ**

ଆସନ୍ତା ପୌର ନିର୍ବାଚନକୁ ନେଇ ରାଜ୍ୟ ସରକାର ଅଡୁଆରେ ପଡିଛନ୍ତି। ସ୍ଥାନ ସଂରକ୍ଷଣ ଉପରେ ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୮ ତାରିଖରେ ରୋକ ଲାଗାଇଥିଲେ। ଏହି ରାୟର ପୁନର୍ବିଚାର କରିବାକୁ ରାଜ୍ୟ ସରକାର ଶୁକ୍ରବାର ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦାଖଲ କରିଛନ୍ତି। ସାନି ଆଦେବନକୁ ଯଦି ସୁପ୍ରିମକୋର୍ଟ ଗ୍ରହଣ କରି ପୂର୍ବ ସଂରକ୍ଷଣ ବ୍ୟବସ୍ଥାକୁ କାଏମ ରଖିବେ ତେବେ ପୌର ନିର୍ବାଚନକୁ ନେଇ ଲାଗି ରହିଥିବା ଝାମେଲାରୁ ସରକାରଙ୍କୁ ମୁକ୍ତି ମିଳିଯିବ। ଡିସେମ୍ବର ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଯିବ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରି ନ ଥିଲେ । ହାଇକୋର୍ଟ ଯେଉଁ ରାୟ ଶୁଣାଇଥିଲେ ସର୍ବୋଚ୍ଚ ଅଦାଲତ ତାହାକୁ କାଏମ ରଖିବା ସହ କୌଣସି ପରିସ୍ଥିତିରେ ପୌର ପରିଷଦ ଓ ମହାନଗର ନିଗମ ଗୁଡିକରେ ଏସ୍‌ସି,ଏସଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଡେଇଁବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ। ସୁପ୍ରିମକୋର୍ଟ ଯଦି ରିଭ୍ୟୁ ପିଟିସନକୁ ଗ୍ରହଣ ନ କରିବେ ତେବେ ରାଜ୍ୟ ସରକାର ବାଧ ହୋଇ ଓଡିଶା ପୌର ପରିଷଦ ଆଇନ ଏବଂ ଓଡିଶା ମହାନଗର ନିଗମ ଆଇନ-୨୦୦୩ ସଂଶୋଧନ କରିବେ। ଏଥିପାଇଁ ବିଧାନସଭାର ଅନୁମୋଦନ ଆବଶ୍ୟକ ହେବ। ଏଥିସହିତ ପୁଣିଥରେ ପୌର ପରିଷଦଗୁଡିରେ ସୀମା ପୁନଃ ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କରିବାକୁ ପଡିବ। ଏ ସମସ୍ତ ପ୍ରକ୍ରିୟା ଶେଷ କରିବା ପାଇଁ ସରକାରଙ୍କୁ ଅତି କମରେ ଆହୁରି ୬ମାସରୁ ଉର୍ଦ୍ଧ୍ୱ ସମୟ ଲାଗିଯିବା ସମ୍ଭାବନା ରହିଛି। ଏଠାରେ ସୂଚନା ଯୋଗ୍ୟ ଗତ ସେପ୍ଟେମ୍ବର ୩୦ ତାରିଖରେ ୬୫ଟି ପୌର ସଂସ୍ଥା ସହ ବ୍ରହ୍ମପୁର ମହାନଗର ନିଗମର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ୨୨ଟି ପୌର ସଂସ୍ଥାର କାର୍ଯ୍ୟକାଳ ଡିସେମ୍ବର ୧୦ ତାରିଖରେ ସରିବ। ସେହିପରି ୨୦୧୯ ଜାନୁୟାରୀ ୧୭ରେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଫେବୃୟାରୀ ୧୩ ତାରିଖରେ କଟକ ମହାନଗର ନିଗମ ଏବଂ ବାରିପଦା ମ୍ୟୁନିସିପାଲଟିର କାର୍ଯ୍ୟ କାଳ ସରୁଛି। ୨୦୧୩ ସେପ୍ଟେମ୍ବର ୧୯ରେ ୬୫ଟି ☞ପୃଷ୍ଠା-୮






# ଦଳ ଭିତରେ ଯୁବ ରାଜନୀତି

ସୁନିତ୍ ମିଶ୍ର

ଭୁବନେଶ୍ୱର,୨୬।୧୦

ଆଗକୁ ୨୦୧୯ ସାଧାରଣ ନିର୍ବାଚନ। ଏବେ ରାଜ୍ୟରେ ସକ୍ରିୟ ଥିବା ୩ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ଯୁବଗୋଷ୍ଠୀଙ୍କ ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ ଥିବା ପରିଲକ୍ଷିତ ହେଉଛି। ଯୁବ ନେତୃତ୍ୱକୁ କାର୍ଯ୍ୟରେ ଲଗାଇବା ସକାଶେ ଏହି ଦଳଗୁଡିକ ତୃଣମୂଳସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। କିନ୍ତୁ ୩ଦଳରେ ଯୁବ ସଙ୍ଗଠନକୁ ଦେଖିଲେ ଏହାର ନେତୃତ୍ୱ ନେଉଥିବା ଯୁବଗୋଷ୍ଠୀ କୌଣସି ଭାବରେ ବରିଷ୍ଠଙ୍କ ପ୍ରଭାବରୁ ମୁକ୍ତ ନୁହନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏହାସହ ବିଭିନ୍ନ ଦଳରେ କେତେଜଣ ପୁରୁଖା ନେତା ନିଜ ଅନୁଗାମୀଙ୍କ ହାତରେ ଛାମୁଆ ସଙ୍ଗଠନ ଦାୟିତ୍ୱ ଟେକିଦେଇ ଦକ୍ଷତା ରଖିଥିବା ଯୁବକଙ୍କୁ ଅଣଦେଖା କରି ପତିଆରା ଜାହିର କରୁଛନ୍ତି।



ଲୋକନାଥ ମହାରଥୀ



ଅମରେଶ ପତ୍ରୀ



ଟଙ୍କଧର ତ୍ରିପାଠୀ

ରାଜ୍ୟ ରାଜନୀତିରେ ଦୁଇଦଶନ୍ଧି ଧରି ବିଜେଡିର ବହୁଳ ପ୍ରଭାବ ଦେଖିବାକୁ ମିଳୁଛି। ପଞ୍ଚାୟତ ନିର୍ବାଚନରେ ଦଳର ବିପର୍ଯ୍ୟୟ ପରେ ନେତୃତ୍ୱ ଯୁବ ସଙ୍ଗଠନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ଯୁବ ବିଜେଡିର କାର୍ଯ୍ୟକାରିଣୀ କରାଯାଇଥିଲା। ଯୁବ ସଙ୍ଗଠନର ନେତୃତ୍ୱକୁ ଦୀର୍ଘଦିନ ଧରି ଜାବୁଡି ରଖିଥିବା ବିଧାୟକ ସଞ୍ଜୟ ଦାସବର୍ମାଙ୍କୁ ସେତେବେଳେ ଦାୟିତ୍ୱ ମୁକ୍ତ କରାଗଲା। ତାଙ୍କ ସ୍ଥାନରେ ନୂଆ ମୁହଁ ଭାବେ ଅମରେଶ ପତ୍ରୀ ବିଜେଡି ଯୁବ ସଭାପତି ଭାବେ ନିଯୁକ୍ତି ପାଇଲେ। ଯୁବ ସଭାପତି ଅମରେଶ ଦଳର ସାଧାରଣ ସମ୍ପାଦକ ଅରୁଣ ସାହୁଙ୍କ ଗୋଷ୍ଠୀର ବୋଲି ଆଲୋଚନା ହେଉଛି। ଏଥିଲାଗି ଦଳରେ ଅନେକ ଦକ୍ଷ ଯୁବନେତା ଥିବା ସତ୍ତ୍ୱେ ଅମରେଶଙ୍କୁ ଏହି ପଦବୀ ହାତେଇବାର ସୌଭାଗ୍ୟ ମିଳିପାରିଥିବା ଚର୍ଚ୍ଚା ହେଉଛି। ଏଥିପାଇଁ ଯୁବ ସଙ୍ଗଠନକୁ ନିଜ ଇଙ୍ଗିତରେ ଚଲାଇବା ପାଇଁ ଅରୁଣ ଯଥେଷ୍ଟ ଉଦ୍ୟମ କରୁଛନ୍ତି। ମାତ୍ର ଦଳର ଯୁବ ବ୍ୟାପାର ଦାୟିତ୍ୱ ସଞ୍ଜୟଙ୍କ ହାତରେ ନ୍ୟସ୍ତ ରହିଛି। ତେଣୁ ସଞ୍ଜୟଙ୍କ ବିନା ଇଙ୍ଗିତରେ ଯୁବ ସଙ୍ଗଠନର କୌଣସି କାର୍ଯ୍ୟକ୍ରମ ସମ୍ଭବ ହେଉନାହିଁ। ଯୁବ କାର୍ଯ୍ୟକ୍ରମରେ ସଞ୍ଜୟଙ୍କ ହସ୍ତକ୍ଷେପ ଅରୁଣଙ୍କୁ ଏକ ପ୍ରକାର ନିଷ୍କ୍ରିୟ କରି ରଖିଥିବା ଚର୍ଚ୍ଚା ଜୋର୍ ଧରିଛି। ଏ ପ୍ରସଙ୍ଗରେ ପଚରାଯିବାରୁ ସଞ୍ଜୟ କହିଛନ୍ତି ଯେ, ଯୁବ ସଭାପତି ପଦ ଅମରେଶଙ୍କୁ ତାଙ୍କ ଦକ୍ଷତା ଆଧାରରେ ଦିଆଯାଇଛି। ଏହି ପଦବୀ ଦେବା ସମୟରେ ମୋର ପରାମର୍ଶ ନେବାକୁ କୁହାଯାଇଥିଲା। କୌଣସି ପ୍ରକାର ଲବିରେ ପତ୍ରୀଙ୍କୁ ଦାୟିତ୍ୱ ଦିଆଯାଇ ନାହିଁ। ଲବି ସମ୍ପର୍କିତ ଗୁଜବ ଅସତ୍ୟ। ☞ପୃଷ୍ଠା-୪



“ କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ

**ପୁରୀ ଅଫିସ, ୨୬।୧୦:** ସରକାରୀ ଡକ୍ୟୁମେଣ୍ଟାରି (ପ୍ରାମାଣିକ ଚଳଚ୍ଚିତ୍ର) ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିଛି। ଏହି ଘଟଣାରେ ସିଂହଦ୍ୱାର ଥାନା ପୋଲିସ ବ୍ୟବହୃତ ହୋଇଥିବା ଡ୍ରୋନ ଓ ଏହାର ମେମୋରି କାର୍ଡ ଜବତ କରିଛି। ଡ୍ରୋନ ଉଡ଼ାଉଥିବା ୯ ଜଣଙ୍କୁ ପଚରା ଉଚରା ପରେ ପୋଲିସ କ୍ଷମାପତ୍ର ରଖି ଛାଡିଛି। ଶୁକ୍ରବାର ଅପରାହ୍ଣ ପ୍ରାୟ ୫ଟା। ୮ ଯୁବକ ଏବଂ ଜଣେ ଯୁବତୀ ଏମାର ମଠ କୋଠା ଉପରେ ରହି ଡ୍ରୋନ ଉଡ଼ାଉଥିବା ଖବର ପ୍ରଚାରିତ ହୋଇଥିଲା। ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲା ସିଂହଦ୍ୱାର ଥାନା ପୋଲିସ। ଡ୍ରୋନ ଏବଂ ଅନ୍ୟାନ୍ୟ ସରଞ୍ଜାମକୁ ଧରି ସମ୍ପୃକ୍ତ ଯୁବକ ଓ ଯୁବତୀଙ୍କୁ ଥାନାକୁ ଆଣି ପଚରା ଉଚୁରା କରିଥିଲା। ଏହାପରେ ଡ୍ରୋନ ଉଡାଣ ସମ୍ପର୍କିତ ତଥ୍ୟ ଜଣାପଡିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ରାଜ୍ୟର ବୌଦ୍ଧ କୀର୍ତ୍ତିରାଜି, ସ୍ୱର୍ଣ୍ଣ ତ୍ରିଭୁଜ (ପୁରୀ-କୋଣାର୍କ-ଭୁବନେଶ୍ୱର) ସହ ଚିଲିକା ଉପରେ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ଲାଗି ଓଡ଼ିଶା ପର୍ଯ୍ୟଟନ ବିଭାଗ କଲିକତାର ଲିଷ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ଦାୟିତ୍ୱ ଦେଇଥିଲା। ଏହି ଚଳଚ୍ଚିତ୍ର ଲାଗି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଡିଜିଙ୍କୁ ଗତ ୧୧ ତାରିଖରେ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ୨୫ ତାରିଖରେ ଗଞ୍ଜାମ ଜିଲାର ବୌଦ୍ଧ କୀର୍ତ୍ତିରାଜି ଜଉଗଡ଼, ୨୬ରେ ଶ୍ରୀଜଗନ୍ନାଥ ମନ୍ଦିର, ଗୁଣ୍ଡିଚା ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ୨୭ରେ ଖଣ୍ଡଗିରି ଓ ଉଦୟଗିରି, ରାଜାରାଣୀ, ମୁକ୍ତେଶ୍ୱର, ପର୍ଶୁରାମେଶ୍ୱର ଓ ଲିଙ୍ଗରାଜ ମନ୍ଦିର ଏବଂ ୨୮ ତାରିଖରେ ଲଳିତଗିରି, ରତ୍ନଗିରି ଏବଂ ଉଦୟଗିରିରେ ଶୁଟିଂ ପାଇଁ ଅନୁମତି ଦେବାକୁ ଦର୍ଶାଯାଇଥିଲା। ଏଏସ୍ଆଇ ଡାଇରେକ୍ଟର ଜେନେରାଲ (ଡିଜି) ଗତ ୧୮ ତାରିଖରେ ଏ ନେଇ ଆବଶ୍ୟକ ନିୟମାବଳୀ ଅନୁଯାୟୀ ଅନୁମତି ଦେବାକୁ ଭୁବନେଶ୍ୱର ଏଏସ୍ଆଇ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ। ସେହି ଅନୁଯାୟୀ ଭୁବନେଶ୍ୱର ଏଏସ୍ଆଇ ପକ୍ଷରୁ ପୁରୀ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଥିଲା।

# ଜିଲା ଗଠନ ଦାବି ତେଜିଲା : ୧୨ଘଣ୍ଟା ଟିଟିଲାଗଡ଼ ବନ୍ଦ





ଟିଟିଲାଗଡ଼ କୋର୍ଟ ସମ୍ମୁଖରେ ଆନ୍ଦୋଳନକାରୀ ପିକେଟିଂ କରୁଛନ୍ତି (ବାମ)। ବନ୍ଦକୁ ସମର୍ଥନ କରି ସହରରେ ବାହାରିଥିବା ବାଇକ ଶୋଭାଯାତ୍ରା।

**ଟିଟିଲାଗଡ଼,୨୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ଶୁକ୍ରବାର ଜିଲା କ୍ରିୟାନୁଷ୍ଠାନ କମିଟି ଆହୂତ ୧୨ଘଣ୍ଟିଆ ଟିଟିଲାଗଡ଼ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ଏଥିରେ ସାମିଲ ହୋଇଥିବାରୁ ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସକାଳ ୬ଟାରୁ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ବାଇକ ରାଲି କରି ବନ୍ଦକୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ବିଭିନ୍ନ ଛକରେ ଆନ୍ଦୋଳନକାରୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ବନ୍ଦ ପ୍ରଭାବରେ ସହରରେ ଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, କୋର୍ଟ, ବ୍ୟାଙ୍କ, ଦୋକାନ ବଜାର ବନ୍ଦ ରହିଥିଲା। ସମସ୍ତ ପ୍ରକାରର ଯାନବାହନ ଚଳାଚଳ ବନ୍ଦ ଥିବାରୁ ରାସ୍ତାଘାଟ ଶୁନଶାନ ହୋଇଯାଇଥିଲା। ବନ୍ଦ ସମର୍ଥନରେ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ, ଛାତ୍ର, ଯୁବ ଗୋଷ୍ଠୀ ରାସ୍ତାକୁ ଓହ୍ଲାଇ ଅଞ୍ଚଳବାସୀଙ୍କ ଏହି ନ୍ୟାର୍ଯ୍ୟ ଦାବିକୁ ସରକାର ଗ୍ରହଣ କରି ନେବାକୁ ନାରାବାଜି କରିଥିଲେ।

କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆବାହକ ତଥା ଟିଟିଲାଗଡ ଆଇନଜୀବୀ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଯୁଗ୍ମ ଆବାହକ ତଥା ଆଇନଜୀବୀ ସଂଘ ସମ୍ପାଦକ ଲଳିତ ମୋହନ ତାଣ୍ଡି, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ରବିକିରଣ ସ୍ୱାଇଁ, ମୋହନଲାଲ ଜୈନ, କିଶୋର ଚନ୍ଦ୍ର ପଣ୍ଡା, ସଞ୍ଜୟ ବେହେରା, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସ, ଅଞ୍ଜଳି ବେହେରା, ରଞ୍ଜୁ ରାଏମନ, ଶମ୍ଭୁପ୍ରାଦ ଗୋୟଲ ପ୍ରମୁଖ ବହୁ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ବନ୍ଦରେ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ପ୍ରସାଦ ହୋତା, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁଙ୍କ ପ୍ରତିନିଧି ଅରୁଣ ମିଶ୍ର, ପ୍ରେମ ଜୈନ, ରଣଜିତ ପୃଷ୍ଟି, ରୁଟୁ ବାଗ, ଦିଲୀପ ବାଗ, ଯୁଧିଷ୍ଠିର ବେହେରା, ରାଜେଶ ବେହେରା, ରମେଶ ବେହେରା, କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ରାଜ୍ୟ ସଙ୍ଗଠକ ଡମ୍ବରୁ ଛତ୍ରିଆ, ନଗର ସଭାପତି ପ୍ରଭାସ ବହିଦାର, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ବୀରେନ୍ଦ୍ର ବାଗ, ବ୍ଲକ ସଭାପତି ତୁଳସୀ ସାହୁ, ଦେବାନନ୍ଦ ସାହୁ, ବିକାଶ ପାଣିଗ୍ରାହୀ, ଉମେଶ ପଣ୍ଡା, ଅଲେଖ ବେହେରା, ଭାଜପାରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଆଲୋକ ନାୟକ, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ ପ୍ରମୁଖ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ରାଜୁ ନାଏକ, ବାଲକୃଷ୍ଣ ଷାଣ୍ଡ, ସଞ୍ଜୀବ ପାଢୀ, ଛାତ୍ରନେତା ଅମ୍ଳାନ ଷଡଙ୍ଗୀ



ବନ୍ଦ ପ୍ରଭାବରେ ଶୁନଶାନ ଟିଟିଲାଗଡ଼ ସହର ରାସ୍ତା।

ପ୍ରମୁଖ ସହରର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସଙ୍ଗଠକ, ଛାତ୍ର, ଯୁବଗୋଷ୍ଠୀ ବନ୍ଦ ସମର୍ଥନରେ ବାହାରିଥିଲେ। ବନ୍ଦରୁ ରେଳ ଚଳାଚଳ, ଆମ୍ବୁଲାନ୍ସ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ ଆଦି ଜରୁରିକାଳୀନ ସେବାକୁ ବାଦ୍ ଦିଆଯାଇଥିଲା। ଆଇନଶୃଙ୍ଖଳା ପାଇଁ ଏସ୍ଡିପିଓ ସରୋଜ ମହାପାତ୍ର, ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ପୋଲିସ ବଳ ସହ ମୁତୟନ ରହିଥିଲେ। ବନ୍ଦ ସମୟରେ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡିଛି।

## ବିଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ରେଙ୍ଗାଲି, ୨୬।୧୦ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ କାଶିପାଲି ଗ୍ରାମର ଏକ ବିଲରୁ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି । ସେ ହେଲେ ନିକଟସ୍ଥ ତବଡାବାହାଲ ଗ୍ରାମର ପଙ୍କଜିନୀ ବେହେରା (୩୦)। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ରେଙ୍ଗାଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ତଦନ୍ତ କରାଯିବ ବୋଲି ପୋଲିସ କହିଛି। ଏସ୍ଡିପିଓ ଭବାନୀଶଙ୍କର ଉଦଗାତା, ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠୀ, ରେଙ୍ଗାଲି ଥାନା ଏସ୍ଆଇ ସଂଘମିତ୍ରା ଦାସ, ଦ୍ରୋଣାଚାର୍ଯ୍ୟ ସାହୁ ସାଇଣ୍ଟିଫିକ୍ ଦଳ ସହ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ପୋଲିସ କହିଛି ଯେ,୨୪ ତାରିଖରୁ ସେ ନିଖୋଜ ଥିଲେ।




## ■ଶାସନ କେନାଲରେ ଜୀବନ ଗଲା

# ପାଣିରେ ବୁଡ଼ି କଲେଜ ଛାତ୍ର ମୃତ

**ସମ୍ବଲପୁର, ୨୬।୧୦(ବ୍ୟୁରୋ)**

- ■ମାମୁଘର ଭିକମପୁରକୁ ବଏଲ ଯାତ୍ରା ଦେଖି ଯାଇଥିଲେ
- ■ନିଜ ଭାଇ, ୨ମାମୁ ପୁଅଙ୍କ ସହ ମିଶି ଗାଧୋଉଥିଲେ
- ■ପହଁରା ଜାଣି ନ ଥିବାରୁ ନିଜକୁ ବଞ୍ଚାଇ ପାରିଲେନି
- ■ସାକ୍ଷୀପଡା, ଜିଏମ୍ କଲେଜରେ ଶୋକର ଛାୟା

ସମ୍ବଲପୁର ଶାସନ ଥାନା ଅଧୀନ ଭିକମପୁର ଗାଁରେ ଶୁକ୍ରବାର ଜଣେ କଲେଜ ଛାତ୍ର ଶାସନ କେନାଲରେ ବୁଡି ପ୍ରାଣ ହରାଇଛନ୍ତି। ମୃତ ଛାତ୍ର ହେଲେ ସାକ୍ଷୀପଡାର ସୁଦାମା ମାଝି (୨୦)। ସମ୍ବଲପୁର ଗଙ୍ଗାଧର ମେହେର ଜୁନିୟର କଲେଜରେ ସେ ଯୁକ୍ତ ୨ ଶେଷ ବର୍ଷର ଛାତ୍ର ଥିଲେ। ସୁଦାମଙ୍କ ସହ କେନାଲରେ ଗାଧୋଉଥିବା ଅନ୍ୟ ୩ ଭାଇ ବର୍ତ୍ତିଯାଇଛନ୍ତି। ଖବର ପାଇ ଗାଁ ଲୋକେ କେନାଲ ନିକଟରେ ପହଞ୍ଚି ଥିଲେ। କେନାଲକୁ ପଶି ଖୋଜାଖୋଜି କରିବା ପରେ ସୁଦାମଙ୍କୁ ଉଦ୍ଧାର କରିଥିଲେ । ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ତିମ ସଂସ୍କାର ପାଇଁ ତାଙ୍କୁ ପୈତୃକ ଗାଁ ବଡମାଲ କୁସାମୁରା ଗାଁକୁ ନିଆଯାଇଛି। ଏହି ଘଟଣା ପରେ ଭିକମପୁର ଓ ସାକ୍ଷୀପଡାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜିଏମ କଲେଜରେ ସାଙ୍ଗମାନେ ଓ ଅଧ୍ୟାପକ ଅଧ୍ୟାପିକାମାନେ ବି ସ୍ତବ୍ଧ ହୋଇ ଯାଇଛନ୍ତି। ଏ ନେଇ ଶାସନ ଥାନା ପୋଲିସ କେସ୍ ନଂ. ୨୪/୨୦୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସାକ୍ଷୀପଡାରେ ସୁଦାମାଙ୍କ ଘର। ବୁଧବାର ସେ ଭିକମପୁରସ୍ଥିତ ମାମୁଘରକୁ ବଏଲ ଯାତ୍ରା ଦେଖିବାକୁ ଯାଇଥିଲେ। ସାଙ୍ଗରେ ଭାଇ ସୁବଳ ବି ମାମୁଘର ଯାଇଥିଲେ। ଶୁକ୍ରବାର ଭାଇ ସୁବଳ, ମାମୁ ପୁଅ ପ୍ରକାଶ ଓ ବିଶମ୍ବରଙ୍କ ସହ ସୁଦାମ ଗାଁ ନିକଟସ୍ଥ ଶାସନ କେନାଲକୁ ଗାଧୋଇବାକୁ ଯାଇଥିଲେ। ଚାରିଭାଇ ଏକସଙ୍ଗେ ଗାଧୋଇବାକୁ କେନାଲ ପାଣିରେ ପଶିଥିଲେ। ହେଲେ ସୁଦାମ ବୁଡି ଯାଇଥିଲେ। ପହଁରା ଜାଣି ନ ଥିବାରୁ ନିଜକୁ ସେ ବଞ୍ଚାଇ ପାରି ନ ଥିଲେ। ଏହା ଦେଖି ଅନ୍ୟ ୩ ଭାଇ ଚିତ୍କାର କରିଥିଲେ। ଖବର ପାଇ ଗାଁ ଲୋକେ କେନାଲ ଆଡକୁ ଧାଇଁଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ବି କେନାଲ ନିକଟରେ ପହଞ୍ଚି ଥିଲେ। ସେତେବେଳକୁ କିନ୍ତୁ ଲୋକେ କେନାଲରୁ ସୁଦାମଙ୍କୁ ଉଦ୍ଧାର କରିସାରି ଥିଲେ।



ଇନ୍ଦ୍ରାବତୀ କେନାଲରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୋଜୁଛନ୍ତି।

## ଗାଧୋଇବା ବେଳେ ଭାସିଗଲେ ବାଳକ

**ଜୁନାଗଡ,୨୬।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲାଠାରେ ଶୁକ୍ରବାର ସମ୍ପର୍କୀୟଙ୍କ ସହ ଗାଧୋଇବାକୁ ଆସି ଜଣେ ବାଳକ ଇନ୍ଦ୍ରାବତୀ ମୁଖ୍ୟ କେନାଲରେ ଭାସିଯାଇଛନ୍ତି। ସେ ହେଲେ ଜିଲିଙ୍ଗଦର ଗ୍ରାମର ରାକେଶ ଶବର (୬) । ଖବର ପାଇ ଜୁନାଗଡ ଓ ଧର୍ମଗଡ ଅଗ୍ନିଶମ ବିଭାଗର କର୍ମଚାରୀ ବୋଟ୍ ସାହାଯ୍ୟରେ ଖୋଜିବା ଆରମ୍ଭ କରିଛନ୍ତି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ରାକେଶଙ୍କ କୌଣସି ସନ୍ଧାନ ମିଳିନାହିଁ। ପ୍ରଶାନ୍ତ ଶବରଙ୍କ ପୁଅ ରାକେଶ ତାଙ୍କ ମାମୁଘର ଗାଁ କାଲୋପଲାକୁ ଆସିଥିଲେ। ସେଠାରେ ସମ୍ପର୍କୀୟଙ୍କ ସହ ଶୁକ୍ରବାର ଗାଧୋଇବା ପାଇଁ କେନାଲକୁ ଯାଇଥିଲେ। ଏହି ସମୟରେ କେନାଲରେ ଅଧିକ ସ୍ରୋତ ଥିଲା । ଅସାବଧାନତା ଯୋଗୁ ସେ ହଠାତ୍ ଭାସିଯାଇଥିଲେ। ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ ମଧ୍ୟ ରାକେଶଙ୍କୁ ପାଇ ନ ଥିଲେ। ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଅବଗତ କରିଥିଲେ।

# ପୁଣି ଜଣେ ଯୁବଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

**ଲଡୁଗାଁ/କୋକସରା,୨୬।୧୦(ଡି.ଏନ.ଏ.)**

### ତଦନ୍ତ ଜାରି, କାରଣ ଅସ୍ପଷ୍ଟ

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଆସନ୍ନ ମରୁଡ଼ିର ପଦଧ୍ୱନି ଦେଖାଦେଇଛି । ଫସଲ କ୍ଷତି ଓ ଋଣ ଭାର ଚିନ୍ତାରେ ଚାଷୀ ଜୀବନ ହାରୁଥିବା ଅଭିଯୋଗ ହୋଇଛି। ଗୁରୁବାର ଉପରୋକ୍ତ ବ୍ଲକ ଅଧୀନ ଗମ୍ଭାରୀଗୁଡାର ଚାଷୀ ପରମାନନ୍ଦ ଲହଜଲ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ଆଉ ଜଣେ ଯୁବଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସେ ହେଲେ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମର ଗଣେଶ ସାହୁ (୨୨) । ଗଣେଶ ନିଜେ ଚାଷ କରିଥିବା ୪ ଏକର ଜମିରେ ଉଜୁଡା ଫସଲ ଓ ଋଣଭାର ଚିନ୍ତାରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

ମିଳିଥିବା ସୂଚନା ଅନୁସାରେ ସୁନାମାଲ ଗାଁର ଗଣେଶ ଓ ସାନଭାଇ ରୁଦ୍ରଙ୍କୁ ନେଇ ତାଙ୍କ ପରିବାର। ବଡ ୩ ଭଉଣୀଙ୍କ ବିବାହ ହୋଇସାରିଥିବା ବେଳେ ମା'ଙ୍କ ପରଲୋକ ହୋଇସାରିଛି। ଏଣୁ ଜୀବିକା ନିର୍ବାହ ପାଇଁ ଗଣେଶ ଏକ ଟେଲର ଦୋକାନ କରିବା ସହ ଚାଷବାସ କରୁଥିଲେ । ସାନଭାଇ ରୁଦ୍ରଙ୍କ ଏକ ପାନଦୋକାନ ଅଛି। ଗଣେଶ ନିଜ ପୈତୃକ ୪ ଏକର ଜମିରେ ଧାନଚାଷ କରିଥିଲେ। ଏଥିପାଇଁ ଲଡୁଗାଁ ଷ୍ଟେଟ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଋଣ କରିଥିବା ପରିବାର ଲୋକେ କହିଛନ୍ତି । ବର୍ଷା ଅଭାବରୁ ଚାଷ ନଷ୍ଟ ହୋଇଯାଇଥିଲା । କିଛିଦିନ ପୂର୍ବରୁ ସେ ମୋଟର ଲଗାଇ ପାଣି ମଡାଇଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା । ସେଥିପାଇଁ ସେ ମାନସିକ ଭାବେ ଭାଙ୍ଗି ପଡିଥିଲେ। ଗାଁରେ ଗଜଲକ୍ଷ୍ମୀପୂଜା ଚାଲୁଥିଲା । ଗୁରୁବାର ରାତିରେ ସେ ନାଟକ ଦେଖିବା ପାଇଁ ଯାଇଥିଲେ। ସକାଳୁ ସେ ନିଜ ଚାଷଜମିକୁ ଯାଇଥିଲେ । ସେଠାରୁ ଫେରି ନିଜେ ଭଡା ନେଇଥିବା ଦୋକାନ ଭିତରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିଲେ । ଖବର ପାଇ କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନକୁ ପଠାଇଛନ୍ତି । ତେବେ ତଦନ୍ତକାରୀ ଅଧିକାରୀ ଗଣେଶଙ୍କ ଆତ୍ମହତ୍ୟା ଚାଷ ନଷ୍ଟ କାରଣରୁ ନୁହେଁ ବୋଲି କହିଛନ୍ତି । ଅନ୍ୟ କୌଣସି କାରଣ ଯୋଗୁ ଗଣେଶ ଆତ୍ମହତ୍ୟା କରିଥିବା ପୋଲିସ କହିଛି । ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୧୮) ରୁଜୁ ହୋଇଛି। ଥାନା ଅଧିକାରୀ ସାହୁ କହିଛନ୍ତି,ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ । ଗ୍ରାମବାସୀଙ୍କ କହିବା ଅନୁସାରେ ଗଣେଶ ସେହି ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ । ପ୍ରେମଜନିତ କାରଣରୁ ସେ ଏପରି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି ।

> କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।
>
> - ପ୍ରଜାପିତା ବ୍ରହ୍ମାକୁମାରୀ

**ସଂକ୍ଷେପରେ**

## ନଭେମ୍ବର ପହିଲାରୁ କାୟାକଳ୍ପ ମୂଲ୍ୟାୟନ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ):** ସରକାରୀ ଡାକ୍ତରଖାନାଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଏବଂ ସଂକ୍ରମଣ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା କାୟାକଳ୍ପ ପୁରସ୍କାର ଲାଗି ଆସନ୍ତା ନଭେମ୍ବର ପହିଲାରୁ ମୂଲ୍ୟାୟନ ଆରମ୍ଭ ହେବ। ନଭେମ୍ବର ୨୫ ପର୍ଯ୍ୟନ୍ତ ଡାକ୍ତରଖାନାଗୁଡ଼ିକରେ ମୂଲ୍ୟାୟନ ଚାଲିବ। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ଅଧିକାରୀଙ୍କ ଉପସ୍ଥିତିରେ ବାହ୍ୟ ସମୀକ୍ଷକମାନଙ୍କୁ ନେଇ ଶୁକ୍ରବାର ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଏହି ସୂଚନା ଦିଆଯାଇଛି। ବୈଠକରେ କୁହାଯାଇଛି ଯେ, ମୂଲ୍ୟାୟନ ସମୟରେ ଯେଉଁ ସରକାରୀ ଡାକ୍ତରଖାନା ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ୭୦% କିମ୍ବା ତା'ଠାରୁ ଅଧିକ ନମ୍ବର ରଖିବେ ସେହି ଡାକ୍ତରଖାନାଗୁଡ଼ିକ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ। ୨୦୧୫ରୁ ଦିଆଯାଉଥିବା ଏହି ପୁରସ୍କାର ଲାଗି ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୫୦ ଲକ୍ଷ, ଦ୍ୱିତୀୟ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୨୦ ଲକ୍ଷ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ୩ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସେହିପରି ଉପଖଣ୍ଡ, ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନରେ ରହିଲେ ୧୦ ଲକ୍ଷ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। କାୟାକଳ୍ପ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରାଥମିକ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଡାକ୍ତରଖାନାଗୁଡ଼ିକୁ ବାହ୍ୟ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା କରାଯାଏ। ପରେ ରାଜ୍ୟସ୍ତରୀୟ କ୍ୱାଲିଟି ଆସ୍ୟୁରାନ୍ସ ସମୀକ୍ଷା ବୈଠକରେ ଚୟନ କରାଯାଇଥାଏ।

# ଶତ୍ରୁଘ୍ନ ପାଣ୍ଡବଙ୍କୁ ଶାରଳା ପୁରସ୍କାର

- ପଣ୍ଡିତ ଉମେଶ ଚନ୍ଦ୍ର କରଙ୍କୁ 'ଇଲା ପଣ୍ଡା ସ୍ମାରକୀ ସଙ୍ଗୀତ ସମ୍ମାନ'
- ବିନୋଦ ମହାରଣାଙ୍କୁ 'ଇଲା ପଣ୍ଡା ସ୍ମାରକୀ ଚିତ୍ରକଳା ସମ୍ମାନ'

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**


ବିଶିଷ୍ଟ ଲେଖକ ଡ. ଶତ୍ରୁଘ୍ନ ପାଣ୍ଡବ ଅତିଥିଙ୍କଠାରୁ ଶାରଳା ପୁରସ୍କାର ଗ୍ରହଣ କରୁଛନ୍ତି।

ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ(ଇମ୍ପାକ୍ଟ) ପକ୍ଷରୁ ଚଳିତବର୍ଷ ପାଇଁ ସମ୍ମାନଜନକ ଶାରଳା ପୁରସ୍କାର ବିଶିଷ୍ଟ ଲେଖକ ତଥା ଔପନ୍ୟାସିକ ଡ. ଶତ୍ରୁଘ୍ନ ପାଣ୍ଡବଙ୍କୁ ପ୍ରଦାନ କରାଯାଇଛି। ପାଣ୍ଡବ ତାଙ୍କ ରଚିତ ପୁସ୍ତକ 'ମିଶ୍ର ଧ୍ରୁପଦ' ଓ ସାମଗ୍ରିକ କୃତି ନିମନ୍ତେ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୁରସ୍କାର ବାବଦକୁ ତାଙ୍କୁ ୫ ଲକ୍ଷ ଟଙ୍କା, ଉପଢ଼ୌକନ ଏବଂ ମାନପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ୩୯ତମ ଶାରଳା ପୁରସ୍କାର ପ୍ରଦାନ ସାରସ୍ୱତ ସମାରୋହରେ ବିଶିଷ୍ଟ ହିନ୍ଦୀ ଲେଖକ ଗୋବିନ୍ଦ ମିଶ୍ର ଡ. ପାଣ୍ଡବଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

ସେହିପରି ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ଓଡ଼ିଆ ଯନ୍ତ୍ରସଙ୍ଗୀତ ସହ ଜଡ଼ିତ ଥିବା ପଣ୍ଡିତ ଉମେଶ ଚନ୍ଦ୍ର କରଙ୍କୁ 'ଇଲା ପଣ୍ଡା ସ୍ମାରକୀ ସଙ୍ଗୀତ ସମ୍ମାନ' ପ୍ରଦାନ କରାଯାଇଛି। ଦୂରଦର୍ଶନ କେନ୍ଦ୍ରର ଯନ୍ତ୍ରସଙ୍ଗୀତ ତବଲାରେ ସର୍ବୋଚ୍ଚ ଏବଂ ସର୍ବପ୍ରଥମ ଓଡ଼ିଆ କଳାକାର ଭାବେ ସ୍ୱୀକୃତି ପାଇଥିବା ଏହି ମହାନ୍ ବାଦ୍ୟଶିଳ୍ପୀଙ୍କର କେବଳ ତବଲାରେ ନୁହେଁ, ମୃଦଙ୍ଗ, ମର୍ଦ୍ଦଳ, ନାଲ, ବେହେଲା ଓ ଜଳତରଙ୍ଗ ବାଦନରେ ଗଭୀର ଅଭିଜ୍ଞତା ରହିଛି। ଫରୁଖାବାଦ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଘରାନାର ଏହି ଅନ୍ତର୍ଜାତୀୟ ସ୍ତରୀୟ କଳାକାରଙ୍କ ସାଧନାକୁ ସମ୍ମାନ ଜଣାଇ ପୁରସ୍କାର ସମ୍ମାନରାଶି ସ୍ୱରୂପ ତାଙ୍କୁ ୧ଲକ୍ଷ ୫୦ହଜାର ଟଙ୍କା, ତାମ୍ରଲେଖ ଏବଂ ଉପାୟନ ପ୍ରଦାନ କରାଯାଇଛି। ପାରମ୍ପରିକ ପଟଚିତ୍ର କଳାର ଜଣେ ଦକ୍ଷ ଶିଳ୍ପୀ ତଥା ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ବିନୋଦ ମହାରଣାଙ୍କୁ ଚଳିତବର୍ଷ ପାଇଁ 'ଇଲା ପଣ୍ଡା ସ୍ମାରକୀ ଚିତ୍ରକଳା ସମ୍ମାନ'ରେ ସମ୍ମାନିତ କରାଯାଇଛି। ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଏହି କଳାସାଧକ ନିଜ କଳା ଜୀବନରେ ଅନେକ ସଫଳତା ସାଉଁଟିଛନ୍ତି। ଦେଶ, ବିଦେଶର ପ୍ରତିଷ୍ଠିତ ସ୍ଥାନଗୁଡ଼ିକରେ ତାଙ୍କର ଅନେକ କୃତି ଶୋଭା ପାଉଥିବା ବେଳେ ବହୁ କଳା ଶିବିର ଓ ପ୍ରଦର୍ଶନୀରେ ସେ ରାଜ୍ୟରୁ ପ୍ରତିନିଧିତ୍ୱ କରିଛନ୍ତି। ଚିତ୍ରକଳା ପ୍ରତି ରହିଥିବା ତାଙ୍କର ପ୍ରତିବଦ୍ଧତା ପାଇଁ ତାଙ୍କୁ ଇମ୍ପାକ୍ଟ ପକ୍ଷରୁ ପ୍ରତୀକାତ୍ମକ ସମ୍ମାନରାଶି ୧ଲକ୍ଷ ୫୦ହଜାର ଟଙ୍କା, ତାମ୍ରଲେଖ ଏବଂ ଉପାୟନ ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇମ୍ଫା ଟ୍ରଷ୍ଟର ଟ୍ରଷ୍ଟି ପାରମିତା ମହାପାତ୍ର ସ୍ୱାଗତଭାଷଣ ଦେଇ କହିଥିଲେ, ୫୮ଟି କବିତାର ସମାହାର 'ମିଶ୍ର ଧ୍ରୁପଦ' କବିତା ସଂକଳନରେ ପ୍ରତି ଶବ୍ଦକୁ ଅତି ସୁନ୍ଦର ଭାବେ ସଜାଯାଇଛି। ଏହା କେବଳ ପାଠକଙ୍କ ହୃଦୟକୁ ଛୁଉଁନି, ମନକୁ ଆନ୍ଦୋଳିତ କରୁଛି। ମା'ର 'ପଣତ କଥା'ରୁ 'ଲକ୍ଷ୍ମୀପୁରାଣ' ପର୍ଯ୍ୟନ୍ତ ସବୁକିଛି ମର୍ମସ୍ପର୍ଶୀ ଶବ୍ଦଗୁଡ଼ିକୁ ନେଇ ଏହା ଛନ୍ଦାୟିତ ହୋଇଛି। ଏଭଳି ଏକ ନୂତନ ଭାବାବେଗରେ ପାଠକଙ୍କର ହୃଦୟ ନିକଟବର୍ତ୍ତୀ ହେବାର କ୍ଷମତା ରଖିଥିବା ସାହିତ୍ୟିକ ଏବଂ ତାଙ୍କ କୃତିକୁ ପୁରସ୍କୃତ କରି ଇମ୍ପାକ୍ଟ ଆଜି ଗର୍ବିତ ବୋଲି ପାରମିତା କହିଥିଲେ। ଏହି ଅବସରରେ ଶାରଳା ପୁରସ୍କାର ଉପଦେଷ୍ଟା ମଣ୍ଡଳୀର କାର୍ଯ୍ୟକାରୀ ସଭାପତି ଡ. ମାଳବିକା ରାୟଙ୍କ ସମେତ ବହୁ ଜଣାଶୁଣା ସାହିତ୍ୟିକ ଓ ଭାଷାବିତ୍ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

**ରାୟଗଡା ଅଫିସ୍, ୨୬।୧୦:** ରାୟଗଡା ଜିଲା ବାଇସିଂ ପଞ୍ଚାୟତ କୁସୁକୁ ଗ୍ରାମରେ ଏକ ପୋଖରୀରେ ବୁଡ଼ି ୨ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବିଟୁ ନିମାକାଙ୍କ ପୁଅ ପଟୁ ନିମାକା(୧୧) ଓ ସୁବି ନିମାକାଙ୍କ ପୁଅ ନିବେନୁ ନିମାକା (୧୦) । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ପୋଖରୀ ନିକଟରେ ଖେଳିସାରି ଗାଧାଉଥିବା ବେଳେ ଦୁହେଁ ଗଭୀର ପାଣିକୁ ଚାଲିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଅନ୍ୟ ଦୁଇ ସାଙ୍ଗଙ୍କଠାରୁ ଶୁଣି ପୋଖରୀରେ ଖୋଜି ପାଇନଥିଲେ। ହେଲେ ପରଦିନ ସକାଳେ ଦୁହିଁଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା।




# ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ହେବ ଆତସବାଜି

**ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଲେ ଡିଜିପି**

- କମ୍ୟୁନିଟି ସେଲିବ୍ରେଶନ ପାଇଁ ରାଜ୍ୟବାସୀଙ୍କୁ ପରାମର୍ଶ

**କଟକ ଅଫିସ,୨୬।୧୦**

ସୁପ୍ରିମ୍‌କୋର୍ଟ ଏଥର ଦୀପାବଳିରେ ୨ ଘଣ୍ଟା ବାଣଫୁଟା ପାଇଁ ଅନୁମତି ଦେଇଛନ୍ତି। ତଦନୁଯାୟୀ ରାତି ୮ଟାରୁ ୧୦ଟା ଯାଏ ଧାର୍ଯ୍ୟ ହୋଇଛି। ସେହିପରି ଇ-କମର୍ସ ଜରିଆରେ ବାଣ କାରବାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସୁପ୍ରିମକୋର୍ଟଙ୍କ ଏଭଳି ନିର୍ଦ୍ଦେଶକୁ ଠିକ ଭାବେ ପାଳନ କରିବା ପାଇଁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା। ସ୍ଥାନୀୟ ପୋଲିସ ମୁଖ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ବେଆଇନ ବାଣ କାରଖାନା ଉପରେ ପୋଲିସର କଡ଼ା ନଜର ରହିବ ଏବଂ ନିୟମ ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଯେଉଁ ବାଣଗୁଡ଼ିକୁ ବ୍ୟାନ୍ କରାଯାଇଛି ସେଗୁଡ଼ିକର ଉତ୍ପାଦ ଏବଂ ବିକ୍ରୟ ଉପରେ ପୋଲିସ କଡା ନଜର ରଖିବ। ସିରିଜ କ୍ରାକରଗୁଡ଼ିକର ବିକ୍ରୟ ଉପରେ ମଧ୍ୟ ପୋଲିସ ରୋକ ଲଗାଇବ। ସାଇଲେନ୍ସ ଜୋନରେ କେହି ଯେଭଳି ଆତସବାଜି ନ କରିବେ ସେଥିପ୍ରତି ଏସ୍‌ପିମାନେ ନଜର ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏଥରର ଦୀପାବଳିର ଆତସବାଜିକୁ କମ୍ୟୁନିଟି ସେଲିବ୍ରେଶନ ଭାବେ ପାଳନ କରିବାକୁ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଖୋଲା ସ୍ଥାନରେ ସବୁ ଲୋକେ ଏକାଠି ହୋଇ ଆତସବାଜି କରିବାକୁ ଡିଜି ନିବେଦନ କରିଛନ୍ତି। ଏହିଭଳି ବ୍ୟବସ୍ଥା ଦ୍ୱାରା ଆତସବାଜି ସମୟରେ ଅଘଟଣକୁ ରୋକିବାରେ ସହାୟକ ହେବ ବୋଲି ସେ ଆଶାପ୍ରକଟ କରିଛନ୍ତି।

NECC NATIONAL EGG CO-ORDINATION COMMITTEE — 26.10.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 76 | 127 | 137 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers








ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଡୁଗୁ
ପରିବାରବର୍ଗ



ଓମ୍
ପରିବାରବର୍ଗ



ଲଭ୍‌ଲିନ୍
ପରିବାରବର୍ଗ



ଖ୍ୱାଜା ସୁଜାଉଦ୍ଦିନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦଳ ଭିତରେ ଯୁବ ...

**ପ୍ରଥମ ପୃଷ୍ଠାରୁ...**

ଦଳର ଚିନ୍ତାଧାରା ଅନୁସାରେ ଦାୟିତ୍ୱକୁ ଯେ ଠିକ୍ ଭାବେ ତୁଲାଇପାରିବ ସେହିଁ ନେତୃତ୍ୱକୁ ଆଗକୁ ନେବାରେ ସଫଳ ହୋଇପାରିବ। ଯୁବ ସଙ୍ଗଠନରେ ଅମରେଶଙ୍କ ସଫଳତାର ସମୀକ୍ଷା ସମୟ କରିବ ବୋଲି ସଞ୍ଜୟ କହିଛନ୍ତି।

ନିର୍ବାଚନ ପାଖେଇବାରୁ ବିଭିନ୍ନ ଜିଲାରେ ଏବେ ଯୁବ ସଙ୍ଗଠନର ଏକାଧିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ମାତ୍ର ଏପର୍ଯ୍ୟନ୍ତ ଯୁବ ସଭାପତି ନିଜସ୍ୱ ସେପରି କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସଫଳ ହୋଇନାହାନ୍ତି। ଏଥିଲାଗି ସେ ଦାୟିତ୍ୱ ନେବାର ଏତେଦିନ ପରେ ମଧ୍ୟ ସଙ୍ଗଠନରେ ତାଙ୍କର ସେତେଟା ପ୍ରଭାବ ଦେଖିବାକୁ ମିଳୁନାହିଁ ବୋଲି ଯୁବ ସଙ୍ଗଠନ ସହ ଜଡିତ କିଛି ନେତା ମତ ରଖିଛନ୍ତି। ଲକ୍ଷ୍ୟ କରାଯାଉଛି, ଜିଲାସ୍ତରରେ କୌଣସି ଯୁବ ପଦବୀ ନିଯୁକ୍ତି ସମୟରେ ସ୍ଥାନୀୟ ବିଧାୟକ/ମନ୍ତ୍ରୀ ଏବଂ ଜିଲା ସଭାପତିଙ୍କ ମତାମତ ଲୋଡାଯାଇ କିଛି ଗୋଡାଣିଆ ଯୁବକଙ୍କୁ ଦାୟିତ୍ୱ ଦିଆଯାଉଛି। ଏସବୁ ପ୍ରସଙ୍ଗରେ ଅମରେଶ କହିଛନ୍ତି ଯେ,୨୦୧୭ ଏପ୍ରିଲରୁ ଦାୟିତ୍ୱ ନେଇଛି। ଦାୟିତ୍ୱ ନେବା ପରଠାରୁ ସେଭଳି କୌଣସି ରାଜ୍ୟସ୍ତରୀୟ ବଡଧରଣର କାର୍ଯ୍ୟକ୍ରମ ହୋଇନାହିଁ। ମାତ୍ର ଏବେ ଯୁବ ବିଜେଡି ପକ୍ଷରୁ ଜୋନ୍‌ସ୍ତରୀୟ, ବ୍ଲକ୍‌ସ୍ତରୀୟ, ଜିଲାସ୍ତରୀୟ ଏବଂ ନିର୍ବାଚନମଣ୍ଡଳୀ ସ୍ତରରେ ଯୁବ ସମାବେଶ କାର୍ଯ୍ୟକ୍ରମ ଚାଲିଛି। ମୋତେ କାହା ଲବିରେ ନେତୃତ୍ୱ ଦାୟିତ୍ୱ ମିଳିନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି। ୨୦୧୪-୨୦୧୮ ମଧ୍ୟରେ ୬୦ହଜାର ଯୁବତୀ ଯୁବକଙ୍କୁ ସରକାରୀ ନିଯୁକ୍ତି ମିଳିଛି। ୫ଲକ୍ଷ ଯୁବକଙ୍କୁ ବେସରକାରୀ ସ୍ତରରେ ନିଯୁକ୍ତି ମିଳିଛି। ସ୍କିଲ ଓଡିଶା କାର୍ଯ୍ୟକ୍ରମରେ ୮ଲକ୍ଷ ଯୁବତୀ ଯୁବକଙ୍କୁ କୁଶଳୀ କରିବା ପାଇଁ ସରକାର ଯୋଜନା କରିଛନ୍ତି। ତେଣୁ ଯୁବପିଢି ଭୋଟ ସମୟରେ ନବୀନ ପଟ୍ଟନାୟକଙ୍କ ବିକଳ୍ପ ପାଇବେ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ ସଞ୍ଜୟ ଏବଂ ଅରୁଣଙ୍କୁ ବାଦ୍ ଦେଲେ ଯୁବ ରାଜନୀତିରେ ବିଶେଷ ରୁଚି ରଖୁଥିବା ଅତନୁ ସବ୍ୟସଚୀ ନାୟକଙ୍କର ନିର୍ଦ୍ଦିଷ୍ଟ କେତେଜଣ ସମର୍ଥକ ରହିଛନ୍ତି। ଅତନୁଙ୍କୁ ଅସନ୍ତୁଷ୍ଟ ନ କରିବା ସକାଶେ ତାଙ୍କ ଗୋଷ୍ଠୀର କେତେଜଣ ଯୁବକର୍ମୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇଛି। ମାତ୍ର ସଙ୍ଗଠନରେ ସେମାନେ ସେତେଟା ପ୍ରଭାବ ବିସ୍ତାର କରିପାରୁନାହାନ୍ତି। ସେହିପରି ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କର ଯୁବ ସଙ୍ଗଠନ ଉପରେ ସିଧାସଳଖ ପ୍ରଭାବ ନାହିଁ। ହେଲେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକର୍ତ୍ତାଙ୍କ ଉପରେ ତାଙ୍କର ପ୍ରବଳ ଚାପ ବାରି ହୋଇପଡୁଛି। ଅନ୍ୟପଟେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀ ହାତଗଣତି ୩ଟି ଅଞ୍ଚଳରେ ସୀମିତ ରହିଯାଇଛି। ଗତବର୍ଷ ବର୍ଷାକୁ ଆଳକରି ଯୁବ ସମ୍ମିଳନୀ ବନ୍ଦ କରାଯାଇଥିଲା। ଅଦ୍ୟାବଧି ଉକ୍ତ କାର୍ଯ୍ୟକ୍ରମ ହୋଇପାରି ନାହିଁ।

ଶାସକ ଦଳ ଭଳି କଂଗ୍ରେସ ଯୁବ ସଙ୍ଗଠନରେ ମଧ୍ୟ ସମଦଶା। ୧୯୯୫ରେ କଂଗ୍ରେସ କ୍ଷମତାକୁ ଫେରିବା ପଛରେ ଯୁବ ସଙ୍ଗଠନର ପ୍ରମୁଖ ଅବଦାନ ଥିଲା। ବିଜେଡି ଶାସନ କରିବାର କିଛିବର୍ଷ ପର୍ଯ୍ୟନ୍ତ ମଧ୍ୟ ଯୁବ କଂଗ୍ରେସର ପ୍ରଭାବ ରାଜ୍ୟ ରାଜନୀତିରେ ବେଶ୍ ଭଲଭାବେ ଅନୁଭୂତ ହେଉଥିଲା। କିନ୍ତୁ ଯୁବ କଂଗ୍ରେସର ଏହି ପ୍ରଭାବ ସମୟାନୁକ୍ରମେ ଦୁର୍ବଳ ହୋଇଯାଇଥିବା ଅନୁଭବ ହେଉଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯୁବ ସଙ୍ଗଠନ ପାଇଁ ସ୍ୱତନ୍ତ୍ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହାପରେ ରାଜ୍ୟରେ ଦଳର ଯୁବ ସଙ୍ଗଠନ ବହୁ ଗୋଷ୍ଠୀରେ ପରିଣତ ହୋଇ ରହିଛି। ବର୍ତ୍ତମାନ ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ଲୋକନାଥ ମହାରଥୀଙ୍କ ହାତରେ ରହିଛି। ଲୋକନାଥ ପୂର୍ବତନ ଯୁବ ସଭାପତି ସଂଗ୍ରାମ ଜେନାଙ୍କ ଅନୁଗାମୀ ଭାବେ ଜଣାଶୁଣା। ଲୋକନାଥ ଦଳର ଯୁବ ସଙ୍ଗଠନକୁ ନେଇ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ମାତ୍ର ଦଳରେ ଚାଲିଥିବା ଗୋଷ୍ଠୀ କନ୍ଦଳ ଯୋଗୁ ଯୁବ ସଙ୍ଗଠନର କାର୍ଯ୍ୟକ୍ରମ ରାଜ୍ୟରେ ସେତେଟା ପ୍ରଭାବ ପକାଇପାରୁ ନାହିଁ। କାରଣ ଦଳର ସବୁ ବର୍ଗର ନେତାମାନେ ଏକତ୍ରିତ ହୋଇ ଯୁବ ସଙ୍ଗଠନକୁ ସହଯୋଗ ଦେବାରେ ବିଫଳ ହେଉଛନ୍ତି। ନିରଞ୍ଜନ ପଟ୍ଟନାୟକ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ହେବାପରେ ଯୁବ ସଙ୍ଗଠନ ଅଧିକ ଦୁର୍ବଳ ହୋଇପଡିଛି ବୋଲି କିଛି ଯୁବ ନେତା ମତ ରଖିଛନ୍ତି। ବିଗତ ଦିନରେ ପୂର୍ବତନ ବିଧାୟକ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ହାତରେ ଅଧିକାଂଶ ସମୟରେ ଯୁବ ସଙ୍ଗଠନ ରହିଆସୁଥିଲା। ଲୁଲୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ସମର୍ଥନ ଯୋଗୁ ନିରଞ୍ଜନଙ୍କୁ ଯୁବ ସଙ୍ଗଠନର ସମର୍ଥନ ମିଳିପାରୁଥିଲା। ମାତ୍ର ଲୁଲୁଙ୍କ ପରଲୋକ ପରେ ତାଙ୍କ ହାତରେ ରହିଥିବା ଯୁବ କର୍ମୀ ଦଳର ବିଭିନ୍ନ କାର୍ଯ୍ୟକ୍ରମରୁ ଦୂରେଇ ଯାଇଥିଲେ। ହଠାତ୍ ନିରଞ୍ଜନଙ୍କୁ ଦଳର ସଭାପତି ଦାୟିତ୍ୱ ମିଳିବାପରେ ଲୁଲୁଙ୍କ ଅଧିକାଂଶ ଅନୁଗାମୀ ତାଙ୍କ ନିକଟରେ ପହଞ୍ଚି ସାରିଛନ୍ତି। ଚିଟ୍‌ଫଣ୍ଡ ଦୁର୍ନୀତିରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିବା ପୂର୍ବତନ ଯୁବ କଂଗ୍ରେସ ସଭାପତି ରଜତ୍ ଚୌଧୁରୀ ଏବଂ ତାଙ୍କ ଗୋଷ୍ଠୀ ଯୁବ ସଙ୍ଗଠନ ନିରଞ୍ଜନଙ୍କ ହାତକୁ ଫେରାଇ ଆଣିବା ପାଇଁ ଚେଷ୍ଟା ଆରମ୍ଭ କରିଦେଇଛନ୍ତି। ରଜତ୍ ଯୁବ ସଭାପତି ଥିବାବେଳେ ଲୋକନାଥ ଯୁବ କଂଗ୍ରେସ ଉପସଭାପତି ହୋଇଥିଲେ। ରଜତ୍ ଦୋଷୀ ହେବାପରଠାରୁ ଲୋକନାଥ ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ। ମାତ୍ର ନିକଟରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଜଣାପଡିଛି। ଆସନ୍ତା ୨୦୧୯ ନିର୍ବାଚନ ପରେ ପୁନର୍ବାର ଯୁବ ସଙ୍ଗଠନ ନିର୍ବାଚନ ହେବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଥିବା ମତଭେଦ ଆଗାମୀ ଯୁବ ସାଙ୍ଗଠନିକ ନିର୍ବାଚନରେ ପ୍ରତିଫଳିତ ହେବାର ଯଥେଷ୍ଟ ଆଶଙ୍କା ଥିବା ବହୁ ଯୁବକର୍ମୀ ମତ ରଖିଛନ୍ତି। ଏହି ପ୍ରସଙ୍ଗରେ ଲୋକନାଥ କହିଛନ୍ତି ଯେ, ୨୦୧୬ରୁ ତାଙ୍କୁ ଯୁବ ସଭାପତି ଦାୟିତ୍ୱ ମିଳିଥିଲା। ଏହା ପରଠାରୁ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ବାରମ୍ବାର କାର୍ଯ୍ୟକ୍ରମ କରାଯାଇଛି। ଜିଲାସ୍ତରରେ ମଧ୍ୟ କାର୍ଯ୍ୟକ୍ରମ ଚାଲିଛି। ଆଗାମୀ ଦିନରେ ଯୁବ କଂଗ୍ରେସରେ କୌଣସି ବିଶୃଙ୍ଖଳା ହେବାର ନାହିଁ। ୨୦୧୭ ମେ ମାସରେ ବେକାରି ସମସ୍ୟା ନେଇ ବିଧାନସଭା ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପ୍ରାୟ ୨୦ହଜାର ଯୁବକ ସାମିଲ ହୋଇଥିଲେ। ଆସନ୍ତା ନଭେମ୍ବରରେ ଯୁବଗୋଷ୍ଠୀଙ୍କୁ ନେଇ ଏକ ବଡଧରଣର କାର୍ଯ୍ୟକ୍ରମ କରାଯିବ। ଏଥିରେ ରାହୁଲ ଗାନ୍ଧୀ ଯୋଗଦେବେ। ଆଗାମୀ ନିର୍ବାଚନରେ ବେକାରି ସମସ୍ୟାକୁ ଗୁରୁତ୍ୱଦେଇ ଆମେ ଯୁବପିଢିଙ୍କ ପାଖକୁ ଯିବୁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଯୁବପିଢିଙ୍କ ନିକଟତର ହେବୁ। ଯଦି ଆଗାମୀ ନିର୍ବାଚନରେ କଂଗ୍ରେସ ସରକାରକୁ ଆସେ ତେବେ ରାଜ୍ୟର ୮୫ପ୍ରତିଶତ ବେକାର ଯୁବତୀ, ଯୁବକଙ୍କୁ ସରକାରୀ ଏବଂ ବେସରକାରୀ ଶିଳ୍ପରେ ନିଯୁକ୍ତି ଦେବୁ। ରାଜ୍ୟରେ ଥିବା ବେଦାନ୍ତ, ଟାଟା ଭଳି ଶିଳ୍ପସଂସ୍ଥାରେ ଓଡ଼ିଆ ଯୁବପିଢିଙ୍କୁ ମାତ୍ରାଧିକ ଗୁରୁତ୍ୱ ମିଳିବ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିରଞ୍ଜନ ତାଙ୍କ ଜିଲା ରାଜନୀତିକୁ ଆଖିରେ ରଖି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ପୁତ୍ର ସଂଗ୍ରାମ ଜେନାଙ୍କ ଯୁବ କଂଗ୍ରେସରେ ଥିବା ପ୍ରଭାବ ହ୍ରାସ କରିବା ପାଇଁ ପ୍ରବଳ ପ୍ରଚେଷ୍ଟା କରି ଆସୁଛନ୍ତି। ଏହିଭଳି କ୍ଷୁଦ୍ର ଦୃଷ୍ଟିକୋଣ ଯୋଗୁ ଦଳର ପ୍ରାୟସବୁ ଛାମୁଆ ସଙ୍ଗଠନରେ କ୍ଷତି ଘଟିଛି।

କଂଗ୍ରେସ ଏବଂ ବିଜେଡି ତୁଳନାରେ ଭାଜପାର ଯୁବମୋର୍ଚ୍ଚା ନିଷ୍କ୍ରିୟ ଥିବାଭଳି ମନେ ହେଉଛି। ୨୦୧୪ ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦି ଯୁବବର୍ଗର ଭୋଟ ପାଇ ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ବିଭିନ୍ନ ସର୍ଭେ ଅନୁଯାୟୀ ରାଜ୍ୟରେ ଅଧିକାଂଶ ଯୁବବର୍ଗ ମୋଦିଙ୍କୁ ଏବେ ମଧ୍ୟ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ପସନ୍ଦ କରୁଛନ୍ତି ବୋଲି କୁହାଯାଉଛି। କିନ୍ତୁ ଭାଜପା ଆଡକୁ ଯୁବକଙ୍କୁ ଟାଣିବା ଲାଗି ରାଜ୍ୟରେ କୌଣସି ପ୍ରଭାବଶାଳୀ ଯୁବ ନେତୃତ୍ୱ ଏପର୍ଯ୍ୟନ୍ତ ସାମ୍ନାକୁ ଆସି ନ ଥିବା ଦଳର କିଛି ଆଗଧାଡିର ନେତା କହିଛନ୍ତି। ମୋଦି ହିଁ ଯୁବକଙ୍କ ଏକମାତ୍ର ଆକର୍ଷଣ ହୋଇ ଭାଜପାରେ ରହିଛନ୍ତି। ଯୁବ ମୋର୍ଚ୍ଚା ନାଁରେ ଦଳର ରହିଥିବା ସଙ୍ଗଠନ ଅଳ୍ପକିଛି କାର୍ଯ୍ୟକ୍ରମ ଭିତରେ ସୀମିତ ରହୁଛି। ଯୁବମୋର୍ଚ୍ଚା ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମରେ ହାତଗଣତି କର୍ମୀଙ୍କୁ ଦେଖିବାକୁ ମିଳୁଛି। ଦଳର ଜଣେ ବରିଷ୍ଠ ନେତାଙ୍କ କହିବା ହେଲା, ଏବେ ପର୍ଯ୍ୟନ୍ତ ଭାଜପାର ଯେତେଜଣ ଯୁବ ମୋର୍ଚ୍ଚାରେ ରହି କାର୍ଯ୍ୟ କରିଛନ୍ତି ସେମାନଙ୍କ ମଧ୍ୟରୁ ନିର୍ବାଚନ ସମୟରେ କାହାକୁ ସେତେଟା ଗୁରୁତ୍ୱ ଦିଆଯାଇ ନାହିଁ। ଅନ୍ୟ ଦୁଇ ଦଳ କଂଗ୍ରେସ ଏବଂ ବିଜେଡି ଯୁବ ଦାୟିତ୍ୱ ତୁଲାଉଥିବା ନେତାଙ୍କୁ ଅନେକ ସମୟରେ ବିଧାୟକ ଟିକେଟ୍ ମିଳିଥାଏ, ଯାହା ଭାଜପାରେ ନାହିଁ। ଏଥିପାଇଁ ଆମ ଦଳରେ ଯୁବ ନେତୃତ୍ୱ ହାତେଇବାକୁ କେହି ସେତେଟା ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଏବେ ଭାଜପା ଯୁବ ମୋର୍ଚ୍ଚା ସଭାପତି ଦାୟିତ୍ୱ ଟଙ୍କଧର ତ୍ରିପାଠୀଙ୍କ ହାତରେ ଟେକି ଦିଆଯାଇଛି। ଦଳର ଯୁବ ନେତୃତ୍ୱକୁ ସଙ୍ଗଠିତ କରିବା ଲାଗି ଟଙ୍କଧରଙ୍କ ପାଖରେ ସେଭଳି ଦକ୍ଷତା ନ ଥିଲେ ସୁଦ୍ଧା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗୋଷ୍ଠୀର ହୋଇଥିବା କାରଣରୁ ତାଙ୍କୁ ଯୁବ ଦାୟିତ୍ୱ ମିଳିଯାଇଛି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଟଙ୍କଧରଙ୍କ ବିପକ୍ଷରେ ରହି ଯୁବ ମୋର୍ଚ୍ଚା ସଭାପତି ଦାୟିତ୍ୱ ନେବାକୁ ଇଚ୍ଛୁକ ଥିବା ଠାକୁର ରଣଜିତ୍ ଦାସଙ୍କ ପାଖରେ ଏହି ଦାୟିତ୍ୱ ତୁଲାଇବାର ଦକ୍ଷତା ରହିଥିଲା ବୋଲି ଆଲୋଚନା ହେଉଛି। ମାତ୍ର ତାଙ୍କୁ ଦାୟିତ୍ୱ ନେବାରୁ ଦୂରେଇ ରଖାଯାଇ ଟଙ୍କଧରଙ୍କୁ ପଦବୀ ମିଳିବା ପରେ ରଣଜିତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ରଣଜିତଙ୍କୁ କେନ୍ଦ୍ରୀୟ ଦାୟିତ୍ୱ ଦିଆଯାଇ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରାଯାଇଛି। ରାଜ୍ୟରେ ସରକାର ଗଢିବାର ସ୍ୱପ୍ନ ଦେଖୁଥିବା ଏହି ଦଳ ଯୁବ ସଙ୍ଗଠନ ମଜଭୁତ କରିବାରେ ବିଫଳ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଟଙ୍କଧର କହିଛନ୍ତି ଯେ, ୨୦୧୫ରୁ ଯୁବମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ନେଲେଣି। ରାଜ୍ୟରେ ଯୁବମୋର୍ଚ୍ଚା ସେଭଳି କୌଣସି ବିଶାଳ କାର୍ଯ୍ୟକ୍ରମ କରିନାହିଁ। ମାତ୍ର ରାଜ୍ୟ ସରକାର ନିଯୁକ୍ତିମେଳା ନାମରେ ଛାତ୍ରୀଛାତ୍ରଙ୍କଠାରୁ ୧୦୦ଟଙ୍କା ଲେଖାଏ ଆଦାୟ କରି ସେମାନଙ୍କୁ କୌଣସି ନିଯୁକ୍ତି ଦେଲେ ନାହିଁ। ଏଥିପାଇଁ ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ କରାଯାଇଥିଲା ଏବଂ ରାଜ୍ୟ ସରକାର ସେହି ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଲେ। ଏବେ ପଶ୍ଚିମ ଓଡିଶାର ୫ଲୋକ ସଭା ନିର୍ବାଚନମଣ୍ଡଳୀର ଯୁବକଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୬୦ହଜାର ଯୁବକ ୧୦ଟଙ୍କା ଲେଖାଏ ଦେଇ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନରେ ମଧ୍ୟ ଯୁବପିଢି ଭାଜପାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେବେ। ଓଡିଶାର ଯୁବକମାନେ ଯେଉଁ ସ୍ୱପ୍ନ ଦେଖୁଛନ୍ତି ରାଜ୍ୟରେ ଆମ ସରକାର ଆସିଲେ ତାହା ପୂରଣ କରିବୁ। ଭାଜପାରେ କାହାରି ଲବିରେ ପଦବୀ ମିଳେ ନାହିଁ ବୋଲି ଟଙ୍କଧର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ବୃଷରାଶିସ୍ଥ ଚନ୍ଦ୍ର ପାରିବାରିକ ସୌଖ୍ୟ, ଅର୍ଥଲାଭ, କାର୍ଯ୍ୟସିଦ୍ଧି ସାଙ୍ଗକୁ ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିବେ। ବିଶେଷତଃ ତୁଳାରାଶିସ୍ଥ ରବିଜନିତ ସନ୍ତାନ ହେତୁକ ସମସ୍ୟା, ପ୍ରେମ ପ୍ରଣୟ କ୍ଷେତ୍ରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଅବଶ୍ୟ ବହୁପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ।

**ବୃଷ**
ନିଜ ଗୃହ ତୁଳା ରାଶିରେ ରାଶ୍ୟାଧିପ ଖର୍ଚ୍ଚାନ୍ତ କରାଇ କାମ ହାସଲ କରାଇବ। ପାରିବାରିକ ଅସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟାବହୁଳ ରହିବ। ବୁଧଙ୍କ ପ୍ରଭାବରେ ନୂତନ ନିଯୁକ୍ତି, ଦୂରଯାତ୍ରା ଓ ଅର୍ଥଲାଭ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଛୋଟକଥାରୁ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ**
ଗୁରୁଯୁକ୍ତ ବୁଧ କର୍ମକ୍ଷେତ୍ରକୁ ସମସ୍ୟାମୁକ୍ତ କରାଇବା ସଙ୍ଗେ ବନ୍ଧୁମିଳନ ମାଧ୍ୟମରେ ମନକୁ ଖୁସୀ ରଖିବ। କିନ୍ତୁ ପାପଗ୍ରହ ମଧ୍ୟସ୍ଥ ହେତୁ ନିଜର ଆତ୍ମୀୟସ୍ୱଜନଙ୍କ ସହ ଭୁଲ୍ ବୁଝାମଣାରୁ କଳହ ସୃଷ୍ଟିର ସମ୍ଭାବନା ରହିଛି। ସକାଳୁ ସକାଳୁ କୌଣସି ଶୁଭଖବର ଶୁଣି ମନକୁ ଉଲ୍ଲସିତ କରିପାରେ। ରାଜନୀତି, ସଭାସମିତି ସକାଶେ ଆଲୋଚନା କରିପାରନ୍ତି।

**କର୍କଟ**
ଚନ୍ଦ୍ରଙ୍କ ପ୍ରତି ଦୁଇଟି ଗ୍ରହଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ସାଧାରଣ ସମସ୍ୟା ମଧ୍ୟ ଦେଇ ଲକ୍ଷ୍ୟସାଧନ କରିବ। ପରିବାର ସକାଶେ ବ୍ୟୟବହୁଳ ଖର୍ଚ୍ଚ ମାନସିକ ସ୍ଥିତିକୁ ପ୍ରଭାବିତ କରିପାରେ। ନିଜ ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିପାରନ୍ତି। ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ସିଂହ**
ରବି ଓ ଶୁକ୍ର ଭାଗ୍ୟଭାବକୁ ଅବଲୋକନ କରିବା ସହ ବଳଶାଳୀ ମଙ୍ଗଳଙ୍କ ପ୍ରଭାବରେ କୌଣସି କାମ ଅଟକି ରହି ନ ପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ନିଜେ କିଛି କରିବା ଭଲ ହେବ।

**କନ୍ୟା**
ଆଜିର ଦିନଟି ବହୁତ ଭଲରେ ଭଲରେ ଯିବ। ଯେମିତି ଆଶା କରୁଛନ୍ତି ସେଥିରେ ନିରାଶ ହେବେନାହିଁ। ତଥାପି ତରବରିଆ ଭାବେ କୌଣସି କାମ ନ କରି ଓ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବୃହସ୍ପତି ଓ ଶନିଙ୍କ ପ୍ରଭାବରୁ ଶିଳ୍ପ, ଉଦ୍ୟୋଗ, ରପ୍ତାନି, ବାଣିଜ୍ୟ, ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ।

**ତୁଳା**
ଦେହ ଭଲ ରହିବା ସାଙ୍ଗକୁ ଆଶା କରୁଥିବା ଜିନିଷ ପାଇ ଖୁସୀ ହୋଇଯିବେ। ବେଳେବେଳେ ଠିକ୍ କଥା ହେଲେ ମଧ୍ୟ ସ୍ଥାନ, କାଳ, ପାତ୍ରାନୁସାରୀ ନ କହିଲେ ସମସ୍ୟା ଆସିପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ।

**ବିଛା**
ବନ୍ଧୁକାରକ ବୁଧ ରାଶିରେ ରହିଥିବାରୁ କୌଣସି ନୂତନ ବନ୍ଧୁତ୍ୱ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣରେ ସହାୟକ ହେବ। କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡିବାର ଆଶଙ୍କାକୁ ଏଡ଼ିହେବନାହିଁ। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ।

**ଧନୁ**
ଅଧିକାଂଶ କ୍ଷେତ୍ରରେ ଏବଂ ସମୟରେ ଆପଣଙ୍କ ନକାରାତ୍ମକ ଚିନ୍ତାଧାରା କାମକୁ ବିଳମ୍ବିତ କରାଇବ। ଆଗପଛ ବିଚାର ନ କରି କୌଣସି କାମରେ ହାତଦେବା ଠିକ୍ ହେବନାହିଁ। ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କିମ୍ବା ଦର୍ଶନ ଜନିତ ଆନନ୍ଦ ଅନୁଭବ କରିବେ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ।

**ମକର**
କେନ୍ଦ୍ରାଧିପତି ଚନ୍ଦ୍ର କୋଣସ୍ଥାନରେ କୌଣସି କାମ ନ ଅଟକିଲେ ମଧ୍ୟ କାମ ହାସଲର ଦୀର୍ଘତା ମନକୁ ଭାରାକ୍ରାନ୍ତ କରି ରଖିବ। ଏହା ସାଙ୍ଗକୁ ସଦାସର୍ବଦା ରୋଗ, ଋଣ ଓ ଶତ୍ରୁତା ଲାଗି ରହିବା କାରଣରୁ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହେବା ଠିକ୍ ହେବ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ।

**କୁମ୍ଭ**
କର୍ମସ୍ଥାନକୁ ଶନିଦୃଷ୍ଟି ଯୋଗୁ ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେଉଥିବାରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଶୁଭଫଳ ପାଇବେ। କୌଣସି ସମସ୍ୟା ଓ ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରିବେ।

**ମୀନ**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବ ଏବଂ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ। ପୂର୍ବକଳ୍ପିତ ନୂତନ ଭାବରେ କୌଣସି କାମ, ରାଜନୈତିକ ଆଲୋଚନା କ୍ଷେତ୍ରରେ ଶୁଭଫଳ ପାଇବେ। କୌଣସି ସୂତ୍ରରୁ ଶୁଣା ଗୁଜବ ପ୍ରତି ଭ୍ରୂକ୍ଷେପ କରନ୍ତୁନାହିଁ। ପାରିବାରିକ ଜୀବନରେ ଭୁଲ୍ ବୁଝାମଣା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି କାର୍ତ୍ତିକ କୃଷ୍ଣ ତୃତୀୟା ଶନିବାର, ଅକ୍ଟୋବର ୨୭ ତାରିଖ, ସକାଳ ଘ.୯।୨୪ମି. ଗତେ ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଦିବା ଘ.୧୧।୫୩ମି. ଗତେ ଘ.୧।୨୭ମି. ମଧ୍ୟେ, ଘ.୩।୦୭ମି. ଗତେ ଘ.୫।୨୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୬।୧୦ମି. ଗତେ ଘ.୮।୪୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୮।୩୯ମି. ଗତେ ଘ.୧୦।୦୫ମି. ମଧ୍ୟେ ରାହୁକାଳ।

# classified




**SALE**

Commando Bike, new condition one/ half year, 2500km. 8249241475. D-9076




Construct your building in finished house contact: 9937064680. D-27282

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-9082

Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967




**SALE**

Fully developed gharabari plot sale Ghangapatna near Sum Hospital IIIT 100" road side internal road- 30". 9438331183, 8238902929. D-64356

Litigation free plots near Xavier University backside BDA Zone, Bhubaneswar. Sqft.-250/-, 160/-. 9337259012, 9937746907. D-64343

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64349

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs Contact - 9937059891, 9348253463, 8908292617.** D-9084

ଭୁବନେଶ୍ୱର- ହଂସପାଳ ସ୍ଥାପନା କଲେଜ ପାଖରେ ଘରବାରି ବାଉଣ୍ଡାରି ପୁଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089501, 9040089507. D-63396

Readymade 3BHK new flat at BJB Nagar, no tax, immediate registration. 9439716901 (Broker Excuse). D-65133

1R, 1BR, 2BR, 3BR apartment/ flats Tankapaniroad near Sai Temple 10 lakhs to 35 lakhs. 9776080988, 9238361409. D-63921

Litigation free plots sale near Indus College, Sundarpada (Bhubaneswar). 9114307240. D-64355

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9085




Boys Hostel near Rasulgarh, Bhubaneswar. Bed type. 8249241475. D-9077




Samal Packers Movers provide household shifting in reasonable price. 9437035016. D-63861




Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

## AFFIDAVIT

By virtue of the affidavit in the Court of Executive Magistrate, Khaira, I Rasmita Nayak @Kabita Nayak, W/o- Laxmidhar Nayak, At- Muhanchuan, P.O- Panichhatra, Dist.- Balasore solemnly declare that Kabita Nayak & Rasmita Nayak is one & same person. I shall be responsible if any discrepancies arise in future. D-9087

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା



(Duggu)
**Smruti Rekha Sahoo**
Jagulaipara, Kendrapara

ଆଜି ତୋର ଜନ୍ମବାର୍ଷିକୀରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋ ଚଳାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଅଜା, ଆଈ, ଜେଜେ, ଜେଜେମା, ବଡବାପା, ବଡମାମା, ବାବା, ମା, ମାମୁ (ସିଲୁ), ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୯୦୬୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସୂର୍ଯ୍ୟମଣି ପାତ୍ର**
ନୀଳକଣ୍ଠନଗର,
ଚୁଡ଼ଙ୍ଗ ସାହି, ପୁରୀ-୧
ଆବିର୍ଭାବ: ୧୦ ଜୁଲାଇ ୧୯୬୬
ତିରୋଧାନ: ୨୭ ଅକ୍ଟୋବର ୨୦୧୩

ଆଜିର ଏହି ପଞ୍ଚମ ଶ୍ରାଦ୍ଧବାର୍ଷିକୀ ପୁଣ୍ୟ ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ କରୁଅଛୁ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ଆତ୍ମୀୟସ୍ୱଜନ, ଛାତ୍ରଛାତ୍ରୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୦୧୬

### ଅଷ୍ଟମ ଶ୍ରାଦ୍ଧଦିବସ



**ସ୍ୱର୍ଗତା ସବିତା ରଥନାଥ (ଝୁନା)**
କୃଷ୍ଣପକ୍ଷ କାର୍ତ୍ତିକ ତୃତୀୟା
Lect. Eng. PS College,
Belpara, Balangir

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ନାଥ ପରିବାରବର୍ଗ ଆତ୍ମୀୟସ୍ୱଜନ, ରାଉରକେଲା। ଧ-୯୦୭୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



**୰ରାଧା ଚରଣ ସାମଲ**
ପ୍ଲଟ୍ ନଂ.୪୮, ୟୁନିଟ୍-୭, ଭୁବନେଶ୍ୱର
(ସ୍ଥାୟୀ ଠିକଣା : ବରପଦା, ଯାଜପୁର)
ଆବିର୍ଭାବ : ୨୮.୦୧.୧୯୨୩
ତିରୋଧାନ : ୧୮.୧୦.୨୦୧୮

ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ ଧ-୯୦୮୦

### ୨୦ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଡ. ଦେବରାଜ ଖଣ୍ଡୁଆଳ**
ବିଜୁ ପଟ୍ଟନାୟକ ପାର୍କ ଛକ,
ଭଞ୍ଜନଗର, ଗଞ୍ଜାମ
ତିରୋଧାନ: ୦୮।୧୦।୧୯୯୮
କାର୍ତ୍ତିକ ତୃତୀୟା

ଆପଣଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ- ବିଷ୍ଣୁପ୍ରିୟା, ପୁତ୍ର- ପ୍ରଦୀପ, ସନ୍ତୋଷ, ପୁତ୍ରବଧୂ- ରଶ୍ମିତା, ନିଳିମା, ଝିଅ-ସୁନିତା, ସୁଜାତା, ଜ୍ୱାଇଁପୁଅ- ବିନାୟକ, ପ୍ରଶାନ୍ତ, ନାତୁଣୀ-ଶ୍ରୀୟା, ନାତି-କାହ୍ନା, ଶୁଭମ୍, ବନ୍ଧୁ ଓ ପରିବାରବର୍ଗ। ଧ-୯୦୮୮

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ନରେନ୍ଦ୍ର କୁମାର ପ୍ରଧାନ**
ଆବିର୍ଭାବ: ତା ୧୯।୦୮।୧୯୫୮
ତିରୋଧାନ: ତା ୧୮।୧୦।୨୦୧୮

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଅନୁଗୋଳ ଜିଲ୍ଲା ଟ୍ରକ୍ ମାଲିକ ସଂଘ, ଅନୁଗୋଳ। ଅକ୍ଷୟ କୁମାର ସାମନ୍ତ, ସାଧାରଣ ସମ୍ପାଦକ, ବିଭୂତି ପ୍ରସାଦ ଦାସ, ସଭାପତି। ଧ-୯୦୭୫

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**




# ୧୨୦ ଏଠି ନୁହେଁ, ସେଠି: ତଥାଗତ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ଭାଜପା ୧୨୦ ଆସନ ଦଖଲ କରିବ ବୋଲି ଏହାର ନେତାମାନେ ଦାବି କରୁଛନ୍ତି। ଜାତୀୟ ଦଳ ହୋଇଥିବାରୁ ସେମାନେ ନିଶ୍ଚିତଭାବେ ଦିଲ୍ଲୀ (ପାର୍ଲାମେଣ୍ଟ) ସମ୍ପର୍କରେ କହୁଥିବା ବୁଝାପଡୁଛି। ସେମାନେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବସାଇବାକୁ ଚାହୁଁଛନ୍ତି। ଓଡିଶା ବିଧାନସଭାରେ ୧୨୦ ଆସନ ପାଇବେ ବୋଲି କୌଣସି ସ୍ଥାନରେ ଭାଜପା ଲେଖି ନାହିଁ ବୋଲି ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ କହିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ଯଦି ସେମାନେ ୪୨୦ରୁ ୧୨୦କୁ ଖସି ଆସିଲେଣି, ତେବେ ସ୍ୱୀକାର କରିଗଲେଣି ଯେ, ପାର୍ଲାମେଣ୍ଟରେ ସେମାନେ ଦୁର୍ବଳ ହୋଇଗଲେଣି। ସେମାନଙ୍କ ୧୨୦ ମିଶନକୁ ମୁଁ ପାର୍ଲାମେଣ୍ଟ ହିସାବ ବୋଲି ଚିନ୍ତା କରୁଛି। ମୁଁ ସବୁବେଳେ କାନ୍ଥବାଡରେ ଦେଖୁଛି ଭାଜପାର ୧୨୦ ମିଶନ। ଏହା ଦେଖି ମୁଁ ଭାବୁଛି କେତେ ଦୁଃଖଦାୟକ, ଏଥର ତେବେ ମୋଦି ସରକାର ହୋଇପାରିବ ନାହିଁ। ଆଗାମୀ ନିର୍ବାଚନରେ ବିଜେଡି ୨୧ଲୋକ ସଭା ଆସନ ହାତେଇବ। ବିଧାନସଭାରେ ବିଜେଡି ୧୪୦ ଏବଂ କଂଗ୍ରେସ ୭ଟି ଆସନ ପାଇବ ବୋଲି ସତପଥୀ କହିଛନ୍ତି।




# ୩୦ ଯାଏ ଜାରି ରହିବ ଆଇନଜୀବୀ ଆନ୍ଦୋଳନ

କଟକ ଅଫିସ, ୨୬।୧୦

ଅକ୍ଟୋବର ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ। ଅକ୍ଟୋବର ୩୦ ମଧ୍ୟରେ ସମସ୍ୟାର ସମାଧାନ କ୍ଷେତ୍ରରେ ଯଦି ସରକାର ତତ୍ପରତା ପ୍ରକାଶ ନ କରନ୍ତି ତେବେ ୩୧ ତାରିଖରେ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମେତ ସମଗ୍ର ରାଜ୍ୟରେ ଥିବା ବିଭିନ୍ନ ବାର୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯିବ। ଶୁକ୍ରବାର ଅପରାହ୍ନରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହିଭଳି ନିଷ୍ପତ୍ତି ନିଆଯାଇଛି। ବୈଠକରେ ହାଇକୋର୍ଟ ବାର୍ ଉପସଭାପତି ବଂଶୀଧର ଶତପଥୀ, ସମ୍ପାଦକ ସତ୍ୟବ୍ରତ ମହାନ୍ତି, କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସଭାପତି ଅକ୍ଷୟ କୁମାର ପତି, ସିଭିଲ ବାର୍ ଆସୋସିଏଶନ ସଭାପତି ଉମାକାନ୍ତ ନନ୍ଦଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

ସୂଚନାଥାଉ ଯେ, ଗତ ଅଗଷ୍ଟ ୨୮ରେ ହାଇକୋର୍ଟ ଆଡ୍‌ଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଦୋଷୀ ପୋଲିସ କର୍ମଚାରୀଙ୍କୁ ଗିରଫ ଦାବିରେ ଓକିଲମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ଉକ୍ତ ଆନ୍ଦୋଳନକୁ ଆଉ ୩ ଦିନ ପରେ ୨ ମାସ ପୂରିବ। ହାଇକୋର୍ଟର ପୂଜା ଅବକାଶ ପରେ ବାର୍ ଆସୋସିଏଶନର ବୈଠକ ଶୁକ୍ରବାର ବସିଥିଲା। ଆଶା ଥିଲା ଯେ ଏହି ବୈଠକରେ କୌଣସି ସମାଧାନର ସୂତ୍ର ବାହାରିବ। କିନ୍ତୁ ବୈଠକରେ ଉପସ୍ଥିତ ଆଇନଜୀବୀମାନଙ୍କ ମତାମତ ଅନୁଯାୟୀ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଅର୍ଥାତ୍ ଏହି ସମୟ ମଧ୍ୟରେ ସରକାରଙ୍କୁ ସମାଧାନ ପାଇଁ ଆଇନଜୀବୀମାନେ ଏକପ୍ରକାର ମହଲତ ଦେଇଛନ୍ତି।

■ ସିବିଆଇର ଦୁଇ ଅଧିକାରୀଙ୍କୁ ଛୁଟିରେ ପଠାଇବା ପ୍ରସଙ୍ଗ

# ସିବିଆଇ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)



ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ଦୁଇ ଅଧିକାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ପରେ କେନ୍ଦ୍ର ସରକାର ସେମାନଙ୍କୁ ରାତିଅଧିଆ ଛୁଟିରେ ପଠାଇଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି। ରାଫେଲ ଦୁର୍ନୀତିକୁ ଚପାଇବା ଉଦ୍ଦେଶ୍ୟରେ ମାମଲାର ତଦନ୍ତ କରୁଥିବା ଆଲୋକ ବର୍ମାଙ୍କୁ ଦାୟିତ୍ୱରୁ ହଟାଇବାକୁ କେନ୍ଦ୍ର ସରକାର ଏଭଳି ଷଡ଼ଯନ୍ତ୍ର କରିଥିବା କଂଗ୍ରେସ ଅଭିଯୋଗ କରି ଶୁକ୍ରବାର ଦେଶବ୍ୟାପୀ ସିବିଆଇ ଅଫିସ ସମ୍ମୁଖରେ

## ଗଣତନ୍ତ୍ରର ହତ୍ୟା କରିଛି କେନ୍ଦ୍ର ସରକାର: ନିରଞ୍ଜନ

ବିକ୍ଷୋଭ ପ୍ରଦର୍ଶନ କରିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଭୁବନେଶ୍ୱର ସିବିଆଇ ଅଫିସ ସମ୍ମୁଖରେ କର୍ମୀମାନେ କଳା ପୋଷାକ ପିନ୍ଧି ବିକ୍ଷୋଭ କରିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ୟୁନିଟ୍-୮ ଡିଏଭି ସ୍କୁଲ ନିକଟରୁ ଶୋଭାଯାତ୍ରାରେ ବାହାରି ସିବିଆଇ ଅଫିସ ସମ୍ମୁଖରେ ପହଞ୍ଚି ନାରାବାଜି ଦେଇଥିଲେ।

ପିସିସି ସଭାପତି କହିଥିଲେ, ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ସିବିଆଇ ଉପରେ ଲୋକଙ୍କ ବିଶ୍ୱାସ ରହିଛି। ହେଲେ କେନ୍ଦ୍ର ସରକାର ଅଗଣତାନ୍ତ୍ରିକ ଭାବେ ସିବିଆଇକୁ ପଙ୍ଗୁ କରି ଦେଇଛନ୍ତି। ଆରବିଆଇ, ଇଡି ଭଳି ସିବିଆଇକୁ ଯୋଜନାବଦ୍ଧ ଭାବେ ଷଡ଼ଯନ୍ତ୍ର କରି ଅଚଳ କରିଦେଇଛନ୍ତି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ବେଆଇନ ଭାବେ ରାତାରାତି ଛୁଟିରେ ପଠାଇବା ଏବଂ ତାଙ୍କ ସ୍ଥାନରେ କାମଚଳା ନିର୍ଦ୍ଦେଶକଭାବେ ନାଗେଶ୍ୱର ରାଓଙ୍କୁ ନିଯୁକ୍ତି ଦେବା କେନ୍ଦ୍ର ସରକାରଙ୍କ ଏକ ଷଡ଼ଯନ୍ତ୍ର। କେନ୍ଦ୍ର ସରକାର କରିଥିବା ରାଫେଲ ଦୁର୍ନୀତିର ତଦନ୍ତ କରିବାକୁ ଆଲୋକ ବର୍ମା ଚାହିଁଥିଲେ। ତେଣୁ ଧରାପଡ଼ିଯିବା ଭୟରେ କେନ୍ଦ୍ର ସରକାର ଜାଣିଶୁଣି ତାଙ୍କୁ କାର୍ଯ୍ୟରୁ ହଟାଇ ଦେଇଛନ୍ତି। ଯେଉଁ ଅଧିକାରୀ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ କାମ କରିବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଭୁବନେଶ୍ୱର ସିବିଆଇ ଅଫିସ ଦାୟିତ୍ୱରେ ଥିବା ରାକେଶ ଆସ୍ଥାନା ଓଡିଶାର ଚିଟ୍‌ଫଣ୍ଡ ଠକେଇ ମାମଲାର ତଦନ୍ତ କଥା ବୁଝୁଥିଲେ। ଦୁଇ ବର୍ଷ ମଧ୍ୟରେ କିଛି ହେଲା ନାହିଁ। ଏଥିରୁ ସ୍ପଷ୍ଟ ଯେ, ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ସିବିଆଇ ମଧ୍ୟରେ ଏକ ଡିଲ ହୋଇଛି। ତେଣୁ ଠକେଇର ଶିକାର ଲୋକମାନେ ଟଙ୍କା ଫେରି ପାଇପାରୁ ନାହାନ୍ତି ବୋଲି ନିରଞ୍ଜନ କହିଛନ୍ତି। ବିକ୍ଷୋଭରେ ଶିବାନନ୍ଦ ରାୟ, ଅସିମ ମହାପାତ୍ର, ମାନସ ଚୌଧୁରୀ, ସନ୍ତୋଷ ସିଂ ସାଲୁଜା, ଅନନ୍ତ ସେଠୀ, ଶରତ ପଟ୍ଟନାୟକ ଓ ଇତିଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

ଅନ୍ୟପଟେ ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, କଂଗ୍ରେସ ପାଇଁ ଦେଶର ବହୁ ଅନୁଷ୍ଠାନ ଧରାଶାୟୀ ହୋଇଛି। କଂଗ୍ରେସ ମୁହଁରେ ଏପରି ଅଭିଯୋଗ ଓ ପ୍ରତିବାଦ ଶୋଭାପାଉନି।

# ୧ରୁ କଳାବ୍ୟାଜ୍ ପିନ୍ଧିବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ

## ୭ମ ବେତନ କମିଶନ ଲାଗୁ ଦାବି

ଭୁବନେଶ୍ୱର, ୨୬।୧୦ (ବ୍ୟୁରୋ)

ବିଶ୍ୱବିଦ୍ୟାଳୟରେ ଥିବା ୟୁଜିସିପ୍ରାପ୍ତ ଅଧ୍ୟାପକଙ୍କୁ ରାଜ୍ୟ ସରକାର ୭ମ ବେତନ ହାରରେ ଦରମା ପ୍ରଦାନ କରୁନାହାନ୍ତି। ଏହାକୁ ବିରୋଧ କରିଛି ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ମହାସଂଘ। ରାଜ୍ୟ ସରକାରଙ୍କ ଏଭଳି ଅବହେଳା ପ୍ରତିବାଦରେ ଅଧ୍ୟାପକମାନେ ଆସନ୍ତା ନଭେମ୍ବର ୧ରୁ ୯ ତାରିଖ ଯାଏ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ବୋଲି ମହାସଂଘର ଆବାହକ ସର୍ବ ନାରାୟଣ ମିଶ୍ର ଏବଂ ସନ୍ତୋଷ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।


## ଗଙ୍ଗାଶ୍ରାଦ୍ଧ ନିମନ୍ତ୍ରଣ



ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ସୁନାଲରମ୍ଭା (ବାଘପାଲି) ନିବାସୀ **ବିଜୟ କୁମାର ଧରୁଆ** ଗତ ତା୧୩।୧୦।୨୦୧୮ରିଖ ଦିନ ଇହଧାମ ତ୍ୟାଗ କରିଛନ୍ତି। ଆସନ୍ତା ତା୨୮।୧୦।୨୦୧୮ରିଖ (ରବିବାର) ଦିନ ତାଙ୍କର ଗଙ୍ଗାଶ୍ରାଦ୍ଧ ସୁନାଲରମ୍ଭା ବାସଭବନରେ ଅନୁଷ୍ଠିତ ହେବ। ଏଥିରେ ତାଙ୍କର ସମସ୍ତ ସହଯୋଗୀ, ଶୁଭେଚ୍ଛୁ ତଥା ବନ୍ଧୁବର୍ଗ ସପରିବାର ଯୋଗଦେବାକୁ ନିମନ୍ତ୍ରଣ।

ଶୋକସନ୍ତପ୍ତ

ପୁତ୍ର- ପ୍ରଜ୍ୱଳ, ଉଜ୍ୱଳ, ପତ୍ନୀ- ସରୋଜିନୀ, ଭାଇ- ସୁଶୀଲ, ପ୍ରଦୀପ

ଧରୁଆ ପରିବାରବର୍ଗ, ସୁନାଲରମ୍ଭା, ଭେଡ଼େନ, ମୋ: 9439534122








# ସହରାଞ୍ଚଳରେ ସେପ୍ଟେଜ୍ ବିଶୋଧନାଗାର ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

■ ସ୍ୱଚ୍ଛ ଓଡ଼ିଶା,ସୁସ୍ଥ ଓଡ଼ିଶା ଉପରେ ଗୁରୁତ୍ୱ
■ ସୁଧୁରିବ ସହରାଞ୍ଚଳ ପରିମଳ ବ୍ୟବସ୍ଥା

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱର ସହ ଢେଙ୍କାନାଳ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାଠାରେ ୬ଟି ସେପ୍ଟେଜ୍ ବିଶୋଧନାଗାରକୁ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ ଏକ ଘରୋଇ ହୋଟେଲରେ ଏ ସମ୍ପର୍କିତ ଏକ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଏହାକୁ ଲୋକାର୍ପଣ କରିଛନ୍ତି। ଏହି ବିଶୋଧନାଗାର ପୂର୍ଣ୍ଣରୂପରେ କାର୍ଯ୍ୟକ୍ଷମ ହୋଇ ପାରିଲେ, ପାଇଖାନାରୁ ବାହାରୁଥିବା ମଳକୁ ବିଶୋଧନ କରି ସହରରେ ପ୍ରବାହିତ ନଦୀ ତଥା ଅନ୍ୟାନ୍ୟ ଜଳଉତ୍ସକୁ ଛଡାଯିବ। ଏହା ଦ୍ୱାରା ପୂର୍ବାପେକ୍ଷା ହେଉଥିବା ପ୍ରଦୂଷଣକୁ ହ୍ରାସ କରାଯାଇ ପାରିବ ବୋଲି ରାଜ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଗଠନ ଆମର ଲକ୍ଷ୍ୟ। ଓଡ଼ିଶା ନଗରାଞ୍ଚଳ ପରିମଳ ନୀତି-୨୦୧୭କୁ ସରକାର ଗୁରୁତର ସହ ନେଇଛନ୍ତି। ଏଥି ସହିତ ରାଜ୍ୟକୁ ଭବିଷ୍ୟତରେ ସମ୍ପୂର୍ଣ୍ଣ ମଳମୂତ ତ୍ୟାଗ ନିଷିଦ୍ଧାଞ୍ଚଳ କରିବା ଦିଗରେ ଚେଷ୍ଟା ଅବ୍ୟାହତ ରହିଛି। ପାରମ୍ପରିକ ଭାବେ ସ୍ୱେରେଜ ବ୍ୟବସ୍ଥାରେ ନ ଯାଇ ସେପ୍ଟେଜ ପରିଚାଳନା ଦ୍ୱାରା ଉପରେ ଅଧିକ ଫୋକସ୍ କରିବାର ସମୟ ଆସିଛି। ସାରା ରାଜ୍ୟର ବିଭିନ୍ନ ସହରରେ ପରିମଳଜନିତ ସମସ୍ୟାର ସମାଧାନ ଏବଂ ନୂଆ ପଦ୍ଧତି ଲାଗୁ କରିବା ପାଇଁ କାର୍ଯ୍ୟ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପରୋକ୍ତ କାର୍ଯ୍ୟ ସମ୍ଭବ ହୋଇପାରିଲେ ନିରନ୍ତର ବିକାଶର ଲକ୍ଷ୍ୟ ହାସଲ ହୋଇପାରିବ। ରାଜ୍ୟର ସମସ୍ତ ୧୧୪ ନଗରାଞ୍ଚଳରେ ଏହା ଲାଗୁ ହେବାକୁ ଯାଉଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ଅମୃତ ଯୋଜନା ଅଧୀନରେ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ବାଲେଶ୍ୱର, ଭଦ୍ରକ, ବାରିପଦାରେ ୯ଟି , ଅନୁଗୋଳ ଓ ଢେଙ୍କାନାଳରେ ୨ଟି ବିଶୋଧନାଗାର ପ୍ରତିଷ୍ଠା ହେବ। ସହରାଞ୍ଚଳରେ ପାଇଖାନା ଟାଙ୍କିରୁ ସୁରକ୍ଷିତ ଭାବେ ମଳ ନିଷ୍କାସନ ଓ ପରିବହନ ପାଇଁ ୮୬ଟି ସେସପୁଲ ଯାନ ନିୟୋଜିତ କରାଯାଇଛି। ଅପରପକ୍ଷରେ ବିଶୋଧନାଗାର ନ ଥିବା ସହରମାନଙ୍କରେ ଗଭୀର ଗାତ ପ୍ରଣାଳୀ ଅବଲମ୍ବନ କରି ନିରାପଦ ଭାବେ ମଳକୁ ପୋତି ଦିଆଯାଉଥିବା ଜଣାପଡିଛି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ


**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ସେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।


# 'ଟ୍ରିବ୍ୟୁନାଲ ମହାନଦୀ ସମସ୍ୟାର ପ୍ରକୃତ ସମାଧାନ ନୁହେଁ'

- 'ମହାନଦୀ: କୋଲ୍ ରିଚ, ୱାଟର ଷ୍ଟ୍ରେସଡ୍' ରିପୋର୍ଟ ଲୋକାର୍ପିତ
- ରାଜନୈତିକ ନୁହେଁ, ପରିବେଶ ଦୃଷ୍ଟିଭଙ୍ଗୀ ଲୋଡ଼ା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ମହାନଦୀ ଜଳ ବିବାଦର ପ୍ରକୃତ ସମାଧାନ ଟ୍ରିବ୍ୟୁନାଲ ଦ୍ୱାରା ସମ୍ଭବ ନୁହେଁ। ଓଡ଼ିଶା ଏବଂ ଛତିଶଗଡ ମହାନଦୀ ପ୍ରାକୃତିକ ପ୍ରବାହକୁ ଅବ୍ୟାହତ ରଖିବାକୁ ଚେଷ୍ଟା କରିବା ଆବଶ୍ୟକ। ଟ୍ରିବ୍ୟୁନାଲରେ ମାମଲା ଥିଲେ ବି ଦ୍ୱିପାକ୍ଷିକ ଆଲୋଚନା ସହ ସୁଚିନ୍ତିତ ପଦକ୍ଷେପ ହିଁ ମହାନଦୀକୁ ବିପର୍ଯ୍ୟୟରୁ ରକ୍ଷା କରିପାରିବ। ମହାନଦୀର ଜଳ ଉତ୍ସଗୁଡିକର ସୁରକ୍ଷା କରିବାର ସମୟ ଆସିଛି। ପୂର୍ବାପେକ୍ଷା ମହାନଦୀର ଜଳଧାରଣ କ୍ଷମତା ୧୦ ପ୍ରତିଶତ ହ୍ରାସ ପାଇଛି। 'ମହାନଦୀ: କୋଲ୍ ରିଚ, ୱାଟର ଷ୍ଟ୍ରେସଡ୍' ଶୀର୍ଷକ ଏକ ରିପୋର୍ଟ ଉନ୍ମୋଚନରେ ଭାଗ ନେଇ ଆଲୋଚକଗଣ ମିଳିତ ଭାବେ ଉପରୋକ୍ତ ମନ୍ତବ୍ୟ ରଖିଛନ୍ତି।

ଭାରତର ମୁଖ୍ୟ ନଦୀଗୁଡିକୁ ପ୍ରାକୃତିକ ଭାବେ ରକ୍ଷା କରିବା ପାଇଁ ରାଜ୍ୟ-ରାଜ୍ୟ ମଧ୍ୟରେ ବୁଝାମଣା ରହିବାର ଆବଶ୍ୟକତା ରହିଛି। ମହାନଦୀର ଉପରମୁଣ୍ଡରୁ ଆରମ୍ଭ କରି ତଳମୁଣ୍ଡରେ ସମୁଦ୍ରରେ ମିଶିବା ଯାଏ କେତେ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି, ସେ ସମ୍ପର୍କିତ ଏକ ରିପୋର୍ଟ ଜଳ ବିଶେଷଜ୍ଞ ରଞ୍ଜନ ପଣ୍ଡା ସଂକ୍ଷିପ୍ତ ଭାବେ ଆଲୋଚନା କରିଥିଲେ। ସେ କହିଛନ୍ତି ଯେ, ମହାନଦୀର ଜଳଧାରଣ କ୍ଷମତା ହ୍ରାସ ପାଇବା ସହ ଉଭୟ ରାଜ୍ୟରେ ଥର୍ମାଲ ପାୱାର ପ୍ଲାଣ୍ଟ ଯୋଗୁ ଜଳ ଶୋଷଣ ପ୍ରଭୃତ କ୍ଷତି ସାଧନ କରିଛି। ତେଣୁ ମହାନଦୀକୁ ନେଇ ରାଜନୈତିକ ଲଢେଇରେ ପ୍ରକୃତ ସମାଧାନ ବାହାରିବ ନାହିଁ । ନଦୀ ଜଳ ତଳମୁଣ୍ଡକୁ ପ୍ରବାହିତ ହେବା ଏକ ପ୍ରାକୃତିକ ନିୟମ। ତାହାକୁ ଅଟକାଇ ବଡ ବ୍ୟାରେଜ ନିର୍ମାଣ କରି ନଦୀର ସୁରକ୍ଷା କରାଯାଇ ପାରେନା।




ଅତିଥିମାନେ ରିପୋର୍ଟ ଉନ୍ମୋଚନ କରୁଛନ୍ତି ।

ବ୍ୟାରେଜ ନିର୍ମାଣ ନଦୀ ଜଳ ସଂରକ୍ଷଣର ସମାଧାନ ନୁହେଁ। ନଦୀର ଉଭୟ ପାର୍ଶ୍ୱରେ ଜଙ୍ଗଲ ରହିବା ଦ୍ୱାରା ଜଳଧାରଣ କ୍ଷମତା ବଢ଼ିଥାଏ। ଏହା ସିଧାସଳଖ ଭାବେ ଜଳବାୟୁ ପରିବର୍ତ୍ତନ ଏବଂ ନିୟନ୍ତ୍ରଣକୁ ପ୍ରଭାବିତ କରିଥାଏ। ଭାରତ-ପାକିସ୍ତାନ ଇଣ୍ଡସ୍ ତଥା ସିନ୍ଧୁ ନଦୀର ସମାଧାନ କରିପାରୁଥିବା ବେଳେ ମହାନଦୀ ଜଳ ବିବାଦର ସମାଧାନ ଦୁଇ ରାଜ୍ୟ ମଧ୍ୟରେ କାହିଁକି ହୋଇପାରିବ ନାହିଁ ବୋଲି ରଞ୍ଜନ କହିଛନ୍ତି।

କୋଇଲାଭିତ୍ତିକ ଶିଳ୍ପ ମହାନଦୀ ଅବକ୍ଷୟର ମୂଳ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦେଶର ୧୮ ପ୍ରତିଶତ କୋଇଲା କେବଳ ଛତିଶଗଡରେ ରହିଛି। ବିଭିନ୍ନ କମ୍ପାନୀ ସହ ସ୍ୱାକ୍ଷରିତ ହୋଇଥିବା ପ୍ରାୟ ୧,୪୦,୦୦୦ ମେଗାୱାଟ୍‌ର ପାୱାରପ୍ଲାଣ୍ଟ ଜଳ ପାଇଁ ମହାନଦୀ ଉପରେ ନିର୍ଭରଶୀଳ। ଓଡ଼ିଶାରେ ସାରା ଦେଶର ପ୍ରାୟ ୨୫ ପ୍ରତିଶତ କୋଇଲା ଗଚ୍ଛିତ ରହିଛି। ଏହା ଦ୍ୱାରା ମହାନଦୀର ଅବବାହିକା ବହୁଳ ଭାବରେ କ୍ଷତିଗ୍ରସ୍ତ ହେବ ବୋଲି ରିପୋର୍ଟରେ ଆଶଙ୍କା କରାଯାଇଛି। ଏକାଧିକ କମ୍ପାନୀ ୫୮,୦୦୦ ମେଗାୱାଟ କୋଇଲାକୁ ଭିତ୍ତି କରି ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖିଛନ୍ତି। ଟ୍ରିବ୍ୟୁନାଲ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁପାଳନ ନ ହେବାର ଯଥେଷ୍ଟ ଉଦାହରଣ ରହିଛି। ଦୀର୍ଘଦିନ ଧରି ଥିବା କାବେରୀ ନଦୀ ବିବାଦ ତାହାର ଉଦାହରଣ। ରାଜନୈତିକ ଲଢେଇ ଭିତରେ କାବେରୀ ନଦୀର ମାତ୍ର ୫ରୁ ୧୦ ପ୍ରତିଶତ ଜଳ ହିଁ ସାଧାରଣ ଲୋକଙ୍କ ସ୍ୱାର୍ଥରେ ଲାଗି ପାରୁଛି। ଛତିଶଗଡ-ଓଡ଼ିଶା ମଧ୍ୟରେ ଦେଖାଦେଇଥିବା ବିବାଦ ଦୀର୍ଘଦିନର ନୁହେଁ, ଏଣୁ ଦୁଇ ରାଜ୍ୟର ମିଳିତ ଉଦ୍ୟମରେ ବିବାଦର ସମାଧନ ହୋଇପାରିବ। ଅବକ୍ଷୟମୁଖୀ ମହାନଦୀର ଜଳଉତ୍ସର ପୁନରୁଦ୍ଧାର ମଧ ହୋଇପାରିବ ବୋଲି ପରିବେଶବିତ୍ ଆର୍ତ୍ତବନ୍ଧୁ ମିଶ୍ର ମତ ରଖିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଆଲୋଚନାରେ ମାରିୟନ ରେଜିନା ମୁ୍ୟଲେର ଭାଗ ନେଇ ମହାନଦୀର ଜଳ ସଂରକ୍ଷଣ, ଜଙ୍ଗଲ ବୃଦ୍ଧି ଏବଂ ପ୍ରାକୃତିକ ପ୍ରବାହକୁ ବଜାୟ ରଖିବାକୁ ସମସ୍ତ ଚେଷ୍ଟା କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ୧୧୪ ପୃଷ୍ଠା ସମ୍ବଳିତ ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ଉକ୍ତ ପୁସ୍ତକରେ ମହାନଦୀର ବର୍ତ୍ତମାନ ସ୍ଥିତି, ଭୟାବହତାକୁ ନେଇ ଏକାଧିକ ଫଟୋ, ଶିଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ, ବିଭିନ୍ନ ସଂସ୍ଥାର ମହାନଦୀକୁ ନେଇ ଆକଳନ, ନଦୀ ଉପରେ ନିର୍ଭରଶୀଳ ଲୋକମାନଙ୍କ ଜୀବନଜୀବିକା ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇଛି। ମହାନଦୀର ସୁରକ୍ଷା ପାଇଁ ରିପୋର୍ଟ ପ୍ରସ୍ତୁତକାରୀଙ୍କ ଦ୍ୱାରା କେତେକ ଗଠନଧର୍ମୀ ପ୍ରସ୍ତାବ ମଧ ରିପୋର୍ଟରେ ସ୍ଥାନିତ ହୋଇଛି।

## ସେଲ୍ଫି କର୍ନର





@ ସ୍ୱାଗତ



@ ଓ୍ୱବରାଜ



@ ବିକାଶ



@ କାସ୍ତୁରଚାନ୍



@ ତ୍ରିଲୋଚନ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ତଣ୍ଟି କାଟି ଚେନ୍ ଲୁଟ ଉଦ୍ୟମ

**କେନ୍ଦୁଝର, ୨୬।୧୦(ସ୍ୱ.ପ୍ର.):** କେନ୍ଦୁଝର ସହର ଡେଲି ମାର୍କେଟରେ ଗୁରୁବାର ରାତିରେ ଜଣେ ବ୍ୟକ୍ତିଙ୍କ ତଣ୍ଟି କାଟି ଜଣେ ଦୁର୍ବୃତ୍ତ ଲୁଟ ଉଦ୍ୟମ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଆହତ ଉକ୍ତ ବ୍ୟକ୍ତି ହେଲେ ବାଣେଶ୍ୱରୀ ଜୁଆଙ୍ଗ। ଘର ତେଲକୋଇ ଅଞ୍ଚଳରେ। ସେ ସ୍ଥାନୀୟ ଅଞ୍ଚଳର ଅଜୁ ଖଣ୍ଡେଇଙ୍କ ପାଖରେ ରହି କାମ କରି ପରିବାର ଚଳାଉଛନ୍ତି। ରାତିରେ ଅଜୁଙ୍କ ସହ ସେ ବାହାରେ ଏକ ଖଟରେ ଶୋଇଥିଲେ। ସେହି ସମୟରେ ଜଣେ ଦୁର୍ବୃତ୍ତ ଆସି ବାଣେଶ୍ୱରୀଙ୍କ ବେକରୁ ଚେନ ଲୁଟିବା ପାଇଁ ଏକ ଦାରୁଆ ଅସ୍ତ୍ର ବ୍ୟବହାର କରିଥିଲା। ଧାରୁଆ ଅସ୍ତ୍ର ବାଜି ବାଣେଶ୍ୱରୀ ରକ୍ତାକ୍ତ ହୋଇ ଯାଇଥିଲେ। ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରାଯାଇଥିଲେ ହେଁ ସେ ଫେରାର ହୋଇଯାଇଥିଲା। ବାଣେଶ୍ୱରୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଜିଲା ମୁଖ୍ୟଡାକ୍ତରଖାନାକୁ ଅଜୁ ଆଣିଥିଲେ। ଗତ ବର୍ଷ ବାଣେଶ୍ୱରୀଙ୍କଠାରୁ ଏକ ସୁନା ଲକେଟ ଶୋଇଥିବା ବେଳେ ଦୁର୍ବୃତ୍ତ ଲୁଟି ନେଇଥିଲେ ବୋଲି ଅଜୁ ଖଣ୍ଡେଇ କହିଛନ୍ତି। ଡେଲି ମାର୍କେଟ ଜଗିବାକୁ ଜଗୁଆଳି ଥିବା ବେଳେ ଏଭଳି ଘଟଣାକୁ ନେଇ ବ୍ୟବସାୟୀମାନେ ଭୟଭୀତ ହୋଇ ପଡିଛନ୍ତି।

## ପୂର୍ବ ବିବାଦକୁ କେନ୍ଦ୍ରକରି ଆକ୍ରମଣ

ବାଲିଆପାଳ,୨୬।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ବିଷ୍ଣୁପୁର ପଞ୍ଚାୟତରେ ଏକ ଦମ୍ପତି ପୂର୍ବ ବିବାଦକୁ କେନ୍ଦ୍ର କରି ପଡୋଶୀ ଘରର ଜଣେ ଗର୍ଭବତୀ ମହିଳାଙ୍କୁ ସୋମବାର ଟଣା ଓଟରା କରି ଆକ୍ରମଣ କରିଥିବା ପୋଲିସରେ ଅଭିଯୋଗ ହୋଇଛି। ସେ ବର୍ତ୍ତମାନ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ଏନେଇ ମଙ୍ଗଳବାର ସମ୍ପୃକ୍ତ ମହିଳା ଓ ତାଙ୍କ ପରିବାର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ ମାମଲା ପଞ୍ଜୀକୃତ ନ କରି ନୀରବଦ୍ରଷ୍ଟା ସାଜିଥିବା ସେମାନେ ଅଭିଯୋଗ କରି ବସ୍ତା ଏସଡିପିଓଙ୍କ ଜଣାଇଛନ୍ତି। ଅନ୍ୟପକ୍ଷେ ପ୍ରତିପକ୍ଷଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ପାଲଟା ମାମଲା ରୁଜୁ କରି ହଇରାଣ କରୁଥିବା ସମ୍ପୃକ୍ତା ମହିଳା ଓ ତାଙ୍କ ପରିବାର ଦର୍ଶାଇଛନ୍ତି। ଏ ସମ୍ପର୍କରେ ଥାନା ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି ।

## ଗ୍ରାମାଞ୍ଚଳ ଫୁଟବଲ: ଶିରାବାହାଲ ଓ କୁଶୁର୍ଲା ଫାଇନାଲ ମୁକାବିଲା



ଫାଇନାଲରେ ପ୍ରବେଶ କରିଥିବା କୁଶୁର୍ଲା ଦଳ ।

ରିଷିଡା,୨୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡା ବାପୁଜୀ ମିନିଷ୍ଟାଡିୟମଠାରେ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କୁଶୁର୍ଲା ଦଳ ପୌରକେଲା ଦଳକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଫାଇନାଲରେ ଶିରାବାହାଲ ଦଳ ଓ କୁଶୁର୍ଲା ଦଳ ମଧ୍ୟରେ ଟାଇଟଲ ମ୍ୟାଚ ଆସନ୍ତା ଶନିବାର ଅନୁଷ୍ଠିତ ହେବ । ଆୟୋଜିତ ମ୍ୟାଚଗୁଡିକୁ ଲଳିତ କୁମାର ସାହୁ ପରିଚାଳନା କରୁଥିବା ବେଳେ ଲଳିତ ମୋହନ ଦାସ ଓ ଗୋବର୍ଦ୍ଧନ ମାଝି ସହାୟତା କରୁଛନ୍ତି । ସ୍କୋରର ଥିଲେ ରାଜା ବେହେରା, ଧାରା ବିବରଣୀ ପ୍ରଦାନ କରିଥିଲେ ଲିପୁନ ରଣା । ସୋନୁରଣା ସହାୟତା କରିଥିଲେ ।


GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack - 753014**
FORM NO. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R.P. No. 077/2018/CTC**
**(Arising out of OA No. 334 of 2011)**
**Next Date: 12.11.2018**

**AXIS Bank Ltd.,** Cuttack Branch, At: Badambadi, P.O.: Arunodaya Market, Madhupatna, Dist.: Cuttack, PIN-753009 **...Certificate Holder Bank**
**Vs.**
**M/s. Jagannatha Financial Services Ltd & another ...Certificate Debtors**
**To,**
1. **M/s. Jagannatha Financial Services Ltd.,** At: A-58, Saheed Nagar, P.O.: Saheed Nagar, Bhubaneswar, Dist.: Khurda.
2. **Shri Sundaran Kathiresan,** S/o- Late P.R.M. Sundaran, At: A-58, Saheed Nagar, P.O.: Saheed Nagar, Bhubaneswar, Dist.: Khurda.

Take notice that Certificate arising out of **OA No. 334 of 2011** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 6,44,91,863.00 (Rupees Six Crore Forty Four Lac Ninety One Thousand Eight Hundred Sixty Three Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | :Rs. | 6,44,91,863.00 |
| 2. Cost allowed | (+) | :Rs. | 1,50,000.00 |
| 3. Interest @12.50% p.a with quarterly rests from 30.09.2011 to 31.07.2018 | | :Rs. | 8,52,15,207.23 |
| Total | | :Rs. | 14,98,57,070.23 |

(**Rupees Fourteen Crore Ninety Eight Lac Fifty Seven Thousand Seventy and Paise Twenty Three Only**) with Interest @12.50% p.a. with quarterly rests on the amount due from 01.08.2018 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **12.11.2018** and report the details of payment made by you.

Given under my hand & seal at Cuttack on this **05th day of October, 2018.**

**Sd/- (S.R. Parida)**
**Recovery Officer**



DSPL-218




ଆୟୋଜକ-
ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର
(ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା)



**ପୂର୍ବ ତଟ ରେଳପଥ**
**ସାଙ୍କେତିକ ନିଯୁକ୍ତି ସୂଚନା**
**2018-19 ବର୍ଷ ନିମନ୍ତେ ସ୍କାଉଟ୍ ଏବଂ ଗାଇଡ୍ କୋଟାରେ ନିଯୁକ୍ତି**
ଏମ୍ପ୍ଲୟମେଣ୍ଟ ନୋଟିସ୍ ନଂ. ECoR/Pers/S&G/2018-19
**ଜାରି ହେବା ତାରିଖ :** ତା.27.10.2018ରିଖ, **ବନ୍ଦ ହେବା ତାରିଖ :** ତା.26.11.2018ରିଖ, **ବନ୍ଦ୍ ହେବା ସମୟ :** 1800 ଘଟିକା

1. ପୂର୍ବ ତଟ ରେଳପଥରେ 2018-19 ବର୍ଷ ନିମନ୍ତେ ସ୍କାଉଟ୍ ଏବଂ ଗାଇଡ୍ କୋଟାରେ ନିଯୁକ୍ତି ନିମନ୍ତେ ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଭାରତୀୟ ନାଗରିକମାନଙ୍କ ଠାରୁ ମୁଖ୍ୟାଳୟ ନିମନ୍ତେ ଗ୍ରେଡ୍ ପେ ଟ.1900/-(ଲେଭେଲ-2)ରେ 02(ଦୁଇ) ଗୋଟି ଖାଲି ପଦ ଏବଂ ତିନୋଟି ମଣ୍ଡଳ (ଖୋର୍ଦ୍ଧା ରୋଡ୍, ୱାଲ୍ଟିୟର ଏବଂ ସମ୍ବଲପୁର) ପ୍ରତ୍ୟେକ ନିମନ୍ତେ ଗ୍ରେଡ୍ ପେ ଟ.1800/- (ଲେଭେଲ-1)ରେ 02(ଦୁଇ) ଗୋଟି ଖାଲି ପଦ ପୂରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।
2. <u>ସ୍କାଉଟିଙ୍ଗ୍ / ଗାଇଡିଙ୍ଗ୍ ଯୋଗ୍ୟତା</u> : ନିମ୍ନଲିଖିତ ଯୋଗ୍ୟତାଧାରୀ ପ୍ରାର୍ଥୀମାନେ ଗ୍ରେଡ୍ ପେ ଟ.1900/- ସହିତ ଲେଭେଲ-2ରେ ଏବଂ ଗ୍ରେଡ୍ ପେ ଟ.1800/- ସହିତ ଲେଭେଲ-1ରେ ସ୍କାଉଟ୍ ଏବଂ ଗାଇଡ୍ ପଦବୀରେ ନିଯୁକ୍ତି ନିମନ୍ତେ ଆବେଦନ କରିପାରିବେ ।
   (କ) ଯେକୌଣସି ସେକ୍ସନରେ ରାଷ୍ଟ୍ରପତି ସ୍କାଉଟ୍ / ଗାଇଡ୍ / ରେଞ୍ଜର / ରୋଭର **କିମ୍ବା** ହିମାଳୟାନ୍ ଉଡ୍ ବ୍ୟାଚ୍ (HWB) ଧାରୀ ହୋଇଥିବା ଆବଶ୍ୟକ ।
   (ଖ) ବିଗତ 5 ବର୍ଷ ପାଇଁ ସ୍କାଉଟ୍ସ ଏବଂ ଗାଇଡ୍ସ ସଂଗଠନରେ ଜଣେ ସକ୍ରିୟ ସଦସ୍ୟ ଥିବେ । 'ସକ୍ରିୟତା ଜନୀତ ପ୍ରମାଣପତ୍ର' ସଂପୂର୍ଣ୍ଣ ଅଧିସୂଚନାର **ଅନୁଲଗ୍ନକ-III** ଅନୁଯାୟୀ ହୋଇଥିବା ଆବଶ୍ୟକ ଏବଂ
   (ଗ) ରାଷ୍ଟ୍ରୀୟ ସ୍ତରରେ **କିମ୍ବା** ସର୍ବ ଭାରତୀୟ ରେଳବାଇ ସ୍ତରରେ ଅତି କମ୍‌ରେ ଦୁଇ ଗୋଟି କାର୍ଯ୍ୟକ୍ରମ **ଏବଂ** ରାଜ୍ୟ ସ୍ତରରେ ଦୁଇ ଗୋଟି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଆବଶ୍ୟକ ।
3. <u>ଗ୍ରେଡ୍ ପେ ଟ.1,900/- (ଲେଭେଲ-2) ରେ ଥିବା ପଦବୀ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା</u> : 12th (+2 ସ୍ତର) କିମ୍ବା ଏହାର ଅନୁରୂପ ପରୀକ୍ଷାରେ ସର୍ବମୋଟ୍ 50%ରୁ କମ୍ ରଖିନଥିବେ (NTPC ବର୍ଗ ନିମନ୍ତେ ସର୍ବମୋଟ୍ 50% ଅଙ୍କ ଆବଶ୍ୟକ ହେବା ସ୍ଥଳେ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ପୂର୍ବ ସୈନିକ ଏବଂ ସ୍ନାତକ / ସ୍ନାତକୋତ୍ତର ଭଳି ଅଧିକତର ଶିକ୍ଷାଧାରୀ ପ୍ରାର୍ଥୀମାନଙ୍କ ନିମନ୍ତେ 50% ପ୍ରାପ୍ତ କରିବାର କୌଣସି ଆବଶ୍ୟକତା ନାହିଁ), **(କିମ୍ବା)** ମାନ୍ୟତା ପ୍ରାପ୍ତ ବୋର୍ଡରୁ ମାଟ୍ରିକ୍ ପାସ୍ କିମ୍ବା ଅନୁରୂପ ତଥା ଏଥିସହିତ ITI ପ୍ରମାଣପତ୍ରଧାରୀ ପ୍ରାର୍ଥୀମାନେ ମଧ୍ୟ ଟେକ୍‌ନିକାଲ ବର୍ଗରେ ନିଯୁକ୍ତି ନିମନ୍ତେ ଦରଖାସ୍ତ କରିପାରିବେ ।
4. <u>ଗ୍ରେଡ୍ ପେ ଟ.1,800/- (ଲେଭେଲ-1) ରେ ଥିବା ପଦବୀ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା</u> : ଏକ ମାନ୍ୟତାପ୍ରାପ୍ତ ବୋର୍ଡରୁ 10th ଷ୍ଟାଣ୍ଡାର୍ଡ କିମ୍ବା ITI କିମ୍ବା ଏହାର ଅନୁରୂପ ପରୀକ୍ଷାରେ ଉତ୍ତୀର୍ଣ୍ଣ କିମ୍ବା NCVT ଦ୍ୱାରା ସ୍ୱୀକୃତ ନାସନାଲ ଅପ୍ରେଣ୍ଟିସ୍‌ସିପ୍ ସାର୍ଟିଫିକେଟ(NAC), କିମ୍ବା 10th ଉତ୍ତିର୍ଣ୍ଣ ସହିତ ITI ।
5. <u>ଗ୍ରେଡ୍ ପେ ଟ.1,900/- (ଲେଭେଲ-2)ରେ ଥିବା ପଦବୀ ନିମନ୍ତେ ବୟସ ସୀମା</u> : ତା.01.01.2019ରିଖ ସୁଦ୍ଧା ସର୍ବନିମ୍ନ 18 ବର୍ଷ ଏବଂ ସର୍ବାଧିକ 30 ବର୍ଷ UR (ଅସଂରକ୍ଷିତ ବର୍ଗ) ନିମନ୍ତେ, 33 ବର୍ଷ OBC (ଅନ୍ୟ ପଛୁଆ ବର୍ଗ) ନିମନ୍ତେ ଏବଂ 35 ବର୍ଷ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି (SC/ST) ବର୍ଗ ନିମନ୍ତେ ।
6. <u>ଗ୍ରେଡ୍ ପେ ଟ.1,800/- (ଲେଭେଲ-1) ଥିବା ପଦବୀ ନିମନ୍ତେ ବୟସ ସୀମା</u> : ତା.01.01.2019 ରିଖ ସୁଦ୍ଧା ସର୍ବନିମ୍ନ 18 ବର୍ଷ ଏବଂ ସର୍ବାଧିକ 33 ବର୍ଷ UR (ଅସଂରକ୍ଷିତ ବର୍ଗ) ନିମନ୍ତେ, 36 ବର୍ଷ OBC (ଅନ୍ୟ ପଛୁଆ ବର୍ଗ) ନିମନ୍ତେ କିମ୍ବା 38 ବର୍ଷ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି (SC/ST) ବର୍ଗ ନିମନ୍ତେ ।

ଅନ୍ୟ ସଂପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ଫର୍ମ ନିମନ୍ତେ ଦୟାକରି ତା.**27.10.2018** ରିଖର ଏମ୍ପ୍ଲୟମେଣ୍ଟ୍ ନ୍ୟୁଜ୍ କିମ୍ବା ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ : www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

PR - 368/J/18-19
ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

## ପ୍ରଥମ ପୃଷ୍ଠାରୁ...

### ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ...

ଫେଷ୍ଟିଭାଲରେ ବର୍ତ୍ତମାନସୁଦ୍ଧା ପୂର୍ବତନ ସ୍ପ୍ରିଣ୍ଟର ଜାମାଇକା ଜନ୍ମିତ କାନାଡ଼ା ଆଥଲେଟ୍ ବେନ୍ ଜନସନ, ଅଷ୍ଟ୍ରେଲିଆର ପୂର୍ବତନ ସନ୍ତରଣକାରୀ ଷ୍ଟିଫାନି ରାଇସ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଜେଫ୍ ଥମ୍ପସନ, ଭାରତୀୟ ଜାଭେଲିନ ତାରକା ନୀରଜ ଚୋପ୍ରା, ଅଲିମ୍ପିକ୍ସ ମେଡାଲିଷ୍ଟ ରେସ୍‌ଲର ଯୋଗେଶ୍ୱର ଦତ୍ତ, ପୂର୍ବତନ କ୍ରିକେଟର ମହମ୍ମଦ କୈଫ, ଜିମ୍ନାଷ୍ଟ ଦୀପା କର୍ମକାର, ମହିଳା ରେସଲର ଭିନେଶ ଫୋଗତ, ପୂର୍ବତନ ପାକିସ୍ତାନ କ୍ରିକେଟ ଅଧିନାୟକ ୱାସିମ ଆକ୍ରମ, ଟିମ୍ ଇଣ୍ଡିଆର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ, ପୂର୍ବତନ ଭାରତୀୟ ହକି ଅଧିନାୟକ ଧନରାଜ ପିଲ୍ଲେ, ଦିଲୀପ ତିର୍କୀ, ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା, ବ୍ରାଜିଲିଆନ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତଥା ଲେଖକ ଆଣ୍ଡ୍ରୁ ଡୋୱିନ, ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

### ୨ ସପ୍ତାହରେ ...

ଏପରି କି ତଦନ୍ତକାରୀ ଅଧିକାରୀଙ୍କ ବଦଳି କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ। ଏହି ଅବଧି ମଧ୍ୟରେ ନାଗେଶ୍ୱର ଯାହା ନିଷ୍ପତ୍ତି ନେଇଥିବେ ବନ୍ଦ ଲଫାପା ମଧ୍ୟରେ ତା'ର ସବିଶେଷ ବିବରଣୀ ଅଦାଲତରେ ଦାଖଲ କରାଯିବ। ନଭେମ୍ବର ୧୨ରେ ପରବର୍ତ୍ତୀ ଶୁଣାଣି ବେଳେ ଅଦାଲତ ଏନେଇ ଉପଯୁକ୍ତ ରାୟ ଦେବେ ବୋଲି ଜଷ୍ଟିସ୍ ସଞ୍ଜୟ କ୍ରିଷନ୍ କୌଲ୍ ଏବଂ ଜଷ୍ଟିସ୍ ଏମ୍. କେ. ଯୋସେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏହାସହ ଆଲୋକ ବର୍ମାଙ୍କ ଆବେଦନ ଉପରେ ଖଣ୍ଡପୀଠ କେନ୍ଦ୍ର ସରକାର ଓ ସିଭିସିଙ୍କୁ ଜବାବ ତଲବ କରିଛନ୍ତି। ଏନ୍‌ଜିଓ କମନ୍ କଜ୍ ପକ୍ଷରୁ ଦାଏର ଏକ ପୃଥକ୍ ଆବେଦନର ଶୁଣାଣି କରି ଖଣ୍ଡପୀଠ କେନ୍ଦ୍ର, ସିଭିସି, ଅସ୍ଥାନା, ବର୍ମା ଓ ରାଓଙ୍କୁ ୧୨ ତାରିଖ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ରିଭ୍ୟୁ ପିଟିସନ ...

ସହରାଞ୍ଚଳରେ ଭୋଟ ଗ୍ରହଣ କରାଯାଇ ଥିବା ବେଳେ ୨୦ଟି ସହରାଞ୍ଚଳରେ ୨୦୧୩ ନଭେମ୍ବର ୨୨ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ଫୁଲବାଣୀ ମ୍ୟୁନିସିପାଲିଟି ଏବଂ ଜି.ଉଦୟଗିରି ଏନ୍‌ଏସିରେ ୨୦୧୩ ଡିସେମ୍ବର ୨ରେ ଭୋଟ ଗ୍ରହଣ କରାଯାଇଥିଲା। ୨୦୧୩ରେ ନିର୍ବାଚନ ହୋଇ ୫ବର୍ଷ ପୂରଣ କରୁଥିବା ୯୩ଟି ସହରାଞ୍ଚଳର ନିର୍ବାଚନ ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିଲେ।

ନିର୍ଦ୍ଧାରୀତ ସମୟରେ ନିର୍ବାଚନ ଶେଷ ହୋଇ ନ ଥିବାରୁ ଓଡିଶା ମ୍ୟୁନିସିପାଲିଟି ଆକ୍ଟ ୧୯୫୦ର ସେକ୍ସନ-୪୦୧ର ସବ୍ ସେକ୍ସନ ୫(ଏ) ଅନୁଯାୟୀ ରାଜ୍ୟ ସରକାର ଜିଲାପାଳ, ଏଡିଏମ, ଉପଜିଲାପାଳ, ପିଡି ଡିଆରଡିଏ, ଏପିଡି ଡିଆରଡିଏଙ୍କୁ ମ୍ୟୁନିସିପାଲିଟି/ଏନଏସିରେ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାର ୩ଟି ମହାନଗର ନିଗମକୁ ମିଶାଇ ୯୩ଟି ଏନଏସି, ମ୍ୟୁନିସିପାଲିଟିର ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୬ଟି ପୌର ସଂସ୍ଥାରେ ନିର୍ବାଚନ ହୋଇଥାଆନ୍ତା। ଏ ନେଇ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ ଓ ସୀମା ପୁନ ନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇଥିଲା। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିବା ପରେ ରାଜ୍ୟ ସରକାର ହରଡଘଣାରେ ପଡି ଯାଇଛନ୍ତି। ରାଜ୍ୟର ୫୫ଟି ପୌର ସଂସ୍ଥାରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଉପରେ ରହିଛି। ପ୍ରଚଳିତ ନିୟମ ଅନୁଯାୟୀ ବିସିସି( ପଛୁଆ ବର୍ଗ)ଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାଛଡା ମହିଳାଙ୍କ ପାଇଁ ୫୦ ପ୍ରତିଶତ, ଅନୁସୂଚୀତ ଜାତି ଓ ଜନଜାତିଙ୍କ ମାନଙ୍କ ସଂଖ୍ୟାକୁ ଦେଖି ସ୍ଥାନ ସଂରକ୍ଷଣ କରାଯାଇଛି। ଏହି ଆଧାରରେ କେତେକ ପୌର ସଂସ୍ଥାରେ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ରହିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଓଡ଼ିଶାରେ ହିନ୍ଦୁ-ଇସ୍‌ଲାମ୍ ସଂସ୍କୃତିର ଅନନ୍ୟ ସମନ୍ୱୟ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ହିନ୍ଦୁ ଓ ଇସ୍‌ଲାମ୍ ସଂସ୍କୃତିର ସମନ୍ୱିତ ପ୍ରଭାବ ଓଡ଼ିଶାର ଜନଜୀବନକୁ ସମୃଦ୍ଧ କରିଛି। ଇସ୍‌ଲାମ୍ ସଂସ୍କୃତି ଦ୍ୱାରା ଓଡ଼ିଶାରେ ଭାଷା, ସାହିତ୍ୟ, ସାମାଜିକ ଚଳଣି ଓ ଧର୍ମଧାରା ପ୍ରଭାବିତ ହୋଇଛି। ଏଠାରେ ହିନ୍ଦୁ-ଇସ୍‌ଲାମ୍ ସଂସ୍କୃତିର ଏକ ଅନନ୍ୟ ସମନ୍ୱୟ ଘଟିଛି ବୋଲି କହିଛନ୍ତି ବିଦ୍ୱାନ୍ ତଥା ସାମାଜିକ କର୍ମୀ ଡ. ମହମ୍ମଦ ଆୟୁବ୍। ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ପଞ୍ଚବିଂଶତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସେ 'ଓଡ଼ିଶାରେ ଇସ୍‌ଲାମ୍ ସଂସ୍କୃତି: ସମ୍ପ୍ରୀତି, ସହାବସ୍ଥାନ ଓ ସହଭାଗ' ଶୀର୍ଷକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରି ଏହା କହିଥିଲେ।

ଇସ୍‌ଲାମ୍ ଧର୍ମରେ ବିଶ୍ୱାସ, ପ୍ରାର୍ଥନା, ଉପବାସ, ଦାନ ଓ ତୀର୍ଥଯାତ୍ରାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିବା ବେଳେ ଏ ସବୁ ହିନ୍ଦୁ ସଂସ୍କୃତିର ଅଙ୍ଗ ଭାବେ ସ୍ୱୀକୃତ। ଓଡ଼ିଶାରେ ମୋଗଲ-ଆଫ୍‌ଗାନ ରାଜତ୍ୱ କାଳରୁ ମୁସଲ୍‌ମାନମାନଙ୍କ ପ୍ରଚଳନ ଦେଖିବାକୁ ମିଳିଛି। ସମୟକ୍ରମେ ମୁସ୍‌ଲମାନ ସମ୍ପ୍ରଦାୟର ଅନେକ ବିଦ୍ୱାନ ଓ ସଂସ୍କୃତିପ୍ରେମୀ ବିଭିନ୍ନ ଭାବେ ଓଡ଼ିଶାର ସାଂସ୍କୃତିକ ଧାରାକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରିଥିବା ମୁସଲ୍‌ମାନ ଲେଖକଙ୍କ ସଂଖ୍ୟା ଦେଢ଼ହଜାରରୁ ଉର୍ଦ୍ଧ୍ୱ ବୋଲି ଡ. ଆୟୁବ୍ କହିଛନ୍ତି। ରେମଣ୍ଡା ରଥଯାତ୍ରାରେ ମୁସଲ୍‌ମାନଙ୍କ ଛେରାପହଁରାଠାରୁ ଆରମ୍ଭ କରି ସମ୍ବଲପୁରରେ ମହରମ୍ ମାସରେ ହିନ୍ଦୁମାନଙ୍କ ଦ୍ୱାରା ତାଜିଆ ନିର୍ମାଣ, କଟକ ଦୁର୍ଗାପୂଜା କମିଟିଗୁଡ଼ିକରେ ମୁସଲ୍‌ମାନମାନଙ୍କର ଦାୟିତ୍ୱ ନିର୍ବାହ, କଟକର ପ୍ରଥମ ଚାନ୍ଦିମେଢ଼ ନିର୍ମାଣ ପାଇଁ ମୁସଲ୍‌ମାନଙ୍କ ବଦାନ୍ୟତା ଆଦି ଦେଖିବାକୁ ମିଳିଛି। ସେହିଭଳି ମୁସଲ୍‌ମାନଙ୍କ ଦ୍ୱାରା ପଞ୍ଜିକା ପ୍ରକାଶନ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ମୁସଲ୍‌ମାନଙ୍କ ମୃତ୍ୟୁରେ ଶୋକସଭା ଆଦି ଓଡ଼ିଶାରେ ହିନ୍ଦୁ-ମୁସ୍‌ଲିମ୍ ସୌହାର୍ଦ୍ଦ୍ୟର ପ୍ରମୁଖ ଦୃଷ୍ଟାନ୍ତ। ମାଣିକାଗୋଡ଼ା ସାମାଜିକ ଧର୍ମାନୁଷ୍ଠାନରେ ମୁସଲମାନଙ୍କ ପ୍ରାଧାନ୍ୟ ଓ କାଇପଦର ବୁଖାରିବାବାଙ୍କ ପୀଠରେ ହିନ୍ଦୁ-ମୁସ୍‌ଲିମ୍ ମିଶ୍ରିତ ଆରାଧନା ପଦ୍ଧତି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଏସ୍.ଏ. ହମିଦ୍‌ଙ୍କ ପରି ସାହିତ୍ୟିକଙ୍କଠାରୁ ଆରମ୍ଭ କରି ଏଯାବତ୍ ଅନେକ ମୁସଲ୍‌ମାନ ବିଦ୍ୱାନ ଓଡ଼ିଆ ଭାଷା ସାହିତ୍ୟରେ ପିଏଚ୍‌ଡି ହାସଲ କରିଛନ୍ତି, ଯାହାକି ଓଡ଼ିଶାରେ ଇସ୍‌ଲାମ୍ ସଂସ୍କୃତି ହିନ୍ଦୁ ସାଂସ୍କୃତିକ ଓ ସାମାଜିକ ଜୀବନଧାରାରେ ନିଜର ସହାବସ୍ଥାନ ଓ ସହଭାଗିତାକୁ ପ୍ରମାଣିତ କରିଛି ବୋଲି ଡ. ଆୟୁବ୍ କହିଛନ୍ତି।




ଡ. ମହମ୍ମଦ ଆୟୁବ୍‌ଙ୍କୁ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରୁଛନ୍ତି।

### 'ସଂସ୍କୃତି ଚର୍ଚ୍ଚା'

କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ 'ସଂସ୍କୃତି ଚର୍ଚ୍ଚା'ର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ଏହି କାର୍ଯ୍ୟକ୍ରମ ବିଦ୍ୱାନମାନଙ୍କ ସହ ମତ ବିନିମୟର ସୁଯୋଗ ସୃଷ୍ଟି କରୁଥିବା କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଓଡ଼ିଶାର ସଂସ୍କୃତିରେ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ସମ୍ପ୍ରୀତି ମୂଲ୍ୟବାନ ଅବଦାନ ରଖିଛି ବୋଲି ଉଲ୍ଲେଖ କରିଥିଲେ। ଅଭିଲେଖାଗାର ଅଧୀକ୍ଷକ ଶୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଡ. ଆୟୁବ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମର ବିଗତ ସଂସ୍କରଣଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ପ୍ରଦର୍ଶନ ଉପସ୍ଥାପିତ ହୋଇଥିଲା। ସଂସ୍କୃତି ବିଭାଗ ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ ଧନ୍ୟବାଦ ଦେଇଥିଲେ।

■ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ

# ବାଘ ମାୟାରେ ବାୟା

ଭୁବନେଶ୍ୱର (ବ୍ୟୁରୋ), ଅନୁଗୋଳ ଅଫିସ୍ ୨୬।୧୦

ରାଜ୍ୟରେ ବାଘ ବଂଶ ବୃଦ୍ଧି କରିବାକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅନଭିଜ୍ଞ ନିଷ୍ପତ୍ତିକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଅନ୍ୟ ଜଙ୍ଗଲରେ ରହୁଥିବା ବାଘଙ୍କ ଖାଦ୍ୟ ଓ ଚଳଣିକୁ ନ ପରଖି ତରବରିଆ ଭାବେ ବ୍ୟାଘ୍ର ପ୍ରକଳ୍ପର ପରିକଳ୍ପନା ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ତଣ୍ଟିରେ କଣ୍ଟା ହୋଇ ଲାଗିଛି। ମଧ୍ୟପ୍ରଦେଶର ବାନ୍ଧବଗଡରୁ ଅଣାଯାଇଥିବା ବାଘୁଣୀ ସୁନ୍ଦରୀର ଖାଦ୍ୟ ଶୃଙ୍ଖଳକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଗଭୀର ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ବ୍ୟାଘ୍ର ପ୍ରକଳ୍ପ ନିକଟରେ ରହୁଥିବା ଗ୍ରାମବାସୀ ଅତିମାତ୍ରାରେ ଭୟଭୀତ ହୋଇପଡିଛନ୍ତି। ବାଘୁଣୀ ଦୁଇଜଣ ବ୍ୟକ୍ତିଙ୍କୁ ମାରିଥିବା ଅଭିଯୋଗରେ ସ୍ଥାନୀୟ ଲୋକେ ହିଂସାକାଣ୍ଡ ଘଟଇବା ସହ ସାତକୋଶିଆରୁ ସୁନ୍ଦରୀକୁ ହଟାଇବାକୁ ଜିଦ ଧରିଛନ୍ତି। ପ୍ରକଳ୍ପ ଓ ଲୋକଙ୍କ ସୁରକ୍ଷା ଚକ୍ରବ୍ୟୂହରେ ଫସିଯାଇଛି ବନ୍ୟ ପ୍ରାଣୀ ବିଭାଗ। ଲୋକମାନଙ୍କ କ୍ରୋଧକୁ ଦବାଇ ଦେବା ପାଇଁ ବାଘୁଣୀ ସୁନ୍ଦରୀକୁ ଟ୍ରାଙ୍କୁଲାଇଜର ମାଧମରେ ଆୟତ୍ତ କରିବାକୁ ଗତ କିଛିଦିନ ହେବ ବନ ବିଭାଗର ୩ଟି ଟିମ ଆଣ୍ଟୁଗଣ୍ଠି ଛିଣ୍ଡାଇ ସାରିଲେଣି। ହେଲେ ବାଘୁଣୀ ଧରା ଦେଉ ନାହିଁ। ବାନ୍ଧଗଡରୁ ଟ୍ରାଙ୍କୁଲାଇଜର ଏକ୍ସପର୍ଟମାନଙ୍କୁ ଆଣି କାବୁ କରିବାକୁ କସରତ ଚାଲିଛି। ତେବେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଓ ସୁନ୍ଦରୀର ସୁରକ୍ଷାକୁ ନେଇ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି। ଦୁଇଥର ଟ୍ରାଙ୍କୁଲାଇଜ ହେବା ଦ୍ୱାରା ବାଘୁଣୀର ଜୀବନ ବିପଦପୂର୍ଣ୍ଣ ହୋଇପାରେ। ପ୍ରକଳ୍ପ ପରିକଳ୍ପନା ପୂର୍ବରୁ ପରିବେଶ, ଖାଦ୍ୟପେୟ ଓ ବାସସ୍ଥାନଗୁଡିକୁ ଭଲ ଭାବେ ଯାଞ୍ଚ ନ କରି ତରବରିଆ ଭାବେ ବାଘ ଛାଡିବାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି। ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପକୁ ନେଇ ବାହାଦୁରି ଦେଖାଉଥିବା ବେଳେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଭିନ୍ନ ମତ ଦେଉଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ, ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅର୍ଥରିଟି ଅଫ୍ ଇଣ୍ଡିଆ(ଏନଟିସିଏ) ଏବଂ ଡେରାଡୁନ ସ୍ଥିତ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ) ଦ୍ୱାରା କରାଯାଇଥିବା ସର୍ଭେ ତଥ୍ୟ କହୁଛି ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘମାନଙ୍କ ସକାଶେ ପର୍ଯ୍ୟାପ୍ତ ଖାଦ୍ୟ ରହିଛି। ୯୬୩.୮୭ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ପ୍ରକଳ୍ପ ଅଞ୍ଚଳରେ ଶମ୍ବର, ହରିଣ, କୁଟୁରା, ବାର୍ହା, ଗୟଳ, ମାଙ୍କଡ଼, ଗୁରାଣ୍ଡି ଆଦି ବିଭିନ୍ନ ପ୍ରଜାତିର ୨୪ ହଜାର ୯୬ ତୃଣଭୋଜି ପ୍ରାଣୀ ଅଛନ୍ତି। ବାଘ ଖାଇ ପିଇ ତନ୍ଦୁରୁସ୍ତ ରହିବା ପାଇଁ କୌଣସି ସମସ୍ୟା ନାହିଁ।

ସାତକୋଶିଆ ଗଣ୍ଡ ଓ ବାଇଶିପାଲି ଅଭୟାରଣ୍ୟକୁ ନେଇ ଏହି ବ୍ୟାଘ୍ର ପ୍ରକଳ୍ପ ଗଠିତ। ଏହାକୁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଜରିଆରେ ସୁରକ୍ଷା ଦିଆଯାଉଛି। ଏହାର ପରିସୀମା ୫୩୦.୦୧ ବର୍ଗ କିଲୋମିଟର। ଏଠାରେ ମୋଟ ୬ଟି ବାଘ ଛଡ଼ାଯିବାକୁ ଥିବା ବେଳେ ୨ଟି ଛଡ଼ାଯାଇଛି। ଆଗାମୀ ଦିନରେ ଆଉ ୨ଟି ବାଘ ଆଣି ଛାଡ଼ିବାକୁ ବନ ବିଭାଗ ଯୋଜନା କରିଛି। ସୁରକ୍ଷା କାରଣରୁ ସାତକୋଶିଆ ମଧ୍ୟରେ ଥିବା ୧୦୪ ଗ୍ରାମକୁ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ବାଦ ଦିଆଯାଇଥିବା ବେଳେ ଅନୁଗୋଳ, କଟକ, ଢେଙ୍କାନାଳ ଓ ବୌଦ୍ଧ ଜିଲାର ୧୦ ସଂରକ୍ଷିତ ଜଙ୍ଗଲର ୩୫୯.୭୯ ବର୍ଗ କିଲୋମିଟରକୁ ଏଥିରେ ସାମିଲ କରାଯାଇଛି।

୫୩୦.୦୧ ବର୍ଗ କି.ମି.ର ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୧୩୨୫୦.୨୫ ତୃଣଭୋଜୀ ଥିବାବେଳେ ୪୩୩,୮୬ ବର୍ଗ କି.ମି. ବିଶିଷ୍ଟ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୧୦୮୪୬.୫ ପ୍ରାଣୀ ବିଚରଣ କରୁଛନ୍ତି। ଏଥିସହ ବାଘ ସୁରକ୍ଷିତ ଭାବେ ରହିବା ପାଇଁ ନିଘଞ୍ଚ ଜଙ୍ଗଲ ମଧ ରହିଛି। ଏହି ରିପୋର୍ଟ ଆଧାରରେ ହିଁ ଭାରତ ସରକାର ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ବଂଶ ବୃଦ୍ଧି ପାଇଁ ପଦକ୍ଷେପ ନେଇଥିବା ବନ୍ୟପ୍ରାଣୀ ବିଭାଗ ସଫେଇ ଦେଇଛି।

ଅନ୍ୟ ପକ୍ଷରେ ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ. କେ. ସିଂ କହିଛନ୍ତି ପୂର୍ବରୁ ସାତକୋଶିଆ ବାଘମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥଳୀ ଥିଲା। ପରବର୍ତ୍ତୀ ସମୟରେ ଜଙ୍ଗଲଭିତରକୁ ଜନବସିତି ମାଡି ଆସିବା ଯୋଗୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇଲା। ଏଥିଯୋଗୁ ବାଘଙ୍କ ଖାଦ୍ୟାଭାବ ଦେଖା ଦେଲା। ଫଳରେ ବାଘଙ୍କ ସଂଖ୍ୟା ଅତିମାତ୍ରାରେ କମିଗଲା। ମାନବୀୟ ବ୍ୟବହାର ଅଞ୍ଚଳ ବୃଦ୍ଧି ପାଉଥିବାରୁ ବାଘଙ୍କ ପାଇଁ ସେଠାରେ ଉପଯୁକ୍ତ ଖାଦ୍ୟାଭାବ ରହିଛି। ଏହି ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଏସବୁ ଦେଖିବା ଆବଶ୍ୟକ ଥିଲା ବୋଲି ସେ କହିଛନ୍ତି।

ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସାତକୋଶିଆରେ ବହୁ ସଂଖ୍ୟାରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହିଛନ୍ତି। ଖାଦ୍ୟ ପାଇଁ ସମସ୍ୟା ନାହିଁ। ବାଘୁଣୀକୁ ଅନ୍ୟ ବାଘୁଣୀମାନେ ଘଉଡାଇବାରୁ ସେ ଜନବସତି ଆଡକୁ ଚାଲି ଆସୁଛି। ଏନଟିସିଏ ଏବଂ ଡବ୍ଲ୍ୟୁଆଇଆଇ ସର୍ଭେ ପରେ ଏହି ପ୍ରକଳ୍ପ ଭାରତ ସରକାର ଆରମ୍ଭ କରିଛନ୍ତି। ଟ୍ରାଙ୍କୁଲାଇଜ ପରେ ବାଘୁଣୀକୁ ଅବଜରଭେଶନରେ ରଖାଯିବ ବୋଲି ସେ କହିଛନ୍ତି।

ପିସିସିଏଫ(ବନ୍ୟପ୍ରାଣୀ)ସନ୍ଦୀପ ତ୍ରିପାଠୀ କହିଛନ୍ତି ଯେ ସବୁ କଥା ଅନୁଧାନ କରାଯାଇ ପ୍ରକଳ୍ପ ଆରମ୍ଭ ହୋଇଛି। କୌଣସି ଅସୁବିଧା ହୋଇ ନାହିଁ।

### ଅଡୁଆରେ ସୁନ୍ଦରୀ




# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ହୋମ, ଜମି, ଏଜୁକେସନ, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କସିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

FINANCE
Ramco Group ପର୍ସନାଲ, ଏଜୁକେସନ, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାହିଁକି ନୁହେଁ ଦେଖାଇଲେ କଷ୍ଟ ଦୁରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ - ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

M. GROUP FINANCE CO.
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services (Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

SMS JOB
Send SMS. Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 - 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଶିଶୁ ପ୍ରତିଭା ମହୋତ୍ସବ ସୁରଭି

**ଜାମଟିକ୍ରା, ୨୬।୧୦ (ଡି.ଏନ.ଏ):** ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଅତାବିରା ବାଳକ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତାବିରା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ମେହେର ଯୋଗ ଦେଇଥିଲେ । ସଭାପତିତ୍ୱ କରିଥିଲେ ଅତାବିରା ବ୍ଲକ ଶିକ୍ଷା ଅଧିକାରୀ ରାଜାରାମ ମେହେର । ସମ୍ମାନୀତ ଅତିଥି ଭାବେ ରାଜକିଶୋର ପୂଜାରୀ ଯୋଗ ଦେଇଥିଲେ । ଏହି ଉତ୍ସବରେ ଅତାବିରା ବ୍ଲକର ୧୪ଟି କ୍ଲଷ୍ଟରର ଛାତ୍ରୀଛାତ୍ର ଯୋଗଦେଇ ନିଜ ପ୍ରତିଭା ଦେଖାଇଥିଲେ। ଏଥିରେ କୁଇଜ, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ, ରଚନା ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଧର୍ମରାଜ ପଧାନ ଓ ରଶ୍ମିରାଣୀ ପଣ୍ଡା । ବିରେନ୍ଦ୍ର କୁମାର ଭୋଇ, ମିତା ମହାକୁର, ଗୋପୀନାଥ ପଧାନ, କ୍ରିଷ୍ଣା ଦାସ, କାର୍ତ୍ତିକ ବାଗ, ରଶ୍ମିରାଣୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସିଆରସିସି ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଅଷ୍ଟପ୍ରହର ନାମଯଜ୍ଞ

**ଜାମଟିକ୍ରା, ୨୬।୧୦ (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଗ୍ରାମରେ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଗ୍ରାମର ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଏକ ପୋଖରୀରୁ ପୂର୍ଣ୍ଣ ଜଳକଳସ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ନାମଯଜ୍ଞ ଆରମ୍ଭ କରିଥିଲେ । ଯଜ୍ଞରେ କର୍ତ୍ତା ଭାବେ ଭୁବନ ପଧାନ ଓ ତାଙ୍କ ସ୍ତ୍ରୀ ଶିଷ୍ଟାବତୀ ପଧାନ ଦାୟୀତ୍ୱ ତୁଲାଇଥିଲେ । ପଣ୍ଡିତ ଦିଲୀପ ରଥ ଓ ପ୍ରଦ୍ୟୁଷ କୁମାର ରଥ ପୂଜା କାର୍ଯ୍ୟ ତୁଲାଇଥିଲେ । ଶନିବାର ନାମଯଜ୍ଞର ପୂର୍ଣ୍ଣାହୁତି ପଡିବ ।

### ବଡ଼ପିପିଲିପାଲିରେ ଗଜଲକ୍ଷ୍ମୀ ପୂଜା

**ଭେଡ଼େନ, ୨୬।୧୦(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ଗ୍ରାମପଞ୍ଚାୟତର ବଡ଼ପିପିଲିପାଲି ଠାରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି । ଏଥିରେ ସୁଦାମ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ବୁଦ୍ଧଦେବ ପଣ୍ଡା ପୂଜାର୍ଚ୍ଚନା କରୁଛନ୍ତି । ବୁଧବାର ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲଶ । ନବୀନ ପଧାନଙ୍କ ପରିଚାଳନାରେ ହୋଇଥିବା କବିତା ପାଠ କାର୍ଯ୍ୟକ୍ରମରେ କବି ନାରାୟଣ ଭୋଇ ଏବଂ ସରପଞ୍ଚ ପୁରୁଷୋତ୍ତମ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଗୁରୁବାର ସନ୍ଧ୍ୟାରେ ଅଭିନେତା ତଥା ପ୍ରବଚକ ଅଏଁଠୁ ସାହୁ ଅତିଥି ଭାବେ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ ।

# ଭିତ୍ତିଭୂମି ନାହିଁ, କ୍ଷତି ସହୁଛି ଚାଷୀ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଜିଲାରେ ଧାନ ଅମଳ ଆରମ୍ଭ ହେଲାଣି । ଆଉ ମାତ୍ର ଏକ ସପ୍ତାହ ପରେ ଏଠାରେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିବ । ସମ୍ଭବତଃ ନଭେମ୍ବର ୫ତାରିଖରୁ ଜିଲାର ମଣ୍ଡି ସବୁ ଖୋଲିବ। ଏଥର ଚାଷୀଙ୍କଠାରୁ ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ, ତାହା ଚୂଡ଼ାନ୍ତ ହୋଇନାହିଁ। ଆସନ୍ତା ସପ୍ତାହର ଶେଷଆଡ଼କୁ ଧାନ ସଂଗ୍ରହ ଉପରେ ସମ୍ବଲପୁରରେ ହେବାକୁ ଥିବା ଆରଡିସି ସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯିବ। ଅନ୍ୟପଟେ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ କେତୋଟି ମଣ୍ଡି କେଉଁ ସ୍ଥାନରେ ଖୋଲିବ, ତାହା ନିର୍ଦ୍ଧାରଣ କରାଯାଇଛି ।

୨୦୧୭-୧୮ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଅପେକ୍ଷା ଏଥର ୪ଟି ଅଧିକ ମଣ୍ଡି ଖୋଲାଯାଇଛି । ୨୦୧୭-୧୮ରେ ଜିଲାରେ ୧୬୨ଟି ମଣ୍ଡି ଖୋଲିଥିଲା । ଏଥର ତାହା ୧୬୬କୁ ବୃଦ୍ଧି ପାଇଛି । ତନ୍ମଧ୍ୟରେ ୭୩ଟି ସ୍ଥାୟୀ ମଣ୍ଡି(ମାର୍କେଟ୍ ୟାର୍ଡ଼) ଏବଂ ୯୩ଟି ଅସ୍ଥାୟୀ ଧାନକ୍ରୟ କେନ୍ଦ୍ର(ଅସ୍ଥାୟୀ ମଣ୍ଡି) ରହିଛି । ସେଥିମଧ୍ୟରୁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧୀନରେ ୨୪ଟି ସ୍ଥାୟୀ ଓ ୩୩ଟି ଅସ୍ଥାୟୀ, ଅତାବିରା ଆରଏମସି ଅଧୀନରେ ୩୧ଟି ସ୍ଥାୟୀ ଓ ୧୯ଟି ଅସ୍ଥାୟୀ ଏବଂ ପଦ୍ମପୁର ଆରଏମସି ଅଧୀନରେ ୧୮ଟି ସ୍ଥାୟୀ ଓ ୪୧ଟି ଅସ୍ଥାୟୀ ମଣ୍ଡି ରହିଛି । ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ମଣ୍ଡି ଗୁଡ଼ିକରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ସ୍ଥାୟୀ ମଣ୍ଡି ଗୁଡ଼ିକରେ ଆରଏମସି ଏବଂ ଅସ୍ଥାୟୀ ମଣ୍ଡି ଗୁଡ଼ିକରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି)କୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଚିରାଚରିତ ଢଙ୍ଗରେ ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ କେବଳ ଏଭଳି ନିର୍ଦ୍ଦେଶ ଦିଆଯାଉଛି ଏବଂ ସେହି ନିର୍ଦ୍ଦେଶ କେବଳ କାଗଜକଲମରେ ସୀମିତ ରହି ଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଭିତ୍ତିଭୂମି ଅଭାବରୁ ଗାଁ ଦାଣ୍ଡ, ରାସ୍ତା, ଧର୍ମଶାଳା କିମ୍ବା ଖୋଲା ପଡ଼ିଆରେ ମଣ୍ଡି ଚାଲିଛି । ଚାଷୀ ମଧ୍ୟ ମଣ୍ଡିକୁ ଧାନ ଆଣି ନ ପାରି ଦୀର୍ଘଦିନ ଧରି ନିଜ ଖଳାରେ ଖୋଲା ଆକାଶତଳେ ପକାଇ ରଖିବାକୁ ବାଧ୍ୟ ହେଉଛି । କେବଳ ଗୋଟିଏ କିମ୍ବା ଦୁଇଟି ମଣ୍ଡି ନୁହେଁ, ଜିଲାର ପ୍ରାୟ ସବୁ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି ଏବଂ ଏଥିପାଇଁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି ।

ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଅନେକ ମଣ୍ଡିରେ ଧାନର ଆର୍ଦ୍ରତା କିମ୍ବା ଓଜନ ମାପ ହୋଇ ପାରୁ ନାହିଁ ଏବଂ ସିଧାସଳଖ ତାହା ବିଭିନ୍ନ ମିଲ୍‌କୁ ଯାଇ ସେଠାରେ ଓଜନ ହେବା ସହିତ କାଟ୍‌ଛାଟ୍ ହେଉଛି । ସୁରକ୍ଷା ବ୍ୟବସ୍ଥା ନ ଥିବା କାରଣରୁ ବେଳେବେଳେ ମଣ୍ଡିକୁ ଆସିଥିବା ଧାନ ବିକ୍ରି ପୂର୍ବରୁ ଚୋରି ହେଉଥିବାବେଳେ ସେଥିପାଇଁ ଚାଷୀଙ୍କୁ ନିଜ କାମଧନ୍ଦା ଛାଡ଼ି ରାତ୍ରିରେ ମଣ୍ଡିରେ ଉଜାଗର ରହିବାକୁ ପଡୁଛି । ସେହିପରି ମଣ୍ଡି ଗୁଡ଼ିକରେ ଧାନ ଗଦା କରି ଢ଼ାଳିବା ପାଇଁ ବିସ୍ତୃତ ସ୍ଥାନ ନାହିଁ । ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କ ବସ୍ତା ବ୍ୟବହାର ହେଉଛି ଏବଂ ବସ୍ତା ପାଇଁ ଆସୁଥିବା ପ୍ରାପ୍ୟ ରାଶିକୁ ଚାଷୀ ପରିବର୍ତ୍ତେ ମିଲର୍ସ ଓ କେତେକ ଅସାଧୁ ଯୋଗାଣ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଭାଗବଣ୍ଟା ହେଉଥିବା ଅଭିଯୋଗ ହୋଇଛି । ପ୍ରତିବର୍ଷ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ହେଉଥିବାବେଳେ ଏପର୍ଯ୍ୟନ୍ତ ସେ ଦିଗରେ କିଛି ଠୋସ୍ ପଦକ୍ଷେପ ନିଆଯାଇ ନ ପାରିନାହିଁ ।

ଅପରପକ୍ଷେ ପ୍ୟାକ୍ସ ମାଧ୍ୟମରେ ଯୋଗାଣ ନିଗମ ଧାନ କିଣୁଛି ଏବଂ କ୍ରୟଧାନକୁ କଷ୍ଟମ ମିଲିଂ ମାଧ୍ୟମରେ ମିଲର୍ସଙ୍କୁ ପ୍ରଦାନ କରୁଛି । ସେହିପରି ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇ କ୍ରୟଧାନର ସମୁଦାୟ ମୂଲ୍ୟର ୨ପ୍ରତିଶତ ଆରଏମସି ଏବଂ ଅଢ଼େଇ ପ୍ରତିଶତ ପ୍ୟାକ୍ସ ନେଉଛି । ତଥାପି ଅବ୍ୟବସ୍ଥିତ ହୋଇ ପଡ଼ିଥିବା ମଣ୍ଡି ଗୁଡ଼ିକରେ ସୁଧାର ଆଣିବା ପାଇଁ କିଛି ପଦକ୍ଷେପ ନିଆ ନ ଯିବା ଏବଂ ମଣ୍ଡି ଗୁଡ଼ିକ ଯେଉଁ ତିମିରେକୁ ସେହି ତିମିରେ ଅବସ୍ଥାରେ ପଡ଼ି ରହିବା ବିଭାଗୀୟ ଅଧିକାରୀଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ନଭେମ୍ବର ୫ରୁ ଧାନ କିଣାବିକା ଆରମ୍ଭ ହେବ । ମଣ୍ଡି ଗୁଡ଼ିକରେ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆରଏମସି ଓ ପ୍ୟାକ୍ସକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟବର୍ଷ ଭଳି ସେମାନେ ବିହିତ ବ୍ୟବସ୍ଥା ନେବେ ଏବଂ ଧାନ କିଣାବିକା ସୁରୁଖୁରୁରେ ଚାଲିବ ।

### ଚାଷୀ ପ୍ରତିନିଧି କୁହନ୍ତି...



"ଗାଇସୀମା ଗ୍ରାମରେ ଏକ ଧର୍ମଶାଳାରେ ମଣ୍ଡି ଚାଲିଥାଏ । ଦିନବେଳା କେବଳ ଜଣେ ଆରଏମସି କର୍ମଚାରୀ ଆସିଥାନ୍ତି ଏବଂ ଚାଷୀମାନେ ହିଁ ଧାନ ଜଗିବାଠାରୁ ଆରମ୍ଭ କରି ଅନ୍ୟ ସବୁକାମ କରନ୍ତି । ଆମ ଗାଁ ନିକଟ ଖଣ୍ଡହଥା ମଣ୍ଡିରେ ତ କିଛି ଭିତ୍ତିଭୂମି ନାହିଁ । ପୁରୁଣା ଏକ ଚୂଡ଼ାମିଲ୍‌ର ଭଙ୍ଗା ଆଜବେଷ୍ଟସ ଛାତ ତଳେ ଧାନ କିଣାବିକା ଚାଲିଥାଏ ।

-ନିରଞ୍ଜନ ପ୍ରଧାନ



"କୌଣସି ମଣ୍ଡିରେ ଧାନ ସଂଗ୍ରହ ପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ। ଧାନର ଗୁଣମାନ ନିର୍ଦ୍ଧାରଣ ପାଇଁ ଯନ୍ତ୍ରପାତି ନାହିଁ । ଓଜନ ପାଇଁ ମଧ୍ୟ ଚାଷୀଙ୍କୁ ବାହାରକୁ ଯିବାକୁ ପଡୁଛି। ପାଚେରୀ, ଆଲୋକ ବ୍ୟବସ୍ଥା ନ ଥିବାରୁ ରାତିସାରା ଅନିଦ୍ରା ହୋଇ ଧାନ ଜଗିବାକୁ ପଡୁଛି । ଧାନ କିଣାବିକାର କମିଶନ ଟଙ୍କା କେତେକ ଅଧିକାରୀଙ୍କ ପକେଟକୁ ଯାଉଛି ।

-ରମେଶ ମହାପାତ୍ର



ମଣ୍ଡି ଖୋଲି ନ ଥିବାରୁ ବରଗଡ଼ ଜିଲା ଅତାବିରା ଅଞ୍ଚଳର ଖଳାରେ ଖୋଲା ଆକାଶ ତଳେ ଜଣେ ଚାଷୀଙ୍କ ଅମଳ ଧାନ ରହିଛି ।

# ଦୁଲମପୁରରେ ଜୁଗାର ଯାତ୍ରା

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଦୁଲମପୁର ଗ୍ରାମରେ ମାଁ ସମଲେଶ୍ୱରୀଙ୍କ ଦଶହରା ପୂର୍ଣ୍ଣିମା ଉତ୍ସାହ ଉଦ୍ଦୀପନା ସହିତ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜୁଗାର ଯାତ୍ରା ହୋଇଥିଲା । ସ୍ଥାନୀୟ ସହରାପଡ଼ାରୁ ଜୁଗାର ଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା । ୫ଫୁଟ୍ ଉଚ୍ଚତା ବିଶିଷ୍ଟ ଜୁଗାର ଯାତ୍ରା ଗ୍ରାମ ପରିକ୍ରମା କରିବା ସମୟରେ ଶତାଧିକ ଗ୍ରାମବାସୀଙ୍କ ଭିଡ଼ ହୋଇଥିଲା। ପୂଜକ ପ୍ରେମରାଜ ଭୁଏ ପୂଜାର୍ଚ୍ଚନା କରିଥିଲେ। ଏହି ଯାତ୍ରାରେ ଗଣେଷ ବୁଢ଼େକ, ପ୍ରସନ୍ନ ଭୁଏ, ଫଗନୁ ଷଣ୍ଢ, ବାବୁଲୁ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଗୋପାଳ ସାହୁ, ସମ୍ପାଦକ ଦିବାକର ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଜୁଗାର ଯାତ୍ରା ଗ୍ରାମ ପରିକ୍ରମା କରୁଛି ।

# ଚିକିତ୍ସା ପରେ ଘରକୁ ଫେରିଲେ ଲିଲିମା



ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାରୁ ଘରକୁ ଫେରୁଛନ୍ତି ଲିଲିମା ।

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟାଙ୍ଗରପାଲି ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଝୁମ୍ପୁଡ଼ିପଡ଼ାରେ ମାନସିକ ରୋଗରେ ଆକ୍ରାନ୍ତ ଲିଲିମା ଭରାସାଗରଙ୍କୁ ପରିବାର ଲୋକେ ଶିକୁଳିରେ ବାନ୍ଧି ରଖିଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସେ ଶିକୁଳିରୁ ମୁକ୍ତ ହୋଇ ଗତ ୧୭ତାରିଖରେ ଭୀମସାର, ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଭୀମସାର୍‌ର ଡାକ୍ତରମାନେ ଲିଲିମାଙ୍କୁ ଚିକିତ୍ସା କରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ଏକ ସପ୍ତାହର ଚିକିତ୍ସା ପରେ ଲିଲିମାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଅବସ୍ଥାକୁ ଫେରିବାରୁ ଗୁରୁବାର ଅପରାହ୍ନରେ ଭୀମସାର, ବୁର୍ଲା ଡାକ୍ତରଖାନାରୁ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଡିସଚାର୍ଜ ହେବା ପରେ ଭରସା ପରିବାରର ମୁଖ୍ୟ ନିହାଲ ସିଂ ଲିଲିମାଙ୍କ ଘରକୁ ଫେରିବା ବ୍ୟବସ୍ଥା କରିଥିଲେ । ଲିଲିମା ପରିବାର ଲୋକଙ୍କ ସହିତ ଗୁରୁବାର ସନ୍ଧ୍ୟାରେ ଘରକୁ ପହଞ୍ଚିଥିଲେ ।

ପ୍ରକାଶଥାଉକି, ଲିଲିମା ମାନସିକ ରୋଗରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ନିହାତି ଗରିବ ଶ୍ରେଣୀର ହୋଇଥିବା ଯୋଗୁ ତାଙ୍କୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିବାରେ ସକ୍ଷମ ହୋଇପାରି ନ ଥିଲେ ଏବଂ ତାଙ୍କୁ ଶିକୁଳିରେ ବାନ୍ଧି ଘରେ ରଖିଥିଲେ। ଏ ନେଇ ଗତ ୮ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଶିଁକ୍‌ଳାରେ ବନ୍ଧା ଜୀବନ ଶୀର୍ଷକ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା । ସେହି ଖବର ପଢ଼ି ଗତ ୯ତାରିଖ ସମ୍ବଲପୁରର ଏକ ସ୍ୱାସ୍ଥ୍ୟଟିମ ଏବଂ ସ୍ୱେଚ୍ଛାସେବୀମାନେ ପ୍ରଥମେ ଧରିତ୍ରୀର ଜାମଟିକ୍ରା ପ୍ରତିନିଧିଙ୍କ ପାଖକୁ ପହଞ୍ଚିଥିଲେ ଏବଂ ତାଙ୍କ ସହିତ ଯୋଗାଯୋଗ କରିବା ପରେ ଲିଲିମାଙ୍କ ଘରକୁ ଯାଇଥିଲେ। ଏହା ସହିତ ଧରିତ୍ରୀରେ ପ୍ରକାଶିତ ସେହି ଖବରର କପିକୁ ହ୍ୱାଟ୍ସଆପ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମଓ) ଡା. ବିଜୟ କୁମାର ଦୋରାଙ୍କ ପାଖକୁ ପଠାଇଥିଲେ। ଏହାପରେ ଜିଲା ପ୍ରଶାସନ ତଥା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲିଲିମାଙ୍କୁ ସହଯୋଗର ହାତ ବଢ଼ିଥିଲା । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଲିଲିମାଙ୍କ ମା' ଚନ୍ଦ୍ରକାନ୍ତୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନା(ଏନଏଫବିଏସ) ୨୦ହଜାର ଟଙ୍କା, ବିଧବା ଭତ୍ତା ବାବଦକୁ ମାସିକ ୩୦୦ ଟଙ୍କା ଏବଂ ଲିଲିମାଙ୍କୁ ଭିନ୍ନକ୍ଷମ ଭତ୍ତା ମାସିକ ୩୦୦ ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ଗତ ୧୭ତାରିଖରେ ଲିଲିମାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

# ଡ୍ରେନ ପାଇଁ ଧାରଣା

**ଭେଡ଼େନ, ୨୬।୧୦(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ଗ୍ରାମର ତଳିପଡ଼ା ରାସ୍ତାରେ ସବୁବେଳେ ଡ୍ରେନ ପାଣି ବହୁଛି । ଏହାକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଥମିବାର ନାଁ ଧରୁନାହିଁ । ଏହି ସମସ୍ୟାର ସମାଧାନ ପାଇଁ ଗୁରୁବାର ସନ୍ଧ୍ୟାରେ ଭେଡ଼େନ ରେମେଡ଼ ଛକରେ ତଳିପଡ଼ାର ବାସିନ୍ଦା ରାସ୍ତାରୋକୋ କରିଥିଲେ । ତେବେ ଅସ୍ଥାୟୀ ସମାଧାନ ପରିବର୍ତ୍ତେ ସବୁଦିନିଆ ସମାଧାନ ଦାବି କରି ଭେଡ଼େନ ତଳିପଡ଼ାର ଶତାଧିକ ଯୁବକ ଶୁକ୍ରବାର ଭେଡ଼େନ ବ୍ଲକ ଅଫିସ ଗେଟରେ ତାଲା ଦେଇ ଧାରଣାରେ ବସିଥିଲେ। ଫଳରେ ବ୍ଲକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ପଟ୍ଟନାୟକ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଅପରପକ୍ଷରେ ଗ୍ରାମର ହରିଜନ ପଡ଼ାରୁ ବାହାରିଥିବା ଏହି ଡ୍ରେନକୁ ଯଦି ବନ୍ଦ କରିଦିଆଯିବ ତେବେ ବର୍ଷା ମାସରେ ସବୁ ବର୍ଷା ପାଣି ଜମି ରହି ପଡ଼ାର ଘରଗୁଡ଼ିକ କ୍ଷତିଗ୍ରସ୍ତ ହେବ ବୋଲି ପଡ଼ାବାସୀ ଆଶଙ୍କା କରିଛନ୍ତି । ଏଣୁ ଏହି ସମସ୍ୟାର ସବୁଦିନିଆ ସମାଧାନ କରିବା ତଥା ବର୍ଷାଦିନ ଓ ଅନ୍ୟ ଦିନ ଗୁଡ଼ିକରେ ପାଣି ନିଷ୍କାସନ ବ୍ୟବସ୍ଥା ଠିକ୍ କରିବା ଦାବିନେଇ ହରିଜନ ପଡ଼ାର ଶତାଧିକ ମହିଳା ପୁରୁଷ ମଧ୍ୟ ବ୍ଲକ ଆଗରେ ଧାରଣା ଦେଇଥିଲେ । ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।



ଭେଡ଼େନ ବ୍ଲକ ଆଗରେ ତଳିପଡ଼ା ବାସିନ୍ଦା ଧାରଣା ଦେଉଛନ୍ତି ।

# ବଏଲଯାତ୍ରା ଉଦ୍‌ଯାପିତ

**ଭେଡ଼େନ, ୨୬।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶକ୍ତିପୀଠରେ ଦଶରାପୁନି ବଏଲ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଛି। ରେମଣ୍ଡାସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ବୁଧବାର ବିଳମ୍ବିତ ରାତ୍ରିରେ ଝାଙ୍କର ବରଣ, ଗୌନ୍ତିଆ ବରଣ, ଗଉର ବରଣ, ବେହେରା ବରଣ, ପାଣିଗଡ୍ଡ଼ ବରଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ସକାଳୁ ଲାଲ ମନ୍ଦାର ଫୁଲ, ସିନ୍ଦୁର ସହ ଦୁଲଦୁଲି ବାଜାର ଭରନି ପାରରେ ଭୀମା ଦେବୀଙ୍କର ବରୁଆ ମଡ଼ାଯାଇଥିଲା । ବରୁଆ ମନ୍ଦିର ପାହାଚରେ ପହଞ୍ଚିଲା ପରେ ମେହେର ସେବାକାରୀମାନେ ଗରିଆ ଗଡ୍ଡୁରେ ଗୋରସ ଢ଼ାଳି ଦେବୀଙ୍କୁ ସ୍ୱାଗତ କରିଥିଲେ। ପରେ ବରୁଆ ପ୍ରଥମେ ଗୌନ୍ତିଆ ଘରକୁ ଯିବା ପରେ ଗ୍ରାମ ପରିକ୍ରମା କରିଥିଲା। ଅପରାହ୍ନରେ ମନ୍ଦିର ପ୍ରାଙ୍ଗଣରେ ଚାଚେରି ଖେଳ ହୋଇଥିଲା। ଏଥିରେ ପ୍ରାୟ ୩୦ ବୋଦା ବଳି ଦିଆଯାଇଥିଲା । ଏହି ଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଗ୍ରାମବାସୀଙ୍କ ତରଫରୁ ଅନ୍ନଭୋଗ ପ୍ରଦାନ କରାଯାଇଥିଲା । ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଭେଡ଼େନ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ସେପରି ତାଲମେଣ୍ଡା, ସାଲନା, ଥୁଆପାଲି, ଭେଡ଼େନ, ବୁର୍ଦ୍ଧା, ରେଶମଠାରେ ଥିବା ସମଲେଇ ମନ୍ଦିରରେ ପୁନିଯାତ୍ରା ପାଳିତ ହୋଇଛି ।

# ସାଂସ୍କୃତିକ ମଞ୍ଚ ମହନୀ ଉଦ୍‌ଘାଟିତ



ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ମହନୀ ସମ୍ମାନରେ ସମ୍ମାନିତ କରାଯାଉଛି ।

**ଘେଁସ,୨୬।୧୦(ଡି.ଏନ.ଏ)**

ସୋହେଲା ବ୍ଲକ ପେଟୁପାଲି ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ ମଞ୍ଚ 'ମହନୀ' ଲୋକ ମହୋତ୍ସବ ଉଦଘାଟିତ ହୋଇଛି । ପେଟୁପାଲି ଜମିଦାର ସୁରେଶ ସିଂ ବରିହାଙ୍କ ଦ୍ୱାରା ମାଁ ସମଲେଇଙ୍କ ଠାରେ ପୂଜାର୍ଚ୍ଚନା ପରେ କମିଟି ସଦସ୍ୟଙ୍କ ଉପସ୍ଥିତିରେ ମଞ୍ଚର ଶୁଭ ଉଦଘାଟନ ହୋଇଥିଲା । ଏହି ଅବସରରେ ରାଜ ଅତିଥି ଭାବେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଯୁବନେତା ଶୁଶାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପଏଁରି ସାଂସ୍କୃତିକ କଳାପରିଷଦ ସୋନପୁର, ଭାରତୀ ନୃତ୍ୟ କଳାପରିଷଦ ମହୁଲପାଲିର ଘୁଡ୍ଡୁକା ନାଚ ପରିବେଷିତ ହୋଇଥିଲା। କଳାକାର ମାନଙ୍କ ନୃତ୍ୟଗୀତରେ 'ମହନୀ' ମଞ୍ଚ ଦୁଲୁକି ଉଠିଥିଲା । ଏହି ପରିପେକ୍ଷୀରେ ମହାରାଜା କଳାସୁର ଶ୍ରେଷ୍ଠ ବିଧାୟକ ପୁରସ୍କାର ପ୍ରାପ୍ତ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ମାନପତ୍ର ଓ ଉପଢୌକନ ଦେଇ 'ମହନୀ' ସମ୍ମାନରେ ସମ୍ମାନୀତ କରିଥିଲେ । ଦିଲୀପ ଭୋଇ ମଞ୍ଚ ପରିଚାଳନା କରିଥିଲେ ।



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### କର୍ମୀ ସମ୍ମିଳନୀରେ ବ୍ୟସ୍ତ ଆସଫ

ରେଢ଼ାଖୋଲ,୨୬।୧୦(ଡି.ଏନ.ଏ.)
ରେଢ଼ାଖୋଲ ବ୍ଲକ ବୁର୍ଡା ପଞ୍ଚାୟତର ବଡମାଳ ଠାରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ପଞ୍ଚାୟତସ୍ତରୀୟ କର୍ମିସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ କମିଟି ଜୋନ ୨ର ସଭାପତି ସୁନିଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ନେତା ଆସଫ ଅଲ୍ଲି ଖାଁ ଯୋଗ ଦେଇ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ସହ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ କମିଟି ଗଠନ କରାଯାଇଛି। ସଭାପତି ଭାବେ ଦୁଷ୍ମନ୍ତ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରମେଶ ପ୍ରଧାନ, ମନୋଜ ବିଶ୍ୱାଳ, ହେମାନନ୍ଦ ବାଦି, ବଳରାମ ପ୍ରଧାନ, ସନକ ପ୍ରଧାନ, ସୁନିଲ ବେହେରା, ଶମ୍ଭୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟିବେ ଓକିଲ

ସମ୍ବଲପୁର, ୨୬।୧୦ (ବ୍ୟୁରୋ)- ପଶ୍ଚିମ ଓଡିଶାରେ ଓଡିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ସମ୍ବଲପୁର ଜିଲା ଓକିଲ ସଂଘ ଦ୍ୱାରା ଆହୂତ ଆନ୍ଦୋଳନ ଚାଲିଛି । କିନ୍ତୁ ଓଡିଶା ସରକାର ଓ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି । କେବଳ ଚିଠି ଦିଆନିଆରେ ସୀମିତ ରହିଛି । ଓଡିଶା ହାଇକୋର୍ଟ ମଧ ତାଙ୍କର ମତ କେନ୍ଦ୍ର ଆଇନ ବିଭାଗକୁ ପଠାଇ ନାହାନ୍ତି । କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଭେଟିବା ନିମନ୍ତେ ଗତ ସେପ୍ଟେମ୍ବର ୭ ତାରିଖ ଅନୁରୋଧ ପତ୍ର ପଠାଯାଇଥିଲା। କିନ୍ତ ଆଜି ଯାଏ ମୁଖ୍ୟ ବିଚାରପତି ତାଙ୍କୁ ଭେଟିବା ନିମନ୍ତେ କୌଣସି ସମୟ ଓ ତାରିଖ ଧାର୍ଯ୍ୟ କରିନାହାନ୍ତି । ତେଣୁ ଶୁକ୍ରବାର ସମ୍ବଲପୁର ଜିଲା ଜଜ୍‌ଙ୍କ ଜରିଆରେ ପୁଣି ଏକ ଅନୁରୋଧ ପତ୍ର ପଠାଯାଇଛି । ଅପରପକ୍ଷେ ଟିଟିଲାଗଡକୁ ଜିଲା ଘୋଷଣା କରିବା ପାଇଁ ଟିଟିଲାଗଡ ଜିଲା ଓକିଲ ସଂଘ ଓ ବିଭିନ୍ନ ସଂଗଠନ ତଥା ବ୍ୟକ୍ତି ବିଶେଷ ପକ୍ଷରୁ ଦାବି ହେଉଛି। ଏହାକୁ ସମ୍ବଲପୁର ଜିଲା ଓକିଲ ସଂଘ ସମର୍ଥନ ଜଣାଇଛି । ଏ ନେଇ ପ୍ରେସ ବିବୃତ୍ତି ମାଧମରେ ସରକାରଙ୍କୁ ଦୃଢ ଦାବି କରାଯାଇଛି । ଟିଟିଲାଗଡକୁ ତୁରନ୍ତ ଜିଲା ଘୋଷଣା କରାଯାଉ ବୋଲି ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

### ରୋଗ ପୋକ ନିୟନ୍ତ୍ରଣ ଉପରେ କର୍ମଶାଳା

ସମ୍ବଲପୁର,୨୬।୧୦(ବ୍ୟୁରୋ)- ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ କୃଷିବିଭାଗ ସମ୍ମିଳନୀ କକ୍ଷରେ ଚାଷୀମାନଙ୍କୁ ନେଇ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନେଶ୍ୱର, ରେଙ୍ଗାଲି, ଧନକଉଡା ବ୍ଲକର ୨୦ ଜଣ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ କୃଷି ଉପନିର୍ଦ୍ଦେଶ ଖଗେନ୍ଦ୍ର ନାଥ ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଉପସ୍ଥିତ ଚାଷୀମାନଙ୍କୁ ରୋଗ ପୋକ ଓ ନିୟନ୍ତ୍ରଣ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ୯ ଜଣ ଡିଲର ଓ ୧୧ ଜଣ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ଦୀପକ ମିଶ୍ର ଓ ମହମ୍ମଦ ପଠାନ ତାଲିମ ପ୍ରଦାନ କରିଥିଲେ । କୃଷି ବିଭାଗର ବିଶ୍ୱଜିତ ପଣ୍ଡା ଓ ଶଭଶ୍ରୀ ପାଢୀ ସହଯୋଗ କରିଥିଲେ।

# ଦାବି ପୂରଣ ପାଇଁ ରାସ୍ତାରେ ଚାଷୀ





ବାମରା (ବାମ), ଧମା ଓ ରେଙ୍ଗାଲିରେ ଶୁକ୍ରବାର ଚାଷୀମାନେ ନିଜ ହକ୍ ହାସଲ ପାଇଁ ଏକତ୍ରିତ ହୋଇ ରାସ୍ତା ଅବରୋଧ କରି ବସି ରହିଛନ୍ତି।




ବୁର୍ଲା, (ବାମ), ରେଢାଖୋଲ (ମଝି)ରେ ଚାଷୀମାନେ ରାସ୍ତାରେ ବସିଛନ୍ତି।



ମାନେଶ୍ୱର ଛକରେ ଚାଷୀନେତାଙ୍କ ସହ ଚାଷୀ।



ପ୍ରବଳ ଖରା ଯୋଗୁ ଟ୍ରକ୍ ତଳେ ବସି ରହିଛନ୍ତି ଲୋକେ।



ସମ୍ବଲପୁରରେ ଯାତ୍ରୀ ଚାଲି ଚାଲି ଯାଉଛନ୍ତି।



ଗାଡିମୋଟର ଚାଲୁ ନ ଥିବାରୁ ପିଠିରେ ଜିନିଷ ଲଦି ସମ୍ବଲରରେ ଲୋକେ ଗନ୍ତବ୍ୟସ୍ଥଳ ଅଭିମୁଖେ।

**ଧମା,୨୬।୧୦(ଡି.ଏନ.ଏ)**

ଦାବି ପୂରଣ ପାଇଁ ଗର୍ଜି ଗର୍ଜି ସରକାର ଶୁଣୁ ନାହାନ୍ତି। ଏଣୁ ଆଉ ଧର୍ଯ୍ୟ ନାହିଁ। ଶେଷରେ ରାସ୍ତାକୁ ଉଠି ପ୍ରତିବାଦ କରିଛନ୍ତି ସମ୍ବଲପୁର ଜିଲାର ଚାଷୀ। ଜିଲା କୃଷକ ସଂଗଠନ ଏହି ଆହ୍ୱାନ ଦେଇଥିଲା। ୩ ଘଣ୍ଟା ଧରି ରାସ୍ତାରେ ଗାଡି ମୋଟର ଗଡି ପାରି ନ ଥିଲା। ଏଣୁ ଲୋକେ ହଇରାଣ ହୋଇଥିଲେ।

ଶୁକ୍ରବାର ସୋନପୁର–ସମ୍ବଲପୁର ୧୫ ନଂ ରାଜ୍ୟ ରାଜପଥର ଧମା ପୁରୁଣା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଚାଷୀ ହଲ୍ଲାପଟା କାରିଛନ୍ତି। ଧମାର ମାଁ ଝାଡେଶ୍ୱରୀ କୃଷକ ସଂଗଠନ ନେତୃତ୍ୱରେ ବରଗାଁ ଆଞ୍ଚଳିକ କୃଷକ ସଂଗଠନ, ସାହାସପୁର କୌଶଳ କୃଷକ ସଂଗଠନ ଓ ଗୁଣ୍ଡେରପୁର ଆଞ୍ଚଳିକ କୃଷକ ସଂଗଠନର ଶତାଧିକ ଚାଷୀ ଆନ୍ଦୋଳନରେ ଭାଗ ନେଇଥିଲେ। ସମସ୍ତେ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାସ୍ତା ଉପରେ ବସି ରହି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହି ଲୋକଙ୍କୁ ହଇରାଣ ହରକତ ହେବାର ଦେଖା ଯାଇଥିଲା। ଦିଲୀପ ମହାପାତ୍ର ଓ ଭକ୍ତବନ୍ଧୁ ସାହୁଙ୍କ ପରିଚାଳନାରେ ଏହି ଆନ୍ଦୋଳନରେ ସୁବ୍ରତ ପଣ୍ଡା, ରମେଶ ପଧାନ, ନିମେଇଁ ପାଣିଗ୍ରାହୀ, ବିଦ୍ୟାଧର ମେହେର, ଗୋବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ପ୍ରଦୀପ ପାତ୍ର, ସୁବ୍ରତ ପଣ୍ଡା, ଦିଲୀପ ପାତ୍ର ପ୍ରମୁଖ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। ଆଜିର ଆନ୍ଦୋଳନ ପରେ ମଧ ପ୍ରଶାସନର ଯଦି ନିଦ ନ ଭାଙ୍ଗେ ତାହା ହେଲେ ଏହା ଏକ ବହ୍ନିର ରୂପ ଧାରଣ କରି ସାରା ପଶ୍ଚିମ ଓଡିଶାରେ ବ୍ୟାପିବ, ଯାହାର ପ୍ରତିଫଳନ ୨୦୧୯ ନିର୍ବାଚନରେ ସରକାର ଦେଖିବେ ବୋଲି ଗିରିଗୋବର୍ଦ୍ଧନ ପଣ୍ଡା କହିଛନ୍ତି । ସନ୍ତୋଷ ପୁରୋହିତ, କୈଳାସ ମାଝି, ବିଜୟ ଚୌଧୁରୀ, ସୁବାସ ହୋତା, ଡମ୍ବରୁଧର ମେହେର, କୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବାମରା,(ସ୍ୱ.ପ୍ର.)**

ଗରିଆମାଲ–ବାମରା ମୁଖ୍ୟରାସ୍ତା ସଫେଇ ବ୍ରିଜଠାରେ ଶତାଧିକ ଚାଷୀ ଏକତ୍ରିତ ହୋଇ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାସ୍ତା ରୋକ କରିଥିଲେ । ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ସମିତି ସଭ୍ୟ ଦିଲୀପ ଛତ୍ରିଆ, ସରପଞ୍ଚ ରତନି ଛତ୍ରିଆ, ବାଣ୍ଟୁ କେଛୁଆ, ଚାଷୀ ନେତା ପୀତବାସ ପଟେଲ, ଗିରିଶ ନାଏକ, ମହାବୀର ଖଣ୍ଡେଲୱାଲ, ଖଥୁନାଥ ପିଙ୍ଗ, ଦେବକରଣ ଲୁହା, ସତ୍ୟବ୍ରତ ଗୌନ୍ତିଆ, ଅଭିମନ୍ୟୁ ସାହୁ, ବନମାଳି ନାଏକ, ହିରେନ ପାତ୍ର, ଲକ୍ଷ୍ମୀନାରାୟଣ ଛତ୍ରିଆ ପ୍ରମୁଖଙ୍କ ସହ ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ।

**ରେଙ୍ଗାଲି, (ଡି.ଏନ.ଏ)**

ରେଙ୍ଗାଲି ତହସିଲ ଛକରେ ସମ୍ବଲପୁର–ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଏବଂ ଜୁନାଡିହି ଛକରେ ପୁରୁଣା ରାଞ୍ଚି ରାସ୍ତାକୁ ଚାଷୀ ଅବରୋଧ କରିଥିଲେ। କତରବଗା ସମବାୟ ସମିତିର ସଭାପତି ଲକ୍ଷ୍ମଣ ବାରିକ, ହେମନ୍ତ ଦାସ, କିଶୋର ବାରିକ, ରାମଲାଲ ମୁଣ୍ଡା, ସୁରେନ୍ଦ୍ର ବେହେରା, ଆନନ୍ଦ ଭୁଏ, ଶିବ ସାହୁ, ଦୁଷ୍ମନ୍ତ ଦାସ, ସନାତନ ସାହୁ, ସନ୍ତୋଷ ନାଥ, ଘନଶ୍ୟାମ କିଷାନ, ଉଜାଗର ସାହୁ, ଦୁର୍ଗା ନାଥ, ଅନ୍ତର୍ଯ୍ୟାମୀ ପାଣି, ବିଶିକେଶନ ପଣ୍ଡା, ଯୁଗଳ କିଶୋର ଅଗ୍ରୱାଲ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

**ପଡିଆବାହାଲ,(ଡି.ଏନ.ଏ)**

କୁଲୁଣ୍ଡିଠାରେ ମାଁ ବନଦୁର୍ଗା କୃଷକ ସମିତିର ସଭ୍ୟମାନେ ରାସ୍ତା ଅବରୋଧ କରିଥିଲେ । କୁଲୁଣ୍ଡି, ମୁଣ୍ଡେନପାଲି ଓ ଖରସନମାଲ ପଞ୍ଚାୟତର ଚାଷୀ ସଂଗଠନର କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ଲକ୍ଷ୍ମୀନାରାୟଣ ନାଥ ଶର୍ମା, ସୁଶାନ୍ତ ପଧାନ, ମନୋଜ ନାୟକ, ପ୍ରସନ୍ନ ପଧାନ, ପ୍ରଫୁଲ୍ଲ ଦାସ, ଉଦ୍ଧବ ପଧାନ, କିଶୋର ବେହେରା, ଦିଲ୍ଲୀପ ବେହେରା, ବିପିନ ବିହାରୀ ଖାଖା, ରାଏଟର ଝାଙ୍କର, ରୋସନ ବେହେରା ପ୍ରମୁଖ ଚାଷୀଙ୍କ ସମସ୍ୟା ନେଇ ଉଦ୍‌ବୋଧନ ଦେଇଥିଲେ।

**ମାନେଶ୍ୱର,(ଡି.ଏନ.ଏ.)**

ମାନେଶ୍ୱର ଛକରେ ରାସ୍ତା ଅବରୋଧ କରାଯାଇଥିଲା । ମାନଧାତା ବାବା କୃଷକ ସଂଗଠନ ସଭାପତି ହରିଶଙ୍କର ପୁରୋହିତ, ସମ୍ପାଦକ ପ୍ରକାଶ ପ୍ରଦାନ, ବିଦ୍ୟାଧର ପ୍ରଧାନ, ସୁଦର୍ଶନ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଶଶିଭୂଷଣ ତ୍ରିପାଠୀ, ସମୀର ପାଢୀ, ଦୀପକ ବେହେରା, ଗୁରୁଦାଶ ବଡପଣ୍ଡା, ସୁରେଶ ପୂଜାରୀ, ରାଜୁ ବେହେରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

**ବୁର୍ଲା, (ଡି.ଏନ.ଏ.)**

ଗୋଶାଳା ଛକ ରିଲାଏନ୍ସ ପେଟ୍ରୋଲ ପମ୍ପ ଛକରେ ଚାଷୀ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଥିଲେ। ଉମେଶ ମିଶ୍ରଙ୍କ ନେତୃତ୍ୱରେ ଚାଉଁରପୁର ସମଲେଶ୍ୱରୀ ଆଞ୍ଚଳିକ କୃଷକ ସଂଗଠନ, ଗୋଶାଳା ଆଞ୍ଚଳିକ କୃଷକ ସଂଗଠନ, ଚାରପାଲି ଆଞ୍ଚଳିକ କୃଷକ ସଂଗଠନ, ଆ.କଟାପାଲି ଆଞ୍ଚଳିକ କୃଷକ ସଂଗଠନ ସାମିଲ ହୋଇଥିଲା। ଚାଷୀନେତା ଘନଶ୍ୟାମ କର, ତ୍ରିଲୋଚନ ପ୍ରଧାନ, ଅଶୋକ ନାଥ, ସୁଦୀପ ବେହେରା, ତ୍ରିବିକ୍ରମ ବେହେରା, ଲବ ବଗର୍ତ୍ତି, ଚିତ୍ତ ମହନ୍ତମ, ଆନନ୍ଦ ଛୁରିଆ ପ୍ରମୁଖ ସହଯୋଗ କରିଥିଲେ । ଚାଷୀମାନଙ୍କ ଆନ୍ଦୋଳନକୁ ଭାଜପା ସଂଗଠନ ପକ୍ଷରୁ ପୂର୍ଣ୍ଣ ସମର୍ଥନ କରାଯାଇଥିଲା। ନାଉରି ନାଏକଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧକ୍ଷା ସୁଷମା ସାହୁ, ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ, ଧୀରେନ୍ଦ୍ର ନାଗ, ମୁରଲୀ ଛୁରିଆ ପ୍ରମୁଖ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ହୀରାକୁଦ ଏସଡିପିଓ ଶିଶୁରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ଥିଲେ।

**ରେଢ଼ାଖୋଲ,(ଡି.ଏନ.ଏ.)**

ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଓ ଜିଲା କୃଷକ ସୁରକ୍ଷା ସଂଗଠନର ମିଳିତ ଆହ୍ୱାନ କ୍ରମେ ଶୁକ୍ରବାର ରେଢ଼ାଖୋଲ ଉପଖଣ୍ଡର ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଭୀମ ଭୋଇ କଲେଜ ଛକଠାରେ ୩ଘଣ୍ଟିଆ ରାସ୍ତା ଜାମ କରାଯାଇଥିଲା । ରେଢ଼ାଖୋଲର ସନ୍ଥ ଭୀମଭୋଇ କୃଷକ ସଂଘର୍ଷ ସମିତି, କିସିଣ୍ଡା ଆଞ୍ଚଳିକ କୃଷକ ସଂଗଠନ, ନାକ୍ଟିଦେଉଳ ପଞ୍ଚଖଣ୍ଡା କୃଷକ ସଂଗଠନର କର୍ମକର୍ତ୍ତା ଓ ଉପଖଣ୍ଡର ଶତାଧିକ ଚାଷୀ ୫୫ ନଂ ଜାତୀୟ ରାଜପଥର କଲେଜ ଛକଠାରେ ରାସ୍ତା ଅବରୋଧ କରିଥିଲେ। କଦଳୀଗଡ଼ ଦଧିବାମନ କୃଷକ ସଂଗଠନ କର୍ମକର୍ତ୍ତାଙ୍କ ସହ ଚାଷୀମାନେ ରେଢ଼ାଖୋଲ–ବୌଦ୍ଧ ରାସ୍ତାର ବିଶିପାଲି ଛକଠାରେ ରାସ୍ତା ଅବରୋଧ କରିଥିଲେ। ଦିନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଉଭୟ ୫୫ ନଂ ଜାତୀୟ ରାଜପଥ ଓ ରାଞ୍ଚି–ବିଜୟୱାଡା ଜାତୀୟ ରାଜପଥ ଉପରେ ଚାଷୀମାନଙ୍କ ଅବରୋଧ ଯୋଗୁ ୩ ଘଣ୍ଟା ଧରି ଗାଡି ଚଳାଚଳ ବନ୍ଦ ହୋଇଥିଲା। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହିଥିଲା। କିସିଣ୍ଡା କୃଷକ ସଂଗଠନର କାହ୍ନୁଚରଣ ମାଝି, ନାରାୟଣ ନାଏକ, ସୁଧାଂଶୁ ଶେଖର ପଣ୍ଡା, ଅଶୋକ ସାହୁ, ଭୀମଭୋଇ କୃଷକ ସଂଘର୍ଷ ସମିତିର ମହେଶ ପ୍ରଧାନ, ଆନନ୍ଦ ସାମଲ, ମମତା ପାତ୍ର, ପଞ୍ଚଖଣ୍ଡା କୃଷକ ସଂଗଠନର ବିପିନ ବିହାରୀ ପ୍ରଧାନ, ଅର୍ଜୁନ ବିଶି, ଗୀତାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ରେଢ଼ାଖୋଲ କଲେଜ ଛକଠାରେ ରାସ୍ତା ଅବରୋଧ ହୋଇଥିଲା। ଦଧିବାମନ କୃଷକ ସଂଗଠନର ସଭାପତି ବୃଷ କେତୁ ପ୍ରଧାନ, ପ୍ରଭାସ କର୍ଣ୍ଣ, ପ୍ରଦୀପ ମହାକୁଡ, ଭୁବନ ପ୍ରଧାନ, କୁକୁଡାବାହାଲି ସରପଞ୍ଚ ଗୋଲେଖ ପ୍ରଧାନ, କଦଳୀଗଡ ସମତି ସଭ୍ୟ ଧର୍ମେନ୍ଦ୍ର କହଁର, ଜିଲା ପରିଷଦ ସଭ୍ୟା ରୋଜାଲିନ ବେହେରା, ଉପମନ୍ୟୁ ବାଘ, ଭାଗୀରଥି ଗଡତ୍ୟାଙ୍କ ସମେତ ଶତାଧିକ ଚାଷୀ କଦଳୀଗଡ ବିଶିପାଲି ଛକଠାରେ ରାସ୍ତା ଅବରୋଧ କରିଥିଲେ।

### ଝାରସୁଗୁଡ଼ାରୁ ବିମାନ ଚଳାଚଳ ବନ୍ଦ

# ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବା ଜରୁରୀ

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ । ପଶ୍ଚିମ ଓଡିଶାବାସୀଙ୍କ ଆଶା ଓ ଆକାଂକ୍ଷା ବଢ଼ିଥିଲା । କିନ୍ତୁ ପରିତାପର ବିଷୟ ଯେ, ଅକ୍ଟୋବର ୭ତାରିଖରୁ ବିମାନ ଚଳାଚଳ ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ତେଣୁ ଝାରସୁଗୁଡାରୁ ନିୟମିତ ବିମାନ ଚଳାଚଳ କରିବା ଦାବି ହୋଇଛି । ଏ ନେଇ ଶୁକ୍ରବାର ବିଜୁ ଜନତା ଦଳ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କ ସଚିବ ବଭୂତିଭୂଷଣ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନ ବନ୍ଦର ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ପ୍ରଦାନ କରିଛନ୍ତି । ଉଦ୍‌ଘାଟନର କିଛି ଦିନ ଭୁବନେଶ୍ୱର, ରାଞ୍ଚି, ଝାରସୁଗୁଡା ମଧ୍ୟରେ ବିମାନ ଚଳାଚଳ ହୋଇଥିଲା। କେଉଁ ପରିସ୍ଥିତିରେ ପରବର୍ତ୍ତୀ ସମୟରେ ବନ୍ଦ ହୋଇଛିତାହା ତଦନ୍ତ ସାପେକ୍ଷ । ଅପରପକ୍ଷେ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ବେଙ୍ଗାଲୁର, ହାଇଦ୍ରାବାଦ, ଦିଲ୍ଲୀ, ଚେନ୍ନାଇ, ମୁମ୍ବାଇ, କୋଲକତା ଓ ଭୁବନେଶ୍ୱର ମଧ୍ୟରେ ବିମାନ ଚଳାଚଳ କଲେ ଅଧିକ ସଂଖ୍ୟାରେ ଯାତ୍ରୀମାନେ ଯାତାୟାତ କରିପାରିବେ । ଏହା ଦ୍ୱାରା ଅର୍ଥନୈତିକ କ୍ଷେତ୍ରରେ ମଧ ବୃଦ୍ଧି ହୋଇପାରିବ । ତେଣୁ ପ୍ରଧାନମନ୍ତ୍ରୀ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କଚେରି ଛକରୁ ନେତା ଓ କର୍ମୀମାନେ ଆରଡିସି ଅଫିସକୁ ରାଲିରେ ଆସିଥିଲେ । ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ଆର୍ତ୍ତତ୍ରାଣ ମିଶ୍ର, ସିଦ୍ଧାର୍ଥ ଦାଶ, ପ୍ରଫୁଲ୍ଲ କୁମାର ଦାଶ, ଶାନ୍ତନୁ କୁମାର ବଡପଣ୍ଡା, ରାଜଲକ୍ଷ୍ମୀ ପ୍ରଧାନ, ଅଶୋକ କୁମାର ସେନାପତି, ଡ. ସୁମିତ୍ରା ଅଗ୍ରୱାଲ, ଭବାନୀଶଙ୍କର ବାବୁ, ସୁଧାଂଶୁ ଶେଖର ମହାରଣା, ମନୋଜ ମହାପାତ୍ର ପ୍ରମୁଖ ସାମିଲ ଥିଲେ ।



ଶୁକ୍ରବାର ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ନେତା ଓ କର୍ମୀଙ୍କ ଗହଣରେ ଆରଡିସି ସଚିବ ବିଭୂତିଭୂଷଣ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

### ଗୌତମଙ୍କ ଘରେ ସରକାରୀ ବାବୁ

**ମାନେଶ୍ୱର/ଧମା, ୨୬।୧୦(ଡି.ଏନ.ଏ.)**

ଧମା ଥାନା ହୁମା ପଞ୍ଚାୟତ ପାଞ୍ଚଫୁଟ ଗ୍ରାମର ଯୁବ ଚାଷୀ ଗୌତମ ସେଠ (୩୦) କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଋଣ ବୋଝରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି। ଶୁକ୍ରବାର ପ୍ରଶାସନିକ ଅଧିକାରୀ ଗୌତମଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ତଦନ୍ତ କରିଛନ୍ତି । ଉପଜିଲାପାଳ ପ୍ରଦୀପ ସାହୁ, ଜିଲା କୃଷି ଅଧିକାରୀ ରବି ନାଏକ ଗୌତମଙ୍କ ଘର ଲୋକଙ୍କୁ ଭେଟିଥିଲେ। ଏହା ସହ ଚାଷ ଜମି ବୁଲି ଦେଖିଥିଲେ । ବିଧବା ସ୍ତ୍ରୀ ଓ ବୃଦ୍ଧ ବାପାଙ୍କୁ ଭତ୍ତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ହାତୀ ମାଡ଼ି ଦଳି ନଷ୍ଟ କଲେ ଫସଲ

**ରେଢ଼ାଖୋଲ,୨୬।୧୦(ଡି.ଏନ.ଏ.)**

ଗତ କିଛିଦିନ ହେବ ରେଢ଼ାଖୋଲ ସହର ସମେତ ଗ୍ରାମାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ହାତୀ ପଲ ଧାନ କିଆରିରେ ପଶି ଏକର ଏକର ପରିମିତ ଧାନ ଫସଲକୁ ମାଡିଦଳି ନଷ୍ଟ କରିଦେଉଛନ୍ତି। ଏଥି ଯୋଗୁ ଚାଷୀମାନଙ୍କ ମୁଣ୍ଡରେ ଭାଲେଣି ପଡିଛି। ଚାରମାଳ, ଗରଗଡବାହାଳ, ବଡମାଳ, ରେଙ୍ଗାଲି, ଲୁହାପଙ୍କ ପଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀ ପଲ ପଲ ହୋଇ ଉପଦ୍ରବ ଚଲାଇଛନ୍ତି। ଏବେ ହାତୀ ପଲ ସହର ମୁହାଁ ହୋଇଛନ୍ତି। ଗୁରୁବାର ରାତିରେ ସହରର ଡିମିରିକୁଦା ପାଖ ଗ୍ରାମ ପିଟାନାଳି, ସାମପୁର ଗ୍ରାମରେ ହାତୀ ପଲ ଉପଦ୍ରବ କରିଛନ୍ତି। ପାଚିଲା ଧାନ କିଆରି ଗୁଡିକରେ ପଶି ଧାନ ଖାଇବା ସହିତ ମାଡିଦଳି ନଷ୍ଟ କରିଦେଉଛନ୍ତି। ଫଳରେ ଚାଷୀମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଗତ ୨ ଦିନ ହେବ ସାମପୁର ଗ୍ରାମର କୀର୍ତ୍ତନ ବଗର୍ତ୍ତି, ଚେରୁ ବଗର୍ତ୍ତି, ଅନିରୁଦ୍ଧ ପ୍ରଧାନ, ପିଟାନାଳି ଗ୍ରାମର ଭାସ୍କର ବେହେରା, ଡିମିରିକୁଦା ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ, ବସନ୍ତ ପ୍ରଧାନଙ୍କ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ଜମିରେ ହାତୀ ପଲ ମାଡିଦଳି ନଷ୍ଟ କରିଦେଇଛନ୍ତି। ସେହିପରି ବଡବାହାଳ ଗ୍ରାମର ଧୋବେଇ ପ୍ରଧାନ, ପରମାନନ୍ଦ ବେହେରା, ରେଣୁ ଦେହୁରୀ ଓ ତ୍ରିବଣପୁର ପଞ୍ଚାୟତର ଅରଖକୁଦ ଗ୍ରାମର ରୁଷି ଦୀପ, ଚନ୍ଦ୍ରମଣି ଦୀପ ଓ ଅର୍ଜୁନ ପ୍ରଧାନଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଚାଷୀମାନେ ଏନେଇ ରେଢ଼ାଖୋଲ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀଙ୍କୁ ହାତୀ ପଲଦ୍ୱାରା କ୍ଷତି ହୋଇଥିବା ଧାନ ଫସଲର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ଜଣାଇଛନ୍ତି। କିଛି ବର୍ଷ ଧରି ଅନିୟମିତ ବର୍ଷା ସହ ହାତୀ ଉପଦ୍ରବ ଯୋଗୁ ଚାଷୀମାନେ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ହାତୀମାନଙ୍କ ଦ୍ୱାରା ନଷ୍ଟ ହେଉଥିବା ଫସଲର କ୍ଷତିପୂରଣ ବର୍ଷ ବର୍ଷ ଧରି ମିଳୁ ନ ଥିବା ବେଳେ ଶସ୍ୟବୀମା ମଧ୍ୟ ପାଉ ନ ଥିବା ଯୋଗୁ ଚାଷୀମାନେ ଚାଷ ଛାଡିବାକୁ ବାଧ୍ୟ ହେଉଛନ୍ତି।

## ସଂକ୍ଷେପରେ



### ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାରେ ମାନସୀ ମାରିଲେ ବାଜି

**ରେଢ଼ାଖୋଲ,୨୬।୧୦(ଡିଏନଏ)**-ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧରେ ମାନସୀ ଦେହୁରୀ ପ୍ରଥମ, କାଜଲ ଦେହୁରୀ ଦ୍ୱିତୀୟ ଓ ଖୁଲଣା ବେହେରା ତୃତୀୟ ହୋଇଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ମଧ ମାନସୀ ଦେହୁରୀ ପ୍ରଥମ, ପ୍ରିୟଙ୍କା ବିଶି ଦ୍ୱିତୀୟ ଓ ନମିତା ଆଠଜୁଆଳି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାସ ସଭାପତିତ୍ୱ କରିଥିଲେ। ୟୁନିଅନ ବ୍ୟାଙ୍କ ଶାଖା ପରିଚାଳକ ଦୀପକ ରଞ୍ଜନ ବାଘ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ବିଜୟାନନ୍ଦ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ନେତ୍ରାନନ୍ଦ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ନରେନ୍ଦ୍ର କୁମାର ଦେହୁରୀ ଧନ୍ୟବାଦ ଦେଇଥିଲେ।

### ଲୁଟ୍ ଘଟଣାରେ ହୋମଗାର୍ଡଙ୍କ ସହ ୩ ଗିରଫ

**ବାମରା, ୨୬।୧୦ (ସ୍ୱ.ପ୍ର.)**-ମହୁଲପାଲି ଥାନା ଅନ୍ତର୍ଗତ ଜରମାଲ ରୋଡରେ ଗତ ବୁଧବାର ହୋଇଥିବା ବିଭିନ୍ନ ଲୁଟ୍ ଘଟଣାରେ ପୋଲିସ ମହୁଲପାଲି ଥାନାରେ କାର୍ଯ୍ୟରତ ହୋମଗାର୍ଡଙ୍କ ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୁଧବାର କନ୍ହେଇପାଲି ଗ୍ରାମର ରାଜକୁମାର ଜୟପୁରିଆ ନିଜ ସାଙ୍ଗ ଅରୁଣ ଡାଙ୍ଗ ଓ ପିଣ୍ଟୁ ରାଜକୁଆଁଙ୍କ ସହ ଆଠଗାଁ ଛକରୁ ବଏଲ ଯାତ୍ରା ଦେଖି ଫେରୁଥିଲେ। ମହୁଲପାଲି ଥାନାରେ କାର୍ଯ୍ୟରତ ହୋମଗାର୍ଡ ପ୍ରିୟଙ୍କର ମହାରଣା (୩୨) ନିଜ ଦୁଇ ଜଣ ସାଙ୍ଗ କାପୁଟିକରାର କେଦାର କିସାନ (୨୪) ଓ ସୁମୋଦ କିସାନ (୩୦)ଙ୍କ ସହିତ ମିଶି ସେମାନଙ୍କୁ ଜରମାଲ ରାସ୍ତାରେ ଅଟକାଇ ଥିଲେ । ତାଙ୍କୁ ଥାନା ବାବୁ ଖୋଜୁଛନ୍ତି ବୋଲି ଧମକ ଦେଇ ୬ ଶହଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇଥିଲେ । ଏ ନେଇ ରାଜକୁମାର ଜୟପୁରିଆ କୁସମି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତନାଘନା ଆରମ୍ଭ କରିଥିଲା। ଶେଷର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପଚରା ଉଚରା କରିଥିଲା । ଅଭିଯୁକ୍ତମାନେ ଘଟଣା ଦିନ ଗଗନ କିସାନ, ଅମୂଲ୍ୟ ମୁଣ୍ଡା, ଯୁଧିଷ୍ଠିର ଭୁକ୍ତା ଓ ବଣ୍ଟି କାର୍ଡିୟାଙ୍କଠାରୁ ମଧ ମୋବାଇଲ ଓ ଟଙ୍କା ଲୁଟି କରିଥିବା ଜଣାପଡିଥିଲା । ପୋଲିସ ଅଭିଯୁକ୍ତଙ୍କଠାରୁ ୨୬୦୦ ଟଙ୍କା, ୬ଟି ମୋବାଇଲ ଫୋନ ଓ ଘଟଣାରେ ବ୍ୟବହୃତ ବାଇକ (ଓଡି ୨୩ ଇ- ୬୬୯୦)କୁ ଜବତ କରିଛି ।

# ଦୁର୍ଘଟଣାରୁ ବର୍ତ୍ତିଲା ଉତ୍କଳ ଏକ୍ସପ୍ରେସ

**ବାମରା, ୨୬।୧୦ (ସ୍ୱ.ପ୍ର.)**

ବାମରା ରେଳ ଷ୍ଟେଶନ ନିକଟରେ ଉତ୍କଳ ଏକ୍ସପ୍ରେସ ଟ୍ରେନ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଶୁକ୍ରବାର ଅପରାହ୍ଣରେ ହରିଦ୍ୱାର-ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଟ୍ରେନ ଧାରୁଆଡିହି ରେଳ ଷ୍ଟେଶନ ଅତିକ୍ରମ କଲା ପରେ ଡ୍ରାଇଭର ବାମରା ରେଳ ଷ୍ଟେଶନରେ ଅଟକିବା ପାଇଁ ବାମରା ଆଉଟରରେ ଲୁପ୍ ଲାଇନ ପାଇଁ ସଂକେତ (ସିଗ୍ନାଲ) ଦେଖି ଗାଡିର ବେଗ କମାଇଥିଲେ। ହେଲେ ଲୁପ୍ ଲାଇନରେ ଆଗରୁ ଏକ ମାଲବାହି ଟ୍ରେନ ଠିଆ ହୋଇଥିବା ଦେଖିବାକୁ ପାଇଥିଲେ। ଏଣୁ ହଠାତ ଟ୍ରେନର ଏମରଜେନ୍ସି ବ୍ରେକ ପ୍ରୟୋଗ କରି ଟ୍ରେନ ଅଟକାଇ ଥିଲେ । ଅନ୍ୟପକ୍ଷରେ ଟ୍ରେନ ପାଇଁ ଡାଉନ ମେନ ଲାଇନ ପ୍ରସ୍ତୁତ ଥିବା କୁହାଯାଉଛି । ଡାଉନ ମେନ ଲାଇନ ପ୍ରସ୍ତୁତ କରି ଲୁପ ଲାଇନ ପାଇଁ କିପରି ସଂକେତ ଦିଆଗଲା ବୋଲି ଟ୍ରେନ ଡ୍ରାଇଭର ବି.କେ. ଦଳାଇ ବାମରା ରେଳ ଷ୍ଟେଶନକୁ ଖବର ଦେଇଥିଲେ । ଷ୍ଟେଶନରୁ ରେଳ କର୍ମଚାରୀ ଆସି ଲାଇନକୁ କ୍ଲାମ୍ପ ଲକ୍ ଦେବା ପରେ ଟ୍ରେନ ବାମରା ରେଳ ଷ୍ଟେଶନରେ ପହଞ୍ଚିଥିଲା । ଏଥି ଯୋଗୁ ଉତ୍କଳ ଏକ୍ସପ୍ରେସ ବାମରା ୱେଷ୍ଟ କେବିନ ମୁଖ୍ୟ ଫାଟକ ପାଖରେ ପ୍ରାୟ ୨୦ ମିନିଟ ଅଟକି ରହିଥିଲା । ଘଟଣା ବିଷୟରେ କାର୍ଯ୍ୟରତ ବାମରା ଷ୍ଟେଶନ ମାଷ୍ଟର ଏସ. ସୋରେନଙ୍କୁ ପଚାରିବାରୁ ଭୁଲ୍ ସିଗନାଲ ଦିଆଯାଇ ନାହିଁ । ଡ୍ରାଇଭର ସଂକେତ ବୁଝିବାରେ ତ୍ରୁଟି ରହିଛି । ତାଙ୍କ ପକ୍ଷରୁ ଡାଉନ ମେନ ଲାଇନରେ ଟ୍ରେନ ଆଣିବା ପାଇଁ ସବୁଜ ସଂକେତ ଦିଆଯାଇଛି । ମାତ୍ର ଡ୍ରାଇଭର ଲୁପ୍ ଲାଇନ ସଂକେତ (ଦୁଇଟି ହଳଦିଆ ସଂକେତ) ବୁଝିବା ଦ୍ୱାରା ଏପରି ପରିସ୍ଥିତି ଉପୁଜିଛି ବୋଲି ନିଜ ସଫେଇରେ କହିଛନ୍ତି । ଡ୍ରାଇଭର ମଧ ଲୁପ ଲାଇନ ପାଇଁ ସଂକେତ ପାଇଥିବା ଏବଂ ଲୁପ ଲାଇନରେ ଆଗରୁ ମାଲଗାଡି ଠିଆ ହୋଇଥିବା ଯୋଗୁ ଏମେରଜେନ୍ସି ବ୍ରେକ ପ୍ରୟୋଗ କରିଥିବା ନେଇ ଏକ ଲିଖିତ ମେମୋ ଷ୍ଟେଶନ ମାଷ୍ଟରଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ ବାମରା ସଂକେତ ବିଭାଗ (ରେଳୱେ)କୁ ଯୋଗାଯୋଗ କରିବାରୁ ସଂକେତ ପ୍ରଦାନରେ କୌଣସି ଯାନ୍ତ୍ରିକ ତ୍ରୁଟି ନାହିଁ ବୋଲି ଉତ୍ତର ମିଳିଛି। ତେବେ ଏହି ଘଟଣାରେ ଦୋଷ ମୁଣ୍ଡେଇବା ପାଇଁ କୌଣସି କର୍ମଚାରୀ ପ୍ରସ୍ତୁତ ନାହାନ୍ତି । ଯଦି ସମସ୍ତେ ନିଜ ଦାୟିତ୍ୱ ଠିକ ଭାବରେ ତୁଲାଇଛନ୍ତି ତାହା ହେଲେ ଏପରି ପରିସ୍ଥିତି କାହିଁକି ସୃଷ୍ଟି ହେଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ।

### ମରୁଡ଼ି ପ୍ରଭାବିତ ଅଞ୍ଚଳ ବୁଲିଲେ ଭାଜପା କର୍ମକର୍ତ୍ତା

**ପଡିଆବାହାଲ, ୨୬।୧୦ (ଡି.ଏନ.ଏ)**

ଝୁଝୁମୁରା ବ୍ଲକ୍ ଡଙ୍ଗରପଡା ପଞ୍ଚାୟତ ସମେତ ଅଣଜଳସେଚିତ ସମସ୍ତ ପଞ୍ଚାୟତରେ ମରୁଡିର ପଦଧ୍ୱନି ଦେଖା ଦେଇଛି। ପାଣି ବିହୁନେ ଧାନ ଗଛ ପୁଆଳରେ ପରିଣତ ହେବାକୁ ବସିଲାଣି । ଉଠାଜଳସେଚନ ପ୍ରକଳ୍ପ ଅନେକ ସ୍ଥାନରେ ଅଚଳ ରହିଛି । ଏପରି ସ୍ଥିତିରେ ଭାଜପା ତରଫରୁ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ମନରଞ୍ଜନ ମାଝି, ଅରୁଣ ପଧାନ, ଅମୂଲ୍ୟ ଖମାରୀ, ଅକ୍ଷୟ ଖମାରୀ, ସଞ୍ଜୟ ଜାଲ, ଭରତ ମିର୍ଦ୍ଧା, ଘନ ସାହୁ, ତରଣୀସେନ ପଧାନ ପ୍ରମୁଖ କର୍ମୀମାନେ ଡଙ୍ଗରପଡା ପଞ୍ଚାୟତର ମରୁଡିଗ୍ରସ୍ତ ଅଞ୍ଚଳ ଗସ୍ତ କରିଛନ୍ତି।




ସମ୍ବଲପୁର ମହାନଗର ନିଗମ ଅଧୀନ ଖଣ୍ଡୁଆଳଠାରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ଉଦ୍‌ଘାଟନ କରାଯାଉଛି ।

## ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଲୋକାର୍ପିତ

### ଭିଡିଓ କନଫରେନ୍ସିଂରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନରେ ଖଣ୍ଡୁଆଳ ଗ୍ରାମ ନିକଟରେ ଶୁକ୍ରବାର ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଲୋକାର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଭୁବନେଶ୍ୱରରୁ ଏହାର ଉଦ୍‌ଘାଟନ କରିଥିଲେ । ଜିଲାପାଳ ସମର୍ଥ ବର୍ମା, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସ୍ୱେରେଜ ପ୍ଲାଣ୍ଟ ପ୍ରକଳ୍ପ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ଦାଶ, ବିକାଶ ବେନ, ଗୋପିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପ୍ଲାଣ୍ଟ ଲାଗି କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାରେ ୧ କୋଟି ୯୧ ଲକ୍ଷ ୫୫ ହଜାର ଟଙ୍କା ବ୍ୟୟ କରାଯାଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଏହି କାମ କରାଯାଇଛି । ମଇଳା ଓ ପାଣିକୁ ଅଲଗା କରାଯିବ। ପାଣିକୁ ଗଛରେ ଦିଆଯିବ। ସେହିଭଳି ମଇଳାକୁ ଖତ ଭାବେ ଗଛରେ ବ୍ୟବହାର କରାଯିବ। ଏହି ପ୍ଲାଣ୍ଟରେ ପ୍ରତିଦିନ ୨୦ ହଜାର ଲିଟର ମଇଳାକୁ ବିଶୋଧନ କରିପାରିବାର କ୍ଷମତା ରହିଛି ।

### କଫସିରପ ସହ ନିଶା ବଟିକା ଜବତ, ୫ ଗିରଫ

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ କଫସିରପ କାରବାର କରୁଥିବା ଏକ ଦଳକୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅଇଁଠାପାଲି ଥାନା ଆଦର୍ଶମାର୍ଗର ତ୍ରିଲୋଚନ ସାହୁ, ଶାନ୍ତିନଗର ସ୍ୱରୁପ କୁମାର ପାଢୀ (୨୫), ଟାଉନଥାନା ରାମଜିମନ୍ଦିର ପଡାର ଅକାଶ ଗୁପ୍ତା (୨୬), ଆମ୍ବେଡ଼କର ନଗରର ହେମନ୍ତ କୁମାର ବେସନ(୩୨), ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ରବୀନ୍ଦ୍ର ଅଗ୍ରୱାଲ (୪୮)। ଏମାନଙ୍କ ନିକଟରୁ ୪୬ ଷ୍ଟ୍ରିପ ନିଶା ବଟିକା, ୫ ବୋତଲ କଫସିରପ ସହ କଫସିରପ ତିଆରି ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତମାନେ ନିଶା ବଟିକା, ସ୍ପିରିଟ ଓ ଅନ୍ୟାନ ସାମଗ୍ରୀ ମିଶାଇ କଫସିରପ ତିଆରି କରୁଥିଲେ ବୋଲି ମାନିଛନ୍ତି। ଶୁକ୍ରବାର ଅଇଁଠାପାଲି ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା କହିଛନ୍ତି । ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ ଏଥିରେ ଉପସ୍ଥିତ ଥିଲେ।

## ପଣ୍ଡଲୋଇ ଗାଁର ପାରିପାର୍ଶ୍ୱିକ ଉନ୍ନତି ପାଇଁ ବୈଠକ

**ରେଙ୍ଗାଲି, ୨୬।୧୦ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ପଣ୍ଡଲୋଇ ଗ୍ରାମରେ ଜନପ୍ରତିନିଧି, ଗ୍ରାମବାସୀ ଏବଂ ଶ୍ୟାମ ମେଟାଲିକ୍ସ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡଲୋଇ ନାଗବାଚା ମନ୍ଦିର ପ୍ରାଙ୍ଗଣରେ ଗାଁର ପାରିପାର୍ଶିକ ଉନ୍ନତି ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ୟାମ ମେଟାଲିକ୍ସ କାରଖାନା ଦ୍ୱାରା ପ୍ରଭାବିତ ପଣ୍ଡଲୋଇ ଗ୍ରାମର ପାରିପାର୍ଶିକ ଉନ୍ନତି ଯଥା ସ୍କୁଲରେ ପିଇବା ପାଣିର ସୁବିଧା, ଗାଁର ଅସମ୍ପୂର୍ଣ୍ଣ ଶିବ ମନ୍ଦିର ନିର୍ମାଣ କାମ, ବୁଢ଼ାରଜା ମନ୍ଦିର ନିର୍ମାଣ, ଗାଁରେ ଷ୍ଟ୍ରିଟ ଲାଇଟ ଲଗାଇବା, ପିଇବା ପାଣି ପାଇଁ ଟାଙ୍କିର ବ୍ୟବସ୍ଥା କରିବା ଇତ୍ୟାଦି ପାଇଁ ଗ୍ରାମବାସୀ ଦାବି କରିଥିଲେ । ଏହି ବୈଠକରେ ରେଙ୍ଗାଲି ଜୋନ-୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ନିଶାନଭଙ୍ଗା ସରପଞ୍ଚ ତିଲୋତ୍ତମା ବିଶ୍ୱାଳ ଏବଂ କାରଖାନା ପକ୍ଷରୁ ମନୋଜ ପଣ୍ଡା, ଆର.କେ. ସିଂ, ଶରତ ନାଏକ, ସଞ୍ଜୟ ସିଂ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଶ୍ୟାମ ମେଟାଲିକ୍ସ କାରଖାନା ଦ୍ୱାରା ହେଉଥିବା ପ୍ରଦୂଷଣ ତୁରନ୍ତ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ ।

## ମରଡି ଥଏ: ଖେତେ ଗାଈଗୋରୁ ଛାଡ଼୍‌ଲେ ଚାଷୀ

**ପଡିଆବାହାଲ, ୨୬।୧୦ (ଡି.ଏନ.ଏ)**

ଚଲ୍‌ତି ବଛର ପହେଲାରୁ ଭଲ ବର୍ଷା ହେଇଥିଲା, ସେ ହିସାବେ ଚାଷ୍‌ବାସ ଆଏଁଖ୍ ଦୁର୍‌ଶିଆ ହେଇଥିଲା। ଚକଡା ଆର୍ ଉନିଆ ପୋକଯୋକ୍ ଲାଗିଥିଲେ ବି ଚାଷୀ ପର୍‌ତିକାର ବେବସ୍‌ତା କରିଥିଲା। ହେଲେ ଧାନଗଛ୍ ଫୁଲ୍ ଧରି କ୍ଷୀର ଖାଏଲା ଅବସ୍‌ତାକେ ଆଏଲା ବେଳେ ବର୍ଷା ପୂରା ଛାଡିଦେଲା। ଯେନ୍‌ଥିରଲାଗି ଫସଲ ଉଜ୍‌ଡି ଯିବାର ଅବସ୍‌ତାକେ ଆଏଲାନ। ପାଏନ୍ ଅଭାବୁ ଖେତ୍‌ମାନ୍ ଶୁଖା ପଡ଼ିଛେ। ଯେନ୍‌ଠାନେ ପାଏନ୍ ବଲାବାର ସୁବିଧା ଅଛେ ଚାଷୀ ପମ୍ପ ଲଗେଇ ଫସଲ ବଁଚାବାରେ ଲାଗିଛେ। ହେଲେ ଚାଷୀ ଚାଷ୍‌ରେ ଯେତ୍‌କି ଖରଚ୍ କରିଛେ ସେତ୍‌କି ଫିରିପାଏବା କି ନାଇଁ ସଁଧେ ଆଏ। ମାଲ୍ ବେର୍‌ନା ଜମିରେ ପାଏନ୍ ସୁବିଧା ନାଇଁଥିବାର ଲାଗି ଧାନ୍‌ଗଛ ଜଳି ଗଲାନ। ଏନ୍‌ତା କି ଖରସଗୋଲ ପଁନ୍‌ଚେତର ଧୂଳିଆପାଲ ଅଂଚଲରେ ଖେତ୍‌ମାନ୍‌କୁ ଗାଇଗୋରୁ ଛାଡିଦେଲେନ। ସେନ୍‌ତା ହଳଦୀବାହାଲି ଅଂଚଲରେ ବାରବାର ପମ୍ପରେ ପାଏନ୍ ବଲେଇ ଥକି ଗଲେନ। ହେଲେ ଏହେଦେ ସେଠାନେ ବି ପାଏନ୍‌ର ସଁକଟ୍ ଦେଖାଦେଲାନ, ଫସଲ ମରବାର ଉପ୍‌ରେ ଅଛେ। ସେନ୍‌ତା ଇ ପଁନ୍‌ଚେତର ତୁରକୁଆଁ, ପାଥମୁଣ୍ଡା, କାଣିପନ୍ଦରି, କୁମକାପାଲି, ଭୁବରାପାଲ ଅଂଚଲରେ ଧାନ ଜମିସବୁ ଫାଟି ଆଁ କଲାନ। ପାଏନ୍ ବଲାବାର ସୁବିଧା ନାଇଥିବାର ଲାଗି ଧାନ୍ ଫୁଲ୍ ଫୁଟ୍‌ଲା ଅବସ୍‌ତାରେ ଧାନ୍ ଗଛ୍ ଶୁଖି ପୁଆଲ ହେବାର ଅବସ୍‌ତାକେ ଆଏଲାନ। ଭଲ ଫସଲ ଆଶ୍ କରୁଥିବାର ଅଂଚଲର ଚାଷୀ ଏହେଦେ ମୁଡେ ହାତ୍ ଦେଇ ବସିଛନ୍।



ଶୁକ୍ରବାର ସମ୍ବଲପୁରରେ ଭିଏଲସିସି ଅନୁଷ୍ଠାନକୁ ଅତିଥିମାନେ ଫିତା କାଟି ଶୁଭାରମ୍ଭ କରୁଛନ୍ତି ।

### ଭିଏଲ୍‌ସିସି ଇନଷ୍ଟିଚ୍ୟୁଟ ଉଦ୍‌ଘାଟିତ

**ସମ୍ବଲପୁର,୨୬।୧୦ (ବ୍ୟୁରୋ)**

ଅଇଁଠାପାଲି ବିର୍ସା ମୁଣ୍ଡା ଛକ ନିକଟରେ ଶୁକ୍ରବାର ଭିଏଲସିସି ଇନଷ୍ଟିଚ୍ୟୁଟ ଉଦଘାଟିତ ହୋଇଯାଇଛି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଓ ବେଦାନ୍ତ କମ୍ପାନୀର ଜନସମ୍ପର୍କ ଅଧିକାରୀ ସଞ୍ଜୀବ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅନୁରାଧା ମହାନ୍ତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶାନ୍ତନୁ ମହାନ୍ତି, ଶୈଳେନ୍ଦ୍ର ପାତ୍ର, ଅନିନ୍ଦିତା ଦାଶ, ରଶ୍ମିରେଖା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଭିଏଲସିସି ଇନଷ୍ଟିଚ୍ୟୁଟରେ ୨ ମାସରୁ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ନିୟୁଟ୍ରିସେନ୍ ଓ ବ୍ୟୁଟି ପ୍ରଶିକ୍ଷଣ ପ୍ରଦାନ କରାଯିବ । ୧୫ଜଣ ପ୍ରଶିକ୍ଷାର୍ଥୀ ନାମ ଲେଖାଇଛନ୍ତି।

## ପଦଯାତ୍ରା, ଜନସମ୍ପର୍କ ଅଭିଯାନରେ ଘରକୁ ଘର ବୁଲିଲେ ବିଜେଡି ନେତା,କର୍ମୀ

**କୁଚିଣ୍ଡା, ୨୬।୧୦ (ଡି.ଏନ.ଏ)**

ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ବିଜେଡିର ପଦଯାତ୍ରା ଏବଂ ଜନସମ୍ପର୍କ ଅଭିଯାନ ଏକ ମାସ ଧରି ଚାଲିବ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର କୁଚିଣ୍ଡା ବ୍ଲକ ବିଜେଡି ପକ୍ଷରୁ ବାଉରୀଗୋଡା ଏବଂ ଅର୍ଡାବାହାଲ ଗ୍ରାମ ପଞ୍ଚାୟତରେ ପଦଯାତ୍ରା କରାଯାଇଛି। ବାଉରୀଗୋଡାର ଶିବନାରାୟଣ ପଟେଲ ସଭାପତିତ୍ୱ କରିଥିଲେ। ବ୍ଲକ ବିଜେଡି ସଭାପତି ଅମୂଲ୍ୟ ମିଶ୍ର, ବରିଷ୍ଠ ନେତା ଭୁବନେଶ୍ୱର କିଷାନ, ମନିଷ ତିୱାରୀ, ପ୍ରସନ୍ନ ନାୟକ, ସମିତି ସଭ୍ୟା ଜୟକାନ୍ତି ପ୍ରଧାନ, ରଞ୍ଜିତ ମାଝି, ପର୍ଯ୍ୟବେକ୍ଷକ ବାବୁଲୁ ନାୟକ, ଜଗଦୀଶ ବାଗ, ନରହରି ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅର୍ଡାବାହାଲରେ ମନୋଜ ପଟେଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବରିଷ୍ଠ ନେତା ଭୁବନେଶ୍ୱର କିଷାନ, ପର୍ଯ୍ୟବେକ୍ଷକ ବାବୁଲୁ ନାୟକ, ବରିଷ୍ଠ ନେତା ଦୀନବନ୍ଧୁ ଅଗ୍ରୱାଲ ନେତୃତ୍ୱ ନେଇଥିଲେ। କର୍ମୀମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ଘରକୁ ଘର ବୁଲି ଜନସାଧାରଣଙ୍କୁ ନବୀନ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବାବଦରେ ବୁଝାଇଥିଲେ ।

## ଭିନ୍ନକ୍ଷମ ଅଧିକାର ନିୟମ କର୍ମଶାଳା

**ସମ୍ବଲପୁର, ୨୬।୧୦ (ବ୍ୟୁରୋ)**

ଭିନ୍ନକ୍ଷମ ଅଧିକାର ନିୟମ-୨୦୧୮ ଓ ସକ୍ରିୟ ଅଂଶଗ୍ରହଣ ସମ୍ପର୍କିତ ଆଞ୍ଚଳିକ କର୍ମଶାଳା ଶୁକ୍ରବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ଶତପଥିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି, ବିଭାଗୀୟ ଉପସଚିବ ଅମ୍ବିକା ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ରାମକୁମାର ଶର୍ମା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ସର୍ବଶିକ୍ଷା ଅଭିଯାନ ଜିଲା ସଂଯୋଜିକା କଳ୍ପନା ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା ସମ୍ମାନତୀ ଅତିଥି ଭାବେ ଯୋଗଦେଇଥିଲେ । ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି, ଡିଏସଡବ୍ଲୁଓ ଗୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।




ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

## ଫଟୋରେ ଖବର



ଶୁକ୍ରବାର ସମ୍ବଲପୁର ବୁଢ଼ାରଜା ନୋଡାଲ ହାଇସ୍କୁଲ ପରିସରରେ ଆୟୋଜିତ ଧନକଉଡା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ ।



ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସୁଇମିଂ ଦଳ ବାଙ୍ଗାଲୋରରେ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ସୁଇମିଂରେ ଭାଗନେବାକୁ ବାହାରିଛନ୍ତି ।



ଜମନକିରା କଲେଜରେ ଆଞ୍ଚଳିକ ଶିଳ୍ପକେନ୍ଦ୍ର ଦ୍ୱାରା ଆୟୋଜିତ ଉଦ୍ୟୋଗୀ ବିକାଶ ତାଲିମରେ ଅତିଥିଙ୍କଠାରୁ ପ୍ରଶିକ୍ଷାର୍ଥୀ ସାର୍ଟିଫିକେଟ ଗ୍ରହଣ କରୁଛନ୍ତି ।



ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ 'ସାଂପ୍ରତିକ ସାମାଜିକ ଓ ରାଜନୈତିକ ପରିସ୍ଥିତି' ଶୀର୍ଷକ ବକ୍ତୃତାମାଳାରେ ପ୍ରଫେସର ଦିଲୀପ କୁମାର ପଣ୍ଡା ବକ୍ତବ୍ୟ ଦେଉଛନ୍ତି ।



ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍ସନ



## ସଂକ୍ଷେପରେ

### ରୋନାଲ୍ଡୋଙ୍କୁ ଅତିକ୍ରମ କଲେ ସଲାହ

**ଲଣ୍ଡନ,୨୬।୧୦-** ୟୁଫା ଚାମ୍ପିୟନ୍ସ ଲିଗ୍‌ର ସର୍ବାଧିକ ଗୋଲ ସ୍କୋରରଙ୍କ ତାଲିକାରେ ରୋନାଲ୍ଡୋଙ୍କ ନାମରେ ପରିଚିତ ବ୍ରାଜିଲିଆନ ଲିଜେଣ୍ଡ ଖେଳାଳି ରୋନାଲ୍ଡୋ ଲୁଇସ ନାଜାରିଓ ଡେ ଲିମାଙ୍କୁ ଲିଭରପୁଲ ଓ ଇଜିପ୍ଟ ଷ୍ଟ୍ରାଇକର ମହମ୍ମଦ ସଲାହ ଅତିକ୍ରମ କରିଛନ୍ତି। ରେଡ୍ ଷ୍ଟାର ବେଲଗ୍ରେଡ ବିପକ୍ଷ ମ୍ୟାଚ୍‌କୁ ଲିଭରପୁଲ ଦଳ ୪-୦ ଗୋଲରେ ଜିତି ନେଇଥିଲା। ମ୍ୟାଚ୍‌ରେ ସଲାହ ବିଜୟୀ ଦଳ ଲାଗି ଡବଲ ଗୋଲ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରିମିୟର ଲିଗ୍‌ର ଗୋଲ୍ଡେନ ବୁଟ୍ ବିଜେତା ସଲାହଙ୍କ ୟୁଫା ଚାମ୍ପିୟନ୍ସ ଲିଗ୍ ଗୋଲ ସଂଖ୍ୟା ୧୫ରେ ପହଞ୍ଚିଛି। ରିୟଲ ମାଡ୍ରିଡ୍‌ର ପୂର୍ବତନ ଷ୍ଟ୍ରାଇକର ରୋନାଲ୍ଡୋ ମୋଟ ୧୪ ଗୋଲ ଦେଇଥିଲେ। ଏହି ତାଲିକାରେ ପର୍ତ୍ତୁଗାଲ ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଶୀର୍ଷରେ ରହିଛନ୍ତି। ସେ ସର୍ବାଧିକ ୧୨୦ ଗୋଲ ସ୍କୋର କରିଛନ୍ତି। ତାଙ୍କ ପଛକୁ ଆର୍ଜେଣ୍ଟିନା ଷ୍ଟାର ଲିଓନେଲ ମେସି ୧୦୫ ଗୋଲ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ଘନିଷ୍ଠ ହେଉଛନ୍ତି ଚାଇନା-ଜାପାନ

**ବେଜିଂ,୨୬।୧୦ (ପି.ଟି.)**



- ବେଜିଂର ବିଆର୍‌ଆଇ ପ୍ରକଳ୍ପକୁ ଟୋକିଓର ସମର୍ଥନ
- ତିକ୍ତତାର ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ: ଜିନ୍‌ପିଙ୍ଗ୍
- ଟ୍ରମ୍ପଙ୍କ ଯୋଗୁ ସମ୍ଭବ ହୋଇଛି ଏହି ବନ୍ଧୁତା

ଏସିଆରେ ପରସ୍ପର ବିରୋଧୀ ଭାବେ ଜଣାଶୁଣା ଚାଇନା ଏବଂ ଜାପାନ। ଅହି ନକୁଳ ସମ୍ପର୍କ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ଏହି ଦୁଇରାଷ୍ଟ୍ର ଏବେ ଇତିହାସକୁ ବଦଳାଇଦେଇଛନ୍ତି। ଉଭୟ ପକ୍ଷ ବନ୍ଧୁତାର ହାତ ବଢ଼ାଇ ଆରମ୍ଭ କରିଛନ୍ତି ଏକ ନୂଆ ସମ୍ପର୍କ। ବାଣିଜ୍ୟ ସମେତ ବିଭିନ୍ନ ପ୍ରସଙ୍ଗରେ ସହଯୋଗର ହାତ ବଢ଼ାଇବାକୁ ଚାଇନା ଏବଂ ଜାପାନ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୋଗୁ ଏହି ଅସମ୍ଭବ ସମ୍ଭବ ହୋଇପାରିଛି। ଟ୍ରମ୍ପ୍ ପ୍ରଶାସନ ବାଣିଜ୍ୟିକ ଚାପ ପକାଇବା ଯୋଗୁ ଏହି ଦୁଇ ଶତ୍ରୁରାଷ୍ଟ୍ର ମଧ୍ୟରେ ବନ୍ଧୁତା ଗଢ଼ିଉଠିଥିବା କୁହାଯାଉଛି। ବେଜିଂର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ (ବିଆର୍‌ଇ) ପ୍ରକଳ୍ପକୁ ଟୋକିଓ ସମର୍ଥନ ଜଣାଇଛି।

ପୂର୍ବ ଚାଇନା ସାଗରରେ ଦ୍ୱୀପଗୁଡ଼ିକୁ ନେଇ ହେଉ ଅବା ଅନ୍ୟ ପ୍ରସଙ୍ଗରେ ଚାଇନା ଓ ଜାପାନ ମଧ୍ୟରେ ଚାଲେ କାଦୁଅଫିଙ୍ଗା। କିନ୍ତୁ ଇତିହାସ ପୃଷ୍ଠାକୁ ଲେଉଟାଇ ଏମାନେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ତିନିଦିନିଆ ଚାଇନା ଗସ୍ତରେ ଯିବା ପରେ ବନ୍ଧୁତାର ମୂଳଦୁଆ ପଡ଼ିଛି। ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍‌ଙ୍କୁ ଶୁକ୍ରବାର ସାକ୍ଷାତ କରିବା ପରେ ସେ ସେହି ଦେଶର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିଛନ୍ତି। ଦୁଇଦେଶ ମଧ୍ୟରେ ତିକ୍ତତାର ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ ବୋଲି ଉଭୟ ନେତା ମତବ୍ୟକ୍ତ କରିଛନ୍ତି। ବୈଠକ ପରେ ଜିନ୍‌ପିଙ୍ଗ୍ କହିଛନ୍ତି ଯେ, ଅନ୍ତର୍ଜାତୀୟ ସ୍ତରରେ ସ୍ଥିତି ବଦଳିଯାଇଛି। ଚାଇନା ଏବଂ ଜାପାନ ପରସ୍ପର ପ୍ରତି ନିର୍ଭରଶୀଳ ହେବାରେ ଲାଗିଲେଣି। ବହୁପାକ୍ଷିକ ପ୍ରସଙ୍ଗ ଉପରେ ମଧ୍ୟ ଚାଇନା ଚିନ୍ତାଶୀଳ ଅଛି। ବିଶ୍ୱ ଦ୍ରୁତଗତିରେ ବଦଳିବାକୁ ଲାଗିଥିବାବେଳେ ଚାଇନା-ଜାପାନ ସମ୍ପର୍କର ଗଭୀରତା ବୃଦ୍ଧିହେବାରେ ଲାଗିଛି ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ଆବେ ମଧ୍ୟ ଚାଇନା ରାଷ୍ଟ୍ରପତିଙ୍କ ସହ ସ୍ୱର ମିଳାଇଛନ୍ତି। ସେ କହିଛନ୍ତି, ଦୁଇଦେଶର ସମ୍ପର୍କକୁ ଏକ ଶିଖରକୁ ନେବା ତାଙ୍କ ଗସ୍ତର ମୂଳ ଲକ୍ଷ୍ୟ। ବାଣିଜ୍ୟିକ ସମ୍ପର୍କକୁ ଆଗେଇନେବା ସହ ବିଶ୍ୱରେ ଶାନ୍ତି ଓ ସ୍ଥିରତା ଆଣିବା ଲାଗି ମିଳିତ ଭାବେ ଚାଇନା ସହ କାର୍ଯ୍ୟ କରିବାକୁ ଚାହୁଁଥିବା ଆବେ କହିଛନ୍ତି। ୭ ବର୍ଷ ମଧ୍ୟରେ ପ୍ରଥମ କରି ଜାପାନର ଶାସନ ମୁଖ୍ୟ ଭାବେ ଆବେ ଚାଇନାରେ ପାଦ ଥାପିବା ଆଲୋଚ୍ୟର ବିଷୟ ପାଲଟିଛି।

ସେହିପରି ଚାଇନା ପ୍ରଧାନମନ୍ତ୍ରୀ ଲି କହିଛନ୍ତି ଯେ, ଦୁଇଦେଶ ପରସ୍ପରର ପରିସ୍ଥିତିକୁ ବୁଝିବା ନିହାତି ଜରୁରୀ। ବୁଝାମଣା ଭିତ୍ତିରେ ରଣନୀତି ପ୍ରସ୍ତୁତ କଲେ ଅସୁବିଧା ନାହିଁ। ଚଳିତବର୍ଷ ମେ'ରେ ଲି ଜାପାନ ଗସ୍ତ କରିଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ବିବାଦର ପ୍ରାଚୀର ଭାଙ୍ଗିଯାଇଥିଲା। ବିଶେଷଜ୍ଞଙ୍କ ମତରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଚାଇନା ଉପରେ ଚାପ ପକାଇବା ସହ ବାଣିଜ୍ୟିକ କଟକଣା ଲଗାଇବା ପରେ ଟୋକିଓ ଏବଂ ବେଜିଂ ନିକଟତର ହୋଇଛନ୍ତି।

# ରୋଗୀ କଲ୍ୟାଣ ସମିତି, ଗୋଷ୍ଠୀ ସ୍ୱାସ୍ଥ୍ୟ ସମିତିର ସମୀକ୍ଷା ବୈଠକ

**ରିଆମାଳ, ୨୬।୧୦ (ଡି.ଏନ.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟସଭା ଗୃହରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ସମିତିର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଆଶୁତୋଷ ଦାଶ ଉପସ୍ଥାପନା ଓ ସଂଯୋଜନା କରିଥିଲେ। ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳି ହାତୀ, ଜିଲା ପରିଷଦ ସଭ୍ୟା(୧) କନକ ପ୍ରଧାନ, ଜିଲା ପରିଷଦ ସଭ୍ୟା (୨) ନିଶାନୀ ବେହେରା, ଏମ୍‌ପିଙ୍କ ପ୍ରତିନିଧି ତପନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ତାବଡ଼ା ସରପଞ୍ଚ ପାଣ୍ଡିଆ ଭୋଇ, ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ନମିତା ରାଉତ, ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ। ତ୍ରୈମାସିକ ଗୋଷ୍ଠୀସ୍ତରୀୟ ଗାଁ କଲ୍ୟାଣ ସମିତିସଭ୍ୟ, ତ୍ରୈମାସିକ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ସମୀକ୍ଷା ଓ ବାର୍ଷିକ ବ୍ୟୟ ଅଟକଳ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଥିବାରୁ ନାଉଲିପଡ଼ା ସରପଞ୍ଚ ଅମରବଲ୍ଲଭ ପ୍ରଧାନ ବିଧାୟକ ଓ ବ୍ଲକ ଅଧ୍ୟକ୍ଷାଙ୍କ ନିକଟରେ ଏହି ତଥ୍ୟ ଉପସ୍ଥାପନ କରିଥିଲେ। ଏ ବାବଦରେ ବିଧାନସଭାରେ ପ୍ରଶ୍ନ କରିବି ବୋଲି ବିଧାୟକ ଉତ୍ତର ରଖିଥିଲେ। ଅପରପକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାସ୍ତା, କର୍ମଚାରୀମାନଙ୍କ ପାଇଁ ବାସଗୃହର ଅଭାବ ଯୋଗୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶାସନ ନିକଟରୁ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲା। ଗୋଷ୍ଠୀ ବିତ୍ତ ପରିଚାଳକ ଅଜିତ କୁମାର ଠାକୁର, ଗୋଷ୍ଠୀ ତଥ୍ୟ ପରିଚାଳକ ଜିତେନ୍ଦ୍ରିୟ ସାହୁ, ଭେକ୍ଟର ବାହିତ ବୈଷୟିକ ନୀରିକ୍ଷକ ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



ଅତିଥିଙ୍କ ଦ୍ୱାରା ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ବ୍ଲକସ୍ତରୀୟ ମହୋତ୍ସବ ସୁରଭି-୨୦୧୮

**ରିଆମାଳ, ୨୬।୧୦ (ଡି.ଏନ.ଏ.)**

ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ବ୍ଲକସ୍ତରୀୟ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥିମାନେ ଶ୍ରୀଗଣେଶଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ରିଆମାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ତରଣୀସେନ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ପ୍ରଫୁଲ୍ଲ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ଓ ଶୃଙ୍ଖଳା ଉପରେ ଆଲୋକପାତ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳି ହାତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାର ଅଗ୍ରଗତି ହୋଇଥାଏ ବୋଲି କହିଥିଲେ । ଏଥି ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ କୈଳାସ ପ୍ରସାଦ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପ୍ରଧାନ, ସ୍ଥାନୀୟ ସମିତିସଭ୍ୟ ଗାନ୍ଧୀ ଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗୁଣ୍ଡିଆପାଲି ସହକାରୀ ଶିକ୍ଷକ ବିପିନବିହାରୀ ପୃଷ୍ଟି ଉଭୟ ମଞ୍ଚରେ ସଂଯୋଜନା କରିଥିଲେ। ସିନିୟର ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ଯାଜ୍ଞସେନୀ ସାହୁ, ସୃଜନମୂଳକ ଲିଖନରେ ଲିଲି ଦେହୁରୀ, ରଚନାରେ ଯାଜ୍ଞସେନୀ ସାହୁ, ବକ୍ତୃତାରେ ପ୍ରିୟଦର୍ଶିନୀ ଗଡ଼ନାୟକ, ଗୀତରେ ପିନୁ ପ୍ରଧାନ, ତର୍କସଭାରେ ସୁଶ୍ରୀ ଶକ୍ତିରୂପା ଗଡ଼ନାୟକ, କୁଇଜରେ ସାଇରାମ ସ୍ୱାଇଁ, ଚିତ୍ରାଙ୍କନରେ ଶ୍ରୀତମ ସାହୁ, ସାଂସ୍କୃତିକ କାର୍ଯ୍ୟକ୍ରମରେ ରିଆମାଳ କସ୍ତୁରବା ବାଳିକା ବିଦ୍ୟାଳୟ ପ୍ରଥମ ସ୍ଥାନ କରିଥିଲେ । ଜୁନିୟର ଚିତ୍ରାଙ୍କନ ପ୍ରତିଯୋଗିତରେ ହମିତ କୁମାର ବେହେରା, ବକ୍ତୃତାରେ ସୁଜାତା ରାଉତ, କୁଇଜରେ ଖୁସି ପ୍ରିୟଦର୍ଶିନୀ ପ୍ରଧାନ, ଶ୍ରୁତଲିଖନ ସୁଚିତ୍ରା ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏଥିରେ ୧୭ଟି କ୍ଲଷ୍ଟରର ଛାତ୍ରୀଛାତ୍ର ଭାଗ ନେଇଥିଲେ। କ୍ଲର୍କ ପ୍ରଶାନ୍ତ କୁମାର ପ୍ରଧାନ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ ପ୍ରଧାନ, ଦେବେନ୍ଦ୍ର ସାହୁ, କୁମରମଣି ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।




ବ୍ଲକସ୍ତରୀୟ ସୁରଭି ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ପୁରୁଣାଗଡ଼ ଗଜଲକ୍ଷ୍ମୀ ପୂଜାରେ ନୃତ୍ୟ ପ୍ରତିଯୋଗିତା

**ଦେବଗଡ଼,୨୬।୧୦(ସ୍ୱ.ପ୍ର.)**

ମା' ଗଜଲକ୍ଷ୍ମୀ ପୂଜା ଅବସରରେ ସ୍ଥାନୀୟ ପୌରାଞ୍ଚଳ ଅଧୀନ ପୁରୁଣାଗଡ଼ ଚଷାସାହିର ମହାଲକ୍ଷ୍ମୀ କ୍ଲବ ପକ୍ଷରୁ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ଜଣ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସମ୍ବଲପୁରର ଅର୍ପିତା ରାଉତ ପ୍ରଥମସ୍ଥାନ ଅଧିକାର କରି ପୁରସ୍କାର ସ୍ୱରୂପ ୨୦୦୧ ଟଙ୍କା, ଦ୍ୱିତୀୟସ୍ଥାନ ଅଧିକାର କରିଥିବା ଅନନ୍ୟା ପ୍ରଧାନ ୧୫୦୧ ଟଙ୍କା ଏବଂ କାଜଲ ଦେହୁରି ତୃତୀୟ ସ୍ଥାନ ଅଧିକାର କରି ୧୦୦୧ ଟଙ୍କା ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କଳାକାର ବିଦେଶୀ ସାହୁ ଉଦ୍‌ଘୋଷକ ଭାବେ ମଞ୍ଚ ପରିଚାଳନା କରିଥିଲେ। କ୍ଲବ ସଭାପତି ବିକାଶ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଚାରକ ଭାବେ ଶିକ୍ଷକ ପରମାନନ୍ଦ ସାହୁ, ମଙ୍ଗଳ ମହାଙ୍କୁର ଓ ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। ମୁଖ୍ୟଅତିଥି ଭାବେ ଦେବଗଡ଼ ପୌରାଧ୍ୟକ୍ଷା ଅନୀତା ପାତ୍ର, ଅତିଥି ଭାବେ ଜିଲା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ, କ୍ଲବ ସଭାପତି ପ୍ରଧାନ, କମିଟି ସମ୍ପାଦକ ସଞ୍ଜୀବ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କ୍ଲବର ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ବଧିର ଚେସ୍ ଆଜିଠାରୁ

**ଭୁବନେଶ୍ୱର, ୨୬।୧୦(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ବଧିର କ୍ରୀଡ଼ା ସଂଘ ତରଫରୁ ୨୭ ଓ ୨୮ ତାରିଖ ଦୁଇଦିନ ଧରି ସ୍ଥାନୀୟ ପଳାସପଲ୍ଲୀସ୍ଥିତ ଓ.ଏ.ଡି. ହଲ୍‌ରେ ରାଜ୍ୟସ୍ତରୀୟ (ପୁରୁଷ/ମହିଳା ଓ ଜୁନିୟର ବାଳିକା/ବାଳକ) ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲା ଚେସ୍ ସଂଘ ଓ ଏସ୍.ଆର୍. ଚେସ୍ ସେଣ୍ଟରର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଯେକୌଣସି ବଧିର ଚେସ୍ ଖେଳାଳି ଅଂଶଗ୍ରହଣ କରିପାରିବେ। ଏଥିପାଇଁ ଖେଳାଳିଙ୍କୁ ୧୦୦ ଟଙ୍କା ପ୍ରବେଶିକା ଦେୟ ଦେବେ ବୋଲି ରାଜ୍ୟ ବଧିର ସଂଘର ସମ୍ପାଦକ ନିରଞ୍ଜନ ଯୋଶୀ ସୂଚନା ଦେଇଛନ୍ତି। ପ୍ରତିଯୋଗିତାର ୪ ବିଭାଗରୁ ୧୫ ଖେଳାଳି ଜାତୀୟ ଚେସ୍ ପାଇଁ ମନୋନୀତ ହେବେ। ଆସନ୍ତା ଡିସେମ୍ବର ୧ରୁ ୫ ତାରିଖ ମଧ୍ୟରେ ରାଜସ୍ଥାନର ଜୟପୁରଠାରେ ୨୧ତମ ଜାତୀୟ ବଧିର ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଠାରୁ ମନୋନୀତ ଖେଳାଳି ଇଟାଲିରେ ହେବାକୁ ଥିବା ୨୨ତମ ଶୀତକାଳୀନ ବଧିର ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଅଧିକ ବିବରଣୀ ପାଇଁ ପ୍ରମୋଦ କୁମାର ମହାପାତ୍ର କିମ୍ବା ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଦେବଗଡ଼,୨୬।୧୦(ସ୍ୱ.ପ୍ର.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ପକ୍ଷରୁ ତିଲେଇବଣି ବ୍ଲକସ୍ଥିତ ଜାମୁନାଳୀ ଗ୍ରାମରେ କଲାମ୍ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରଠାରେ ତ୍ରୟୋମାସିକ ମାଗଣା କମ୍ପ୍ୟୁଟର ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଯୁବ କେନ୍ଦ୍ର ଜିଲା ସହାୟକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦୁଧିଆନାଳୀ ସମିତି ସଭ୍ୟ ଶ୍ୱେତକୁମାର ପ୍ରଧାନ କମ୍ପ୍ୟୁଟର ଶିକ୍ଷା ଆଧୁନିକ ଯୁଗରେ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ର ପରିଚାଳକ ରଞ୍ଜନ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ।

# ରାଶନକାର୍ଡ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍‌ବ ପ୍ରଦାନ

**ଦେବଗଡ଼,୨୬।୧୦(ସ୍ୱ.ପ୍ର.)**

ଦେବଗଡ଼ ଜିଲା କଣ୍ଢେଇ ପଞ୍ଚାୟତର ରାଶନକାର୍ଡ ହିତାଧିକାରୀଙ୍କୁ ଓପିଟିସିଏଲ୍ ପକ୍ଷରୁ ଏଲ୍‌ଇଡି ବଲବ୍ ବଣ୍ଟନ କରାଯାଇଛି। କଣ୍ଢେଇ ପଞ୍ଚାୟତ ସରପଞ୍ଚ ବିରଞ୍ଚି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଏଲ୍‌ଇଡି ବଲବ ପ୍ରଦାନ କରିଥିଲେ। ୱେସ୍କୋ କନିଷ୍ଠ ଯନ୍ତ୍ରୀ ଅଭିଳାଷ ସ୍ୱାଇଁ ଉପସ୍ଥିତ ଥିଲେ।

# କ୍ରମାଗତ ୧୭ତମ ମ୍ୟାଚ୍ ଜିତିଲେ ଫେଡେରର

**ବାସେଲ,୨୬।୧୦(ଏଏଫ୍‌ପି)**

ସୁଇଜରଲାଣ୍ଡର କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଖେଳାଳି ରୋଜର ଫେଡେରର ସୁଇସ୍ ଇନ୍‌ଡୋର୍ସ ବାସେଲ ଟୁର୍ନାମେଣ୍ଟରେ କ୍ରମାଗତ ୧୭ତମ ବିଜୟ ହାସଲ କରିଛନ୍ତି। ୨୦୧୩ ସଂସ୍କରଣଠାରୁ ଅପରାଜେୟ ଥିବା ଫେଡେରର ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ୬-୩ , ୭-୫ ସେଟ୍‌ରେ ଜାନ ଲେନାର୍ଡ ଷ୍ଟ୍ରୁଫଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ସହ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ଖେଳାଳି ଆଗାମୀ ମ୍ୟାଚ୍‌ରେ ଫ୍ରାନ୍ସର ଗିଲେସ ସିମୋନଙ୍କୁ ଭେଟିବେ। ଏଠାରେ ଜନ୍ମିତ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ୮ ଥର ଚାମ୍ପିୟନ ହୋଇସାରିଛନ୍ତି। ତାଙ୍କ ଭଳି ଜର୍ମାନୀ ଖେଳାଳି ଆଲେକ୍ସଜାଣ୍ଡର ଜେଭରେଭ ଟୁର୍ନାମେଣ୍ଟରେ ଅଭିଯାନ ଜାରି ରଖିଛନ୍ତି।

# ବିଜୁ ଯୁବବାହିନୀ ପକ୍ଷରୁ ପଲିଥିନମୁକ୍ତ ଅଭିଯାନ

**ଦେବଗଡ଼,୨୬।୧୦ (ସ୍ୱ.ପ୍ର.)**

ଦେବଗଡ଼ ଜିଲା ବିଜୁ ଯୁବବାହିନୀ ପକ୍ଷରୁ ପୌରାଞ୍ଚଳ ଏବଂ ସମସ୍ତ ପଞ୍ଚାୟତରେ ପଲିଥିନ ମୁକ୍ତ ଅଭିଯାନ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜୁ ଯୁବବାହିନୀର ସ୍ୱେଚ୍ଛାସେବୀମାନେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ବର୍ଜନ କରିବା ପାଇଁ ଶପଥ ନେବା ସହ ଜନସାଧାରଣଙ୍କୁ ସଚେତନ କରାଇଥିଲ। ପୌରାଞ୍ଚଳର ୫ଟି ୱାର୍ଡର ସ୍ୱେଚ୍ଛାସେବୀମାନେ ପୌରପରିଷଦ ପରିସରରେ ଏକତ୍ରିତ ହୋଇ ଶପଥ ପାଠ କରିଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ବିଜୁ ଯୁବବାହିନୀ ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ, ପ୍ରୋଗ୍ରାମ ଅଫିସର ନିରଞ୍ଜନ ଦାସ, ପୌରାଞ୍ଚଳ ସଂଯୋଜକ ସୁପ୍ରିୟ ଦାସ, ପୌର ପରିଷଦର କମିଟି ଅର୍ଗାନାଇଜର ମନାଲିସା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ଏକ ମୋଟର ସାଇକଲ ର୍‍ୟାଲିରେ ସହର ପରିକ୍ରମା କରି ପ୍ରଧାନପାଟରେ ସଫେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।




ପଲିଥିନ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ବିଜୁ ଯୁବବାହିନୀ।

# ଚାଷୀ ସମସ୍ୟା ସମାଧାନ ଦାବିରେ ସ୍ମାରକପତ୍ର

**ଦେବଗଡ଼,୨୬।୧୦ (ସ୍ୱ.ପ୍ର.)**

ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷି ନୀତିକୁ ବିରୋଧ କରି ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ଉମା ଶଙ୍କର ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ଜିଲାପାଳଙ୍କୁ ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଡେପୁଟି କଲେକ୍ଟର ଜୟଶ୍ରୀ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଦାବିପତ୍ର ଦେବାବେଳେ ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାଏକ, ବରିଷ୍ଠ କଂଗ୍ରେସ ନେତା ମୋଇନ୍ ଖାଁ, ଆଦିବାସୀ ନେତା କ୍ଷେତ୍ର କୁମାର ପାତ୍ର, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, କ୍ଷୀତିଶ କୁମାର ପ୍ରଧାନ, ବିକାଶ କୁମାର ଖଡିରତ୍ନ, ନିଳମାଧବ ପ୍ରଧାନ, କୁନା ସାହୁ, ଟାଉନ ମହିଳା କଂଗ୍ରେସ ସଭାପତି ମାଗଦାଲି ମୁଣ୍ଡାଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ଯୋଗଦେଇଥିଲେ। ଦାବି ମଧ୍ୟରେ ସମସ୍ତ ମେଗା ଲିଫ୍ଟ କାର୍ଯ୍ୟକ୍ଷମ କରି ଉପଯୁକ୍ତ ଜଳସେଚନ ବ୍ୟବସ୍ଥା, ବୋରୱେଲଗୁଡିକୁ ବିଦ୍ୟୁତ୍ ସଂଯୋଗୀକରଣ, ୨୦୧୬-୧୭ ଆର୍ଥିକ ବର୍ଷର ମରଡ଼ି ଜନିତ କୃଷୀ ବୀମା ପ୍ରଦାନ, କଂସର, ସଡୋ ଓ ଲଇମୁରା ଅଞ୍ଚଳର ଚାଷୀମାନଙ୍କୁ ମରୁଡ଼ି କ୍ଷତି ଜନିତ ଉପଯୁକ୍ତ ସହାୟତା, ରିଆମାଳ ବ୍ଲକରେ ଚକଡା ପୋକ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ ସହାୟତା ଆଦି ଦାବି କରାଯାଇଥିଲା। ସରକାର ଦାବି ପୂରଣ ନ କଲେ କଂଗ୍ରେସ କମିଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ଜିଲା କଂଗ୍ରେସ ସଭାପତି ସାହୁ ଚେତାବନୀ ଦେଇଛନ୍ତି।




ଦାବିପତ୍ର ଦେବାକୁ ଆସିଥିବା ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା।



"ଗୁଜରାଟରେ ଶ୍ରମିକମାନଙ୍କ ଉପରେ ଆକ୍ରମଣ ହେଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ ରହିଥିଲେ। ଏହି 'ନମକ୍ ହାରାମ୍' କ୍ୟାପଟେନ୍ ଏଥିପାଇଁ ଲଜ୍ଜିତ ହେ
-ଜିଗ୍ନେଶ ମେୱାନୀ, ଦଳିତ ନେତା ତଥା ଗୁଜରାଟ ବିଧାୟକ

# ନାଗେଶ୍ୱରଙ୍କ ପକ୍ଷଚ୍ଛେଦନ

ନୂଆଦିଲ୍ଲୀ,୨୬।୧୦(ପି.ଟି.)



- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କେନ୍ଦ୍ର, କଂଗ୍ରେସର ସ୍ୱାଗତ
- ସିଜରଙ୍କ ସ୍ତ୍ରୀ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଜରୁରୀ: ଜେଟ୍‌ଲୀ
- ଆଇନର ଶାସନ ଆଗରେ ଫେଲ୍ ମାରିଛି ମୋଦିଙ୍କ ଶାସନ: ସୁର୍ଜେୱାଲା

ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ଏମ୍. ନାଗେଶ୍ୱର ରାଓଙ୍କୁ ଶୁକ୍ରବାର ଲାଗିଛି ସୁପ୍ରିମକୋର୍ଟ ଝଟକା। ନାଗେଶ୍ୱରଙ୍କ କୌଣସି ବଡ଼ଧରଣର କିମ୍ବା ନୀତିଗତ ନିଷ୍ପତ୍ତି ନେବା ଉପରେ ସର୍ବୋଚ୍ଚ ଅଦାଲତ ରୋକ ଲଗାଇଛନ୍ତି। ଅକ୍ଟୋବର ୨୩ରୁ ଅଦ୍ୟାବଧି ସେ ନେଇଥିବା ନିଷ୍ପତ୍ତିଗୁଡ଼ିକୁ ସୁପ୍ରିମକୋର୍ଟରେ ଉପସ୍ଥାପନ କରାଯିବ। ତଦନ୍ତ ଭାର ଅଦଳବଦଳ ଏବଂ ତଦନ୍ତକାରୀ ଅଧିକାରୀଙ୍କ ବଦଳି ସମ୍ପର୍କିତ ତାଙ୍କର ସବୁ ନିଷ୍ପତ୍ତି ବନ୍ଦ ଲଫାପାରେ ନଭେମ୍ବର ୧୨ରେ ଅଦାଲତରେ ଦାଖଲ କରାଯିବ। ସୁପ୍ରିମକୋର୍ଟ ସେଗୁଡ଼ିକୁ ଅନୁଧ୍ୟାନ କରିବା ପରେ ଉପଯୁକ୍ତ ନିଷ୍ପତ୍ତି ନେବେ ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି।

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ଅହମିକାର ଲଢ଼େଇ ଚରମ ସୀମାରେ ପହଞ୍ଚିବା ପରେ ବିବାଦ ଉଠିଥିଲା। କେନ୍ଦ୍ର ସରକାର ଉଭୟଙ୍କୁ କାର୍ଯ୍ୟରୁ ଅପସାରିତ କରି ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି। ଏହାସହ ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର ତଥା ଯୁଗ୍ମ ନିର୍ଦ୍ଦେଶକ ନାଗେଶ୍ୱରଙ୍କୁ ଗତ ୨୩ରେ ସିବିଆଇର ଅନ୍ତରୀଣ ମୁଖ୍ୟ ଭାବେ ଦାୟିତ୍ୱ ଦେଇଛନ୍ତି। କେନ୍ଦ୍ରର ଏହି ନିଷ୍ପତ୍ତି ବିରୋଧରେ ବର୍ମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ମାଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ମଧ୍ୟ ଏକାଧିକ ପିଟିଶନ ଦାଏର ହୋଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ନାଗେଶ୍ୱର କେବଳ ସିବିଆଇକୁ କାର୍ଯ୍ୟକ୍ଷମ କରିବା ପାଇଁ ଜରୁରୀ ପଦକ୍ଷେପ ନେବେ। ସେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ତାଙ୍କର ପକ୍ଷଚ୍ଛେଦନ କରିଛନ୍ତି। ଏହାକୁ ଉଭୟ କେନ୍ଦ୍ର ସରକାର ଓ କଂଗ୍ରେସ ନିଜ ନିଜ ସପକ୍ଷରେ ରାୟ ଭାବେ ଅଭିହିତ କରି ସ୍ୱାଗତ କରିଛନ୍ତି।

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଉଚିତ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ଜେଟ୍‌ଲୀ କହିଛନ୍ତି, ନିକଟରେ ସିବିଆଇ କରିଡରର ଘଟଣାକ୍ରମ ତଦନ୍ତକାରୀ ସଂସ୍ଥାର ମର୍ଯ୍ୟାଦାହାନି କରିଛି। ଏହି ପରିପ୍ରେକ୍ଷୀରେ ସମୟବଦ୍ଧ ଭାବେ ତାଙ୍କ ବିରୋଧରେ ତଦନ୍ତ ପାଇଁ ଅଦାଲତ ନିର୍ଦ୍ଦେଶ ଦେବା ଅତ୍ୟନ୍ତ ସକାରାତ୍ମକ ପଦକ୍ଷେପ। ଦେଶର ହିତ ଲାଗି ସତ ସାମ୍ନାକୁ ଆଣିବା ପାଇଁ ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇର ସମସ୍ତ ବରିଷ୍ଠ ଅଧିକାରୀ, ବିଶେଷକରି ଦୁଇ ମୁଖିଆ ଆଲୋକ ବର୍ମା ଓ ରାକେଶ ଅସ୍ଥାନା ଜୁଲିଅସ୍ ସିଜରଙ୍କ ସ୍ତ୍ରୀଙ୍କ ସଦୃଶ। ସେମାନେ ସବୁବେଳେ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଜରୁରୀ। ଅନ୍ୟପକ୍ଷରେ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ବିଫଳ ସରକାର ଉପରେ ଟିପ୍ପଣୀ ସଦୃଶ। ଆଜି ଆଇନର ଶାସନ ଆଗରେ ମୋଦିଙ୍କ ଶାସନ ଫେଲ୍ ମାରିଛି। ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ କବ୍‌ଜା କରିବା ପାଇଁ ମୋଦି ସରକାରଙ୍କ ଉଦ୍ୟମ ବିଫଳ ହୋଇଛି। ୨୦୧୯ରେ ମୋଦିଙ୍କ ଖରାପ ସରକାରଙ୍କ ଅବଧି ଶେଷ ହେଉଛି ବୋଲି ଲୋକେ ତାଙ୍କୁ ଚେତାଇଦେବାକୁ ଯାଉଛନ୍ତି ବୋଲି ସୁର୍ଜେୱାଲା ସମାଲୋଚନା କରିଛନ୍ତି।

## ସଂକ୍ଷେପରେ

### ସିବିଆଇ ଜାଲରେ ଦାତି ମହାରାଜ



**ନୂଆଦିଲ୍ଲୀ,୨୬।୧୦(ପି.ଟି.):** ବଳାତ୍କାର ଓ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ ଭଳି ସଙ୍ଗିନ ମାମଲାରେ ଅଭିଯୁକ୍ତ ଥିବା ବିବାଦୀୟ ଧର୍ମଗୁରୁ ଦାତି ମହାରାଜଙ୍କ ଅଡୁଆ ବଢ଼ିଲା। ତାଙ୍କ ନାଁରେ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲା ରୁଜୁ କରିଥିବା ଶୁକ୍ରବାର ଜଣାପଡ଼ିଛି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହି ବ୍ୟଭିଚାରୀ ପ୍ରବାଚକଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ତଦନ୍ତ ଚଳାଇଛି। ଦାତି ମହାରାଜ ଓରଫ୍ ଦାତି ମଦନଲାଲଙ୍କ ବିରୋଧରେ ଜଣେ ମହିଳା ମୁହଁ ଖୋଲିବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଦକ୍ଷିଣ ଦିଲ୍ଲୀର ଫତେପୁର ବେରି ଥାନାରେ ପୀଡ଼ିତା ଜଣକ ଦାତି, ତାଙ୍କ ତିନିଭାଇ ଏବଂ ଜଣେ ମହିଳାଙ୍କ ନାଁରେ ଏତଲା ଦାଏର କରିଥିଲେ। ଦିଲ୍ଲୀ ଓ ରାଜସ୍ଥାନସ୍ଥିତ ଆଶ୍ରମରେ ମହିଳା ଅନୁଗାମୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ଆସିବା ପରେ ଜୁନ୍ ୨୨ରେ ଦାତିଙ୍କୁ ପୋଲିସ ଜେରା କରିଥିଲା।

### ୨ ଆତଙ୍କବାଦୀ ନିହତ, ଯବାନ ଶହୀଦ

**ଶ୍ରୀନଗର,୨୬।୧୦(ପି.ଟି.):** ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ଏନ୍‌କାଉଣ୍ଟର ଘଟି ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ସମୟରେ ଜଣେ ସେନା ଯବାନ ମଧ୍ୟ ଶହୀଦ ହୋଇଛନ୍ତି। ଖବର ମୁତାବକ ସୋପୋରର ପାଜଲପୋରା ଗ୍ରାମରେ ଆତଙ୍କବାଦୀମାନେ ଲୁଚିରହିଥିବା ସୂଚନା ମିଳିଥିଲା। ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳିମାଡ଼ ଆରମ୍ଭ କରିଥିଲେ। ଉଭୟ ପଟୁ ଘମାଘୋଟ ଗୁଳି ବିନିମୟ ହେବା ପରେ ୨ ଆତଙ୍କବାଦୀ ଟଳିପଡ଼ିଥିଲେ।

### ବାଣ କାରଖାନାରେ ବିସ୍ଫୋରଣ: ୮ ମୃତ

**ବଦାଉଁ,୨୬।୧୦(ପି.ଟି.):** ଉତ୍ତରପ୍ରଦେଶ (ୟୁପି)ର ବଦାଉଁ ଜିଲାରେ ଶୁକ୍ରବାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଛି। ଏଥିଯୋଗୁ ୮ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସିଭିଲ୍ ଥାନା ଅନ୍ତର୍ଗତ ରସୁଲପୁର ଗ୍ରାମରେ ଥିବା ଉକ୍ତ କାରଖାନାରେ ଅପରାହ୍ନ ୪ଟାରେ ଏହି ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ହସ୍ପିଟାଲରେ ଆଖି ବୁଜିଛନ୍ତି ବୋଲି ବଦାଉଁର ବରିଷ୍ଠ ଏସ୍‌ପି ଅଶୋକ କୁମାର କହିଛନ୍ତି।

# ଟେକାମାଡ଼ରେ ଟଳିଲେ ଯବାନ





ଶ୍ରୀନଗର,୨୬।୧୦(ପି.ଟି.)

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଅପରେଶନ କରୁଥିବା ସୁରକ୍ଷାକର୍ମୀଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଟାର୍ଗେଟ କରୁଛନ୍ତି। ଟେକାମାଡ଼ କରି ସେମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି। ଅନନ୍ତନାଗ ଜିଲାରେ ଏଭଳି ସଦ୍ୟ ଏକ ଘଟଣା ଘଟିଛି। କଶ୍ମୀରୀ ଯୁବକଙ୍କ ଟେକାମାଡ଼ରେ ଶୁକ୍ରବାର ଏଠାରେ ସେନାର ଜଣେ ଯବାନ ପ୍ରାଣ ହରାଇଛନ୍ତି। ଶହୀଦ ଯବାନ ହେଉଛନ୍ତି ସିପାହି ରାଜେନ୍ଦ୍ର ସିଂ। ବର୍ଡର ରୋଡ୍‌ସ ଅର୍ଗାନାଇଜେଶନ (ବିଆର୍‌ଓ)କୁ ସୁରକ୍ଷା ଯୋଗାଉଥିବା ଏକ କ୍ୱିକ୍ ରିଆକ୍ସନ ଟିମ୍‌ରେ ସେ ସଦସ୍ୟ ଥିଲେ। ଗୁରୁବାର ସେ ନିଜ ଟିମ୍ ସହ ପାଟୋଲିଂ କରୁଥିବାବେଳେ ଅନନ୍ତନାଗ ବାଇପାସ୍ ନିକଟରେ ସେମାନଙ୍କ ଉପରକୁ ସ୍ଥାନୀୟ ଯୁବକମାନେ ଆକ୍ରମଣ କରିଥିଲେ। ଯୁବକମାନେ ଟେକା ଫିଙ୍ଗିବାରୁ ତାହା ସିଂଙ୍କ ମୁଣ୍ଡରେ ବାଜି ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସେ ପ୍ରାଣ ହରାଇଛନ୍ତି। ଉତ୍ତରାଖଣ୍ଡର ବାଦେନା ଗ୍ରାମ ନିବାସୀ ସିଂ ୨୦୧୬ରେ ସେନାରେ ଯୋଗ ଦେଇଥିଲେ।

# ତୁଟିଲା ଭାଜପା-ଜେଡିୟୁ ଆସନ ବିବାଦ

## ସମାନ ସଂଖ୍ୟକ ଆସନରେ ଲଢ଼ିବେ ଦୁଇଦଳ

ନୂଆଦିଲ୍ଲୀ,୨୬।୧୦(ପି.ଟି.)



୨୦୧୯ ଲୋକ ସଭା ନିର୍ବାଚନ ପାଇଁ ଆସନ ବୁଝାମଣାକୁ କେନ୍ଦ୍ରକରି ବିହାରରେ ଭାଜପା ଏବଂ ଜେଡିୟୁ ମଧ୍ୟରେ ଲାଗିରହିଥିବା ଅନ୍ତର୍ଦ୍ୱନ୍ଦ୍ୱ ଶୁକ୍ରବାର ଏକ ନୂଆ ମୋଡ଼ ନେଇଛି। ବିବାଦ ତୁଟାଇବା ଲାଗି ସମାଧାନର ବାଟ ବାହାର କରିଛି ଗୈରିକ ଦଳ। ଆଗାମୀ ନିର୍ବାଚନରେ ବିହାରରେ ଉଭୟ ଭାଜପା ଏବଂ ଜେଡିୟୁ ସମାନ ସଂଖ୍ୟକ ଆସନରେ ପ୍ରାର୍ଥୀ ଦେବେ। ଅନ୍ୟ ସହଯୋଗୀ ଦଳ ଏଲ୍‌ଜେପି ଏବଂ ଆର୍‌ଏଲଏସ୍‌ପିକୁ ମଧ୍ୟ ସେମାନଙ୍କ ପ୍ରଦର୍ଶନ ମୁତାବକ ଆସନ ମିଳିବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଘୋଷଣା କରିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାରଙ୍କ ସହ ମିଶି ଏକ ଖବରଦାତା ସମ୍ମିଳନୀରେ ଶାହ ଆସନ ବୁଝାମଣା ସମ୍ପର୍କରେ ସ୍ୱଷ୍ଟମତ ରଖିଛନ୍ତି। ତେବେ କିଏ କେତେ ସଂଖ୍ୟକ ଆସନରେ ଲଢ଼ିବେ, ତାହା ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଘୋଷଣା ହେବ ବୋଲି ସେ କହିଛନ୍ତି। ରାମବିଳାସ ପାଶ୍ୱାନଙ୍କ ଦଳ ଏଲ୍‌ଜେପି ଏବଂ ଉପେନ୍ଦ୍ର କୁଶୱାହଙ୍କ ଆର୍‌ଏଲ୍‌ଏସ୍‌ପି ହେଉଛନ୍ତି ଶାସକ ଏନ୍‌ଡିଏର ଦୁଇ ପ୍ରମୁଖ ସହଯୋଗୀ। ଏହି ଦୁଇ ଦଳକୁ ମଧ୍ୟ ସନ୍ତୁଷ୍ଟ କରିବା ଭଳି ଆସନ ଦିଆଯିବ ବୋଲି ଭାଜପା ମୁଖ୍ୟ ସୂଚନା ଦେଇଛନ୍ତି।

## ସିବିଆଇ ଅଫିସ ଆଗରେ ବିକ୍ଷୋଭ: ରାହୁଲ ଗିରଫ

# ସତଠାରୁ ଲୁଚିପାରିବେନି ମୋଦି

ନୂଆଦିଲ୍ଲୀ,୨୬।୧୦(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଟଙ୍କା ଲୁଟିଲେ। ସେ ଦୌଡ଼ି ସତଠାରୁ ପଳାୟନ କରିପାରିବେ। କିନ୍ତୁ ଲୁଚି ପାରିବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ପୁନଃ ଅବସ୍ଥାପିତ କରିବା ଦାବିରେ ଶୁକ୍ରବାର ସମସ୍ତ ରାଜ୍ୟରେ ଥିବା ତଦନ୍ତକାରୀ ସଂସ୍ଥାର ଅଫିସ ବାହାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ସିଜିଓ କମ୍ପ୍ଲେକ୍ସସ୍ଥିତ ସିବିଆଇ ମୁଖ୍ୟାଳୟ ବାହାରେ ରାହୁଲ ବିକ୍ଷୋଭ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ରାହୁଲ କହିଥିଲେ, ଆଲୋକ ରାଫେଲ ଚୁକ୍ତିର ତଦନ୍ତ କରୁଥିବାରୁ ଦୁର୍ନୀତି ଧରାପଡ଼ିଯିବା ଭୟରେ କେନ୍ଦ୍ର ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। 'ଚୌକିଦାର' ମୋଦି ୩୦ ହଜାର କୋଟି ଟଙ୍କା ଅନିଲ ଅମ୍ବାନୀଙ୍କ ପକେଟରେ ଜମା କରିଛନ୍ତି। ସେ ଭାରତୀୟ ବାୟୁସେନା ଓ ଯୁବଗୋଷ୍ଠୀଙ୍କ ଟଙ୍କା ଚୋରି କରିଛନ୍ତି। ପ୍ରଧାନମନ୍ତ୍ରୀ ସତଠାରୁ ନିଜକୁ ଲୁଚାଇ ପାରିବେ ନାହିଁ ବୋଲି ରାହୁଲ ସମାଲୋଚନା କରିଛନ୍ତି। ଏହି ବିକ୍ଷୋଭ ସମାବେଶରେ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଏଥିରେ ଲୋକତାନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ, ସିପିଆଇ ନେତା ଡି. ରାଜା ଏବଂ ଟିଏମ୍‌ସିର ନଦିମୁଲ୍ ହକ୍ ମଧ୍ୟ ଯୋଗ ଦେଇଥିଲେ। ଭିଡ଼ ବଢ଼ିବାରେ ଲାଗିବାରୁ ପୋଲିସ ଏହା ଉପରେ କଡ଼ା ନଜର ରଖିଥିଲା। ପରେ ରାହୁଲଙ୍କୁ ପ୍ରତୀକାତ୍ମକ ଭାବେ ଗିରଫ କରି ଏକ ଟ୍ରକ୍‌ରେ ଲୋଧି କଲୋନି ଥାନାକୁ ନିଆଯାଇଥିଲା।

# ନିଷିଦ୍ଧ ତାଲିକାରୁ ଜେୟୁଡି ବାଦ୍

## ହାଫିଜ୍ ସଇଦଙ୍କୁ ବଡ଼ ଧରଣର ଆଶ୍ୱସ୍ତି

ଇସ୍‌ଲାମାବାଦ,୨୬।୧୦(ପି.ଟି.)

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସଇଦଙ୍କ ଜମାତ୍-ଉଦ୍-ଦାୱା (ଜେୟୁଡି) ଏବଂ ଫଲାହ-ଇ-ଇନ୍‌ସାନିୟତ୍ ଫାଉଣ୍ଡେଶନ (ଏଫ୍‌ଆଇଏଫ୍) ଆଉ ପାକିସ୍ତାନରେ ବେଆଇନ ସଙ୍ଗଠନ ଭାବେ ପରିଗଣିତ ହେବେ ନାହିଁ। ଜାତିସଂଘ ନିରାପତ୍ତା ପରିଷଦର ପ୍ରସ୍ତାବ ଅନୁଯାୟୀ ଏହି ସଙ୍ଗଠନ ବିରୋଧରେ ନିଷେଧାଦେଶ ଜାରି ଲାଗି ପାକିସ୍ତାନ ରାଷ୍ଟ୍ରପତି ଗୃହୀତ କରିଥିବା ଅଧ୍ୟାଦେଶ କାଟ୍ ଖାଇଯାଇଛି। ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନର ନୂଆ ସରକାର ଅଧ୍ୟାଦେଶ ଅବଧି ବୃଦ୍ଧି ନ କରିବାରୁ ଏପରି ହୋଇଛି। ତେଣୁ ନିଷିଦ୍ଧ ତାଲିକାରେ ଜେୟୁଡି ଏବଂ ଏଫ୍‌ଆଇଏଫ୍ ରହିବ ନାହିଁ ବୋଲି ଇସ୍‌ଲାମାବାଦର ଏକ କୋର୍ଟ ସ୍ପଷ୍ଟ କରିଛନ୍ତି।

ହାଫିଜ ସଇଦଙ୍କ ନେତୃତ୍ୱାଧୀନ ସଙ୍ଗଠନଗୁଡ଼ିକ ବେଆଇନ ଘୋଷିତ କରିବା ଲାଗି ଅଧ୍ୟାଦେଶ ଆସିବା ପରେ ସେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇସ୍‌ଲାମାବାଦ ହାଇକୋର୍ଟରେ ସେ ଆବେଦନ କରିଥିଲେ। ତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଉଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି ଯେ, ଅଧ୍ୟାଦେଶ ଅବଧି ଶେଷ ହୋଇସାରିଛି। ଏ ସମ୍ପର୍କରେ ଡେପୁଟି ଆଟର୍ନି ଜେନେରାଲ ରାଜା ଖଲିଦ ମେହମୁଦ ଖାନ୍ ମଧ୍ୟ ସ୍ପଷ୍ଟ କରିଛନ୍ତି। ଜେୟୁଡି ଏବଂ ଏଫ୍‌ଆଇଏଫ୍ ଉପରୁ କଟକଣା ହଟିବା ପରେ ସଇଦ ଖୁସିବ୍ୟକ୍ତ କରିଛନ୍ତି।

## ଫୁର୍‌ସତ

# ମହାକାଶକୁ ମାନବ ପଠାଇବ 'ଇସ୍ରୋ'



**ଗୋରଖପୁର:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପ୍ରଥମ ଥର ପାଇଁ ୨୦୨୨ ସୁଦ୍ଧା ମହାକାଶକୁ ମାନବ ପଠାଇବ। ଏହାର ଅଭିଳଷିତ ପ୍ରକଳ୍ପ 'ଚନ୍ଦ୍ରଯାନ-୨' ୨୦୧୯ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି। ଡିଡିୟୁ ଗୋରଖପୁର ୟୁନିଭର୍ସିଟିର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଇସ୍ରୋ ଚେୟାରମ୍ୟାନ୍ କେ. ଶିବନ୍ ଏହା ପ୍ରକାଶ କରିଛନ୍ତି। ସେ କହିଲେ, ୨୦୨୧ ଶେଷ କିମ୍ବା ୨୦୨୨ ପ୍ରାରମ୍ଭରେ ମହାକାଶକୁ ମାନବ ପଠଇବା ଲାଗି ସମୟସୀମା ଧାର୍ଯ୍ୟ ହୋଇଛି। ଆସନ୍ତା ବର୍ଷ ଜାନୁୟାରୀ କିମ୍ବା ଫେବୃୟାରୀ ସୁଦ୍ଧା ଚନ୍ଦ୍ରଯାନ ୨ ଚନ୍ଦ୍ରକୁ ପଠାଯିବ। ଏହାର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଛି ଯଦ୍ୱାରା ଏହା ଚନ୍ଦ୍ରପୃଷ୍ଠରେ ଅତି ସନ୍ତର୍ପଣରେ ଅବତରଣ କରିବ ଏବଂ ବ୍ୟାପକ ପର୍ଯ୍ୟବେକ୍ଷଣ ଜାରି ରଖିବ।

## ଇତିହାସର ଆଇନାରେ

### ଅକ୍ଟୋବର ୨୭ର ପ୍ରମୁଖ ଘଟଣା

୧୯୯୧ ଅକ୍ଟୋବର ୨୭ରେ ସୋଭିଏତ୍ ୟୁନିୟନ ଠାରୁ ତୁର୍କମେନିସ୍ତାନ ସ୍ୱାଧୀନ ହୋଇଥିଲା। ତୁର୍କମେନିସ୍ତାନ ପୂର୍ବରୁ ତୁର୍କମେନିଆ ନାମରେ ପରିଚିତ ଥିଲା। ଏହାର ପାଖକୁ ଉତ୍ତର ପଶ୍ଚିମରେ କାଜାକସ୍ତାନ ଏବଂ ଉତ୍ତର ଦିଗରେ ରହିଛି ଆଫଗାନିସ୍ତାନ। ୧୮୮୧ରେ ରୁଷ ଏହାକୁ ଦଖଲ କରି ପରାଧୀନ ରଖିଥିଲା। ୧୯୨୫ରେ ତୁର୍କମେନିସ୍ତାନ ସୋଭିଏତ୍ ସଂଘର ସଦସ୍ୟ ହୋଇଥିଲା।

୧୯୯୯ ଅକ୍ଟୋବର ୨୭ରେ ଅର୍ମେନିଆ ସଂସଦରେ ଗୁଳିକାଣ୍ଡ ଘଟିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଭାଜେନ୍ ସାର୍ଗସିୟାନ ଏବଂ ଅଧ୍ୟକ୍ଷ କାରେନ୍ ଡେମିର୍ଚାନ ଏବଂ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ଭାଜେନ୍ ୧୯୯୧ରୁ ୧୯୯୨ ଏବଂ ୧୯୯୫ରୁ ୧୯୯୯ ପର୍ଯ୍ୟନ୍ତ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଥିଲେ। ୧୯୯୯ ଜୁନ୍ ୧୧ରେ ସେ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ। **ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୧୭.୮ |
| ଚାନ୍ଦବାଲି | ୩୦.୮ | ୨୦.୪ |
| କଟକ | ୩୨.୫ | ୧୭.୬ |
| ପାରାଦ୍ୱୀପ | ୩୨.୦ | ୨୧.୨ |
| ଭୁବନେଶ୍ୱର | ୩୩.୪ | ୧୭.୧ |
| ଗୋପାଳପୁର | ୩୩.୫ | ୨୦.୧ |
| ପୁରୀ | ୩୨.୭ | ୨୨.୪ |
| ଅନୁଗୋଳ | ୩୨.୧ | ୧୫.୦ |
| ବାରିପଦା | ୨୯.୬ | ୧୭.୨ |
| ଝାରସୁଗୁଡ଼ା | ୩୩.୮ | ୧୫.୬ |
| କେନ୍ଦୁଝର | ୨୯.୮ | ୧୯.୮ |
| ସମ୍ବଲପୁର | ୩୪.୫ | ୨୧.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୩.୩ | ୧୭.୪ |
| ତାଳଚେର | ୩୫.୧ | ୧୭.୩ |
| ଭବାନୀପାଟଣା | ୩୦.୪ | ୧୪.୦ |
| ବଲାଙ୍ଗୀର | ୩୨.୭ | ୧୬.୫ |
| କୋରାପୁଟ | ୩୦.୬ | ୧୩.୬ |
| ଫୁଲବାଣୀ | ୩୧.୫ | ୧୮.୨ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୩.୦ | ୧୫.୦ |
| ଦାରିଙ୍ଗିବାଡ଼ି | ୨୮.୫ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

ରାଧିକା ଆପ୍ଟେ



# ଭଲ କାହାଣୀକୁ ଖୁବ୍ ପସନ୍ଦ କରେ

**ନୂଆଦିଲ୍ଲୀ:** ଦୀର୍ଘ ୧୦ବର୍ଷର ଅଭିନୟ ଜୀବନରେ ରାଧିକାଙ୍କ ନିଖୁଣ ପ୍ରଦର୍ଶନ ଦର୍ଶକଙ୍କୁ ଆକୃଷ୍ଟ କରିପାରିଛି। ସେ ସବୁବେଳେ ତାଙ୍କ କାର୍ଯ୍ୟରେ ଚମତ୍କାରିତା ଦେଖାଇବାକୁ ଚାହାନ୍ତି। କାରଣ ସେ ବୁଝନ୍ତି 'ଯେ କୌଣସି କାର୍ଯ୍ୟ କଷ୍ଟକର ହେଲେ ବି ତାକୁ ସ୍ୱାଗତ କରିବା ଆବଶ୍ୟକ। ପ୍ରତ୍ୟେକ ପ୍ରୋଜେକ୍ଟ ଚ୍ୟାଲେଞ୍ଜ ସୃଷ୍ଟିକାରୀ ହୋଇଥିଲେ ବି ସାହସର ସହିତ ଏହା କରିବା ଉଚିତ। କାରଣ ଗୁଣାତ୍ମକ କାର୍ଯ୍ୟ କରିବା ତାଙ୍କର ସବୁବେଳେ ଲକ୍ଷ୍ୟ ବୋଲି ସେ କହିଛନ୍ତି। 'ପାର୍ଚଡ' ଏବଂ 'ପ୍ୟାଡ୍‌ମ୍ୟାନ୍' ଭଳି ଅନେକ ସାମାଜିକ ସମସ୍ୟା-ଭିତ୍ତିକ ଫିଲ୍ମରେ ସେ ଅଭିନୟ କରିଛନ୍ତି। ଫିଲ୍ମ 'ପ୍ୟାଡ୍‌ମ୍ୟାନ୍' କେବଳ ସାମାଜିକ ବାର୍ତ୍ତା ବହନ କରେନାହିଁ, ଏହା ଭଲ କାହାଣୀ ଉପରେ ଆଧାରିତ। ଏହି ଫିଲ୍ମରେ ମହିଳାଙ୍କ ମାସିକ ଧର୍ମକାଳୀନ ସ୍ୱାସ୍ଥ୍ୟସୁରକ୍ଷା ଏବଂ ନିରାପତ୍ତା ପ୍ରସଙ୍ଗ ଉପରେ ସେ ଯେଉଁ ମୁକ୍ତସ୍ୱର ଉଠାଇଛନ୍ତି ତାହା ବେଶ୍ ପ୍ରଣିଧାନଯୋଗ୍ୟ। ସେ କହନ୍ତି, ଏହା ଏପରି କାହାଣୀ ଯାହା ତାଙ୍କ ନିଜକୁ ମଧ୍ୟ ଆକର୍ଷଣ କରେ। ସେ ଭଲ କାହାଣୀ ଆଧାରିତ ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଥାନ୍ତି ବୋଲି ପ୍ରକାଶ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଜୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍ ବାହାଦୁର ଶାସ୍ତ୍ରୀ

## ସଂକ୍ଷେପରେ

ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣା

### ବୈଜୟନ୍ତଙ୍କୁ ଡିଜିସିଏର କ୍ଲିନଚିଟ୍

ପୁରୀ ଅଫିସ, ୨୬।୧୦: ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣାରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କ୍ଲିନଚିଟ୍ ଦେଇଛି। ଡିଜିସିଏ ଦର୍ଶାଇଛି ଯେ, ହେଲିକପ୍ଟର ଉଡ଼ାଣ ବେଳେ ଡିଜିସିଏର କୌଣସି ନିୟମାବଳୀର ଉଲ୍ଲଂଘନ ହୋଇନାହିଁ। ସେପ୍ଟେମ୍ବର ୧୫ରେ ଇଣ୍ଡାର ରବିନ୍‌ସନ୍ ଆର୍-୪୪ ହେଲିକପ୍ଟର ଭୁବନେଶ୍ୱର ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରି ରାଜହଂସ, ପୁରୀ, କୋଣାର୍କ ଦେଇ ଶେଷରେ କେନ୍ଦ୍ରାପଡା ଜିଲାର ଗରଦପୁରରେ ଅବତରଣ କରିଥିଲା। ଅନ୍ୟ କୌଣସି ସ୍ଥାନରେ ଅବତରଣ କରିନାହିଁ। ସେହିଦିନ ରାଜହଂସରେ ଅନ୍ୟ କୌଣସି ହେଲିକପ୍ଟର ମଧ ଉଡ଼ାଣ କରିନାହିଁ। ଉଡ଼ାଣ ଲାଗି ଧାର୍ଯ୍ୟ ସମୟରେ କୌଣସି ବ୍ୟତିକ୍ରମ ଘଟିନାହିଁ। ତଥ୍ୟ ଓ ପ୍ରମାଣରୁ ଯାହା ଜଣାପଡିଛି ଚିଲିକାରେ ଉକ୍ତ ହେଲିକପ୍ଟର ବିପଦପୂର୍ଣ୍ଣ ଭାବେ ଉଡ଼ାଣ କରିନାହିଁ ବୋଲି ଡିଜିସିଏ କର୍ତ୍ତୃପକ୍ଷ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଗଣମାଧମକୁ କହିଛନ୍ତି ଯେ, ଡିଜିସିଏ ରିପୋର୍ଟ ପାଇଛୁ। ତାହାକୁ ଅନୁଧ୍ୟାନ କରାଯାଉଛି। ଏ ସଂକ୍ରାନ୍ତରେ ଅଧିକ କିଛି କହିବାକୁ ଏସ୍‌ପି ମନାକରି ଦେଇଛନ୍ତି। ଚିଲିକାର ଅରଖକୁଦା ତଥା ନୂଆ ମୁହାଣ ଇଲାକାରେ ସେପ୍ଟେମ୍ବର ୧୫ରେ ସି ପ୍ଲେନ ଉଡିଥିବା ଚର୍ଚ୍ଚା ହୋଇଥିଲା। ଏହି ଖବର ଗଣମାଧମରେ ପ୍ରକାଶ ପାଇବା ପରେ ଏ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ଏସିଏଫ ବିନୋଦ ଆଚାର୍ଯ୍ୟ ଅରଖକୁଦା ଥାନାରେ ଏ ସଂକ୍ରାନ୍ତରେ ଏତଲା ଦେଇଥିଲେ। ତଦନ୍ତରୁ ଇଣ୍ଡାର ହେଲିକପ୍ଟର ରବିନ୍‌ସନ୍ ଆର୍-୪୪ ଉଡିଥିବା ଜଣାପଡିଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଉକ୍ତ ହେଲିକପ୍ଟର ଉଡ଼ାଣ କରିଥିବା ବେଳେ ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ଯାତ୍ରୀ ରହିଥିଲେ। ପ୍ରାଥମିକ ତଦନ୍ତକୁ ଭିତ୍ତିକରି ପୁରୀ ପୋଲିସ ସେପ୍ଟେମ୍ବର ୧୭ ରାତିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଥିବା ଇଣ୍ଡାର ହେଙ୍ଗରକୁ ସିଲ୍ କରିଥିଲା। ଉକ୍ତ ହେଙ୍ଗର ବର୍ତ୍ତମାନ ସିଲ୍ ହୋଇ ରହିଥିବା ବେଳେ ସେଥିରେ ୩ଟି ହେଲିକପ୍ଟର ରହିଛି। ପୂର୍ବତନ ଏମ୍‌ପି ପଣ୍ଡା ଏବଂ ୨ସହଯାତ୍ରୀଙ୍କୁ ସେପ୍ଟେମ୍ବର ୧୯ରେ ପୁରୀ ସଦର ଥାନାରେ ହାଜର ହେବାକୁ ନୋଟିସ ଜାରି ହୋଇଥିଲା। ବୈଜୟନ୍ତ ହାଜର ହୋଇ ନ ଥିଲେ। ଇଣ୍ଡାର ବିମାନ ଚଳାଚଳ ବିଭାଗର ମ୍ୟାନେଜର ହିମାଂଶୁ ମହାପାତ୍ର ପୋଲିସ ନିକଟରେ ହାଜର ହୋଇ ପକ୍ଷ ରଖିଥିଲେ। ସେପ୍ଟେମ୍ବର ୨୪ ମଧ୍ୟାହ୍ନ ୧୨ଟା ବେଳେ ହାଜର ହେବାକୁ ବୈଜୟନ୍ତ ଓ ତାଙ୍କ ଦୁଇ ସହଯାତ୍ରୀଙ୍କୁ ପୋଲିସ ପୁଣି ନୋଟିସ ଜାରି କରିଥିଲା।

# ଲୋକାର୍ପିତ ହେଲା ଓଡ଼ିଆ ଭର୍ଚୁଆଲ ଏକାଡେମୀ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଂକ୍ରାନ୍ତ ବିଭବକୁ ଡିଜିଟାଲ ରୂପରେ ଉପଲବ୍ଧ କରାଇଛନ୍ତି ରାଜ୍ୟ ସରକାର। ଏ ସମ୍ପର୍କିତ ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂଆ ୱେବ୍‌ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ଶୁକ୍ରବାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଭାଷା ସମୃଦ୍ଧ। ଏହା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇଛି। ମଧ୍ୟଯୁଗଠାରୁ ଆରମ୍ଭକରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ବହୁ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟିହୋଇଛି। ସେଗୁଡିକର ଡିଜିଟାଇଜେଶନ, ସଂରକ୍ଷଣ ଏବଂ ପ୍ରଚାର ପ୍ରସାରର ଦାୟିତ୍ୱ ଓଡ଼ିଆ ଭର୍ଚୁଆଲ ଏକାଡେମୀ ହାତରେ ଅର୍ପଣ କରାଯାଇଛି। ଉକ୍ତ ଏକାଡେମୀ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ସୁଯୋଗ ସୃଷ୍ଟି କରିବ। ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆ, ବିଶେଷକରି ଓଡ଼ିଶାର ଯୁବପିଢିମାନଙ୍କ ପାଇଁ ଏହା ବହୁତ ଉପଯୋଗୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୟୁନିଭର୍ସିଟି ଅଫ୍ ଶିକାଗୋ ଲାଇବ୍ରେରି, ସିଡାକ୍ ଏବଂ ସେଣ୍ଟର ଫର୍ ଇଣ୍ଟରନେଟ୍ ଆଣ୍ଡ ସୋସାଇଟି ସହ ରାଜ୍ୟ ସରକାର ଏମ୍‌ଓୟୁ ସ୍ୱାକ୍ଷର କରିବା ପରେ ଡିଜିଟାଲ କ୍ଷେତ୍ରରେ ଓଡ଼ିଆ ଭାଷାକୁ ଏକ ନୂଆସ୍ତରକୁ




ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍‌ପୋର୍ଟାଲର ଲୋକାର୍ପଣ ଅବସରରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ।

ନିଆଯାଇପାରିବ। ଓଡ଼ିଆ ଭାଷା ସାହିତ୍ୟର ଡିଜିଟାଇଜେଶନ ସହ ଓଡ଼ିଆ ସଫ୍ଟୱେର୍ ପ୍ରସ୍ତୁତ କରାଯିବା ଫଳରେ ଇଣ୍ଟରନେଟ୍‌ରେ ଓଡ଼ିଆ ଭାଷା ଅଧିକ ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପୂର୍ବରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଥିଲା ଓଡ଼ିଆ ଭର୍ଚୁଆଲ ଏକାଡେମୀ। ପ୍ରଯୁକ୍ତିବିଦ୍ୟା ଦୃଷ୍ଟିକୋଣରୁ ଏହାକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନକୁ ଅଣାଯିବା ସହ ନୂଆ ରୂପ ଦିଆଯାଇଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୦ତମ ଜନ୍ମବାର୍ଷିକୀ ଅବସରରେ ଏଥିରେ ୧୭୦ କାଳଜୟୀ ଓଡ଼ିଆ ପୁସ୍ତକକୁ ୟୁନିକୋଡ୍ ଫର୍ମାଟରେ ଡିଜିଟାଇଜ୍ କରାଯାଇ ଇ-ବୁକ୍ ଆକାରରେ ସ୍ଥାନିତ କରାଯାଇଛି। କେବଳ ଏତିକି ନୁହେଁ, ଏଥିରେ ରହିଥିବା ଶ୍ରାବ୍ୟପୁସ୍ତକ ବିଭାଗରେ ଜଣେ ବହି ପଢିବା ସହ ଏହାକୁ ଶୁଣିବାର ବ୍ୟବସ୍ଥା ମଧ କରାଯାଇଛି। ଦୁର୍ଲଭ ଓଡ଼ିଆ ପୁସ୍ତକ, ଅଭିଧାନ, ପ୍ରାଚୀନ ପତ୍ରପତ୍ରିକା, ପୁରାତନ ସଙ୍ଗୀତ, ପ୍ରାଚୀନ ପୋଥି, ବିଜ୍ଞାନ ଓ ଇତିହାସ ସମ୍ବନ୍ଧୀୟ ରଚନା, ଲୋକ ସଂସ୍କୃତି, ଜନଜାତି ଭାଷା ଓ ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଅଭିଭାଷଣ, ଶ୍ରୀଜଗନ୍ନାଥ ସଂସ୍କୃତି, ମନ୍ଦିର ଓ ସ୍ଥାପତ୍ୟ ଆଦିକୁ ଡିଜିଟାଇଜେଶନ ରୂପରେ ନୂଆ ୱେବ୍‌ପୋର୍ଟାଲରେ ସ୍ଥାନିତ କରାଯାଇଛି। ସ୍କୁଲ୍ ଓ କଲେଜରେ କର୍ମଶାଳାର ଆୟୋଜନ କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଏନେଇ ସଚେତନ କରାଯିବ ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି। ଏହି ଅବସରରେ ୟୁନିଭର୍ସିଟି ଅଫ୍ ଶିକାଗୋର ଜେମ୍ସ ନାଇ, ସିଡାକ୍‌ର ବରିଷ୍ଠ ନିର୍ଦ୍ଦେଶକ ଭି.କେ. ଶର୍ମା ଏବଂ ସେଣ୍ଟର ଫର୍ ଇଣ୍ଟରନେଟ୍ ସୋସାଇଟିର ନିର୍ଦ୍ଦେଶକ ସୁମନ୍ଦ୍ରୋ ଚଟ୍ଟୋପାଧ୍ୟାୟଙ୍କ ସହ ଓଡ଼ିଆ ଭର୍ଚୁଆଲ ଏକାଡେମୀର ସମ୍ପାଦକ ସଂଗ୍ରାମ କେଶରୀ ମହାପାତ୍ର ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଓଡ଼ିଆ ସାହିତ୍ୟର ଡିଜିଟାଇଜେଶନ ସହ ଓଡ଼ିଆ ସଫ୍ଟୱେର୍‌ର ବିକାଶ ଦିଗରେ ଏହି ସଂସ୍ଥାମାନେ କାର୍ଯ୍ୟ କରିବେ। ସେହିଭଳି ୟୁନିଭର୍ସିଟି ଅଫ୍ ଶିକାଗୋ ଲାଇବ୍ରେରିରେ ଥିବା କେତେକ ପ୍ରାଚୀନ ଓ ଦୁର୍ଲଭ ଓଡ଼ିଆ ବହିକୁ ଡିଜିଟାଇଜ୍ କରାଯାଇ ଭର୍ଚୁଆଲ ଏକାଡେମୀରେ ରଖାଯିବ ବୋଲି ଓଡ଼ିଆ ଭର୍ଚୁଆଲ ଏକାଡେମୀର ଅଧ୍ୟକ୍ଷ ତଥା ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ କହିଥିଲେ।

କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ପ୍ରଫେସର ଓଁକାରନାଥ ମହାନ୍ତି, ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ଥିଲେ। ଗଣମାଧମକୁ ସୂଚନା ଦେଇ ଏମ୍‌ପି ସତପଥୀ କହିଥିଲେ, ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଏକ ପ୍ରଗତିର ଚିହ୍ନ। ବିଳମ୍ବରେ ହେଲେ ବି ଏହା କାର୍ଯ୍ୟକାରୀ ହୋଇଥିବାରୁ ଏକ ବଡ଼ ସ୍ୱପ୍ନ ପୂରଣ ହୋଇଛି। ଆଗାମୀ ଶତାବ୍ଦୀଗୁଡ଼ିକରେ ଓଡ଼ିଶାର ଯୁବପିଢିଙ୍କ ପାଇଁ ଏହା ପ୍ରେରଣା ହୋଇରହିବ। ସେମାନେ ଓଡ଼ିଶାର ସାହିତ୍ୟ, ସାହିତ୍ୟିକ, କଳା, ସଂସ୍କୃତି ବିଷୟରେ ଅନେକ କିଛି ଜାଣିପାରିବେ। ଏହା ନିଶ୍ଚିତଭାବେ ସମସ୍ତଙ୍କ ଦ୍ୱାରା ଆଦୃତ ହେବ ବୋଲି ସେ କହିଥିଲେ।

ତଳ ମୁଣ୍ଡରେ ପହଞ୍ଚି ପାରିଲାନାହିଁ କେନାଲ ପାଣି

# ଜମିରେ ଗୋରୁ ଛାଡ଼ିଲେ ଚାଷୀ

ଜୁନାଗଡ,୨୬।୧୦(ଡି.ଏନ.ଏ.)

ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ବାମ ମୁଖ୍ୟ କେନାଲର ତଳିଆ ଅଞ୍ଚଳରେ ଥିବା ଜୁନାଗଡ ବ୍ଲକ ଆଟିଗାଁ ଓ ତଳମଲା ପଞ୍ଚାୟତକୁ ଠିକ ଭାବେ କେନାଲ ପାଣି ପହଞ୍ଚି ପାରିନାହିଁ। ଫଳରେ ସେଠାରେ ଚାଷ ହୋଇଥିବା ପ୍ରାୟ ୫୦ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ଏବେ ପାଣି ଅଭାବରୁ ଉଜୁଡିଯାଇଛି। ସେହି ଉଜୁଡା ଚାଷ ଜମିରେ ଅନ୍ୟ କିଛି ଉପାୟ ନ ପାଇ ଶୁକ୍ରବାର ତଳମଲା ପଞ୍ଚାୟତ ଚାଷୀମାନେ ନିଜ ଜମିରେ ଗୋରୁ ଛାଡିଦେଇଥିବା ଦେଖିବାକୁ ମିଳିଛି। ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କ ଅପାରଗତା ତଥା ଦୂରଦୃଷ୍ଟି ଅଭାବରୁ ଏପରି ହୋଇଥିବାରୁ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ପ୍ରକାଶ ଯେ, ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲର ତଳ ଅଞ୍ଚଳରେ ଥିବା ତଳମଲା ପଞ୍ଚାୟତ ତଳମଲା ସମେତ ମସିଗାଁ, ସାହଜକନା ଆଦି ଗ୍ରାମର ଚାଷୀମାନେ ଗତ କିଛି ମାସ ତଳେ ଖରିଫ ଧାନ ଚାଷ କରିଥିଲେ। ଏହି ଅଞ୍ଚଳରେ ପ୍ରବାହିତ ହେଉଥିବା ହାତୀନଦୀରେ ୫ଥର ବନ୍ୟା ହୋଇଥିଲା। ଫଳରେ ଚାଷ ଜମିରେ ବନ୍ୟାପାଣି ପ୍ରବାହିତ ହୋଇଥିବାରୁ ଏହି ଅଞ୍ଚଳର ଧାନ ରୁଆ ଓ ବୁଣା କାମ ବିଳମ୍ବ ହୋଇଥିଲା। ତଥାପି ସ୍ଥାନୀୟ ଚାଷୀମାନେ ଇନ୍ଦ୍ରାବତୀ କେନାଲକୁ ଭରସା କରି ଧାନ ରୁଆ ଓ ବୁଣା ଆରମ୍ଭ କରିଥିଲେ। ତେବେ ଇନ୍ଦ୍ରାବତୀ ବାମ କେନାଲର ପାଣି କଳିଆକୁଣ୍ଡଲ ପଞ୍ଚାୟତ କେଳିଆ ଜଙ୍ଗଲ ପର୍ଯ୍ୟନ୍ତ



ତଳମଲା ପଞ୍ଚାୟତର ଚାଷ ଜମିରେ ଗୋରୁ ଛାଡ଼ି ଦିଆଯାଇଛି।

**୫୦ ଏକର ଜମିର ଫସଲ ଉଜୁଡିଲା**

ପହଞ୍ଚିପାରୁଥିଲା। ସେଠାରୁ କେନାଲର ଅବସ୍ଥା ଶୋଚନୀୟ ଥିବାରୁ ତଳ ଅଞ୍ଚଳକୁ ପାଣି ଯାଇପାରି ନ ଥିଲା। ଫଳରେ ତଳ ଅଞ୍ଚଳରେ ଥିବା ଆଟିଗାଁ ଓ ତଳମଲା ପଞ୍ଚାୟତକୁ କେନାଲ ପାଣି ପହଞ୍ଚି ପାରି ନ ଥିଲା। ସେଠାରେ ଚାଷ ହୋଇଥିବା ପ୍ରାୟ ୫୦ ଏକର ଧାନ ଫସଲ ପାଣି ଅଭାବରୁ ଉଜୁଡିଯାଇଛି। ସ୍ଥାନୀୟ ଚାଷୀମାନେ ଉଜୁଡା ଚାଷ ଜମିଗୁଡିକରେ ଏବେ ଗୋରୁ ଛାଡିଦେଇଛନ୍ତି। ଅନ୍ୟପକ୍ଷରେ ଚାଷ ଆରମ୍ଭରୁ କେନାଲ ପାଣି ତଳ ଅଞ୍ଚଳକୁ ଯୋଗାଇ ଦେବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ସ୍ଥାନୀୟ ଚାଷୀ ଜଣାଇଥିଲେ ମଧ ଏଥିପ୍ରତି କେହି ମଧ ଦୃଷ୍ଟି ଦେଇ ନ ଥିଲେ। ଫଳରେ ଧାନଚାଷ ନଷ୍ଟ ହୋଇଗଲା ବୋଲି ସ୍ଥାନୀୟ ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି। ଏପଟେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ପ୍ରଶାସନ ତୁରନ୍ତ ଚିହ୍ନଟ କରି ସହାୟତା ଯୋଗାଇ ଦେବାକୁ ତଳମଲା ସରପଞ୍ଚ ଦୁଷିଳା ମାଝି ଦାବି କରିଛନ୍ତି।

### ଯୁବକଙ୍କୁ ତଣ୍ଟିଚିପି ହତ୍ୟା, ଜଣେ ଅଟକ

ସୋରଡା,୨୬।୧୦(ଡି.ଏନ୍.ଏ.)

ଗଞ୍ଜାମ ସୋରଡା ବ୍ଲକ ଏକଲପୁର ଗ୍ରାମର ସୀତାରାମ ଦାଶ (୩୮)ଙ୍କୁ ଗୁରୁବାର ସନ୍ଧ୍ୟାରେ କେତେକ ଦୁର୍ବୃତ୍ତ ତଣ୍ଟିଚିପି ହତ୍ୟା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ସୀତାରାମ ବଡଗଡରୁ ସଉଦା କିଣି ଘରକୁ ଫେରୁଥିବାବେଳେ ଗାଁ ମୁଣ୍ଡରେ କିଛି ଯୁବକ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ସେ ଖସିଆସି ସ୍ତ୍ରୀକୁ ଘଟଣା ସମ୍ପର୍କରେ କହିଥିବା ତାଙ୍କ ଭାଇ ଘନଶ୍ୟାମ ସୂଚନା ଦେଇଛନ୍ତି। ତାଙ୍କ ପାଟି ଓ ନାକରୁ ରକ୍ତ ବାହାରୁ ଥିବାରୁ ତୁରନ୍ତ ବଡଗଡ ଡାକ୍ତରଖାନାକୁ ପରିବାର ଲୋକେ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଥାନାଅଧିକାରୀ ଜୀବନାନନ୍ଦ ଜେନା ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛନ୍ତି। ତାଙ୍କ ସ୍ତ୍ରୀଙ୍କ ଏତଲା ପ୍ରକାରେ ବଡଗଡ ପୋଲିସ ନଂ.୨୮୭/୧୮ରେ ଏକ ମାମଲା ରୁଜୁ କରି ଜଣଙ୍କ ଅଟକ ରଖିଥିବା ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି।

### ୧୦ ଡିଗ୍ରୀକୁ ଖସିଲା ତାପମାତ୍ରା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ରାଜ୍ୟରେ କେତେକ ଭାଗରେ ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀକୁ ଖସିଲାଣି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବାସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାମାତ୍ରା ୧୦.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୩.୬, ଭବାନୀପାଟଣା ୧୪, ଝାରସୁଗୁଡା ୧୫.୮, କେନ୍ଦୁଝର ୧୫ ଏବଂ ଅନୁଗୋଳ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଦିନରେ ତାତି ବଢୁଥିଲେ ମଧ ରାତ୍ରୀରେ ସର୍ବନିମ୍ନ ତାପମାତ୍ରା ତଳକୁ ଖସିବ।

### ପୃଥକ୍ ଦୁର୍ଘଟଣାରେ ୨ ମୃତ

ଭଦ୍ରକ ଅଫିସ,୨୬।୧୦

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ପୃଥକ୍ ସ୍ଥାନରେ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଜଗନ୍ନାଥପୁରର ଲକ୍ଷ୍ମୀଧର ଜେନା ଓ ତିହିଡ଼ି ଥାନା ଅନ୍ତର୍ଗତ ତାଳପଦା ପଞ୍ଚାୟତ ଗଦାଧରପୁରର ରାମକୃଷ୍ଣ ସାହୁ। ଗୁରୁବାର ବିଳମ୍ବିତ ରାତିରେ ଜାତୀୟ ରାଜପଥର ଡାହାଣୀଗଡିଆ ଏବଂ ରାଣୀତାଲ ଛକ ନିକଟରେ ଅଜଣା ଟ୍ରକ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଚାଷୀ ଆନ୍ଦୋଳନ ଜୋରଦାର

## ୩ ଘଣ୍ଟା ଅଖିଚକ ବନ୍ଦ, ୧୭ ସ୍ଥାନରେ ବିକ୍ଷୋଭ

ସମ୍ବଲପୁର,୨୬।୧୦(ବ୍ୟୁରୋ)

ଫସଲ ବୀମା ରାଶି ପ୍ରଦାନ, ମରୁଡ଼ି ଅଞ୍ଚଳ ଘୋଷଣା, ସମ୍ପୂର୍ଣ୍ଣ କୃଷିଋଣ ଛାଡ କରିବାକୁ ଦାବି କରିବା ସହ ଦରଦାମ ବୃଦ୍ଧି ପ୍ରତିବାଦରେ ପଶ୍ଚିମ ଓଡ଼ିଶାରେ ଶୁକ୍ରବାର ଚାଷୀ ଆନ୍ଦୋଳନ ଜୋରଦାର ହୋଇଛି । ଚାଷୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଯାନବାହନ ଗଡ଼ିବାକୁ ସୁଯୋଗ ବି ଦେଇନାହାନ୍ତି। ଚାଷୀଙ୍କ ଏଭଳି ମେଳି ପାଇଁ ଶୁକ୍ରବାର ସମ୍ବଲପୁର ଜିଲାରେ ୩ ଘଣ୍ଟା ଲାଗି ଅଖ ଚକ ବନ୍ଦ ହୋଇ ଯାଇଥିଲା। ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ସାରା ଜିଲାରେ ୩ ଘଣ୍ଟିଆ ଚକାଜାମ କରାଯାଇଥିଲା। ଜିଲାର ୧୭ଟି ସ୍ଥାନରେ ଚାଷୀମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପିକେଟିଂ କରି ରାସ୍ତା ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକ ରହିଥିଲା । ଗୋଶାଳା ଛକ, ରେମେଡ ଛକ, ରେଙ୍ଗାଲି, ତାଲବ ଛକ, ରେଢ଼ାଖୋଲ, ମାନେଶ୍ୱର, ଯୁଯୁମୁରା, ଧମା ଚୌଧୁରୀ ଛକ, ଭୋଜପୁର, କୁଲୁଣ୍ଡି, ଜମନକିରା, ସୋରଡା, ଖଣ୍ଡକଟା, ବାମରା ଓ ଜୁହ୍ନାଡିହିରେ କୃଷକ ସଙ୍ଗଠନର କର୍ମକର୍ତ୍ତା ଓ ସଭ୍ୟମାନେ ରାସ୍ତାରେ ଆନ୍ଦୋଳନ କରିଥିଲେ। ଜିଲା ଓକିଲ ସଂଘ, ନାଗରିକ ସଙ୍ଗଠନ ମଧ ଏହି ଆନ୍ଦୋଳନରେ ସାମିଲ ହୋଇଥିଲା। ଜିଲା କୃଷକ ସୁରକ୍ଷା ସଙ୍ଗଠନର ମୁରାରୀ ପ୍ରସାଦ ପୁରୋହିତ, ସମ୍ପାଦକ ବ୍ୟୋମକେଶ ଠାକୁର, ଉପସଭାପତି ହରିଶଙ୍କର ପୁରୋହିତ ଓ ଉମେଶ ମିଶ୍ର, ବିଭୁ ପଟ୍ଟନାୟକ, ସରୋଜ ମହାନ୍ତି ଓ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ବୀମା ରାଶି ପ୍ରଦାନ କରିବାକୁ ପଶ୍ଚିମ ଓଡିଶାର ବିଭିନ୍ନ ଜିଲା ଓ ବ୍ଲକସ୍ତରରେ ଲଗାତର ଚାଷୀ ଆନ୍ଦୋଳନ ଚାଲିଛି । ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ତ୍ରୁଟିପୂର୍ଣ୍ଣ ନୀତି, ଯୋଜନା ସହ ଜଡିତ ଲାଭଖୋର ଘରୋଇ କମ୍ପାନୀର ଚାଷୀ ବିରୋଧୀ ଆଭିମୁଖ୍ୟ ଓ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଚାଷୀମାନେ ବୀମାରାଶି ପାଇପାରୁନାହାନ୍ତି । ସମ୍ବଲପୁର ଜିଲାର ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ୨୦୦୯, ୨୦୧୧, ୨୦୧୫, ୨୦୧୬ ଓ ୨୦୧୭ ମସିହାର ମରୁଡି କ୍ଷତି ସହିଲା ପରେ ଚଳିତବର୍ଷ ଆଉ ଏକ ଉତ୍କଟ ମରୁଡିର ସାମନା କରିବାକୁ ଯାଉଛନ୍ତି । ଅନ୍ୟପକ୍ଷେ ୨୦୧୭ ଖରିଫ ଋତୁରେ ଜିଲାରେ ଚକଡା ପୋକ ଓ ବିଭିନ୍ନ ରୋଗ ଯୋଗୁ ଫସଲ ନଷ୍ଟ ହୋଇଛି। ଏପରି ସ୍ଥିତିରେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ, କୃଷି ବିଭାଗ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ଉଦାସୀନତା ଚାଷୀମାନଙ୍କୁ ହତାଶ କରିଛି । ଜିଲାର ୩୩ଟି ପଞ୍ଚାୟତରେ ବୀମା ଟଙ୍କା ପ୍ରଦାନରେ ବିଭ୍ରାଟ ହୋଇଛି। କ୍ରପ୍ କଟିଂ ରିପୋର୍ଟ ଆଧାରରେ ତୁରନ୍ତ ଫସଲ ବୀମା ରାଶି ପ୍ରଦାନ କରାଯାଉ । ପ୍ରଧାନମନ୍ତ୍ରୀ ବୀମା ଯୋଜନାରୁ ଘରୋଇ କମ୍ପାନୀମାନଙ୍କୁ ହଟାଇ ଦିଆଯାଉ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ସରକାରୀ ବୀମା କମ୍ପାନୀମାନେ ଫସଲ ବୀମାର ଦାୟିତ୍ୱ ନିଅନ୍ତୁ । ଗତବର୍ଷର ଇନ୍‌ପୁଟ ସବ୍‌ସିଡି ପାଇ ନ ଥିବା ଚାଷୀମାନଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରାଯାଉ। କ୍ରମାଗତ ବନ୍ୟା, ବାତ୍ୟା ଓ ମରୁଡିର ସମ୍ମୁଖୀନ ହେଉଥିବା ଓଡିଶାର ଚାଷୀଙ୍କୁ ଦୟନୀୟ ସ୍ଥିତିରୁ ମୁକ୍ତି ଦେବା ଲାଗି କୃଷିଋଣ ସଂପୂର୍ଣ୍ଣ ଛାଡ କରାଯାଉ । ଧାନର ଦର ବଢ଼ାଯାଇନାହିଁ । ତେଣୁ ସ୍ୱାମୀନାଥନ କମିଶନ ସୁପାରିସ ଅନୁସାରେ ଧାନର ଦର ବୃଦ୍ଧି କରାଯାଉ । ରାଜ୍ୟ ସରକାର କୁଇଣ୍ଟାଲ ପିଛା ୫୦୦ ଟଙ୍କା ବୋନସ ପ୍ରଦାନ କରନ୍ତୁ। ଏହାଦ୍ୱାରା ଚାଷୀମାନେ ଲାଭବାନ ହେବାସହ ଋଣ ବୋଝରୁ ମୁକ୍ତି ପାଇବେ ବୋଲି ଆନ୍ଦୋଳନକାରୀ ଦାବି କରିଛନ୍ତି।



ଶୁକ୍ରବାର ସମ୍ବଲପୁର ଚୌଧୁରୀ ଛକଠାରେ ଚାଷୀମାନେ ରାସ୍ତା ଉପରେ ଧାରଣା ଦେଇଛନ୍ତି ।

ଚାଷୀ ଆନ୍ଦୋଳନର ପଡିଲା ପ୍ରଭାବ

### ଆଲୋଚନା ପାଇଁ ପ୍ରସ୍ତାବ ଦେଲେ ସମବାୟ ସଚିବ

ସମ୍ବଲପୁର,୨୬।୧୦(ବ୍ୟୁରୋ)

ସମ୍ବଲପୁର ଜିଲାର ଚାଷୀମାନେ ଶୁକ୍ରବାର କରିଥିବା ଆନ୍ଦୋଳନର ପ୍ରଭାବ ରାଜ୍ୟ ସରକାରଙ୍କ ଉପରେ ପଡିଛି । ରାଜ୍ୟ ସମବାୟ ସଚିବ ରଞ୍ଜନା ଚୋପ୍ରା ଜିଲାପାଳ ସମର୍ଥ ବର୍ମାଙ୍କୁ ଫୋନ କରି ଆନ୍ଦୋଳନ ସମ୍ପର୍କରେ ପଚାରି ବୁଝିଛନ୍ତି। ବୀମା କମ୍ପାନୀ, ଚାଷୀ ଓ ସଚିବସ୍ତରରେ ଶୀଘ୍ର ବୈଠକ କରିବାକୁ ଜିଲାପାଳଙ୍କୁ ସଚିବ ପ୍ରସ୍ତାବ ଦେଇଛନ୍ତି। ଉପଜିଲାପାଳ ପ୍ରଦୀପ କୁମାର ସାହୁ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନଙ୍କୁ ଏହା ଜଣାଇଛନ୍ତି । ହେଲେ ଚାଷୀ ଆଲୋଚନା କରିବା ପାଇଁ ପ୍ରସ୍ତୁତ ଅଛି । କିନ୍ତୁ ହକ୍ ପାଇଁ ଲଢେଇ ଜାରି ରହିବ ବୋଲି ଅଶୋକ କହିଛନ୍ତି ।

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



# ଜଗା, ବଳିଆଙ୍କ ଅସ୍ତ୍ରୋପଚାରକୁ ବର୍ଷେ ପୂରିଲା

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ଦିଲ୍ଲୀ ଏମ୍ସରେ କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗାବଳିଆଙ୍କ ୨ୟ ପର୍ଯ୍ୟାୟ ଅସ୍ତ୍ରୋପଚାରକୁ ଗୁରୁବାର ବର୍ଷେ ପୂରିଛି। ବର୍ତ୍ତମାନ ସୁଦ୍ଧା ଶିଶୁଦ୍ୱୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରି ନ ଥିବାରୁ ଘରକୁ ଫେରିପାରି ନାହାନ୍ତି। ଉଭୟଙ୍କ ଚିକିତ୍ସା କରାଯାଉଥିବାବେଳେ ନର୍ସଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ ରଖାଯାଇ ଯତ୍ନ ନିଆଯାଉଛି। ଡାକ୍ତରଙ୍କ କହିବା ଅନୁଯାୟୀ, ପୂର୍ବାପେକ୍ଷା ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ଜଗା ସାଧାରଣ ପିଲାଙ୍କ ପରି ବ୍ୟବହାର କରୁଛି। ଲୋକମାନଙ୍କୁ ଚିହ୍ନିବା ସହିତ ଠିକ୍‌ଭାବେ ଖାଦ୍ୟ ଗ୍ରହଣ କରୁଛି ଏବଂ ବୁଲାବୁଲି କରୁଛି। ନିକଟରେ ଜଗା ଇଣ୍ଡିଆ ଗେଟ୍ ବୁଲିବାକୁ ଯାଇଥିବାବେଳେ ବେଶ୍ ଖୁସି ଅନୁଭବ କରିଥିଲା। ବଳିଆର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଆସୁଛି। ଅସ୍ତ୍ରୋପଚାର ପରେ ଜଗା ଭଳି ବଳିଆର ମସ୍ତିଷ୍କ ଭଲ ଭାବେ ବିକଶିତ ହୋଇପାରି ନାହିଁ। ଏବେ ବି ତାର ଯତ୍ନ ନେବାର ଆବଶ୍ୟକତା ରହିଛି।

ଅନ୍ୟପଟେ ଶିଶୁଦ୍ୱୟଙ୍କ ବାପା ଭୂୟାଁ କହଁର କହିଛନ୍ତି, ଆମେ ଏଠାକୁ ଆସିବାର ୧ବର୍ଷ ହେଲାଣି।

## ଘର ବାହୁଡ଼ିବାକୁ ଅପେକ୍ଷା



ଜଗା, ବଳିଆ

ଜଗାବଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ଖୁସି ଲାଗୁଛି। କିନ୍ତୁ ଏବେ ଆମେ ଘରକୁ ଯିବାକୁ ଚାହୁଁଛୁ। ଆମେ ଅନେକ ଥର କର୍ତ୍ତୃପକ୍ଷଙ୍କୁ ଡିସ୍‌ଚାର୍ଜ କରିବାକୁ କହିଲୁଣି, କିନ୍ତୁ ସେମାନେ ମନା କରୁଛନ୍ତି। ରାଜ୍ୟ ସରକାରଙ୍କ ଅନୁମତି ନ ମିଳିଲେ ଆମେ ଡିସ୍‌ଚାର୍ଜ କରିପାରିବୁ ନାହିଁ ବୋଲି କର୍ତ୍ତୃପକ୍ଷ କହୁଛନ୍ତି।

ଡାକ୍ତର ଗିରିଜା ରଥ କହିଛନ୍ତି, ସେମାନଙ୍କ ମସ୍ତିଷ୍କକୁ ବାହ୍ୟ ଆଘାତରୁ ରକ୍ଷା କରିବା ପାଇଁ କ୍ରାନିଓପ୍ଲାଷ୍ଟି ସର୍ଜରୀର ଆବଶ୍ୟକତା ରହିଛି। ମସ୍ତିଷ୍କକୁ ରକ୍ଷା କରିବା ଲାଗି ଅନ୍ୟମାନଙ୍କ ଭଳି ସେମାନଙ୍କର ସାଧାରଣ ଖପୁରି ନାହିଁ। ଜଗା ଚଲାବୁଲା କରୁଥିବାରୁ ମସ୍ତିଷ୍କରେ କୌଣସି ଆଘାତ ଲାଗିବା ଆଶଙ୍କା ରହିଛି। ତେଣୁ ତାକୁ ଏକ ହେଲ୍‌ମେଟ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଜଗାର ୫ଟି ଏବଂ ବଳିଆର ୮ଟି ଅସ୍ତ୍ରୋପଚାର ହୋଇସାରିଛି ବୋଲି ରଥ କହିଛନ୍ତି।

ସୂଚନାଯୋଗ୍ୟ, କନ୍ଧମାଳ ଜିଲା ମିଲିପଡ଼ା ଗ୍ରାମର ଜଗାବଳିଆଙ୍କ ଯୋଡ଼ାମୁଣ୍ଡକୁ ଅଲଗା କରିବା ଲାଗି ୨୦୧୭ ଜୁଲାଇ ୧୪ରେ ସେମାନଙ୍କୁ ଦିଲ୍ଲୀ ଏମ୍ସ ନିଆଯାଇଥିଲା। ଜଗାବଳିଆଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିଲେ।

## ସଂକ୍ଷେପରେ

### ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘର ସାଙ୍ଗଠନିକ ବୈଠକ

ଭବାନୀପାଟଣା, ୨୬।୧୦ (ଡି.ଏନ୍.ଏ.) ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପଶ୍ଚିମ ଓଡିଶା ବିଦ୍ୟୁତ୍ ଠିକାଦାର ସଂଘର ଏକ ସାଙ୍ଗଠନିକ ବୈଠକ ସଂଘ ସଭାପତି ବିଜୟ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭବାନୀପାଟଣା, ରାଉରକେଲା, ସୁନ୍ଦରଗଡ, ଝାରସୁଗୁଡା, ବଲାଙ୍ଗୀର ଓ ନୂଆପଡା ଜିଲାରୁ ବହୁ ସଭ୍ୟ, କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ବିଦ୍ୟୁତ୍ ଠିକାଦାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ତଥା କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ଶର୍ମା, ସହସଭାପତି ବିଜୟ କୁମାର ପରିଡା, ଉପସଭାପତି ଜ୍ୟୋତିରଞ୍ଜନ ମହାରଣ, ସାଧାରଣ ସମ୍ପାଦକ ଶିଶିର କୁମାର ରଥ ପ୍ରମୁଖ ସଂଘର ସଂଘଠନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜୋର ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂଘର ବରିଷ୍ଠ ସଭ୍ୟ ପବିତ୍ର କୁମାର ସ୍ୱାଇଁ ପରିଚାଳନା କରିଥିଲେ ।

### ୨୯ରେ ବିକ୍ଷୋଭ, ଘେରାଉ ଆନ୍ଦୋଳନ

ସଜନାଗଡ଼,୨୬।୧୦(ଡି.ଏନ.ଏ.) ବାଲେଶ୍ୱର ଜିଲା ନୀଳଗିରି ଭାରତୀୟ ଜନତା ପାର୍ଟି ପକ୍ଷରୁ ଆସନ୍ତା ୨୯ ତାରିଖରେ ନୀଳଗିରି ଉପଜିଲାପାଳଙ୍କ ଅଫିସ୍ ଏବଂ ୩୦ ତାରିଖରେ ଔପଦା ବ୍ଲକ ଅଫିସ୍ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ। ବିଜେଡି ସରକାରର ଭ୍ରଷ୍ଟାଚାର ଓ ଅପାରଗତା ବିରୋଧରେ ଏଭଳି ଆନ୍ଦୋଳନ ଲାଗି ଆବଶ୍ୟକ ପ୍ରସ୍ତୁତି କରାଯାଇଛି ବୋଲି ଗୁରୁବାର ନୀଳଗିରି ଡାକବଙ୍ଗଳା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନୀଳଗିରି ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦଳର ଆନ୍ଦୋଳନ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକନ୍ତୁ କହିଥିଲେ, ଆସନ୍ତା ୩୧ ତାରିଖ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତିଥିରେ ସମସ୍ତ ମଣ୍ଡଳରେ 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନୀଳଗିରି ନିର୍ବାଚନମଣ୍ଡଳୀ ପ୍ରଭାରୀ ସିପ୍ରା ବାଜପେୟୀ, ରାଜ୍ୟ ପରିଷଦ ସଦସ୍ୟ ରବିନାରାୟଣ ବେହେରା, ଜିଲା କୃଷକ ମୋର୍ଚ୍ଚା ଉପସଭାପତି କରୁଣାକର ପଣ୍ଡା, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ କାର୍ଯ୍ୟକାରୀ ସଭାପତି ଅଭୟ ମିଶ୍ର, ବଣସୀମା ମଣ୍ଡଳ କାର୍ଯ୍ୟକାରୀ ସଭାପତି କମଳା ମହାକୁଡ଼, କୋର କମିଟି ସଦସ୍ୟ ରାଜେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


## ତହସିଲ କାର୍ଯ୍ୟାଳୟ, ବୀରମହାରାଜପୁର

**ଇସ୍ତାହାର**

**ପତ୍ର ସଂଖ୍ୟା: ୩୪୬୮** **ତାରିଖ: ୨୫।୧୦।୨୦୧୮**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତହସିଲ କାର୍ଯ୍ୟାଳୟ, ବୀରମହାରାଜପୁର ସରକାରୀ ଗାଡ଼ି ମହିନ୍ଦ୍ରା ଜିପ୍ ନମ୍ବର ଓ.ଆର୍.-୦୩-୧୬୩୦ ବ୍ୟବହାର ଅନୁପଯୋଗୀ ଘୋଷଣା କରାଯାଇଅଛି, ତାହାର ବିକ୍ରୟ ପାଇଁ ଏକ ଇସ୍ତାହାର ଜନସାଧାରଣଙ୍କଠାରୁ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତି ଏକ ସାଦା କାଗଜରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ।

ଆବେଦନ ପତ୍ର ଆସନ୍ତା ତାରିଖ- ୦୯।୧୧।୨୦୧୮ ପୂର୍ବରୁ ପହଞ୍ଚିବା ଆବଶ୍ୟକ, ଯାହାର ସବିଶେଷ ବିବରଣୀ www.subarnapur.nic ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି।

**ସ୍ୱା./- ତହସିଲଦାର, ବୀରମହାରାଜପୁର**

## TENDER CANCELLATION NOTICE

**File No. E&A-04/17-18** **Date: 22.10.2018**

No.: CAD-955: This is to inform all concerned that Tender Notice No. 1282/E&A-04/17-18 Dtd.10.04.2018 published in Pioneer and Dharitri on Dtd.14.04.2018 and Corrigendum No. 1594 Dtd.28.04.2018 published in Pioneer and Dharitri on Dt.29.04.2018 for selection of consultants for Construction of proposed Commercial-cum-Office Complex for Odisha State Co-operative Marketing Federation Ltd. (MARKFED - ODISHA) at different locations is hereby cancelled due to administrative reasons.

**Sd./- Managing Director**
**MARKFED-ODISHA**

39017/11/0021/1819

## ADVERTISEMENT

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

**TENDER CALL NOTICE**

**No: 08** **DATE: 25.10.2018**

Sealed proposals as per the prescribed RFP document are invited from interested eligible bidders (Packers & Movers) "For Shifting of Medical Equipments, Instruments, Furnitures and Office Accessories from Existing DHH, Bargarh to New DHH at Tukurla, Bargarh". The eligibility criteria, the detail requirement for the said work and the formats for submission of proposals are set forth in the RFP document which can be downloaded from the website www.bargarh.nic.in.

Interested bidders fulfilling the eligibility criteria may submit their proposals in a sealed envelope superscribing "RFP Proposal from Packers & Movers" with RFP cost, EMD & documents as set forth in the RFP document. The RFP Proposal complete in all respect should reach the Office of CDM & PHO, Bargarh by Speed Post/ Registered Post / Courier on or before 13th November 2018 (till 4 P.M.). The technical proposal shall be opened on 17th November 2018, 3 P.M. and the financial proposal will be opened the same day at 4 P.M. in CDMO Conference Hall, Bargarh.

The undersigned reserves the right to reject any or all the proposals without assigning any reason thereof.

**Sd./-**
**Chief District Medical & Public Health Officer**
**-cum-District Mission Director, NHM, Bargarh**

## OFFICE OF THE EXECUTIVE ENGINEER, RWS&S DIVISION

**VILL.- AMBAGUDA, P.O.: J.S.CO., RAYAGADA - 765002**

No.916-O:- **Phone No.: 8280408061**

**e-mail ID: eerwss_rgd@nic.in, eerwssrgd@gmail.com**

**No.: 3689** **Dated: 22.10.2018**

**Corrigendum Notice to Quotation**
**Call Notice No.3682 Dt. 04.10.2018**

1. In description of works Column Mild Steel may be read as **Mild Steel**.
2. In Sl. No. 8 of Terms & Conditions Iron removal plants may be read as **Pressure filter**.
3. In Sl. No. 14, AEE, RWS&S Sub-Division, Chandikhol may be read as AEE, RWS&S Sub-Division, **Ramanaguda**.
4. Sl. No. 15 may be read as "The last date of receipt of sealed quotation in the tender box at the Office of the Executive Engineer, RWS&S Division, Rayagada is **06.11.2018 upto 1.00 P.M.** and the quotation will be opened on **06.11.2018 at 4.00 P.M.** in the presence of the tenderer or their authorized representatives".

All other terms and conditions remain unaltered.

**Sd./- Executive Engineer**
**RWS&S Division, Rayagada**

25007/11/0015/1819

## GOVERNMENT OF ODISHA — "e" Procurement Notice

No.: 744-B

**OFFICE OF THE EXECUTIVE ENGINEER, RAYAGADA (R&B) DIVISION NO. - I**

**Bid Identification No.: RC (RANDB) RGD 19/2018-19 (Online Tender)**
**E-mail ID: eepwd765001@gmail.com**
**File No.- E-II-C8-28/2018 No. 4200 Dated: 10.10.2018**

| | | | |
|---|---|---|---|
| 1. | No. of the Works | : | 02 Two Nos. of Road Work (Single Cover System) |
| | | : | (01) One No. of Road Work (Double Cover System) |
| 2. | Estimated Cost | : | Rs.20,18,652/- to Rs.33,71,962/- (Excl. GST) (For Single Cover System) |
| | | : | Rs.96,93,492/- (Excl. GST) (For Double Cover System) |
| 3. | Cost of Document | : | Rs.6,000/- (For Single Cover System) |
| | | : | Rs.10,000/- (For Double Cover System) |
| 4. | Bid Security | : | Rs.20,200/- and Rs.33,800/- Respectively (For Single Cover System) |
| | | : | Rs.97,000/- (For Double Cover System) |
| 5. | Class of Contractor | : | 'C' and 'B' (For Single Cover System) |
| | | : | 'B' and 'A' (For Double Cover System) |
| 6. | Period of Completion | : | 2 (Two) Calendar Months (For Single Cover System) |
| | | : | 3 (Three) Calendar Months (For Double Cover System) |
| 7. | Date & time of availability of bid document in the website | : | 11.00 Hrs. of Dated 29.10.2018 to 17.00 Hrs. of Dated 16.11.2018 for Online bidding. |
| 8. | Last date/time for receipt of bids in the Portal | : | Upto 17.00 Hrs. of Dated 16.11.2018 |
| 9. | Bids received **"Online"** shall be **opened at 11.00 hours on dated 17.11.2018** in the Office of the **Executive Engineer, Rayagada (R&B) Division No. - I**. | | |
| 10. | The opening of price bid of the Double Cover will be announced later. | | |
| 11. | Further details can be seen from the e-Procurement portal: **"www.tendersodisha.gov.in"**. Any Addendum/Corrigendum/Cancellation of tender can also be seen in the said website only. | | |

**Sd./- (Pradipta Mohan Mishra)**
**Executive Engineer**
**Rayagada (R&B) Division No. - I**

34040/11/0034/1819

## GOVERNMENT OF ODISHA — DEPARTMENT OF WATER RESOURCES

No.674-A

OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR

**'e' Procurement Notice No. SECIC-05 / 2018-19**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding From | Bid documents available online for bidding To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SECIC, Bhubaneswar | SECIC/ NID-02 of 2018-19 | Service Road to Kushabhadra Right Embankment from RD.36.00 Km to 41.00 Km. | 219.90 | 220000/- (On-line) | 10000/- (On-line) | "B" Class & "A" Class | 31.10.2018 at 11.00 A.M. | 16.11.2018 up to 5.00 P.M | 17.11.2018 at 11.00 A.M. | 11 (Eleven) Calendar Months |
| | | Improvement to Service Road on right bank of Kakatpur Distributary from RD.1.50 Km to 9.70 Km (Betenda Bridge to UCO Bank, Kakatpur). | 341.82 | 342000/- (On-line) | 10000/- (On-line) | " A " Class & "Special" Class | 31.10.2018 at 11.00 A.M. | 16.11.2018 up to 5.00 P.M | 17.11.2018 at 11.00 A.M. | 11 (Eleven) Calendar Months |
| | | Improvement to Service Road on Left Bank of Kundhei Distributary from RD.16.20 Km to 21.50 Km (Srikoili to Nuapatna). | 248.44 | 248500/- (On-line) | 10000/- (On-line) | "B" Class & "A" Class | 31.10.2018 at 11.00 A.M. | 16.11.2018 up to 5.00 P.M | 17.11.2018 at 11.00 A.M. | 11 (Eleven) Calendar Months |

e-mail ID:- secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

32160/11/0010/1819

**Superintending Engineer, Central Irrigation Circle**

## GOVERNMENT OF ODISHA — WORKS DEPARTMENT

**OFFICE OF THE EXECUTIVE ENGINEER, BALLIGUDA (R&B) DIVISION, BALLIGUDA**

TELEPHONE & fax : 06846-243242
E-mail- eepwd_balliguda@yahoo.com

No.757-B

**Bid Identification No. E.E. BLG-08/ 2018-19**
**Dated:- 23.10.2018**

| Sl. | | | |
|---|---|---|---|
| 1 | Name of the Work | | Construction of Building Work as per DTCN available in the website www.tendersodisha.gov.in |
| 2 | Estimated Cost | | Rs. 47.70 lakh |
| 3 | No. of Works | | 1(One) only |
| 4 | Period & time of completion | | 08 (Eight) Calendar Months |
| 5 | Date & time of availability of the bid document in the portal | | 29.10.2018 to 13.11.2018 (up to 4.00 PM) for Online Bidding |
| 6 | Last date/Time for receipt of bids in the portal | | Up to 5.00 PM of 13.11.2018 |
| 7 | Date & Time of bid opening | | 11.30 hours on Dated. 15.11.2018 |
| 8 | Name & Address of the officer inviting Bid | | Executive Engineer, Balliguda R&B Division, Balliguda, Dist: Kandhamal, Pin-762103 |

Others can be seen from Detailed Notice inviting Tenders, available in website. www.tendersodisha.gov.in.
Corrigendum if any, shall only be published in the above website.

**Executive Engineer**
**Balliguda (R&B) Division**

34038/11/0003/1819

## GOVERNMENT OF ODISHA — e-Procurement Notice Online Tender

No.: 673-A

**(e-Mail ID: midbhanjanagar@gmail.com)**

**BID Identification No. EEMIDBNJ-05-2018-19**

| | | |
|---|---|---|
| Name of Work | : | Civil Construction Works |
| No. of Work | : | 15 Nos. |
| Estimated Cost | : | Varies from Rs.8.90 lakh to Rs.49.90 lakh |
| Period of Completion | : | Varies from 04 (Four) Calendar Months to 06 (Six) Calendar Months |
| Date & Time of availability of Bid Documents in the Portal | : | From 31.10.2018 to 09.11.2018 upto 17.00 Hours. |
| Original Bid documents to be dropped in the Box I.D. No. 05/2018-19 from 12.11.2018 to 14.11.2018 upto 17.00 Hours. | | |
| Date for Opening of Bid | : | 15.11.2018 at 11.00 A.M. |
| Lottery Date if required | : | 19.11.2018 |
| Name & Addres of the OIT | : | Executive Engineer, M.I. Division, Bhanjanagar |

Further details & Corrigendum if any can be seen from the website: **www.tendersodisha.gov.in**.

**Executive Engineer**
**M.I. Division, Bhanjanagar**

32287/11/0002/1819

## OFFICE OF THE COLLECTOR & DISTRICT MAGISTRATE, KANDHAMAL

**(SPORTS SECTION)**

**Tender Call Notice No.: 495** **Date: 24.10.2018**

**SHORT TENDER CALL NOTICE**

Sealed tenders are invited by Registered Post/Speed Post/Courier Service from intends and well established Firms/Agencies/Dealers/Manufactures for Supply of Dress Materials, Shoes Materials in respect of Sports Hostel, Phulbani (District Sports Office, Kandhamal) having valid GST Certificate, Dealership Certificate, VAT Clearance Certificate, PAN Card required Test Certificate in conformity with Detailed Tender Call Notice. The General Bid Sheet/Terms & Conditions for supply of Sports Goods along with last date of receipt and opening of tender will be available with District Sports Office, Kandhamal from 25.10.2018 to 14.11.2018 during office hours from 11.00 A.M. to 4.00 P.M. on all working days on payment of Rs.500/- (Rupees five hundred) only in shape of Cash which is non-refundable and can be downloaded from website, NIC, Collectorate, Kandhamal, Phulbani **(www.kandhamal.nic.in)**.

The authority reserves the right to accept or reject any or all the tenders without assigning any reason thereof.

**Sd./- District Sports Officer, Kandhamal**

## ODISHA TOURISM DEVELOPMENT CORPORATION LIMITED

**(A Government of Odisha Undertaking)**
**Panthanivas (Old Block), Lewis Road, Bhubaneswar - 751014**

**Tender Call Notice No.- BP-I/15/2018-19 Dtd. 26.10.2018**
**for Organization of Different Festival - 2018-19**

**No.: 6937** **Dt. 26.10.2018**

No.- CAD-956: Odisha Tourism Development Corporation Limited on behalf of Department of Tourism, Govt. of Odisha going to organize **Konark Festival - 2018 & International Sand Art Festival - 2018**. Offers are invited from reputed firms/agencies and Event Managers for different arrangements having past experience and expertise in relevant field. The tenderer shall submit the bid in the prescribed format separately for both the events. Details can be downloaded from our website **www.panthanivas.com**. The bid should reach the office of the undersigned upto 01.00 P.M. of 05.11.2018 & will be opened on the same day at 3.30 P.M.

**Sd./- Executive Engineer**
**Building Project Division - I,**
**OTDC Ltd.**

37002/11/0056/1819

## OFFICE OF THE MUNICIPAL COUNCIL : RAIRANGPUR

Phone No. : 06794-222054,
Email ID : rairangpurn.hud@ori.nic.in/ rrpurnac@gmail.com

**'e' PROCUREMENT NOTICE**

**Tender Call Notice No. : 3172/23.10.2018**
**Bid Identification No : T6RRP2018-19**

Bid documents consisting of Speciation the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. www.tendersorissa.gov.in

| | | | |
|---|---|---|---|
| 1. | Nature of the works | : | Civil Works 4 (Four) nos. |
| 2. | No. of Works | : | Bid Identification No. T6RRP2018-19 |
| 3. | Date & Time availability of the Bid documents in Portal | : | From 10.00 hours of 26.10.2018 to 17.00 hours of 08.11.2018 |
| 4. | Last Date / Time receipt of Bids in E Tender Portal | : | 08.11.2018 / 17.00 hours |
| 5. | Seek Clarification end Date | : | 05.11.2018/ 17.00 hours |
| 6. | Tender Paper Cost, EMD, GST, PAN ETC, As per DTCN in office tender BOX | : | 09.11.2018 / 17.00 hours |
| 7. | Bids received online shall be opened on | : | 12.11.2018/11.00 hours (If any problem arises for Opening of bid the bid will be opened on next working day) |
| 8. | If all the tender work will be not completed within fixed period mention in the tender schedule the work agreement and work order automatically cancelled. | | |
| 9. | The Authority reserves the right to reject any or all tenders without assigning any reason thereof. | | |
| 10. | Further the details can be seen from the procurement portal: www.tendersorissa.gov.in | | |

**Sd./- Executive Officer**
**Rairangpur Municipality**

## OFFICE OF THE JAGATSINGHPUR MUNICIPALITY, JAGATSINGHPUR

**Phone: 06724-220073, Fax: 06724-220073**
**E-mail ID: jspurm.hud@gmail.com**

**No.: 5529** **Dt.25.10.2018**

**e-Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Tender Reference No. | : | JSPUR-05/2018-2019 |
| 2. | Tender ID No. | : | 2018_ORULB_50335 |
| 3. | Name of the Work | : | Civil Construction works as mentioned in website |
| 4. | No. of Works | : | 27 |
| 5. | Estimated Cost | : | Rs.89000.00 to Rs.890000.00 |
| 6. | Period of Completion | : | 60 Days |
| 7. | Date & Time of Bidding | : | 29.10.2018 at 10 A.M. |
| 8. | Last date & time for receipt of bids in the portal | : | 12.11.2018 at 5 P.M. |
| 9. | Last date of receipt of Technical Bid | : | 13.11.2018 at 5 P.M. |
| 10. | Bids received online shall be opened on | : | 14.11.2018 at 11 A.M. |
| 11. | Name and address of the Officer Inviting Bid | : | Executive Officer, Jagatsinghpur Municipality |

Further details can be seen from the procurement portal i.e. **https://www.tendersorissa.gov.in**.

**Sd./- Executive Officer**
**Jagatsinghpur Municipality**

## GOVERNMENT OF ODISHA — OFFICE OF THE EXECUTIVE ENGINEER MINOR IRRIGATION DIVISION, ANANDAPUR

Tel No. (06731)220314, e-Mail ID mianandapur@yahoo.co.in

No.660-A

**"e" Procurement Notice**
**Identification No-12 MID (ANP/2018-19)**

The Executive Engineer, M.I.Division, Anandapur on behalf of Governor of Odisha invites percentage rate bids in double cover system through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of the works | : | Civil Construction works |
| 2. | Total No. of works | : | 02 nos. |
| 3. | Estimated Cost | : | Varies from 54.35 Lakhs to 80.00 Lakhs (Detail list of work Annexed) |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date & time of Availability of on-line Bid Document in the Portal | : | 30.10.2018 at 10.00 AM to 08.11.2018 upto 5.00 PM. |
| 7. | Last date/Time for online receipt of Bid in the Portal | : | 08.11.2018 upto 5.00 PM. |
| 8. | Date/Time of Opening of Tender | : | 09.11.2018 at 11.00 AM. Onwards at Office of the Technical Bid. E.E.M.I.Divn., Anandapur |
| 9. | Date/Time of Opening Financial Bid- | : | 15.11.2018 at 11.00 AM |
| 10. | Name & Address of the Officer Inviting the Bid | : | Executive Engineer, M.I. Division, Anandapur |
| 11. | Mode of Payment of Bid Cost & Bid Security | : | Online |
| 12. | Further details can be seen from the "e" Procurement Portal https://tendersorissa.gov.in | | |

**Sd/-22.10.2018, Executive Engineer,**
**M.I. Division, Anandapur**

32108/11/0015/1819

## GOVT. OF ODISHA — OFFICE OF THE EXECUTIVE ENGINEER MINOR IRRIGATION DIVISION, BALANGIR

At/PO- Balangir, Dist : Balangir
Phone No : 06652-232982, Email : mid_balangir@yahoo.co.in

No.664-A

No. 1783 Date : 22.10.2018

**e-Procurement Notice**
**Identification No : online/03/BGR MID/2018-19**

Bid documents consisting of works, estimated cost, cost of bid documents, time of completion, class of contractor, terms and conditions of contract and other necessary documents can be seen in e-procurement portal https://tendersodisha.gov.in

| | | | |
|---|---|---|---|
| 1. | Name of the Work | : | Civil construction works |
| 2. | No. of Works | : | 08 (Eight) Nos |
| 3. | Estimated Cost | : | Varies Approximately from Rs. 21.90 lakhs to Rs. 96.18 lakhs |
| 4. | Period of completion | : | 04 (Four) calendar months |
| 5. | Date and time of availability of bid documents in the portal | : | From 05.11.2018 (10.00 AM) to 15.11.2018 (5.00 PM) |
| 6. | Last date / time for receipt of bids in the portal | : | 15.11.2018 (5.00 PM) |
| 7. | Date of opening of Bid | : | On dated 16.11.2018 at 10.00 AM onwards in the Office of the Executive Engineer, Minor Irrigation Division, Balangir. |
| 8. | Date of receipt of Bid Cost and Bid Security : | : | 05.11.2018 (10.00 AM) to 15.11.2018 (5.00 PM) |
| 9. | Date of Lottery (if cases arise) for the works on dated 28.11.2018 at 11.00 AM onwards in the Office of the Executive Engineer, Minor Irrigation Division, Balangir. | | |
| 10. | Mode of Payment of Bid Cost & Bid Security : Online | | |
| 11. | Name of the the Officer inviting Tender | : | Executive Engineer, Minor Irrigation Division, Balangir |

Further details can be seen from the e-procurement portal https://tendersodisha.gov.in

**Sd./- Executive Engineer**
**Minor Irrigation Division, Balangir**

32063/11/0002/1819

# ହୋଟେଲ ମ୍ୟାନେଜମେଣ୍ଟରେ କ୍ୟାରିୟର



## ହୋଟେଲ ମ୍ୟାନେଜମେଣ୍ଟ ସମ୍ପର୍କିତ କୋର୍ସ

ହୋଟେଲ ମ୍ୟାନେଜମେଣ୍ଟରେ ଅନେକ ପ୍ରକାର କୋର୍ସ ଏଥିପାଇଁ ଉପଲବ୍ଧ, ଯାହାକି ଦ୍ୱାଦଶ ଏବଂ ସ୍ନାତକ ପରେ କରାଯାଇପାରେ। ଏହି କୋର୍ସର ଅବଧି ୬ ମାସରୁ ଆରମ୍ଭ ହୋଇ ୩ ବର୍ଷ ପର୍ଯ୍ୟନ୍ତ ରହିଛି। ଆମ ଦେଶରେ ଅନେକ ପ୍ରକାର କୋର୍ସରେ ପାଠ ପଢ଼ାଯାଏ। ସେଗୁଡ଼ିକ ହେଲା ବ୍ୟାଚେଲର ଅଫ୍ ବିଜନେସ ଆଡମିନିଷ୍ଟ୍ରେଶନ(ବିବିଏ), ବ୍ୟାଚେଲର ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ବିଏଚ୍ଏମ୍), ବ୍ୟାଚେଲର ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି (ବିଏଚ୍ଏମ୍ସିଟି), ମାଷ୍ଟର ଅଫ୍ ବିଜନେସ ଆଡମିନିଷ୍ଟ୍ରେଶନ ହସ୍ପିଟାଲିଟି (ଏମ୍ବିଏଏଚ୍)

## କ୍ୟାରିୟର ସମ୍ଭାବନା

ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କରିବା ପରେ ଛାତ୍ରୀଛାତ୍ରଙ୍କୁ ଚାକିରି ଲାଗି ବହୁ ବିକଳ୍ପ ମିଳିଯାଏ। ଏଭଳି ଅନେକ ଫିଲ୍ଡ ରହିଛି ଯେଉଁଠି ଜଣେ ଛାତ୍ରୀଛାତ୍ର ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ନିଜର କ୍ୟାରିୟର ଆରମ୍ଭ କରିପାରିବେ। ସେଗୁଡ଼ିକ ହେଲା ରିଜର୍ଭେଶନ ମ୍ୟାନେଜର, ରେଷ୍ଟୁରାଣ୍ଟ ମ୍ୟାନେଜର, ଫ୍ରଣ୍ଟ ଅଫିସ ରିସେପସନିଷ୍ଟ, ସେଲ୍ସ ଆଣ୍ଡ ମାର୍କେଟିଂ ଏକଜିକ୍ୟୁଟିଭ, ଡିପାର୍ଟମେଣ୍ଟ ମ୍ୟାନେଜର, ଫ୍ରଣ୍ଟ ଅଫିସ ମ୍ୟାନେଜର, ଫୁଡ଼ ଆଣ୍ଡ ବ୍ରେଭରେଜ ମ୍ୟାନେଜର,ହାଉସକିପିଂ ମ୍ୟାନେଜର, ଫ୍ରଣ୍ଟ ଅଫିସ ଏକଜିକ୍ୟୁଟିଭ, ଆସିଷ୍ଟାଣ୍ଟ ମ୍ୟାନେଜର, ହାଉସକିପିଂ ସୁପରଭାଇଜର,ସେଲ୍ସମ୍ୟାନେଜର,ସେଲ୍ସ ମ୍ୟାନେଜର-ବ୍ୟାଙ୍କ୍ୱେଟ, ସସ୍ ସେଫ୍।

## ଚାକିରି ସୁଯୋଗ

ହୋଟେଲ, ରେସ୍ତୋରାଁ/ଫାଷ୍ଟ ଫୁଡ୍ ଜଏଣ୍ଟ, କ୍ଲବ ମ୍ୟାନେଜମେଣ୍ଟ/ରିକ୍ରିଏଶନ ଆଣ୍ଡ ହେଲ୍‌ଥ କେୟାର ମ୍ୟାନେଜମେଣ୍ଟ, କ୍ରୁଜ୍ ଶିପ୍ ହୋଟେଲ, ହସ୍ପିଟାଲ ଆଡମିନିଷ୍ଟ୍ରେଶନ ଆଣ୍ଡ କ୍ୟାଟରିଂ, ଇନଷ୍ଟିଚ୍ୟୁଶନାଲ ଆଣ୍ଡ ଇଣ୍ଡଷ୍ଟ୍ରିଆଲ କ୍ୟାଟରିଂ, ଏୟାରଲାଇନ କ୍ୟାଟରିଂ ଆଣ୍ଡ କ୍ୟାବିନ ସର୍ଭିସେସ୍ ଆଦି କ୍ଷେତ୍ରରେ ଚାକିରି ସୁଯୋଗ ରହିଛି।

## ବେତନ

ହୋଟେଲ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଜଣେ ଟ୍ରେନିଙ୍କ ବେତନ ୧୮ହଜାର ଟଙ୍କାରୁ ୨୫ ହଜାର ଟଙ୍କା ମଧ୍ୟରେ ହୋଇଥାଏ। ଏହି ବେତନ ପଦ, କାମ ଏବଂ ଅଭିଜ୍ଞତା ଆଧାରରେ ବଢ଼ିଥାଏ।

## ରୋଜଗାର ସମ୍ଭାବନା

ଦେଶରେ ହୋଟେଲ ଇଣ୍ଡଷ୍ଟ୍ରି ଦ୍ରୁତଗତିରେ ବଢ଼ିଚାଲିଛି। ବଡ଼ ଏବଂ ନାମୀଦାମୀ ହୋଟେଲଗୁଡ଼ିକ ମେଟ୍ରୋ ସିଟିରୁ ଆଗକୁ ବଢ଼ି ଏବେ ରାଜ୍ୟର ରାଜଧାନୀରେ ନିଜର ଶାଖାସବୁ ଖୋଲିବା ଆରମ୍ଭ କଲେଣି। ସେତିକି ନୁହେଁ ସେମାନେ ଏବେ ଧୀରେ ଧୀରେ ଛୋଟ ସହରମୁହା ହେଲେଣି। ଏହାବ୍ୟତୀତ ଇଣ୍ଟରନ୍ୟାଶନାଲ ଫୁଡ଼ ଚେନ୍ସ ବଡ଼ ସହର ପରେ ଏବେ ଦେଶର ଛୋଟ ସହର ଆଡ଼କୁ ଆକର୍ଷିତ ହେଲେଣି। ପର୍ଯ୍ୟଟକଙ୍କ ସଂଖ୍ୟା ଅହେତୁକ ବଢ଼ିବା ତଥା ବଡ଼ ଓ ଛୋଟ ସହର ମଧ୍ୟରେ ଦୂରତା କମିବା ଯୋଗୁ ଏବେ ହୋଟେଲ ଶିଳ୍ପର ପରିସୀମା ବଢ଼ିଚାଲିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ ଅନ୍ତର୍ଜାତୀୟ ମାନଦଣ୍ଡ ପାଳନ କରୁଥିବା ହୋଟେଲରେ ଦକ୍ଷ ଲୋକଙ୍କ ଚାହିଦା ଅଧିକ ରହିଛି। କିନ୍ତୁ ଏ କ୍ଷେତ୍ରରେ ଅଭାବ ଜାରି ରହିଛି।



## ଶୀର୍ଷ ୧୦ ହୋଟେଲ ମ୍ୟାନେଜମେଣ୍ଟ କଲେଜ

**ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କରିବା ଲାଗି ଭାରତରେ ଅନେକ କଲେଜ ରହିଛି। ସେଠାରେ ହୋଟେଲ ମ୍ୟାନେଜମେଣ୍ଟ ସମ୍ପର୍କିତ ଅନେକ କୋର୍ସ କରିବାର ସୁବିଧା ରହିଛି। ସେଠାରୁ ଉତ୍ତୀର୍ଣ୍ଣ ହେବା ପରେ ନିଶ୍ଚିତ ଚାକିରି ସୁଯୋଗ ରହିଛି। ସେଗୁଡ଼ିକ ହେଲା...**

- ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ ନ୍ୟୁଟ୍ରିଶନ (ଆଇଏଚ୍ଏମ୍), ମୁମ୍ବାଇ
- ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ ନ୍ୟୁଟ୍ରିଶନ (ଆଇଏଚ୍ଏମ୍), ପୁସା, ନୂଆଦିଲ୍ଲୀ
- ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, (ଆଇଏଚ୍ଏମ୍), ବେଙ୍ଗାଲୁରୁ
- ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଆଇଏଚ୍ଏମ୍, କୋଲକାତା
- ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ,ଆଇଆଇଏଚ୍ଏମ୍, କୋଲକାତା
- ଲବଲୀ ପ୍ରଫେଶନାଲ ୟୁନିଭର୍ସିଟି, ଜଳନ୍ଧର
- ଆଲାଏନ୍ସ ୟୁନିଭର୍ସିଟି, ବେଙ୍ଗାଲୁରୁ
- ଏପିଜେ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି (ଏଆଇଏଚ୍), ମୁମ୍ବାଇ
- ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ (ଆଇଏଚ୍ଏମ୍ସି), ଉଦୟପୁର
- ସୁଭାଷ ବୋଷ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ବିଆଇଏଚ୍ଏମ୍),କୋଲକାତା

ପରିଶେଷରେ କହିବାକୁ ଗଲେ ଏହି ଉଦ୍ୟୋଗରେ ପ୍ରବେଶ କଲେ ଜଣେ ବ୍ୟକ୍ତି କ୍ୟାରିୟର ସହ ଆର୍ଥିକ ସ୍ୱଚ୍ଛଳତା ହାସଲ କରିପାରିବ। ଏଥିସହିତ ସମାଜରେ ତାଙ୍କର ସମ୍ମାନ ମଧ୍ୟ ବେଶ୍ ବୃଦ୍ଧି ପାଇବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

କ୍ୟାରିୟର ଦୃଷ୍ଟିରୁ ଦେଖିଲେ ହୋଟେଲ ମ୍ୟାନେଜମେଣ୍ଟ ଏକ ଚମତ୍କାର ଫିଲ୍ଡ। ଏହି କୋର୍ସ ଶେଷ ପରେ ଜଣେ ବ୍ୟକ୍ତି ଏହି ଉଦ୍ୟୋଗ ସହିତ ନିଜକୁ ଯୋଡିପାରିବ। ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କେବଳ ସେଫ୍ ହେବା ପାଇଁ ଉଦ୍ଦିଷ୍ଟ ବୋଲି ଏକ ଧାରଣା ରହିଆସିଛି। କିନ୍ତୁ ସମୟ ବଦଳିଛି, ଯୁଗ ବଦଳିଛି। ଆଜି ସେଫ୍‌ଙ୍କୁ ସମ୍ମାନ ସହ ପ୍ରଚୁର ଅର୍ଥ ମଧ୍ୟ ମିଳୁଛି। ହୋଟେଲ ମ୍ୟାନେଜମେଣ୍ଟ ଏଭଳି ଆହୁରି ଅନେକ କ୍ୟାରିୟରକୁ ଜନ୍ମ ଦେଇଛି। ହୋଟେଲ ଉଦ୍ୟୋଗର କାର୍ଯ୍ୟକଳାପ ଆଜି ବଢ଼ିଯାଇଛି। ଏଥିରେ ମ୍ୟାନେଜମେଣ୍ଟ, ପ୍ରଶାସନ, ହାଉସକିପିଂ, ମାର୍କେଟିଂ, ମେଣ୍ଟେନାନ୍ସ ଭଳି ଅନେକ ବିଭାଗ ରହିଛି, ଯେଉଁଥିରେ ପେସାଦାରଙ୍କ ଅନେକ ଚାହିଦା ରହିଛି। ଏହି କ୍ଷେତ୍ରଟି ଗ୍ଲାମର୍ସ ସହିତ କାମ କରିବାରେ ଶାନ୍ତି ଆଣିଥାଏ।

ହୋଟେଲ ମ୍ୟାନେଜମେଣ୍ଟରେ କ୍ୟାରିୟର କରିବାକୁ ଚାହୁଁଥିଲେ ଏଥିପାଇଁ ମୁଖ୍ୟ ଆବଶ୍ୟକ ଆକର୍ଷଣୀୟ ବ୍ୟକ୍ତିତ୍ୱ। ଏଥିସହିତ ଆପଣଙ୍କର କମ୍ୟୁନିକେଶନ ସ୍କିଲ ରହିବା ଜରୁରୀ। ଏହାଛଡା ବନ୍ଧୁଙ୍କ ଭଳି ବ୍ୟବହାର, ସର୍ବଦା ସହାୟତା ପାଇଁ ତତ୍ପର ରହିବା, ତ୍ୱରିତ୍ ଭାବନା କ୍ଷମତା ତଥା ପ୍ରଶାସନିକ ଦକ୍ଷତା, ସମସ୍ତଙ୍କୁ ସାଥିରେ ନେଇ ଚାଲିବା, ଚାପଗ୍ରସ୍ତ ରହିଥିଲେ ମଧ୍ୟ ସର୍ବଦା ହସହସ ମୁହଁରେ ରହିବାର ଅଭ୍ୟାସ, ସଚ୍ଚୋଟ ତଥା ପରିଶ୍ରମୀ ହୋଇଥିଲେ ଜଣେ ବ୍ୟକ୍ତି ସହଜରେ ହୋଟେଲ ମ୍ୟାନେଜମେଣ୍ଟରେ ସଫଳ ହୋଇପାରିବ।

---

**ସୁବର୍ଣ୍ଣ ଅବସର "ଭୁବନେଶ୍ୱର"**
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
**Call: 01139589422**
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

---

**MNC VACANCY 21 IN CUTTACK**
Quali.- 10th To Graduation. Age below 30 years
MONTHLY SALARY Rs.7500/- To Rs.17000/-
9937042198, 9937172198

---

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

---

**PART / FULL TIME**
ଘରକାମ/ ରୋଷେଇ/ ପେସେଣ୍ଟ କେୟାର/ ପିଲା ଯତ୍ନ/ (ମହିଳା ଓ ପୁରୁଷ ଆବଶ୍ୟକ)। ରହିବା ଖାଇବା ସୁବିଧା ଅଛି। **ବୟସ:** (18-50). **ଦରମା:** 6,000ରୁ 10,000 ଟଙ୍କା।
MOB: 9040063635, 9090909111

---

**DALA AUTO DRIVER REQUIRED**
A Reputed Food Processing Unit at Mancheswar, Bhubaneswar needs experienced Driver for their three wheeler Dala Auto. Interested candidates may
CONTACT: 9438182103

---

**WANTED CAR DRIVER**
for office at Cuttack, Jagatpur.
CONTACT: 9437496020, 7381075901

---

**ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି** ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 09319634873

---

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately Mob: 8763257042

---

**ଏଚ୍‌ଡିପି ପାଇଁ ଆବଶ୍ୟକ**
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

---

**WALK-IN-INTERVIEW**
Urgently required Accountant cum Ware house in-charge, Auto CAD Designer, DTP Operator, Office Assistance, Sales Man & Driver for a reputed trading organization. Salary negotioable. Interested persons are called for an interview at:
AP Enterprises, Rath Road (Opp. Gurukulam School), Old Town, BBSR
Contact: +91 9337179757 / +91 7008010120

---

**REQUIRED**
A CA firm requires articles, B.Com, CA (Inter) with experience. Please mail your resume to
mohapatra.sangram@rediffmail.com

---

**Urgently Required**
**RECEPTIONIST (1 No)**
Qual. 10th / +2, Salary : 10,000/- PM
ଆର୍ଯ୍ୟୁବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ
(ଖାଇବା ଓ ରହିବା ସୁବିଧା ଅଛି। ଦରମା - 8,000/-)
Contact : 6370668486
KHANDAGIRI SQUARE BHUBANESWAR (Age : 18-30 Yrs)

---

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

---

A Division of Timber & Furniture unit required 4 Nos. Manager at BBSR.
Mob: 7381203300

---

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

---

**PRINCIPAL & TEACHERS REQUIRED FOR STERLING PUBLIC SCHOOL**
(Affiliated to CBSE, English Medium, Sr. Secondary-10+2)
Siswa Bazar / Nichlaul, Maharajganj, UP-273163
Website : www.sterlingeducation.in
Principal, PGT (English, Physics, Chemistry, Maths, Biology & Physical Education) TGT (English, S.St., Maths, Science) & Primary Teachers (All subjects)
Attractive Salary + Free Accommodation
*Candidates must be fulent in English. Preference will be given to candidates with relevant experience. Please send CV at*
chandrashekharonline@gmail.com
Call : 07457984810 / 08948911222

---

**Dr Lal PathLabs**
One of India's oldest and leading diagnostic chain with its state of-the-art diagnostic facilities requires:
**PATHOLOGIST**
(Part Time)
For Puri, Odisha
Candidate should be an MBBS + MD / DNB (Pathology) With 0-5 years of relevant work experience in a laboratory.
Attractive Remuneration offered.
Interested candidates can contact Rashish Bhat (Asst. Manager HR) on 8826639509 or can share CV's on - rashish.bhat@lalpathlabs.com

---

**ଧରିତ୍ରୀ** DHARITRI
**ଆବଶ୍ୟକ କରୁଛି**
**ଖବରଦାତା**
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
**Apply immediately to**
Email: recruitment@dharitri.com

---

ଚେନ୍ନାଇରେ ଚାକିରି + ରହିବା ସୁବିଧା। ହିନ୍ଦୀ କହିପାରୁଥିବେ। ବେତନ: ୧୩୦୦୦ - ୧୭୦୦୦। ରୋଷେୟା / ହାଉସ୍‌କିପିଂ ବଏ / କାର୍ ଡ୍ରାଇଭର / ମାଲିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ
9884761210

---

See **CAREER APPOINTMENT** on every **Wednesday** & **Saturday**

---

**नालको NALCO**
National Aluminium Company Limited (A Government of India Enterprise)
Smelter Plant, Nalco Nagar, Angul - 759 145, Odisha, India
CIN : L27203OR1981GOI000920
A NAVRATNA COMPANY
**WALK-IN-INTERVIEW**
A walk-in-interview for engagement of one Homeopathy Doctor on retainership shall be held on 28.11.2018. For details, please visit 'careers' selection in **www.nalcoindia.com.**
**Advt. No.14180201** **AGM (IE), Recruitment**

---

## CAPITAL FORD

Requires professionals for its dealership across Odisha, opportunity exists for the following positions:-

- **SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **SALES MANAGER:** Graudate or MBA (Marketing) having 5 to 6 years experience of any 4 wheelers dealership handling sales.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE MANAGER:** Graduates/ MBA having 3-5 yrs. exp. in automobile finance or auto loan finance.
- **FLOOR MANAGER:** Degree or Diploma in automobile/ Mechanical haing 3 to 5 years experience in 2/3/4 wheeler dealership workshop.
- **TEAM LEADER (Sales):** Graduates/MBA having 3 to 4 years experience in auto sales and finance in 2/3/4 wheelers dealership.
- **SALES CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **USED CAR CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership of used car sales.
- **RESIDENTIAL SALES CONSULTANT:** Graduate having at least 2-3 years experience in automobile for Balasore, Koraput, Jaypore, Bhawanipatna, Baragarh & Keonjhar.
- **DELIVERY CO-ORDINATOR:** Graduate having at least 1 year experience in automobile of any 2 wheeler or 4 wheeler dealership, with 4 wheeler driving experience.
- **PARTS MANAGER:** Graduate having 5 to 6 years experience in automobile sector of any 2/3/4 wheeler dealership.
- **FLOOR SUPERVISOR:** Automobile Diploma, 1-3 yrs exp. in any automobile dealership handling body shop and floor.
- **BODYSHOP ADVISOR:** Degree or Diploma in automobile/ Accidental having 2 to 3 years experience in 2/3/4 wheeler dealership bodyshop.
- **QUALITY INSPECTOR:** ITI/DIPLOMA in automobile having at least 2 to 3 years experience in any 4 wheelers dealership/Garage, should be fluent in communication, with 4 wheeler driving experience.
- **RECEPTIONIST:** Any Graduate having good looking with pleasant personality, fluent in English having knowledge in computer.
- **TELE CALLER:** Any graduate or MBA having at least 1 year experience in automobile or any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or, MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **PAINTER:** Work in a dealership/ Garage in body operation, color matching & painting having 1 to 2 years experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **DRIVER:** 9th pass with valid license having 2 to 3 years experience in 2/3/4 wheeler driving. Preference will be given from automobile sector.

Mail to: admin@capitalford.net & siddharth9909@gmail.com
Contact: Evalin, 0674-6667709/6668822
CAPITAL FORD, SBI CHHAK, MANCHESWAR, BHUBANESWAR

---

## JOB VACANCIES

An upcoming four wheeler dealership needs professional in **Bhubaneswar** & **Sambalpur** location opportunity exists for the following positions:-

- **GM:** Must be graduate /MBA having 10 to 12 years experience in managing sales, operation of any 4 wheelers passenger car dealership.
- **SR. SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **BODYSHOP MANAGER:** Degree or Diploma in automobile/ Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR MANAGER:** Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- **ADMIN. MANAGER:** Relevant work experience in construction & Govt. liaisoning having 5-10 years experience in any automobile sector.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE HEAD:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **HR EXECUTIVE:** Must be MBA (HR) having good exposure to EPF, ESI, Bonus. Preference will given the candidate from automobile sector.
- **EDP EXECUTIVE:** Fresher/Graduates (BCA, B.Sc. {IT} having at least 1 year of experience in IT support, hard work & net work in any automobile of 2/3/4 wheeler dealership.
- **SALES CONSULTANTS:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **RESIDENTIAL SALES EXECUTIVE:** Graduate having at least 1 year exp. in automobile for Jeypore, Balasore, Bhadrak, Angul & Berhampur.
- **SERVICE ADVISOR:** Diploma in automobile engg. having 1 to 2 years experience with valid driving license of any 2/3/4 wheeler dealership.
- **CO-TECH:** Must be a technical manager or technical head in any 2/3/4 wheeler automobile dealership.
- **WARRANTY EXECUTIVE:** Diploma in Automobile/Mechanical having 1-2 yrs of relevant experience in any automobile sector handling warranty related claims.
- **PARTS EXECUTIVE:** Graduate having 2 to 3 yrs experience in automobile sector of any 2/3/4 wheeler dealership.
- **TECHNICIANS:** ITI/ DIPLOMA in automobile having at least 1 year experience in any 2/3/4 wheeler dealership/ Garage.
- **TELE CALLER:** Any graduate or MBA having at least 1 year experience in automobile of any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **PAINTER:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler painting section.

Contact: 7606002084 / 0674-6668822
edp.bhubaneswar@renault-india.com & siddharth9909@gmail.com

---

**TRAHON** Livelihood Mission Pvt. Ltd. — **URGENTLY REQUIRED**
A Leading Company Requires Experienced & Qualified Candidates

1. **District Manager: 10 Posts (Salary 20,000 to 45,000)** MBA, 3-5 Years Administration Exp., Good at English, Hindi & Local Language.
2. **District Supervisor: 10 Posts (Salary 15,000 to 20,000)** Graduate, 1-2 Years Experience, Good at English, Hindi & Local Language.
3. **IT Technician: 10 Posts (Salary 15,000 to 20,000)** BCA / BCS IT / MCA / MCS / BE-IT, 1-2 Yrs. Exp., in Hardware & Networking.
4. **Calling Executive: 300 Posts(Salary 8,000 to 12,000)** Graduate, 1-2 Yrs. Experience, Good at English & Local Language.

**Job Locations:** Job Location At All Districts in Odisha.

Drop Your CV at hr.trahonodisha@gmail.com
www.trahon.com 9607922216

---

An upcoming saloon requires the following personnel's at **Bhubaneswar**

1. **MARKETING MANAGER:** Graduate or MBA (Marketing) having 2 to 4 years experience of any product and concept marketing either from FMCG or IT sector can also apply.
2. **BUSINESS DEVELOPMENT MANAGER:** Graduate or MBA (Marketing, Finance) having 2 to 3 years experience in any insurance sales or loan dimensions.
3. **CENTRE MANAGER:** Graduate or MBA having 2 to 3 years of centre handling experience from any beauty segment or has been working as a manager heading any company.
4. **COUNSELLOR:** 1-2 yrs. experience of customer counselling from any industry or, from customer care background.
5. **BEAUTICIAN:** 1-3 yrs. experience in any beauty parlor or has under gone beauty course.
6. **DIETICIAN:** 2-3 yrs. experience in diet counselling or a nutritionist or from home science background fresher's can apply.
7. **HAIR DRESSER:** 2-3 yrs. experience in any beauty parlour.
8. **THERAPIST:** 2-3 yrs. experience in any wellness centre.

Salary is best in industry. Interested candidates may email their updated CV with latest PP size photograph.

Contact No: 9040093804/0674-6668822
Email id: siddharth9909@gmail.com, chitra89@gmail.com, info@newleaf.org.in

---

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

> ବିତ୍ତ ପ୍ରତିଷ୍ଠାନଗୁଡ଼ିକର ଆସେଟ କ୍ୱାଲିଟି ତଥା ଲିକ୍ୟୁଡିଟି ସମସ୍ୟାର ସମାଧାନ ଲାଗି ସରକାର ଶୀଘ୍ର ପଦକ୍ଷେପ ସମ୍ପର୍କରେ ଘୋଷଣା କରିବେ।
> – ରାଜୀବ କୁମାର, ଆର୍ଥିକ ସେବା ସଚିବ



> ବିନା କୌଣସି ଟାରିଫ ବୃଦ୍ଧି ଦ୍ୱାରା ଦେଶରେ ୨୦୨୧ ବେଳକୁ ୫ଜି ଡିଭାଇସ୍ ଆଣିବା ଦିଗରେ କାର୍ଯ୍ୟ କରୁଛୁ।
> – ମାଥ୍ୟୁ ଓମେନ, ସଭାପତି, ରିଲାଏନ୍ସ ଜିଓ



## ସଂକ୍ଷେପରେ

### ୮ ଦିନରେ ପେଟ୍ରୋଲ ୨ଟଙ୍କା, ଡିଜେଲ ୯୬ ପଇସା ହ୍ରାସ

**ନୂଆଦିଲ୍ଲୀ,୨୬-୧୦:** ଗତ ୮ଦିନ ହେଲା ଦେଶରେ ପେଟ୍ରୋଲ ଓ ଡିଜେଲ ଦର କ୍ରମାଗତ ହ୍ରାସ ପାଇଚାଲିଛି। ପେଟ୍ରୋଲ ଦର ଲିଟର ପିଛା ୨ ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୧ ଟଙ୍କା ହ୍ରାସ ପାଇଛି। ଆଗାମୀ ଦିନରେ ଦର ହ୍ରାସ ପାଇବା ଜାରି ରହିବ ବୋଲି ତୈଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ହ୍ରାସ ପାଉଥିବାରୁ ଏହା ସହିତ ତାଳ ଦେଇ ଗତ ୮ ଦିନ ମଧ୍ୟରେ ପେଟ୍ରୋଲ ଦର ଲିଟର ପିଛା ୧.୯୮ ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୯୬ ପଇସା ହ୍ରାସ ପାଇସାରିଲାଣି। ଶୁକ୍ରବାର ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୮୦.୮୫ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୭୪.୭୩ ଟଙ୍କା ରହିଛି। ଦିଲ୍ଲୀରେ ଚଳିତ ମାସ ୪ରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା କ୍ରମଶଃ ୮୪ ଟଙ୍କା ଏବଂ ୭୫.୪୫ଟଙ୍କାରେ ପହଞ୍ଚି ସର୍ବୋଚ୍ଚ ସ୍ତରରେ ରେକର୍ଡ କରିଥିଲା।

### ମୋବାଇଲ ୱାଲେଟ ବନ୍ଦ କରିବ ଏସ୍‌ବିଆଇ

**ନୂଆଦିଲ୍ଲୀ,୨୬-୧୦:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏହାର ମୋବାଇଲ ୱାଲେଟ 'ଏସ୍‌ବିଆଇ ବଡି'କୁ ବନ୍ଦ କରିବ। ଗ୍ରାହକଙ୍କୁ ଏ ସମ୍ପର୍କରେ ଜଣାଇବା ଆରମ୍ଭ ହୋଇଛି। ଏଥିରେ କୁହାଯାଇଛି ଯେ, କୌଣସି ଜମା ନ ଥିବା ଆକାଉଣ୍ଟ(ନିଲ୍ ଆକାଉଣ୍ଟ)କୁ ବନ୍ଦ କରାଯାଉଛି। ତେବେ ଜମା ଥିବା ଆକାଉଣ୍ଟକୁ କିପରି ଓ କେବେ ସୁଦ୍ଧା ବନ୍ଦ କରାଯିବ ସେ ସମ୍ପର୍କରେ କିଛି କୁହାଯାଇନି। ତେବେ ଏସ୍‌ବିଆଇ ୱେବସାଇଟ ଅନୁଯାୟୀ ନଭେମ୍ବର ୩୦ରୁ ଏସ୍‌ବିଆଇ ବଡିକୁ ବନ୍ଦ କରିଦିଆଯିବ। ଉଲ୍ଲେଖଥାଉ କି, ୨୦୧୫ ଅଗଷ୍ଟରେ ୧୩ଟି ଭାଷାରେ ଏସ୍‌ବିଆଇର ମୋବାଇଲ ୱାଲେଟକୁ ଲଞ୍ଚ କରାଯାଇଥିଲା।

### ଅଡୁଆରେ ଅନିଲ ଅମ୍ବାନୀ
### ଏନ୍‌ସିଏଲ୍‌ଟିରେ ପହଞ୍ଚିଲେ ୨୪ ଋଣଦାତା

**ନୂଆଦିଲ୍ଲୀ,୨୬-୧୦:** ରିଲାଏନ୍ସ କମ୍ୟୁନିକେଶନ୍ସର ମାଲିକ ଅନିଲ ଅମ୍ବାନୀଙ୍କ ଅଡୁଆ ବଢ଼ିଯାଇଛି। ଏରିକ୍‌ସନକୁ ୫୫୦ କୋଟି ଟଙ୍କା ଋଣ ପରିଶୋଧ ପାଇଁ ଅମ୍ବାନୀଙ୍କ କମ୍ପାନୀକୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ସମୟ ମିଳିଛି। ଅନ୍ୟପକ୍ଷରେ ରିଲାଏନ୍ସ କମ୍ୟୁନିକେଶନ୍ସ ଏବଂ ରିଲାଏନ୍ସ ଟେଲିକମ୍‌ରୁ ବକେୟା ଋଣ ଅସୁଲ ଲାଗି ୨୪ ଋଣଦାତା ମୁମ୍ବାଇସ୍ଥିତ ଏନ୍‌ସିଏଲ୍‌ଟିରେ ମାମଲା ଦାଏର କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆବେଦନକାରୀ ୨୪ ଋଣଦାତାଙ୍କ ମଧ୍ୟରୁ ୧୧କମ୍ପାନୀ ସହ ଅମ୍ବାନୀଙ୍କ ବିବାଦ ରଫାଦଫା ହୋଇସାରିଛି।

## ମାଲ୍ୟାଙ୍କଠାରୁ ଋଣ ଅସୁଲ
# ବାଟ ଓଗାଳିଲା ଆଇଟି ବିଭାଗ

ନୂଆଦିଲ୍ଲୀ,୨୬-୧୦

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କଠାରୁ ଋଣ ଅସୁଲ ପାଇଁ ବ୍ୟାଙ୍କଗୁଡ଼ିକ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ଆୟକର ବିଭାଗ ଲୋକଙ୍କୁ ତାଙ୍କ କମ୍ପାନୀର ଶେୟାର ନ କିଣିବାକୁ ଚେତାବନୀ ଦେଇ ଏଥିରେ ବାଟ ଓଗାଳିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଡେବ୍ଟ ରିକଭରି ଟ୍ରିବ୍ୟୁନାଲ-୨(ଡିଆର୍‌ଟି) ମାଲ୍ୟାଙ୍କ କମ୍ପାନୀ ୟୁନାଇଟେଡ ରେସିଂ ଆଣ୍ଡ୍ ବ୍ଲଡଷ୍ଟକ୍ ବ୍ରିଡ଼ର୍ସ ଲିଃ(ୟୁଆର୍‌ବିବିଏଲ)ରେ ଥିବା ତାଙ୍କର ୪୧ ଲକ୍ଷ ୫୨ ହଜାର ୨୭୧ଟି ଶେୟାରକୁ ନିଲାମ କରିବା ଲାଗି ସେପ୍ଟେମ୍ବର ୨୯ରେ ବିଜ୍ଞପ୍ତି ଜାରି କରିଥିଲେ। ଚଳିତ ମାସ ୩୦ରେ ଏହି ଶେୟାରକୁ ଇ-ଅକ୍ସନ ଜରିଆରେ ବିକ୍ରି କରାଯିବ। ତେବେ ଆୟକର ବିଭାଗ(ଆଇଟି) ଗୁରୁବାର ଏକ ବିଜ୍ଞପ୍ତି ଜାରି କରି ଏହାକୁ ବିରୋଧ କରି ପରିସ୍ଥିତିକୁ ଗୋଳିଆ କରିଛି। ଏଥିରେ ଲୋକଙ୍କୁ ଚେତାବନୀ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ମାଲ୍ୟାଙ୍କ ଶେୟାର କିଣିବା ବିପଦପୂର୍ଣ୍ଣ। ଲୋକେ ନିଜ ଦାୟିତ୍ୱରେ ଏଭଳି ଶେୟାର କିଣିବା ଉଚିତ। ଉଲ୍ଲେଖଥାଉ କି, ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ କନସୋର୍ଟିୟମ ପକ୍ଷରୁ ୬୨୦୩ କୋଟି ଟଙ୍କା ବକେୟା ଋଣ ଆଦାୟ ଲାଗି ମାଲ୍ୟାଙ୍କ କମ୍ପାନୀ କିଙ୍ଗଫିଶର ଏୟାରଲାଇନ୍ସ ବିରୋଧରେ ମାମଲା ଦାଏର କରାଯାଇଥିଲା। ଜୁନ୍ ୨୦୧୩ରୁ ଏହି ଋଣ ବକେୟା ରହିଥିବାରୁ ସେହି ସମୟଠାରୁ ଆରମ୍ଭ କରି ବାର୍ଷିକ ୧୧.୫୦ ପ୍ରତିଶତ ହାରରେ ସୁଧ ସହ ଋଣ ଅର୍ଥ ଆଦାୟ ପାଇଁ ୨୦୧୭ ଫେବୃଆରୀ ୨୧ରେ ଟ୍ରିବ୍ୟୁନାଲ ପକ୍ଷରୁ ସାର୍ଟିଫିକେଟ ଜାରି କରାଯାଇଥିଲା। ଏହାକୁ ଭିତ୍ତିକରି ମାଲ୍ୟାଙ୍କ ୟୁଆର୍‌ବିବିଏଲ୍‌ର ଶେୟାର ବିକ୍ରି ଲାଗି ଟ୍ରିବ୍ୟୁନାଲ ବିଜ୍ଞପ୍ତି ଜାରି କରିଥିଲେ। ୨୪.୫୨ କୋଟି ଟଙ୍କାର ସଂରକ୍ଷିତ ମୂଲ୍ୟରେ ମାଲ୍ୟାଙ୍କ ସମସ୍ତ ଶେୟାରକୁ ଏକାଥରକେ ବିକ୍ରି କରାଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଏହାର ଅର୍ଥ ଶେୟାର ପିଛା ୫୯.୦୭ ଟଙ୍କାରେ ମାଲ୍ୟାଙ୍କ ୪୧.୫୨ ଲକ୍ଷ ଶେୟାରକୁ ବିକ୍ରି କରାଯିବ। ଅନ୍‌ଲାଇନ(ଇ-ଅକ୍ସନ) ଜରିଆରେ ଉକ୍ତ ଶେୟାର ବିକ୍ରି କରାଯାଇ ନ ପାରିଲେ ଅକ୍ଟୋବର ୩୧ରେ ମ୍ୟୁଚୁଆଲ ଅକ୍ସନ ହେବ ବୋଲି ଡିଆର୍‌ଟି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଆୟକର ବିଭାଗ ପକ୍ଷରୁ ଆଉ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ, ବକେୟା ଟିକସ ଆଦାୟ ହୋଇ ନ ଥିବାରୁ ବିଭାଗ ପକ୍ଷରୁ ପୂର୍ବରୁ ଶେୟାର କିଣାବିକା ଉପରେ ଚେତାବନୀ ଦିଆଯାଇଛି। ଏଭଳି ସ୍ଥିତିରେ ମାଲ୍ୟାଙ୍କ କୌଣସି ଶେୟାର ବିକ୍ରି ଅଥବା ହସ୍ତାନ୍ତର ଯଥୋଚିତ ନୁହେଁ। କାରଣ ଏହି ଶେୟାର ଆୟକର ବିଭାଗ ନିକଟରେ ରହିଛି।

### ୩୦ରେ ହେବ ପଳାତକ ଘୋଷଣା ରାୟ



**ମୁମ୍ବାଇ,୨୬-୧୦:** ସ୍ଥାନୀୟ ପିଏମ୍‌ଏଲଏ ଅଦାଲତ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରିବା ନେଇ ଆସନ୍ତା ୩୦ରେ ରାୟ ଶୁଣାଇବେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଏ ସଂକ୍ରାନ୍ତରେ ଆବେଦନ କରାଯାଇଥିବା ବେଳେ ମାଲ୍ୟାଙ୍କ ପକ୍ଷରୁ ଏହା ଉପରେ ରହିତାଦେଶ ଜାରି କରିବାକୁ ଆବେଦନ କରାଯାଇଥିଲା। ଶୁକ୍ରବାର ଉଭୟ ପକ୍ଷରୁ ଗରମାଗରମ ଯୁକ୍ତି ଶୁଣିବା ପରେ ଅଦାଲତ ରାୟ ଘୋଷଣାକୁ ସ୍ଥଗିତ ରଖିଛନ୍ତି।

- ୟୁଆର୍‌ବିବିଏଲ୍‌ରେ ମାଲ୍ୟାଙ୍କ ୪୧.୫୨ ଲକ୍ଷ ଶେୟାର ରହିଛି
- ଶେୟାର ବିକ୍ରି ଲାଗି ସେପ୍ଟେମ୍ବର ୨୯ରେ ଡିଆର୍‌ଟି ବିଜ୍ଞପ୍ତି ଜାରି କରିଥିଲେ
- ଅକ୍ଟୋବର ୩୦ରେ ଇ-ନିଲାମୀ ହେବ
- ଶେୟାର ନ କିଣିବାକୁ ଆଇଟି ବିଭାଗର ଚେତାବନୀ

## ହୋଣ୍ଡା କାର୍‌ସର ନୂଆ ସିଆର୍-ଭି ବଜାରରେ




ଭୁବନେଶ୍ୱର,୨୬-୧୦

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ପଞ୍ଚମ ପିଢ଼ିର ନୂଆ ସି-ଆର୍‌ଭି ବଜାର ପ୍ରବେଶ କରିଛି। ସ୍ଥାନୀୟ ସେଣ୍ଟ୍ରାଲ ହୋଣ୍ଡା ଶୋ'ରୁମରେ ଏହାର ଉନ୍ମୋଚନ ହୋଇଥିଲା। ଶୋ'ରୁମର ଏମ୍‌ଡି ବିଶାଲ ଧାୱନ, ନିର୍ଦ୍ଦେଶକ ସିନୁ ଧାୱନ, ହୋଣ୍ଡା କାର୍‌ସର ଆଞ୍ଚଳିକ ପ୍ରବନ୍ଧକ ଲୋକେଶ ଗୁପ୍ତା ଏବଂ ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ସତ୍ୟ ନାରାୟଣ ପାଣିଗ୍ରାହୀ ଏହି ମଡେଲକୁ ବଜାର ପ୍ରବେଶ କରାଇଥିଲେ। କମ୍ପାନୀ ନୂଆ କରି ଏହି ମଡେଲର ଡିଜେଲ ଭାରିଆଣ୍ଟ ଆଣିଛି। ପ୍ରିମିୟମ ଏସ୍‌ୟୁଭି ବର୍ଗରେ ଉପସ୍ଥିତିକୁ ଦୃଢ଼ୀକରଣ ଦିଗରେ ଏହା ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ମଡେଲରେ ଗ୍ରାହକମାନେ ଅତୁଳନୀୟ ଡ୍ରାଇଭିଂ ଅଭିଜ୍ଞତା ଲାଭ କରିପାରିବେ। ଏଥିରେ ଅତ୍ୟାଧୁନିକ ସିଫ୍ଟ-ବାଏ-ୱେୟାର ୯ ଏଟି ରହିଛି।

ଏହା ଉଭୟ ଡିଜେଲ ତଥା ପେଟ୍ରୋଲରେ ସର୍ବୋତ୍ତମ ଫୁଏଲ ଇକୋନୋମି ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି ଏହା ପ୍ରକାଶ କରିଛି। ମଡେଲଟି ୫ ଷ୍ଟାର ଏସିଆନ୍ ଏନ୍‌କ୍ୟାପ୍ ସେଫଟି ରେଟିଂ ଲାଭ କରିଛି। ଏଥିରେ ଫାଷ୍ଟ ଇନ୍ ସେଗମେଣ୍ଟ ଫିଚର ଭାବେ ଲେନ୍‌ୱାଚ୍ କ୍ୟାମେରା, ରିମୋଟ ଇଞ୍ଜିନ ଷ୍ଟାର୍ଟର, ଡ୍ରାଇଭର ଆଟେନଶନ ମନିଟର, ଏଜାଇଲ୍ ହ୍ୟାଣ୍ଡଲିଂ ଆସିଷ୍ଟ, ଫୁଲ ସାଇଜ ଟିଏଫ୍‌ଟି ମିଟର ରହିଛି। ଏହା ବାଦ୍ ଗ୍ରାହକମାନେ ଡାଇନାମିକ ଏବଂ ଆଗ୍ରେସିଭ୍ ଏକ୍ସଟେରିୟର ଡିଜାଇନ, ବିଳାସପୂର୍ଣ୍ଣ ତଥା ଆରାମଦାୟକ ଇଣ୍ଟେରିୟର, ଅତ୍ୟାଧୁନିକ ନୂତନ ପାୱାରଟ୍ରେନ ସହ ନିରାପତ୍ତା ଫିଚର ଲାଭ କରିପାରିବେ। ଏହା ତିନୋଟି ଭାରିଆଣ୍ଟରେ ବଜାରକୁ ଆସିଛି। ଗୋଲଡେନ୍ ବ୍ରାଉନ ମେଟାଲିକ, ରେଡିଆଣ୍ଟ ରେଡ୍ ମେଟାଲିକ୍, ଲୁନାର ସିଲ୍‌ଭର ମେଟାଲିକ୍, ମଡର୍ନ ଷ୍ଟିଲ ମେଟାଲିକ୍ ଏବଂ ହ୍ୱାଇଟ ଅର୍କିଡ ପର୍ଲ ଭଳି ରଙ୍ଗରେ ଏହା ବଜାରକୁ ଆସୁଛି। ଏହାର ଏକ୍ସ ଶୋ'ରୁମ ମୂଲ୍ୟ ୨୮.୧୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ପ୍ରିମିୟମ ଏସ୍‌ୟୁଭି ସେଗମେଣ୍ଟରେ ଏହା ଏକ ଗେମ୍ ଚେଞ୍ଜର ହେବ ବୋଲି କମ୍ପାନୀର ସଭାପତି ତଥା ସିଇଓ ଗାକୁ ନାକାନିସି କହିଛନ୍ତି।

### ମଡେଲର ବୈଶିଷ୍ଟ୍ୟ

ଫାଷ୍ଟ ଇନ୍ ସେଗମେଣ୍ଟ ଫିଚର ଭାବେ ଲେନ୍ ୱାଚ୍ କ୍ୟାମେରା, ରିମୋଟ ଇଞ୍ଜିନ ଷ୍ଟାର୍ଟର, ଡ୍ରାଇଭର ଆଟେନଶନ ମନିଟର, ଏଜାଇଲ୍ ହ୍ୟାଣ୍ଡଲିଂ ଆସିଷ୍ଟ, ଫୁଲ ସାଇଜ ଟିଏଫ୍‌ଟି ମିଟର ଇତ୍ୟାଦି

## ଦମ୍‌ରୋ ଫର୍ନିଚର ପକ୍ଷରୁ ନୂଆ ଶୋ'ରୁମ

ଭୁବନେଶ୍ୱର,୨୬-୧୦



ପ୍ରମୁଖ ଫର୍ନିଚର ବ୍ରାଣ୍ଡରୁ ଦମ୍‌ରୋ ପକ୍ଷରୁ ଭୁବନେଶ୍ୱରର ବାପୁଜୀନଗର ଜନପଥଠାରେ ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏହା ଓଡିଶାରେ କମ୍ପାନୀର ପ୍ରଥମ ଶୋ'ରୁମ। ନୂଆ ଶୋ'ରୁମକୁ ଦମ୍‌ରୋ ବ୍ରାଣ୍ଡର ପୂର୍ବ ତଥା ଉତ୍ତରାଞ୍ଚଳ ସେଲ୍‌ସ ଜେନେରାଲ ମ୍ୟାନେଜର ସୁମନ ବାଇରି, ଷ୍ଟୋରର ସ୍ୱତ୍ୱାଧିକାରୀ ଉମେଶ ଚନ୍ଦ୍ର ବେହେରା ଉନ୍ମୋଚନ କରିଥିଲେ। ଦମ୍‌ରୋ ଦକ୍ଷିଣ ଏସିଆର ସର୍ବବୃହତ୍ ମାନୁଫାକଚରର ହୋଇଥିବା ବେଳେ ବିସ୍ତୃତ ରେଞ୍ଜର ଅତ୍ୟାଧୁନିକ ତଥା ପାରମ୍ପରିକ ଫର୍ନିଚର ଯୋଗାଣ କରୁଥିବା କମ୍ପାନୀ ସୂଚନା ଦେଇଛି। ୧୯୮୬ରେ ସ୍ଥାପନ ହୋଇଥିବା କମ୍ପାନୀ ବର୍ତ୍ତମାନ ଘରୋଇ ବଜାରରେ ଏହାର ସ୍ଥିତିକୁ ଦୃଢ଼ୀକରଣ କରିବା ସହ ଦକ୍ଷିଣ ଏବଂ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଭଲ ପ୍ରଦର୍ଶନ କରୁଥିବା ପ୍ରକାଶ କରିଛି। ନୂଆ ଶୋ'ରୁମରେ ଗ୍ରାହକମାନେ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଫର୍ନିଚର ସୁଲଭ ମୂଲ୍ୟରେ ଲାଭ କରିବାକୁ ସକ୍ଷମ ହେବେ। ଶୋ'ରୁମ ଉନ୍ନତ କଷ୍ଟମର ସର୍ଭିସ ସହ ଫାଇନାନ୍ସ ସୁବିଧା ପ୍ରଦାନ କରୁଥିବା କହିଛି। ଏହି ଅବସରରେ ଗ୍ରାହକଙ୍କୁ ଇନାଗୁରାଲ ଅଫର ମଧ୍ୟ ପ୍ରଦାନ କରାଯାଉଥିବା ଶୋ'ରୁମ ପକ୍ଷରୁ ପ୍ରକାଶ।

## ଏସାର ଷ୍ଟିଲ୍‌କୁ କିଣିବ ଆର୍ସେଲର ମିତ୍ତଲ

ନୂଆଦିଲ୍ଲୀ,୨୬-୧୦

ବିଶ୍ୱର ସର୍ବବୃହତ୍ ଷ୍ଟିଲ ନିର୍ମାତା ଆର୍ସେଲର ମିତ୍ତଲ ଋଣଗ୍ରସ୍ତ ଏସାର ଷ୍ଟିଲ୍‌କୁ କିଣିବ। ଏଥିପାଇଁ କମ୍ପାନୀ ପକ୍ଷରୁ ଦିଆଯାଇଥିବା ୪୨ ହଜାର କୋଟି ଟଙ୍କାର ପ୍ରସ୍ତାବ ସମ୍ପର୍କିତ ବିଡ଼କୁ ଗ୍ରହଣ କରିନିଆଯାଇଛି। ଏହି ଅଧିଗ୍ରହଣ ମାଧ୍ୟମରେ ଭାରତରେ ପାଦ ରଖିବାକୁ ଆର୍ସେଲର ମିତ୍ତଲ ମାଲିକ ଲକ୍ଷ୍ମୀବିଳାସ ମିତ୍ତଲଙ୍କ ବହୁ ଦିନର ଆଶା ଏବେ ପୂରଣ ହେବାକୁ ଯାଉଛି। କମିଟି ଅଫ୍ କ୍ରେଡିଟର(ସିଓସି) ଗୁରୁବାର ମିତ୍ତଲକୁ ଏକମାତ୍ର ବିଡର ଭାବେ ମାନି ନେଇଥିଲା। ତେବେ ଶେଷ ମୁହୂର୍ତ୍ତରେ ଏସାର ଷ୍ଟିଲ ପ୍ରମୋଟରଙ୍କ ପକ୍ଷରୁ ୫୪,୩୮୯ କୋଟି ଟଙ୍କାର ଏକ ସମାଧାନ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ସିଓସି ଗ୍ରହଣ କରିନି। ଆର୍ସେଲର ମିତ୍ତଲଙ୍କ ପକ୍ଷରୁ ଶୁକ୍ରବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, କମ୍ପାନୀ ଏସାର ଷ୍ଟିଲ୍‌ର ବକେୟା ଋଣ ବାବଦରେ ତୁରନ୍ତ ୪୨ ହଜାର କୋଟି ଟଙ୍କା ଦେବ।

# ଅନୁଗୋଳ ଜେଏସ୍‌ପିଏଲ୍ ଉତ୍ପାଦନ କ୍ଷମତା ବଢ଼ିବ

ଭୁବନେଶ୍ୱର,୨୬-୧୦




ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍) ଏହାର ଉତ୍ପାଦନ କ୍ଷମତା ବଢାଇବ। ୨୦୩୦ ସୁଦ୍ଧା କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୬ ନିୟୁତ ଟନ୍‌ରୁ ବୃଦ୍ଧି କରି ବାର୍ଷିକ ୨୦ ନିୟୁତ ମେଟ୍ରିକ ଟନ୍ କରିବାକୁ ଲକ୍ଷ୍ୟ ରଖିଛି। ୧୨ ବର୍ଷ ମଧ୍ୟରେ ଏହି ଲକ୍ଷ୍ୟ ହାସଲ ଲାଗି ଯୋଜନା ଧାର୍ଯ୍ୟ ହୋଇଛି। ଏଥି ଲାଗି କମ୍ପାନୀ ଅତିରିକ୍ତ ୫୦,୦୦୦ କୋଟି ଟଙ୍କା ନିବେଶ ନେଇ ଯୋଜନା ରଖିଛି। ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଶୁକ୍ରବାର ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରଶାଦ ପାଢ଼ୀଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି। ଏନେଇ ଜିନ୍ଦଲ ରାଜ୍ୟ ଇସ୍ପାତ ଏବଂ ଖଣି ସଚିବ ଆର୍.କେ. ଶର୍ମା ଏବଂ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରାଙ୍କୁ ଭେଟିଥିଲେ। ଯୋଜନାକୁ ରୂପରେଖ ପ୍ରଦାନ ଲାଗି କମ୍ପାନୀ ଆଭ୍ୟନ୍ତରୀଣ ସୋର୍ସରୁ ନିବେଶ ଯୋଜନା କରିଛି। ସେହିଭଳି ଷ୍ଟ୍ରାଟେଜିକ୍ ଇନଭେଷ୍ଟରଙ୍କଠାରୁ ଇକ୍ୱିଟି ସେୟାର ଭାବେ ନିବେଶ ନେଇ ଲକ୍ଷ୍ୟ ରଖାଯାଇଛି।

ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ୨୦୨୧ଠାରୁ ନୂଆ ପଦକ୍ଷେପ ମାନ ଗ୍ରହଣ କରାଯିବ ବୋଲି ଜିନ୍ଦଲ ସୂଚନା ଦେଇଛନ୍ତି। ୨୦୩୦-୩୧ ବେଳକୁ ଦେଶରେ ମୋଟ୍ ବାର୍ଷିକ ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି କରି ୩୦୦ ନିୟୁତ ମେଟ୍ରିକ୍ ଟନ୍ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏକ୍ଷେତ୍ରରେ ଯୋଗଦାନ ପୂର୍ବକ କମ୍ପାନୀ ପଦକ୍ଷେପ ନେଉଥିବା ସେ କହିଛନ୍ତି। ଏଥିଲାଗି ଅନୁଗୋଳ ପ୍ଲାଣ୍ଟକୁ ପ୍ରସ୍ତୁତ କରାଯାଉଛି। ଏ ନେଇ ରୋଡ୍ ମ୍ୟାପ୍ ହୋଇଥିବା ସେ ପ୍ରକାଶ କରିଛନ୍ତି। ଉକ୍ତ ପ୍ଲାଣ୍ଟ ବର୍ତ୍ତମାନ ଭଲ ପ୍ରଦର୍ଶନ କରୁଛି। ନଭେମ୍ବର ୨୦୧୮ ସୁଦ୍ଧା ମାସିକ ୩ ଲକ୍ଷ ମେଟ୍ରିକ ଟନ୍ ହଟ୍ ମେଟାଲ ଏବଂ ଆସନ୍ତା ବର୍ଷ ମାର୍ଚ୍ଚ ବେଳକୁ ୪ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ହାସଲ ନେଇ ଜିନ୍ଦଲ ଆଶାବାଦୀ ଅଛନ୍ତି। ରାଜ୍ୟରେ ଲୁହା ପଥରର ଚଢ଼ା ମୂଲ୍ୟ ଏବଂ କୋଇଲା ଇସ୍ପାତ ଶିଳ୍ପ ଲାଗି ପ୍ରମୁଖ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି। କୋଇଲା ଏବଂ ଲୁହା ପଥରର ଅଭାବ ସତ୍ତ୍ୱେ ମଧ୍ୟ କମ୍ପାନୀ ଏହାର ଉତ୍ପାଦନ କ୍ଷମତା ବୃଦ୍ଧି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଛି। ଅଣ-ଜାଳେଣି କୋଇଲା କ୍ଷେତ୍ରରେ ଭାରତ ପଞ୍ଚମ ବୃହତ୍ ଦେଶ ହୋଇଥିବା ବେଳେ ଏଠାରେ କୋଇଲା ଅଭାବ ରହିବ ନାହିଁ। ମାତ୍ର ଅନେକ ଷ୍ଟିଲ୍ ପ୍ଲାଣ୍ଟ କୋଇଲା ଲାଗି ଅସୁବିଧା ସାମ୍ନା କରୁଛନ୍ତି। ୟୁନିଟ୍‌ଗୁଡ଼ିକ କିଭଳି ଭାବେ ଆବଶ୍ୟକ ମୁତାବକ କୋଇଲା ଲାଭ କରିବେ ତାହା ନିଶ୍ଚିତ କରାଇବା କୋଲ୍ ଇଣ୍ଡିଆର କାର୍ଯ୍ୟ ବୋଲି ଜିନ୍ଦଲ କହିଛନ୍ତି।

- ବାର୍ଷିକ ୨୦ ନିୟୁତ ମେଟ୍ରିକ ଟନ୍ ଛୁଇଁବ
- ୨୦୩୦ ସୁଦ୍ଧା ଲକ୍ଷ୍ୟ ହାସଲ ଯୋଜନା
- ନିବେଶ ହେବ ଅତିରିକ୍ତ ୫୦ ହଜାର କୋଟି
- ବର୍ତ୍ତମାନର କ୍ଷମତା ୬ ନିୟୁତ ଟନ୍

**BERHAMPUR UNIVERSITY**
Bhanjabihar, Berhampur - 760007
**Tender Notice: SERB/EMR-2016/006898/20/2018 Date: 26.10.2018**
Sealed quotations are invited from qualified & registered suppliers for supply of minor Equipment, Consumables etc. for DST India Project SERB/EMR No. 2016/006898. The details are available at PI. SERB/EMR, PG Dept. of Chemistry, Berhampur University, Odisha. The last date of receiving tender/quotation is 18.11.2018 by 13.00 h.
**Sd./- P.I., SERB/EMR-2016/006898**
**PG Dept. of Chemistry**

**OFFICE OF THE COLLECTOR & DISTRICT MAGISTRATE, ANGUL**
(ST & SC Development Section, Ph. No. 06764-231173, e-mail: angdwo@gmail.com)
NO. 2141 Dt. 25.10.2018
ADVERTISEMENT
Applications are invited in prescribed format from the interested eligible female candidates belonging to Angul District for engagement of one Lady Matron / Junior Matron on contractual basis initially for a period of one year in Debahali Sevashram Girls' Hostel under Pallahara Block of Angul district managed by ST & SC Development Department, Govt. of Odisha.
Copy of the application form along with the details of eligibility criteria and selection procedure may be obtained from the district website https://angul.nic.in and from the Notice Board of DWO, Angul and all Block Offices of Angul district.
The last date of receipt of applications in the Office of the District Welfare Officer, Angul is 20.11.2018 by Regd. Post / Speed Post only. Applications received beyond the date line shall not be entertained.
**Sd./- Collector, Angul**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
OPTCL Lifeline of Orissa
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904
Advt. No.05/2018-19 **EXPRESSION OF INTEREST**
"Expression of Interest" (EOI) are invited from Manufacturers / Authorized Dealers/ Suppliers/Civil Contractors, MV/HV Electrical License Holders & Labour Contract License Holders to be empanelled in the approved vendor list of this Office for supply of materials and execution of works up to Rs.1,00,000/- (Rupees One Lakh) Only. The EOI must be in a sealed cover duly super scribed "Expression of Interest". The interested parties are to furnish their willingness along with the documents to this office on or before **Dated 12.11.2018** in Person/Registered Post/Speed Post. The final list after scrutiny will be intimated in due course. For details please visit our website **www.optcl.co.in** Corrigendum if any will be published In the website only.
*General Manager (Elect.)*

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India
Tender Notice for "150T Static Rail Weighbridge complete in all respect as identified for this package on divisible turnkey basis".
Tender No. P/Proj/632(81B)/1590000144/RPN-1/65 Dtd. 17.08.2018
Extended Last Date & Time of Tender Submission:2:30PM on Dtd. 12.11.2018
Tender Notice for "PROCUREMENT OF PCs FOR SAIL, RSP, ROURKELA."
Tender No. 042/098/1890000042/01/00/500005897 Dtd. 23.10.2018
Last Date & Time of Tender Submission: 2.30 PM, Dtd. 12.11.2018
Tender Notice for "ROUND THE CLOCK COMPREHENSIVE MECH. MAINT. WORK OF PLATE MILL FIN LINE."
Tender No: 021/253/1782001169/02/00/500005904, Dtd. 18.10.2018
Last Date & Time of Tender Submission: 04:00 PM on Dtd. 05.11.2018
Tender Notice for "COLLECTION OF SAMPLE AND TEMP. FROM CONV. LADLE & TAP HOLE LANCING."
Tender No: 021/644/1782001612/02/00/500005903, Dtd. 10.10.2018
Last Date & Time of Tender Submission: 04:00 PM on Dtd. 31.10.2018
Corrigendum To Tender Notice for "ENABLING JOBS FOR REHEATING FURNACE AREA ACTIVITIES."
Tender No: 021/654/1888100096/01/00/500005858, Dtd. 19.09.2018
Extended Last Date & Time of Tender Submission:4:00 PM on Dtd. 03.11.2018
Tender Notice for "THERNAL INSULATION OF YARD STEAM PIPELINE."
Tender No: 021/633/1882000731/01/00/500005906, Dtd. 16.10.2018
Last Date & Time of Tender Submission: 04:00 PM on Dtd. 30.10.2018
Tender Notice for "MEASURMENT OF DAUGHTER SLABS AT SMS-II."
Tender No: 021/635/1882000734/01/00/500005909, Dtd. 16.10.2018
Last Date & Time of Tender Submission: 04:00 PM on Dtd. 30.10.2018
For details & downloadable tender document log on to our SAIL Website https:// www.sailtenders.co.in(unit RSP, Category 'Contracts')
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

C.D.A **କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 11 ରେ ପ୍ଲଟ ନଂ – 11-2F/1026 ଟିକୁ ଶ୍ରୀମତୀ ମୀନାକ୍ଷି ପୃଷ୍ଟି, ସ୍ୱା – ଂ ବୈକୁଣ୍ଠନାଥ ପୃଷ୍ଟି, ସା – ମାନସିଂହପାଟଣା, ପୋ – ତୁଳସୀପୁର, ଥା – ଲାଲବାଗ, ଜି – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ମୀନାକ୍ଷୀ ପୃଷ୍ଟି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ପ୍ରତିମା ମୁଦୁଲି, ସ୍ୱା – ଶ୍ରୀ ରବିନ୍ଦ୍ର ମୁଦୁଲି, ସା – ଛିଟିକଣା, ପୋ – ବାଣ୍ଟୁଗ୍ରାମ, ଥା – ନିମାପଡା, ଜିଲ୍ଲା – ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଲିଖିତ ଭାବେ ଜଣାଇବେ । ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ପରିବର୍ତ୍ତନ କରାଯିବ ।
**ସଚିବ**

“ବର୍ତ୍ତମାନ ପରିସ୍ଥିତିରେ କ୍ରିକେଟ ଅଷ୍ଟ୍ରେଲିଆର ଚୟନକର୍ତ୍ତା ହେବା ଏକ ଚ୍ୟାଲେଞ୍ଜ ହୋଇଥିଲେ ହେଁ ମୁଁ ଏହି ପଦବୀ ପାଇଁ ଆଗ୍ରହୀ ।

– ଜାସନ ଗିଲେସ୍ପି, ପୂର୍ବତନ ଟେଷ୍ଟ ଫାଷ୍ଟ ବୋଲର



“ବିସିସିଆଇ ସିଇଓ ରାହୁଲ ଜୋହରିଙ୍କ ବିପକ୍ଷ ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ କାର୍ଯ୍ୟରେ ମୁଁ ସାକ୍ଷ୍ୟ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ।

– ଶିଶିର ହାତଙ୍ଗଡ଼ି, ପୂର୍ବତନ ମୁମ୍ବାଇ ଅଧିନାୟକ



## ସଂକ୍ଷେପରେ

### ପୃଥ୍ୱୀ ଶ’ ଆହତ

ମୁମ୍ବାଇ,୨୬।୧୦: ବିଜୟ ହଜାରେ ଟ୍ରଫି ଜିତି ମୁମ୍ବାଇ ଦଳ ସମ୍ପୂର୍ଣ୍ଣ ଷ୍ଟାଇଲରେ ଚଳିତ ସିଜନରେ ଅଭିଯାନ ଆରମ୍ଭ କରିଛି। କିନ୍ତୁ ରଣ୍‌ଜୀ ଟ୍ରଫି ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ଟିମ୍ ତା’ର ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କୁ ହରାଇଛି। ଦଳୀୟ ଓପନର ପୃଥ୍ୱୀ ଶ’ ଆହତ ସମସ୍ୟା ଯୋଗୁ ନଭେମ୍ବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ରେଲ୍‌ୱେ ବିପକ୍ଷରେ ହେବାକୁ ଥିବା ପ୍ରଥମ ରଣ୍‌ଜୀ ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ଚଳିତ ଦେଓଧର ଟ୍ରଫିରେ ଶ’ଙ୍କ କହୁଣିରେ ଆଘାତ ଲାଗିଛି। ପଦାର୍ପଣ ଟେଷ୍ଟରେ ଶତକ ମାରି କ୍ୟାରିୟର ଆରମ୍ଭ କରିଥିବା ଶ’ ଭାରତ ଏ’ ପକ୍ଷରୁ ବ୍ୟାଟିଂ କରୁଥିବାବେଳେ ଇଣ୍ଡିଆ ସି’ ବୋଲର ଦୀପକ ଚହରଙ୍କ ବଲ୍ ତାଙ୍କ କହୁଣିରେ ବାଜିଥିଲା। ଏଥିପୂର୍ବରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ହାଇଦ୍ରାବାଦ ଟେଷ୍ଟରେ ମଧ ଶ’ ସମାନ ସ୍ଥାନରେ ଆଘାତ ପାଇଥିଲେ। କିନ୍ତୁ ତାଙ୍କ ସମସ୍ୟା ଗୁରୁତର ନୁହେଁ। ଏଣୁ ତାଙ୍କୁ ଡାକ୍ତର ଏକ ସପ୍ତାହ ଲାଗି ବିଶ୍ରାମ ନେବାକୁ ଉପଦେଶ ଦେଇଛନ୍ତି। ମୁମ୍ବାଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି, ମ୍ୟାଚ୍ ପୂର୍ବରୁ ଶ’ ସମ୍ପୂର୍ଣ୍ଣ ଫିଟ୍ ହୋଇପାରିବେ ନାହିଁ। ଏଥିଯୋଗୁ ପ୍ରଥମ ମ୍ୟାଚ୍ ଲାଗି ଘୋଷିତ ଦଳରୁ ତାଙ୍କୁ ବାଦ୍ ଦିଆଯାଇଛି।

### ବିମାନବନ୍ଦର ବାହାରେ ଅପେକ୍ଷା କଲା ବିରାଟ ବାହିନୀ

ବିଶାଖାପାଟଣା,୨୬।୧୦: ଏଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଦିନିକିଆ ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ବିଶାଖାପାଟଣା ବିମାନବନ୍ଦର ବାହାରେ ଅପେକ୍ଷା କରିବାକୁ ପଡ଼ିଛି। ଦଳର ସଦସ୍ୟମାନେ ପୁଣେ ଫ୍ଲାଇଟ୍ ଧରିବା ଲାଗି ଦୁଇଟି ବସ୍ ଯୋଗେ ବିମାନବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ୱାଇଏସ୍ଆର କଂଗ୍ରେସ ସଭାପତି ୱାଇଏସ୍ ଜଗନ୍‌ମୋହନ ରେଡ୍ଡୀଙ୍କ ଉପରେ ଜଣେ କ୍ୟାଣ୍ଟିନ କର୍ମକର୍ତ୍ତା ଛୁରା ଆକ୍ରମଣ କରିଥିଲେ। ଏହି କାରଣରୁ ବିମାନବନ୍ଦର ପ୍ରବେଶ ପଥରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା। ଏଥିଯୋଗୁ କାର୍ଯ୍ୟସୂଚୀ ଅନୁଯାୟୀ ଭାରତୀୟ ଦଳ ଫ୍ଲାଇଟ୍ ଧରି ପାରି ନ ଥିଲେ ଏବଂ ସେମାନଙ୍କୁ ବସ୍‌ରେ ରହିବାକୁ ପଡ଼ିଥିଲା। ସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ଭାରତୀୟ ଦଳର ଖେଳାଳିମାନେ ଫ୍ଲାଇଟ୍ ଯୋଗେ ପୁଣେ ଗସ୍ତ କରିଥିଲେ। ୱେଷ୍ଟଇଣ୍ଡିଜ୍ ବିପକ୍ଷ ୩ୟ ଦିନିକିଆ ମ୍ୟାଚ୍ ପୁଣେସ୍ଥିତ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମଠାରେ ଖେଳାଯିବ। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତୀୟ ଦଳ ୧-୦ ବ୍ୟବଧାନରେ ଆଗୁଆ ରହିଛି।

# ତୃତୀୟ ଦିନିକିଆ ଆଜି

**ପୁଣେ, ୨୬।୧୦ (ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଦ୍ୱିତୀୟ ଦିନିକିଆ ଟାଇ ରଖିବା ପରେ ଭ୍ରମଣକାରୀ ଦଳର ନୈତିକ ମନୋବଳ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଘରୋଇ ଦଳ ଏହାର ଫ୍ରଣ୍ଟଲାଇନ୍ ପେସ୍ ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଦଳରେ ସ୍ଥାନ ଦେବାକୁ ବାଧ ହୋଇଛି। ଗୁଆହାଟୀଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୮ଉଇକେଟରେ ବିଜୟ ହାସଲ କରିଥିଲା। ବିଶାଖାପାଟଣାଠାରେ ଦ୍ୱିତୀୟ ଦିନିକିଆରେ ବିଜୟ ଲାଭ କରି ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଆଗୁଆ ହେବା ଲାଗି ଲକ୍ଷ୍ୟ ରଖିଥିଲା। ମାତ୍ର ୱେଷ୍ଟଇଣ୍ଡିଜ ମ୍ୟାଚକୁ ଟାଇ ରଖି ତାହା କରାଇ ଦେଇ ନ ଥିଲା। ଭୁବନେଶ୍ୱର ଓ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭ୍ରମଣକାରୀ ଦଳ ଗତ ଦୁଇଟି ଗେମ୍‌ରେ ୩୨୦ରୁ ଅଧିକ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ବିଶେଷକରି ପ୍ରଥମ ପାୱାର ପ୍ଲେ ଏବଂ ଡେଥ୍ ଓଭରରେ ଏହି ବୋଲର ଦ୍ୱୟ ଉମେଶ ଯାଦବ ଓ ଅସ୍ଥିର ପ୍ରଦର୍ଶନ କରିଆସୁଥିବା ମହମ୍ମଦ ସାମିଙ୍କ ତୁଳନାରେ ଉଲ୍ଲେଖନୀୟ ଫରକ ଆଣିପାରିବେ ବୋଲି ଆଶା କରାଯାଏ। ଅଧିନାୟକ ବିରାଟ କୋହଲି ଭାରତୀୟ ଟିମ୍‌ର ମେରୁଦଣ୍ଡ ଭଳି କାର୍ଯ୍ୟ କରି ଆସୁଛନ୍ତି। ସେ ପଛକୁ ପଛ ଦୁଇଟି ଶତକ (୧୪୦ ଓ ୧୫୭*) ଲଗାଇ ପାରିଛନ୍ତି। ଚଳିତ ସିରିଜରେ ସେ ଇତିମଧ୍ୟରେ ୨୯୭ ରନ ସଂଗ୍ରହ କରିସାରିଲେଣି। ଆଇକନିକ ସଚିନ ତେନ୍ଦୁଲକରଙ୍କ ଦ୍ରୁତତମ ୧୦,୦୦୦ ରନ ରେକର୍ଡକୁ ସେ ଭଙ୍ଗ କରିଛନ୍ତି। ତାଙ୍କଠାରୁ ପୁଣି ଏକ ବଡ଼ ସ୍କୋର ଆଶା କରାଯାଉଛି। ୪ନମ୍ବର ସ୍ଥାନରେ ଅମ୍ବାତି ରାୟୁଡୁ ୭୩ ରନ ସଂଗ୍ରହ କରିପାରିଛନ୍ତି। ଶନିବାର ମ୍ୟାଚରେ ଯଦି ଭଲ ପ୍ରଦର୍ଶନ କରନ୍ତି ତେବେ ସେ ତାଙ୍କ ସ୍ଥିତିକୁ ସୁଦୃଢ଼ କରିପାରିବେ। କିନ୍ତୁ ୫, ୬ ଓ ୭ ନମ୍ବର ସ୍ଥାନ ନେଇ ପ୍ରଶ୍ନ ରହିଛି। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ମ୍ୟାଚ ଫିନିଶର ଭାବେ ତାଙ୍କ ସାମର୍ଥ୍ୟ ହରାଇ ବସିଛନ୍ତି। ତେଣୁ ସେ ଚାପରେ ରହିବା ସ୍ୱାଭାବିକ। ଯୁବ ଖେଳାଳି ରିଷଭ ପନ୍ତଙ୍କଠାରୁ ଏକ ବଡ଼ ସ୍କୋର ଆଶା କରାଯାଉଛି। ଟିମ୍ ମ୍ୟାନେଜମେଣ୍ଟ ତାଙ୍କଠାରୁ ଏକ ମ୍ୟାଚ ପରିବର୍ତ୍ତନକାରୀ ଖେଳ ଦେଖିବାକୁ ଚାହୁଁଛି। ଭାରତରେ ବିଶେଷ କରି ଦିବାରାତ୍ର ମ୍ୟାଚରେ କୁହୁଡ଼ି ବଡ଼ ସମସ୍ୟା ସୃଷ୍ଟି କରିଥାଏ। କୋହଲିଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ରିଷ୍ଟ ସ୍ପିନର କୁଲ୍‌ଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ ଓଦା ବଲ୍‌ରେ ବୋଲିଂ କରିବା ସହଜ ହେଉ ନାହିଁ। ଭ୍ରମଣକାରୀ ଦଳ ପାଇଁ ସବୁଠାରୁ ବଡ଼ ସମ୍ବଳ ହେଲେ ଯୁବ ବ୍ୟାଟ୍ସମ୍ୟାନ ଶିରନ ହେଟମେର। ଓପନିଂ ମୁକାବିଲାରେ ୧୦୬ରନ କରିବା ପରେ ଗତ ଗେମ୍‌ରେ ସେ ଆକର୍ଷଣୀୟ ୯୪ ରନ କରିଛନ୍ତି। ଏହି ୨୧ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କଠାରୁ ତାଙ୍କ ଦଳ ପୁଣି ଏକ ପ୍ରଭାବୀ ପ୍ରଦର୍ଶନ ଆଶା କରୁଛି। ସିରିଜରେ ଦଳର ଅନ୍ୟ ଜଣେ ସଫଳ ବ୍ୟାଟ୍ସମ୍ୟାନ ହେଲେ ଉଇକେଟକିପର ବ୍ୟାଟ୍ସମ୍ୟାନ ଶାଇ ହୋପ୍। ବିଶାଖାପାଟଣାଠାରେ ସେ ଏକ ଶତକ ହାସଲ କରିଥିଲେ। ୱେଷ୍ଟଇଣ୍ଡିଜ ବୋଲିଂ ଆକ୍ରମଣର ନେତୃତ୍ୱ ନେଉଥିବା କେମର ରୋଚ୍ ଏବଂ ସ୍ପିନର ଦେବେନ୍ଦ୍ର ବିଶୁ ଓ ଆଶଲେ ନର୍ସ ମହଙ୍ଗା ସାବ୍ୟସ୍ତ ହୋଇ ଆସୁଛନ୍ତି। ଭାରତୀୟ ବ୍ୟାଟିଂ ଉପରେ ଅଙ୍କୁଶ ଲାଗାଇବା ଲାଗି ହୋଲ୍‌ଡର ଏବଂ ଓସାନେ ଥୋମାସଙ୍କ ସମେତ ଏହି ୩ଜଣ ବୋଲରଙ୍କୁ କିଛି କରି ଦେଖାଇବାକୁ ହେବ।



ଶୁକ୍ରବାର ୱେଷ୍ଟଇଣ୍ଡିଜ ଦଳର ଅଭ୍ୟାସ।

### ଭାରତ ବନାମ ୱେଷ୍ଟଇଣ୍ଡିଜ

**ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, ରିଷଭ ପନ୍ତ୍, ଏମ.ଏସ୍ ଧୋନୀ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, ଖଲିଲ ଅହମ୍ମଦ, ଉମେଶ ଯାଦବ, କେ.ଏଲ. ରାହୁଲ ଓ ମନିଷ ପାଣ୍ଡେ।

**ୱେଷ୍ଟଇଣ୍ଡିଜ ଦଳ**

ଜାସନ ହୋଲ୍‌ଡର (ଅଧିନାୟକ), ଫାବିଏନ୍ ଆଲେନ୍, ସୁନୀଲ ଆମ୍ବ୍ରିସ, ଦେବେନ୍ଦ୍ର ବିଶୁ, ଚନ୍ଦରପଲ ହେମରାଜ, ଶିମରନ ହେଟମେର, ଶାଇ ହୋପ୍, ଅଲ୍‌ଜାରି ଯୋଶେଫ୍, ଏଭିନ୍ ଲିୱିସ ଆଶ୍‌ଲେ ନର୍ସ, କିମୋ ପଲ୍, ରୋଭମାନ ପାୱେଲ, କେମର ରୋଚ୍, ମାର୍ଲନ ସାମୁଏଲ୍ସ ଓ ଓସାନେ ଥୋମାସ।

# ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୬।୧୦(କ୍ରୀଡ଼ା ପ୍ରତିନିଧି)**

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଶହୀଦ ନଗର ଇନ୍‌ଡୋର ହଲ୍‌ରେ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା, କଟକ, ରାଉରକେଲା, କୋରାପୁଟ, ଅନୁଗୋଳ, ପୁରୀ, ଭଦ୍ରକ, ପାରାଦୀପ, ଗଞ୍ଜାମ, ଝାରସୁଗୁଡ଼ା, ରେଲୱେ, ଏଜି, ପିଏସ୍‌ୟୁ ଆଦି ଦଳର ପାଖାପାଖି ୨୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନଶିପ୍ କ୍ୟାଡେଟ୍, ସବ୍‌ଜୁନିୟର, ଜୁନିୟର ଓ ସିନିୟର ଓ ଭେଟେରାନ ସ୍ତରରେ ଖେଳାଯିବ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ଏହା ହେଉଛି ୩ୟ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ। ପ୍ରତିଯୋଗିତା ପାଇଁ ୨୦,୦୦୦ଟଙ୍କାର ପୁରସ୍କାର ରାଶି ରଖା ଯାଇଛି। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, ବିଜନ ଦାସ ମହାପାତ୍ର, ସୁରେଶ ଚନ୍ଦ୍ର ମହାରଣା, ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆୟୋଜକ କମିଟି ସମ୍ପାଦକ ବିଜନ ଦାସ ମହାପାତ୍ର, ସମ୍ପାଦକ ସ୍ମୃତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ରେଫରି ତପନ ଖା ଏବଂ କେ.ଏସ.ଏନ.ମୂର୍ତ୍ତି, ସୁଜିତ କୁମାର ରୟ, କେ.ଚିନାରାଓ ଓ କେଭିପି ରାମାରାଓ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ପ୍ରଥମ ଦିବସର ପ୍ରତିଯୋଗିତା ପରେ ସବ୍‌ଜୁନିୟର ବାଳିକାରେ ସ୍ୱେତପଦ୍ମା ଦଳାଇ, ସାଇନା ମିଶ୍ର, ସ୍ୱେତା ଶିଭାଙ୍ଗି, ବୈଶାଖୀ ବଳ, ସୋହାଲିକା ସୋଦବର୍ମା, ଅନୁସ୍ୱେତା ହେମ୍ବ୍ରମ, ସ୍ୱସ୍ତିକ ଅଦବାର ଓ ସୁଶ୍ରୀ ପଟ୍ଟନାୟକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଭବାନୀପାଟଣା ଟାଉନ ସୁପର ଲିଗ୍ ଫୁଟବଲ

# ମାଣିକେଶ୍ୱରୀ କ୍ଲବ ୨-୦ ଗୋଲରେ ବିଜୟୀ

**ଭବାନୀପାଟଣା,୨୬।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଚାଲିଥିବା ଭବାନୀପାଟଣା ଟାଉନ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଚତୁର୍ଥ ମ୍ୟାଚ ମାଣିକେଶ୍ୱରୀ କ୍ଲବ ଓ ମର୍ଣ୍ଣିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ମାଣିକେଶ୍ୱରୀ କ୍ଲବ ୨-୦ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ଅତିଥି ଭାବେ ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ଲକ୍ଷ୍ମୀନାରାୟଣ ବିଶି ଯୋଗଦେଇଥିଲେ। ଚତୁଥ ଦିବସ ମ୍ୟାଚକୁ ଜିତେନ୍ଦ୍ର ରଥ, ପି.ଭି ରାଓ, ଅଶୋକ କୁମାର ବାଗ, ହରପ୍ରସାଦ ପଟେଲ ପ୍ରମୁଖ ପରିଚାଳନା କରିଥିଲେ । ରାଜ୍ୟ ଆଥଲେଟିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ, ଜିଲା ଆଥଲେଟିକ ଆସୋସିଏଶନ ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ, ସହ ସମ୍ପାଦକ ସୁନୀଲ ବେହେରା, ଶମ୍ଭୁ ପ୍ରସାଦ ରାଉତ, ଅଶୋକ ପଟ୍ଟନାୟକ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଚକ୍ରଧର ସେଠୀ ପ୍ରମୁଖ ଭାବେ ଯୋଗଦେଇଥିଲେ।



ଚତୁଥ ଦିବସ ମ୍ୟାଚରେ ଅତିଥିଙ୍କ ସହ ଖେଳାଳି ।


No. XX-10

## ଓଡ଼ିଶା ସରକାର
## କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### (ଭୂ-ଅର୍ଜନ ବିଭାଗ)
### ଘୋଷଣା

No. (SPLLAORLY)–LAA–KPD–09/2018/663 Dtd. 01.09.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ମଶାକଣି, ଥାନା- ମାର୍ଶାଘାଇ ନଂ-୨୫୨, ତହସିଲ-ମହାକାଳପଡା, ଜିଲ୍ଲା- କେନ୍ଦ୍ରାପଡାରେ – ହରିଦାସପୁର- ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୦୬୧୭/ରା.ବି.ପ., ତା. ୨୭.୧୧.୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ମଶାକଣି, ଥାନା- ମାର୍ଶାଘାଇ, ତହସିଲ- ମହାକାଳପଡା, ଜିଲ୍ଲା- କେନ୍ଦ୍ରାପଡାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendrapara.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : କେନ୍ଦ୍ରାପଡ଼ା ତହସିଲ : ମହାକାଳପଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଶାକଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୬.୮୯୦ | ଏ.୦.୬୮୦ | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ-ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : କେନ୍ଦ୍ରାପଡ଼ା ତହସିଲ : ମହାକାଳପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବାଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଶାକାଣି | ଗ୍ରାମାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

ଅଧିସୂଚନାର ବୈଧ ତାରିଖ : ୧୦.୦୩.୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./- ଦାଶରଥୀ ଶତପଥୀ, ଜିଲ୍ଲାପାଳ, କେନ୍ଦ୍ରାପଡା

**ଭୂମି ଅନୁସୂଚୀ**

ମୌଜା- ମଶାକଣି, ଥାନା- ମାର୍ଶାଘାଇ, ଥାନା ନଂ- ୨୫୨, ତହସିଲ – ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା

| ଖାତା ନଂ | ପ୍ଲଟ ନଂ | ମୋଟ ରକବା ଏକରରେ | ଅଧିକୃତ ରକବା ଏକରରେ | ଜମିର କିସମ | ରାୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୭୯ | ୬୮୧/୧୩୪୮ | ୦.୫୫୦ | ୦.୦୧୦ | ଶାରଦ-୨ | ନିଶାମଣି, ଦିବାକର, ପୀତାମ୍ବର, ରତ୍ନାକର ରାଉତ, ପି- କାନ୍ଧୁରୀ ଚରଣ ରାଉତ, ଜା- ଖଣ୍ଡାୟତ, ସା- ମଶାକଣି |
| | ୬୮୧ | ୦.୩୮୦ | ୦.୦୨୦ | ଶାରଦ-୨ | |
| ୨୭୮ | ୬୭୯ | ୦.୧୨୦ | ୦.୦୨୦ | ଶାରଦ-୨ | ଭାସ୍କର ସାମନ୍ତରାୟ, ପି- ଆନନ୍ଦ ସାମନ୍ତରାୟ, ଜା- ଖଣ୍ଡାୟତ, ସା- ମଶାକଣି |
| ୩୫୯/ ୧୩୧ | ୬୮୦ | ୦.୦୪୦ | ୦.୦୧୦ | ଶାରଦ-୨ | ନୃସିଂହ ଚରଣ ବେହେରା, ବୀର କିଶୋର ବେହେରା, ପି- କୁଞ୍ଜ ବିହାରୀ ବେହେରା, ଜା- ଖଣ୍ଡାୟତ, ସା- ମଶାକଣି |
| ୨୬୪ | ୬୭୯/୧୩୬୨ | ୦.୧୦୦ | ୦.୦୧୦ | ଶାରଦ-୨ | ବିଷ୍ଣୁ ଚରଣ ସାମନ୍ତରାୟ, ପି- ଜର୍ନାଦନ ସାମନ୍ତରାୟ, ଜା-ଖଣ୍ଡାୟତ, ସା- ମଶାକଣି |
| ୧୮ | ୬୮୬ | ୦.୨୧୦ | ୦.୦୩୦ | ଶାରଦ-୨ | ଆକୁଳି ଖଟୁଆ, ପି- ନାରଣ ଖଟୁଆ, ସହଦେବ ଏବଂ ଘନଶ୍ୟାମ ଖଟୁଆ, ପି- ଗଣି ଖଟୁଆ, ଦିଲ୍ଲୀପ୍ କୁମାର ଖଟୁଆ, ପି- ଅଲେଖ ଖଟୁଆ, ଧଡି ଖଟୁଆ, ପ୍ରହ୍ଲାଦ ଖଟୁଆ, ପି- ଦଧି ଖଟୁଆ, ପଦନ ଖଟୁଆ, ପି- ଯୋଗୀ ଖଟୁଆ, ସତ୍ୟାନନ୍ଦ ଖଟୁଆ, ପି- କରୁଣି ଖଟୁଆ, ସା- ମଶାକଣି, ଜା- ଖଣ୍ଡାୟତ |
| | ୧୦୨୩ | ୦.୪୬୦ | ୦.୦୪୦ | ଶାରଦ-୨ | |
| ୧୭୪ | ୬୮୪ | ୦.୦୫୦ | ୦.୦୧୦ | ଶାରଦ-୨ | ନିର୍ମଳ ଖଟୁଆ, କ୍ଷୀର ସୁରେଶ, ଧୀରେନ୍ଦ୍ର, ବୀର, ଶିଶିର ଖଟୁଆ, ପି- ନିତ୍ୟାନନ୍ଦ ଖଟୁଆ, କେଲୁଣି ଖଟୁଆ, ସ୍ୱା- ନିତ୍ୟାନନ୍ଦ ଖଟୁଆ, ପ୍ରହଲାଦ ଖଟୁଆ, ଆଦିକନ୍ଦ ଖଟୁଆ, ପି- ସଦାଶିବ ଖଟୁଆ, ରସାନନ୍ଦ, ସାଧୁ, ମଧୁ ଖଟୁଆ, ପି- ରତ୍ନାକର ଖଟୁଆ, ବିଷ୍ଣୁ ସାମନ୍ତରା, ପି- ବାଇଧର ସାମନ୍ତରା, ବନମାଳି ଖଟୁଆ, ପି- ରାଜନ ଖଟୁଆ, ଅଦ୍ୱୈତ ବଲ୍ଲଭ ମହାପାତ୍ର, ଲୋଚନ ମହାପାତ୍ର, ନୟନା ମହାପାତ୍ର, ପି- ବିଦ୍ୟାଧର ମହାପାତ୍ର, ନୃସିଂହ ଖଟୁଆ, ପି- ସନ୍ୟାସୀ ଖଟୁଆ, ଜା- ଖଣ୍ଡାୟତ, ସା- ମଶାକଣି |
| ୨୭୫ | ୬୮୯ | ୦.୨୬୦ | ୦.୦୧୦ | ଶାରଦ-୨ | ଭରତ ଚନ୍ଦ୍ର ସାମନ୍ତରାୟ, ପି- ଧନୀ ସାମନ୍ତରାୟ, ଜା- ଖଣ୍ଡାୟତ, ସା- ମଶାକଣି |
| ୨୨୭ | ୬୪୮ | ୦.୫୩୦ | ୦.୦୨୦ | ଶାରଦ-୨ | ପୁରୁଷୋତ୍ତମ ସାହୁ, ପି- ଡମ୍ବରୁଧର ସାହୁ, ଜା- ଗୁଡିଆ, ସା- ମଶାକଣି |
| ୧୯୭ | ୬୪୭ | ୦.୩୫୦ | ୦.୦୫୦ | ଶାରଦ-୨ | ପହଲି ଦାସ, ପି- ଧଡି ଦାସ, ପତିତ ଦାସ, ଦୀଜ ଦାସ, ପି- ଚିନ୍ତାମଣି ଦାସ, ଜା- ଗୋପାଳ, ସା- ମଶାକଣି, କିସମତ ପାଞ୍ଚ ଅଣା, କାହ୍ନୁ ଦାସ, ବେଣୁ ଦାସ, ପି- ନିଶାକର ଦାସ, ଜା- ଗୋପାଳ, ସା- ମଶାକଣି କିସମତ ପାଞ୍ଚ ଅଣା ସୁଦର୍ଶନ ଦାସ, ପି- ଦୀନବନ୍ଧୁ ଦାସ, ଜା- ଗୋପାଳ, ସା- ମଶାକଣି କିସମତ ୬ ଅଣା |
| | ୬୪୬ | ୦.୪୫୦ | ୦.୦୪୦ | ଶାରଦ-୨ | |
| ୨୧୪ | ୬୪୪ | ୦.୦୫୦ | ୦.୦୪୦ | ଶାରଦ-୨ | ପ୍ରହ୍ଲାଦ ଦାସ, ପି- ଧଡି ଦାସ, ପତି ଦାସ, ଦୁର୍ଯ୍ୟୋଧନ ଦାସ, ପି- ଚିନ୍ତାମଣି ଦାସ, ସୁଦର୍ଶନ ଦାସ, ପି- ଦୀନ ଦାସ, କାହ୍ନୁ ଦାସ, ବେଣୁଧର ଦାସ, ପି- ନିଶା ଦାସ, ଜା- ଗୋପାଳ, ସା- ମଶାକଣି |
| ୧୦୧ | ୬୩୭ | ୦.୩୩୦ | ୦.୦୫୦ | ଶାରଦ-୨ | ଗୋପୀନାଥ ଖଟୁଆ, ପି- କାଳନ୍ଦୀ ଖଟୁଆ, ଜା- ଖଣ୍ଡାୟତ, ସା- ମଶାକଣି |
| | ୯୮୩ | ୦.୭୦୦ | ୦.୦୩୦ | ଶାରଦ-୨ | |
| ୧୭୩ | ୯୮୨ | ୦.୧୪୦ | ୦.୦୧୦ | ଶାରଦ-୨ | ନିର୍ମଳ ଖଟୁଆ, ସୁରେଶ, କ୍ଷୀର, ଧୀରେନ୍ଦ୍ର, ବୀର, ଶିଶିର ଖଟୁଆ, ପି- ନିତ୍ୟାନନ୍ଦ ଖଟୁଆ, କେଲୁଣି ଖଟୁଆ, ସ୍ୱା- ନିତ୍ୟାନନ୍ଦ ଖଟୁଆ, ବିଷ୍ଣୁ ଚରଣ ସାମନ୍ତରାୟ, ପି- ବାଇଧର ସାମନ୍ତରା, ବନମାଳୀ ଖଟୁଆ, ପି- ରାଜନ ଖଟୁଆ, ଅଦ୍ୱୈତ ବଲ୍ଲଭ ଖଟୁଆ, ପି- ବିଦ୍ୟାଧର ଖଟୁଆ, ନୃସିଂହ ଖଟୁଆ, ପି- ସନ୍ନ୍ୟାସୀ ଖଟୁଆ, ପ୍ରହ୍ଲାଦ ଖଟୁଆ, ଆଦିକନ୍ଦ ଖଟୁଆ, ପି- ସଦାଶିବ ଖଟୁଆ, ରସାନନ୍ଦ, ସାଧୁ, ମଧୁ ଖଟୁଆ, ପି- ରତ୍ନାକର ଖଟୁଆ, ଜା- ଖଣ୍ଡାୟତ, ସା-ମଶାକଣି |
| | ୯୮୧ | ୦.୨୧୦ | ୦.୦୨୦ | ଶାରଦ-୨ | |
| ୧୨୩ | ୯୮୦ | ୦.୨୦୦ | ୦.୦୨୦ | ଶାରଦ-୨ | ଦୁର୍ଗା ଚରଣ ପଣ୍ଡା, ପି- ଗଣେଶ୍ୱର ପଣ୍ଡା, ଦାମୋଦର ପଣ୍ଡା, ଲମ୍ବୋଧର, ଶ୍ୟାମ ସୁନ୍ଦର, ସୁଶୀଳ ପଣ୍ଡା, ପି- ଦୁର୍ଯ୍ୟୋଧନ ପଣ୍ଡା, ପାର୍ବତୀ ପଣ୍ଡା, ସ୍ୱା-ଦୂର୍ଯ୍ୟୋଧନ ପଣ୍ଡା, ଜା- ବ୍ରାହ୍ମଣ, ସା- ମଶାକଣି |
| ୮୮ | ୧୦୧୬/ ୧୩୧୦ | ୦.୦୮୦ | ୦.୦୧୦ | ଶାରଦ-୨ | ଗଙ୍ଗାଧର ଖଟୁଆ, ପି- ବୃନ୍ଦାବନ ଖଟୁଆ, ଧନେଶ୍ୱର, ଜନ୍ମେଜୟ, ଘନଶ୍ୟାମ ଖଟୁଆ, ପି- ଦୁର୍ଯ୍ୟୋଧନ ଖଟୁଆ, କ୍ଷୀରୋଦିନୀ ମହାନ୍ତି, ନିର୍ମଳା ଖଟୁଆ, ପି- ପଦନ ଖଟୁଆ, ନୟନା ଖଟୁଆ, ସ୍ୱା- ପଦନ ଖଟୁଆ, ଜା- ଖଣ୍ଡାୟତ, ସା- ମଶାକଣି |
| ୨୫୦ | ୯୭୮ | ୦.୩୩୦ | ୦.୦୧୦ | ଶାରଦ-୨ | ଶ୍ରୀ ଗ୍ରାମ ଦେବତୀ ବ୍ରଜବୁଢୀ ଠାକୁରାଣୀ, ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ବଳରାମ ପଣ୍ଡା, ପି- ରଘୁ ପଣ୍ଡା, ମାଗୁଣି, ଦୁର୍ଗା ଚରଣ, ଦୁର୍ଯ୍ୟୋଧନ ପଣ୍ଡା, ପି- ଗଣି ପଣ୍ଡା, ଜା- ବ୍ରାହ୍ମଣ, ସା- ମଶାକଣି |
| ୧୪୯ | ୧୦୧୫ | ୦.୨୦୦ | ୦.୦୨୦ | ଶାରଦ-୨ | ନନ୍ଦ, ବାବାଜୀ ଏବଂ ଉଲ୍ଲା ଖଟୁଆ, ପି- ଦୀନବନ୍ଧୁ ଖଟୁଆ, ପ୍ରକାଶ ଚନ୍ଦ୍ର ଇତିହାସ, ପ୍ରକାଶ, ସର୍ବେଶ୍ୱର ସାମନ୍ତରାୟ, ପି- ସନ୍ୟାସୀ ସାମନ୍ତରାୟ, କ୍ଷୀର ସାମନ୍ତରାୟ, ସ୍ୱା- ସନ୍ନ୍ୟାସୀ ସାମନ୍ତରାୟ, ଜା- ଖଣ୍ଡାୟତ, ସା- ମଶାକଣି |
| ୩୫୯/ ୪୧ | ୧୦୨୪/ ୧୬୮୬ | ୦.୨୩୦ | ୦.୦୩୦ | ଶାରଦ-୨ | ଫକୀର ଚରଣ ଦାସ, ଅଙ୍କୁର ଚରଣ ଦାସ, ଈଶ୍ୱର ଚନ୍ଦ୍ର ଦାସ, ପି- ପତିତପାବନ ଦାସ, ଜା- ଗୋପାଳ, ସା- ନିଜଗାଁ |
| ୩୫୯/ ୫୨ | ୧୧୬୧ | ୦.୨୫୦ | ୦.୦୩୦ | ଶାରଦ-୨ | ସରୋଜ କୁମାର ଦାସ, ପି- ଗୋପବନ୍ଧୁ ଦାସ, ସା- ମଶାକଣି, ଜା- ଗୋପାଳ |
| ୩୫୯/ ୪୪ | ୧୧୬୨ | ୦.୧୭୦ | ୦.୦୩୦ | ଶାରଦ-୨ | ଆକୁଳି ଚରଣ ଖଟୁଆ, ପି- ନାରାୟଣ ଖଟୁଆ କିସ୍ମତ ଚାରି ଅଣା ଘନଶ୍ୟାମ ଖଟୁଆ, ପି- ଗଣେଶ୍ୱର ଖଟୁଆ, କିସ୍ମତ ଚାରି ଅଣା ସହଦେବ ଖଟୁଆ, ପି- ଗଣେଶ୍ୱର କିସ୍ମତ ଚାରି ଅଣା ଚରଣ ବିଶ୍ୱାଳ, ପି- ଯୋଗେନ୍ଦ୍ର ବିଶ୍ୱାଳ, ଭାଗବତ ବିଶ୍ୱାଳ, ପି- ଅଜାମ୍ବର ବିଶ୍ୱାଳ, ପ୍ରତାପ କୁମାର ବିଶ୍ୱାଳ, ପି- ଅଚ୍ଯୁତି ବିଶ୍ୱାଳ କିସ୍ମତ ଚାରି ଅଣା, ଜା- ଖଣ୍ଡାୟତ, ସା- ଯଦୁପୁର |
| ୩୫୯/ ୧୬୧ | ୧୨୨୦ | ୦.୨୩୦ | ୦.୦୮୦ | ଶାରଦ-୨ | ସୁମନ୍ତ କୁମାର ସାମନ୍ତରାୟ, ପି- ସୁରେନ୍ଦ୍ର ଚନ୍ଦ୍ର ସାମନ୍ତରାୟ, ଜା- ଖଣ୍ଡାୟତ, ସା- ମଶାକଣି |
| ୩୧୪ | ୧୨୧୮ | ୦.୨୭୦ | ୦.୦୩୦ | ଶାରଦ-୨ | ଶଙ୍କରଷଣ ଏବଂ ନୃସିଂହ ବିଶ୍ୱାଳ, ପି- ମଣି ବିଶ୍ୱାଳ, କୈଳାସ ଏବଂ ସୁବାଷ ବିଶ୍ୱାଳ, ପି- ଇନ୍ଦ୍ରମଣି ବିଶ୍ୱାଳ, ଜା- ଖଣ୍ଡାୟତ, ସା- ଯଦୁପୁର |
| ମୋଟ | | | ୦.୬୮୦ | | |

24040/14/0011/1819

ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ, କେନ୍ଦ୍ରାପଡ଼ା

“ ମଣିପୁରର ନୋରୋକା ଏଫ୍‌ସି ଏଥର ଆଇ–ଲିଗ୍‌ରେ ନୂଆ କୋଚ୍ ମାନୁଏଲ ରେଟାମେରୋ ଫ୍ରେଲ୍‌ଙ୍କ ଅଧୀନରେ ସ୍ପେନର ‘ଟିକି ଟାକା’ ଷ୍ଟାଇଲ ଆପଣେଇବ ।

– ଲଳିତ ଥାପା, ନେରୋକା ଅଧିନାୟକ



“ ଆମ ବ୍ୟାଟ୍ସମ୍ୟାନମାନେ ଭଲ ପ୍ରଦର୍ଶନ କରିବାରୁ ଭୁବନେଶ୍ୱର କୁମାର ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଫେରାଇ ଆଣିବା ଲାଗି ଭାରତ ବାଧ ହୋଇଛି ।

– ଷ୍ଟୁଆର୍ଟ ଲ’, ୱେଷ୍ଟଇଣ୍ଡିଜ କୋଚ୍



## ସଂକ୍ଷେପରେ

### ରଗ୍‌ବୀ ଖେଳାଳିଙ୍କ ପାଇଁ ପ୍ରୋତ୍ସାହନ

ଭୁବନେଶ୍ୱର, ୨୬।୧୦: ଶୁକ୍ରବାରଠାରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ୧୮ ବର୍ଷରୁ କମ ବାଳିକା ଏସିଆ ରଗବୀ ୭ଏସ ଚାମ୍ପିୟନଶିପ ଆରମ୍ଭ ହୋଇଛି। ଓଡ଼ିଶାରେ ରଗବୀ ଏସିଆନ ଚାମ୍ପିୟନଶିପ ଆୟୋଜନ କରାଇଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗୁରୁବାର ଭାରତୀୟ ରଗବୀ ଦଳର ଖେଳାଳିମାନେ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସାମନ୍ତ ଭାରତୀୟ ରଗବୀ ଦଳକୁ ଶୁଭେଚ୍ଛା ଜଣାଇ ଦଳର ବିଜୟ କାମନା କରିବା ସହ ସେମାନଙ୍କ ପାଇଁ ପ୍ରୋତ୍ସାହନ ରାଶି ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଦଳ ଚାମ୍ପିୟନ ହେଲେ ପ୍ରତ୍ୟେକ ଖେଳାଳିଙ୍କୁ ୧୦,୦୦୦ ଓ ରନର୍ସଅପ ହେଲେ ପ୍ରତ୍ୟେକ ଖେଳାଳିଙ୍କୁ ୫ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ସହ ନୈଶ୍ୟଭୋଜି ଏବଂ ତୃତୀୟସ୍ଥାନରେ ରହିଲେ ସ୍ପୋର୍ଟ୍ସ ଡ୍ରେସ ସହ ନୈଶ୍ୟଭୋଜିରେ ଆପ୍ୟାୟିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଭାରତୀୟ ଦଳରେ କିସ୍‌ର ୫ ଖେଳାଳି ସୁମିତ୍ରା ନାୟକ, ସୋନୀ ମାଦାଙ୍ଗୀ, ଲିଜା ସରଦାର, ପାର୍ବତୀ କିସ୍କୁ ଏବଂ ଜେମାମଣି ନାୟକ ସ୍ଥାନ ପାଇଛନ୍ତି।

### କ୍ୱାର୍ଟରରେ ସାଇନା, ସିନ୍ଧୁ, କିଡାମ୍ବି

ହାଇଦ୍ରାବାଦ,୨୬।୧୦(ପି.ଟି.)- ଭାରତୀୟ ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ, ପି. ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ପ୍ୟାରିସ୍‌ଠାରେ ଚାଲିଥିବା ଫ୍ରେଞ୍ଚ ଓପନ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୭୫୦ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସାଇନା ଜାପାନିଜ୍ ଖେଳାଳି ନାଜୋମି ଓକୁହରାଙ୍କୁ ୧୦-୨୧, ୨୧-୧୪, ୨୧-୧୭ ଗେମ୍‌ରେ ହରାଇ ଦେଇଛନ୍ତି। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକଧାରୀ ସାଇନା ପ୍ରଥମ ଗେମ୍‌ରେ ପରାଜିତ ହେବା ପରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ। ୨୮ ବର୍ଷୀୟା ଖେଳାଳି ଏବେ ଚମତ୍କାର ଫର୍ମରେ ଅଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ଓକୁହରାଙ୍କ ବିପକ୍ଷରେ ସାଇନାଙ୍କ ଏହା କ୍ରମାଗତ ୨ୟ ବିଜୟ। ସେ ଆଗାମୀ ମ୍ୟାଚ୍‌ରେ ଚାଇନାର ତାଇ ଜୁ ୟିଙ୍ଗଙ୍କୁ ଭେଟିବେ। ବିଶ୍ୱର ନଂ.୧ ଖେଳାଳିଙ୍କ ବିପକ୍ଷରେ ଦୀର୍ଘ ୫ ବର୍ଷ ପରେ ପ୍ରଥମ ବିଜୟ ଲାଗି ଲଢ଼ିବେ ସାଇନା। ରିଓ ଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ସିନ୍ଧୁ ୨୧-୧୭, ୨୧-୧୬ ଗେମ୍‌ରେ ଅନ୍ୟତମ ଜାପାନିଜ ଖେଳାଳି ସାୟାକା ସାଟୋଙ୍କୁ ପରାସ୍ତ କରିଛନ୍ତି। ଏହାପରେ ପୁରୁଷ ସିଙ୍ଗଲ୍ସ ବର୍ଗର ଡିଫେଣ୍ଡିଂ ଚାମ୍ପିୟନ ଶ୍ରୀକାନ୍ତ କ୍ରମାଗତ ଦୁଇଟି ପରାଜୟ ପରେ ଦକ୍ଷିଣ କୋରିଆର ଡଙ୍ଗ କେଉନ ଲିଙ୍କୁ ହରାଇବାରେ ସକ୍ଷମ ହୋଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କ୍‌ଧାରୀ ଭାରତୀୟ ଖେଳାଳି ୧୨-୨୧, ୨୧-୧୬, ୨୧-୧୮ ଗେମ୍‌ରେ ଡଙ୍ଗ କେଉନଙ୍କୁ ପରାସ୍ତ କରିଛନ୍ତି। ଶ୍ରୀକାନ୍ତ ଆଗାମୀ ପର୍ଯ୍ୟାୟରେ ଜାପାନର କେଣ୍ଟୋ ମୋମୋଟାଙ୍କ ସହ ମୁକାବିଲା କରିବେ। ଜାପାନିଜ୍ ଖେଳାଳିଙ୍କ ବିପକ୍ଷରେ ବିଶ୍ୱର ୬ଷ୍ଠ ର୍‍ୟାଙ୍କ୍ ଶ୍ରୀକାନ୍ତଙ୍କ ହାର-ଜିତ୍ ରେକର୍ଡ ୯-୩ ରହିଛି। ୨୦୧୫ଠାରୁ ଜାପାନିଜ୍ ଖେଳାଳିଙ୍କ ବିପକ୍ଷରେ ଶ୍ରୀକାନ୍ତ କ୍ରମାଗତ ୬ ମୁକାବିଲାରେ ପରାଜିତ ହୋଇସାରିଛନ୍ତି।

### ଦଳରେ ସ୍ଥାନ ନ ପାଇବାରୁ କେଦାର ଦୁଃଖିତ

ନୂଆଦିଲ୍ଲୀ,୨୬।୧୦: ମାଂସପେଶୀଜନିତ ଆହତ ସମସ୍ୟା ଯୋଗୁ ଜାତୀୟ ଦଳରୁ ବାଦ୍ ପଡ଼ିବା ପରେ ଫିଟ୍ ହୋଇ ପଡ଼ିଆକୁ ଫେରିଛନ୍ତି ଅଲରାଉଣ୍ଡର କେଦାର ଯାଦବ। ଇଣ୍ଡିଆ ସି’ ବିପକ୍ଷରେ ଭାରତ ଏ’ ପକ୍ଷରୁ ଗୁରୁବାର ଖେଳିଥିବା ଯାଦବ ୨୫ ବଲରୁ ବିସ୍ଫୋରକ ୪୧ ରନ୍ କରିଥିଲେ। ଏହାସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅନ୍ତିମ ୩ ମ୍ୟାଚ୍ ଲାଗି ଘୋଷିତ ଭାରତୀୟ ଦଳରେ ତାଙ୍କୁ ସାମିଲ କରାଯାଇନାହିଁ। ଏ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ କହିଛନ୍ତି, ମୁଁ ଜାଣିନାହିଁ କ’ଣ ପାଇଁ ମୋତେ ଦଳରେ ସ୍ଥାନ ମିଳିଲା ନାହିଁ। ମୁଁ ସମସ୍ତ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଏହି ମ୍ୟାଚ୍‌ରେ ଖେଳିଥିଲି। ମୁଁ ସମ୍ପୂର୍ଣ୍ଣ ଫିଟ୍ ଅଛି। ନ ହେଲେ ମୋତେ ମ୍ୟାଚ୍‌ରେ ଖେଳିବାକୁ କେମିତି ସୁଯୋଗ ମିଳିଥାନ୍ତା। ମୁଁ ଫିଟ୍ ଥିବାରୁ ଚୟନକର୍ତ୍ତାମାନେ ଦେଓଧର ଟ୍ରଫିରେ ଖେଳିବା ଲାଗି କହିଥିଲେ। ଯଦି ମୋତେ ଭାରତୀୟ ଦଳରେ ସ୍ଥାନ ମିଳିବାର ଯୋଜନା ନ ଥିଲା, ତେବେ ମୁଁ ରଣ୍‌ଜୀ ଟ୍ରଫିକୁ ଗୁରୁତ୍ୱ ଦେଇଥାନ୍ତି। ଏ ସମ୍ପର୍କରେ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ ପ୍ରସାଦ କହିଛନ୍ତି, ଆମେ ତାଙ୍କୁ ଯଥେଷ୍ଟ ସମୟ ଦେବାକୁ ଚାହୁଁଛୁ। ଆମେ ଆଶା କରୁଛୁ, ସେ ଦେଓଧର ଟ୍ରଫି ଫାଇନାଲରେ ଖେଳନ୍ତୁ। ଯାଦବ ଏବେ ବି ଭାରତୀୟ ବିଶ୍ୱକପ୍ ଦଳର ସଦସ୍ୟ।






୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅତିଥିମାନଙ୍କ ସହ ବିଭିନ୍ନ ଦଳର ଅଧିନାୟିକାମାନେ। ଭାରତ ଓ ୟୁଏଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଏସିଆ ରଗ୍‌ବୀ ସେଭେନ୍ସ ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ମହା ସମାରୋହରେ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଲିଉଡ୍ ତାରକା ତଥା ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ରାହୁଲ ବୋଷ, ମହିଳା ହେପ୍ଟାଥଲନ ତାରକା ତଥା ଏସିଆନ ଗେମ୍ସ ସ୍ୱର୍ଣ୍ଣପଦକ ବିଜୟିନୀ ସ୍ୱପ୍ନା ବର୍ମନ, ଏସିଆନ ରଗ୍‌ବୀ ଫୁଟବଲ ୟୁନିୟନ (ଏଆରଏଫ୍‌ୟୁ) ଅଧ୍ୟକ୍ଷ ଅଗା ହୁସେନ, ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ଅଧ୍ୟକ୍ଷ ନୁମାଜର ମେହେଟ୍ଟା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ବିଧାୟକ ତଥା ଓଡ଼ିଶା ରଗ୍‌ବୀ ଆସୋସିଏଶନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କ୍ରୀଡ଼ା ଓ ଯୁବସେବା

## ବୃହତ୍ ବିଜୟ ସହ ଭାରତର ଅଭିଯାନ ଆରମ୍ଭ

ବିଭାଗ ସଚିବ ତଥା କମିଶନର ବିଶାଲ ଦେବ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ଜେନେରାଲ ମ୍ୟାନେଜର ନାସିର ହୁସେନ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟ ସଞ୍ଚାଳନ କରିଥିଲେ। ଚାମ୍ପିୟନଶିପ୍‌ରେ ଯୋଗ ଦେଇଥିବା ସବୁ ଦଳର ଖେଳାଳି ଓ ଅଫିସିଆଲଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଥିଲେ। ଏହି ଚାମ୍ପିୟନଶିପ୍ ରାଜ୍ୟରେ ରଗ୍‌ବୀର ବିକାଶରେ ବେଶ୍ ସହାୟକ ହେବ ବୋଲି ସେ କହିଥିଲେ।

ପ୍ରଥମଥର ପାଇଁ ଏଭଳି ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଦେଶ ତଥା ରାଜ୍ୟରେ ଆୟୋଜନ ହେଉଥିବାରୁ ଆମେ ଗର୍ବିତ ବୋଲି ଚନ୍ଦ୍ରସାରଥି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ସହଯୋଗ ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱର ଏବେ ଭାରତର କ୍ରୀଡ଼ା ରାଜଧାନୀ ରୂପେ ଉଭା ହୋଇଛି। ପୁଣି ଆଗକୁ ହକି ବିଶ୍ୱକପ୍ ଆୟୋଜନ ହେବ। ତେଣୁ ଭୁବନେଶ୍ୱର ଏବେ ବିଶ୍ୱକ୍ରୀଡ଼ାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରାଜ୍ୟରେ ଆଗକୁ ରଗବୀ ଏକାଡେମୀ ପ୍ରତିଷ୍ଠା କରିବାକୁ ପ୍ରୟାସ କରାଯିବ ବୋଲି ସେ କହିଥିଲେ। ଏହି ଚାମ୍ପିୟନଶିପ୍‌ର ଆୟୋଜନ ତଥା ପ୍ରସ୍ତୁତିକୁ ଆଗା ହୁସେନ ତାରିଫ କରିଥିଲେ। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିବା ଏକାଧିକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଭଳି ଏହି ଚାମ୍ପିୟନଶିପ ମଧ୍ୟ ସଫଳତାର ସହ ଆୟୋଜନ ହେବ। ଏଥିପାଇଁ ଏସିଆ ରଗବୀ ୟୁନିୟନ ତରଫରୁ ସେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ।

ଷ୍ଟାଡିୟମର ଫ୍ଲଡଲାଇଟ୍ ତଳେ ଉଦ୍‌ଘାଟନୀ ଉତ୍ସବ ବେଶ୍ ମନୋରମ ଥିଲା। ଗ୍ୟାଲେରୀରେ ବହୁ ସଂଖ୍ୟାରେ କିସ୍ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ସ୍କୁଲର ବିଦ୍ୟାର୍ଥୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଷ୍ଟାଡିୟମର ପରିବେଶକୁ ଉପଭୋଗ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ଅତିଥିମାନଙ୍କ ଅଭିଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଦିବାସୀ ପରମ୍ପରାକୁ ପାଥେୟ କରି ନୃତ୍ୟ ପରିବେଷଣ କରି କୁନି ପିଲାମାନଙ୍କ ସହ କଳାକାରମାନେ ଉପସ୍ଥିତ କ୍ରୀଡ଼ା ପ୍ରଶଂସକଙ୍କ ମନୋରଞ୍ଜନ କରିଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ପୁଲ୍ ବି’ରେ ମୁହାଁମୁହିଁ ହୋଇଥିଲେ। ଘରୋଇ ଦର୍ଶକଙ୍କ ସମର୍ଥନରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବା ସହ ଭାରତୀୟ ଖେଳାଳିମାନେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ ଓ ସମ୍ପୂର୍ଣ୍ଣ ଏହି ଏକପାଖିଆ ମ୍ୟାଚ୍‌ରେ ଭାରତ ୨୨–୦୫ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହି ବିଜୟ ସହ ଭାରତୀୟ ଖେଳାଳିଙ୍କ ମନୋବଳ ଓ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଛି। ଶନିବାର ପୁଲ ବି’ରେ ପ୍ରଥମ ମ୍ୟାଚ୍‌ରେ ଭାରତ ପ୍ରତିପକ୍ଷ ବାଂଲାଦେଶ ଓ ପରେ ଅଷ୍ଟମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ। ଭାରତୀୟ ଦଳରେ ଓଡ଼ିଶା ସମେତେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ବିହାର, ଦିଲ୍ଲୀ, କର୍ନାଟକ ଓ ତାମିଲନାଡୁର ଖେଳାଳି ସାମିଲ ରହିଥିଲେ। ଦଳରେ ମୋଟ ୫ ଓଡ଼ିଆ ସାମିଲ ଥିଲେ। ଓଡ଼ିଶାର ସୁମିତ୍ରା ନାୟକ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସେହି ଦଳରେ ସ୍ଥାନ ପାଇଥିବା ଅନ୍ୟ ଓଡ଼ିଆ ଖେଳାଳିମାନେ ହେଲେ ସୋନୀ ମନ୍ଦାଙ୍ଗୀ, ଜେମାମଣୀ ନାୟକ, ଲିଜା ସର୍ଦ୍ଦାର ଓ ପାର୍ବତୀ କିସ୍କୁ।

### ‘କଳିଙ୍ଗ ଷ୍ଟାଡିୟମ ମୋ ପାଇଁ ଲକି’

କଳିଙ୍ଗ ଷ୍ଟାଡିୟମ ମୋ ପାଇଁ ବହୁତ ଭାଗ୍ୟଶାଳୀ ବୋଲି ମହିଳା ହେପ୍ଟାଥଲନ ତାରକା ସ୍ୱପ୍ନା ବର୍ମନ କହିଛନ୍ତି। ୨୦୧୭ରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ ଗେମ୍ସ ଖେଳିବାକୁ ମୁଁ ଏଠାକୁ ଆସିଥିଲି। ୫୯୪୨ ପଏଣ୍ଟ ସହ ପ୍ରଥମଥର ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରି ମୁଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲି। ଇତିମଧ୍ୟରେ ଷ୍ଟାଡିୟମରେ ବହୁତ ପରିବର୍ତ୍ତନ ହୋଇଛି। ଅବଶ୍ୟ ସେତେବେଳେ ମୋତେ କେହି ଚିହ୍ନି ନ ଥିଲେ କି ପଚାରି ନ ଥିଲେ। ସେତେବେଳେ ଚାମ୍ପିୟନଶିପ୍ ଥିଲା ତେଣୁ ମୋତେ ସେତେବେଳେ କେହି ଗୁରୁତ୍ୱ ଦେଇ ନ ଥିଲେ। ଚାମ୍ପିୟନଶିପ୍ ଅପେକ୍ଷା ଗେମ୍ସକୁ ସମସ୍ତେ ଅଧିକ ଗୁରୁତ୍ୱ ଦେଇଥାନ୍ତି। କିନ୍ତୁ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିବା ପରେ ସବୁକିଛି ବଦଳିଯାଇଛି ଓ ଏବେ ଏଠାରେ ବହୁତ ସମ୍ମାନ ମିଳୁଛି। ଏହା ମୋ ପାଇଁ ଆନନ୍ଦର ବିଷୟ ବୋଲି ସ୍ୱପ୍ନା କହିଛନ୍ତି। ସମସ୍ତଙ୍କ ଆଶୀର୍ବାଦ କାରଣରୁ ମୋତେ ପଦକ ମିଳିଛି। ଅଲିମ୍ପିକ୍ସ ପଦକ ହାସଲ କରିବା ମୋର ପରବର୍ତ୍ତୀ ତଥା ମୁଖ୍ୟ ଲକ୍ଷ୍ୟ। ତେବେ ସମସ୍ତଙ୍କ ଆଶୀର୍ବାଦ ବଜାୟ ରହିଲେ ଏଥିରେ ସଫଳ ହୋଇପାରିବି ବୋଲି ସେ କହିଛନ୍ତି। ମୋର ଦୁଇ ପାଦରେ ୬ ଅଙ୍ଗୁଳି ଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଏହା ମୋ ପାଇଁ ଯନ୍ତ୍ରଣାଦାୟକ ହୋଇଥିଲେ ମଧ୍ୟ ସମାନ ଭାବେ ଭାଗ୍ୟଶାଳୀ ବୋଲି ସ୍ୱପ୍ନା କହିଛନ୍ତି।

# ନେପାଳଠାରୁ ହାରିଲା ଭାରତ

ଚୋନ୍‌ବୁରି (ଥାଇଲାଣ୍ଡ), ୨୬।୧୦ (ପି.ଟି.)

୧୯ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟରରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ୦–୨ଗୋଲରେ ନେପାଳଠାରୁ ହାରିଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ନେପାଳ ପକ୍ଷରୁ ଷ୍ଟ୍ରାଇକର ରେଖା ୫୯ ତମ ଓ ୮୮ତମ ମିନିଟ୍‌ରେ ଦୁଇଟି ଗୋଲ୍ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ନେପାଳ ୩ ପଏଣ୍ଟ ଅର୍ଜନ କରିପାରିଛି। ଅନ୍ୟପକ୍ଷରେ ପରାଜୟ ଦ୍ୱାରା ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାଲାଗି ଭାରତର ଆଶା କ୍ଷୀଣ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ନେପାଳ ଓ ଥାଇଲାଣ୍ଡ ସମେତ ଭାରତ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ଶୁକ୍ରବାର ମ୍ୟାଚରେ ଭାରତର ରେଣୁ ଓ ଯବାମଣି ଗୋଲ୍ ଦେବାର ସୁଯୋଗ ପାଇଥିଲେ ହେଁ ଅସଫଳ ରହିଥିଲେ।



ଶୁକ୍ରବାର ନେପାଳ ଓ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସୌନ୍ଦର୍ଯ୍ୟକରଣ ପାଇଁ ଆରମ୍ଭ ହେଲା ୱାଲ୍ ପେଣ୍ଟିଂ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ହକି ବିଶ୍ୱ କପ୍ ଉପଲକ୍ଷେ ସହରକୁ ସୌନ୍ଦର୍ଯ୍ୟକରଣ କରିବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଏମ୍‌ସି ପକ୍ଷରୁ ଗୁରୁବାରଠାରୁ ରାସ୍ତାକଡ଼ରେ ୱାଲ୍ ପେଣ୍ଟିଂ ଆରମ୍ଭ ହୋଇଛି। ଚିତ୍ରଶିଳ୍ପୀଙ୍କ ଜରିଆରେ ବିଭିନ୍ନ ରାସ୍ତାପାର୍ଶ୍ୱରେ ଥିବା ପାଚେରିରେ ସୌନ୍ଦର୍ଯ୍ୟପୂର୍ଣ୍ଣ ଚିତ୍ର ଅଙ୍କାଯାଇ ସେଗୁଡ଼ିକୁ ଆକର୍ଷଣୀୟ କରାଯାଉଛି। ଚିତ୍ରଗୁଡିକ ହକି ବିଶ୍ୱକପ୍ ଉପରେ ପର୍ଯ୍ୟବସିତ ହେବ। ମାସ୍କଟ ସାଙ୍ଗକୁ ଟ୍ରଫି ଏବଂ କ୍ରୀଡ଼ାର ଅନ୍ୟାନ୍ୟ ବିଷୟ ଉପରେ ଚିତ୍ର ଅଙ୍କାଯିବ, ଯାହା ରାଜଧାନୀବାସୀଙ୍କ ମଧ୍ୟରେ ହକିର କ୍ରେଜ୍ ସୃଷ୍ଟି କରିବ।

ସୂଚନାଯୋଗ୍ୟ, ଗତବର୍ଷ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମାସ୍କଟ ଓଲି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ହକି ବିଶ୍ୱ କପ୍‌ରେ ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଓଲିକୁ ବିଭିନ୍ନ ସ୍ଥାନ ବୁଲାଯିବ। ଚିତ୍ରରେ ଓଲି ସହିତ କଇଁଛମାନଙ୍କୁ ପ୍ରଥମ ଥର ପାଇଁ ଯୋଡାଯାଇଛି। ଗହୀରମଥା ଏବଂ ଋଷିକୁଲ୍ୟା ନଦୀ ମୁହାଣରେ କଇଁଛ ବାସସ୍ଥଳୀ ସମ୍ପର୍କରେ ଚିତ୍ର ମାଧ୍ୟମରେ ପର୍ଯ୍ୟଟକଙ୍କ ନିକଟରେ ପ୍ରକାଶ କରାଯିବ। ଚିତ୍ର ଆଙ୍କିବା ପାଇଁ ବିଏମ୍‌ସି ୧୦ ସଂସ୍ଥାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଛି। ଚିତ୍ରକରମାନେ ୪୦ କି.ମି. ରାସ୍ତା ପାର୍ଶ୍ୱରେ ଥିବା ପାଚେରିରେ ଚିତ୍ର ଆଙ୍କିବେ। କାର୍ଯ୍ୟାଦେଶ ପାଇଥିବା ସଂସ୍ଥାଗୁଡିକ ହେଲେ ବକୁଲ ଫାଉଣ୍ଡେଶନ, ଗୋପାଳ କୃଷ୍ଣ ରଥ, ସତ୍ୟବ୍ରହ୍ମା ମାଝି, ଭରତୁ କମ୍ୟୁନିକେଶନ, ପିନାକୀ ରଞ୍ଜନ ମହାନ୍ତି, ରଶ୍ମି ରଞ୍ଜନ ଜେନା, କୃତିକ, ମାଷ୍ଟର ମାଇଣ୍ଡ, ବ୍ରଶିଂ ପଏଣ୍ଟ ଏବଂ ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି। ବାଣୀବିହାର, ଜୟଦେବ ବିହାର, ରାଜ୍ୟପାଳ ଭବନରୁ ଫାୟାର ଷ୍ଟେଶନ ସହିତ ଡେଲ୍‌ଟା ଶିରିପୁର ଆଦି ଅଞ୍ଚଳଗୁଡିକରେ ଚିତ୍ର ଅଙ୍କାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସେହିପରି ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଥିବା ଐତିହ୍ୟସ୍ଥଳରେ ଭୁବନେଶ୍ୱର ଆର୍ଟ ଟ୍ରାଏଲ ପାଇଁ ଶିଳ୍ପୀ ଶୁଚିସ୍ମିତା ମହାନ୍ତି କାଠରେ ବିଭିନ୍ନ କଳାକୃତି ନିର୍ମାଣ କରି ପ୍ରଦର୍ଶନ କରୁଛନ୍ତି। ସେ କଳାକୃତିଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇ ସେ ସମ୍ପର୍କରେ ଅବଗତ କରାଉଛନ୍ତି।



ଏଜି ଛକ ରାସ୍ତାକଡ଼ରେ ୱାଲ ପେଣ୍ଟିଂ କରାଯାଉଛି।

ହକି ବିଶ୍ୱକପ୍



ଆଉ ୩୦ ଦିନ

ଧରିତ୍ରୀ
DHARITRI
Puja Quiz- 2018
Quiz No.13

Main Sponsor
TVS

Co-Sponsors
CENTRAL
Nikon

☑ Tick mark the box which is correct

୧. କେରଳର ଇଦୁକି ଡ୍ୟାମ୍ କେଉଁ ନଦୀ ଉପରେ ନିର୍ମାଣ କରାଯାଇଛି ?
କ. ପାମ୍ବା ☐ ଖ. ପେରିୟାର ☐ ଗ. ଗୋଦାବରୀ ☐ ଘ. କେଉଁଟି ନୁହେଁ ☐

୨. ୧୨୦୬ ମସିହାରେ କିଏ ଦାସ ପ୍ରଥାକୁ ପ୍ରଚଳନ କରିଥିଲେ ?
କ. ଇଲତୁତ୍‌ମିସ୍ ☐ ଖ. ରେଜିଆ ସୁଲତାନ ☐ ଗ. କୁତବୁଦ୍ଦିନ୍ ଆଇବାକ୍ ☐ ଘ. କେଉଁଟି ନୁହେଁ ☐

୩. କ୍ଷେତ୍ରଫଳ ଅନୁଯାୟୀ କେଉଁ ମହାଦେଶ ସବୁଠାରୁ ଛୋଟ ?
କ. ଦକ୍ଷିଣ ଆମେରିକା ☐ ଖ. ଏସିଆ ☐ ଗ. ଅଷ୍ଟ୍ରେଲିଆ ☐ ଘ. କେଉଁଟି ନୁହେଁ ☐

୪. ନିମ୍ନ ମଧ୍ୟରୁ ସବୁଠାରୁ ଉତ୍କୃଷ୍ଟ ବିଦ୍ୟୁତ୍ ସୁପରିବାହୀ କେଉଁଟି ?
କ. ଡିଷ୍ଟିଲ ଜଳ ☐ ଖ. ସାଲାଇନ୍ ଜଳ ☐ ଗ. ସାଧାରଣ ଜଳ ☐ ଘ. କେଉଁଟି ନୁହେଁ ☐

୫. ହଳଦୀଘାଟ ଯୁଦ୍ଧ କେବେ ହୋଇଥିଲା ?
କ. ୧୫୭୬ ☐ ଖ. ୧୫୭୭ ☐ ଗ. ୧୫୭୯ ☐ ଘ. କେଉଁଟି ନୁହେଁ ☐

Participant's Name:.................................
Address:.................................
.................................
Education .................................
Mobile.................................Age:............
E-mail:.................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 13
B-15, Industrial Estate, Rasulgarh, Bhubaneswar-10



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅକ୍ଟୋବର ୨୭/୨୦୧୮ Sambalpur, Saturday, October 27/ 2018

# ସଁକଟ୍‌ରେ ଟୁକୁନି: ଚିକିତ୍ସା ଲାଗି ଟଁକା ବାଧକ୍

**ଭବାନୀପାଟଣା, ୨୬।୧୦ (ଡି.ଏନ.ଏ.)**

ଜନମ୍ ଥିଲା ସୁଆଭାବିକ୍। ଛୁଆଟା ଜନମ୍ ହେଲା ଉତାରୁ ପରିବାରରେ ଖୁସିର ଲହରି ଖେଲିଯାଇଥିଲା। ଆଶ୍ ଥିଲା ଦିନେ ବଡ଼ ହେଇ ପରିବାର ଲାଗି ଖୁସି ଆନିଦେବା। ହେଲେ ବିଧାତାର ଲେଖା ଥିଲା ଅଲଗ୍। ଛୁଆଟା ଜନମ୍ ହେବାର ମାସ୍‌କେତେ ଉତାରୁ ପରିବାର ଲୋକ୍ ଜାନ୍‌ବାକେ ପାଏଲେ ଯେ ଛୁଆର ମୁଡ୍‌ଟା ଶରୀର ତୁଲନାରେ ଅଧିକା ବଢୁଛେ। ଚିକିତ୍ସା ଲାଗି ପହେଲା ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଲେ। ହେଲେ ଇ ଅମାନ୍‌ତିଆ ରୋଗ୍ ଲାଗି ଅଧିକା ସମିଆ ଧରି ଚିକିତ୍ସା କରବାର ଦରକାର ଥିଲାବେଲେ ସେ ହିସାବେ ଟଁକା ପଏସା ବି ଦରକାର। ଇ କଥା ଶୁନି ପରିବାର ଲୋକ୍ ହିଆହାରି ଦେଲେ। ଶେଷେ ଗାଁର ଲୋକ୍ ଆର୍ ନିଜର ବଁଧୁବାଁଧବ୍‌କର ପରାମର୍ଶ୍‌ରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଯୋଜ୍‌ନାରେ ଛୁଆକେ ଚିକିତ୍ସା ଲାଗି ଜିଲା ମୁଖିଆ ଡାକ୍‌ତରଖାନାରେ ଭରତି କଲେ। ଜିଲା ଡାକ୍‌ତରଖାନାରେ ଛୁଆର ଚିକିତ୍ସା ଦାଇତିଅରେ ଥିବାର ବିଶେଷଜ୍ଞ ଛୁଆର ମୁଡ୍ ଅପରେସନ୍ କରବାର ଦରକାର ପଡୁଛେ, ଯେତେ ଜଲ୍‌ଦି ହେବା ଛୁଆକେ କଟକ ବଡ଼ ଡାକ୍‌ତରଖାନାକେ ନେବାକେ ସେ ପରାମର୍ଶ୍ ଦେଇଥିଲେ। ବିଶେଷଜ୍ଞଙ୍କର ପରାମର୍ଶ୍ ଅନ୍‌ସାରେ ପରିବାର ଲୋକ୍ ଟୁକୁନିକେ ନେଇ ତାର ବାପା ରାମେଶ୍ୱର ଆର୍ ମା' ସୁବର୍ଣ୍ଣ ଗଲା ୨୩.୧୧.୨୦୧୭ରେ କଟକ ନ୍ୟୁରୋ ସର୍ଜରୀ ବିଭାଗ୍‌ରେ ଭରତି କରିଥିଲେ। ଟୁକୁନିର ଭିନେ ଭିନେ ପରକାର ପରୀକ୍ଷା ନୀରିକ୍ଷା କଲା ଉତାରୁ ହାଇଡ୍ରୋସେଫାଲସ ରୋଗ୍‌ରେ ପୀଡ଼ିତ୍ ଥିବାର ଜନା ପଡ଼ିଥିଲା। ଇଥିରଲାଗି ଛୁଆର ମୁଡ୍ ଅପରେସନ୍ କରବାର ଦରକାର ଅଛେ ବଲି ଡାକ୍‌ତର କହେବାର ସଂଗେ ଡା.ଏନ.ନନ୍ଦ ଆର୍ ଡା.କେ.ଏମ.ଜେନାଙ୍କର ଦେଖିରେଖିରେ ୬.୧୨.୨୦୧୭ ଦିନ ଟୁକୁନିର ଅପରେସନ କରାଯାଇଥିଲା। ଗୁଟେ ହପ୍‌ତା ଉତାରୁ ଟୁକୁନିର ଅବସ୍‌ତା ସୁଆଭାବିକ୍ ହେଲା, ଡାକ୍‌ତରଖାନାରୁ ତାହାକୁ ଡିସ୍‌ଚାର୍ଜ କରାଗଲା। ହେଲେ ଘରକେ ଫିରବାର ଆଗ୍‌ରୁ ରାମେଶ୍ୱରଙ୍କୁ ଡାକ୍‌ତର କହେଲେ ଯେ ଛୁଆର ପରୀକ୍ଷା ନୀରିକ୍ଷା ଲାଗି ମାସେ ଉତାରୁ ଫେରଘାଏ ଆଏବାକେ ପଡ଼ବା। ହେଲେ ରାମେଶ୍ୱର ଝନେ ନିହାତି ଗରିବ୍ ଲୋକ୍ ହେଇଥିଲା ବେଲେ ଫିଦିନ୍ ବାହା ଜାଂଗଲ ମାଜ୍‌ଲେ ଯାଇ ଘରର ଚୁଲି ଜଲୁଛେ। ଏନ୍‌ତା କି ଛୁଆର ଅପରେସନ କରେଇ ନେଲାବେଲେ ଟଁକା ପଏସା ଅଭାବୁ ରାମେଶ୍ୱର ୩ ଦିନ୍ ତକ୍ ଭୋକ୍ ଉପାସଥି କଟକରେ ରହିଥିବାର ଆଏଁଖି ଛଲ୍‌ଛଲ୍ କରି କହିଥିଲେ। ଏନ୍‌ତାଥି ଛୁଆକେ କେନ୍‌ଥେଇ ଫେରଘାଏ କଟକ ପରୀକ୍ଷା ନୀରିକ୍ଷା ଲାଗି ନେଇଥିତି ବଲି ସେ କହିଛନ୍। ଯେନ୍‌ଥିରଲାଗି ଏହେଦେ ଟୁକୁନିର ଅବସ୍‌ତା ଫେରଘାଏ ବିଗିଡ଼୍‌ବାରେ ଲାଗିଛେ। ସବୁ ଦେଖୁଥିଲେ ଜାନୁଥିଲେ ବି ଟଁକା ପଏସା ଅଭାବୁ ଛୁଆର ଚିକିତ୍ସା କରେଇ ନାଇଁପାରବାର ମା'ବାପ୍। ଏହେଦେ ରାମେଶ୍ୱର ଆର୍ ସୁବର୍ଣ୍ଣ ଝିଁ'ର ଚିକିତ୍ସା ସାହାଯ୍ ଲାଗି ଗଣମାଧ୍ୟମ ଜରିଆରେ ଜିଲା ପର୍‌ଶାସନ ଆର୍ ସ୍ୱାସ୍ଥ୍ୟ ବିଭାଗ୍‌କେ ଗୁହାରି କରିଛନ୍।



ନିସାହା ଅବସ୍‌ତାରେ ଖଟେ ପଡ଼ିଛନ୍ ଟୁକୁନି।

# ଜି.ଏ. ବିଭାଗର ଭୁଲ୍ ଆଇନ ତର୍ଜମା ପାଇଁ ଅଧିକାରୀ ହଇରାଣ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

ସାଧାରଣ ପ୍ରଶାସନ (ଜିଏ) ବିଭାଗ ଇଷ୍ଟେଟ ଅଫିସରଙ୍କ ଭୁଲ୍ ଆଇନ ତର୍ଜମା ଯୋଗୁ କେତେଜଣ ଅଧିକାରୀଙ୍କୁ ହଇରାଣ ହେବାକୁ ପଡିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅବସର ପରେ ପୁନଃ ନିଯୁକ୍ତି ପାଇଥିବା ଅଧିକାରୀମାନେ ଆଇନ ତର୍ଜମା ଭୁଲ୍ କାରଣରୁ ସରକାରୀ ବାସଗୃହ ହରାଇବା ପରିସ୍ଥିତି ସୃଷ୍ଟି ହେବାକୁ ବସିଛି।

ନିକଟରେ ଅବସର ପରେ ପୁନଃ ନିଯୁକ୍ତି ପାଇଥିବା ଅଧିକାରୀମାନଙ୍କର ଇତିମଧ୍ୟରେ ୬୨ବର୍ଷ ବୟସ ହୋଇଥିବା ଦର୍ଶାଇ ତାଙ୍କୁ ମିଳିଥିବା ସରକାରୀ ବାସଗୃହକୁ ପିଛିଲା ତାରିଖରୁ ରଦ୍ଦ କରାଯାଇଛି। ଏଥିସହିତ ଏହାକୁ ଉଚ୍ଛେଦ କରିବାକୁ ଜି.ଏ. ବିଭାଗ ଇଷ୍ଟେଟ ଅଫିସର ନୋଟିସ ଜାରି କରିଛନ୍ତି। ଏହି ନୋଟିସ ପାଇ ବୟସ ଏବଂ ଚାକିରିକାଳର ଅପରାହ୍ନରେ ପହଞ୍ଚିଥିବା କର୍ମଚାରୀମାନଙ୍କ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଅବସର ପରେ ପୁନଃ ନିଯୁକ୍ତି ପାଉଥିବା ଯେଉଁ ଅଧିକାରୀଙ୍କ ରାଜଧାନୀ କିମ୍ବା କର୍ମସ୍ଥଳୀରେ ନିଜସ୍ୱ ବାସଗୃହ ନ ଥିବ, ତାଙ୍କୁ ସରକାରୀ ବାସଗୃହ ରଖିବା ପାଇଁ ଏକ ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଇଥିଲା। ଏହା ତତ୍କାଳୀନ ପ୍ରମୁଖ ଶାସନ ସଚିବ ଜି.ଭି.ଭି. ଶର୍ମାଙ୍କ ସ୍ୱାକ୍ଷରରେ ଫେବୃୟାରୀ, ୨୦୧୬ରେ କରାଯାଇଥିଲା। ଉକ୍ତ ନିର୍ଦ୍ଦେଶାବଳୀରେ ଯେଉଁ ଅବସରପ୍ରାପ୍ତ ଅଧିକାରୀମାନେ ଓଏସ୍‌ଡି ବା ଅନ୍ୟ କୌଣସି ଆକାରରେ ପୁନଃ ନିଯୁକ୍ତି ପାଇବେ, ସେମାନେ କାର୍ଯ୍ୟସ୍ଥଳୀରେ ବାସଗୃହ ନ ଥିବାର ଏକ ସତ୍ୟପାଠ ସାଙ୍ଗକୁ ପୁନଃ ନିଯୁକ୍ତି ଆଦେଶ ଦାଖଲ କରିବାର ନିୟମ ରହିଥିଲା। ଯାହା ଦ୍ୱାରା ସରକାରୀ ବାସଗୃହକୁ ୬୨ ବର୍ଷ ପର୍ଯ୍ୟନ୍ତ ରଖିବାକୁ ଅନୁମତି ମିଳିବ। ଏହାର ଆଭିମୁଖ୍ୟ ଥିଲା କାର୍ଯ୍ୟସ୍ଥଳୀରେ ନିଜସ୍ୱ ବାସଗୃହ ନ ଥିବା ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତିକାଳରେ ସରକାରୀ ବାସଗୃହ ଯୋଗାଇଦେବା। ହେଲେ ଜି.ଏ. ବିଭାଗର ବେପରୁଆ ନୀତି ଏବଂ ଆଇନଗତ ତର୍ଜମାରେ ତ୍ରୁଟି କାରଣରୁ ପୁନଃ ନିଯୁକ୍ତିରେ ଥିବା ସତ୍ତ୍ୱେ ସଂଖ୍ୟାଧିକ ଅଧିକାରୀଙ୍କୁ ସରକାରୀ ଘର ଛାଡିବାକୁ ଇଷ୍ଟେଟ ଅଫିସର ନୋଟିସ ଜାରି କରିଛନ୍ତି।

ପ୍ରକାଶ ଯେ, ଯେତେବେଳେ ରାଜ୍ୟ ସରକାରୀ କର୍ମଚାରୀଙ୍କ ଅବସର ବୟସ ସୀମା ୫୮ ବର୍ଷ ରହିଥିଲା, ସେତେବେଳେ ଅବସରପ୍ରାପ୍ତ ଅଧିକାରୀଙ୍କୁ ସର୍ବାଧିକ ୪ବର୍ଷ ବା ୬୨ ବର୍ଷ ବୟସ ପର୍ଯ୍ୟନ୍ତ ପୁନଃ ନିଯୁକ୍ତି ଦେବାର ନିୟମ ଥିଲା। ପରବର୍ତ୍ତୀ ସମୟରେ ଅବସର ବୟସ ସୀମା ୬୦ବର୍ଷ ବୟସକୁ ବୃଦ୍ଧି କରାଗଲା। ସେତେବେଳେ ସର୍ବାଧିକ ୪ବର୍ଷ ବା ୬୪ ବର୍ଷ ପର୍ଯ୍ୟନ୍ତ ପୁନଃ ନିଯୁକ୍ତି ହେବାର ବ୍ୟବସ୍ଥା କରାଗଲା। ବର୍ତ୍ତମାନ ପୁନଃ ନିଯୁକ୍ତି ନୂଆ ନିୟମ ଅନୁଯାୟୀ ଜାରି ରହିଛି। ଏଣୁ ଏଠାରେ ପ୍ରଶ୍ନ ଉଠେ, ୬୪ ବର୍ଷ ପର୍ଯ୍ୟନ୍ତ ପୁନଃ ନିଯୁକ୍ତି ଦେବାର ନିୟମ ଥିବା ବେଳେ ୬୨ ବର୍ଷ ପୂରଣ ଦର୍ଶାଇ ସରକାରୀ ଘର ଉଚ୍ଛେଦ କରିବାର କାରଣର ଉଦ୍ଦେଶ୍ୟ କ'ଣ। ଏହା ଦ୍ୱାରା ସରକାରଙ୍କ ଦ୍ୱାରା ୨୦୧୬ରେ ପ୍ରଣୀତ ନୀତିର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଭାବିତ ଅଧିକାରୀମାନେ ୨୦୧୬ ନୀତିରେ ସଂଶୋଧନ ଆଣିବାକୁ ଦାବି କରୁଛନ୍ତି।

# ଟ୍ରାଙ୍କୁଲାଇଜର ମାରି ଭାଲୁ ଛୁଆକୁ ଉଦ୍ଧାର କଲେ



ଟ୍ରାଙ୍କୁଲାଇଜର ପରେ ଛୁଆ ଭାଲୁ ଫାଶରୁ ଉଦ୍ଧାର କରାଯାଉଛି।

**ସଜନାଗଡ଼,୨୬।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସ୍ୱର୍ଣ୍ଣଚୂଡ ପାହାଡ ତଳି ଇଲକାରେ ବାର୍‌ହା ଉପଦ୍ରବ ରୋକିବା ସକାଶେ ଲୋକେ ବସାଇଥିବା ଫାଶରେ ପଡିଯାଇଥିବା ଏକ ଦୁଇ ବର୍ଷର ଭାଲୁଛୁଆକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ଏଥିଲାଗି ବନ ବିଭାଗ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡିଛି। ଶେଷର ଟ୍ରାଙ୍କୁଲାଇଜର ଟିମ୍‌କୁ ଡକାଇ ଭାଲୁଛୁଆକୁ ଉଦ୍ଧାର କରି ଚିକିତ୍ସା କରାଯିବା ପରେ ଜଙ୍ଗଲରେ ଛାଡି ଦିଆଯାଇଛି। ଅନତି ଦୂରରେ ଜଗି ରହିଥିବା ମା' ଭାଲୁ ଉଦ୍ଧାର ପରେ ଛୁଆକୁ ଧରି ଜଙ୍ଗଲକୁ ଫେରି ଯାଇଛି।

ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଅଧୀନ ଜାମୁଡ଼ିଆ ଏବଂ ଜଡ଼ିଦା ପଞ୍ଚାୟତ ଡେଙ୍ଗାପିଆଶାଳ ନିକଟରେ କେହି ବାର୍‌ହା ଧରିବା ଲାଗି ଫାଶ ବସାଇଥିଲେ। ଗୁରୁବାର ରାତିରେ ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୁଡ଼ ପାହାଡ଼ରୁ ମା' ଭାଲୁ ଓ ତା'ର ଛୁଆ ଚାଲି ଆସିଥିଲେ। ସେଠାରେ ଭାଲୁ ଛୁଆଟି ଫାଶରେ ପଡ଼ି ଯାଇଥିଲା। ଛୁଆକୁ ଉଦ୍ଧାର କରିବା ପାଇଁ ରାତି ସାରା ମା' ଭାଲୁ ଗର୍ଜନ କରିଥିଲା। ଶୁକ୍ରବାର ସକାଳେ ଗ୍ରାମବାସୀ ଫାଶ ନିକଟକୁ ଯାଇ ସେଥିରେ ଭାଲୁଛୁଆ ପଡିଥିବା ଦେଖି ନୀଳଗିରି ବନବିଭାଗକୁ ଖବର ଦେଇଥିଲେ। ସେତେବେଳେ ଲୋକଙ୍କୁ ଦେଖି ମଧ ମା' ଛୁଆକୁ ଛାଡ଼ି ନ ଯାଇ ପ୍ରାୟ ୫୦୦ ମିଟର ଦୂରରେ ଅଟକି ରହିଥିଲା। ବନବିଭାଗ ରେଞ୍ଜର ସୁକୁମାର ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ରୁଣ୍ଡ ହୋଇଥିବା ଲୋକଙ୍କୁ ଦୂରକୁ ପଠାଇ ସୁରକ୍ଷିତ ଭାବେ ଭାଲୁଛୁଆକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଥିରେ ସେମାନେ ସଫଳ ହୋଇ ନ ଥିଲେ। ପରେ ରେଞ୍ଜର ନାୟକ ବାରିପଦା ଆରସିସିଏଫ୍‌ଙ୍କୁ ଜଣାଇ ଟ୍ରାଙ୍କୁଲାଇଜର ଟିମ୍‌କୁ ଡକାଇଥିଲେ। ଟିମ୍ ଆସି ପହଞ୍ଚିବା ପରେ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ଡା. ପିୟୁଷ ସରେନ୍ ଏବଂ ଡା. ଖନିନ୍ ଚଙ୍ଗମଲୀ ଟ୍ରାଙ୍କୁଲାଇଜର ଉକ୍ତ ଟିମ୍‌ର ନେତୃତ୍ୱ ନେଇଥିଲେ। ଭାଲୁଛୁଆକୁ ଟ୍ରାଙ୍କୁଲାଇଜର ମାରି ଅଚେତ କରି ଦିଆଯିବା ପରେ ତାକୁ ଉଦ୍ଧାର କରି ଚିକିତ୍ସା କରାଯାଇଥିଲା। ସେ ସୁସ୍ଥ ହେବାରୁ ତାକୁ ଜଙ୍ଗଲରେ ଛଡ଼ା ଯାଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।

- ସାରଳା ଦାସ



## ସଂକ୍ଷେପରେ

### ପାନସିଆଲି ସେମିଫାଇନାଲରେ

ଅମରପାଲି/ବୀରମହାରାଜପୁର, ୨୬।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ଗ୍ରାମର ବିଏମସିସି ଆନୁକୂଲ୍ୟରେ ଶୁକ୍ରବାର ନବମ ଶହୀଦ ବିଭୀଷଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ଅଧକ୍ଷ ସନ୍ତୋଷ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ନୂଆଁପାଲି ଓ କେନ୍ଦୁଖୁପୁଲି ମଧରେ ହୋଇଥିଲା। ଏଥିରେ ନୂଆଁପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଲାଲସ୍ପୋର୍ଟିଂ ସୋନପୁର ଓ ପାନସିଆଲି ମଧରେ ହୋଇଥିଲା । ଏଥିରେ ପାନସିଆଲି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ନୂଆଁପାଲି ଓ ପାନସିଆଲି ମଧରେ ହୋଇଥିଲା। ଏଥିରେ ପାନସିଆଲି ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୯୪ ରନ କରିଥିବା ବେଳେ ନୂଆଁପାଲି ଦଳ ସମସ୍ତ ଉଇକେଟ ହରାଇ ୫୭ ରନ କରି ପରାସ୍ତ ହୋଇଥିଲା। ଫଳରେ ପାନସିଆଲି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ଖେଳ ଗୁଡିକୁ ଲକ୍ଷ୍ମଣ ବେହେରା ଓ ପ୍ରଫୁଲ୍ଲ ବେହେରା ପରିଚାଳନା କରିଥିବଲେ। ବିକାଶ ଭୋଇ ସ୍କୋରିଂ ଏବଂ ଶିବ ଶଙ୍କର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୁବ୍ରତ ବେହେରା ଅତିଥିଭାବେ ଯୋଗଦେଇ ମିଲୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ ।





ଗମ୍ଭୀରା ବିଜେ ପୂର୍ବରୁ ଦେବୀଙ୍କ ମଙ୍ଗଳ ଆରତୀ କରାଯାଉଛି (ବାମ)। ପଞ୍ଚବାଦ୍ୟ ସହ ଦେବୀଙ୍କ ଲେଉଟାଣି ଶୋଭାଯାତ୍ରା।

ସରିଲା ଅଶିନପୁନି ଯାତ୍‌ରା

# ମନ୍ଦିର ବାହୁଡ଼ିଲେ ମା’ ମାହେଶ୍ୱରୀ

ବୀରମହାରାଜପୁର, ୨୬।୧୦ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲାର ଐତିହ୍ୟ ସମ୍ପନ୍ନ ଶକ୍ତିପୀଠ କାନପୁରଠାରେ ଗତ ୩ଦିନ ଧରି ଚାଲିଥିବା ପ୍ରସିଦ୍ଧ କୁମାରୋତ୍ସବ ଯାତ୍ରା ଶୁକ୍ରବାର ସକଳେ ଉଦ୍‌ଯାପିତ ହୋଇଯାଇଛି। ବର୍ଷକରେ ଥରେ ଭକ୍ତଙ୍କୁ ବର୍ଶନ ଦେବାପାଇଁ ଦେମୂଳ ଯାତ୍ରାରେ ବାହାରି ଥିବା ଆରାଧଦେବୀ ମାହେଶ୍ୱରୀ ପାହାନ୍ତା ପ୍ରହରରେ ଗମ୍ଭୀରାକୁ ବାହୁଡି ଯାଇଛନ୍ତି । ଯାତ୍ରାର ଅନ୍ତିମ ଦିବସରେ ଦେବୀଙ୍କ ପ୍ରତୀକ ରୂପେ ପୂଜିତ ହେଉଥିବା କଳା ଧଳା ଛତ୍ର ଓ ଆଲମ ସହ ବାଡି, ଖଣ୍ଡା ଓ ତରବାରୀକୁ ସକାଳେ ଦେମୂଳ ପଡିଆରୁ ଶୋଭାଯାତ୍ରରେ ଅଣା ଯାଇ ଗ୍ରାମ୍ୟ ପରିକ୍ରମା କରାଯିବା ପରେ ମନ୍ଦିର ପ୍ରାଙ୍ଗଣ ପୂଜା ମଣ୍ଡପରେ ବିଜେ କରାଯାଇଥିଲା। ସନ୍ଧ୍ୟାରେ ପାରମ୍ପରିକ ରୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ଅନ୍ନଭୋଗ ଲାଗି ହୋଇଥିଲା । ଏହି ଅବସରରେ ପୂର୍ଣ୍ଣାହୂତି ହୋମକର୍ମ ଓ ମଙ୍ଗଳ ଆରତୀ ଅର୍ପଣ ପରେ ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳି ଧ୍ୱନୀ ମଧ୍ୟରେ ଦେବୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଯାଇଥିଲେ । ଦିନ ସାରା ପାଗ ଖୁବ୍ ଅନୁକୂଳ ଥିବାରୁ ଯାତ୍ରାର ଅନ୍ତିମ ପର୍ବରେ ସାମିଲ ହେବା ପାଇଁ ପ୍ରବଳ ଜନସମାଗମ ଅନୁଭୂତ ହୋଇଥିଲା । ଏହି ଉପଲକ୍ଷେ ପୀଠର ବିଧିବ୍ୟବସ୍ଥା ଅନୁଯାୟୀ ବାଦ୍ୟକାର ସେବାୟତମାନେ ଢୋଲ, ମହୁରୀ ଓ ନିଶାନର ଶୋଳ ଭରନୀ ବାଦ୍ୟ ବଜାଇ ଦେବୀଙ୍କୁ ବିଦାୟ ଜଣାଇଥିଲେ। ଏହା ସହିତ ପ୍ରଦର୍ଶିତ ହୋଇଥିଲା ସ୍ଥାନୀୟ ଯୁବ କଳାକାର ଘଣ୍ଟବାଦ୍ୟ ଏବଂ ସମର କଳାର ନିଦର୍ଶନ ସ୍ୱରୂପ ଅଞ୍ଚଳର ପାରମ୍ପରିକ ବାଡିଖେଳ । ଏତଦ୍‌ବ୍ୟତୀତ ଲୋକଙ୍କ ମନୋରଞ୍ଜନ ସକାଶେ ଯାତ୍ରା କମିଟି ତରଫରୁ ଦେବୀଙ୍କ ପୀଠ ସମ୍ମୁଖରେ ମହିଳା ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା । ବଲାଙ୍ଗୀର ଜିଲା ସଲେଭଟାର ମହିଳା କଳାକାରଙ୍କ ଦ୍ୱାରା ପରିବେଷିତ ଏହି ଦଣ୍ଡନୃତ୍ୟ ରାତି ପାହିବା ଯାଏ ଦେଖଣାହାରୀଙ୍କୁ ବାନ୍ଧି ରଖିଥିଲା । ଯାତ୍ରା ବଜାର ମଧ ଖୁବ୍ ଜମିଥିବାରୁ ସଭିଏ ମଜା ଉଠାଇଥିଲେ। ବିପୁଳ ଜନଗହଳି ସତ୍ତ୍ୱେ କୌଣସି ରକମର ଅପ୍ରୀତିକର ଘଟଣାର ସୂଚନା ମିଳିନାହିଁ । ଆଶ୍ୱିନ ପୂର୍ଣ୍ଣିମା ଅବସରରେ ଶହଶହ ବର୍ଷେ ହେଲା ଏହି ଯାତ୍ରା ଆୟୋଜିତ ହୋଇ ଆସୁଥିଲେ ମଧ ପୂର୍ବବର୍ଷମାନଙ୍କ ଭଳି ଏଥରବି କୌଣସି ପ୍ରକାର ସରକାରୀ ପ୍ରୋତ୍ସାହନ ମିଳି ନ ଥିବା ଯାତ୍ରା କମିଟି ପକ୍ଷରୁ କୁହାଯାଇଛି ।

### ବ୍ଲକସ୍ତରୀୟ ଶୀତକାଳୀନ କ୍ରୀଡା ପ୍ରତିଯୋଗିତା

ତରଭା, ୨୬।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧିନ ବଡଭଇଁରୋ ହାଇସ୍କୁଲ ଖେଳପଡିଆରେ ବ୍ଲକସ୍ତରୀୟ ଶୀତକାଳୀନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ତରଭା ବ୍ଲକର ୨୪ ବିଦ୍ୟାଳୟରେ ୧୨୦ଛାତ୍ରୀଛାତ୍ର ଦୌଡ, ଲମ୍ଫଡିଆଁ, ସଟପୁଟ, ଜେଭଲିନ, ଡିସକସ ଓ ଉଚ୍ଚଡିଆଁ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିରେ ୧୪ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରମାନଙ୍କୁ ସବ୍‌ଜୁନିଅର ଏବଂ ୧୪ରୁ ୧୭ ବର୍ଷ ବୟସର ଛାତ୍ରୀଛାତ୍ରମାନଙ୍କୁ ଜୁନିଅର ଦଳରେ ବିଭକ୍ତ କରାଯାଇଥିଲା । ଏହି ଉପଲକ୍ଷେ ବଡଭଇଁରୋ ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯୋଧନ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତରଭା ବାଳକ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର ପଣ୍ଡା,ଏବିଇଓ ହରିଶ୍ଚନ୍ଦ୍ର ସାହୁ ଓ କୁଳମଣୀ ମିଶ୍ର ଯୋଗ ଦେଇଥିଲେ। ଏହି ଖେଳକୁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶ୍ରୀଧର ପୁଟେଲ ଓ ଅନ୍ୟାନ୍ୟ ସ୍କୁଲଗୁଡିକରୁ ଆସିଥିବା ଖେଳ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ । ସଂସ୍କୃତ ଶିକ୍ଷକ ସୌମିତ୍ରୀ ନାଏକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବୀରେନ୍ଦ୍ର ବିଶି, ପ୍ରମୋଦ ମହାକୁର,ସୁଦାମ ମେହେର, ଫକିରମୋହନ ମନହୀରା, ଟିନି ମେହେର, ସସ୍ମିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଡୁମାଳ ସମାଜର ବାର୍ଷିକ ମହାସଭା

# ସଂସ୍କାରଧର୍ମୀ ସମାଜ ଗଠନ ଜରୁରୀ



ମହାସଭାରେ ସଭାପତି ଅଭିଭାଷଣ ପ୍ରଦାନ କରୁଛନ୍ତି ।

ବୀରମହାରାଜପୁର, ୨୬।୧୦ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତୀ କାନପୁର ଦେମୂଳ ପଡିଆଠାରେ ଡୁମାଳ ସମାଜର ଉପଖଣ୍ଡସ୍ତରୀୟ ବାର୍ଷିକ ମହାସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଅଶିନ୍ ପୁନି ଯାତ୍ରାର ଅନ୍ତିମ ଦିବସରେ ଏଭଳି ମହାସଭା ବସିବାର ଏକ ପରମ୍ପରାରେ ପରିଣତ ହୋଇଥିବା ବେଳେ ଏହାରି ମାଧ୍ୟମରେ ଡୁମାଳ ସମାଜର ବହୁ ଜଟିଳ ସମସ୍ୟାର ସମାଧାନ ହୋଇଥାଏ। ତାଛଡା ରାଜ୍ୟ ଡୁମାଳ ପରିଷଦର ସମ୍ବିଧାନ ଆଧାରରେ ସାମାଜିକ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରଗତିମୂଳକ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା କରାଯାଇଥାଏ। ଗୁରୁବାର ଅନୁଷ୍ଠିତ ବୈଠକରେ ସାଂଗଠନିକ ଆଲୋଚନା ବ୍ୟତୀତ ସେଭଳି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜାତିଭିତ୍ତିକ ସମାଜରୁ କ୍ରମଶଃ କୁସଂସ୍କାର ଦୂରେଇ ଥିଲେ ସୁଦ୍ଧା ଏବେବି ପରମ୍ପରା ନାମରେ କେତେକ ପ୍ରଥା ସାମାଜିକ ଚଳଣିରେ ଜମାଟ ବାନ୍ଧି ରହିଥିବାରୁ ଆଶାନୁରୂପ ଅଭିବୃଦ୍ଧି ଘଟିପାରୁ ନାହିଁ। ତେଣୁ ସଂସ୍କାରଧର୍ମୀ ସମାଜ ଗଠନର ଜରୁରୀ ଆବଶ୍ୟକତା ଥିବା ନେଇ ଉକ୍ତ ମହାସଭାରେ ସହମତି ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଶୁଦ୍ଧିକ୍ରିୟରେ ସଂଖୋଳିବାକୁ ଯାଉଥିବା ବ୍ୟକ୍ତିବିଶେଷ ଲୁଗା ପରିବର୍ତ୍ତେ ଯଥା ସମ୍ଭବ ଆର୍ଥୀକ ସହଯୋଗ କରିବା ଭଳି କେତେକ ଦୃଷ୍ଟାନ୍ତମୂଳକ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଆଲୋଚନାରେ ବିଭିନ୍ନ କେନ୍ଦ୍ରର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ କଷ୍ଟେଶ୍ୱର କର୍ମୀ(ପିତାମହୁଲ), ହରିଶଙ୍କର ବାରିକ(ଜଟେସିଂଘା), ବୃନ୍ଦାବନ କର୍ଣ୍ଣ (ଖଣ୍ଡହତା), ପରମାନନ୍ଦ ମେଣ୍ଡଲି (ମୁର୍ଷୁଣ୍ଡୀ), ଘାସିନାଥ ମହାକୁର (ଲୁଡୁରପଙ୍କ), ଜାନକୀରାମ ଦେହୁରୀ (ଦୁର୍ଜନତଏଲା), ଭକ୍ତରାମ ପର୍ଡିଆ (ହିଙ୍ଗମା), ଭରତ ମହାକୁର (କଳାପଥର) ଏବଂ ଯୁବ ଡୁମାଳ ପରିଷଦ, ଉଲୁଣ୍ଡା ଶାଖାର ସଭାପତି ଶଶିକାନ୍ତ ପଧାନ ପ୍ରମୁଖ ସୁଚିନ୍ତିତ ମତାମତ ରଖିଥିଲେ। ଦୟାନିଧି ପଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାବେଶରେ ଡୁମାଳ ପରିଷଦର ରାଜ୍ୟ ଉପସଭାପତି ମୂରଲୀଧର ପାତ୍ର ଓ ବରିଷ୍ଠ ଆଇନଜୀବୀ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ମାର୍ଗଦର୍ଶନ କରିଥିଲେ। ଇଷ୍ଟଦେବୀ ମାହେଶ୍ୱରୀଙ୍କ ଆରାଧନା ସହ ଆରମ୍ଭ ହୋଇଥିବା ମହାସଭା ପ୍ରାରମ୍ଭରେ ଚିତ୍ତରଞ୍ଜନ ଗଡତିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଅମ୍ବରିଶ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

### କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ଡୁଙ୍ଗୁରିପାଲି, ୨୬।୧୦(ଡି.ଏନ୍.ଏ)

ଡୁଙ୍ଗୁରିପାଲି ବ୍ଲକ କନ୍ଦାଗାଡ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛିଂ। ମୁଖ୍ୟ ଅତିଥିଭାବେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ୧୩ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ଲୋକନାଥ ଦଣ୍ଡସେନା ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିତର୍କ, ପ୍ରବନ୍ଧ ଲିଖନ, କୁଇଜ୍, ଚିତ୍ରାଙ୍କନ, ସୁଜନ ଲିଖନ, ବକ୍ତୃତା, ସଙ୍ଗୀତ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗୀତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷକ ବିରେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ତୈଳଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ କରାଯାଇଥିଲା। ଏଥିରେ ଭାରତର କଳାକୃତି ଚିତ୍ର କୁଚିପୁଡୀ, ଭାରତନାଟ୍ୟମ୍, କଥାକଲୀ ଓ ଐତିହାସିକ ସ୍ଥାନଗୁଡିକର ଚିତ୍ର ପ୍ରଦର୍ଶିତ ହୋଇଥିଲା ।

# ସମ୍ବିଧାନ ସଚେତନତା ଅଭିଯାନ

ସୋନପୁର, ୨୬।୧୦(ନି.ପ୍ର.)

ଭାରତୀୟ ସମ୍ବିଧାନ ହେଉଛି ଦେଶର ସର୍ବପ୍ରଥମ ଏବଂ ମୌଳିକ ଆଇନ। ଏହା ସମତା, ସ୍ୱତନ୍ତ୍ରତା, ବନ୍ଧୁତା, ନ୍ୟାୟ ଓ ସିଦ୍ଧାନ୍ତର ପ୍ରତୀକ। ତେଣୁ ଦେଶର ସମ୍ବିଧାନ ପ୍ରତି ସମସ୍ତ ଜନ ସାଧାରଣଙ୍କର ସମ୍ମାନ ଓ ପ୍ରଗାଢ ବିଶ୍ୱାସ ରହିବା ଉଚିତ ବୋଲି ଶୁକ୍ରବାର ସୋନପୁରଠାରେ ଆୟୋଜିତ ସମ୍ବିଧାନ ସଚେତନତା ଅଭିଯାନରେ ନେତୃବୃନ୍ଦ ମତପ୍ରକାଶ କରିଛନ୍ତି। ସହରର ଆମ୍ବେଡକର ଛକ ଓ ବିଜୁ ପଟ୍ଟନାୟକ ଛକଠାରେ ସନ୍ଧ୍ୟାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଶିକ୍ଷାବିତ୍ ସାନନ୍ଦ ବାରିକ୍, ଶ୍ରୀଧର ବାଗ୍, ଯୋଗେଶ୍ୱର ମହାନନ୍ଦ, ମୁନିଲାଲ ମହାନନ୍ଦ, ପ୍ରକାଶ ହରିପାଲ, ଗିରିଧାରୀ ଖୁରା, ଜ୍ୟୋତିର୍ମୟ ନାଗ, ରାକେଶ ନାଗ, ଅନିଲ ତାଣ୍ଡି, ଗୁପ୍ତେଶ୍ୱର ଖୁରା ଓ ଅଷ୍ଟମ ବାଗ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସମ୍ବିଧାନ ଉପରେ



ପଥପ୍ରାନ୍ତ ସଭାରେ ନେତୃବୃନ୍ଦ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ପ୍ରତ୍ୟେକ ବ୍ୟକ୍ତି ସଚେତନ ନ ହେଲେ ବାବାସାହେବ ଆମ୍ବେଡକରଙ୍କ ଗଣତାନ୍ତ୍ରିକ ଆଦର୍ଶ ଓ ସମାଜ ନିର୍ମାଣର ସ୍ୱପ୍ନ ପୁରା ହୋଇପାରିବ ନାହିଁ ବୋଲି କହିଥିଲେ। ତେଣୁ ସଚେତନତା ପାଇଁ ରଥ ଅକ୍ଟୋବର ୧୪ତାରିଖରେ କୋରାପୁଟଠାରୁ ବାହାରି ଓଡିଶାର ୧୦ଟି ଜିଲା ପରିକ୍ରମା କରୁଛି। ଆସନ୍ତା ନଭେମ୍ବର ୨୬ତାରିଖରେ ବରଗଡ ଜିଲାରେ ଏହା ଉଦ୍‌ଯାପିତ ହେବ। ଏହି ଦିନ ସମ୍ବିଧାନ ଦିବସ ବରଗଡରେ ପାଳିତ ହେବ। ଏଥିରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଥିଲା। ସଚେତନତା ରଥ ବଲାଙ୍ଗୀରରୁ ଆସି ଶୁକ୍ରବାର ତରଭାରେ ପହଞ୍ଚିବା ପରେ ସଭା ଅନୁଷ୍ଠିତ ହୋଇଥିଲା। ଶନିବାର ଏହି ରଥ ବିନିକା ଅଭିମୁଖେ ଯିବ ବୋଲି ଜଣାପଡିଛି। ଏସ୍‌ସି, ଏସ୍‌ଟି, ଓବିସି ଓ ରିଲିଜିଅସ ମାଇନରିଟି ଏକତା ମଞ୍ଚ ପକ୍ଷରୁ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି।

ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

# ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୫୧ ବିଦ୍ୟାର୍ଥୀ ପୁରସ୍କୃତ

ବୀରମହାରାଜପୁର, ୨୬।୧୦ (ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ସମ୍ପନ୍ନ ହୋଇଯାଇଛି । ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ନିମିତ୍ତ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୬ଟି କ୍ଲଷ୍ଟର ଅନ୍ତର୍ଭୁକ୍ତ ସମସ୍ତ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ମନୋନୀତ ଛାତ୍ରୀଛାତ୍ର ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ସୃଜନା ଲେଖା, ସାଧାରଣ ଜ୍ଞାନ, ସଂଗୀତ, ନୃତ୍ୟ, ଚିତ୍ରକଳା ଓ ଶିଳ୍ପକଳା ଏବଂ କୁଇଜ ପ୍ରତିଯୋଗୀତାର ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୫୧ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସମାରୋହରେ ବ୍ଲକଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ପୌରୋହିତ୍ୟ କରିଥିଲେ। ଉପଜିଲାପାଳ ସୁବ୍ରତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ ଭୋଇ, ବିଡିଓ ଅଭିମନ୍ୟୁ ମାଝୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗରୁଡଧ୍ୱଜ ମୁଦୁଲି ଓ ବରନ ଡୁଙ୍ଗଡୁଙ୍ଗ ସମ୍ମାନୀତ ଅତିଥିଭାବେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିବା ବେଳେ ସିଆରସିସି ଅଭିମନ୍ୟୁ ବର୍ଗତି ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ଶେଷରେ ଅନ୍ୟତମ ସିଆରସିସି ପଦ୍ମନାଭ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଅକ୍ଷୟ କୁମାର ରାୟ ।

### ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ବିନିକା ଗସ୍ତ

ସିଂଘିଯୁବା, ୨୬।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପାଞ୍ଜଳି ମହାପାତ୍ର ଶୁକ୍ରବାର ବିନିକା ଶିଶୁ ସମନ୍ୱିତ ବିକାଶ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ମହାପାତ୍ର ବିନିକା ଶିଶୁ ସମନ୍ୱିତ ବିକାଶ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ୪୯ଟି ଅଙ୍ଗନବାଡି କେନ୍ଦ୍ର ଅର୍ଦ୍ଧନିର୍ମିତ ହୋଇଥିବା ଅବଗତ ହୋଇଥିଲେ । ଏ ନେଇ ସେ ସିଡିପିଓ ସୁଭାଗିନୀ ହରିପାଳଙ୍କ ସହ ଆଲୋଚନା କରିଥିଲେ। ପରେ ମହାପାତ୍ର ମିଶନ ଶକ୍ତି ସହସଂଯୋଜକ ମଞ୍ଜୁଲତା ସ୍ୱାଇଁ, ଡିପିସି ସହସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାଏକ ଏବଂ ମହଦା ସେକ୍ଟରର ସୁପରଭାଇଜର ବିଲାସିନୀ ମିଶ୍ରଙ୍କ ସହ ବିନିକା ଏନ୍‌ଏସି ଅନ୍ତର୍ଗତ ନୁଆଁପାଲିର ୫ ସ୍ୱୟଂ ସହାୟକ ଗୋଷ୍ଠୀକୁ ଭେଟି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଲିଙ୍କେଜ ଋଣ ସୁବିଧାର ଫାଇଦା ନେବାକୁ କହିଥିଲେ। ପରେ ସେ କୁଇବାହାଲକୁ ଯାଇ ଟେରାକୋଟା କାର୍ଯ୍ୟ କରି ରୋଜଗାର କରୁଥିବା ମହିଳାଙ୍କୁ ଭେଟିଥିଲେ।

# ପ୍ରେରକ ସଂଘର ବୈଠକ

ଅମରପାଲି, ୨୬।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପ୍ରେରକସଂଘର ଏକ ବୈଠକ ମୁର୍ଷୁଣ୍ଡୀଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରେମାନନ୍ଦ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରେରକମାନଙ୍କର ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଆଲୋଚନା ହୋଇଥିଲା। ଉକ୍ତ ସଭାରେ ସଭାପତି ନାଏକ, ସମ୍ପାଦକ ନିରାକାର ଜଗଦଲା ଏବଂ ବ୍ଲକର ପ୍ରେରିକା ପ୍ରେରକ ଉପସ୍ଥିତ ରହି ସ୍ଥାୟୀ ସମାଧାନ ଉପରେ ଆଲୋଚନା କରିଥିଲେ। ବ୍ଲକର ୨୩ଜଣ ପ୍ରେରିକା ପ୍ରେରକ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ସଂଯୋଜକ ଦଶରଥ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

ସୁବର୍ଣ୍ଣପୁରର ନିଆଁମଡା ଯାତ୍ରା

# ଆସ୍ଥା, ବିଶ୍ୱାସରେ ନିଆଁ ଥଣ୍ଡା ହୋଇଯାଏ

ସୋନପୁର,୨୬।୧୦(ନି.ପ୍ର.)

ନିଆଁକୁ ବା କାହାର ଡର ନଥାଏ। ପୁଣି ନିଆଁର ଜଳନ୍ତା ଅଙ୍ଗାର ଉପରେ ଖାଲି ପାଦରେ ଚାଲିବା, କିନ୍ତୁ ଅବିଶ୍ୱାସ ହେଲେ ବି ସତ। ଏହା ଦେଖିବାକୁ ମିଳେ ସୁବର୍ଣ୍ଣପୁର ସହରର ଖଦାଳପଡାରେ ହେଉଥିବା ନିଆଁମଡା ଯାତ୍ରା ବା କଇଁଫୁଲ ଯାତ୍ରାରେ। ଲୁହା କଣ୍ଟା ଦୋଳିରେ ଝୁଲିବା ସହ ନିଆଁ ଉପରେ ମହିଳା ବରୁଆ ଚାଲିଥିଲେ। ପରେ ଶତାଧିକ ଭକ୍ତ ଏହା ଉପରେ ଚାଲି ଥାଆନ୍ତି। ଗୁରୁବାର କାର୍ତ୍ତିକ ପ୍ରତିପଦା ତିଥି ବିଳମ୍ବିତ ରାତିରେ ଏହି ନିଆଁମଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାତ୍ରାକୁ ଉପଭୋଗ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ମହିଳା ଓ ପୁରୁଷ ବରୁଆମାନଙ୍କ ଶରୀରରେ ଦେବୀ ସବାର ହୋଇଥିଲେ। ପୂଜାପାଠ ପରେ ପ୍ରାଚୀନ ଲୋକବାଦ୍ୟ ଧୂନକେଲ ଓ ଢୋଲର ତାଳେ ତାଳେ ନାଚିଥିଲେ



ବରୁଆ ମାନେ ନିଆଁ ଉପରେ ଚାଲୁଛନ୍ତି ।

ମହିଳା ବରୁଆମାନେ। ଠାକୁରାଣୀ ପୀଠରୁ ନାଚି ନାଚି ବରୁଆମାନେ ଆସିଥିଲେ ନିଆଁ ଜଳୁଥିବା ପଡିଆକୁ। ଶତାଧିକ ଭକ୍ତ ଖାଲିପାଦରେ ଜଳନ୍ତା ନିଆଁ ଉପରେ ଚାଲି ଅନୁଭବ କରିଥିଲେ ନିଆଁର ଶୀତଳତା। ଖଦାଳ ସମ୍ପ୍ରଦାୟର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଠାକୁରାଣୀ। ରାଜାରାଜୁଡା ଅମଳରୁ ଏହି ଦେବୀପୀଠରେ ବର୍ଷକୁ ଥରେ ପୂଜାପାଠ ସହ ପାଳିତ ହୋଇ ଆସୁଛି ପାରମ୍ପରିକ ଯାତ୍ରା। ଏ ସମ୍ପର୍କରେ ପୂଜକ ଅଖୁଜ ନାଏକ କୁହନ୍ତି ତନ୍ତ୍ରପୀଠ ସୁବର୍ଣ୍ଣପୁର ସହରର ପ୍ରସିଦ୍ଧ ବଳିଯାତ୍ରା ନ ସରୁଣୁ ଠାକୁରାଣୀ ଯାତ୍ରା ଆରମ୍ଭ ହୁଏ। ବଳିଯାତ୍ରା ପରି ଏହି ନିଆଁମଡା ଯାତ୍ରାରେ ମଧ ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରର ପ୍ରୟୋଗ ରହିଛି। ଏଠାରେ ଅଗ୍ନି ପସନ୍ନ ମନ୍ତ୍ର ପ୍ରୟୋଗ କରାଯାଇ ନିଆଁକୁ ଶାନ୍ତି କରାଯାଏ। ଫଳରେ ଜଳନ୍ତା ନିଆଁ ଉପରେ ଚାଲିଲେ ବି କିଛି ପ୍ରଭାବ ପଡି ନଥାଏ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ଯାତ୍ରା ଆଗରୁ ଖୁବ୍ ଯାକଜମକରେ ପାଳନ ହେଉଥିଲା । ପ୍ରୋତ୍ସାହନ ଓ ଅର୍ଥ ଅଭାବରୁ ଏବେ ଏହି ଯାତ୍ରା ସାମାନ୍ୟ ଧିମେଇ ଯାଇଛି। ତେବେ ଶତାଧିକ ବର୍ଷ ଧରି ଚାଲି ଆସୁଥିବା ଏହି ପରମ୍ପରା ବଞ୍ଚାଇ ରଖିଛନ୍ତି ଖଦାଳ ସମ୍ପ୍ରଦାୟର ଲୋକେ। ଏଭଳି ଏକ ଅନନ୍ୟ ଉତ୍ସବକୁ ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣ ସହଯୋଗ କଲେ ଆହୁରି ଆଦୃତ ହୁଅନ୍ତା ବୋଲି ମତପ୍ରକାଶ ପାଇଛି। ଯାତ୍ରା କମିଟିର କର୍ମକର୍ତ୍ତା ଏହି ଯାତ୍ରାକୁ ଆୟୋଜନ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୭ ଅକ୍ଟୋବର, ୨୦୧୮



ପର ପାଇଁ ଦୁଃଖ ସହିବା ହେଉଛି
ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଶିଶୁ ପ୍ରତିଭା ମହୋତ୍ସବ ସୁରଭି

**ଜାମଟିକ୍ରା, ୨୬।୧୦ (ଡି.ଏନ.ଏ):** ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଅତାବିରା ବାଳକ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତାବିରା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ମେହେର ଯୋଗ ଦେଇଥିଲେ । ସଭାପତିତ୍ୱ କରିଥିଲେ ଅତାବିରା ବ୍ଲକ ଶିକ୍ଷା ଅଧିକାରୀ ରାଜାରାମ ମେହେର । ସମ୍ମାନୀତ ଅତିଥି ଭାବେ ରାଜକିଶୋର ପୂଜାରୀ ଯୋଗ ଦେଇଥିଲେ । ଏହି ଉତ୍ସବରେ ଅତାବିରା ବ୍ଲକର ୧୪ଟି କ୍ଲଷ୍ଟରର ଛାତ୍ରୀଛାତ୍ର ଯୋଗଦେଇ ନିଜ ପ୍ରତିଭା ଦେଖାଇଥିଲେ। ଏଥିରେ କୁଇଜ, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ, ରଚନା ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଧର୍ମରାଜ ପଧାନ ଓ ରଶ୍ମିରାଣୀ ପଣ୍ଡା । ବିରେନ୍ଦ୍ର କୁମାର ଭୋଇ, ମିତା ମହାକୁର, ଗୋପୀନାଥ ପଧାନ, କ୍ରିଷ୍ଣା ଦାସ, କାର୍ତ୍ତିକ ବାଗ, ରଶ୍ମିରାଣୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସିଆରସିସି ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଅଷ୍ଟପ୍ରହର ନାମଯଜ୍ଞ

**ଜାମଟିକ୍ରା, ୨୬।୧୦ (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଗ୍ରାମରେ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଗ୍ରାମର ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଏକ ପୋଖରୀରୁ ପୂର୍ଣ୍ଣ ଜଳକଳସ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ନାମଯଜ୍ଞ ଆରମ୍ଭ କରିଥିଲେ । ଯଜ୍ଞରେ କର୍ତ୍ତା ଭାବେ ଭୁବନ ପଧାନ ଓ ତାଙ୍କ ସ୍ତ୍ରୀ ଶିଷ୍ଟାବତୀ ପଧାନ ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଦିଲୀପ ରଥ ଓ ପ୍ରଦ୍ୟୁଷ କୁମାର ରଥ ପୂଜା କାର୍ଯ୍ୟ ତୁଲାଇଥିଲେ । ଶନିବାର ନାମଯଜ୍ଞର ପୂର୍ଣ୍ଣାହୁତି ପଡିବ ।

### ବଡ଼ପିପିଲିପାଲିରେ ଗଜଲକ୍ଷ୍ମୀ ପୂଜା

**ଭେଡ଼େନ, ୨୬।୧୦(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ଗ୍ରାମପଞ୍ଚାୟତର ବଡ଼ପିପିଲିପାଲି ଠାରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି । ଏଥିରେ ସୁଦାମ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ବୁଦ୍ଧଦେବ ପଣ୍ଡା ପୂଜାର୍ଚ୍ଚନା କରୁଛନ୍ତି । ବୁଧବାର ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲଶ । ନବୀନ ପଧାନଙ୍କ ପରିଚାଳନାରେ ହୋଇଥିବା କବିତା ପାଠ କାର୍ଯ୍ୟକ୍ରମରେ କବି ନାରାୟଣ ଭୋଇ ଏବଂ ସରପଞ୍ଚ ପୁରୁଷୋତ୍ତମ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଗୁରୁବାର ସନ୍ଧ୍ୟାରେ ଅଭିନେତା ତଥା ପ୍ରବଚକ ଅଏଁଠୁ ସାହୁ ଅତିଥି ଭାବେ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ ।

# ଭିତ୍ତିଭୂମି ନାହିଁ, କ୍ଷତି ସହୁଛି ଚାଷୀ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଜିଲାରେ ଧାନ ଅମଳ ଆରମ୍ଭ ହେଲାଣି । ଆଉ ମାତ୍ର ଏକ ସପ୍ତାହ ପରେ ଏଠାରେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିବ । ସମ୍ଭବତଃ ନଭେମ୍ବର ୫ତାରିଖରୁ ଜିଲାର ମଣ୍ଡି ସବୁ ଖୋଲିବ। ଏଥର ଚାଷୀଙ୍କଠାରୁ ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ, ତାହା ଚୂଡ଼ାନ୍ତ ହୋଇନାହିଁ। ଆସନ୍ତା ସପ୍ତାହର ଶେଷଆଡ଼କୁ ଧାନ ସଂଗ୍ରହ ଉପରେ ସମ୍ବଲପୁରରେ ହେବାକୁ ଥିବା ଆରଡିସି ସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯିବ। ଅନ୍ୟପଟେ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ କେତୋଟି ମଣ୍ଡି କେଉଁ ସ୍ଥାନରେ ଖୋଲିବ, ତାହା ନିର୍ଦ୍ଧାରଣ କରାଯାଇଛି ।

୨୦୧୭-୧୮ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଅପେକ୍ଷା ଏଥର ୪ଟି ଅଧିକ ମଣ୍ଡି ଖୋଲାଯାଇଛି । ୨୦୧୭-୧୮ରେ ଜିଲାରେ ୧୬୨ଟି ମଣ୍ଡି ଖୋଲିଥିଲା । ଏଥର ତାହା ୧୬୬କୁ ବୃଦ୍ଧି ପାଇଛି । ତନ୍ମଧ୍ୟରେ ୭୩ଟି ସ୍ଥାୟୀ ମଣ୍ଡି(ମାର୍କେଟ୍ ୟାର୍ଡ଼) ଏବଂ ୯୩ଟି ଅସ୍ଥାୟୀ ଧାନକ୍ରୟ କେନ୍ଦ୍ର(ଅସ୍ଥାୟୀ ମଣ୍ଡି) ରହିଛି । ସେଥିମଧ୍ୟରୁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧୀନରେ ୨୪ଟି ସ୍ଥାୟୀ ଓ ୩୩ଟି ଅସ୍ଥାୟୀ, ଅତାବିରା ଆରଏମସି ଅଧୀନରେ ୩୧ଟି ସ୍ଥାୟୀ ଓ ୧୯ଟି ଅସ୍ଥାୟୀ ଏବଂ ପଦ୍ମପୁର ଆରଏମସି ଅଧୀନରେ ୧୮ଟି ସ୍ଥାୟୀ ଓ ୪୧ଟି ଅସ୍ଥାୟୀ ମଣ୍ଡି ରହିଛି । ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ମଣ୍ଡି ଗୁଡ଼ିକରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ସ୍ଥାୟୀ ମଣ୍ଡି ଗୁଡ଼ିକରେ ଆରଏମସି ଏବଂ ଅସ୍ଥାୟୀ ମଣ୍ଡି ଗୁଡ଼ିକରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି)କୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଚିରାଚରିତ ଢଙ୍ଗରେ ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ କେବଳ ଏଭଳି ନିର୍ଦ୍ଦେଶ ଦିଆଯାଉଛି ଏବଂ ସେହି ନିର୍ଦ୍ଦେଶ କେବଳ କାଗଜକଲମରେ ସୀମିତ ରହି ଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଭିତ୍ତିଭୂମି ଅଭାବରୁ ଗାଁ ଦାଣ୍ଡ, ରାସ୍ତା, ଧର୍ମଶାଳା କିମ୍ବା ଖୋଲା ପଡ଼ିଆରେ ମଣ୍ଡି ଚାଲିଛି । ଚାଷୀ ମଧ୍ୟ ମଣ୍ଡିକୁ ଧାନ ଆଣି ନ ପାରି ଦୀର୍ଘଦିନ ଧରି ନିଜ ଖଳାରେ ଖୋଲା ଆକାଶତଳେ ପକାଇ ରଖିବାକୁ ବାଧ୍ୟ ହେଉଛି । କେବଳ ଗୋଟିଏ କିମ୍ବା ଦୁଇଟି ମଣ୍ଡି ନୁହେଁ, ଜିଲାର ପ୍ରାୟ ସବୁ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି ଏବଂ ଏଥିପାଇଁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି ।

ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଅନେକ ମଣ୍ଡିରେ ଧାନର ଆର୍ଦ୍ରତା କିମ୍ବା ଓଜନ ମାପ ହୋଇ ପାରୁ ନାହିଁ ଏବଂ ସିଧାସଳଖ ତାହା ବିଭିନ୍ନ ମିଲ୍‌କୁ ଯାଇ ସେଠାରେ ଓଜନ ହେବା ସହିତ କାଟ୍‌ଛାଟ୍ ହେଉଛି । ସୁରକ୍ଷା ବ୍ୟବସ୍ଥା ନ ଥିବା କାରଣରୁ ବେଳେବେଳେ ମଣ୍ଡିକୁ ଆସିଥିବା ଧାନ ବିକ୍ରି ପୂର୍ବରୁ ଚୋରି ହେଉଥିବାବେଳେ ସେଥିପାଇଁ ଚାଷୀଙ୍କୁ ନିଜ କାମଧନ୍ଦା ଛାଡ଼ି ରାତ୍ରିରେ ମଣ୍ଡିରେ ଉଜାଗର ରହିବାକୁ ପଡୁଛି । ସେହିପରି ମଣ୍ଡି ଗୁଡ଼ିକରେ ଧାନ ଗଦା କରି ଢ଼ାଳିବା ପାଇଁ ବିସ୍ତୃତ ସ୍ଥାନ ନାହିଁ । ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କ ବସ୍ତା ବ୍ୟବହାର ହେଉଛି ଏବଂ ବସ୍ତା ପାଇଁ ଆସୁଥିବା ପ୍ରାପ୍ୟ ରାଶିକୁ ଚାଷୀ ପରିବର୍ତ୍ତେ ମିଲର୍ସ ଓ କେତେକ ଅସାଧୁ ଯୋଗାଣ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଭାଗବଣ୍ଟା ହେଉଥିବା ଅଭିଯୋଗ ହୋଇଛି । ପ୍ରତିବର୍ଷ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ହେଉଥିବାବେଳେ ଏପର୍ଯ୍ୟନ୍ତ ସେ ଦିଗରେ କିଛି ଠୋସ୍ ପଦକ୍ଷେପ ନିଆଯାଇ ନ ପାରିନାହିଁ ।

ଅପରପକ୍ଷେ ପ୍ୟାକ୍ସ ମାଧ୍ୟମରେ ଯୋଗାଣ ନିଗମ ଧାନ କିଣୁଛି ଏବଂ କ୍ରୟଧାନକୁ କଷ୍ଟମ ମିଲିଂ ମାଧ୍ୟମରେ ମିଲର୍ସଙ୍କୁ ପ୍ରଦାନ କରୁଛି । ସେହିପରି ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇ କ୍ରୟଧାନର ସମୁଦାୟ ମୂଲ୍ୟର ୨ପ୍ରତିଶତ ଆରଏମସି ଏବଂ ଅଢ଼େଇ ପ୍ରତିଶତ ପ୍ୟାକ୍ସ ନେଉଛି । ତଥାପି ଅବ୍ୟବସ୍ଥିତ ହୋଇ ପଡ଼ିଥିବା ମଣ୍ଡି ଗୁଡ଼ିକରେ ସୁଧାର ଆଣିବା ପାଇଁ କିଛି ପଦକ୍ଷେପ ନିଆ ନ ଯିବା ଏବଂ ମଣ୍ଡି ଗୁଡ଼ିକ ଯେଉଁ ତିମିରେକୁ ସେହି ତିମିରେ ଅବସ୍ଥାରେ ପଡ଼ି ରହିବା ବିଭାଗୀୟ ଅଧିକାରୀଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ନଭେମ୍ବର ୫ରୁ ଧାନ କିଣାବିକା ଆରମ୍ଭ ହେବ । ମଣ୍ଡି ଗୁଡ଼ିକରେ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆରଏମସି ଓ ପ୍ୟାକ୍ସକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟବର୍ଷ ଭଳି ସେମାନେ ବିହିତ ବ୍ୟବସ୍ଥା ନେବେ ଏବଂ ଧାନ କିଣାବିକା ସୁରୁଖୁରୁରେ ଚାଲିବ ।

### ଚାଷୀ ପ୍ରତିନିଧି କୁହନ୍ତି...



"ଗାଇସୀମା ଗ୍ରାମରେ ଏକ ଧର୍ମଶାଳାରେ ମଣ୍ଡି ଚାଲିଥାଏ । ଦିନବେଳା କେବଳ ଜଣେ ଆରଏମସି କର୍ମଚାରୀ ଆସିଥାନ୍ତି ଏବଂ ଚାଷୀମାନେ ହିଁ ଧାନ ଜଗିବାଠାରୁ ଆରମ୍ଭ କରି ଅନ୍ୟ ସବୁକାମ କରନ୍ତି । ଆମ ଗାଁ ନିକଟ ଖଣ୍ଡହଥା ମଣ୍ଡିରେ ତ କିଛି ଭିତ୍ତିଭୂମି ନାହିଁ । ପୁରୁଣା ଏକ ଚୂଡ଼ାମିଲ୍‌ର ଭଙ୍ଗା ଆଜବେଷ୍ଟସ ଛାତ ତଳେ ଧାନ କିଣାବିକା ଚାଲିଥାଏ ।

-ନିରଞ୍ଜନ ପ୍ରଧାନ



"କୌଣସି ମଣ୍ଡିରେ ଧାନ ସଂଗ୍ରହ ପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ। ଧାନର ଗୁଣମାନ ନିର୍ଦ୍ଧାରଣ ପାଇଁ ଯନ୍ତ୍ରପାତି ନାହିଁ । ଓଜନ ପାଇଁ ମଧ୍ୟ ଚାଷୀଙ୍କୁ ବାହାରକୁ ଯିବାକୁ ପଡୁଛି। ପାଚେରୀ, ଆଲୋକ ବ୍ୟବସ୍ଥା ନ ଥିବାରୁ ରାତିସାରା ଅନିଦ୍ରା ହୋଇ ଧାନ ଜଗିବାକୁ ପଡୁଛି । ଧାନ କିଣାବିକାର କମିଶନି ଟଙ୍କା କେତେକ ଅଧିକାରୀଙ୍କ ପକେଟକୁ ଯାଉଛି ।

-ରମେଶ ମହାପାତ୍ର



ମଣ୍ଡି ଖୋଲି ନ ଥିବାରୁ ବରଗଡ଼ ଜିଲା ଅତାବିରା ଅଞ୍ଚଳର ଖଳାରେ ଖୋଲା ଆକାଶ ତଳେ ଜଣେ ଚାଷୀଙ୍କ ଅମଳ ଧାନ ରହିଛି ।

# ଦୁଲମପୁରରେ ଜୁଗାର ଯାତ୍ରା

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଦୁଲମପୁର ଗ୍ରାମରେ ମାଁ ସମଲେଶ୍ୱରୀଙ୍କ ଦଶହରା ପୂର୍ଣ୍ଣିମା ଉତ୍ସାହ ଉଦ୍ଦୀପନା ସହିତ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜୁଗାର ଯାତ୍ରା ହୋଇଥିଲା । ସ୍ଥାନୀୟ ସହରାପଡ଼ାରୁ ଜୁଗାର ଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା । ୫ଫୁଟ୍ ଉଚ୍ଚତା ବିଶିଷ୍ଟ ଜୁଗାର ଯାତ୍ରା ଗ୍ରାମ ପରିକ୍ରମା କରିବା ସମୟରେ ଶତାଧିକ ଗ୍ରାମବାସୀଙ୍କ ଭିଡ଼ ହୋଇଥିଲା। ପୂଜକ ପ୍ରେମରାଜ ଭୁଏ ପୂଜାର୍ଚ୍ଚନା କରିଥିଲେ। ଏହି ଯାତ୍ରାରେ ଗଣେଷ ବୁଡ଼େକ, ପ୍ରସନ୍ନ ଭୁଏ, ଫଗନୁ ଷଣ୍ଢ, ବାବୁଲୁ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଗୋପାଳ ସାହୁ, ସମ୍ପାଦକ ଦିବାକର ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଜୁଗାର ଯାତ୍ରା ଗ୍ରାମ ପରିକ୍ରମା କରୁଛି ।

# ଚିକିତ୍ସା ପରେ ଘରକୁ ଫେରିଲେ ଲିଲିମା



ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାରୁ ଘରକୁ ଫେରୁଛନ୍ତି ଲିଲିମା ।

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟାଙ୍ଗରପାଲି ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଝୁମ୍ପୁଡ଼ିପଡ଼ାରେ ମାନସିକ ରୋଗରେ ଆକ୍ରାନ୍ତ ଲିଲିମା ଭରାସାଗରଙ୍କୁ ପରିବାର ଲୋକେ ଶିକୁଳିରେ ବାନ୍ଧି ରଖିଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସେ ଶିକୁଳିରୁ ମୁକ୍ତ ହୋଇ ଗତ ୧୭ତାରିଖରେ ଭୀମସାର, ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଭୀମସାର୍‌ର ଡାକ୍ତରମାନେ ଲିଲିମାଙ୍କୁ ଚିକିତ୍ସା କରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ଏକ ସପ୍ତାହର ଚିକିତ୍ସା ପରେ ଲିଲିମାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଅବସ୍ଥାକୁ ଫେରିବାରୁ ଗୁରୁବାର ଅପରାହ୍ନରେ ଭୀମସାର, ବୁର୍ଲା ଡାକ୍ତରଖାନାରୁ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଡିସଚାର୍ଜ ହେବା ପରେ ଭରସା ପରିବାରର ମୁଖ୍ୟ ନିହାଲ ସିଂ ଲିଲିମାଙ୍କ ଘରକୁ ଫେରିବା ବ୍ୟବସ୍ଥା କରିଥିଲେ । ଲିଲିମା ପରିବାର ଲୋକଙ୍କ ସହିତ ଗୁରୁବାର ସନ୍ଧ୍ୟାରେ ଘରକୁ ପହଞ୍ଚିଥିଲେ ।

ପ୍ରକାଶଥାଉକି, ଲିଲିମା ମାନସିକ ରୋଗରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ନିହାତି ଗରିବ ଶ୍ରେଣୀର ହୋଇଥିବା ଯୋଗୁ ତାଙ୍କୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିବାରେ ସକ୍ଷମ ହୋଇପାରି ନ ଥିଲେ ଏବଂ ତାଙ୍କୁ ଶିକୁଳିରେ ବାନ୍ଧି ଘରେ ରଖିଥିଲେ। ଏ ନେଇ ଗତ ୮ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଶିଁକ୍‌ଳାରେ ବଁଧା ଜୀବନ ଶୀର୍ଷକ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା । ସେହି ଖବର ପଢ଼ି ଗତ ୯ତାରିଖ ସମ୍ବଲପୁରର ଏକ ସ୍ୱାସ୍ଥ୍ୟଟିମ ଏବଂ ସ୍ୱେଚ୍ଛାସେବୀମାନେ ପ୍ରଥମେ ଧରିତ୍ରୀର ଜାମଟିକ୍ରା ପ୍ରତିନିଧିଙ୍କ ପାଖକୁ ପହଞ୍ଚିଥିଲେ ଏବଂ ତାଙ୍କ ସହିତ ଯୋଗାଯୋଗ କରିବା ପରେ ଲିଲିମାଙ୍କ ଘରକୁ ଯାଇଥିଲେ। ଏହା ସହିତ ଧରିତ୍ରୀରେ ପ୍ରକାଶିତ ସେହି ଖବରର କପିକୁ ହ୍ୱାଟ୍ସଆପ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମଓ) ଡା. ବିଜୟ କୁମାର ଦୋରାଙ୍କ ପାଖକୁ ପଠାଇଥିଲେ। ଏହାପରେ ଜିଲା ପ୍ରଶାସନ ତଥା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲିଲିମାଙ୍କୁ ସହଯୋଗର ହାତ ବଢ଼ିଥିଲା । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଲିଲିମାଙ୍କ ମା' ଚନ୍ଦ୍ରକାନ୍ତୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନା(ଏନଏଫବିଏସ) ୨୦ହଜାର ଟଙ୍କା, ବିଧବା ଭତ୍ତା ବାବଦକୁ ମାସିକ ୩୦୦ ଟଙ୍କା ଏବଂ ଲିଲିମାଙ୍କୁ ଭିନ୍ନକ୍ଷମ ଭତ୍ତା ମାସିକ ୩୦୦ ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ଗତ ୧୭ତାରିଖରେ ଲିଲିମାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

# ଡ୍ରେନ ପାଇଁ ଧାରଣା

**ଭେଡ଼େନ, ୨୬।୧୦(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ଗ୍ରାମର ତଳିପଡ଼ା ରାସ୍ତାରେ ସବୁବେଳେ ଡ୍ରେନ ପାଣି ବହୁଛି । ଏହାକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଥମିବାର ନାଁ ଧରୁନାହିଁ । ଏହି ସମସ୍ୟାର ସମାଧାନ ପାଇଁ ଗୁରୁବାର ସନ୍ଧ୍ୟାରେ ଭେଡ଼େନ ରେମେଡ଼ ଛକରେ ତଳିପଡ଼ାର ବାସିନ୍ଦା ରାସ୍ତାରୋକୋ କରିଥିଲେ । ତେବେ ଅସ୍ଥାୟୀ ସମାଧାନ ପରିବର୍ତ୍ତେ ସବୁଦିନିଆ ସମାଧାନ ଦାବି କରି ଭେଡ଼େନ ତଳିପଡ଼ାର ଶତାଧିକ ଯୁବକ ଶୁକ୍ରବାର ଭେଡ଼େନ ବ୍ଲକ ଅଫିସ ଗେଟରେ ତାଲା ଦେଇ ଧାରଣାରେ ବସିଥିଲେ। ଫଳରେ ବ୍ଲକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ପଟ୍ଟନାୟକ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଅପରପକ୍ଷରେ ଗ୍ରାମର ହରିଜନ ପଡ଼ାରୁ ବାହାରିଥିବା ଏହି ଡ୍ରେନକୁ ଯଦି ବନ୍ଦ କରିଦିଆଯିବ ତେବେ ବର୍ଷା ମାସରେ ସବୁ ବର୍ଷା ପାଣି ଜମି ରହି ପଡ଼ାର ଘରଗୁଡ଼ିକ କ୍ଷତିଗ୍ରସ୍ତ ହେବ ବୋଲି ପଡ଼ାବାସୀ ଆଶଙ୍କା କରିଛନ୍ତି । ଏଣୁ ଏହି ସମସ୍ୟାର ସବୁଦିନିଆ ସମାଧାନ କରିବା ତଥା ବର୍ଷାଦିନ ଓ ଅନ୍ୟ ଦିନ ଗୁଡ଼ିକରେ ପାଣି ନିଷ୍କାସନ ବ୍ୟବସ୍ଥା ଠିକ୍ କରିବା ଦାବିନେଇ ହରିଜନ ପଡ଼ାର ଶତାଧିକ ମହିଳା ପୁରୁଷ ମଧ୍ୟ ବ୍ଲକ ଆଗରେ ଧାରଣା ଦେଇଥିଲେ । ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।



ଭେଡ଼େନ ବ୍ଲକ ଆଗରେ ତଳିପଡ଼ା ବାସିନ୍ଦା ଧାରଣା ଦେଉଛନ୍ତି ।

# ବଏଲଯାତ୍ରା ଉଦ୍‌ଯାପିତ

**ଭେଡ଼େନ, ୨୬।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶକ୍ତିପୀଠରେ ଦଶରାପୁନି ବଏଲ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଛି। ରେମଣ୍ଡାସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ବୁଧବାର ବିଳମ୍ବିତ ରାତ୍ରିରେ ଝାଙ୍କର ବରଣ, ଗୌନ୍ତିଆ ବରଣ, ଗଉର ବରଣ, ବେହେରା ବରଣ, ପାଣିଗଡ୍ଡୁ ବରଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ସକାଳୁ ଲାଲ ମନ୍ଦାର ଫୁଲ, ସିନ୍ଦୁର ସହ ଦୁଲଦୁଲି ବାଜାର ଭରନି ପାରରେ ଭୀମା ଦେବୀଙ୍କର ବରୁଆ ମଡ଼ାଯାଇଥିଲା । ବରୁଆ ମନ୍ଦିର ପାହାଚରେ ପହଞ୍ଚିଲା ପରେ ମେହେର ସେବାକାରୀମାନେ ଗରିଆ ଗଡୁରେ ଗୋରସ ଢ଼ାଳି ଦେବୀଙ୍କୁ ସ୍ୱାଗତ କରିଥିଲେ। ପରେ ବରୁଆ ପ୍ରଥମେ ଗୌନ୍ତିଆ ଘରକୁ ଯିବା ପରେ ଗ୍ରାମ ପରିକ୍ରମା କରିଥିଲା। ଅପରାହ୍ନରେ ମନ୍ଦିର ପ୍ରାଙ୍ଗଣରେ ଚାଚେରି ଖେଳ ହୋଇଥିଲା। ଏଥିରେ ପ୍ରାୟ ୩୦ ବୋଦା ବଳି ଦିଆଯାଇଥିଲା । ଏହି ଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଗ୍ରାମବାସୀଙ୍କ ତରଫରୁ ଅନ୍ନଭୋଗ ପ୍ରଦାନ କରାଯାଇଥିଲା । ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଭେଡ଼େନ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ସେପରି ତାଲମେଣ୍ଡା, ସାଲନା, ଥୁଆପାଲି, ଭେଡ଼େନ, ବୁର୍ଦ୍ଧା, ରେଶମଠାରେ ଥିବା ସମଲେଇ ମନ୍ଦିରରେ ପୁନିଯାତ୍ରା ପାଳିତ ହୋଇଛି ।

# ସାଂସ୍କୃତିକ ମଞ୍ଚ ମହନୀ ଉଦ୍‌ଘାଟିତ



ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ମହନୀ ସମ୍ମାନରେ ସମ୍ମାନିତ କରାଯାଉଛି ।

**ଘେଁସ,୨୬।୧୦(ଡି.ଏନ.ଏ)**

ସୋହେଲା ବ୍ଲକ ପେଟୁପାଲି ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ ମଞ୍ଚ 'ମହନୀ' ଲୋକ ମହୋତ୍ସବ ଉଦଘାଟିତ ହୋଇଛି । ପେଟୁପାଲି ଜମିଦାର ସୁରେଶ ସିଂ ବରିହାଙ୍କ ଦ୍ୱାରା ମାଁ ସମଲେଇଙ୍କ ଠାରେ ପୂଜାର୍ଚ୍ଚନା ପରେ କମିଟି ସଦସ୍ୟଙ୍କ ଉପସ୍ଥିତିରେ ମଞ୍ଚର ଶୁଭ ଉଦଘାଟନ ହୋଇଥିଲା । ଏହି ଅବସରରେ ରାଜ ଅତିଥି ଭାବେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଯୁବନେତା ଶୁଶାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପଏଁରି ସାଂସ୍କୃତିକ କଳାପରିଷଦ ସୋନପୁର, ଭାରତୀ ନୃତ୍ୟ କଳାପରିଷଦ ମହୁଲପାଲିର ଘୁଡୁକା ନାଚ ପରିବେଷିତ ହୋଇଥିଲା। କଳାକାର ମାନଙ୍କ ନୃତ୍ୟଗୀତରେ 'ମହନୀ' ମଞ୍ଚ ଦୁଲୁକି ଉଠିଥିଲା । ଏହି ପରିପେକ୍ଷୀରେ ମହାରାଜା କଳାସୁର ଶ୍ରେଷ୍ଠ ବିଧାୟକ ପୁରସ୍କାର ପ୍ରାପ୍ତ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ମାନପତ୍ର ଓ ଉପଢୌକନ ଦେଇ 'ମହନୀ' ସମ୍ମାନରେ ସମ୍ମାନୀତ କରିଥିଲେ । ଦିଲୀପ ଭୋଇ ମଞ୍ଚ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଅଢ଼େ ମାସ ହେଲା ନିଆଁସି ପରିବାର ବାରଦୁଆର

**ଜାମଟିକ୍ରା, ୨୬।୧୦ (ଡି.ଏନ.ଏ):** ଅତାବିରା ବ୍ଲକ୍ କୁଲୁଣ୍ଡା ହାଇସ୍କୁଲ ପଡାର ଫଗୁନୁ ଜାନୀ(୭୫)କଁର ଘର ଗଲା ଜୁଲାଇ ୨୧ ତାରିଖ୍‌ରେ ହେଇଥିବାର ବର୍ଷାରେ ପୂରା ଭାଂଗି ଯାଇଥିଲା ସେ ସମିଆରେ ଘରେ କେହି ନାଇଁଥିବାର ଲାଗି ଦୁର୍‌ଘଟନାରୁ ପରିବାର୍‌ର ୪ ଝନ୍ ଅଲପ୍‌କେ ରକ୍ଷା ପାଇଯାଇଥିଲେ। ପର୍‌ଶାସନ ୧୫ ଦିନ୍ ତକ୍ ରଁଧା ଖାଏଦ୍ ଦେଲା ସତ୍ ହେଲେ ତା'ପରେ କେହେନ୍‌ସି ପରକାର ସାହାଯ୍ ନାଁଇଁ ଦେଲା। ଘରଟା ପୂରା ଭଂଗି ଯିବାର ଲାଗି ଫଗନୁର ପରିବାର ନିଆଁସି ହେଇଯାଇଛନ୍। ତାକର ଘର ଭାଂଗ୍‌ବାର ଆଏଜ୍‌କେ ଅଢ଼େ ମାସ୍ ବିତିଗଲାନ ହେଲେ ପର୍‌ଶାସନ ତରଫୁ ତାହାକୁ ଗୁଟେ ପ୍ରଧାନମନ୍ତ୍ରୀ ଆବାସ କି ବିଜୁ ପକ୍କା ଘର ଯୁଗେଇ ଦେବାରେ ବିଫଳ ହେଇଛେ। ଆରଗୁଟେ ଆଡେ ବ୍ଲକ୍ ଅଧକ୍ଷା ରୀତା ସାହୁ ନିଜେ ଗାଁର ହେଇଥିଲା ବେଲେ ତାହାକୁ ଇ ବାବ୍‌ଦେ ପଚରାଲାରୁ ଜମି ଚିହ୍ନଟ କାମ୍ ଚାଲିଛେ। ଜମି ଚିହ୍ନଁଟ ହେଲା ଉତାରୁ ତାହାକୁ ଘର ଯୁଗେଇ ଦିଆଯିବା ବଲି କହିଛନ୍।

### ଚକଡା କ୍ଷୟକ୍ଷତି ଆକଳନ ପାଇଁ ଦାବିପତ୍ର

**ପାଇକମାଳ, ୨୬।୧୦(ଡି.ଏନ.ଏ):** ପାଇକମାଳ ପଞ୍ଚାୟତ କୋକନରା ଗ୍ରାମର ଚାଷୀଙ୍କ ଜମିରେ ଚକଡା ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି । ଏ ନେଇ ଶୁକ୍ରବାର ଚାଷୀମାନେ କୃଷି ଅଧିକାରୀ ଝୁମି ମେହର ଓ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରି ତୁରନ୍ତ କ୍ଷୟକ୍ଷତି ଆକଳନ କରିବା ପାଇଁ ଦାବି କରିଛନ୍ତି । ବାରମ୍ବାର କୀଟନାଶକ ପ୍ରୟୋଗ ସତ୍ତ୍ୱେ ରୋଗପୋ ନିୟନ୍ତ୍ରଣ ନ ହେଉ ନ ଥିବା ଚାଷିମାନେ କହିଛନ୍ତି । ତପନ ବଢେଇ, ଶେଷଧର ରାଉତ, ସୁବାସ ବାରିକ, ସୁରେନ୍ଦ୍ର କୁମାର ଭୋଇ, ସୁରମା ତାଣ୍ଡି, ଗଦାଧର ବଢେଇ, ଲିଙ୍ଗରାଜ ସାହୁ, ସଦାନନ୍ଦ ସାହୁ, ମହେନ୍ଦ୍ର ମହାର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

■ କାଗଜକଲମରେ ଚାଲିଛି ସୁରଭି କାର୍ଯ୍ୟକ୍ରମ

# ବାଦ୍ ପଡ଼ିଲେ ୯ ସ୍କୁଲର ଛାତ୍ରୀଛାତ୍ର

**ସୋହେଲା,୨୬।୧୦(ଡି.ଏନ.ଏ)**

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ଆୟୋଜନ କରୁଥିବା ସୁରଭି କାର୍ଯ୍ୟକ୍ରମ ସୋହେଲା ବ୍ଲକରେ ପ୍ରହସନରେ ପରିଣତ ହୋଇଛି । ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ସ୍କୁଲରୁ ପ୍ରତି ବିଭାଗରେ ଜଣେ ଲେଖା ଛାତ୍ରୀଛାତ୍ର ମନୋନୀତ ହୋଇ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାନ୍ତି । କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକମର ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରକୁ ମନୋନୀତ ହୋଇଥାନ୍ତି। ବ୍ଲକରୁ ଜିଲାକୁ ଏବଂ ଜିଲାରୁ ରାଜ୍ୟସ୍ତରକୁ ମନୋନୀତ ହୋଇଥାନ୍ତି। କିନ୍ତୁ ସୋହେଲା ବ୍ଲକରେ ଥିବା ୧୬ଟି କ୍ଲଷ୍ଟର ମଧ୍ୟରୁ ଡୁମେରପାଲି କ୍ଲଷ୍ଟରକୁ ବାଦ୍ ଦେଇ ୧୫ଟି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଡୁମେରପାଲି କ୍ଲଷ୍ଟରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ।

ଏହି କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସି ଓ ପ୍ରଧାନ ଶିକ୍ଷକମାନେ ମିଶି ସୁରଭି କାର୍ଯ୍ୟକ୍ରମକୁ କାଗଜକଲମରେ ସୀମିତ ରଖି କ୍ଲଷ୍ଟର ଅଧୀନରେ ଥିବା ୧୧ଟି ବିଦ୍ୟାଳୟ ମଧ୍ୟରୁ କେବଳ ମଧୁପୁର ଓ କେନ୍ଦୁମୁଣ୍ଡି ବିଦ୍ୟାଳୟର କିଛି ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ପଠାଇ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି । ସିଆରସିସି ଓ ପ୍ରଧାନଶିକ୍ଷକମାନଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟ ଯୋଗୁ ଏହି କ୍ଲଷ୍ଟରରେ ଥିବା କରାଲପାଲ ପିୟୁପିଏସ ସ୍କୁଲର ୧୬୦, ବଞ୍ଜାରୀ ୟୁଜିଏମଇର ୧୫୮, ଖଇରପାଲି ୟୁଜିଏମଇର ୧୪୩, କରାଲମାଲ ପିୟୁପଏସର ୧୬୦, କଠାରପାଲି ପ୍ରାଇମେରୀ ସ୍କୁଲର ୨୨, ଲମ୍ବରୁପାଲି ପ୍ରାଇମେରୀ ସ୍କୁଲର ୩୨, ବିର୍ଜୁପାଲି ପ୍ରାଇମେରୀ ସ୍କୁଲର ୩୯ ଓ ଡୁମେରପାଲି ପ୍ରାଇମେରୀ ସ୍କୁଲର ୪୦ ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ବିଇଓ ହେମସାଗର ମହାନନ୍ଦଙ୍କୁ ପଚରାଯିବାରୁ ସେ କହିଲେ, କ୍ଲଷ୍ଟର ଓ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗତ ୨୨ ତାରିଖରେ ସିଆରସିସିମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ୨୬ ତାରିଖରେ କ୍ଲଷ୍ଟରସ୍ତରୀୟ ଓ ୨୭ତାରିଖରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ସରକାରଙ୍କ ତରଫରୁ ଆସିଥିବା ପ୍ରତି କ୍ଲଷ୍ଟର ପିଛା ୩ହଜାର ଟଙ୍କା ସମସ୍ତ ସିଆରସିସିଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା ବୋଲି ବିଇଓ ମହାନନ୍ଦ ପ୍ରକାଶ କରିଛନ୍ତି । ଏପରିକି ଗତ ୨୫ ତାରିଖରେ ମଧ୍ୟ ଆଉ ଏକ ସମୀକ୍ଷା ବୈଠକ କରାଯାଇଥିଲା ବୋଲି ବିଇଓ ମହାନନ୍ଦ କହିଛନ୍ତି । କିନ୍ତୁ ଶୁକ୍ରବାର ଡୁମେରପାଲି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ହେଉ ନ ଥିବା ଜାଣି ବଞ୍ଜାରୀ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଫୋନରେ ପଚରାଯିବାରୁ ମଧୁପୁର ସ୍କୁଲରେ କାର୍ଯ୍ୟକମ ଚାଲିଛି ଏବଂ ସେ ନିଜେ ସେଠାରେ ଉପସ୍ଥିତ ଅଛନ୍ତି ବୋଲି କହିଥିଲେ । ଏହାପରେ ଲମ୍ବରୁପାଲି, କଠାରପାଲି ଓ ଡୁମେରପାଲି ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ପଚରାଯିବାରୁ ଆଜି ସୁରଭି କାର୍ଯ୍ୟକ୍ରମ ହେଉ ନ ଥିବା ପ୍ରକାଶ କରିଥିଲେ ଏବଂ ତାଙ୍କ ବିଦ୍ୟାଳୟର ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଉ ନ ଥିବା କହିଥିଲେ । ଏହାପରେ ଗଣମାଧ୍ୟମ ପ୍ରତିନିଧିମାନେ ଅପରାହ୍ନ ପ୍ରାୟ ୨ଟାରେ ମଧୁପୁର ସ୍କୁଲକୁ ଯାଇ ସେଠାରେ ସ୍ୱାଭାବିକ ଭାବେ ସ୍କୁଲ ଚାଲିଥିବା ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ବୁଝାବୁଝି କରିବାରୁ କ୍ଲଷ୍ଟରର କେବଳ ମଧୁପୁର ଓ କେନ୍ଦମୁଣ୍ଡିର କିଛି ଛାତ୍ରୀଛାତ୍ର ସିଧାସଳଖ ମନୋନୀତ ହୋଇ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଉଥିବା ଜଣାପଡିଥିଲା । ଅବଶିଷ୍ଟ ବିଦ୍ୟାଳୟର ଶହ ଶହ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରୁ ବଞ୍ଚିତ ହୋଇଥିବାରୁ ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଛାତ୍ରୀଛାତ୍ରମାନଙ୍କ ସହିତ ଖେଳ ଖେଳୁଥିବା ସିଆରସିସି ଓ ପ୍ରଧାନ ଶିକ୍ଷକମାନଙ୍କ ବିରୁଦ୍ଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି ।



ଧରିତ୍ରୀରେ ଶୁକ୍ରବାର ପ୍ରକାଶିତ ପେଟୁପାଲି ଗଜଲକ୍ଷ୍ମୀ ପୂଜାର ସ୍ୱତନ୍ତ୍ର ପୃଷ୍ଠାକୁ ପଢ଼ି ଦରବାରରେ ମହାରାଜ କଳାସୁର ଧରିତ୍ରୀର ଗୁଣଗାନ କରୁଛନ୍ତି।



ପାଇକମାଳ ପଞ୍ଚାୟତ କୋକନରା ଗ୍ରାମର ଚାଷୀମାନେ ଚକଡା କ୍ଷୟକ୍ଷତି ଆକଳନ ପାଇଁ କୃଷି ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି ।

## ମହିଳା ଏସ୍‌ଏଚ୍‌ଜି ପାଇଁ ଗ୍ରାମସଭା

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସଭାକକ୍ଷରେ ଶୁକ୍ରବାର ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଙ୍କ ପାଇଁ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାର୍ଚ୍ଚନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକ ଯୋଗ ଦେଇଥିଲେ । ବରଗଡ଼ ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟଜିତ ଦାଶ ଉପସ୍ଥିତ ରହି ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତର ୨୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିଭା ନାଏକ, ସମିତିସଭ୍ୟ ଅଞ୍ଜଳୀ ବିଶି, ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକର ଲାଭ ନେବା ପାଇଁ ମହିଳା ଗୋଷ୍ଠୀଗୁଡ଼ିକୁ ଆହ୍ୱାନ ଦେଇଥିଲେ ।

## ଭିଏଚ୍‌ପି ସଭ୍ୟଙ୍କ ପରଲୋକରେ ଶୋକ

**ପାଇକମାଳ, ୨୬।୧୦(ଡି.ଏନ.ଏ)**

ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ଝେନ୍‌ଗାଡିହି ଗ୍ରାମର ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ ମୁରଲୀଧର ପଟେଲ (୭୫)ଙ୍କ ବୁଧୁବାର ପରଲୋକ ହୋଇଛି। ସେ ଜଣେ ଧର୍ମପ୍ରାୟାଣ ବ୍ୟକ୍ତି ଓ କୁଶଳିଆ ମାଳି ସମାଜର ପୂର୍ବତନ ସଭାପତି ଥିଲେ । ବଡ ପୁଅ ଅଶ୍ୱିନୀ କୁମାର ପଟେଲ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

# ଦାରିଦ୍ର୍ୟ ହଟିଲେ ରାଷ୍ଟ୍ରର ଉନ୍ନତି ସମ୍ଭବ

**ବରଗଡ଼ ଅଫିସ୍,୨୬।୧୦**

ରାଜ୍ୟର ବହୁ ଗରିବ ପରିବାର ଅବହେଳିତ ଓ ଅବ୍ୟବସ୍ଥିତ ଭାବେ ରହିଛନ୍ତି । ରାଜ୍ୟ ସରକାରଙ୍କ ଏକ ଟଙ୍କିଆ ଚାଉଳ ସେମାନଙ୍କ ସମସ୍ୟାର ସମାଧାନ କରି ପାରିବ ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ଏହି ଗରିବ ପରିବାରକୁ ଅପହଞ୍ଚ ହୋଇ ପଡ଼ିଛି । ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଏଭଳି ପରିବାରଙ୍କଠାରୁ ଦାରିଦ୍ର୍ୟ ଯେବେ ନ ହଟିଛି, ସେତେଦିନ ପର୍ଯ୍ୟନ୍ତ ରାଷ୍ଟ୍ରର ଉନ୍ନତି ହେବନାହିଁ । ବରଗଡ଼ ପୌର ପରିଷଦର ୱାର୍ଡ଼ ନଂ–୧୬ ବ୍ରହ୍ମଚାରୀରେ ଗାଁକୁ ଚାଲ୍, ଗରିବଙ୍କୁ ଭେଟ୍ ଅଭିଯାନରେ ବାହାରି ଭାଜପା ନେତା ଡା. ରାମକୃଷ୍ଣ ପୁରୋହିତ ଏହା କହିଛନ୍ତି। ସେ ଏହି ୱାର୍ଡ଼ର ବହୁ ଗରିବ ପରିବାର ଲୋକଙ୍କୁ ଭେଟିଥିଲେ । ପରିବାର ଲୋକେ ତାଙ୍କୁ ୱାର୍ଡ଼ର ବହୁବିଧ ସମସ୍ୟା ବଖାଣିଥିଲେ । ରାସ୍ତାଘାଟ ସମେତ ଡ୍ରେନ, ପାନୀୟଜଳ ସମସ୍ୟା ଡା. ପୁରୋହିତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡା. ପୁରୋହିତ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଡା. ପୁରୋହିତ ଏକ ବିବୃତିରେ କହିଛନ୍ତି, ସେ ମଧ୍ୟ ଏକ ଗରିବ ପରିବାରରୁ ଆସିଛନ୍ତି । ଗରିବଙ୍କୁ ଧନୀ କରିବା ତାଙ୍କ ଲକ୍ଷ୍ୟ । ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସେ ଏହି ଅଭିଯାନରେ ବାହାରିଛନ୍ତି ଏବଂ ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ଗରିବ ଧନୀ ନ ହେବେ, ସେତେଦିନ ଯାଏ ରାଷ୍ଟ୍ରର ବିକାଶ ତଥା ଆମ ଦେଶ ଏକ ବିକଶିତ ଦେଶରେ ପରିଣତ ହେବ ନାହିଁ । ଏହି ଅଭିଯାନରେ ଭାଜପା ନେତା ରବି ନାରାୟଣ ଦାଶ, ସୁବ୍ରତ ହୋତା ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ ।



ଡା. ରାମକୃଷ୍ଣ ପୁରୋହିତ ୱାର୍ଡ଼ ନଂ–୧୬ ଅଧିବାସୀଙ୍କୁ ସେମାନଙ୍କ ସମସ୍ୟା ଉପରେ ପଚାରି ବୁଝୁଛନ୍ତି ।

# ସୁରଭି : ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଭେଡ଼େନ, ୨୬।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଜାଣ୍ଡୋଲସ୍ଥିତ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲିକ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ପ୍ରଥମସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେମଧ୍ୟରୁ ସିନିୟର ବିଭାଗ ବିତର୍କରେ ମୋନିକା ନନ୍ଦ, ପ୍ରବନ୍ଧ ଲିଖନରେ ସ୍ୱସ୍ତିକ ବେହେରା, ଚିତ୍ରାଙ୍କନରେ ମୁସରତ ପରବିନ, କୁଇଜରେ ଆକାଶ ମହାକୁର, ବକ୍ତୃତାରେ ଶ୍ରେୟା ଖମାରୀ, ସଙ୍ଗୀତରେ ହୃଷିକେଶ ମହାନନ୍ଦ, ଜୁନିୟର ବର୍ଗ ଚିତ୍ରାଙ୍କନରେ ବିଶ୍ୱେଶ୍ୱରୀ ସାହୁ, କୁଇଜରେ ଉତ୍ତମ ଛତର, ସୃଜନଶୀଳ ଲିଖନରେ ଉର୍ମି ପଧାନ, ବକ୍ତୃତାରେ ବିଭୂତି ନାୟକ, ସଙ୍ଗୀତରେ ମଧୁସ୍ମିତା କୁମ୍ଭାର, ହସ୍ତାକ୍ଷରରେ ସୁଶାନ୍ତ ସା, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନରେ ଦିବ୍ୟରଞ୍ଜନ ନାୟକ, ସୃଜନଶୀଳ ଲିଖନରେ ନାରାୟଣ ପ୍ରଧାନ, ଚିତ୍ରାଙ୍କନରେ ହିମାଦ୍ରୀ ଦୀପ ଓ ରୀତା ସୁରୁଜାଲ ଏବଂ ସାମୂହିକ ନୃତ୍ୟରେ ବରପଦର ହାଇସ୍କୁଲ ଦଳ ପ୍ରଥମ ସ୍ଥାନ ହାସଲ କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି । ବିଇଓ ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ ଉତ୍ସବରେ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟ ଅତିଥି, ବିଡ଼ିଓ ମୁରଲିଧର ନାଏକ, ଅତିରିକ୍ତ ତହସିଲଦାର ହରି ଓମ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷକ ରୁଦ୍ରଦେବ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ତାଲମେଣ୍ଡା ହାଇସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ଓ ଉଦଯାପନୀ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତ ଏବିଇଓ ତଥା ସିଆରସିସି ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

# ରାଜସ୍ୱ ନ ଦେଇ ବାଲି, ପଥର ବ୍ୟବହାର

**ବରଗଡ଼ ଅଫିସ/ଭଟଲି,୨୬।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହା ଗ୍ରାମ ନିକଟରେ ଆରମ୍ଭ ହୋଦକୁ ଥିବା ଇଥାନଲ ପ୍ରକଳ୍ପ ବାରମ୍ବାର ବିବାଦ ଘେରକୁ ଟାଣି ହୋଇଯାଇଛି । ପ୍ଲାଣ୍ଟ ପାଇଁ ପଥର ବାଡ଼ କାମ ଆରମ୍ଭ ହୋଇଥିବା ବେଳେ ଏହାକୁ ମୁମ୍ବାଇର ଏକ କମ୍ପାନୀ ଠିକା ଆକାରରେ ନେଇଛି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ଲାଣ୍ଟ ଚାରିପଟେ ପଥର ବାଡ଼, ଭିତର ରାସ୍ତା ଏବଂ ନାଳ କାମର ଠିକା ନେଇଥିବା ଏହି ଠିକା ସଂସ୍ଥା ବାଡ଼ ପାଇଁ ଅମ୍ବାଭୋନା ଏବଂ ଭଟଲି ତହସିଲର ବିଭିନ୍ନ ପଥର ଖାଦାନରୁ ଦଲାଲଙ୍କ ଜରିଆରେ ପଥର କିଣୁଛି । ଏହାସହିତ କାମ ପାଇଁ ବ୍ୟବହୃତ ହେଉଥିବା ବାଲି ମଧ ଭଟଲିର ବିଭିନ୍ନ ନଦୀରୁ ସଂଗ୍ରହ କରୁଛି । ତେବେ ଉକ୍ତ ସଂସ୍ଥା ଏହି ବାଲି ଓ ପଥର ବାବଦ ରାଜସ୍ୱ ଦେଉ ନ ଥିବାରୁ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ହେଉଛି। ଏ ନେଇ ଠିକା କମ୍ପାନୀର ଅଭିଷେକ ଅଲରେଜାଙ୍କ ପଚାରିବାରୁ ଆମେ ଏଥିପାଇଁ ଭଟଲି ଏବଂ ଅମ୍ବାଭୋନା ତହସିଲରେ ଜରିମାନା ସହିତ ରାଜସ୍ୱ ଟଙ୍କା ଜମା କରିସାରିଛୁ ବୋଲି ପ୍ରକାଶ କରିଥିଲେ ।

ସେହିପରି କମ୍ପାନୀ ଜନଶୁଣାଣି ସମୟରେ ପ୍ରକାଶ କରିଥିଲା ଯେ, ଅଞ୍ଚଳର ପାଣି ଟିକିଏ ପ୍ଲାଣ୍ଟ କାମରେ ବ୍ୟବହାର ହେବନାହିଁ। ମାତ୍ର ତାର ମଧ ବ୍ୟତିକ୍ରମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏବେ ଚାଲିଥିବା ବାଡ଼ କାମ ପାଇଁ ଦୈନିକ ପ୍ରାୟ ୫୦ହଜାର ଲିଟର ପାଣି ଆବଶ୍ୟକ ହୋଉଥିବା ବେଳେ ନିକଟସ୍ଥ ଜଣେ ଚାଷୀଙ୍କ ପାଇଁ ଖୋଳାଯାଇଥିବା ଗଭୀର ନଳକୂପରୁ ୧୨ଟି ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଉଛି । ଏହାବାଦ ସେଠାରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ମଧରେ ପ୍ରାପ୍ୟ ଦେବାରେ ମଧ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଶ୍ରମିକମାନଙ୍କ ଅଭିଯୋଗ ଅନୁଯାୟୀ ଆଞ୍ଚଳିକ ଶ୍ରମିକମାନଙ୍କୁ ଦୈନିକ ୨୯୦ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଉଥିବାବେଳେ କାର୍ଯ୍ୟରତ ବିହାର ଏବଂ ଛତିଶଗଡ଼ ରାଜ୍ୟର ଶ୍ରମିକମାନଙ୍କୁ ୩୫୦ ଟଙ୍କା ହିସାବରେ ଦୈନିକ ପାରିଶ୍ରମିକ ପ୍ରଦାନ କରାଯାଉଛି। ଏହାସହିତ ସେହି ଅଞ୍ଚଳର ଶ୍ରମିକମାନଙ୍କ ପାଇଁ ପାନୀୟ ଜଳର ସୁବିଧା ନ ଥିବାରୁ ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଏବଂ ଏହା ଶ୍ରମିକ ନିରାପତ୍ତା ଆଇନର ଖୋଲାଖୋଲି ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଛି । ଏ ନେଇ ଶୁକ୍ରବାର ଉକ୍ତ ପ୍ଲାଣ୍ଟ ପରିଦର୍ଶନରେ ଆସିଥିବା ବିପିସିଏଲ୍‌ର ସିଜିଏମ୍ ସଞ୍ଜୀବ କୁମାର ପଲ ପ୍ରକାଶ କରିଛନ୍ତି, ଆମେ ଠିକା କମ୍ପାନୀକୁ ଟେଣ୍ଡର ଦେଇଛୁ । ସେ ଯଦି ରାଜସ୍ୱ ନ ଦେଇ ବାଲି ପଥର ବ୍ୟବହାର କରୁଥାଏ । ତେବେ ତାର ବିଲ୍ ପାସ୍ ହେବନାହିଁ ଏବଂ ସେ ନିଜେ ହିଁ କ୍ଷତି ସହିବ । ଏହାସହିତ ଅନ୍ୟ ଅଭିଯୋଗ ଗୁଡ଼ିକ ପ୍ରତି ଗୁରୁତ୍ୱର ସହିତ ତର୍ଜମା କରି ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ ।

**ବାଉଲସିଂହା ଇଥାନଲ୍ ପ୍ରକଳ୍ପ**



କମ୍ପାନୀ ବାଡ କାମରେ ପଥର ବ୍ୟବହାର ହେଉଛି ।

# ଫୁଟବଲ: ବ୍ରାହ୍ମଣୀପାଲି, କଦଳୀପାଲି ବିଜୟୀ

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ବ୍ରାହ୍ମଣୀପାଲି ଓ କଦଳୀପାଲି ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପଯର୍ୟାୟକୁ ଉନ୍ନୀତ ହୋଇଛନ୍ତି । ବ୍ରାହ୍ମଣୀପାଲି ଓ ଟିଟିଣ୍ଡା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ବ୍ରାହ୍ମଣୀପାଲିର ମାୟାଧର ଭୁଏ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ପ୍ରତିପକ୍ଷର ପ୍ରସନ୍ନ ବେହେରା ଅନ୍ୟ ଏକ ଗୋଲ ସ୍କୋର କରିଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ବ୍ରାହ୍ମଣୀପାଲି ୪–୨ ଗୋଲରେ ବିଜୟୀ ହୋଇଥିଲା। ସେହିପରି କଦଳୀପାଲି ଓ ବହଲପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଏଥିପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ କଦଳୀପାଲି ୫–୪ ଗୋଲରେ ବିଜୟୀ ହୋଇଥିଲା। ରଞ୍ଜୁ ଛତ୍ରିଆ, ଗୋପାଳ ନାୟକ, ମନୋଜ ଭୂୟାଁ, ଉମେଶ ଭୋଇ, ସନ୍ତୋଷ ପ୍ରଧାନ, ସୁରେଶ ଦାଶ, ଅଶ୍ୱିନୀ ମେହେର, ନିରଞ୍ଜନ ମହାକୁର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।



ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍ସନ



## ସଂକ୍ଷେପରେ



### କାଳୀପୂଜା ପାଇଁ ଶୁଭଖମ୍ବ ସ୍ଥାପନ

ଜହ୍ନାପଙ୍କ, ୨୬।୧୦ (ଡି.ଏନ.ଏ)- ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ବସଷ୍ଟାଣ୍ଡଠାରେ କାଳୀପୂଜା ପାଇଁ ଶୁଭଖମ୍ବ ସ୍ଥାପନ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି । ଏଥିରେ ପୂଜକ ବିଜୟ ବେହେରା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ବଜରଙ୍ଗ ଯୁବକ ସଂଘ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ରଞ୍ଜିତ ପ୍ରଧାନ, ଉପସଭାପତି ରାଜେନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରକାଶ ବାରିକ, ସହ ସମ୍ପାଦକ ଅମିତ ପ୍ରଧାନ, କୋଷାଧକ୍ଷ ବିକ୍ରମ ରଣା, ଉପଦେଷ୍ଟା ଶେଷଦେବ ପ୍ରଧାନ, ସୁମନ୍ତ ପ୍ରଧାନ, ଦଶରଥ ପ୍ରଧାନ, ଈଶ୍ୱର ପ୍ରଧାନ, ରଙ୍କ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

# ଅଂଶଗ୍ରହଣ କଲେ ୧୨୦ ପ୍ରତିଯୋଗୀ

ବୌଦ୍ଧ, ୨୬।୧୦ (ସ୍ୱ.ପ୍ର.)

ରାଜ୍ୟ ଚେସ ଆସୋସିଏଶନ ସହଯୋଗରେ ବୌଦ୍ଧ ଜିଲା ଚେସ ଆସୋସିଏଶନ ପକ୍ଷରୁ ବୌଦ୍ଧ ଇନଡୋର ଷ୍ଟାଡିୟମଠାରେ ୫୯ତମ ସିନିୟର ଫିଡେ ରେଟିଂ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ବୌଦ୍ଧ ପଞ୍ଚାୟତ କଲେଜ ଅଧ୍ୟକ୍ଷ ପ୍ରଫେସର ଡମ୍ବରୁଧର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୌଦ୍ଧ ଭଳି ଏକ ଛୋଟ ଜିଲାରେ ଏଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବା ଜିଲାବାସୀଙ୍କ ପାଇଁ ଗୌରବର କଥା ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଅକ୍ଟୋବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସିନିୟର ରେଟିଂରେ ଉଦ୍‌ଘାଟନୀ ଦିବସରେ ରାଜ୍ୟର ୨୨ଟି ଜିଲାରୁ ୧୨୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ଜାତୀୟସ୍ତରର ଖେଳାଳି ମଧ୍ୟ ଯୋଗ ଦେଇଛନ୍ତି । ଏଥିରେ ଜିଲା ଚେସ ଆସୋସିଏଶନର ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଚେସ୍ ଆସୋସିଏଶନର କୋଷାଧ୍ୟକ୍ଷ ଜି. ସି. ମହାପାତ୍ର, ଚିଫ ଆର୍ବିଟର ଭବେଶ ମହାନ୍ତି ଓ ଜିଲା ଚେସ ଆସୋସିଏଶନର ସଦସ୍ୟ ଯଦୁମଣି ପ୍ରଧାନ ଓ ଗଜେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ । ପ୍ରଥମ ଦିନ ଖେଳରେ ବୈଭବ ମିଶ୍ର, ରାଜେଶ ନାଏକ, ମନୋଜ କୁମାର ପାଣିଗ୍ରହୀ, ରାକେଶ କୁମାର ନାଏକ, ରତ୍ନାମ୍ବରା ବିଧାର, ସ୍ମାରକୀ ମହାନ୍ତି, ସଞ୍ଜୀବନ ନାଏକ, ସୌମ୍ୟଶ୍ରୀ ମହାନ୍ତି, ବିନାୟକ ରଥ ଓ ସଜ୍ଜନ କୁମାର ନାଏକ ପ୍ରମୁଖ ଖେଳାଳି ଆଗୁଆ ରହିଛନ୍ତି ।



ବୌଦ୍ଧ ଇନଡୋର ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଚାଲିଛି।

# ମାଁ ମାହେଶ୍ୱରୀଙ୍କ ମହାଖଲା ପୂଜା ଉତ୍ସବ

ବୌଦ୍ଧ, ୨୬।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ବଲାକିରା ଗ୍ରାମ କମିଟି ଆନୁକୂଲ୍ୟରେ ମା' ମାହେଶ୍ୱରୀ ଦେବୀଙ୍କ ମହାଖଲା ପୂଜା ଏବଂ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ଏହି ଉତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ଷୋଳପୂଜା, ସ୍ନାନଯାତ୍ରା, ବାମଣ୍ଡା କେନ୍ଦ୍ରର ବାର୍ଷିକ ସାଧାରଣ ସଭା, ମହାଲକ୍ଷ୍ମୀ ପୂଜା ଓ କୁଆଁରୀ ଝିଅମାନଙ୍କ ଜହ୍ନି ଓଷା ଆଦି ଗ୍ରାମକୁ ଉତ୍ସବ ମୁଖର କରିଦେଇଥିଲା । ଏହି ଅବସରରେ ମା' ମାହେଶ୍ୱରୀଙ୍କ ପ୍ରତୀକ ଖମ୍ବକୁ ୧୦୮ କଳସୀ କ୍ଷୀରରେ ମହାସ୍ନାନ କରାଯାଇଥିଲା। ମା' ମାହେଶ୍ୱରୀଙ୍କ ଶୋଭାଯାତ୍ରାକୁ ମହାଆଡମ୍ବର ପ୍ରକାରରେ ବୀରବାଦ୍ୟ, ଢୋଲ, ନିଶାଣ, ଘଣ୍ଟ ବାଦ୍ୟ, ବାଡିଖେଳ ସହ ଗ୍ରାମ ପରିକ୍ରମା କରାଯାଇଥିଲା । ଏହି ଅବସରରେ ବାର୍ଷିକ ଉତ୍ସବ ଓ ସଭା ସଭାପତି ସୁଧିର କର୍ଣ୍ଣଙ୍କ ଅଧକ୍ଷତାରେ ଦାଶରଥି ମହାକୁଳ, ରବି ଦେହୁରୀ, ଅଗସ୍ତି କର୍ମୀ, ସନ୍ତୋଷ ପ୍ରଧାନ, ଶ୍ରୀଧାରୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ବାମଣ୍ଡାଠାରେ ମାହେଶ୍ୱରୀ ଦେବୀଙ୍କ କୁମାରପୂର୍ଣ୍ଣିମା ଉତ୍ସବ ମାହେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ଓ ଗ୍ରାମ କମିଟି ମିଳିତ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ଗ୍ରାମର ଯୁବକ ମାନଙ୍କ ଦ୍ୱାରା ଆଧୁନିକ ନାଟକ ସରପଞ୍ଚ ଲଳିତ ଥାଟିଙ୍କ ନେତୃତ୍ୱରେ ପରିବେଷଣ ହୋଇଯାଇଥିଲା । ମାହେଶ୍ୱରୀ ଶୋଭାଯାତ୍ରାକୁ ଯୁବ କଳାକାର ନିର୍ଗୁଣ ମହାକୁଡଙ୍କ ନେତୃତ୍ୱରେ ଶବର ଓ ପତରସଉରା ନୃତ୍ୟର ତାଳେ ତାଳେ ଦେବୀଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା ।

### ମନମୁଣ୍ଡାରେ ଠାକୁରାଣୀ ଯାତ୍ରା

# ଧୁରକୁନୀ ଓଷା, ଗଜାବୁଣା ବିସର୍ଜନ

ମନମୁଣ୍ଡା, ୨୬।୧୦ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଖଦାଲପଡାର ଅଧିଷ୍ଠାତ୍ରୀ ଦେବୀ ମାଁ ଠାକୁରାଣୀଙ୍କ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଏହି ପଡାବାସିନ୍ଦା ୧ମାସ ହେବ ପଡା ସ୍ଥିତ ଠାକୁରାଣୀ ମନ୍ଦିରରେ ଗଜାବୁଣି (ମୁଗର) ବ୍ରତ ପାଳନ କରିଆସୁଥିଲେ । ଶୁକ୍ରବାର ଉକ୍ତ ଗଜାବୁଣା ମାଟିପାତ୍ରକୁ ଏକ ସୁଶୋଭିତ ଶୋଭାଯାତ୍ରା ମାଧ୍ୟମରେ ତେଲ ନଦୀରେ ବିସର୍ଜନ କରି ବ୍ରତ ଉଦ୍‌ଯାପିତ କରିଥିଲେ । ସେହିପରି ସେମାନେ ମାଟି ହାଣ୍ଡିରେ କୁଲା ଢ଼ାଙ୍କିବା ଉପରେ ଧନୁସର ରଖି ଧୁରକୁନୀ ଓଷା ପାଳନ କରି ଆସୁଥିଲେ । ତାହା ମଧ ଶୁକ୍ରବାର ଉଦ୍‌ଯାପିତ କରାଯାଇଛି । ମନ୍ଦିରର ଦେହେରୀ ଗଙ୍ଗା ଜାନୀ ପୂଜାର୍ଚ୍ଚନା କଲା ପରେ ସୀତା ନାଏକ ଏବଂ ଅସଙ୍ଖଳା ବଗର୍ତ୍ତିଙ୍କ ଶରୀରରେ ଠାକୁରାଣୀ ଲାଗିଥିଲା । ଦୁହେଁ ମାଁଙ୍କ ଶିକୁଳିକୁ ଧାରଣ କରି ଭକ୍ତମାନଙ୍କୁ ଛୁଆଇଁ ଆଶୀର୍ବାଦ କରିଥିଲେ । ପରେ ଗ୍ରାମରେ ବାଦ୍ୟ ବଜାଇ ଏକ ଶୋଭାଯାତ୍ରା କରାଯାଇଥିଲା । ଗ୍ରାମବାସୀ ଘର ଆଗରେ କଳସ, ଦୀପ, ଧୂପ ବସାଇ ମାଁଙ୍କ ପାଦ ଧୋଇ ପୂଜାର୍ଚ୍ଚନା କରିଥିଲେ । ଏହି ଯାତ୍ରା ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା । ପଡାର ବରିଷ୍ଠ ସଦସ୍ୟ ଦିଲୀପ ଜାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା ।

# ୬ ଦଫା ଦାବି ନେଇ ସାପ ଧରାଳିଙ୍କ ଆମରଣ ଅନଶନ

ବୌଦ୍ଧ, ୨୬।୧୦ (ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ସାପ ଧରାଳିମାନେ ୬ ଦଫା ଦାବିରେ ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି । ସ୍ନେକ ହେଲପ ଲାଇନ ନାମରେ ସଙ୍ଗଠନ ଅଧୀନରେ କାର୍ଯ୍ୟ କରୁଥିବା ଏହି ସାପ ଧରାଳିମାନଙ୍କୁ ଅତି ଜରୁରୀ ସମୟରେ କେଉଁଠି ବିଷଧର ସାପ ଦେଖାଗଲେ ସାଧାରଣ ଲୋକେ ସୂଚନା ଦେଇଥାନ୍ତି । କିନ୍ତୁ ଏମାନଙ୍କୁ ସରକାରୀ ସହାୟତା ମିଳୁ ନ ଥିବାରୁ ସେମାନଙ୍କ ପରିବାର ଆର୍ଥିକ ଅନଟନ ମଧ୍ୟରେ ଗତି କରୁଛି। ସେହିପରି ସାପ ଧରାଳିମାନେ ବର୍ତ୍ତମାନ ଯୁଗରେ ଆଧୁନିକ ସରଞ୍ଜାମ ବ୍ୟବହାର ନ କରି ମଧ୍ୟ ସାଧାରଣ ବାଡି ସହାୟତାରେ ବିଷଧର ସାପକୁ କାବୁ କରି ଜଙ୍ଗଲରେ ଛାଡିଦେଇଥାନ୍ତି । ସାପ ଧରି ଅନେକ ସାପ ଧରାଳିଙ୍କ ଜୀବନ ଚାଲିଯାଇଥିଲେ ମଧ୍ୟ ସାପ ଧରି ପରିବାର ପ୍ରତିପୋଷଣ କରିବା ଓ ସାପ ବଂଶ ରକ୍ଷା କରି ପରିବେଶ ସନ୍ତୁଳନ କରିବାରେ ଏମାନେ କେବେ ବି କୁଣ୍ଠାବୋଧ କରିନାହାନ୍ତି । ବୌଦ୍ଧ ଜିଲାରେ ୬୦ ଜଣ ସାପଧରାଳି ସ୍ନେକ ହେଲପ ଲାଇନ ସଙ୍ଗଠନ ଅଧୀନରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରି ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଅନଶନ ଆରମ୍ଭ ହୋଇଛି । ବିଭାଗ ପକ୍ଷରୁ ଦାବି ପୂରଣ ନ ହେଲାଯାଏ ଏହି ଅନଶନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।



ସାପ ଧରାଳିମାନେ ଅନଶନରେ ବସିଛନ୍ତି ।

# ଶୌଚାଳୟ ନିର୍ମାଣର ଦୁଇ ବର୍ଷ ପରେ ବି ମିଳିନି ଟଙ୍କା

ତଳଗାଁ, ୨୬।୧୦ (ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଗଣ୍ଡାପାଲୁ ଗ୍ରାମରେ ଶୌଚାଳୟ ନିର୍ମାଣ କରିବାର ଦୁଇବର୍ଷ ବିତିଯାଇଥିଲେ ମଧ ହିତାଧିକାରୀଙ୍କୁ ତାଙ୍କ ପ୍ରାପ୍ୟ ମିଳିପାରିନାହିଁ । ଗଣ୍ଡାପାଲୁ ଗ୍ରାମର ମାଦ୍ରି ସାହୁ ନାମକ ଜଣେ ବିଧବା ଅସହାୟ ମହିଳା ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ଏକ ଇନ୍ଦିରା ଆବାସ ପାଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିସାରିଥିଲେ ମଧ ଫାଇନାଲ ବିଲ୍ ପାଇ ନ ଥିଲେ । ମହିଳା ଜଣଙ୍କ ଏ ନେଇ ବ୍ଲକ ଅଫିସ୍‌କୁ ବାରମ୍ବାର ଦୌଡିବାରୁ ପାଇଖାନା ନିର୍ମାଣ ପରେ ହିଁ ଇନ୍ଦିରା ଆବାସର ଫାଇନାଲ ବିଲ୍ ମିଳିବ ବୋଲି ତାଙ୍କୁ କୁହାଯାଇଥିଲା। ଇତିମଧ୍ୟରେ ମହିଳା ଜଣଙ୍କ ପାଇଖାନା ନିର୍ମାଣ କରିବା ପ୍ରାୟ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ତାଙ୍କୁ ପାଇଖାନା ନିର୍ମାଣ ବାବଦକୁ ୧୨ ହଜାର ଟଙ୍କା ମିଳି ପାରି ନ ଥିବା ସେ ଅଭିଯୋଗ କରିଛନ୍ତି । ଏ ନେଇ ମହିଳା ଜଣଙ୍କ ବ୍ଲକ ଏପିଓ ସଞ୍ଜିତ କୁମାର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ତାଙ୍କୁ ପଞ୍ଚାୟତରୁ ସେପ୍ଟେମ୍ବର ମାସ ସୁଦ୍ଧା ପାଇଖାନା ବିଲ୍ ମିଳିଯିବ ବୋଲି କହିଥିବା ମହିଳା ଜଣକ ପ୍ରକାଶ କରିଛନ୍ତି । ତେବେ ଏଯାଏ ତାଙ୍କୁ ବିଲ୍ ମିଳି ନ ଥିବାରୁ ନଭେମ୍ବର ୫ ତାରିଖରେ ହେବାକୁ ଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ସେ ଅନଶନ କରିବେ ବୋଲି କହିଛନ୍ତି ।



ପାଇଖାନା ନିକଟରେ ବିଧବା ମହିଳା ଛିଡା ହୋଇଛନ୍ତି ।

# ରେଶମରେ ଆଞ୍ଚଳିକ ମହୋତ୍ସବ

ଭେଡ଼େନ,୨୬।୧୦(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ ଠାରେ ଗୁରୁବାର ରାତିରେ ଆଶ୍ୱିନ ପୂର୍ଣ୍ଣିମା ପାଳନ ଅବସରରେ ଆଞ୍ଚଳିକ ମହୋତ୍ସବ ଅନୁଷ୍ଠିତ ହୋଇଛି । ସରପଞ୍ଚ ରକ୍ଷାକାରୀ ଖମାରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୋବିନ୍ଦ ନାଗ ମୁଖ୍ୟଅତିଥି, ସାହିତ୍ୟିକ ଉତ୍ପନ୍ନ ଭୋଇ, କବି ଉମେଶ ପ୍ରଧାନ ଏବଂ ଅଭିନେତା ଛବିଳ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁନୀଲ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ରେଶମ ଆଞ୍ଚଳିକ ମହୋତ୍ସବରେ ଉପସ୍ଥିତ ଅତିଥିଗଣ ।

### ଦେବହୁତି କରଙ୍କୁ ସାହିତ୍ୟ ସମ୍ମାନ

ଭବାନୀପାଟଣା, ୨୬।୧୦ (ଡି.ଏନ.ଏ.)

ବାଲ୍ମୀକି ଜୟନ୍ତୀ ଓ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ବୁଧବାର ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବାଲଙ୍ଗୀର କ୍ଲବ୍ ଗୃହରେ ସାରସ୍ୱତ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ଭବାନୀପାଟଣାର ବିଶିଷ୍ଟ ସାହିତ୍ୟିକା ଦେବହୁତି କରଙ୍କୁ ତାଙ୍କ ସାହିତ୍ୟ ସାଧନା ଓ କୃତୀ ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

# ମୋବାଇଲ ଚୋରି, ୨ ଯୁବକ ଗିରଫ

ଅତାବିରା,୨୬।୧୦ (ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଗୋଡ଼ଭଗାର ମନୋଜ କଂସ ଏବଂ ଝାରସୁଗୁଡ଼ାର ଶିବଶଙ୍କର ଧରୁଆ । ସେମାନଙ୍କ ବିରୋଧରେ ଅତାବିରା ଥାନାରେ ଦଫା ୩୯୨ରେ ଏକ ମାମଲା(ନଂ.୨୩୦/୧୮) ରୁଜୁ ହୋଇଛି। ଗିରଫ ଉଭୟ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବରଗଡ଼ ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି । ହରେକୃଷ୍ଣ ବେହେରା ତାଙ୍କ ମୋବାଇଲ ଚୋରି ହେବା ପରେ ଗୋଡ଼ଭଗା ଫାଣ୍ଡିରେ ଅଭିଯୋଗ କରିଥିଲେ ।



ମୋବାଇଲ ଚୋରି ଅଭିଯୋଗରେ ଗିରଫ ୨ଅଭିଯୁକ୍ତ ।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

ଅତାବିରା, ୨୬।୧୦ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକ ଗୋଡଭଗା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଛି । ଆତ୍ମା ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, କୃଷି ଉପ ନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ, ଡିଓ ପ୍ରଶନ୍ନ ମହାପାତ୍ର, କୃଷି ବୈଜ୍ଞାନିକ ଅନୀଲ ସ୍ୱାଇଁ, ନୃସିଂହନାଥ ବାରିକ, ସମ୍ବଲପୁର ଦୁଗ୍ଧ ସଂଘ ଜିଏମ କେ. ନାରାୟଣ ମୂର୍ତ୍ତି, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଣବ ପଟ୍ଟନାୟକ, ମତ୍ସ୍ୟ ଅଧିକାରୀ କିରଣ ଦାଶ, ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ବ୍ଲକ କୃଷି ଅଧିକାରୀ ମାନିନୀ ଭୋଇ, ପ୍ରମୋଦିନୀ ପ୍ରଧାନ, ଅଶ୍ୱିନୀ ଗୁଲଜର, ଯନ୍ତ୍ରୀ ସଞ୍ଜୀବ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସେପ୍ଟେମ୍ବର ମାସ ୧ତାରିଖ ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଉନ୍ନତମାନ ଦୁଗ୍ଧ ଯୋଗାଉଥିବା ଚାଷୀମାନଙ୍କୁ ସରକାର ଲିଟର ପିଛା ୧ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ, ୪ମାସର ବାଛୁରୀ ମାନଙ୍କୁ ୨ବର୍ଷ ପର୍ଯ୍ୟନ୍ତ ସବସିଡିରେ ବାଛୁରୀ ଦାନା ଯୋଗାଣ, ୧ଏକର ଘାସ ଚାଷ ପାଇଁ ୬ହଜାର ଟଙ୍କା ପ୍ରୋତ୍ସାହନ ରାଶି ସହ ବରଗଡ ବ୍ଲକ ପ୍ରଧାନଟିକ୍ରା, ଭେଡେନ ବ୍ଲକ ପପଙ୍ଗା, ଭେଡେନ ଓ ଅମ୍ବାଭୋନା ବ୍ଲକ କଣ୍ଡପଲାଠାରେ ଦୁଗ୍ଧ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ବ୍ୟୟ ବରାଦ ହୋଇଥିବା ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘର ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି ନିଜ ବକ୍ତବ୍ୟରେ କହିଥିଲେ ।



ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ନୃସିଂହନାଥ ସଂସ୍କୃତ ହାଇସ୍କୁଲରେ ତାଲା

ପାଇକମାଳ, ୨୬।୧୦(ଡି.ଏନ.ଏ)

ପାଇକମାଳ ବ୍ଲକ ନୃସିଂହନାଥ ସଂସ୍କୃତ ହାଇସ୍କୁଲ ଗେଟ୍‌ରେ ଶୁକ୍ରବାର ପରିଚାଳନା କମିଟି ସଦସ୍ୟ ଓ ଅଭିବାବକମାନେ ତାଲା ପକାଇ ଧାରଣାରେ ବସିଥିଲେ । ସକାଳ ୧୦ଟାରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଆସି ଗେଟରେ ତାଲା ପଡିଥିବାରୁ ସ୍କୁଲ ଭିତରକୁ ଯାଇ ପାରି ନ ଥିଲେ । ଏ ନେଇ ପରିଚାଳନା କମିଟି ଅଧ୍ୟକ୍ଷ ଦିଲୀପ ନାଗଙ୍କୁ ପଚାରିବାରୁ ଏହି ସ୍କୁଲରୁ ବର୍ଷେ ହେଲା ଜଣେ ବିଜ୍ଞାନ ଶିକ୍ଷକ ଅବସର

### ଶିକ୍ଷକ ନିଯୁକ୍ତି ଦାବି

ନେଇଛନ୍ତି । ସରକାର ଆଉ ଜଣେ ଶିକ୍ଷକ ନିଯୁକ୍ତି ଦେଇ ନ ଥିବା ବେଳେ ଏଠାରେ ଥିବା ଶିକ୍ଷକ ରାଜେନ୍ଦ୍ର ସାହୁଙ୍କୁ ସପ୍ତାହରେ ୩ ଦିନ ବରିକେଲ ସଂସ୍କୃତ ବିଦ୍ୟାଳୟକୁ ଡେପୁଟେଶନରେ ପଠାଉଛନ୍ତି । ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ଅସୁବିଧା ହେଉଛି । ନୂତନ ଶିକ୍ଷକ ନିଯୁକ୍ତି ନ ଦେବା ଯାଏ ଗେଟରେ ତାଲା ପକାଇ ଧାରଣା ଜାରି ରହିବ ବୋଲି ପରିଚାଳନା କମିଟି ଅଧ୍ୟକ୍ଷ ନାଗ କହିଥିଲେ । ଖବର ପାଇ ପୁରୀ ସଂସ୍କୃତ ଶିକ୍ଷାଧୀଶ ନୃସିଂହନାଥ ହାଇସ୍କୁଲ ପ୍ରଧାନଶିକ୍ଷକ ଘନ ସୁନ୍ଦର ସାହୁଙ୍କୁ ୧୫ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ଫୋନରେ ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ଗେଟ୍‌ରୁ ତାଲା ଖୋଲିଥିଲେ ।




ଶ୍ରୀଶ୍ରୀ ନୃସିଂହନାଥ ହାଇସ୍କୁଲ ଗେଟ୍‌ରେ ତାଲା ପକାଇ ଅଭିଭାବକମାନେ ଧାରଣାରେ ବସିଛନ୍ତି।



ଯିଏ ଦୋଷ କରିଥାଏ ତା' ମନ ଭିତରେ ଗୁଡ଼ାଏ କଙ୍କଡ଼ାବିଛା ଚାଲୁଥାନ୍ତି।

- ୱିଲିୟମ ସେକ୍ସପିୟର

# ହକ୍ ପାଇଁ ଜିଲାପାଳ ଅଫିସ ଘେରିଲେ ଗାଁ ସାଥୀ

- ଦାବି ପୂରଣ କର ନଚେତ୍ ଆନ୍ଦୋଳନ
- ପେଟ ପାଇଁ ରୋଜଗାର ଦିଅ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ନୂଆପଡା ଅଫିସ,୨୬।୧୦

ଆଜକୁ ୧୦ ବର୍ଷ ଧରି ଗାଁଗଣ୍ଡା, ଦୁର୍ଗମ ଜଙ୍ଗଲ ଇଲାକାରେ ଶ୍ରମିକମାନଙ୍କ ସହ ଏକାକାର ହୋଇ କାମ କରୁଛୁ । ହେଲେ ଆମ ପ୍ରତି ସରକାର ତିଳେ ମାତ୍ର ଚିନ୍ତା କରୁନାହାନ୍ତି । ବାର୍ଷିକ ରୋଜଗାର ନିଶ୍ଚିତ କରୁ ନ ଥିବାବେଳେ ଗାଁସାଥୀମାନଙ୍କୁ ନିୟମିତ କରିବାକୁ କୌଣସି ପ୍ରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି । ଏ ନେଇ ବାରମ୍ବାର ଦାବି କରୁଥିଲେ ହେଁ ପ୍ରଶାସନ ଫମ୍ପା ପ୍ରତିଶ୍ରୁତି ଦେଇ ଭଣ୍ଡାଉଛି ବୋଲି ଜିଲା ବ୍ୟାପି ଏମଜିଏନଆରଇଜିଏସରେ ନିୟୋଜିତ ଥିବା ଗାଁସାଥୀମାନେ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି । ଅସନ୍ତୋଷ ଗାଁସାଥୀମାନେ ଶୁକ୍ରବାର ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପରେ ଡିଆରଡିଏ ପିଡିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

ଜିଲା ଆବାହକ ତୁକାରାମ ହିଆଲଙ୍କ ନେତୃତ୍ୱରେ ଗାଁସାଥୀମାନେ ସ୍ଥାନୀୟ ମିନିଷ୍ଟାଡିୟମରୁ ଶୋଭାଯାତ୍ରାରେ ବାହାରିଥିଲେ। ସମସ୍ତଙ୍କ ମୁହଁରେ ଗୋଟିଏ ଆବାଜ ଯେ ସରକାର ଆମ ପ୍ରତି ଅନ୍ୟାୟ କରୁଛନ୍ତି । ରୋଜଗାର ଦିଅ ନ ଚେତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ନାରାବାଜି ଦେଉଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଆସି ଘେରାଉ କରିଥିଲେ। ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ପିଡିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ପିଡି ବୃଷଭ ଚନ୍ଦ୍ର ନାଏକ ଦାବିପତ୍ର ଗ୍ରହଣ କରି ଏହାକୁ ମୁଖ୍ୟମନ୍ତ୍ରୀଙ୍କୁ କାର୍ଯ୍ୟାନୁଷ୍ଠାନ ସକାଶେ ପ୍ରେରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଦାବିପତ୍ରରେ ଉଲ୍ଲେଖ କରିଥିଲେ ଯେ ଆଜକୁ ୧୦ ବର୍ଷ ଧରି ଗାଁସାଥୀମାନେ କାମ କରୁଛନ୍ତି । ନୂଆପଡା ଏକ ଦାଦନ ପ୍ରବଣ ଜିଲା । ଏଠିକାର ଶ୍ରମିକ ଶ୍ରେଣୀର ଲୋକମାନେ କାମଧନ୍ଦା ଅଭାବରୁ ରାଜ୍ୟ ବାହାରକୁ ସବୁବେଳେ ଦାଦନ ଖଟିବାକୁ ଯାଇଥାନ୍ତି। ଏହାକୁ ଲଗାମ ଲଗାଇବାକୁ ସରକାର ଏଠାରେ ଏମଜିଏନଆରଇଜିଏସ ଭଳି ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହାକୁ ଗାଁସାଥୀମାନେ ସଫଳ ଭାବରେ କାର୍ଯ୍ୟାନ୍ୱୟନ କରିବାରେ ସହାୟକ ହେଉଛନ୍ତି । ଗାଁସାଥୀମାନଙ୍କ ବିନା ଯୋଜନା ସଫଳ ହୋଇପାରିବ ନାହିଁ। ହେଲେ ବିଭାଗ ତରଫରୁ ଗାଁସାଥୀମାନଙ୍କ ପ୍ରତି ମାଉସୀମା ଭଳି ବ୍ୟବହାର ଦେଖାଉଛନ୍ତି । ବହୁ କ୍ଷେତ୍ରରେ ଗାଁସାଥୀମାନଙ୍କୁ ନ ପଚାରି କାମ ସବୁ କରାଯାଉଛି । କାମରେ କୌଣସି ପ୍ରକାର ଅନିୟମିତତା ହେଲେ ସେମାନଙ୍କୁ ଦାୟୀ କରି ଅଧିକାରୀମାନେ ପଳାୟନ କରୁଛନ୍ତି । ପୁଣି ଗାଁସାଥୀମାନଙ୍କୁ ଠିକ ଭାବରେ ରୋଜଗାର ମିଳୁନାହିଁ । ମାସାଧିକକାଳ ଗାଁସାଥୀମାନଙ୍କ ପରିବାର ସବୁ ରୋଜଗାର ନ ପାଇ ଭୋକ ଉପାସରେ ରହୁଛନ୍ତି । ଗାଁ ସାଥୀମାନଙ୍କୁ ସେମାନଙ୍କ ହକ ଦିଆଯିବାକୁ ଦାବି କରାଯାଇଛି । ସେମାନଙ୍କ ମାସିକ ଦରମା ୬ ହଜାରକୁ ବୃଦ୍ଧି କରିବା, ଚାକିରୀର ନିୟମିତିକରଣ କରିବା, ସରକାରୀ କର୍ମଚାରୀର ମାନ୍ୟତା ଦେବା ଆଦି ଦାବି ରହିଛି । ଏହା ଉପରେ ଗତ ଦିନରେ ଦାବି କରାଯାଇଥିଲା । ହେଲେ ବିଭାଗୀୟ ମନ୍ତ୍ରୀ, ଅଧିକାରୀମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଟାଳି ଦେଇଥିଲେ । ବର୍ତ୍ତମାନ ଏହା ଉପରେ ସରକାର କାର୍ଯ୍ୟାନୁଷ୍ଠାନ ନ କଲେ ଆଗକୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଗାଁସାଥୀ ସଂଘ ତରଫରୁ ସିନାପାଲି ବ୍ଲକ ସଭାପତି ପବିତ୍ର ମୋହନ ପ୍ରଧାନ, ନୂଆପଡା ବ୍ଲକ ସଭାପତି ଲାଲମତ ମାଝି, ବୋଡେନ ବ୍ଲକ ସମ୍ପାଦକ ରାମଚନ୍ଦ୍ର ଭୋଇ, କର୍ଣ୍ଣ ମାଝି, ବିଜୟ ସାହୁ, ରାମ ବାଗ, ନମିତା ଦୀପ, ୟାଦରାମ ମାଝି, ଗିରଜା ସାହୁ, ଗୁଆଲୁ ସୁନାନୀ, ହିମାଂଶୁ ଗହୀର, ଅର୍ଜୁନ ବାଗ ପ୍ରମୁଖ ସାମିଲ ଥିଲେ ।




ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡିଆରଡିଏ ପିଡିଙ୍କ କାର୍ଯ୍ୟାଳୟରେ ସଂଘ କର୍ମକର୍ତ୍ତାମାନେ ଏକତ୍ର ହୋଇଛନ୍ତି ।

## ସଂକ୍ଷେପରେ



### ଦେବହୁତି କରଙ୍କୁ ସାହିତ୍ୟ ସମ୍ମାନ

**ଭବାନୀପାଟଣା, ୨୬।୧୦ (ଡି.ଏନ.ଏ.)-** ବାଲ୍ମୀକି ଜୟନ୍ତୀ ଓ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ବୁଧବାର ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବାଲଙ୍ଗୀର କ୍ଲବ୍ ଗୃହରେ ସାରସ୍ୱତ ସମାରୋହ ଆୟୋଜିତ ହୋଇଯାଇଛି। ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭବାନୀପାଟଣାର ବିଶିଷ୍ଟ ସାହିତ୍ୟିକା ଦେବହୁତି କରଙ୍କୁ ତାଙ୍କ ସାହିତ୍ୟ ସାଧନା ଓ କୃତୀ ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଜିଲାରୁ ବହୁ ଗାଳ୍ପିକ ଓ ସାହିତ୍ୟିକ ଯୋଗଦେଇଥିଲେ ।



### ବାଲୁକା ଶିଳ୍ପୀଙ୍କୁ ସୁନ୍ଦରୀ ଚିନ୍ତା

**ରିଷିଡ଼ା,୨୬।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ଡଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ବାଘୁଣୀ ସୁନ୍ଦରୀକୁ ବାଲୁକା କଳା ମାଧ୍ୟମରେ ସ୍ଥାନାନ୍ତର ଦାବି କରିଛନ୍ତି । ସମ୍ପ୍ରତି ବହୁ ଚର୍ଚ୍ଚିତ ମଣିଷ ଖିଆ ବାଘୁଣୀ ସୁନ୍ଦରୀକୁ ଟିକ୍ରାପଡା ଅଭୟାରଣ୍ୟ (ଅନୁଗୋଳ)ଠାରୁ ସ୍ଥାନାନ୍ତର କରିବା ପାଇଁ ଦାବି ହେଉଥିବା ବେଳେ ଏହି ବାଲୁକା ଶିଳ୍ପୀ ଜଣକ ମଧ ସ୍ଥାନାନ୍ତର ଦାବି କରିଛନ୍ତି । ବାଲୁକା କଳା ମାଧ୍ୟମରେ ସୁନ୍ଦରୀର ମୂର୍ତ୍ତି ତିଆରି କରି ମଣିଷକୁ ସୁରକ୍ଷା ଦେବା ପାଇଁ ସ୍ୱର ଉଠାଇଛନ୍ତି । ଏହି ବାଲୁକା ଶିଳ୍ପୀ ଜଣକ ପେଶାରେ ଶିକ୍ଷକ ଓ ନିଶାରେ ବାଲୁକା ଶିଳ୍ପୀ, କବି ଓ ସଙ୍ଗଠକ ଭାବେ ବେଶ ପରିଚିତ ।

# ଡୁମେରମୁଣ୍ଡାରେ ନିଶାକୁ ନା, ଗାଁ ସଫେଇ କାର୍ଯ୍ୟକ୍ରମ

ମଣ୍ଡଲ,୨୬।୧୦ (ଡି.ଏନ.ଏ.)

ରାଜ୍ୟର ସମସ୍ତ ଜିଲା, ବ୍ଲକ ଏବଂ ପଞ୍ଚାୟତସ୍ତରରେ ଏହି ନିଶାକୁ ନା ବା ନିଶାନିବାରଣ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଜୁ ଯୁବ ବାହାନିର କଲମପୁର ବ୍ଲକ ସଂଯୋଜକ ମନୋଜ କୁମାର ନାଏକଙ୍କ ନେତୃତ୍ୱରେ କଲମପୁର ବ୍ଲକ ବିଦମରା ଗ୍ରାମପଞ୍ଚାୟତ ଡୁମେରମୁଣ୍ଡା ଗ୍ରାମରେ ନିଶାକୁ ନା ଏବଂ ଗାଁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜମରା ପଞ୍ଚାୟତ ସମସ୍ତ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଏବଂ ସଦସ୍ୟ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ନିଶାକୁ ବାରଣ କରିବା ପାଇଁ ଶପଥ ପାଠ କରିଥିଲେ ଏବଂ ନିଜେ ନିଶାଠୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ ସଚେତନ କରାଇବାକୁ ଶପଥ ପାଠ କରିଥିଲେ । ଗ୍ରାମାଞ୍ଚଳରେ ଅଳିଆ ଆବର୍ଜନା ସାଙ୍ଗକୁ ଚାରିଆଡେ ଲଟାବୁଦା ଏବଂ ମଶା, ମାଛିଙ୍କ ପ୍ରାଦୁର୍ଭାବ ଯୋଗୁ ଗ୍ରାମର ସମସ୍ତ ରାସ୍ତାଘାଟ ଚାରିପଟେ ସଫାସୁତୁରା କରିଥିଲେ । ସଫେଇ କାର୍ଯ୍ୟକ୍ରମରେ କଲମପୁର ବିଡିଓ ହେମସାଗର ଭୋଇ, ଏବିଡିଓ ଗୋପାଳ କୃଷ୍ଣ ମିଶ୍ର, ବିଦମରା ସରପଞ୍ଚ ଦୁହିତା ମାଝି, ଗଣେଷ ଦଲେଇ, ବିଦମରା ଗ୍ରାମ ପଞ୍ଚାୟତ ସଭାପତି ଭାଗିରଥି କଣ୍ଟା, ନୂଆଗାଁ ପଞ୍ଚାୟତ ସଭାପତି ଗୋପାଳ ଚନ୍ଦନ, କଲମପୁର ପଞ୍ଚାୟତ ସଭାପତି ଅନୀଲ ମାଝି ତଥା କଲମପୁର ବିଜୁ ଯୁବ ବାହିନୀ ସମସ୍ତ ସଦସ୍ୟା ଉପସ୍ଥିତ ରହି ନିଶାକୁ ନା ଏବଂ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବ୍ଲକର ସମସ୍ତ ପଞ୍ଚାୟତର ଗ୍ରାମରେ ନିଶାକୁ ନା ଏବଂ ସଫେଇ କାର୍ଯ୍ୟକ୍ରମ ହେବ ବୋଲି ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ମନୋଜ କୁମାର ନାଏକ କହିଛନ୍ତି ।




ଡୁମେରମୁଣ୍ଡା ଗ୍ରାମରେ ନିଶାକୁ ନା କାର୍ଯ୍ୟକ୍ରମରେ ଶପଥ ନିଆଯାଉଛି।



ଜୁନାଗଡରେ ଏନଏସିସ୍ତରୀୟ ଯାଦବ ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ ।

# ଏନଏସିସ୍ତରୀୟ ଯାଦବ ସଂଘ ବୈଠକ

ଜୁନାଗଡ,୨୬।୧୦ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଜୁନାଗଡ ଏନଏସିସ୍ତରୀୟ ଯାଦବ ସଂଘର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଯାଦବ ସଂଘ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ହରିଶଙ୍କର ବାଗଙ୍କ ସଭାପତିତ୍ୱରେ ଜିଲା ସଭାପତି ଡମ୍ବରୁ ଲହଜଲ, ସମ୍ପାଦକ କୀର୍ତ୍ତନ ନାୟକ, ଜିଲା ଯୁବ ଯାଦବ ସଭାପତି ଗୋବିନ୍ଦ ବନ୍ଦିଛୋଡ, ଶିବ ହାତୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଖଗେଶ୍ୱର ଧଙ୍ଗଡାମାଝି, ନର୍ଲାର ସଭାପତି ସଞ୍ଜୟ ଧଙ୍ଗଡାମାଝି, କମଳିନୀ ଯାଦବ, ଜୁନାଗଡ ବ୍ଲକ ସଭାପତି ପ୍ରେମାନନ୍ଦ ଘି ପ୍ରମୁଖ ଅତିଥି ଭାବେ ଉପସ୍ଥିତଥିଲେ। ଆଗାମୀ ଦିନରେ ଯାଦବ ସମାଜ ବ୍ୟକ୍ତିଙ୍କୁ କୌଣସି ରାଜନୈତିକ ଦଳ ସମର୍ଥନ କରି ପ୍ରାର୍ଥୀ କଲେ ସମସ୍ତ ଯାଦବ ସମାଜ ସମର୍ଥନ ଜଣାଇ ଭୋଟ ଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ଜୁନାଗଡ ଏନଏସି ଯାଦବ ସଂଘ ପାଇଁ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଭାଟି, ସମ୍ପାଦକ ନିଳାଦ୍ରୀ ପୁଞ୍ଜି, ମହିଳା ସଭାନେତ୍ରୀ ଭାବେ ମୀନା ଭାଟି, ସମ୍ପାଦିକା ରଶ୍ମୀତା ବେମାଲ, ଯୁବ ସମାଜ ପାଇଁ କାଶିନାଥ ଘି ସଭାପତି, ସମ୍ପାଦକ ପୂର୍ଣ୍ଣବ୍ରତ ନିଆଲ ମନୋନୀତ ହୋଇଥିଲେ। ଏହି ଅବସରରେ ରାଜେଶ ବେମାଲ, ସନ୍ତୋଷ ବାଗ, ଗୌରହରି ବାଗ, ସୁରେଶ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ସର୍ବଧର୍ମ ସଭାରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆପଡା ଅଫିସ,୨୬।୧୦

ନୂଆପଡା ଜିଲାର ଭେଲା ଅଞ୍ଚଳରେ ସ୍ୱାଧୀନତା ପୂର୍ବବର୍ତ୍ତି ସମୟରେ ଲୋକଙ୍କ ମଧ୍ୟରେ ଇଂରେଜ ବିରୋଧରେ ସ୍ୱରକୁ ତୀବ୍ର କରିବାରେ ଜଣେ କ୍ଷୀପ୍ର ସଂଗ୍ରାମୀ ଭାବେ କାମ କରୁଥିବା ସ୍ୱର୍ଗତ ରାମଜୀ ପ୍ରସାଦ ଯୋଷୀ ଥିଲେ ସର୍ବଧର୍ମ ସମନ୍ୱୟର ଜଣେ ସ୍ୱରୂପ। ଶୁକ୍ରବାର ତାଙ୍କର ଦଶାହ କାର୍ଯ୍ୟକ୍ରମ ଅବସରରେ ଏକ ସର୍ବଧର୍ମ ସଭାରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ୧୯୨୮ରେ ଇହଧାମକୁ ଆସିଥିବା ସ୍ୱର୍ଗତ ଯୋଷୀ ଗତ ବୁଧବାର ଇହଲିଲା ତ୍ୟାଗ କରିଥିଲେ । ହେଲେ ତାଙ୍କର ସଂଗ୍ରାମୀ ଜୀବନର ଅନୁଭୂତିକୁ ସ୍ମୃତିଚାରଣ କରିବାକୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭେଲାସ୍ଥିତ ତାଙ୍କର ବାସଭବନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ତାଙ୍କ ପୁତ୍ର ଅବନୀ ରଞ୍ଜନ ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଯୋଷୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉଦୀୟମାନ ରାଜନେତା ବିମଳ କୁମାର ଯୋଷୀ ସ୍ୱର୍ଗତ ଯୋଷୀଙ୍କ ଜୀବନି ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱମ୍ଭର ପ୍ରସାଦ ଯୋଷୀ, କୃଷ୍ଣରାଜ ମହାପାତ୍ର, ଶ୍ରୀବସ୍ତ ପାଢୀ, ପ୍ରସନ୍ନ କୁମାର ପାଢୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ବଢେଇ, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ପ୍ରମୁଖ ସ୍ୱର୍ଗତ ଯୋଷୀଙ୍କ ଜୀବନାଦର୍ଶ ଉପରେ ଉପସ୍ଥାପନ କରିଥିଲେ । ସେ ଜଣେ ସଂଗ୍ରାମୀ ନେତା । ସର୍ବୋଦୟ ନେତା ଏବଂ ବିନୋବାଙ୍କ ଅନୁଗାମୀ । ନିଜ ଜୀବନକୁ ଇଂରେଜ ସରକାରଙ୍କ ଶାସନ କାଳରୁ ଆରମ୍ଭ କରି ସ୍ୱାଧୀନୋତର ଭାରତରେ ସମାଜ ସଂସ୍କାର କାମରେ ନିଜକୁ ତିଳ ତିଳ କରି ଜାଳିଥିଲେ ବୋଲି ବକ୍ତାମାନେ କହିଥିଲେ । କାର୍ଯ୍ୟକ୍ରମ ଶେଷରେ ଦଶାହ ଅବସରରେ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ଶତାଧିକ ଲୋକ ଯୋଗ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଟୁକୁ ଯୋଷୀ, ଧନୀରାମ ସାହୁ, ରାମଲାଲ ହଂସ, ସୁଧୀର କୁମାର ମିଶ୍ର, ରମାକାନ୍ତ ଠାକୁର ପ୍ରମୁଖ ଯୋଗଦେଇଥିଲେ ।



ସର୍ବଧର୍ମ ସମନ୍ୱୟ ସଭାରେ ଯୋଗଦେଇଥିବା ଅତିଥିଗଣ ।

### ମାଓବାଦୀ ଦମନ ପାଇଁ ପୋଲିସ ପ୍ରଶାସନର ଉଦ୍ୟମ ଆରମ୍ଭ

# ସିଆରପିଏଫ୍ କ୍ୟାମ୍ପ୍ ପାଇଁ ଜାଗା ଚିହ୍ନଟ

- ତ୍ରିଲୋଚନପୁର ଗାଁ ଘଞ୍ଚ ଜଙ୍ଗଲରେ ହେବ କ୍ୟାମ୍ପ୍

ଲାଞ୍ଜିଗଡ଼,୨୬।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନିୟମଗିରୀ ପାଦଦେଶରେ ମାଓବାଦୀ ଦମନ ପାଇଁ ପୋଲିସ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରାବର ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁରଠାରେ କଡା ସୁରକ୍ଷା ବଳୟ ମଧ୍ୟରେ ସିଆରପିଏଫ୍ କ୍ୟାମ୍ପ୍ ପ୍ରତିଷ୍ଠା ନିମନ୍ତେ ଜମି ଚିହ୍ନଟ କରାଯାଇଛି । କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର, ରାୟଗଡା ୪ର୍ଥ ସିଆରପିଏଫ୍ ବାଟାଲିୟନ୍‌ର ସେକେଣ୍ଡ କମାଣ୍ଡେଣ୍ଟ ମିତୁରାୟଙ୍କ ନେତୃତ୍ୱରେ ରାଜସ୍ୱ ନିରିକ୍ଷକମାନେ ଜମି ଚିହ୍ନଟ କରିଛନ୍ତି । ଖୁବ୍‌ଶୀଘ୍ର ଏଠାରେ ସିଆରପିଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯିବ ବୋଲି କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ଏହି ସ୍ଥାନ ହେଉଛି ଦୁଇ ଜିଲା କଳାହାଣ୍ଡି ଓ ରାୟଗଡା ସିମାନ୍ତ ନିୟମଗିରୀ ପାହାଡ ଅଞ୍ଚଳ । ଏଠାକାର ପାହାଡ ଓ ଘଞ୍ଚ ଜଙ୍ଗଲରେ ଦୀର୍ଘବର୍ଷ ହେବ ମାଓବାଦୀମାନେ ନିଜର ଆଡ୍ଡାସ୍ଥଳି କରି ରହିଛନ୍ତି । ବିଭିନ୍ନ ସମୟରେ ଉଭୟ ଜିଲାରେ ଆତଙ୍କ ଖେଳାଇ ଆସୁଛନ୍ତି । କେବେ ପୋଲିସର ସୂଚନାଦାତା ବୋଲି ହତ୍ୟା କରାଯାଉଛି ତ ଆଉ କେତେବେଳେ ରାସ୍ତାଘାଟ ଓ ସରକାରଙ୍କ ବିକାଶମୂଳକ କାର୍ଯ୍ୟଗୁଡିକୁ ବିରୋଧ କରି ଗାଡିମଟରକୁ ପୋଡାଜୋଳା କରିଥାନ୍ତି । ଏହାକୁ ନେଇ ଅଞ୍ଚଳରେ ବିଭିନ୍ନ ସମୟରେ କୋକୁଅଭୟ ସୃଷ୍ଟି ହୋଇଥାଏ । ପୋଲିସକୁ ମଧ ବହୁ ସମସ୍ୟାର ସମ୍ମୁଖିନ ହେବାକୁ ପଡିଥାଏ । ଦୀର୍ଘଦିନ ହେବ ନିୟମଗିରି ପାଦଦେଶରେ ଥିବା ତ୍ରିଲୋଚନପୁରରେ ସିଆରପିଏଫ୍ କ୍ୟାମ୍ପ ନିର୍ମାଣ ପାଇଁ ନିର୍ଦ୍ଦେଶନାମା ରହିଥିଲେ ହେଁ ଉକ୍ତ ଗ୍ରାମକୁ ରାସ୍ତାଘାଟ ସମସ୍ୟା ରହିଥିବା ଯୋଗୁ କ୍ୟାମ୍ପ୍ ନିର୍ମାଣରେ ବହୁ ବିଳମ୍ବ ଘଟିଛି । ବର୍ତ୍ତମାନ ଉକ୍ତ ଗ୍ରାମକୁ ନୂତନ ଭାବେ ରାସ୍ତା ନିର୍ମାଣ ହେବା ପରେ କ୍ୟାମ୍ପ୍ ନିର୍ମାଣ ପାଇଁ ପୋଲିସ ପ୍ରଶାସନ ପଦକ୍ଷେପ ନେଇଛି। ଏଠାରେ କ୍ୟାମ୍ପ ନିର୍ମାଣ ହେଲେ ଅଞ୍ଚଳର ଲୋକଙ୍କ ସୁରକ୍ଷା ତଥା ସରକାରୀ ଯୋଜନାଗୁଡିକ ଲୋକଙ୍କ ପାଖକୁ ସୁବିଧାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଅଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନିତ କରାଯିବା ଓ ମାଓବାଦୀଙ୍କ ଗତିବିଧିକୁ ପୋଲିସ ଅନୁଧାନ କରି ମାଓବାଦୀ ଦମନ ହଟାଇବା ପାଇଁ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଓ ରାୟଗଡା ଦ୍ୱିତୀୟ କମାଣ୍ଡେଣ୍ଟ ସୂଚନା ଦେଇଛନ୍ତି। ସକାଳୁ କାଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବି.ଗଙ୍ଗାଧରଙ୍କ ନେତୃତ୍ୱରେ ସିଆରପିଏଫ୍ ଜବାନଙ୍କ ସୁରକ୍ଷା ବଳୟ ଭିତରେ କ୍ୟାମ୍ପ୍ ନିର୍ମାଣ ପାଇଁ ନିୟମଗିରି ପାଦଦେଶରେ ଥିବା ତ୍ରିଲୋଚନପୁରକୁ ଗସ୍ତ କରିଥିଲେ। ଏହି ଗସ୍ତରେ କେସିଙ୍ଗା ଏସଡିପିଓ ଗୁପ୍ତେଶ୍ୱର ଭୋଇ, ଲାଞ୍ଜିଗଡ ଆଇଆଇସି ସଞ୍ଜୟ କୁମାର ମଣ୍ଡଳ, ବିଜେପୁର ଆଇଆଇସି ବିନୋଦ କୁମାର ରାଓ, ଲାଞ୍ଜିଗଡ ଏସ୍‌ଆଇ ବ୍ରଜ କିଶୋର ଦୁରିଆ, ବିଜେପୁର ଓ ଲାଞ୍ଜିଗଡ ରଜସ୍ୱ ବିଭାଗ ସମସ୍ତ କର୍ମକର୍ତ୍ତା ଗସ୍ତ କରି ଜମି ଚିହ୍ନଟ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ କୁଳଦିପ୍ ସିଂଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଆରପିଏଫ୍ ଜବାନମାନେ ଚର୍ତୁପାର୍ଶ୍ୱ ଘେରି ରହିଥିଲେ ।



ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ଗାଁରେ ସିଆରପିଏଫ କ୍ୟାମ୍ପ ପାଇଁ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରାଯାଉଛି।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଲୋଇସିଂହା,୨୬।୧୦(ଡି.ଏନ.ଏ.):** ଆଗଲପୁର ବ୍ଲକ ବିଇଓଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଶିଶୁମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିୟର ଓ ସିନିୟର ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିୟର ୬ଟି ବିଭାଗର ପ୍ରଥମ ଓ ସିନିୟର ୮ଟି ବିଭାଗର ପ୍ରଥମ ଛାତ୍ରୀଛାତ୍ରମାନଙ୍କୁ ଜିଲାସ୍ତରୀୟ ଉତ୍ସବରେ ଯୋଗଦେବ। ବିଡିଓ ସୁଦର୍ଶନ ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଇଓ ମଞ୍ଜୁଲତା ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ବିଡିଓ ସେ ମୁଖ୍ୟ ଅତିଥି, ଡ.ଲକ୍ଷ୍ମଣ କୁମାର ମେହେର ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରତିଯୋଗୀତା ମାଧ୍ୟମରେ ପ୍ରତିଭାର ପରିପ୍ରକାଶ ପାଇଥାଏ ବୋଲି କହିଥିଲେ। ସିଆରସି କ୍ଷୀରୋଦ୍ର ମଲ୍ଲିକଙ୍କ ସ୍ୱାଗତ ଅଭିଭାଷଣ ପରେ ଉପରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏବିଓ ତଥା ସିଆରସିସି ଆରୁଣୀ ମହାନନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଏବିଓ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପଶ୍ଚିମ ଓଡ଼ିଶା ଗୋସୁରକ୍ଷା ବୈଠକ

**ବଲାଙ୍ଗୀର ଅଫିସ,୨୬।୧୦:** ଅଖିଳ ଭାରତୀୟ ଗୋ ସୁରକ୍ଷା ସମିତି ଆନୁକୂଲ୍ୟରେ ପୁଇଁତଲା ବ୍ଲକର ବୁବେଲ ପଞ୍ଚାୟତର ବିଛୁପାଲି ଗ୍ରାମରେ ପଶ୍ଚିମ ଓଡିଶା ଗୋସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଅଖିଳ ଭାରତୀୟ ସମ୍ପାଦକ ବସନ୍ତ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗୋପାଳନ, ଗୋସୁରକ୍ଷା, ଗୋମାତାଙ୍କର ମାଧ୍ୟମରେ ପ୍ରସ୍ତୁତ ଜୈବିକ ସାର, ପଞ୍ଚ ଗବ୍ୟ, ଗୋମୁତ୍ର ଓ ଅର୍କ ପ୍ରସ୍ତୁତି ତଥା ଦେଶୀ ଗୋରୁ ଲାଳନ ପାଳନ ସହିତ ପୁରାତନ ପଦ୍ଧତିରେ ପ୍ରତି ଗ୍ରାମରେ ରୋଜଗାର ବ୍ୟବସ୍ଥା ଦିଗରେ ଆଲୋଚନା ହୋଇଥିଲା। ଆଧୁନିକ ଯନ୍ତ୍ରପାତି ମାଧ୍ୟମରେ ଚାଷ କାର୍ଯ୍ୟ ଯୋଗୁଁ ଗୋଜାତି ଅବହେଳିତ ହୋଇ ଅସୁରକ୍ଷା ଯୋଗୁଁ ବିଭିନ୍ନ ସମସ୍ୟା ଦେଖାଦେଇଛି। ଗୋଜାତିର ସୁରକ୍ଷା ପାଇଁ ସରକାରଙ୍କର ଯୋଜନା ଅନୁସାରେ ବିଭିନ୍ନ ଅଞ୍ଚଳରେ ଏମାନଙ୍କର ପାଳନର ବ୍ୟବସ୍ଥା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶ୍ୱ ଭାରତୀ ସତ୍ୟ ମାନବ ଧର୍ମକର୍ମ ସେବା ସଂସ୍ଥାନର ନିର୍ଦ୍ଦେଶକ ଲୋକନାଥ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଭାରତୀୟ ମଜଦୁର ସଂଘ ରାଜ୍ୟ ସମ୍ପାଦକ ଅରୁଣ କୁମାର ସାହୁ, ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀର ଜିଲା ସଭାପତି ଗୋପବନ୍ଧୁ ଶତପଥୀ, କୃଷକ ମୋର୍ଚ୍ଚା ସୋନପୁର ଜିଲା କୃଷକ ମୋର୍ଚ୍ଚା ସଂଯୋଜକ ରାଜ କିଶୋର ମେଣ୍ଡଲି, ସେବା ସଂସ୍ଥାନ ସୋନପୁର ଜିଲା ସଭାପତି ସୁରେଶ ମହଲା, ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତି ସତ୍ୟନାରାୟଣ ସେନାପତି, ବଲାଙ୍ଗୀର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ପ୍ରଚାରକ ସନ୍ତୋଷ ବେହେରା, ବଲାଙ୍ଗୀର ବିଶ୍ୱ ହିନ୍ଦୁ ପରିଷଦ ରାଜ୍ୟ ସତସଙ୍ଗ ପ୍ରମୁଖ ଡ. ବସନ୍ତ ରଥ, ବୌଦ୍ଧ ଜିଲା ଟ୍ରଷ୍ଟ ସଭାପତି ତଥା ସମ୍ବଲପୁର ଜିଲା ଭାଜପାର ବିଶିକେଶନ ପଧାନ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କାନ୍ଧୁଲବଢ଼ା ଯାତ୍ରା ଉଦ୍‌ଯାପିତ

**ଦେଓଗାଁ,୨୬।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ନିକଟ କାନ୍ଧୁଲବୁଢ଼ା ଦେଶଗୁଡିଖଳା ଡଙ୍ଗରପଡାରେ ୨୪ତାରିଖରୁ ଚାଲିଥିବା କାନ୍ଧୁଲ ବୁଢ଼ାଯାତ୍ରା ଶୁକ୍ରବାର ଛେଦ କାର୍ଯ୍ୟକ୍ରମ ପରେ ଉଦ୍‌ଯାପିତ ହୋଇଯାଇଛି। ଏହିଦିନ ଦେବତାଙ୍କ ଆବିର୍ଭାବ ଓ ଭକ୍ତ ତଥା ମାନସିକଧାରୀଙ୍କୁ ବରପ୍ରଦାନ ପରେ ପଶୁବଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୋଢ଼, ଛେଳି, ମେଣ୍ଢା, ବତକ, କୁକୁଡା ଆଦି ବଳିରେ ଏହି ଦିନ ପୀଠ ରକ୍ତ ରଞ୍ଜିତ ହୋଇଥିଲା। ପ୍ରତିବର୍ଷ ଦଶହରା ଚତୁର୍ଦ୍ଦଶୀରୁ ଆରମ୍ଭ ହେଉଥିବା ଯାତ୍ରା ନିକଟସ୍ଥ ଜରାସିଂହାର ପ୍ରସିଦ୍ଧ ପାଟଖଣ୍ଡା ଦେବତାଙ୍କ ଯାତ୍ରା ସମ୍ପନ୍ନ ପରେ ସେଠାରୁ ପାଟ ସିନ୍ଦୁର ଆଣାଯାଇ ଏହି କାନ୍ଧୁଲବୁଢା ଯାତ୍ରା ଅନୁଷ୍ଠିତ ହୋଇଥାଏ। ନିକଟସ୍ଥ ଧଣ୍ଡାମାଲ, ବନ୍ଧପଡା, ସିଂହାମୁଣ୍ଡା ଓ ବ୍ରାହ୍ମଣୀଯୋର ଆଦି ୪ଟି ପଞ୍ଚାୟତର ୧୮ଖଣ୍ଡ ଗାଁର ଗଉଁନ୍ତିଆ ଓ ଗ୍ରାମବାସୀ ଏଥିରେ

**ବଳିରେ ରକ୍ତ ରଞ୍ଜିତ ହେଲା ଦେଶଗୁଡିଖଳା**



ଡଙ୍ଗରପଡା ଦେଶଗୁଡିଖଳାରେ କାନ୍ଧୁଲବୁଢ଼ା ଯାତ୍ରାର ଅନ୍ତିମ ଦିବସରେ ଦେବତା ଫୁକାଝରା କରୁଛନ୍ତି।

ସହଯୋଗ କରିଥିବା ବେଳେ ଜିଲା ତଥା ଜିଲା ବାହାରର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ବ୍ୟବସ୍ଥା ପ୍ରମୁଖ ଅମିତ କୁମାର ସିଂନୀନାଙ୍କ ପରିଚାଳନା ତଥା ହେଡମଲ୍ଲିକ ବାସୁଦେବ ସିଂନୀନାଙ୍କ ସଭାପତିତ୍ୱରେ ଚାଲିଥିବା ଏହି ଯାତ୍ରାରେ ମୁଖ୍ୟ ଦେହୁରୀ ଶିବା ପ୍ରଧାନୀ, ମୁଖ୍ୟ ପୂଜକ ଚନ୍ଦ୍ର ପ୍ରଧାନୀ, ଡେବରିଆ ଗୌର ବାଗ ଓ ଭୁଜନିଆ ଚକ୍ରାନନ୍ଦ ବଗର୍ତ୍ତି ତଥା ଦ୍ୱିତୀୟ ମୁଖ୍ୟ ମଲ୍ଲିକ ଭାବେ ସଦାନନ୍ଦ ସିଂନୀନା ଦାୟିତ୍ୱ ତୁଲାଇଥିଲେ। ଭକ୍ତବନ୍ଧୁ ଖମାରୀ, ପୁରୁଷୋତ୍ତମ ସାହୁ, ରାଜେନ୍ଦ୍ର ଷାଣ୍ଢ, ପ୍ରତାପ ମିଶ୍ର, ହରୀ ବଗର୍ତ୍ତୀ ତଥା ୧୮ ଖଣ୍ଡ ଗ୍ରାମର ସଭ୍ୟବୃନ୍ଦ ସହଯୋଗ କରିଥିଲେ। ୨୩ ତାରିଖରେ ଷୋହଳ ପୂଜା, ୨୪ ସନ୍ଧ୍ୟାରୁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ମୁଖ୍ୟଯାତ୍ରା ଓ ଶୁକ୍ରବାର ଯାତ୍ରା ସମ୍ପନ୍ନ ହୋଇଥିଲା। ଏହି ଦିନ ଆଦ୍ରିଜା ମଞ୍ଜରୀ ଦେବୀ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଶୁଶୀଲ କୁମାର ଚାନ୍ଦ, ଧଣ୍ଡାମାଲ ସରପଞ୍ଚ ଦୟାନିଧି ଖମାରୀ, ପିସିସି ସାଧାରଣ ସମ୍ପାଦକ ତଥା ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଡା. ଶଶୀଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଦେବତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ।

# ୪ ମାସ୍ ଧରି ବନ୍ଦ୍ ଥିବାର ଶୌଚାଳୟ ଖୁଲ୍‌ଲା

**ଗୁଡଭେଲା,୨୬।୧୦(ଡି.ଏନ୍.ଏ)**

ତୁଷୁରା ସହରରେ ଥିବାର ଗୁଟେ ବଲି ଶୌଚାଳୟ ଉଦ୍‌ଘାଟନ ହେବାର ମାସେ ଉତାରୁ ବନ୍ଦ୍ ହେଇ ପଡିଥିଲା। ଏନ୍‌ତା କି ଆଏଜ୍ ୪ ମାସ୍ ହେଲା ଶୌଚାଳୟ କେହି ଠିକା ନାଇଁ ନେବାର ବଲି ଏନଏସି କତ୍ତୁରପକ୍ଷ ବନ୍ଦ୍ କରିଦେଇଥିଲେ। ଇ ବାବ୍‌ଦେ ଶୁକୁରବାର 'ଧରିତ୍ରୀ' ସମ୍ବଲପୁର ସଂସ୍କରଣରେ 'ଉଦ୍‌ଘାଟନର ମାସେ ଉତାରୁ ଶୌଚାଳୟ ବନ୍ଦ୍' ଶୀର୍ଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଏନଏସି କତ୍ତୁରପକ୍ଷ ଶୁକୁରବାର ଦିନ ନ ଶୌଚାଳୟ ଖୁଲିଛନ୍। ଯେନ୍‌ଥିରଲାଗି ଅଂଚଲରେ ଗୁଟେ ଖୁସିର ବାତାବରନ୍ ଦେଖିବାକେ ମିଲିଛେ। ତୁଷୁରାକେ ବାହାରୁ ଆସୁଥିବାର ଲୋକ୍ ମାଏଝିମାନେ ଝାଡା ପରିସ୍ରା ଯିବାର ଲାଗି ବଡ଼ାଟେ ହିନସ୍‌ତା ହଟ୍‌ହଟା ହେଉଥିଲେ। ବଡ଼ଭାଗି ତୁଷୁରାର ସାପ୍‌ତାହିକ୍ ବଜାରକେ ଆସୁଥିବାର ଲୋକ୍‌ମାନେ ଅସ୍‌ବିଧା ଭୁଗୁଥିଲେ। ଆଏଜ୍ ବଜାରରେ ବେପାରୀମାନେ ଖୁସିରେ ଝାଡା ପରିସ୍ରା ଯିବାର ସମସିଆଟା ଦୂର ହେଲା ବଲି କଥା ହେଉଥିବାର ଶୁନ୍‌ବାକେ ମିଲିଥିଲା। ହେଲେ ଏନଏସି କତ୍ତୁରପକ୍ଷ ଶୌଚାଳୟ ଉଦ୍‌ଘାଟନ ହେବାର ମାସେ ଉତାରୁ ଠିକା ନାଇଁ ଲାଗ୍‌ବାର ବଲି ବନ୍ଦ୍ କରିଦେଇଥିଲେ। ଯେନ୍‌ଥିରଲାଗି ଲୋକ୍‌ମାନେ ରାସ୍‌ତାତରେ, କାନ୍ଥି ତରେ ଝାଡା ପରିସ୍ରା କରୁଥିଲା ବେଲେ ମହିଲା ଆର୍ ଯୁବତୀମାନେ ପରିସ୍ରା ଯିବାର ଲାଗି ବାର ପରକାର ହଟ୍‌ହଟା ହେଉଥିଲେ। ଯେନ୍‌ଟା କି ଅଂଚଲରେ ଗୁଟେ ଚର୍‌ଚାର ବିଷେ ହେଇଥିଲା।

**ଧରିତ୍ରୀ ପ୍ରଭାବ**




ତୁଷୁରାରେ ୪ ମାସ୍ ଉତାରୁ ଖୁଲିଥିବାର ଶୌଚାଳୟ।

# ଗାଁ ସାଥୀ ସଂଘର ଆନ୍ଦୋଳନ ଚେତାବନୀ

**ଲୋଇସିଂହା,୨୬।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗାଁ ସାଥୀ ସଂଘ ତରଫରୁ ମାସିକ ୬ହଜାର ପାଉଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପିଡି ମହରଣ୍ୱର ମହାନ୍ତିଙ୍କୁ ଏକଦାବି ପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଗାଁ ସାଥୀଙ୍କୁ ଅଣଦେଖା କରୁଥିବାରୁ ଆସନ୍ତା ୨୮ ତାରିଖରୁ ନଭେମ୍ବର ୬ ପର୍ଯ୍ୟନ୍ତ ବିଧାନ ସଭା ଘେରାଉ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମୟ ମଧ୍ୟରେ ସରକାର ଦାବିପତ୍ର କର୍ଣ୍ଣପାତ ନ କଲେ ନଭେମ୍ବର ୧୪ରେ ବିରାଟ ଶୋଭାଯାତ୍ରା କରାଯିବ। ନଭେମ୍ବର ୧୫ରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେବାକ ସଂଘ ଚେତାବନୀ ଦେଇଛି। ଜିଲା ସଂଘ ସଭାପତି ସଞ୍ଜୟ ଗଡତ୍ୟା, ଜିଲା ସହସମ୍ପାଦକ ତଥା ଲୋଇସିଂହା ବ୍ଲକ ଉପସଭାପତି ହିମାଞ୍ଚଳ ମେହେରଙ୍କ ନେତୃତ୍ୱରେ ଜିଲାରେ କାର୍ଯ୍ୟରତ ୬୦ରୁ ଉର୍ଦ୍ଧ୍ୱ ଗାଁ ସାଥୀ ପିଡି ମହାନ୍ତିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ପିଡିଙ୍କ ଅନୁପସ୍ଥିରେ କାର୍ଯ୍ୟାଳୟର ସହକର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସଂଘର ଅଭିଯୋଗ ହେଲା ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଚୟନ ହୋଇ ଆସିଥିବା ରାଜ୍ୟର ୧ଲକ୍ଷ ଗାଁ ସାଥୀଙ୍କୁ ରାଜ୍ୟ ସରକାର ଅନେକ ସମୟରେ ଅଣଦେଖା କରୁଛନ୍ତି। ଅନେକଥର ଦାବି ହେଉଥିଲେ ମଧ୍ୟ ସରକାର କିଛି ଶୁଣି ନାହାନ୍ତି। ଗତ ସେପ୍ଟେମ୍ବର ୨୪ ତାରିଖରେ ୩ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଗୋଟିଏ ମାସ ଅପେକ୍ଷା କରିବା କହିଥିଲେ। ଧାର୍ଯ୍ୟ ସମୟ ଅତିକ୍ରମ ହୋଇଥିବାରୁ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଛି କହି ସଂଘ ତରଫରୁ ତୀବ୍ର ପ୍ରତିକ୍ରିୟ ପ୍ରକାଶ ପାଇଛି।




ପିଡିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗାଁ ସାଥୀ ସଂଘ କର୍ମକର୍ତ୍ତା।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଲୋଇସିଂହା,୨୬।୧୦(ଡି.ଏନ.ଏ.)**

ଲୋଇସିଂହା ଥାନା ଅନ୍ତର୍ଗତ କଦଳିପାଲୀ ଗ୍ରାମର ଜଣେ ନବ ବବାହିତାଙ୍କ ଗୁରୁବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ତେବେ ମହିଳାଙ୍କ ବାପ ଘର ଲୋକେ ଝିଅକୁ ହତ୍ୟା କରିଥିବା ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଲୋଇସିଂହା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୧୮)ରୁଜୁ କରି ତଦନ୍ତ ଚଳାଇଛି। ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ମତେ, ଲୋଇସିଂହା ଥାନା ତଥା ବାଦିବାହଲ ପଞ୍ଚାୟତ ଅଧୀନ କଦଳିପାଲୀ ଗ୍ରାମର ସତ ପାତ୍ର ଗତ ମେ ମାସରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ପର୍ଥଲା ଗ୍ରାମର ଶୋଭାଗିନୀଙ୍କୁ ବିବାହ କରିଥିଲେ। ଗତ ଦଶହରା ସମୟରେ ସତ୍ୟ ଓ ଶୋଭାଗିନୀ ପର୍ଥଲାକୁ ଯାଇଥିଲେ। ୫ ଦିନ ତଳେ କଦଳିପାଲୀ ଫେରିଥିଲେ। କିନ୍ତୁ ଗୁରୁବାର ରାତିରେ ଶୋଭାଗିନୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିଲା। ଶ୍ୱଶୁର ଘର ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷିତ କରିଥିଲେ। ତେବେ ସତ୍ୟ ଶୁକ୍ରବାର ସକାଳେ ଶ୍ୱଶୁର ଘର ଲୋକଙ୍କୁ ଫୋନ କରି ଶୋଭାଗିନୀ ଗୁରୁତର ହୋଇଥିବାରୁ ଲୋଇସିଂହା ଡାକ୍ତରଖାନାରେ ରଖିଥିବା ଜଣାଇଥିଲେ। ଖବର ପାଇ ପରିବାର ଲୋକେ ଲୋଇସିଂହା ଡାକ୍ତରଖାନାରେ ପହଞ୍ଚି ଝିଅର ମୃତ୍ୟୁ ହୋଇଥିବା ଜାଣିଥିଲେ। ଶୋଭାଗିନୀଙ୍କ ବାପା ସନ୍ଦେହ କରି ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସଆଇ ଜେ.କେ ମହାନ୍ତିଙ୍କୁ ପଚାରିବାରୁ, ଝିଅ ବେକରେ କିଛି ଦାଗ ଦେଖି ବାପା ସନ୍ଦେହ କରି ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସବୁକିଛି ଜଣା ପଡିବ ବୋଲି ସେ କହିଥିଲେ।

ଛେଳିଆପାଟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ରାସାୟନିକ ସାରର ବହୁଳ ବ୍ୟବହାର ନେଇ ଉଦ୍‌ବେଗ



ଛେଳିଆପାଟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ଲୋଇସିଂହା,୨୬।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ଭରସୁଜାଠାରେ ଚାଲିଥିବା ଛେଳିଆପାଟ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସରପଞ୍ଚ ଗଣେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ନାଗରିକ କମିଟି ସଭାପତି ଅଖିଳ ତ୍ରିପାଠୀ, ରସରାଜ ଅଚ୍ୟୁତ ପୁରୋହିତ, ପ୍ରଣୟ ସାହୁ, ଓମପ୍ରକାଶ କୁମ୍ଭାର ମଞ୍ଚାସୀନ ଥିଲେ। ଚାଷଜମିରେ ବିଷ ଓ ରାସାୟନିକ ସାରର ବହୁଳ ବ୍ୟବହାର ଦ୍ୱାର ମାଟି ପଥର ପାଲଟି ଗଲାଣି। ଉତ୍ପାଦିତ ଫସଲ ଆହରଣ କରି ବିଷ ବଳୟରେ ଆମେ ଗତି କରୁଛୁ। ତେରୁ ଜୈବିକ ସାର ବ୍ୟବହାର କରି ଧରିତ୍ରୀ ମାତାର ରକ୍ଷା କରିବା ଆବଶ୍ୟକତା ସମୟ ଆସିଲାଣି ବୋଲି ମୁଖ୍ୟ ଅତିଥି ନାଗ କହିଥିଲେ। ସମ୍ମାନୀତ ଅତିଥି ସମରେନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ ଆମ ଭାଷା ଓ ସଂସ୍କୃତିର କିପରି ଅଗ୍ରଗତି ହୋଇ ପାରିବ ତାହା ଉପରେ ଯୋର ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ହାଇସ୍କୁଲର ୨୦୧୮ ମାଟ୍ରିକ ଟପ୍ପର ସୁଶ୍ରୀ ଶୁଭ୍ରାଚନ୍ଦ୍ରଲେଖା ସାହୁ, ବାଗଝୁଲା ଅନାଥାଶ୍ରମର ପ୍ରତିଷ୍ଠାତା ଗଣେଶ୍ୱର ଭୋଇ, ପ୍ରକାଶ କୁମାର ସାହୁ, ସୁଶାନ୍ତ ପଣ୍ଡା, ତୁଳସୀ ବଗର୍ତ୍ତୀ, ସ୍ପନ୍ଦନ ମିଶ୍ର, ଶ୍ରୀପଦା ମିଶ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ଛେଳିଆପାଟ ମହୋତ୍ସବର ସ୍ମରଣିକା ଶକ୍ତିରୂପାକୁ ଉନ୍ମୋଚନ କରିଥିଲେ। ସଭାକାର୍ଯ୍ୟକୁ କ୍ଷମାନିଧି ସାହୁ ସଞ୍ଚାଳନ କରିଥିବାବେଳେ କ୍ଷୀରୋଦ୍ର ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସରୋଜ ମହାକୁର ଓ ଶ୍ରୀପଦା ମିଶ୍ରଙ୍କ ସଂଯୋଜନାରେ ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେବିସିସି କପ କ୍ରିକେଟ: କେନ୍ଦୁଉଡାର ଚାମ୍ପିୟନ

**ଟିକ୍ରାପଡା, ୨୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ପଟାମରାଠାରେ କୁସାବୁଢା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମ୍ୟାଚରେ ଭୁଏରପଡାକୁ ହରାଇ କେନ୍ଦୁଉଡାର ଚାମ୍ପିୟନ ହୋଇଥିଲା। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଭୁଏରପଡା ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୦ରନ କରିଥିଲା। ଜବାବରେ କେନ୍ଦୁଉଡାର ଦଳ ୮ ଓଭରରେ ୬ ଉଇକେଟ ହରାଇ ୬୧ ରନ କରି ବିଜୟୀ ହୋଇଥିଲା। ସନ୍ତୋଷ ଘିଭେଲା, ରମାକାନ୍ତ ବାରିକ, ବିଜୟ କରନ ଖେଳ ପରିଚାଳନା କରିଥିଲେ। ଜନ୍ମେଜୟ ଭୋଇ ସ୍କୋରର ରହିଥିଲେ। ସୁରେଶଚନ୍ଦ୍ର ମହାକୁର, ବିଜୟ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ସୁଦାମ ବଗର୍ତ୍ତୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଚତୁର୍ଭୁଜ ଘିଭେଲାଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ମହେନ୍ଦ୍ର ଠାକୁର, ବାସୁଦେବ ଚୌହାନ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରୋହିତ ଭୁଏ, ଗୋଲାପ ଧରୁଆ, ଦୁଷ୍ମନ୍ତ କରନ, ବିଶ୍ୱନାଥ ପଧାନ, ଦିନେଶ ଟାଣି, ମଂସ ତମଲିଆ, ଅଶୋକ ଧରୁଆ, ପ୍ରଶାନ୍ତ ବାରିକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଚାଉଳ ବଣ୍ଟନ

**ଖପ୍ରାଖୋଲ, ୨୬।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚିହ୍ନଟ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୋଗାଣ ସହାୟକ ସୁନୀଲ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ସମିତି ସଭ୍ୟ କଲାକାହ୍ନୁ ବାରିକ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଏହି ଯୋଜନାରେ ଚିହ୍ନଟ ୬୦ ପରିବାରକୁ କାର୍ଡ ପ୍ରଦାନ ସହ ଚାଉଳ ବଣ୍ଟନ କରିଥିଲେ। ଏହି ଅବସରରେ ବାବୁଲାଲ ଭୋଇ, ସୁପାଲ ବେହେରାଙ୍କ ସମେତ ୱାର୍ଡ ସଭ୍ୟସଭ୍ୟା, ହିତାଧିକାରୀ ଉପସ୍ଥିତ ଥିଲେ। ସେହିପରି ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଲକ୍ଷ୍ମୀ କୁମ୍ଭାରଙ୍କ ଅଧ୍ୟକ୍ଷାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ତରଣି ସୁନା, ସମ୍ମାନୀତ ଅତିଥି ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସମିତି ସଭ୍ୟ ଶୋଭନମୟ ମିଶ୍ର, ଯୋଗାଣ ସହାୟିକା ନିହାରିକା ସାହୁ, ଆଶିଷ ସାହୁ, ଚକ୍ର ବରିହାଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ୧୦୦ଟି କାର୍ଡ ବଣ୍ଟନ କରିଥିଲେ।



ଖପ୍ରାଖୋଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଜଣେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଛି।

ବ୍ଲକସ୍ତରୀୟ ଶିଶୁ ଉତ୍ସବ

# ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବାର୍ତ୍ତା

**ଦେଓଗାଁ, ୨୬।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଗୋପବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ଉତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ତଥା ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଶଶୀ ଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନ ଶିକ୍ଷକ କୁମାର ଷାଣ୍ଢ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି ମାର୍କଣ୍ଡ ପଧାନ ପରିଚାଳନା କରିଥିଲେ। ସିଆରସିସି ସୁଶାନ୍ତ କୁମାର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତି ପ୍ରକାଶ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲକର ୧୬ଟି କ୍ଲଷ୍ଟରରୁ କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମରେ କୃତି ହୋଇଥିବା ୩ଶହ ଛାତ୍ରୀଛାତ୍ର ଯୋଗଦେଇ କନିଷ୍ଠ ଓ ବରିଷ୍ଠ ବିଭାଗ ୧୭ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ସିଆରସିସି ସଞ୍ଜୀବ କୁମାର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ନିରାପତ୍ତା, ସ୍ୱଚ୍ଛ ଭାରତ ଅଭିଯାନ ତଥା କନ୍ୟାଭ୍ରୁଣ ହତ୍ୟା ଉପରେ ସଚେତନତାଧର୍ମୀ ଡ୍ରାମା ଓ ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କ ମନଛୁଆଁ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଡିଓ ଶଙ୍କର ପ୍ରସାଦ ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କନିୟରଲାଲ ସାମଲ, ସମ୍ମାନୀତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଭିନ୍ନ ଚନ୍ଦ୍ର ନାଏକ, ମନୋହର ଉଟୀ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ଲୁକାୟିତ ପ୍ରତିଭାର ବିକାଶ କରିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପ୍ରୟାସ ବୋଲି କହିଥିଲେ। ଦ୍ୱିତୀକୃଷ୍ଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ଆସନ୍ତା ୩୧ତାରିଖରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ ବୋଲି ସୂଚନା ଦିଆଯାଇଥିଲା। ସମସ୍ତ ସିଆରସିସି, ୨୫ଜଣ ଗାଇଡ ଶିକ୍ଷୟିତ୍ରୀ,ଶିକ୍ଷକ ତଥା ସ୍ଥାନୀୟ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ।




ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଜରାସିଂହା କ୍ଲଷ୍ଟରର ଛାତ୍ରୀମାନେ କନ୍ୟାଭ୍ରୁଣ ହତ୍ୟା ଉପରେ ସଚେତନତା ଧର୍ମୀ ନୃତ୍ୟାଭିନୟ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୭ ଅକ୍ଟୋବର, ୨୦୧୮



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

# ମଧ୍ୟସ୍ଥି ଦୂରେଇବାକୁ ପ୍ରୟାସ

**ବଲାଙ୍ଗୀର ଅଫିସ,୨୬।୧୦**

ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଶୁକ୍ରବାର ଅଚାନକ ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ କୋଇଣ୍ଡାପାଲି ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଲୋକଙ୍କ ବ୍ୟକ୍ତିଗତ ସମସ୍ୟା ଶୁଣି କିଭଳି ଭାବେ ସେସବୁର ସମାଧାନ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ଜିଲାପାଳଙ୍କ ଲହି ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ କରିଛନ୍ତି। ଗତ ମେ ମାସ ୧୯ ତାରିଖରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ପାଇଁ ପୁନର୍ବାସ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆରପିଡିଏସି) ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନେଇ ଲୋକଙ୍କ ବ୍ୟକ୍ତିଗତ ସମସ୍ୟା ସମାଧାନ ସକାଶେ ଜିଲାପାଳ ପ୍ରତିମାସରେ ଥରେ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ଅଭିଯୋଗ ଶୁଣାଣି କରିବାକୁ ନିଷ୍ପତ୍ତି ହୋଇଥିଲା । ଏହି ନିଷ୍ପତ୍ତିକୁ ଜିଲାପାଳ ଡାକୁଆ ୫ମାସ ହେଲା କାର୍ଯ୍ୟକାରୀ କରିଆସୁଛନ୍ତି । ଶୁକ୍ରବାର ଚଳିତ ମାସର ଅଭିଯୋଗ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିଲା । ଜିଲାପାଳ ଡାକୁଆ ଲୋୟର ସୁକ୍‌ତେଲ ଅଫିସ ଯାଇ ସେଠାରେ ଲୋକଙ୍କ ଅଭିଯୋଗ ଶୁଣାଣି କରିବାକୁ ଯାଇଥିବାବେଳେ କୋଇଣ୍ଡାପାଲିର କିଛି ଲୋକ ଜିଲାପାଳଙ୍କୁ ଗାଁକୁ ଆସି ଗ୍ରାଉଣ୍ଡ ଜିରୋରୁ ସମସ୍ୟା ବୁଝିବାକୁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବରେ ରାଜି ହୋଇ ଜିଲାପାଳ କୋଇଣ୍ଡାପାଲି ଅଭିମୁଖେ ବାହାରି ଯାଇଥିଲେ । ସେଠାରେ ପହଞ୍ଚିବା ପରେ ଗାଁ ବୁଲି ଦେଖିବା ସହ ପ୍ରକଳ୍ପ କ୍ଷତିଗ୍ରସ୍ତହେବାକୁ ଥିବା ଜନସାଧାରଣଙ୍କ ବିଭିନ୍ନ ବ୍ୟକ୍ତିଗତ ସମସ୍ୟା ଉପରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ମହିଳା, ବୃଦ୍ଧାବୃଦ୍ଧ, ଯୁବତୀ ଓ ଯୁବକମାନେ ସେମାନଙ୍କ ବ୍ୟକ୍ତିଗତ ସମସ୍ୟା ଓ ଭବିଷ୍ୟତକୁ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ । ଘରଡିହ, ଗଛ, କୂଅ ଓ ଅନ୍ୟାନ୍ୟ ସମ୍ପତ୍ତିଜନିତ କ୍ଷତିପୂରଣ ପ୍ରାପ୍ୟରେ ରହିଥିବା କାଗଜପତ୍ର ସମସ୍ୟା ଉପରେ ଆଲୋଚନା ହୋଇଥିଲା । ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ଜରିଆରେ କିଭଳି ସମସ୍ୟାର ସମାଧାନ କରାଯାଇପାରିବ ଓ ଏ ଦିଗରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ହୋଇପାରିବ ସେ ଦିଗରେ ଜିଲାପାଳ ଡାକୁଆ ନିର୍ଦ୍ଦେଶ ଦେଇଥିଲେ । ଲୋକଙ୍କ ପାଖକୁ ପ୍ରଶାସନ କିଭଳି ପହଞ୍ଚି ପାରିବ ଓ ସମସ୍ୟାର ସମାଧାନ କରାଯାଇ କିଭଳି ଶୀଘ୍ର ପ୍ରକଳ୍ପ ଶେଷ ହେବ ସେଦିଗରେ ସମସ୍ତଙ୍କ ସହଯୋଗ ଉପରେ ଜିଲାପାଳ ଡାକୁଆ କହିଥିଲେ ।

ଏହାପରେ ଜିଲାପାଳ ଫେରିଥିଲେ । ସମୟ ଓ ସୁବିଧା ଦେଖି ଉଭୟ ବଲାଙ୍ଗୀର ଓ ଗ୍ରାମାଞ୍ଚଳରେ ଅଭିଯୋଗ ଶୁଣାଣି ଜାରି ରହିବ ବୋଲିଜିଲାପାଳ ପ୍ରତିଶ୍ରୁତିଦେଇଥିଲେ । ଗାଁକୁ ଆସି ଲୋକଙ୍କ ବ୍ୟକ୍ତିଗତ ଅଭିଯୋଗ ଶୁଣିଥିବାରୁ ଲୋକେ ମଧ୍ୟ ଜିଲାପାଳ ଡାକୁଆକୁ ସାଧୁବାଦ ଜଣାଇଥିଲେ । ତେବେ ଡ୍ୟାମ କାମ ଆରମ୍ଭ ହେବା ନେଇ କିଛିବି ଆଲୋଚନା ହୋଇନଥିବା ଜଣାପଡିଛି। ଏହି ଆଲୋଚନା ବେଳେ ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତ୍, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଦାୟିତ୍ୱରେ ଥିବା ବଲାଙ୍ଗୀର ତହସିଲଦାର ଓ ଅନ୍ୟ ଅଧିକାରୀମାନେ କୋଇଣ୍ଡାପାଲି ଯାଇଥିଲେ।



କୋଇଣ୍ଡାପାଲିରେ ଜିଲାପାଳ ଅରିନ୍ଦମ ଡାକୁଆ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

- କୋଇଣ୍ଡାପାଲିରେ ଲୋକଙ୍କ ସହ ଜିଲାପାଳଙ୍କ ଆଲୋଚନା
- ସିଧା ଆଲୋଚନାକୁ ଗ୍ରାମବାସୀଙ୍କ ସ୍ୱାଗତ

## ସଂକ୍ଷେପରେ

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ଲୋଇସିଂହା,୨୬।୧୦(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁଢ଼ାପଦର ଗ୍ରାମରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ, ବାଦିବାହଲ ସରପଞ୍ଚ ଉର୍ଦ୍ଧୁଲୀ ଧରୁଆ, ହୀରାପୁର ସରପଞ୍ଚ ରୀତା ବିଶି, ଯୋଗୀସର୍ଡା ସରପଞ୍ଚ ପ୍ରଶାନ୍ତ ପଧାନ, ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ, ହେଡ଼ାଲ ମେସ୍ୱା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଅବଗତ କରିଥିଲେ।

### ଫୁଟବଲ ଟୁର୍ନାମେଣ୍ଟ: ଖରିଆର ମହିନ୍ଦ୍ରା ଫାଇନାଲରେ

**ଗୁଡଭେଲା,୨୬।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସିସ୍ଥିତ ମହିପୁର ଆଶ୍ରମ ପଡିଆରେ ମହିପୁର ଫୁଟବଲ ୟୁଥ କ୍ଲବ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଖେଳ ମହିପୁର ୟୁଥ କ୍ଲବ ଓ ଖରିଆର ମହିନ୍ଦ୍ରା ମଧ୍ୟରେ ହୋଇଥିଲା। ଏଥିରେ ମହିପୁରକୁ ୧-୦ ଗୋଲରେ ହରାଇ ଖରିଆରର ମହିନ୍ଦ୍ରା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର ମୁଖ୍ୟ ଅତିଥିଭାବେ, ଜିଲା ଭାଜପା ସାଧାରଣ ସମ୍ପାଦକ ମୁକେଶ ଜୈନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁନ୍ଦରମଣୀ ଦଣ୍ଡସେନା ଓ ନିଳାମ୍ବର ବିଶି ଧାରା ବିବରଣୀ ପ୍ରଦାନ କରିଥିଲେ ।

### କୋସଲି କବିତା ଆସର



**ଲୋଇସିଂହା,୨୬।୧୦ (ଡି.ଏନ.ଏ.):** ଲୋଇସିଂହା ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶୁକ୍ରବାର କୋସଲି କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମହିଳା ସଭାନେତ୍ରୀ କୁସମିତା ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ଅସରରେ ବଲାଙ୍ଗୀର, ବରଗଡ ଓ ସୁବର୍ଣ୍ଣପୁର ଜିଲାର ପ୍ରାୟ ୨୦ଜଣ କବିୟିତ୍ରୀକବି ଯୋଗଦେଇ ସ୍ୱରଚିତ କରିବା ପାଠ କରିଥିଲେ। ଏହି ଅବସରରେ କବି ରକ୍ମିଣ ବିଶ୍ୱାଳଙ୍କ ରଚିତ ପୁସ୍ତକ ପ୍ରତି ଫଗୁନକୁ ଉନ୍ମୋଚନ କରାଯାଇଥିଲା। କବିତା ପାଠ ଉତ୍ସବକୁ ସରୋଜ ବିଶ୍ୱାଳ ସଂଯୋଜନା କରିଥିଲେ ।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କଂଗ୍ରେସ ପକ୍ଷରୁ ପ୍ରୋଜେକ୍ଟ ଶକ୍ତି ତାଲିମ ଶିବିର

**ବଲାଙ୍ଗୀର ଅଫିସ,୨୬।୧୦**

ବଲାଙ୍ଗୀର ଜିଲା କଂଗ୍ରେସ ତରଫରୁ ସ୍ଥାନୀୟ ଏକ ହୋଟେଲରେ ପ୍ରୋଜେକ୍ଟ ଶକ୍ତି କାର୍ଯ୍ୟକ୍ରମକୁ ନେଇ ଏକ ତାଲିମ ତଥା ଆଲୋଚନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ ସଭାରେ ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର, ପ୍ରୋଜେକ୍ଟ ଶକ୍ତି ଏବଂ ମେରା ବୁଥ୍ ମେରା ଗୌରବ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ବିସ୍ମୟ ମହାପାତ୍ର, ପଶ୍ଚିମ ଓଡିଶା ଦାୟିତ୍ୱରେ ଥିବା ନିପନ୍ କୁମାର ଦାଶ ଯୋଗ ଦେଇଥିଲେ। ରାଜ୍ୟ ସଂଯୋଜକ ମହାପାତ୍ର ଏବଂ ପଶ୍ଚିମ ଓଡିଶାର ସଂଯୋଜକ ଦାଶ ପ୍ରୋଜେକ୍ଟ ଶକ୍ତି ବିଷୟରେ ସୂଚନା ଦେଇଥିଲେ । ପ୍ରୋଜେକ୍ଟ ଶକ୍ତିର ମୂଳ ଉଦ୍ଦେଶ୍ୟ ତୃଣମୂଳସ୍ତରର ବ୍ଲକ ତଥା ଜୋନସ୍ତରୀୟ ନେତୃତ୍ୱ ସାଧାରଣ ଲୋକଙ୍କ ସମସ୍ୟା ସହିତ ପ୍ରତ୍ୟକ୍ଷ ଭାବରେ କିଭଳି ଜଡିତ ହୋଇ କାମ କରିବେ ସେନେଇ ଯୁବନେତା ମିଶ୍ର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ଅସୀମ ପଟ୍ଟନାୟକ, ଜିଲା ଉପସଭାପତି ମନୀଷ ମିଶ୍ର, ଟାଉନ କଂଗ୍ରେସ ସଭାପତି ସୁଦାମ ସାହୁ ମଞ୍ଚାସୀନ ଥିଲେ । ସଭାରେ ଜିଲାର ସମସ୍ତ ବ୍ଲକ ଓ ଜୋନସ୍ତରୀୟ କର୍ମକର୍ତ୍ତାମାନେ ସାମିଲ ହୋଇ ତାଲିମ ଗ୍ରହଣ କରିଥିଲେ ।

## ଜିଲା ବିଦ୍ୟୁତ୍ କମିଟି ବୈଠକ

**ବଲାଙ୍ଗୀର ଅଫିସ,୨୬।୧୦**

ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଜିଲା ବିଦ୍ୟୁତ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ବଲାଙ୍ଗୀର ଏମପି ପ୍ରତିନିଧି, ଟିଟିଲାଗଡ, ଲୋଇସିଂହା ଓ କଣ୍ଟାବାଞ୍ଜି ବିଧାୟକଙ୍କ ପ୍ରତିନିଧି, ୱେସ୍‌କୋ ଅଧିକ୍ଷଣ ଯନ୍ତ୍ରୀ ଆଶିଷ କୁମାର ପାଟଯୋଷୀ, ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟୁତ୍ ବିଭାଗ ପକ୍ଷରୁ ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବୈଠକ ପ୍ରାରମ୍ଭରୁ ବିଧାୟକ ମିଶ୍ର ବିଦ୍ୟୁତ୍ ବିଭାଗର କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । କେନ୍ଦ୍ର ସରକାର ଅନେକ ସମୟରେ ଯୋଜନାଗୁଡିକର ନାଁ ବଦଳାଇ ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି କହିଥିଲେ । ବର୍ତ୍ତମାନ କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନା ନାଁରେ ଡିଣ୍ଡିମ ପିଟୁଛନ୍ତି । ଏହି ଯୋଜନାରେ ଗାଁ ହେଉକି ସହର ସମସ୍ତ ଘରକୁ ସରକାର ବିଜୁଳି ସଂଯୋଗ କଥା କହୁଛନ୍ତି । ବିଭିନ୍ନ ସମୟରେ ଭୁଲ ତଥ୍ୟ ଦିଆଯାଇ ବାହାବା ନେଉଛନ୍ତି। କିନ୍ତୁ ଅଧିକ ବିଜୁଳି ଉତ୍ପାଦନ ଓ ଭିତ୍ତିଭୂମି ସୁଧାରିବା ଉପରେ କିଛିବି ପଦକ୍ଷେପ ନିଆଯାଉନାହିଁ । ନୂଆ ଟ୍ରାନ୍ସଫରମର ଲଗା ନ ଯାଇ ପୁରୁଣା ଟ୍ରାନ୍ସଫରମରଗୁଡିକରେ କାମ ଚଳାଉଛନ୍ତି। ଫଳରେ ଅଘୋଷିତ ବିଜୁଳି କାଟ ଓ ଟ୍ରାନ୍ସଫରମର ପୋଡି ଘଟଣା ସାମ୍ନାକୁ ଆସୁଛି। ଏବେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା ଜିଲା ପାଇଁ ଦୁର୍ଭାଗ୍ୟ ସାବ୍ୟସ୍ତ ହେଲାଣି ବୋଲି ସେ କହିଥିଲେ । ମିଶ୍ରଙ୍କ ଏହି କଥାକୁ ଉପସ୍ଥିତ ସମସ୍ତ ଜନପ୍ରତିନିଧି ସମର୍ଥନ କରିଥିଲେ । ବିଦ୍ୟୁତ୍ ବିଭାଗ ପକ୍ଷରୁ ଦିଆଯାଇଥିବା ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳର ୨୧ଟି ୱାର୍ଡର ତଥ୍ୟ ସମ୍ପୂର୍ଣ୍ଣ ଭ୍ରମାତ୍ମକ ବୋଲି ଅଧ୍ୟକ୍ଷା ସନ୍ତୋଷିନୀ କହିଥିଲେ । ଏହି ତଥ୍ୟର ସତ୍ୟାସତ୍ୟ ଜାଣିବା ପାଇଁ ଏକ କମିଟି ଗଠନ କରାଯାଇ ପ୍ରତ୍ୟେକ ୱାର୍ଡ ବୁଲି ଏହାର ତଦନ୍ତ କରାଯାଉ ବୋଲି ସେ ଦାବି କରିଥିଲେ । ବିଜୁଳି ଅଭିଯୋଗକୁ ନେଇ ଉପଭୋକ୍ତାମାନେ ବାରମ୍ବାର ଫୋନ କଲେ ମଧ୍ୟ ବିଭାଗ ପକ୍ଷରୁ କେହି ଫୋନରେ ଉତ୍ତର ଦେଉ ନଥିବାକୁ ନେଇ ବୈଠକରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଜିଲା ସଦର ମହକୁମା ହସ୍‌ପିଟାଲରେ ଏବେ ମେଡିକାଲ କଲେଜ ହସ୍‌ପିଟାଲ ଚାଲିଥିବାବେଳେ ଏଠାରେ ନିରବଚ୍ଛିନ୍ନ ବିଜୁଳି ସେବା ଯୋଗାଇବା ପାଇଁ ବିଜୁଳି ବିଭାଗ ଆବଶ୍ୟକ କାମ ଆରମ୍ଭ କରନ୍ତୁ ଅନୁଦାନ ଯୋଗାଡ ଦାୟିତ୍ୱ ନିଜେ ନେବେ ବୋଲି ବିଧାୟକ ମିଶ୍ର ବୈଠକରେ କହିଥିଲେ।

## ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୫୧ ବିଦ୍ୟାର୍ଥୀ ପୁରସ୍କୃତ

**ବୀରମହାରାଜପୁର, ୨୬।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ସମ୍ପନ୍ନ ହୋଇଯାଇଛି । ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ନିମିତ୍ତ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୬ଟି କ୍ଲଷ୍ଟର ଅନ୍ତର୍ଭୁକ୍ତ ସମସ୍ତ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ମନୋନୀତ ଛାତ୍ରୀଛାତ୍ର ପ୍ରତିଯୋଗୀତାରେ ଭାଗ ନେଇଥିଲେ। ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ସୃଜନା ଲେଖା, ସାଧାରଣ ଜ୍ଞାନ, ସଂଗୀତ, ନୃତ୍ୟ, ଚିତ୍ରକଳା ଓ ଶିଳ୍ପକଳା ଏବଂ କୁଇଜ ପ୍ରତିଯୋଗୀତାର ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୫୧ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସମାରୋହରେ ବ୍ଲକଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ପୌରୋହିତ୍ୟ କରିଥିଲେ। ଉପଜିଲାପାଳ ସୁବ୍ରତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଅକ୍ଷୟ କୁମାର ରାୟ ।

ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

## ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ଲୋଡ଼ା

**ଖପ୍ରାଖୋଲ, ୨୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ନୋଡାଲ ଉଚ୍ଚବିଦ୍ୟାଳୟ ଖେଳ ପଡିଆଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠୀ ପ୍ରସାଦ ଝାଙ୍କର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁର୍ଣ୍ଣମାସୀ ବରିହା, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ସାହୁ, ମିନିକେତନ ବରିହା, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସାରଙ୍ଗଧର ଠାକୁର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ବିଭିନ୍ନ କଳାର ପରିପ୍ରକାଶ ଲୋଡା ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରଥମେ କ୍ଲଷ୍ଟରସ୍ତରରେ ସୁରଭି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ସେଠାରୁ ଉନ୍ନିତ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନାଚ, ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା ଆଦି ପ୍ରତିଯୋଗିତା କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହୋଇଥିଲା। ସେହିପରି ବିଦ୍ୟାଳୟ ନିରାପତ୍ତା ସମ୍ପର୍କିତ ଏକକ ଅଭିନୟ, କ୍ଷୁଦ୍ର ନାଟକ, ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଆଗାମୀ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ବିଭିନ୍ନ ବର୍ଗର କୃତି ପ୍ରତିଯୋଗୀ ଭାଗ ନେବେ ବୋଲି ଜଣାଯାଇଛି। କାର୍ଯ୍ୟକ୍ରମରେ ବିଚାରକଭାବେ କାର୍ତ୍ତିକେଶ୍ୱର ବେହେରା, ହରିବୋଲ ପୋଢ, ଧରମ ସିଂ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଗୋପିନାଥ ସାହୁ, ସତ୍ୟବାନ ସାହୁ, ତୁଳାରାମ ନାଏକ, ଡମରୁ ନାଗ, ସୁଶୀଲ ପୋଢ, ମୁକୁନ୍ଦ ସାହୁ, ବନମାଳୀ ସାହୁ , ଶାନ୍ତନୁ ବାରିକ, କୁଞ୍ଜ ବିହାରୀ ସରାଫ, ଦେବରାଜ ପାଣିଗ୍ରାହୀ, ନମିତା ମଣ୍ଡଳ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ବାଗ ପରିଚାଳନା କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ସ୍ଥାପନ ଦାବି

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ବଲାଙ୍ଗୀର ଅଫିସ,୨୬।୧୦**

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ସ୍ଥାପନ ଦାବିରେ ଜିଲା ଓକିଲ ସଂଘ ସମର୍ଥନ କ୍ରମେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସିଭିଲ କୋର୍ଟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଯଶବନ୍ତ ସିଂ କମିଶନ ଓ ପାଲ କମିଶନ ପ୍ରଦତ୍ତ ମାପଦଣ୍ଡ ଅନୁସାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପାଇଁ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ଆଉ ଅଧିକ କାଳ ବିଳମ୍ବ ନ କରି ତୁରନ୍ତ ରାଜ୍ୟ ସରକାର ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଘୋଷଣା କରିବାକୁ ଦାବି କରାଯାଇଥିଲା। ପାଟଣା ଷ୍ଟେଟ୍ ସମୟରେ ଏଠାରେ ଏକ ହାଇକୋର୍ଟ କାର୍ଯ୍ୟ କରୁଥିଲା ଏବଂ ବର୍ତ୍ତମାନ ମଧ୍ୟ ଜିଲା ଜଜ୍ ହାଇକୋର୍ଟର ଏକ୍ସ-ଅଫିସିଓ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଛନ୍ତି। ବଲାଙ୍ଗୀର ସପକ୍ଷରେ ମାତ୍ରାଧିକ ଯୁକ୍ତି ଥାଇ ମଧ୍ୟ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା । ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତି ଓ ସମ୍ପାଦକ ଅମନ ନାଗଙ୍କ ଆବାହକତ୍ୱରେ ତଥା ମିଳିତ କ୍ରିୟାନୁଷ୍ଠାନ କମିଟି ସହଯୋଗରେ ଆୟୋଜିତ ଧାରଣା ସଭାରେ ଶତାଧିକ ସଭ୍ୟ, ବିଭିନ୍ନ ସାମାଜିକ, ରାଜନୈତିକ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ । ଆଗାମୀ ଦିନରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗରେ ଏହି ଅଞ୍ଚଳର ସମସ୍ତ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଏକ ଖୋଲାମଞ୍ଚ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଓକିଲ ମାନଙ୍କ ଆନ୍ଦୋଳନ ଯୋଗୁଁ ସିଭିଲ କୋର୍ଟ ଜଜ୍‌ମାନେ ଶୁକ୍ରବାର କୋର୍ଟ ଭିତରକୁ ପ୍ରବେଶ କରି ନପାରି ଫେରିଯାଇଥିଲେ । ଏହି ଧାରଣାରେ ଟଙ୍ଗିଆ ଜାମ୍ କମିଟି ସଭାପତି ଗୋପାଳ ହୋତା, ବଲାଙ୍ଗୀର ଆକ୍ସନ କମିଟିର ଗୋପାଳ ଆଚାର୍ଯ୍ୟ, ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର, ରୂପକ ବରାଳ, ଆଡଭୋକେଟ୍ ଜୟରାମ ମିଶ୍ର, କୃଷ୍ଣଚନ୍ଦ୍ର ରଣା, ବୀରେନ୍ଦ୍ର ମିଶ୍ର, ସ୍ୱର୍ଣ୍ଣଭୂଷଣ ସାହୁ, ଶଶୀଭୂଷଣ ପୁରୋହିତ, ବିଜୟ ମିଶ୍ର, ସତ୍ୟନାରାୟଣ ନାୟକ, ଶୁଭ୍ରାଂଶୁ ପଣ୍ଡା, ସୁଦର୍ଶନ ମିଶ୍ର, ଅଶୋକ ରାଉତ, ସଂଘ ଯୁଗ୍ମସମ୍ପାଦକ ଜଗଦୀଶ ପ୍ରଧାନ, ଅଡିଟର ନରେନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ମାନଭଞ୍ଜନ ବେରିହା ଉଦ୍‌ବୋଧନ ଦେଇ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗରେ ସରକାରଙ୍କ ଟାଳଟୁଳ ନୀତିର ନିନ୍ଦା କରିଥିଲେ । ମିଳିତ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଯୋଗୁଁ ବଲାଙ୍ଗୀର ସମେତ, ତୁଷୁରା, ଲୋଇସିଂହା, ସଇଁତଲା, ପାଟଣାଗଡ, କଣ୍ଟାବାଞ୍ଜି ଅଞ୍ଚଳର ସମସ୍ତ କୋର୍ଟ କଚେରୀ ବନ୍ଦ ରହିଥଲା । ଦୀର୍ଘ ଦେଢ଼ ମାସ ହେଲା ଏହି ସମାନ ଦାବିକୁ ନେଇ ବଲାଙ୍ଗୀର ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିବାରୁ କୋର୍ଟ କଚେରୀ କାମରେ ଅଚଳାବସ୍ଥା ସୃଷ୍ଟି ହୋଇଛି।




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଧାରଣା ।

## ଋଣ ପ୍ରକଳ୍ପ ବୁଲିଲେ, ସମୀକ୍ଷା କଲେ

**ରାଜ୍ୟ ସମବାୟ ନିବନ୍ଧକଙ୍କ ଦୁଇଦିନିଆ ବଲାଙ୍ଗୀର ଗସ୍ତ**

**ବଲାଙ୍ଗୀର ଅଫିସ, ୨୬।୧୦**

ନିବନ୍ଧକ ସମବାୟ ସମିତି ସମୂହ ଡ. ତ୍ରିବିକ୍ରମ ପଧାନ ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତରେ ଆସି ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଦର୍ଶନ କରିବା ସହ ବ୍ୟାଙ୍କର ସମୀକ୍ଷା କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ଋଣ ନେଣଦେଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ସମବାୟ ବିଭାଗର ସମୀକ୍ଷା କରି ବ୍ୟାଙ୍କର ଋଣ ପ୍ରକଳ୍ପଗୁଡିକ ବୁଲି ଦେଖିଥିଲେ । ପ୍ରଥମେ ବଲାଙ୍ଗୀର ନିକଟସ୍ଥ ବରକାନୀ ଗାଁର ପରିବାର ଡାଏରୀ ଫାର୍ମ ବୁଲି ଦେଖିଥିଲେ । ପରେ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ବ୍ୟାଙ୍କ ସଭାପତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବ୍ୟାଙ୍କର ବିଭିନ୍ନ ଋଣ ନେଣଦେଣ, ଋଣ ଆଦାୟ, ଡିପୋଜିଟ, ବ୍ୟାଙ୍କ ଆୟବ୍ୟୟ, ଲାଭକ୍ଷତି ଉପରେ ସମୀକ୍ଷା କରିଥିଲେ । ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି, ଉପସଭାପତି, ନିର୍ଦ୍ଦେଶକ, ନିର୍ଦ୍ଦେଶିକାଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ବେଳେ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଦାସ, ଏଜିଏମ୍ ଭିକାରୀ ପୃଷ୍ଟି, ଶେଷକୃଷ୍ଣ ବାରିକ, ପରିଚାଳକ ରବୀନ୍ଦ୍ର କୁମାର ସାହୁ, ଜୟନ୍ତ କୁମାର ମହାନ୍ତି, ଶଶୀଭୂଷଣ ଶତପଥି, ବାଙ୍କାନିଧି ରାୟଗୁରୁ, ଜ୍ୟୋତ୍ସ୍ନାମୟୀ ପଧାନ, ବ୍ୟାଙ୍କ ରିପୋର୍ଟ ଉପସ୍ଥାପନ କରିଥିଲେ । ସମୀକ୍ଷା ପରେ ତୁଡୁକା ଶାଖା ପକ୍ଷରୁ ବଣ୍ଡାବାହାଲ ଗାଁରେ ପନିପରିବା ଚାଷ ପାଇଁ ଦିଆଯାଇଥିବା ଋଣୀ ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କର ଚାଷ ବୁଲି ଦେଖିଥିଲେ । ଅପରାହ୍ନରେ ଡୁଙ୍ଗୁରିପାଲି ଶାଖା ଓ ପ୍ୟାକ୍ସର ସମୀକ୍ଷା ଓ ଚାଷୀ ପଞ୍ଜୀକରଣ ବିଷୟରେ ବୁଝିଥିଲେ । ଖର୍ଲିକାନୀ ଗାଁରେ ସମବାୟ ବ୍ୟାଙ୍କମହିଳା ଶାଖାରୁ ଋଣନେଇ ମହିଳା ସ୍ୱୟଂ ସହାୟିକା ଦଳ କରିଥିବା ମାଛଚାଷ ବୁଲି ଦେଖିଥିଲେ । ସେଠାରୁ ଭୀମଡୁଙ୍ଗୁରୀ ଠାରେ ଭୀମପାହାଡ ପର୍ଯ୍ୟଟନ କ୍ଷେତ୍ରସ୍ଥଳକୁ ବୁଲିଯାଇଥିଲେ । ସମବାୟ ବିଭାଗର ବଲାଙ୍ଗୀର ସହନିବନ୍ଧକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମବାୟ ବିଭାଗ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଏହି ବୈଠକରେ ଭାରପ୍ରାପ୍ତ ଡିଆରସିଏସ ବଙ୍କିମଚନ୍ଦ୍ର ମୁଣ୍ଡ, ବଲାଙ୍ଗୀର ଏଆରସିଏସ ଗଜେନ୍ଦ୍ର କୁମାର ପଣ୍ଡା, ପାଟଣାଗଡ ଏଆରସିଏସ, ସୋନପୁର ଏଆରସିଏସ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମେହେର, ସିଇଓ ଦାସ ଏବଂ ବ୍ୟାଙ୍କର ସବୁ ଶାଖା ପରିଚାଳକମାନେ ଯୋଗ ଦେଇଥିଲେ । ଚଳିତବର୍ଷ ରବିଚାଷ ପାଇଁ ଋଣ ପ୍ରଦାନ ଓ ଖରିଫ ଧାନକିଣା କିପରି ସୁରୁଖୁରୁରେ ହେବ ସେନେଇ ଆଲୋଚନା କରିଥିଲେ। ଅପରାହ୍ନରେ ଟିଟିଲାଗଡ ବ୍ୟାଙ୍କ ଶାଖାରୁ ଋଣନେଇ କଦଳୀ ଚାଷ କରିଥିବା ମୁରିବାହାଲ ବ୍ଲକର ବ୍ରାହ୍ମଣୀ ଗାଁର ଚାଷୀଙ୍କ ସହ ଆଲୋଚନା କରିବା ସହ ଚାଷବୁଲି ଦେଖିଥିଲେ । ସେଠାରୁ ସତୀଘାଟ, ଗୁଡିଘାଟ, ମୁରିବାହାଲ ଓ ପତ୍ରାପାଲି ପ୍ୟାକ୍ସକୁ ପରିଦର୍ଶନ କରିଥିଲେ। ସେଠାରେ ଭିତ୍ତିଭୂମି ଦୟନୀୟ ସ୍ଥିତିରେ ଥିବା ଦେଖି ଆଗାମୀ ଦିନରେ ଭିତ୍ତିଭୂମି କିଭଳି ସୁଧୁରିବ ସେ ନେଇ ଉପନିବନ୍ଧକଙ୍କୁ ପରାମର୍ଶ ଦେଇଥିଲେ । ସନ୍ଧ୍ୟାରେ ଟିଟିଲାଗଡ ଠାରେ କେନ୍ଦ୍ର ସମବାୟ ବ୍ୟାଙ୍କର ଏଟିଏମକୁ ଉଦଘାଟନ କରିଥିଲେ ।



ସମବାୟ ନିବନ୍ଧକ ଡ. ତ୍ରିବିକ୍ରମ ପଧାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୭ ଅକ୍ଟୋବର, ୨୦୧୮

**ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ**

କଳାହାଣ୍ଡି ଜିଲା କେସିଙ୍ଗାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।



## ସଂକ୍ଷେପରେ



### ଅମୃତଧାରାର ଉଦ୍‌ଘାଟନ

ପଲମ, ୨୬।୧୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ବଣିକ ସଂଘ ଦ୍ୱାରା ଅମୃତଧାରା ଉଦ୍‌ଘାଟିତ ହୋଇଯାଇଛି । ଏହାକୁ କଳାହାଣ୍ଡି ଜିଲା ଆରକ୍ଷୀ ଅଧୀକ୍ଷକ ଡି ଗଙ୍ଗାଧର ଉଦ୍‌ଘାଟନ କରିଛନ୍ତି । ବଣିକ ସଂଘର ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯକ୍ରମରେ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ସୁବାଷଚନ୍ଦ୍ର ଚାନ୍ଦ, ସାଧାରଣ ସମ୍ପାଦକ ବଦ୍ରିପ୍ରସାଦ ମିଶ୍ର, ସ୍ଥାନୀୟ ନର୍ଲା ସରପଞ୍ଚ ଚିରିବି ଗଉଡିଆ, ନର୍ଲା ଥାନାଧିକାରୀ ରମଣିରଞ୍ଜନ ଦଳେଇଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ନର୍ଲା ବଣିକ ସଂଘ ସଭାପତି ରାଜେଶ ଅଗ୍ରୱାଲ ଓ ସମ୍ପାଦକ ନିକୁ ଦତ୍ତାଙ୍କ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂଘ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟମାନେ ସହଯୋଗ କରିଥିଲେ।

### ଅଲିଭା ମହାସଂଘର ପ୍ରତିନିଧି, ଗଣମାଧମ ପ୍ରତିନିଧିଙ୍କ ସହ ବୈଠକ

ଭବାନୀପାଟଣା/କର୍ଲାମୁଣ୍ଡା,୨୬।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଦାପ୍ତା ସଂସ୍ଥା ସଭାଗୃହଠାରେ ଦି ହଙ୍ଗର ପ୍ରୋଜେକ୍ଟ ନୂଆଦିଲ୍ଲୀ ସହାୟତାରେ ଦାପ୍ତାସଂସ୍ଥା ଓ ଲୋକ ଅଧିକାର ସାମୁଖ୍ୟ କଳାହାଣ୍ଡି ପକ୍ଷରୁ ଅଲିଭା ଗ୍ରାମପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘ ଓ ଗଣମାଧମ ପ୍ରତିନିଧିଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା, ଜୁନାଗଡ, କର୍ଲାମୁଣ୍ଡା, ଲାଞ୍ଜିଗଡ, ଥୁଆମୂଳରାମପୁର, କୋକସରା ବ୍ଲକର ମହିଳା ପଞ୍ଚାୟତ ପ୍ରତିନିଧି ଓ ଗଣମାଧମ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ଦାପ୍ତା ସଂସ୍ଥା ସମ୍ପାଦକ ରାଜୁ ଶର୍ମା କର୍ମଶାଳାରେ ସଭାପତିତ୍ୱ କରି ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କର୍ଲାମୁଣ୍ଡା ଅଲିଭା ମାସଂଘ ସଭାନେତ୍ରୀ ଗୌରୀ ଦୀପ, ଲାଞ୍ଜିଗଡ ସମ୍ପାଦିକା ପ୍ରେମ ଗୌଡ, ଥୁଆମୂଳ ରାମପୁର ସଭାନେତ୍ରୀ ବବିତା ନାଏକ, କୋକସରା ସଭାନେତ୍ରୀ ଲତା ଶବର, ଭବାନୀପାଟଣା ସଭାନେତ୍ରୀ ସୁଜତା ଜାନୀ, ଜୁନାଗଡ ସଭାନେତ୍ରୀ କସ୍ତୁରୀ ନାଏକ ପ୍ରମୁଖ ସଂଘ ପକ୍ଷରୁ ମିଳିଥିବା ସଫଳତା ଓ ସାମ୍ନା କରୁଥିବା ସମସ୍ୟା ଉପରେ କହିଥିଲେ। କର୍ମଶାଳାରେ ଗଣମାଧମ ପ୍ରତିନିଧି ଦେବେନ୍ଦ୍ର ବିଶି, ଲଳିତ କାନୁନଗୋ, ପ୍ରଦୀପ କୁମାର ସାହୁ, ସଞ୍ଜୀବ ଦାସ, କୁମରମଣୀ ଦୁର୍ଗା, ବସନ୍ତ ସରାଫ, ମନୋଜ ନାଏକ, ଶରତ ରାଉତ, ସନତ ପ୍ରଧାନୀ, କୁଞ୍ଜ ସାହୁ, ଗୋପବନ୍ଧୁ ସାହୁ ପ୍ରମୁଖ ନିଜ ମତାମତ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ଦଶରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ସଂଯୋଜକ ସହଦେବ ନିଆଲ, ସୁବାସ ପଧାନ, କାଞ୍ଚନ ବାଗ, ଇନ୍ଦୁମତି ପଟେଲ, ରାଧେଶ୍ୟାମ ମାଝି, ପଦମସିଂ ମାଝି, ନକୁଳ ଧଙ୍ଗଡାମାଝି ସହଯୋଗ କରିଥିଲେ।

କୋକସରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି

# ତହସିଲ ଅଫିସ ଘେରାଉ, ବିକ୍ଷୋଭ

କୋକସରା,୨୬।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଭୟାବହ ମରୁଡି ଦେଖାଦେଇଛି । ଏଥିଯୋଗୁ ଚାଷୀମାନେ ଭାଙ୍ଗି ପଡିଥିବା ବେଳେ ଗୁରୁବାର ଚାଷ ନଷ୍ଟ ଓ ରଣଭାର ଚିନ୍ତାରେ ଏହି ବ୍ଲକ ଗମ୍ଭାରୀଗୁଡାର ଜଣେ ଯୁବଚାଷୀ ପରମାନନ୍ଦ ଲହଜଲ ବିଶ ପିଇ ଆତ୍ମହତ୍ୟା କରି କରିଥିବା ବେଳେ ଶୁକ୍ରବାର ପୁଣି ଲଡୁଗାଁ ପଞ୍ଚାୟତ ସୁନାମାଳ ଗ୍ରାମର ଗଣେଶ ସାହୁ ମଧ ଚାଷ କ୍ଷତି ଯୋଗୁ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଖବର ଅଞ୍ଚଳ ଚାଷୀଙ୍କୁ ବ୍ୟତିଥ କରିଥିବା ବେଳେ ବ୍ଲକର ୨୨ଟି ପଞ୍ଚାୟତ ଏବେ ସମ୍ଭାବ୍ୟ ମରୁଡି ପରିସ୍ଥିତିର ସମ୍ମୁଖିନ ହେବାକୁ ଯାଉଛି । ବ୍ଲକରେ ମାତ୍ର ୧୦ ପ୍ରତିଶତ ଚାଷ



ଉଜୁଡ଼ି ଯାଇଥିବା ଧାନଗଛକୁ ଧରି ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**କୃଷକ ସଚେତନ ମଞ୍ଚ**

ଜମି ଜଳସେଚନ ହେଉଥିବା ବେଳେ ୯୦ ପ୍ରତିଶତ ଚାଷ ବର୍ଷା ଉପରେ ନିର୍ଭରଶିଳ । ଚଳିତବର୍ଷ ବର୍ଷା ଅନିୟମିତତା ଯୋଗୁ ସେପ୍ଟେମ୍ବର ପରେ ଆଉ ବର୍ଷା ହୋଇ ନ ଥିବାରୁ ଧାନ କେଣ୍ଡାରେ କ୍ଷୀର ଭରିବା ବେଳେ ବର୍ଷା ଧୋକା ଦେବାରୁ ଧାନକେଣ୍ଡା ସବୁ ଅଗାଡି ହୋଇଗଲାଣି। ଫଳରେ ଚାଷୀ ଅମଳ ଆଶା ଛାଡି ଦୁଃଚିନ୍ତାରେ ଦିନ କାଟୁଛନ୍ତି । ଚାଷୀଙ୍କ ସମସ୍ୟାକୁ ନେଇ କୋକସରା ବ୍ଲକ କୃଷକ ସଚେତନ ପକ୍ଷରୁ ଶୁକ୍ରବାର କୋକସରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହ କୃଷି ରଣ ଛାଡ ଦାବିରେ ତହସିଲଦାର ଅଫିସ ସମ୍ମୁଖରେ ଘେରାଉ ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ କୃଷକ ସଚେତନ ମଞ୍ଚ ସଭାପତି ଚାଷୀ ନେତା ଶିବ ପ୍ରସାଦ ପ୍ରଧାନିଙ୍କ ନେତୃତ୍ୱରେ ବ୍ଲକର ୨୨ଟି ପଞ୍ଚାୟତରୁ ୩ ହାଜରରୁ ଉର୍ଦ୍ଧ୍ୱ ଚାଷୀମାନେ ଏଠାରେ ଏକତ୍ର ହୋଇଥିଲେ । ହାତରେ ଉଜୁଡି ଯାଇଥିବା ଧାନଗଛକୁ ଧରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରରେ ବାହାରି ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହ କୃଷି ରଣ ଛାଡ ଦାବିରେ ତହସିଲଦାର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏକ ସଭା କରି ୧୭ ଦଫା ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶରେ ସ୍ଥାନୀୟ ତହସିଲଦାର ମୌସୁମି ନାୟକଙ୍କୁ ଦେଇଥିଲେ । ଦାବିଗୁଡିକ ମଧ୍ୟରେ ୨୨ଟି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ୧ ଲକ୍ଷ ପର୍ଯ୍ୟନ୍ତ କୃଷି ରଣ ଛାଡ, ପରିସଂଖ୍ୟାନ ବିଭାଗ ଦ୍ୱାରା ଆକଳନ କରାଯାଉଥିବା କ୍ରପକଟିଂ ତଥ୍ୟକୁ ଭିତ୍ତି କରି କୃଷି ବୀମା ପ୍ରଦାନ, ବହୁମୁଖି ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପ ଶୀଘ୍ର ସମାପ୍ତ କରିବା ସହ ନଦୀଗୁଡ଼ିକରେ ଲିପ୍ଟ ପଏଣ୍ଟରେ ଜଳ ଯୋଗାଣ, ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ ବୃଦ୍ଧି ଭଳି ପ୍ରମୁଖ ଦାବି ରହିଛି । କୃଷକ ସଚେତନ ମଞ୍ଚ ଦାବିକୁ ସମର୍ଥନ ଜଣାଇ ସବୁ ବର୍ଗର ଲୋକ ଓ ରାଜନୈତିକ ଦଳ ମଧ ସମର୍ଥନ କରିଛନ୍ତି। ଚାଷୀ ଆନ୍ଦୋଳନରେ ଚାଷୀନେତା ଶିବ ପ୍ରସାଦ ପ୍ରଧାନିଙ୍କ ସମେତ ମିନିକେତନ ପ୍ରଧାନି, ମନୋଜ ନାଏକ, କଂଗ୍ରେସ ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ଏମ୍‌ପି ପ୍ରତିନିଧି ପ୍ରମୋଦ ପ୍ରଧାନି, ଜଗବନ୍ଧୁ ମାଝି, ଘନଶ୍ୟାମ ନାଏକ, ନାରାୟଣ ପଟ୍ଟନାୟକ, ଅଜୟ କୁମାର ସାହୁ, ମନିଜର ପୋଡ, ମଙ୍ଗଳୁ ଚରଣ ଭାଟି, ପ୍ରକାଶ ଚୌଧୁରି, ସହଦେବ ପଟ୍ଟନାୟକ, କମଳାପଣ୍ଡା, ଧନୟ ସାହୁ, ପଙ୍କଜ ପଟ୍ଟନାୟକ, ବିଶେଶ୍ୱର ଦାସ, ପ୍ରଫୁଲ୍ଲ ମାଝି, ସତ୍ୟ ପ୍ରକାଶ ଚୌଧୁରି, ଘାସିରାମ ପଟ୍ଟଯୋଶୀ, ନିମାଇ ଧଙ୍ଗଡା ମାଝି, ଜୟଲାଲ ନାଏକ, ନିଳାଞ୍ଚଳ ରାଉତ, ଅଶୋକ ଅଗ୍ରୱାଲଙ୍କ ସମେତ ସରପଞ୍ଚ, ସମିତିସଭ୍ୟମାନେ ଯୋଗଦେଇଥିଲେ। ଦାବି ଉପରେ ସରକାର କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚାଷୀ ସଙ୍ଗଠନର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।

କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣା

# ଜଣେ ଅଭିଯୁକ୍ତ କୋର୍ଟଚାଲାଣ

ଭବାନୀପାଟଣା,୨୬।୧୦ (ଡି.ଏନ.ଏ.)

ଗତ ୮ ତାରିଖରେ ସହରର ଦେୱାନସାହେବ ପଡା ଛକଠାରୁ ଧୋବାପଡା ଛକ ପର୍ଯ୍ୟନ୍ତ କିଛି ଅଣଛାତ୍ର ଗୋଷ୍ଠୀବଦ୍ଧ ଭାବରେ ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୂର୍ବତନ ସଭାପତି ଆଶିଷ ରଞ୍ଜନ ମହାପାତ୍ର ସମେତ ୭ ଜଣ ଛାତ୍ରଙ୍କ ଉପରେ ଆକ୍ରମଣ କରିବା ଘଟଣାରେ ଗୁରୁବାର ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଖଲିଦ ଅଖ୍‌ତର। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଟାଉନ ଆଇଆଇସି ସତ୍ୟ କୁମାର ନନ୍ଦ ସୂଚନା ଦେଇଛନ୍ତି। ଅଖ୍‌ତର ରାୟପୁରରୁ ଖରିଆର ଫେରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନା ପୋଲିସ ଅଧବାଟରେ ତାଙ୍କୁ ଗିରଫ କରିଛି ।

# ଚାଷୀଙ୍କୁ ଘାରିଛି ଚକଡ଼ା ଚିନ୍ତା

ରିଷିଡା,୨୬।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳର ଚାଷୀଙ୍କୁ ଏବେ ଚକଡା ପୋକ ଚିନ୍ତା ଘାରିଛି । ଚକଡା ପୋକ ଲାଗି ରିଷିଡା ସଲଣ୍ଡିଆମୁଣ୍ଡା, କନ୍ଧପଡାର ଚାଷୀମାନେ ବେଶି କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ଚକଡା ପୋକ ଦାଉରୁ ଚାଷକୁ ରକ୍ଷା କରିପାରୁ ନାହାନ୍ତି । ପ୍ରାୟ ୭୦ ଏକରରୁ ଅଧିକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଔଷଧ ଛିଞ୍ଚନ କଲେ ମଧ କିଛି କାମରେ ଆସୁନାହିଁ । ଅନ୍ୟପକ୍ଷରେ ବ୍ଲକ କୃଷି କର୍ମଚାରୀମାନେ ପରାମର୍ଶ ଦେବାରେ ବିଫଳ ହୋଇଛନ୍ତି । ଏ ସମ୍ପର୍କରେ ଭିଏଲଡବ୍ଲୁ ନବୀନ ମାଝିଙ୍କୁ ଯୋଗାଯୋଗ କରିବାରୁ କ୍ଷେତ୍ର ପରିଦର୍ଶନ କରିବି ବୋଲି ପ୍ରକାଶ କରିଛନ୍ତି । ଏହି ବ୍ଲକରେ ରିଷିଡା ଅତିରିକ୍ତ କୃଷି ଅଧିକାରୀ ରିଷିଡାରେ ନ ରହୁଥିବା ଯୋଗୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।



ଚକଡା ପୋକ ଲାଗିଥିବା ଧାନଗଛକୁ ଚାଷୀମାନେ ଦେଖାଉଛନ୍ତି ।





ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଅତିଥି ଗଣ ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

କେସିଙ୍ଗା,୨୬।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମାଧବ ପଣ୍ଡାଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ କେସିଙ୍ଗା ବିଡିଓ ଭୀମସେନ ଶବର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିମାଞ୍ଚଳ ବୁଦ୍ଧିଆ, ବଂଶିଧର ବାଗ, ରାଘବ ମାଝି ପ୍ରମୁଖ ଯୋଗଦେଇଥିଲେ। କେସିଙ୍ଗା ବ୍ଲକର ୧୭ଟି କ୍ଲଷ୍ଟର ୪୫୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସକାଳେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ, ଛୋଟି, ନାଚ, ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୬୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମରେ କୁଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଆରସି ସୁରେନ୍ଦ୍ର କୁମାର ଦୋରା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷ ମଞ୍ଚ ପରିଚାଳନା କରିଥିଲେ ବିକ୍ରମ ସାହୁ । ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଡିଓ ଭୀମସେନ ଶବର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନର ଅଭିବୃଦ୍ଧି ବିଷୟରେ ଆଲୋକପାତ କରିଥିଲେ ।

ସିପିଆଇ (ଏମ୍.ଏଲ୍) କଳାହାଣ୍ଡି ଜାଗ୍ରତ ସମିତି

# ୧୦ ଦଫା ଦାବି ନେଇ ଗଣ ଆନ୍ଦୋଳନ

ସେରଗଡ଼,୨୬।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲାଠାରେ ସିପିଆଇ (ଏମ୍.ଏଲ୍.) ଜାଗ୍ରତ ସମିତି ଓ ନାରୀ ଜାଗରଣ ମଞ୍ଚ ପକ୍ଷରୁ ୧୦ ଦଫା ଦାବି ନେଇ ଶୁକ୍ରବାର ସ୍ଥାନୀୟ ତହସିଲ ଓ ବ୍ଲକ ସମ୍ମୁଖରେ ଗଣ ଆନ୍ଦୋଳନ କରାଯାଇଛି । ପ୍ରଥମେ ସିପିଆଇ (ଏମ୍.ଏଲ୍) ଜାଗ୍ରତ ସମିତି ସମ୍ପାଦକ କେଶବ ପଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ପରେ ଜଙ୍ଗଲ ଜମିରେ ବାସ କରୁଥିବା ଆଦିବାସୀ ଓ ବନବାସୀମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ସେମାନେ ରହୁଥିବା ଗ୍ରାମଗୁଡିକରେ ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ ସଂଯୋଗ ଭଳି ମୌଳିକ ଅଧିକାର ଯୋଗାଇବା, ଚାଷୀମାନଙ୍କୁ ଠିକ୍ ସମୟରେ ସାର ବିହନ ପ୍ରଦାନ କରିବା ସହ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଯଦି ଏହି ଦାବିଗୁଡିକ ସରକାର ନ ଶୁଣନ୍ତି ତାହେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନରେ ସିପିଆଇ (ଏମ୍.ଏଲ୍.) ସହସମ୍ପାଦକ ଦୟା ସାଗର ନାଏକ, ବରିଷ୍ଠ ନେତା ଯୁଧିଷ୍ଠିର ସା, ନର୍ଲା ବ୍ଲକ ସମ୍ପାଦକ ପଦ୍ମନ ଦେରା, ବିଶ୍ୱନାଥପୁର ବ୍ଲକ ସମ୍ପାଦକ ଧନୁର୍ଜୟ ଗଉଡ, ମ.ରାମପୁର ବ୍ଲକ ସମ୍ପାଦକ ଲଛମନ ଧରୁଆ ଏବଂ କଳାହାଣ୍ଡି ଚେତନା ନାରୀ ଜାଗରଣ ମଞ୍ଚର ଅଧ୍ୟକ୍ଷା ସୁକାନ୍ତି ପଧାନ, ନର୍ଲା ବ୍ଲକ ଅଧ୍ୟକ୍ଷା ମଦନା ପାତ୍ର, ମ.ରାମପୁର ବ୍ଲକ ଅଧ୍ୟକ୍ଷା ରଶ୍ମୀ ନାୟକ, ବଶ୍ୱନାଥପୁର ବ୍ଲକ ଅଧ୍ୟକ୍ଷା ଅମ୍ବିଲ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।



ସିପିଆଇ(ଏମ୍.ଏଲ୍) ଜାଗ୍ରତ ସମିତି ପକ୍ଷରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

କେସିଙ୍ଗା ଅଞ୍ଚଳରେ ଲକ୍ଷ୍ମୀପୂଜା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକଙ୍କ ଭିଡ଼

କେସିଙ୍ଗା,୨୬।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଗତ ବୁଧବାରଠାରୁ ଆସନ୍ତା ବୁଧବାର ୮ଦିନ ବ୍ୟାପି ପାଳିତ ହେବ । ଏଥିପାଇଁ କେସିଙ୍ଗା ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣଠାରେ ଗତ ବୁଧବାର କଳସ ଯାତ୍ରା ସହର ପରିକ୍ରମା କରିଥିଲା । ଗତ ଗୁରୁବାର ପୂଜା ଆରମ୍ଭ ହୋଇଛି । ପ୍ରତ୍ୟେକ ସନ୍ଧ୍ୟାରେ ଦର୍ଶକଙ୍କ ଭିଡ ଜମୁଛି । ମା'

**ବୁଧବାର ଭସାଣି ଉତ୍ସବ**

ଗଜଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ କେସିଙ୍ଗା ବ୍ଲକର ବିଭିନ୍ନ ଗ୍ରାମରେ ଆୟୋଜିତ ପୂଜା ମଣ୍ଡପରେ ସମ୍ବଲପୁରୀ, ନାଚ, ଗୀତ, ଆର୍କେଷ୍ଟ୍ରା ସହିତ ଝୋଟି, କୁଇଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ମଧ ମହିଳାଙ୍କ ପାଇଁ ରଖାଯାଇଛି । ଏହି ପୂଜା ଉପଲକ୍ଷେ ଗ୍ରାମ ଗୁଡିକରେ ଚଳଚଞ୍ଚଳ ହୋଇ ଉଠୁଛି । ପୂଜା ମଣ୍ଡପଗୁଡିକ ବହୁ ରଙ୍ଗ ବେରଙ୍ଗରେ ଆଲୋକମାଳା ଖଞ୍ଜାଯାଇଛି । କେସିଙ୍ଗା ସହରର ଜଗନ୍ନାଥ ମନ୍ଦିର ପରିସର ମଧ୍ୟରେ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ବିରାଟ ତୋରଣ ନିର୍ମାଣ କରାଯାଇଥିବାରୁ ଭକ୍ତଙ୍କୁ ଆକୃଷ୍ଟ କରୁଛି ।

ପୂଜା ଉପଲକ୍ଷେ ମୀନାବଜାର ପଡ଼ିଥିବାରୁ ସନ୍ଧ୍ୟାରେ ମହିଳା ଓ ଯୁବତୀଙ୍କ ପ୍ରବଳ ଭିଡ ଜମୁଛି । କେସିଙ୍ଗା ବ୍ଲକର ମଶାଣିବନ୍ଧ, ଲଇତରା, ଡେଣ୍ଡୋଗୁଡା, କାଣ୍ଡେଲ, ଠେମରା, ଉତ୍କେଳା, ଚହଗାଁ ପ୍ରଭୃତି ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ଅନାମ ନାଏକ ବିଭିନ୍ନ ଗ୍ରାମରେ ପାଳିତ ହେଉଥିବା ଗଜଲକ୍ଷ୍ମୀ ପୂଜାରେ ପରିଦର୍ଶନ କରିଥିଲେ। କେସିଙ୍ଗା ସହର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ପୂଜାରେ କର୍ତ୍ତା ଭାବରେ ନଳିନୀ ପଟ୍ଟନାୟକ ଓ ଶ୍ରଦ୍ଧାଞ୍ଜଳି ଦାସ ପୂଜା ଦାୟୀତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ କୁବେର ପଣ୍ଡା ପୂଜା ସଞ୍ଚାଳନ କରିଥିଲେ । ଏହି ପୂଜାରେ ସଭାପତି ଭାବେ ଅଭୟ ଦାଶ, ସମ୍ପାଦକ ଭାବରେ ପ୍ରଦୀପ୍ତ କୁମାର ରାୟ ସମସ୍ତ ପୂଜାର ଆୟୋଜନ କରୁଛନ୍ତି ।





କେସିଙ୍ଗା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନିର୍ମିତ ତୋରଣ ଓ ପୂଜାପାଉଥିବା ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

# ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୨୬।୧୦(ଡି.ଏନ.ଏ.)

ଆଗାମୀ ୨୦୧୯ ସାଧାରଣ ନିର୍ବାଚନକୁ ଆଖିରେ ରଖି ଭାଜପା ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ସଭାପତି ପ୍ରଦୀପ୍ତ କୁମାର ନାଏକଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରିଣୀ ବୈଠକରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, କଳାହାଣ୍ଡି ପ୍ରଭାରୀ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ସଭାପତି ଧନଞ୍ଜୟ ପାତ୍ର, ଭବେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମହାନ୍ତି, ଶେଷଦେବ ବେହେରା, ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆର୍ତ୍ତତ୍ରାଣ ମହପାତ୍ର, ସଦର ବ୍ଲକ ଅଧକ୍ଷା ସନ୍ତୋଷିନୀ ଦାସ ପ୍ରମୁଖ ଉପସ୍ଥିତ ଥାଇ ଆଗାମୀ ନିର୍ବାଚନରେ କଳାହାଣ୍ଡି ଭାଜପାର ରଣନିତୀ ପ୍ରସ୍ତୁତ କରିଥିଲେ। ବୈଠକରେ ଦୁର୍ନୀତିଗ୍ରସ୍ତ ରାଜ୍ୟ ସରକାରଙ୍କ ଅପାରଗତା, ଦିଶାହିନ କାର୍ଯ୍ୟଶୈଳି ଏବଂ ଜନସାଧାରଣଙ୍କ ଟଙ୍କାକୁ ବିଜୁ ବାହିନୀ ନାମରେ ଅପବ୍ୟାବହାର ସାଙ୍ଗକୁ ମହିଳା ଶିଶୁ ବିକାଶ ବିଭାଗ ମାଧମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶାସନିକ ଚାପ ପ୍ରୟୋଗ କରି ନିଜ ଦଳର ପ୍ରଚାର ପ୍ରସାର କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ଗ୍ରାମାଞ୍ଚଳରେ ବେରୋଜଗାର ସଂଖ୍ୟା ଆଶାତିତ ଭାବରେ ବଢି ଚାଲିଥିବା ବେଳେ କିଛି ଯୁବକଙ୍କୁ ଆର୍ଥିକ ସହାୟତା ନାଁରେ ନିଜ ଦଳର ପ୍ରଚାର ପ୍ରସାର ତନ୍ତ୍ରପରି ବ୍ୟବହାର କରୁଥିବାରୁ ଗ୍ରାମ୍ୟ ବାତାବରଣରେ କଳୁସିତ ହୋଇଛି ।

ଏ ସମ୍ପର୍କରେ ରାଜ୍ୟ ସଭାପତି ମନ୍ତବ୍ୟ ଦେଇ କହିଲେ ଯେ ସସ୍ତା ରାଜନିତୀ ପାଇଁ ବିଜେଡି ଗ୍ରାମ୍ୟ ଯୁବକମାନଙ୍କୁ ଦିଗହରା କରୁଥିବାରୁ ଏହାର ତୀବ୍ର ପ୍ରତିବାଦ କରିଥିଲେ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡିର ୧୩ଟି ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ ଏବଂ ଘେରାଉ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ବଦ୍ରି ପଟ୍ଟନାୟକ, ରମେଶ ମାଝି, ରବି ପଟ୍ଟଯୋଷୀ, ଅନିରୁଦ୍ଧ ପ୍ରଧାନ, ଜିଲା ମିଡିଆ ସେଲ୍‌ର ସଂଯୋଜକ ପ୍ରଦୀପ ବିହାର, ସମ୍ପାଦକ ରୁପେଶ ଜୈନ୍, ମନୋଜ ମେହେର, ପୁଷ୍ପା ତାଣ୍ଡି, ପଦ୍ମାବତୀ ତ୍ରୀପାଠୀ, ଭାରତ ଦେଓ, ଦୟାନିଧି ନାଏକ, ପ୍ରଫେସର୍ ଅଜୟ ମିଶ୍ର, ପ୍ରେମନାଥ ନାଏକ, ମୁକେଶ କୁମାର, ରୋହିତ ଦୁର୍ଗା, ଲୋକନାଥ ଦୁର୍ଗା ଓ ଭଣ୍ଡେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଢ ଏବଂ ବସନ୍ତ କୁମାର ପୁରୋହିତ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଶିଳ୍ପୀ ସମାଜର ସଙ୍ଗୀତ ସନ୍ଧ୍ୟା

**ରାଉରକେଲା ଅଫିସ,୨୬।୧୦**-ସଭାପତି ନାରାୟଣ ପତିଙ୍କ ଅଧକ୍ଷତା ଓ ସାଧାରଣ ସମ୍ପାଦକ ଶରତ ଧଳଙ୍କ ସଂଯୋଜନାରେ ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ରାଧାକୃଷ୍ଣ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ରାଉରକେଲା ଯାଦବ ଉନ୍ନୟନ ସମିତି ସଭାପତି ହରିହର ବେହେରା, ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଭ୍ୟ ତଥା କଲଚରାଲ ଏକାଡେମୀ ସଦସ୍ୟ ପ୍ରଫେସର ଡ. ପ୍ରଭାତ ମଲ୍ଲିକ ଅତିଥି ରୂପେ ଯୋଗଦେଇଥିଲେ। ଏଥିରେ ଉପସ୍ଥିତ କଳାକାରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ସୁଶାନ୍ତ ପାଣି, ରାଜଶ୍ରୀ ସୂତାର, ପ୍ରଫୁଲ୍ଲ ମଙ୍ଗଳ, ବିଜୟ ସ୍ୱାଇଁ ପ୍ରମୁଖ କଳାକାର ହିନ୍ଦୁସ୍ଥାନୀ, ଓଡ଼ିଶୀ, ଛାନ୍ଦ, ଭାଜନ ଓ ଠୁମରୀ ଆଦି ପରିବେଷଣ କରିଥିଲେ। ଗୌରାଙ୍ଗ ମଲ୍ଲିକ, ମୀରା ମିଶ୍ର, ପୁଲକରଞ୍ଜନ ମଲ୍ଲିକ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପ୍ରଦୀପ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶରତ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

### ୫ ଚୋରା ବାଇକ୍ ଜବତ, ୨ ଗିରଫ

**ରାଉରକେଲା ଅଫିସ,୨୬।୧୦**- ରଘୁନାଥପାଲି ପୋଲିସ ଗୁରୁବାର ୨ ବାଇକ ଲୁଟେରାଙ୍କୁ ଗିରଫ କରିଛି। ଏମାନେ ହେଲେ ଦୀପକ ଗୌଡ଼ (୨୨) ଓ ଗଣେଶ ତନ୍ତୀ (୩୮)। ଏମାନଙ୍କଠାରୁ ୫ଟି ବାଇକ (ନଂ ଓଆର୍୧୪-ଏକ୍ସ୨୭୨୭, ଓଡି୧୪-ଏ୯୯୫୪, ଓଆର୧୪-ଟି୭୫୬୫, ଓଆର୧୪-ଡବ୍ଲ୍ୟୁ୩୨୮୬ ଏବଂ ଓଆର୨୩-ସି୨୪୭୭) ଉଦ୍ଧାର କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ




କେଡ଼ିଆ କାର୍ବନର ପ୍ରଦୂଷଣ ନେଇ ଯୁବ ଆଇଏନ୍‌ଟିୟୁସି ପକ୍ଷରୁ ସେକ୍ଟର-୫ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# କେଡ଼ିଆ କାର୍ବନ ପ୍ରଦୂଷଣ ନେଇ ଅସନ୍ତୋଷ

## ■ ଯୁବ ଆଇଏନ୍‌ଟିୟୁସି ନେତୃତ୍ୱରେ କାର୍ଯ୍ୟାଳୟ ଘେରିଲେ ଅଞ୍ଚଳବାସୀ

**ରାଉରକେଲା ଅଫିସ,୨୬।୧୦**

■ ଅନେକ ଶିଳ୍ପାନୁଷ୍ଠାନ ଲୋକଙ୍କ ଜୀବନ ଜୀବିକା ସହ ଖେଳୁଛନ୍ତି

■ ଗ୍ରାମ୍ୟ ଜୀବନ ହୋଇଛି ଦୁର୍ବିସହ

ସୁନ୍ଦରଗଡ଼ ଜିଲା ବଲଣ୍ଡାଠାରେ ଥିବା ଶିଳ୍ପାନୁଷ୍ଠାନ କେଡ଼ିଆ କାର୍ବନରୁ ନିର୍ଗତ ବିଷାକ୍ତ ବାୟୁ ଓ ଜଳ ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶୁକ୍ରବାର ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନେତୃତ୍ୱରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ କାର୍ଯ୍ୟାଳୟ ଘେରାଉ କରିଥିଲେ ଅଞ୍ଚଳବାସୀ। ଅଜୟ ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭରେ ଏହାର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, କେବଳ କେଡ଼ିଆ କାର୍ବନ ନୁହେଁ ଏହି ଅଞ୍ଚଳର ଅନେକ ଶିଳ୍ପାନୁଷ୍ଠାନ ଲୋକଙ୍କ ଜୀବନ ଜୀବିକା ସହ ଖେଳୁଛନ୍ତି। ଏଠାରେ ରହିଥିବା ଗ୍ରାମ୍ୟ ଜୀବନ ଦୁର୍ବିସହ ହୋଇପଡ଼ିଛି। ଜଳ, ଜମି, ଜଙ୍ଗଲ ଆଜି ସମ୍ପୂର୍ଣ୍ଣ ରୂପେ ପ୍ରଦୂଷଣ ବଳୟରେ ରହିଛି ବୋଲି ନାୟକ ଅଭିଯୋଗ କରିଥିଲେ। ଏହି ଅବସରରେ ସେ ସମ୍ପୃକ୍ତ ଅଞ୍ଚଳରେ ଗଢ଼ି ଉଠିଥିବା କଳକାରଖାନାର ପରିବେଶ ମଞ୍ଜୁରୀ ଉପରେ ପ୍ରଶ୍ନ ଉଠାଇଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଅସାଧୁ ମେଣ୍ଟ ଯୋଗୁ ନିରୀହ ଆଦିବସୀଙ୍କ ଶାନ୍ତିପୂର୍ଣ୍ଣ ଅବସ୍ଥାନରେ ବାଧା ସୃଷ୍ଟି ହୋଇଛି। ଏନେଇ ଯେତେ ଗୁହାରି କଲେ ବି କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଛନ୍ତି ବୋଲି ନାୟକ ଅଭିଯୋଗ କରିଥିଲେ। ପରିବେଶ ଆଇନ ଶୀତଳ ଭଣ୍ଡାରରେ ପଡ଼ିଥିବା ବେଳେ ଏଠି ମାନମାନି ଚାଲିଛି। ମାନବିକ ଅଧିକାରକୁ ଦଳିମକଚି ଅଫିସର ରାଜ ଚାଲିଛି। ଫଳରେ ସାଧାରଣ ଲୋକେ ପେଶି ହୋଇଗଲେଣି। ଏହାର ଆଶୁ ସମାଧାନ କରା ନ ଗଲେ ଆନ୍ଦୋଳନ ଥମିବ ନାହିଁ ବୋଲି ନାୟକ କହିଥିଲେ। ଏଥିରେ ବକ୍ତବ୍ୟ ରଖି ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି କହିଥିଲେ ନିରୀହ ଗ୍ରାମବାସୀଙ୍କ ଉପରେ କାରଖାନା ମାଲିକ ଦାଉ ସାଧୁଛନ୍ତି। ଏପରି ଅନ୍ୟାୟକୁ କେବେ ବରଦାସ୍ତ କରାଯିବନି। ପ୍ରଦୂଷଣ ବିରୋଧରେ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେନାପତି ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ସାହୁ, ଝାରସୁଗୁଡ଼ା ସଭାପତି ମହେନ୍ଦ୍ର ମିଶ୍ର, ରାଜ୍ୟ କଂଗ୍ରେସ କମିଟି ସଭ୍ୟ ବାଦଲ ଶ୍ରୀଚନ୍ଦନ, ମୁଖପାତ୍ର କୈଳାସ ସାହୁ, ଆଶା ମିଞ୍ଜ, ମନସିଦ ଗର୍ଗ, ସତ୍ୟବାନ ବଡ଼ାଇକ, ଗୋପୀ ମହାନ୍ତ, କେ. କିରଣ, ସୁରିଆ ମିଞ୍ଜ, ସସ୍ମିତା କାଣ୍ଡୁଲିନା, ସଞ୍ଜୟ ମହାନ୍ତ, ସୁଶୀଲ ମୁଣ୍ଡା ଓ ସୁଧୀର ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ରାଉରକେଲା

### କାନଭାସରେ ଅଙ୍କାଯାଇଥିବା ବିରାଟ ଚିତ୍ରପଟ୍ଟ



ଅକ୍ଷୟ ସାମଲ, ଚିତ୍ରକର ତଥା କାର୍ଯ୍ୟକାରୀ ସଦସ୍ୟ ଓଡ଼ିଶା ଲଳିତକଳା ଏକାଡେମୀ।

ଏ ମାଟି, ପାଣି, ପବନ ସହ ମୋର ଅସ୍ତିତ୍ୱ ଜନ୍ମରୁ ଜଡ଼ିତ। ଏଠାକାର ପ୍ରାକୃତିକ ଧରୋହର ଓ ସାଂସ୍କୃତିକ ଜୀବନଧାରା ମୋତେ ପଦ ଓ ପ୍ରତିଷ୍ଠା ପ୍ରଦାନ କରିଛି। ବିଦ୍ୟାଳୟ ଶିକ୍ଷାଦୀକ୍ଷାଠୁ ନେଇ ସାହିତ୍ୟ, ଚିତ୍ରକଳା ଓ ଶ୍ରମିକ ରାଜନୀତିର ଅୟମାରମ୍ଭ ଏଇ ସହରରୁ। ମୁଁ ଦେଖିଛି ଏଠି ଶ୍ରମ ଓ ଶ୍ରମିକର ସଙ୍ଘର୍ଷମୟ ଜୀବନଚର୍ଯ୍ୟାକୁ। ହାଇସ୍କୁଲ ଜୀବନରୁ ଜଣେ ଚିତ୍ରଶିଳ୍ପୀ ଭାବେ ପଦ ଚାଳନା କରି ପରିପକ୍ୱତାର ପାବଚ୍ଛ ଅତିକ୍ରମ କଲା ବେଳେ ଦେଖିଛି, ପରଖିଛି ଏ ସହରୀ ମୁଲକର ଅଙ୍କାବଙ୍କା ଜୀବନ ଯାତ୍ରାକୁ। ମୋ ଦେହ ଭିତରେ ଛବି ପାଲଟିଯାଇଛି ଏଠିକା ଜନଜୀବନର ଛିତ୍ରକଥା। ଅନୁଭବରେ ଆଜି ବି ଏହାର ରୂପ ସଂରଚନାରେ ନିମଗ୍ନ ମୋର ରଙ୍ଗତୂଳୀ। ରାଉରକେଲା କେବଳ ମୋ ବୃତ୍ତିର ସହର ନୁହେଁ, ଏହା ମୋର ଆତ୍ମତୃପ୍ତିର ସହର। ଯାହା ମୋର ପ୍ରତିଟି ପ୍ରାଣ ତନ୍ତ୍ରରେ ଗୁଞ୍ଜରିତ। ଏ ସହର ମୋ ପାଇଁ ଏକ ବିରାଟ କାନଭାସରେ ଅଙ୍କା ଯାଇଥିବା ଚିତ୍ରପଟ୍ଟ। ଚିର ସବୁଜିମାରେ ଝର ଝର କାକର ପାଣି, କଳା ମଚ୍ ମଚ୍ ରିଂ ରୋଡ୍‌ର ପଥିକ, ଫୁଟପାଥର ସବୁଜ ଘାସଗାଲିଚା ମୋ ଚିନ୍ତା ଚେତନାକୁ ମସୃଣତାରେ ଭରିଦେଇଛି। ଭାବାବେଗରେ ଭରପୁର ସୁଖର ସୌଦା କିଣାହୁଏ ଏଠି। ଶିକ୍ଷା ସଂସ୍କୃତି, କଳାର ମହିମା ଗାଏ ମୋ ପ୍ରିୟ ସହର। ହାତ ଛନ୍ଦାଛନ୍ଦି ହୋଇ ଜୀବନ ସଙ୍ଗୀତରେ ବିତେ ସଭିଙ୍କ ଜୀବନ। ସୁଖଶାନ୍ତିର ବନ୍ଧନରେ ବାନ୍ଧି ରଖିଛି ମୋତେ ଏ ରାଉରକେଲା। ନମସ୍ୟ ଏ ମାଟି ଷ୍ଟିଲ ସିଟି।

### ୨୮ରୁ ନାସିକରେ ଜାତୀୟ ଧର୍ମ ପ୍ରସାର ବୈଠକ

**ରାଉରକେଲା ଅଫିସ,୨୬।୧୦**

ଆସନ୍ତା ୨୮ ତାରିଖରୁ ମହାରାଷ୍ଟ୍ରର ନାସିକଠାରେ ବିଶ୍ୱ ହିନ୍ଦୁ ପରିଷଦର ଜାତୀୟ ଧର୍ମ ପ୍ରସାର ବୈଠକ ଅନୁଷ୍ଠିତ ହେବ। ଏଥିରେ ସୁନ୍ଦରଗଡ଼ ଜିଲାରୁ ପ୍ରତିନିଧିତ୍ୱ କରିବେ ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ପ୍ରମୁଖ ତଥା ଯୁବ ପ୍ରଚାରକ ଶାନ୍ତନୁ କୁସୁମ। ବୈଠକରେ ଭାରତୀୟ ସଂସ୍କୃତିର ସୁରକ୍ଷା ସହ ଜାତିର ସମ୍ମାନ, ଛୁଆଁଅଛୁଆଁ ଭେଦଭାବ ପ୍ରଥାର ମୂଳୋତ୍ପାଟନ ନେଇ ଆଲୋଚନା କରାଯିବ। ଏଥିସହ ହିନ୍ଦୁ ସମାଜର ସମୃଦ୍ଧି, ସୁରକ୍ଷା ଉପରେ ମଧ୍ୟ ଚର୍ଚ୍ଚା କରାଯିବ। ବନବାସୀଙ୍କ ଅଧିକାର ଓ ଜୀବନ ଜୀବିକା ନେଇ ଏଥିରେ ଆଲୋଚନା କରାଯିବ ବୋଲି କୁସୁମ ସୂଚନା ଦେଇଛନ୍ତି।

# ବାଲୁଘାଟରେ ସେପ୍ଟେଜ ବିଶୋଧନ ବ୍ୟବସ୍ଥାର ଶୁଭାରମ୍ଭ

## ■ ଭିଡିଓ କନଫରେନ୍ସିଂ ଯୋଗେ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

**ରାଉରକେଲା ଅଫିସ,୨୬।୧୦**

ମହାନଗର ଅନ୍ତର୍ଗତ ବାଲୁଘାଟ ରୂପଟୋଲା ଅଞ୍ଚଳରେ ଶୁକ୍ରବାର ସେପ୍ଟେଜ ବିଶୋଧନ ବ୍ୟବସ୍ଥାକୁ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାରୋହରେ ଜିଲା କମିଟି ଅଧକ୍ଷ ତଥା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ) ଅଧକ୍ଷ ସାରଦା ନାୟକ, ଆର୍‌ଏମ୍‌ସି କମିଶନର ରଶ୍ମିତା ପଣ୍ଡା, ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର କୁମାର ମୀନା, ରାଉରକେଲା ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆର୍‌ଏମ୍‌ସି କମିଶନର ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଏହି ବ୍ୟବସ୍ଥା ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ସେପ୍ଟେଜ ବିଶୋଧନ ବ୍ୟବସ୍ଥା ଦ୍ୱାରା ଦୈନିକ ୪୦ ହଜାର ସେପ୍ଟେଜ ବିଶୋଧନ ହୋଇପାରିବ। ଏହା ପାଖାପାଖି ୯୦ ହଜାର ଲୋକଙ୍କୁ ସୁଫଳ ଦେବ ବୋଲି ପଣ୍ଡା କହିଥିଲେ। ଏହି ବ୍ୟବସ୍ଥା ମାଧ୍ୟମରେ ଗୃହରୁ ନିର୍ଗତ ବର୍ଜ୍ୟ ମଳକୁ ଏଠାକୁ ଅଣାଯାଇ ବିଶୋଧନ କରାଯିବ। ଯାହାଦ୍ୱାରା ନଦୀ ଓ ଭୂତଳ ଜଳ ପ୍ରଦୂଷିତ ହେବ ନାହିଁ। ଏଥିସହ ବର୍ଜ୍ୟ ମଳକୁ ପୁନଃ ପ୍ରକ୍ରିୟାକରଣ କରାଯିବ ଓ ଏଥିରୁ ନିର୍ଗତ ଜଳକୁ ବାଡ଼ି ବଗିଚାରେ ବ୍ୟବହାର କରାଯାଇ ପରିବ ବୋଲି ଏଥିରେ ସୂଚନା ଦିଆଯାଇଥିଲା। ବିଧାୟକ ତରାଇ କହିଥିଲେ, ଏହି ବ୍ୟବସ୍ଥା ସଫଳ ଭାବେ କାର୍ଯ୍ୟକାରୀ ହେଲେ ସହରବାସୀ ଉପକୃତ ହେବେ। ଆର୍‌ଡିଏ ଅଧକ୍ଷ ନାୟକ କହିଥିଲେ, ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ସ୍ୱଚ୍ଛ ଓ ସୁସ୍ଥ ରାଉରକେଲା ସ୍ୱପ୍ନ ସାକାର ହୋଇଛି। ସହରବାସୀ ଏହି ବ୍ୟବସ୍ଥା ଦ୍ୱାରା ନିଶ୍ଚିତ ସୁଫଳ ପାଇବେ ବୋଲି ନାୟକ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଅମୃତ ଯୋଜନା ଆରମ୍ଭ ହେବା ପରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ସହରରେ ସେପ୍ଟେଜ ବିଶୋଧନ ବ୍ୟବସ୍ଥାର ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପରେ ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡକୁ ଏହାର ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ପ୍ରକଳ୍ପର ଅଟକଳ ମୂଲ୍ୟ ୨.୧୫ କୋଟି ଟଙ୍କା ବୋଲି କୁହାଯାଇଛି।



ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସେପ୍ଟେଜ୍ ବିଶୋଧନାଗାର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।




ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ■ ବିଜେଡି ବିରୋଧରେ ଭାଜପାର ଆନ୍ଦୋଳନ ଡାକରା

# ପିସି, ଲାଞ୍ଚ, ଦୁର୍ନୀତି ଓ ଭ୍ରଷ୍ଟାଚାର ସୀମା ଲଙ୍ଘିଛି

**ରାଉରକେଲା ଅଫିସ,୨୬।୧୦**

ଶାସକ ବିଜେଡି ଗତ ୧୯ ବର୍ଷ ଶାସନ କାଳରେ ବ୍ୟାପକ ଦୁର୍ନୀତି କରିଛି। ପିସି କାରବାର ସାର୍ବଜନୀନ ହୋଇଥିବା ବେଳେ ଲାଞ୍ଚ, ଦୁର୍ନୀତି ଓ ଭ୍ରଷ୍ଟାଚାର ସୀମା ଉଲ୍ଲଂଘନ କଲାଣି। ଚିଟ୍ ଫଣ୍ଡ ମହାଦୁର୍ନୀତି, ଖଣି, ଡାଲି, ଚାରା, ବାଲିଘାଟ ଆଦି ଦୁର୍ନୀତିକୁ ପ୍ରସଙ୍ଗ କରି ଭାରତୀୟ ଜନତା ପାର୍ଟି (ଭାଜପା) ରାସ୍ତାକୁ ଓହ୍ଲାଇବ ବୋଲି ଶୁକ୍ରବାର ସେକ୍ଟର-୩ ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏଥିରେ ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ ଓ ରାଜ୍ୟ ସମ୍ପାଦକ ଧୀରେନ ସେନାପତି ଯୋଗଦେଇ କହିଥିଲେ, ଏ ସରକାର ଅମଳରେ ଅନେକ ମହାଦୁର୍ନୀତି ଉପରେ ପରଦା ଢଙ୍କାଯାଇଛି। ରାଜ୍ୟରେ ଖଣି, ପାଣି, ଡାଲି, ବାଲି ସବୁ ଖାଇ ବିଜେଡି ବାହାସ୍ଫୋଟ ମାରୁଛି। କୃଷି ଋଣ ଜାଲିଆତିଠୁ ନେଇ ଧାନକିଣାରେ ଚଞ୍ଚକତା, ସବ୍‌ସିଡି ବାଟମାରଣା ଆଦି ଘଟଣା ସାଧାରଣ ଜନତାଙ୍କୁ ଅତିଷ୍ଠ କଲାଣି। ଲୋକେ ଏବେ ବିକଳ୍ପ ସନ୍ଧାନରେ ରହିଛନ୍ତି। ପିସି କାରବାରରେ ୪ କୋଟି ଓଡ଼ିଆ ପେଶି ହେଉଛନ୍ତି। ବିଜୁ ଯୁବବାହିନୀ ନାଁରେ ଗୁଣ୍ଡାବାହିନୀ ଗଠନ କରାଯାଇ ଗଣତନ୍ତ୍ରର କଣ୍ଠରୋଧ ପାଇଁ ଅପଚେଷ୍ଟା ଜାରି ରଖିଛି ବିଜେଡି। ଦଳୀୟ ଅଧାରରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସରକାରୀ ଅର୍ଥ ହରିଲୁଟ୍ ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ କି ସ୍ୱଚ୍ଛ ଭାରତ ଅନ୍ତର୍ଗତ ପାଇଖାନା କିମ୍ବା ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନା, ସବୁ କଥାରେ ଆଗ ଲାଞ୍ଚ ମଗାଯାଉଛି ବୋଲି ଉଭୟ ଓରାମ ଓ ସେନାପତି ଅଭିଯୋଗ କରିଥିଲେ। ବୀରମିତ୍ରପୁର ପୌରପାଳିକା ଓ ରାଉରକେଲା ମହାନଗର ନିଗମ ସବୁ କ୍ଷେତ୍ରରେ ବିଫଳ ବୋଲି ଏହି ଅବସରରେ କୁହାଯାଇଥିଲା। ଏପରି ଅବସ୍ଥାରେ ସଚେତନତା ନେଇ ଭାଜପା ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଛି। ଆସନ୍ତା ୩୧ ତାରିଖରେ ବିର୍ସା ଛକରୁ ଏକତା ପାଇଁ ଗଣଦୌଡ଼, ନଭେମ୍ବର ୧ରୁ ୧୦ ଯାଏ ବରିଷ୍ଠ ନେତାଙ୍କ ବ୍ଲକ ଗସ୍ତ ଅଭିଯାନ ଆରମ୍ଭ କରାଯିବ। ସେହିଭଳି ନଭେମ୍ବର ୧୧ରୁ ୩୦ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ ଓ ପୌରପାଳିକା ଅଞ୍ଚଳରେ ଭାଜପା ପକ୍ଷରୁ ପଦଯାତ୍ରା ଆୟୋଜନ କରାଯିବ ବୋଲି ଏଥିରେ କୁହାଯାଇଛି। ଆଗାମୀ ନିର୍ବାଚନରେ ବିଜେଡି ସରକାରକୁ ଗାଦିଚ୍ୟୁତ କରାଯିବାକୁ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ପ୍ରମୁଖ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଭଗବାନ ରାଉତ ଓ ଗଙ୍ଗାଧର ଦାସଙ୍କ ସମେତ ଜିଲା ଉପସଭାପୋତି ତପନ ସ୍ୱାଇଁ, ସୁବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆସ୍ଥା ପକ୍ଷରୁ ପ୍ରତିଯୋଗିତା, ପୁରସ୍କାର ବିତରଣ

**ରାଉରକେଲା ଅଫିସ,୨୬।୧୦**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆସ୍ଥା ପକ୍ଷରୁ ୭ମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସାକ୍ଷାତକାର ପର୍ଯ୍ୟାୟରୁ ବଛାଯାଇଥିବା ୩୦ଜଣଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟ (ଗ୍ରାଣ୍ଡ ଫିନାଲେ) ଗତ ଅକ୍ଟୋବର ୨୫ରେ ସିଭିକ ସେଣ୍ଟରରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଅଧକ୍ଷ ଆର୍ତ୍ତଭଞ୍ଜନ ମଲ୍ଲିକ, ଇସ୍ପାତ ମାର୍କେଟ ବଣିକ ସଂଘ ସଭାପତି ଶଙ୍କର ଜେନା, ଅନ୍ୱେଷା ଅନୁଷ୍ଠାନ ସଭାନେତ୍ରୀ କଳ୍ପନା ଶତପଥୀ, ଆଦର୍ଶ ପାଠାଗାର ଉପସଭାପତି ମୀନାକ୍ଷୀ ଧର ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ) ଅଧକ୍ଷ ସାରଦା ନାୟକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଆସ୍ଥା ସଭାପତି ବିଷ୍ଣୁମୋହନ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପସଭାପତି ରାଜକୁମାର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ନେଇ ସୂଚନା ଦେଇଥିଲେ। ସାଂସ୍କୃତିକ ସମ୍ପାଦିକା ଶିବାନୀ ରଣା ପ୍ରତିଯୋଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଅଲୋକ ଜେନା ଅତିଥି ପରିଚୟ ଦେଇଥିବା ବେଳେ ପର୍ଶୁରାମ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ବକ୍ତବ୍ୟ ପ୍ରଦାନ କରି ମୁଖ୍ୟଅତିଥି ନାୟକ କହିଥିଲେ, ପ୍ରତ୍ୟେକ ପିଲା ମଧ୍ୟରେ କିଛି ନା କିଛି ଅନ୍ତର୍ନିହିତ ଗୁଣ ଲୁଚି ରହିଥାଏ। ସମୟ ସୁଯୋଗ ମିଳିଲେ ଏହାର ପରିପ୍ରକାଶ ଘଟେ। ଏହି ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ନେଇ ଯେଉଁ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିପାରିଛି ସେମାନେ ଦିନେ ନିଶ୍ଚିତ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇବେ ବୋଲି ନାୟକ ଆଶା ବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ଛାତ୍ରଙ୍କ ମଧ୍ୟରେ ସେଣ୍ଟ ଆର୍‌ନୋଲ୍ଡ ସ୍କୁଲର ଭି. ଆଦିତ୍ୟ ସାଇ ୧ମ ଓ ସଞ୍ଜୟ ଲାକ୍ରା ୨ୟ ସ୍ଥାନ ଅଧିକାର କରିଥିବା ବେଳେ ଦୀପିକା ସ୍କୁଲର ଆଶିଷ ପାତ୍ର ୩ୟ ସ୍ଥାନ ଦଖଲ କରିଥିଲେ। ସେହିପରି ଛାତ୍ରୀଙ୍କ ମଧ୍ୟରେ କାର୍ମେଲ ସ୍କୁଲର ଗୁଣବିନ ଛାବ୍ରା ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲର ଆସ୍ଥା ବସ୍ତିଆ ୨ୟ ଏବଂ ଡିପିଏସ୍ ଛାତ୍ରୀ ରଷିତା ସୂତାର ୩ୟ ସ୍ଥାନ ପାଇଥିଲେ। ଏଥିରେ ଚଳଚ୍ଚିତ୍ର କଳାକାର ଦୀପିକା ତ୍ରିପାଠୀ, ସାମାଜିକ କର୍ମୀ ସୁନୀଲ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୩୦ ପ୍ରତିଯୋଗୀଙ୍କୁ ନେଇ ନୃତ୍ୟ, ଗୀତ, ଅଭିନୟ ଓ ରାମ୍ପ ଶୋ ଆୟୋଜନ କରାଯାଇଥିଲା। ସଫଳ ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥି ପୁରସ୍କାର ବିତରଣ କରିଥିଲେ। ଏଥିରେ ଜ୍ୟୋତ୍ସ୍ନା ନନ୍ଦ, ରୀତା ସାହୁ, ଅରବିନ୍ଦ ସାହୁ, ଅନ୍ତର୍ଯ୍ୟାମୀ ରାଉତ, ମଧୁମିତା ପଣ୍ଡା, ମୀନାକ୍ଷୀ ଜେନା, କାଦମ୍ବିନୀ ମହାନ୍ତି, ଅଶୋକ ପଟେଲ, ଅମିତା ପତି, ଟୁନା ଗଉଡ, ଶୁଭଲକ୍ଷ୍ମୀ ପାତ୍ର, ଅଶ୍ୱିନୀ ସିଂହ, ଜଗଦୀଶ ପାଶାୟତ, ନମିତା ଦାସ ଓ ପ୍ରଜ୍ଞାପାରମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଆସ୍ଥା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ସିଭିକ୍ ସେଣ୍ଟରଠାରେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ୧୨୨ ଲିଟର ଦେଶୀ ମଦ ଜବତ, ୬ ଗିରଫ

**ରାଜଗାଙ୍ଗପୁର,୨୬।୧୦ (ଡି.ଏନ.ଏ.)**- ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ କୁତ୍ରା, ରାଜଗାଙ୍ଗପୁର ଅଞ୍ଚଳରୁ ୧୨୨ ଲିଟର ଦେଶୀ ମଦ ଜବତ କରାଯାଇଛି। ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ୬ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, କୁତ୍ରା, ରାଜଗାଙ୍ଗପୁର ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି କୁତ୍ରା ଥାନା ଅଧୀନ ବଡମାଲ ଗ୍ରାମର ମାତିଆସ ଏକ୍କା, ଝରେନ ଗ୍ରାମର ମାସିଦାସ ଲାକଡା, ଚାରୋ ଖେସ୍, କିରଙ୍ଗସେରା ଗ୍ରାମର ଲାଲମଣି ସିଂ, ରାଜେନ୍ଦ୍ର ହସ୍ତି ଏବଂ ରାଜଗାଙ୍ଗପୁର ଥାନା ଅଧୀନ ସାଧୁ ମୁଣ୍ଡା ଗ୍ରାମର ରନଞ୍ଜନ ଏକ୍କା ହସ୍ତିଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୨୨ ଲିଟର ଦେଶୀମଦ ଜବତ କରାଯାଇଥିଲା। ଅବକାରୀ ସୁପରିଟେଣ୍ଡେଣ୍ଟ ଲକ୍ଷ୍ମୀଧର ପରିଡା, ଅବକାରୀ ଇନ୍ସପେକ୍ଟର ଇନ୍ଦ୍ରଜିତ ସାହୁ, ରାମଜି ପଟେଲ, ଅଶୋକ କୁମାର ପଟେଲ, ସଞ୍ଜୟ କୁମାର ଅମାତ, ଚନ୍ଦ୍ରଶେଖର ଖଣ୍ଡା, ଚନ୍ଦ୍ରକାନ୍ତ ବେହେରା, ଶ୍ରୀନିବାସ ବିଶୋଇ, ମହିଳା କନଷ୍ଟେବଲ ସାବିତ୍ରୀ ଦେଇ ପ୍ରମୁଖ ସାମିଲ ଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀର ମୃତ

**ଲହୁଣୀପଡ଼ା,୨୬।୧୦(ଡି.ଏନ.ଏ.)**- ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ କଲେଇପୋଷ-ବାହାଡ଼ାପଷି ୧୦(କ) ରାଜ୍ୟ ରାଜପଥ ଲଲେଇଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଏକ ୧୨ ଚକିଆ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ହେଲେ ବାଇକ୍ ଆରୋହୀଙ୍କ ପରିଚୟ ଜଣାପଡି ନାହିଁ। ମିଳିଥିବା ସୂଚନା ମୁତାବକ, ଏକ ଲୁହା ପଥର ବୋଝେଇ ବାର ଚକିଆ ଟ୍ରକ (ନଂ.ଓଡି ୧୪ଏଚ୍- ୩୧୭୭) ବାହାଡାପଷି ଯାଉଥିବା ବେଳେ ବିପରିତ ଦିଗରୁ ଆସିଥିବା (ଓଡି ୧୪ ଏମ୍- ୫୮୮୩) ବାଇକକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।



ସଦର ବ୍ଲକ କୁଲଟା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି କରି ଶୁକ୍ରବାର କୁଲଟା ପଞ୍ଚାୟତ କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସ୍ୱଳ୍ପ ବୃଷ୍ଟିପାତ: ମରୁଡ଼ି ଚିନ୍ତାରେ ଚାଷୀ

**ସୁନ୍ଦରଗଡ଼,୨୬।୧୦(ଡି.ଏନ୍.ଏ.)**

ଆବଶ୍ୟକତାଠାରୁ କମ୍ ବର୍ଷା ଯୋଗୁ ଚଳିତ ବର୍ଷ ସୁନ୍ଦରଗଡ଼ ଜିଲାରେ ମରୁଡି ପରିସ୍ଥିତି ଦେଖାଦେଇଛି। ଏନେଇ ଚାଷୀକୁଳ ଚିନ୍ତାରେ ପଡିଛନ୍ତି। ଜିଲାରେ ଚଳିତ ବର୍ଷ ମୋଟ ୨ଲକ୍ଷ ୮ହଜାର ୪୪୧ ହେକ୍ଟର ଚାଷ ଜମିରେ ଚାଷ କାର୍ଯ୍ୟ ହୋଇଥିଲା। ହେଲେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନ ଉତ୍ପାଦନ ହେବା ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ୧୭ଟି ବ୍ଲକ ମଧ୍ୟରୁ ୧୦ଟି ବ୍ଲକ ସୁନ୍ଦରଗଡ଼ ସଦର, ଟାଙ୍ଗରପାଲି, ଲେଫ୍ରିପଡ଼ା, ହେମଗିର, ବାଲିଶଙ୍କରା, ସବଡେଗା, ବଡଗାଁ, କୁତ୍ରା, ରାଜଗାଙ୍ଗପୁର, କୁଆଁରମୁଣ୍ଡା ବ୍ଲକରେ ୬୦ରୁ ୭୦ ପ୍ରତିଶତ ଧାନ ଅମଳ କମ୍ ହେବା ଆଶଙ୍କା ରହିଛି ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ବ୍ଲକଗୁଡିକରେ ୧ଲକ୍ଷ ୧୮ହଜାର ହେକ୍ଟର ଚାଷ ଜମିରେ ଧାନଚାଷ କରାଯାଇଥିଲା। ଅନ୍ୟ ୭ଟି ବ୍ଲକ ବଣାଇଁ, ଲହୁଣୀପଡ଼ା, ଗୁରୁଣ୍ଡିଆ, କୋଇଡା, ନୂଆଁଗାଁ, ବିଶ୍ରା, ଲାଠିକଟା ବ୍ଲକର ରିପୋର୍ଟ ହସ୍ତଗତ ହୋଇ ନ ଥିବା କୃଷି ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସାମ୍ଭାବ୍ୟ ମରୁଡି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ନିର୍ଦ୍ଦେଶ କ୍ରମେ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି କ୍ରପ କଟିଂ ରିପୋର୍ଟ ପ୍ରଦାନ ପରେ ଜିଲାରେ ମରୁଡିର ବାସ୍ତବ ଚିତ୍ର ଜଣାପଡିବ। ଜିଲାରେ ସୁନ୍ଦରଗଡ଼ ସଦର ବ୍ଲକ ସମେତ ଟାଙ୍ଗରପାଲି, ବଡଗାଁ, ସବ୍‌ଡେଗା ଅଞ୍ଚଳରେ ଧାନ ଫସଲ

**ସୁନ୍ଦରଗଡ଼ ଜିଲା**

ନଷ୍ଟ ହୋଇ ମରୁଡି ପରିସ୍ଥିତି ଭୟଙ୍କର ହେବାର ସମ୍ଭାବନା ଦେଖାଦେଇଛି। ଏହି ସବୁ ବ୍ଲକଗୁଡିକରେ ଧାନ ବାହାରିବା ପରେ ବର୍ଷା ଅଭାବ ଯୋଗୁ ବର୍ତ୍ତମାନ ଧାନଗଛ ଶୁଖି ପାଳ ହେବାକୁ ବସିଛି। ଏପରି କି ନଦୀ, ନାଳ, ପୋଖରୀ, ଗାଡିଆଗୁଡିକରେ ପାଣି ଅଭାବ ଯୋଗୁ ମରିଯାଉଥିବା ଧାନ ଫସଲକୁ ବଞ୍ଚାଇବା ଚାଷୀଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ। ଫଳରେ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି। ଏଭଳି ସ୍ଥିତିରେ ଜିଲାର ଟାଙ୍ଗରପାଲି ବ୍ଲକ ନିଆଲିପାଲି ଗ୍ରାମରେ ଜଣେ ଭାଗଚାଷୀଙ୍କ ଆତ୍ମହତ୍ୟା ଘଟଣା ଜିଲାରେ ମରୁଡି ପରିସ୍ଥିତି ନେଇ ରାଜନୈତିକ ଦଳଗୁଡିକ ଚାଷୀ ଆନ୍ଦୋଳନ ରାଜନୀତି ଆରମ୍ଭ କରିଦେଇଛନ୍ତି। ଜିଲାକୁ ସଂପୂର୍ଣ୍ଣ ମରୁଡି ଘୋଷଣା ଦାବି କରି କୃଷକ ସଂଗଠନ ସମେତ ତିନି ପ୍ରମୁଖ ରାଜନୈତିକ ଦଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚାଷୀ ସଂଗଠନ ଓ ରାଜନୈତିକ ଦଳଗୁଡିକ ସାମ୍ଭାବ୍ୟ ମରୁଡି ପରିସ୍ଥିତିର ମୁକାବିଲା ପାଇଁ ସରକାର ପଦକ୍ଷେପ ନେବା ସହ କୃଷି ଋଣ ଛାଡ, ଶସ୍ୟବୀମା ଲାଗୁ କରିବାକୁ ଦାବି କରିଛନ୍ତି। ଗୁରୁବାର ବିଜେଡି ପକ୍ଷରୁ ସୁନ୍ଦରଗଡ ଜିଲାକୁ ମରୁଡି ଜିଲା ଭାବେ ଘୋଷଣା ଦାବି କରି ଜିଲାପାଳଙ୍କୁ ଭେଟି ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ଭାଜପା ଓ କଂଗ୍ରେସ ମଧ୍ୟ ଅନୁରୂପ ଭାବେ ଚାଷୀଙ୍କ ସମସ୍ୟା ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦେଇଛି। ଶୁକ୍ରବାର ସଦର ବ୍ଲକ କୁଲଟା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ କୁଲଟା ପଞ୍ଚାୟତ କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀ ଓ ଉନ୍ନୟନ କମିଶନରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଆବାହକ ପଦ୍ମଲୋଚନ ସାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବିକ୍ଷୋଭରେ ସାମିଲ ହୋଇଥିଲେ। ଏହି ପଞ୍ଚାୟତର ଫିଲିଙ୍ଗିବାହାଲ, କୁଆଁରମାଲ, କାପୁ ଟିକ୍ରା, ଗଏଲ ଝୁମ୍ପା, ବାଉରିଡିହି, ଘୁମୁଡା, ବିଜାଡିହି ଏବଂ ଲମ୍‌ଟି ଗ୍ରାମରେ ଥିବା ଚାଷଜମିରେ ଧାନ ଫସଲ ନଷ୍ଟ ହୋଇଯାଇଛି। ପଞ୍ଚାୟତର ଚାଷୀମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇନାହିଁ। ଏଣୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ସହ ସମସ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନ, ସମ୍ପୂର୍ଣ୍ଣ କୃଷୀ ଋଣ ଛାଡ, ସଫେଇ ନଦୀ ଉପରେ ୨ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ, ଚେକ୍ ଡ୍ୟାମ୍ ନିର୍ମାଣ, ପାରମ୍ପରିକ ବ୍ୟକ୍ତିଗତ ଓ ସରକାରୀ ଅନୁଷ୍ଠାନ ଦ୍ୱାରା ଖୋଳାଯାଇଥିବା ବନ୍ଧ ପୋଖରୀଗୁଡିକୁ ଗଭୀର କରାଯାଇ ଜଳସେଚନ ଉପଯୋଗୀ କରାଯିବା ସହ ଧାନର ସହାୟକ ମୂଲ୍ୟ ବୃଦ୍ଧି ସକାଶେ ଦାବି କରାଯାଇଛି।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ

**ଲେଫ୍ରିପଡ଼ା,୨୬।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଧୀନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ଶିକ୍ଷା ପ୍ରଶାସନ ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲେଫ୍ରିପଡ଼ା ସରପଞ୍ଚ ମଦନ ଛତ୍ରିଆ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଏବଂ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରମାନଙ୍କୁ ନେଇ ଚିତ୍ରାଙ୍କନ, ସର୍ଜନାତ୍ମକ ଲେଖନୀ, ପ୍ରବନ୍ଧ, ବିତର୍କ, କୁଇଜ୍, ହସ୍ତାକ୍ଷର, ଶ୍ରୁତଲିଖନ ଏବଂ ସାମୁହିକ କଳା ପ୍ରଦର୍ଶନୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କାମିନୀ କାଲୋ, ମୁଖ୍ୟ ବକ୍ତାଭାବେ ବ୍ଲକ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ପ୍ରତିନିଧି ଦୀପ୍ତିମୟୀ ଠାକୁର, ସ୍ଥାନୀୟ ସରପଞ୍ଚ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର କରାଯାଇଥିଲା। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଶିକ୍ଷାର ଉନ୍ନତି ଦିଗରେ ଆଗେଇ ନେବାକୁ ମାର୍ଗ ଦର୍ଶନ କରିଥିଲେ। ଛଟେନପାଲି, ବଡବଙ୍ଗା କନ୍ୟାଶ୍ରମ ସମତେ ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଛାତ୍ରୀ ସୁରକ୍ଷା, ନାରୀକୁ ସମ୍ମାନ, ସ୍ୱଚ୍ଛତା ଅଭିଯାନ ଏବଂ ଶିକ୍ଷା ପ୍ରତି ଛାତ୍ରୀଛାତ୍ରମାନଙ୍କୁ ଆକୃଷ୍ଟ କରିବ ଦିଗରେ ନାଟକ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପ୍ରଧାନ ଶିକ୍ଷକ, ସିଆର୍‌ସିସି, ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସ୍ଥାନୀୟ ପ୍ରଧାନ ଶିକ୍ଷକ ତଥା ଆୟୋଜକ ସମ୍ପାଦକ କ୍ଷେତ୍ରମଣି ନାଏକ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଫକୀର ମୋହନ ଚୌଧୁରୀ ଧନ୍ୟବାଦ ଜ୍ଞାପନ କରିଥିଲେ।



ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।





ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା (ବାମ)। ନାଟକ 'ଦେଖତ ଇ ଦୁନିଆର ଭୁରକୁଟି'ରେ ଅଭିନୟ କରିଥିବା କଳାକାରମାନେ।

## ବଡଗାଁରେ ଗଜଲକ୍ଷ୍ମୀ ପୂଜା: ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

**ବଡଗାଁ,୨୬।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁରେ ଗଜଲକ୍ଷ୍ମୀ ପୂଜା ଆନନ୍ଦ ଉଲ୍ଲାସରେ ପାଳିତ ହେଉଛି। ୨୪ ତାରିଖ ଅଧିବାସ କାର୍ଯ୍ୟ ହୋଇଥିବା ବେଳେ ୨୫ ତାରିଖରୁ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ପୂଜାରେ ଅଭିମନ୍ୟୁ ତ୍ରିପାଠୀ କର୍ତ୍ତା ଏବଂ ଆରୁଣୀ ନାୟକ, ମୋନୁ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଗୁରୁବାର 'ଦେଖତ ଇ ଦୁନିଆର ଭୁରକୁଟି' କମେଡି ନାଟକ ମଞ୍ଚସ୍ଥ ହୋଇଥିଲା। ଶୁକ୍ରବାର ସମ୍ବଲପୁରର ସତ୍ୟମ ମେଲୋଡି ଦ୍ୱାରା ସଂଗୀତ ଏବଂ ଶନିବାର କମେଡି ନାଟକ 'ଗହନା ପଡିଛେ ମୋର କାନର ଝୁମକା' ମଞ୍ଚସ୍ଥ ହେବ। ଉଭୟ କମେଡି ନାଟକ ଗ୍ରାମର ଯୁବକମାନଙ୍କ ଦ୍ୱାରା ପରିବେଷଣ କରାଯାଉଛି। ପ୍ରତିଦିନ ସନ୍ଧ୍ୟା ଆଳତୀରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଶନିବାର ପୂଜା କାର୍ଯ୍ୟ ସମ୍ପନ୍ନ ହେଉଥିବା ବେଳେ ରବିବାର ମା ଲକ୍ଷ୍ମୀଙ୍କ ଭସାଣି ଉତ୍ସବ ରହିଛି।

## ସବ୍‌ଡେଗା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ସବ୍‌ଡେଗା,୨୬।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମଧ୍ୟାହ୍ନ ଭୋଜନ ସଚେତନତା ମେଳା ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସବ୍‌ଡେଗା ପଞ୍ଚାୟତ ସରପଞ୍ଚ ସୁଜାତା ଲାକ୍ରା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସବ୍‌ଡେଗା ବ୍ଲକର ୧୦ଟି କ୍ଲଷ୍ଟରରୁ ୨୦୦ଜଣ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ଚତୁର୍ଥରୁ ସପ୍ତମ ଶ୍ରେଣୀକୁ କନିଷ୍ଠ ବର୍ଗ ଏବଂ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ମୁଖ୍ୟବକ୍ତା ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପଧାନ, ସମ୍ମାନିତ ଅତିଥି ଭାରେ ବଡଗାଁ ବ୍ଲକ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଯୋଗଦେଇ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟପକ୍ଷେ ନୂତନ ଭାବେ ଯୋଗ ଦେଇଥିବା ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସବ୍‌ଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସିଆରସିସି ଅର୍ଜୁନ ରୋହିଦାସ, ପ୍ରଶାନ୍ତ ନାଏକ, ମହେନ୍ଦ୍ର ତନ୍ତି, ସଞ୍ଜୟ ଗରଡିଆ, ସୁରେଶ ପୃଷେଟ, ଡିଲେଶ୍ୱର ଭଇଁଶାଳ, ଲଙ୍କେଶ୍ୱର ନାଏକ, ନରେନ୍ଦ୍ର ପୁରୋହିତ, ଶିକ୍ଷକ ବେଣୁଧର ସାହୁ, ସଂଯୁକ୍ତା ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟେଲ, ସୁଧାଂଶୁ ଶେଖର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡିଛି। ଶେଷରେ ସବଡେଗା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଦିନ ଦ୍ୱିପହରରେ ବିଦ୍ୟୁତ୍ ଚୋରି

**ନୂଆଗାଁ,୨୬।୧୦(ଡି.ଏନ୍.ଏ.)**

- ଚେଇଁ ଶୋଇଛନ୍ତି ଅଧିକାରୀ
- ମୁଖ୍ୟରାସ୍ତାରେ ପଡୁଛି ହୁକ
- ଉପଭୋକ୍ତାଙ୍କ ଘରେ ବସିନି ମିଟର
- ସନ୍ଦେହରେ ବିଭାଗୀୟ ଅଧିକାରୀଙ୍କ ଭୂମିକା



କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଗାଁକୁ ବିଦ୍ୟୁତ୍ ସଂଯୋଗୀ କରଣ ନିମନ୍ତେ ଏକାଧିକ ଯୋଜନା କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କ ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍ ଯୋଜନାଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଜୁ ଜ୍ୟୋତି ଗ୍ରାମୀଣ ବିଦ୍ୟୁତ୍ ଯୋଜନାରେ ଗାଁରେ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ସରକାର ସୌଭାଗ୍ୟ ଯୋଜନାରେ ଗରିବ ଲୋକଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟ ଗାଁରେ ଆଗେଇ ଚାଲିଛି। ଏନେଇ ଦିନକୁ ଦିନ ବଢ଼ି ଚାଲିଛି ଉପଭୋକ୍ତାଙ୍କ ସଂଖ୍ୟା। ସେହି ଅନୁସାରେ ସବଷ୍ଟେଶନ ନିର୍ମାଣ ସହ ବିଦ୍ୟୁତ୍ କ୍ଷମତା ବୃଦ୍ଧି କରାଯିବାକୁ ସରକାର ଉଦ୍ୟମ କରୁଛନ୍ତି। ସରକାରଙ୍କ ଲକ୍ଷ୍ୟ ଓ ସଂକଳ୍ପ ଯୋଗୁ ଗାଁଗୁଡିକରେ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଚାଲିଛି। ଏପରି କି ଭାରତ ସ୍ୱାଧିନତାର ଦିର୍ଘ ବର୍ଷ ପରେ ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡା ପଞ୍ଚାୟତ ଅନ୍ତର୍ଗତ କୋଇଲାଟୋଲି, ଗୀର୍ଜାଟୋଲି ତଥା ବାରିବେଡା ଗ୍ରାମର କେତେକ ପଡାରେ ବିଦ୍ୟୁତ ସଂଯୋଗ କରାଯାଇଛି। ଏହା ସାଧାରଣରେ ନିଶ୍ଚିତ ଭାବେ ଖୁସିର ବିଷୟ। ସରକାରଙ୍କ ଏଭଳି ପଦକ୍ଷେପ ପରେ ମଧ୍ୟ ଏବେବି ଅନେକ ଗାଁରେ ଲୋକେ ବିଦ୍ୟୁତ ସଂଯୋଗ ନେଇ ନାହାନ୍ତି କିମ୍ବା ସେମାନେ ନେବାକୁ ଚାହୁଁ ନାହାନ୍ତି। କାରଣ ସେମାନେ ଦୀର୍ଘ ବର୍ଷରୁ ବିଦ୍ୟୁତ୍ ଚୋରି କରିବା ଘଟଣା ଦୁର୍ଭାଗ୍ୟର ବିଷୟ। ଏଭଳି ଖୋଲାଖୋଲି ବିଦ୍ୟୁତ୍ ଚୋରିକୁ ବିଭାଗୀୟ ଅଧିକାରୀମାନେ ପରୋକ୍ଷରେ ସମର୍ଥନ କରୁଥିବା ଅଭିଯୋଗ ହେଉଛି। ସବୁଠାରୁ ଉଦ୍‌ବେଗର ବିଷୟ, ଦିନଦ୍ୱିପହରରେ ମୁଖ୍ୟ ରାସ୍ତା ଉପରେ ବ୍ୟବସାୟୀମାନେ ହୁକ ପକାଇ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। ଏବଂ ସେଥିରେ ଫ୍ରିଜଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ମେଶିନ ଚଳାଉଛନ୍ତି। ନୂଆଗାଁ ବ୍ଲକର ଖୋସ ସଦର ମହକୁମା ନୂଆଗାଁଠାରୁ ଆରମ୍ଭ କରି ଖୁଣ୍ଟଗାଁ, ସୋରଡା, ବାରିଲେପଟା, କାତେପୁର, ଲୋଆରାମ ଭଳି ବିଭିନ୍ନ ଗ୍ରାମରେ ଚୋରା ବିଦ୍ୟୁତ୍ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ଦିନ ଉକ୍ତ ରାସ୍ତାଦେଇ ଏକାଧିକ ବିଦ୍ୟୁତ୍ ବିଭାଗ କର୍ମଚାରୀମାନଙ୍କ ଯିବା ଆସିବା ଲାଗି ରହିଛି। ଏପରି କି କେବେ କେବେ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏଭଳି ଦୃଶ୍ୟକୁ ଦେଖି ନ ଦେଖିଲା ଭଳି ରହୁଛନ୍ତି। ଏଭଳି ବିଦ୍ୟୁତ୍ ଚୋରି ଯୋଗୁ ବିଦ୍ୟୁତ୍ ଲୋଡ ବୃଦ୍ଧି ପାଉଥିବାରୁ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ହେଉଛି। ସେହିପରି ନୂଆଗାଁ ବ୍ଲକର ସମ୍ପୃକ୍ତ ଗାଁଗୁଡିକରେ ଅନେକ ଉପଭୋକ୍ତାଙ୍କ ଘରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ହେଁ ମିଟର ଲାଗି ନାହିଁ। ଫଳରେ ଏହାର ଫାଇଦା ଉଠାଇଛନ୍ତି ଉପଭୋକ୍ତା। ଘରେ ଏକାଧିକ ହିଟର ଲାଗାଇ ବ୍ୟବହାର କରୁଛନ୍ତି। ମିଟର ବସି ନ ଥିବାରୁ ସେମାନଙ୍କୁ ବିଲ ମଧ୍ୟ ଅତ୍ୟନ୍ତ କମ୍ ଆସୁଥିବା ଜଣାପଡିଛି। କେତେକ ଉପଭୋକ୍ତା ଭଡା ଘର ତିଆରି କରି ଲୋକଙ୍କୁ ଘର ଭଡା ଦେଇଛନ୍ତି। ହେଲେ ସମ୍ପୃକ୍ତ ଘରରେ ଖୋଲାଖୋଲି ହିଟର ବ୍ୟବହାର କରଯାଉଛି। ମିଟର ଲାଗି ନ ଥିବାରୁ ଘର ମାଲିକ ମଧ୍ୟ ନିଶ୍ଚିନ୍ତରେ ରହୁଛନ୍ତି। ବର୍ଷ ବର୍ଷ ଧରି ଉପଭୋକ୍ତାମାନେ ବିଦ୍ୟୁତ୍ ସଂଯୋଗ ନେଇଥିଲେ ମଧ୍ୟ ମିଟର ନ ଲଗାଇବା ଘଟଣା ପ୍ରସଙ୍ଗକୁ ଆହୁରି ଜଟିଳ କରୁଛି। ଏଭଳି ବେଆଇନ ବିଦ୍ୟୁତ୍ ଚୋରିଠାରୁ ଆରମ୍ଭ କରି ବିନା ମିଟରରେ ବିଦ୍ୟୁତ୍ ସଂଯୋଗ, ଦିନଦ୍ୱିପହରେ ହୁକ ପକାଇ ବିଦ୍ୟୁତ ନେବା ଭଳି ଅଭିଯୋଗ ଉପରେ ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିବା ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିଛି ପ୍ରଭାବ ଶାଳି ଲୋକଙ୍କ ଛତ୍ରଛାୟାରେ ରହି ବିଦ୍ୟୁତ୍ ବିଭାଗର କେତେକ ଅଧିକାରୀ ଏଭଳି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

### ଏମାନେ ଯାହା କହନ୍ତି...

" ବିଦ୍ୟୁତ୍ ଜନସାଧାରଣଙ୍କ ଏକ ନିହାତି ଆବଶ୍ୟକୀୟ ଜିନିଷ। ଏହାକୁ ଠିକ ଭାବେ ବ୍ୟବହାର କରିବା ଉଚିତ। କେତେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀମାନଙ୍କ ସଲାସୁତୁରା ଯୋଗୁ ନୂଆଗାଁ ଅଞ୍ଚଳରେ ବିଦ୍ୟୁତ୍ ଚୋରି ଓ ବିଦ୍ୟୁତ୍ ଅପବ୍ୟବହାର ବଢ଼ି ଚାଲିଛି। ଫଳରେ ତଳତଳିଆ ଲୋକ ଶୋଷିତ ହେଉଛନ୍ତି। ବ୍ୟବହାର କମ୍ ଓ ଅଧିକ ବିଲ ପୈଠ କରିବାକୁ ପଡୁଛି। **- ଦିଗାମ୍ବର ଦାସ, ବିଜେଡି ସଭାପତି, ନୂଆଗାଁ ବ୍ଲକ**

" ନୂଆଗାଁ ସଦର ମହକୁମାରେ କେତେଜଣ ମୁଷ୍ଟିମେୟ ବେଆଇନ ଭାବେ ବିଦ୍ୟୁତ୍ ବ୍ୟବହାର କରୁଥିବା ଚର୍ଚ୍ଚା ହେଉଛି। ଅଧିକାରୀମାନଙ୍କୁ ହାତ କରି ଏଭଳି କାର୍ଯ୍ୟ କରୁଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ।
**- ସୁଲେମାନ୍ କାଲତିଆ, ବିଧାୟକଙ୍କ ପ୍ରତିନିଧି ନୂଆଗାଁ ବ୍ଲକ**

" ନୂଆଗାଁ ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ପାଟ୍ରୋଲିଂ ହେଉନାହିଁ। ଶୀତ ୨ମାସ ଛାଡି ଦେଲେ ଅନ୍ୟ ୧୦ମାସ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଏକ ପ୍ରମୁଖ ସମସ୍ୟା ପାଲଟିଛି। ହୁକ ପକାଇ ବିଦ୍ୟୁତ୍ ଚୋରି ହେଉଛି। ବିଭାଗୀୟ ଅଧିକାରୀ ସବୁ ଜାଣି ଅଜଣା ରହୁଛନ୍ତି। ତେଣୁ ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।
**- ଲିଟୁନ ସିଂ, ବିଦ୍ୟୁତ୍ ଉପଭୋକ୍ତା, ଲୋଆରାମ**

" ଯେ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ଏବଂ ବିଦ୍ୟୁତ୍ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହି ନାହିଁ। ସେ ପର୍ଯ୍ୟନ୍ତ ନୂଆଗାଁ ଅଞ୍ଚଳରେ ବହୁତ ସମସ୍ୟା ସୁଧୁରିବ ନାହିଁ। ପାଟ୍ରୋଲିଂ ନାହିଁ, ଗଛ କଟା ଯାଉନାହିଁ, ଅଧିକାଂଶ ପୁରୁଣା ସାମଗ୍ରୀ ରହିଛି, ଲାଇନ ମ୍ୟାନର ଅଭାବ ଆଦି ସମସ୍ୟା ଯୋଗୁ ବିଦ୍ୟୁତ୍ ସମସ୍ୟା ବୃଦ୍ଧା ପାଇବାରେ ଲାଗିଛି।
**- ଅନିଲ ଏକ୍କା, ଯୁବ କଂଗ୍ରେସ ନେତା, ନୂଆଗାଁ ବ୍ଲକ**



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ: ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

**କୋଲାବିରା,୨୬।୧୦(ଡି.ଏନ୍.ଏ.)**- ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାମ ହୋଇପାରୁ ନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ସେପ୍ଟେମ୍ବର ୨୩ରୁ ଆରମ୍ଭ ହୋଇଥିବା ଓକିଲଙ୍କ କାର୍ଯ୍ୟବନ୍ଦକୁ ଇତିମଧ୍ୟରେ ମାସକରୁ ଅଧିକ ସମୟ ବିତିଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ବାହାରି ପାରି ନାହିଁ। ଫଳରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟ ଠପ୍ ହୋଇଯାଇଛି। ଏ ଦିଗରେ ସରକାରଙ୍କ ନୀରବତା ଏବଂ ପ୍ରଶାସନର ନିଷ୍କ୍ରିୟତା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତହସିଲ ଅଫିସ ଅଚଳ ହୋଇଯିବା ଫଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଛି। ଜମିବାଡ଼ି ବିକ୍ରି, ଜାତି ଓ ବାସିନ୍ଦା ପ୍ରମାଣପତ୍ର ଆଦି ମିଳିପାରୁ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ମିଳିବାରେ ଅସୁବିଧା ହେଉଛି। ସେହିପରି ଗ୍ରାମ୍ୟ ନ୍ୟାୟାଳୟରେ ମଧ୍ୟ ଅଚଳାବସ୍ଥା ଦେଖିବାକୁ ମିଳୁଛି। ମାମଲାଗୁଡ଼ିକର ବିଚାର ହୋଇ ନ ପାରି ପଡ଼ିରହିଛି। ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ସର୍ବଭାରତୀୟ ନୃତ୍ୟ ପ୍ରତିଯୋଗିତାରେ ବ୍ରଜରାଜନଗର ଝିଅ

**ବ୍ରଜରାଜନଗର,୨୬।୧୦(ଡି.ଏନ୍.ଏ.)**- ଛତିଶଗଡ଼ ଦୁର୍ଗଠାରେ ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ ମ୍ୟୁଜିକ ସୋସାଇଟି ଦ୍ୱାରା ଆୟୋଜିତ ଭାରତ ସଂସ୍କୃତି ମହୋତ୍ସବ ୨୦୧୮ରେ ବ୍ରଜରାଜନଗର ଶିକ୍ଷା ନିକେତନର ଷଷ୍ଠ ଶ୍ରେଣୀ ଛାତ୍ରୀ ମଞ୍ଜରିକା ବାନାର୍ଜୀ ଓଡ଼ିଶୀ ନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ୮ବର୍ଷରୁ ୧୪ ବର୍ଷ ବୟସ ମଧ୍ୟରେ ଅନେକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ଶିକ୍ଷା ବିଭାଗ ସ୍କୁଲ ବନ୍ଦ କରିଦେଇଥିଲେ ମଧ୍ୟ ଛାତ୍ରୀଛାତ୍ର ସ୍କୁଲ ଆସି ବସିଛନ୍ତି।

# ଦର୍ଲିପାଲି ପ୍ରାଥମିକ ସ୍କୁଲ ସ୍ଥାନାନ୍ତରକୁ ବିରୋଧ

- ଅନ୍ୟ ସ୍କୁଲକୁ ଗଲେନାହିଁ ଏମ୍‌ସିଏଲ୍ ବିସ୍ଥାପିତଙ୍କ ପିଲା
- ବିସ୍ଥାପନ ସମସ୍ୟାରେ ପେଷି ହେଉଛନ୍ତି କୋମଳମତି ଛାତ୍ରୀଛାତ୍ର
- ଏମ୍‌ସିଏଲ୍ ଚାପରେ ଜିଲା ପ୍ରଶାସନ

**ଲଖନପୁର,୨୬।୧୦(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ବେଲପାହାଡ଼ ଖୋଲାମୁହଁ କୋଇଲା ଖଣି ଦ୍ରୁତଗତିରେ ସମ୍ପ୍ରସାରିତ ହେବାରେ ଲାଗିଛି। ଖଣି ସମ୍ପ୍ରସାରିତ ହୋଇ ଏବେ ଦର୍ଲିପାଲି ଗ୍ରାମ ପାର୍ଶ୍ୱରେ ପହଞ୍ଚିଲାଣି। କମ୍ପାନୀ ଏହି ଗ୍ରାମବାସୀଙ୍କୁ ବିସ୍ଥାପିତ କରିବାକୁ ରହିଛି। କମ୍ପାନୀ କର୍ତ୍ତୃପକ୍ଷ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି ଓ ଥାଇଥାନ ଆଦି ସୁବିଧା ଦେଉ ନ ଥିବାରୁ ଏହାକୁ ପ୍ରଥମରୁ ବିରୋଧ କରିଆସୁଛନ୍ତି। ଏଥିପାଇଁ ଖଣି ସମ୍ପ୍ରସାରଣ ବାଧାପ୍ରାପ୍ତ ହେଉଛି। ଫଳରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ସୁବିଧା ସୁଯୋଗ ନ ଦେଇ ଜିଲା ପ୍ରଶାସନ ମାଧ୍ୟମରେ ଗ୍ରାମରେ ଥିବା ପ୍ରାଥମିକ ସ୍କୁଲକୁ ପ୍ରଥମେ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଯୋଜନା ଚଳାଇଛନ୍ତି। ସ୍କୁଲ ସ୍ଥାନାନ୍ତରିତ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ଚାପରେ ଜିଲା ପ୍ରଶାସନ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏ ନେଇ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କୁ ଟିସି ଦେଇ ଖଡ଼ାମ ସ୍କୁଲରେ ନାମ ଲେଖାଇବା ପାଇଁ କୁହାଯାଇଛି। ଏହା ସହ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀମାନେ ଖଡ଼ାମ ସ୍କୁଲ୍‌ରେ ଯୋଗଦେବା ପାଇଁ କୁହାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଏ ସମ୍ପର୍କରେ ଗ୍ରାମ୍ୟ ଶିକ୍ଷା କମିଟି (ଭିଇସି)କୁ ଜଣାଇଥିଲେ। ଭିଇସି ସଭାପତି ସଚ୍ଚିଦାନନ୍ଦ ଓରାମଙ୍କ ଅଧ୍ୟକ୍ଷତାରେ ସ୍କୁଲରେ ଏକ ଜରୁରୀ ବୈଠକ ଆହ୍ୱାନ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ନାୟକ, ସହକାରୀ ଶିକ୍ଷୟିତ୍ରୀ କଳ୍ପନା ସା, ଅଭିଭାବକ ମିନକେତନ ସା, ରାଜକୁମାର ପାଣ୍ଡେ, ବେଦବ୍ୟାସ ସୁନାନୀ, ରମେଶ ଓରାମ, ସୌରୀ ସୁନାନୀ ଓ ଗୋବିନ୍ଦ କରାଳୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପ୍ରଥମେ ସ୍କୁଲ ସ୍ଥାନନ୍ତରରଣକୁ ଅଭିଭାବକମାନେ ବିରୋଧ କରିଥିଲେ। ଗ୍ରାମବାସୀଙ୍କୁ ବିସ୍ଥାପିତ ନ କରି ପ୍ରଥମେ ସ୍କୁଲ ସ୍ଥାନାନ୍ତର କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ଅଭିଭାବକମାନେ କହିଥିଲେ। ଦର୍ଲିପାଲି ଗ୍ରାମରୁ ଖଡ଼ାମ ସ୍କୁଲର ଦୂରତା ପ୍ରାୟ ୧୦ କିଲୋମିଟର। ଏହି ରାସ୍ତାରେ ଦୁର୍ଗମ ଖଣି ଅଞ୍ଚଳ ପଡ଼େ ଓ ଭାରିଯାନ ଚଳାଚଳ କରେ। ତେଣୁ କୋମଳମତି ଛାତ୍ରୀଛାତ୍ର ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରି ଖଡ଼ାମ ସ୍କୁଲରେ ପାଠ ପଢ଼ିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସ୍କୁଲ ବନ୍ଦ ହୋଇଥିଲେ ମଧ୍ୟ ଛାତ୍ରୀଛାତ୍ର ସ୍କୁଲ ବରଣ୍ଡାରେ ବସି ପାଠ ପଢ଼ିବେ। ଶିକ୍ଷୟିତ୍ରୀ ଶିକ୍ଷକ ନ ଆସିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଗ୍ରାମର ଶିକ୍ଷିତ ଯୁବତୀ ଓ ଯୁବକମାନେ ପାଠ ପଢ଼ାଇବେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗ୍ରାମବାସୀ ଓ ଅଭିଭାବକମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀ ଆହୁରି କହିଛନ୍ତି, ଜିଲା ପ୍ରଶାସନ କମ୍ପାନୀ ଚାପରେ ଏଭଳି ପଦକ୍ଷେପ ନେଇଛି। ଏହାକୁ ଗ୍ରାମବାସୀ ତଥା ଅଞ୍ଚଳବାସୀ କଡ଼ା ନିନ୍ଦା କରିଛନ୍ତି। ଏହି ନିଷ୍ପତ୍ତି ସମ୍ପର୍କରେ ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦେଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ବଳରେ ସ୍କୁଲର ଶିକ୍ଷୟିତ୍ରୀମାନେ ଗୁରୁବାର ଖଡ଼ାମ ସ୍କୁଲରେ ଯୋଗଦେଇଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ନାୟକ କହିଛନ୍ତି, ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ବଳରେ ଖଡ଼ାମ ସ୍କୁଲରେ ଯୋଗଦେଇଛୁ। ଛାତ୍ରୀଛାତ୍ରଙ୍କୁ ଟିସି ଦେବା ପାଇଁ କୁହାଯାଇଥିଲା। କିନ୍ତୁ ଏହାକୁ ଅଭିଭାବକମାନେ ଅଗ୍ରାହ୍ୟ କରିଛନ୍ତି। ବିଇଓ ରବିରତନ ବାଗ କହିଛନ୍ତି ସ୍କୁଲ ସ୍ଥାନାନ୍ତରକୁ ନେଇ ଗ୍ରାମାବସୀ ଓ ଅଭିଭାବକଙ୍କ ସହ ଅନେକ ଥର ଆଲୋଚନା କରାଯାଇଛି। ଗ୍ରାମବାସୀ ଏହାକୁ ପ୍ରଥମରୁ ବିରୋଧ କରିଆସୁଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ବଳରେ ସ୍କୁଲ ବନ୍ଦ କରି ଶିକ୍ଷୟିତ୍ରୀଙ୍କୁ ଖଡ଼ାମ ସ୍କୁଲରେ ନିଯୁକ୍ତ କରାଯାଇଛି ବୋଲି ସେ କହିଛନ୍ତି।

■ ପୋଲିସକୁ ନାହିଁ ଖାତିର

# ମକଡ୍ରିଲ୍ ପରେ ବ୍ୟାଙ୍କ ସାମ୍ନାରୁ ଲୁଟ୍

**ଝାରସୁଗୁଡ଼ା ଅଫିସ,୨୬।୧୦**

ବ୍ୟାଙ୍କ ଭିତରୁ ହେଉଥିବା ଡକାୟତି ଏବଂ ବାହାରେ ହେଉଥିବା ଲୁଟ୍ କିପରି ରୋକାଯାଇ ପାରିବ ସେଥିପାଇଁ ପୋଲିସ ଚିନ୍ତିତ। ଏହାକୁ ଦୃଷ୍ଟିରେ ରଖି ବୁଧବାର ଝାରସୁଗୁଡ଼ା ଟାଉନଥାନା ପୋଲିସ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟଶାଖାରେ ମକ୍‌ଡ୍ରିଲ୍ କରିଥିଲା। ଡକାୟତ ଏବଂ ଲୁଟେରାଙ୍କ ଯୋଜନା ପଣ୍ଡ କରିବାକୁ ପୋଲିସ ବ୍ୟବସ୍ଥିତ ମକ୍‌ଡ୍ରିଲ୍ କରିଥିବା ବେଳେ ଶୁକ୍ରବାର ୟୁନିଅନ ବ୍ୟାଙ୍କ ସମ୍ମୁଖରେ ହୋଇଛି ଲୁଟ୍। ଜଣେ ବ୍ୟବସାୟୀ ଭାଗୀରଥି ପ୍ରଧାନଙ୍କଠାରୁ ଲୁଟେରାମାନେ ଚତୁରତାର ସହ ୨୭ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ କରିବାର ପୁରୁଣା ତରିକା ଆପଣାଇ ଲୁଟେରାମାନେ ନେଇଯାଇଛନ୍ତି ଟଙ୍କା। ଏ ବାବଦରେ ଝାରସୁଗୁଡ଼ା ଟାଉନଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି।

ଅଭିଯୋଗ ଅନୁସାରେ, ଶୁକ୍ରବାର ମଧ୍ୟାହ୍ନରେ କୋଲାବିରା ସାଲେପାଲିର ପରିବା ବ୍ୟବସାୟୀ ଭାଗୀରଥି ପ୍ରଧାନ ସରବାହାଲ ରୋଡ୍ ୟୁନିଅନ ବ୍ୟାଙ୍କ ଶାଖାକୁ ଯାଇଥିଲେ। ସେ ନିଜ ଜମାଖାତାରୁ ୨୭ ହଜାର ଟଙ୍କା ଉଠାଇଥିଲେ। ବ୍ୟାଗରେ ଟଙ୍କା ଏବଂ ଜମାଖାତା ରଖି ବାଇକ୍ ପଛରେ ଥିବା ପରିବା ଝୁଡ଼ିରେ ବ୍ୟାଗ୍ ରଖିଥିଲେ। ପୂର୍ବରୁ ସେଠାରେ ଛକି ବସିଥିବା ୫ ଦୁର୍ବୃତ୍ତ ଭାଗୀରଥିଙ୍କ ପଛପାର୍ଶ୍ୱରେ ୧୦ ଟଙ୍କିଆ ନୋଟ୍ ଚାରି ପାଞ୍ଚଟି ପକାଇ ଦେଇଥିଲେ। ଯୋଜନା ମୁତାବକ ଦୁର୍ବୃତ୍ତମାନେ ଭାଗୀରଥିଙ୍କୁ ତାଙ୍କ ଟଙ୍କା ପଡ଼ିଯାଇଥିବା କହିଥିଲେ। ଭାଗୀରଥି ବୁଲି ଦେଖିବା ବେଳେ ୧୦ ଟଙ୍କିଆ ଚାରି ପାଞ୍ଚଟି ପଡ଼ିଥିଲା। ଭାଗୀରଥି ନଇଁପଡ଼ି ଟଙ୍କା ଗୋଟାଇବା ସମୟରେ ଲୁଟେରାମାନେ ଝୁଡ଼ିରେ ଥିବା ଟଙ୍କା ବ୍ୟାଗ୍ ଏବଂ ଜମାଖାତା ନେଇ ଏକ ଅଟୋରେ ଫେରାର ହୋଇଯାଇଥିଲେ। ଭାଗୀରଥିଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ମିଳିନାହିଁ।



ଲଇକେରା ବ୍ଲକକୁ ମରୁଡ଼ି ଘୋଷଣା ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

# ଲଇକେରା ବ୍ଲକକୁ ମରୁଡ଼ି ଘୋଷଣା ଦାବି

**ଲଇକେରା,୨୬।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅଞ୍ଚଳରେ ବର୍ଷାଭାବ ଯୋଗୁ ଜମି ଫାଟି ଆଁ କରିଛି। ଅନ୍ୟ ପଟେ ରୋଗପୋକ ଦାଉରେ ଧାନ ଫସଲ ନଷ୍ଟ ହୋଇଛି। ଏହି କାରଣକୁ ବ୍ଲକକୁ ମରୁଡ଼ି ଘୋଷଣା କରିବାକୁ ଦାବି ହୋଇଛି। ଶୁକ୍ରବାର ବ୍ଲକ ହଜାର ହଜାର ଚାଷୀ ବିରାଟ ଶୋଭାଯାତ୍ରାରେ କଲେଜ ଛକରୁ ବାହାରି ବ୍ଲକ ସମ୍ମୁଖରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୯ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଲଇକେରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା, ଇନ୍‌ପୁଟ ସବ୍‌ସିଡି, ସମସ୍ତ କୃଷିଋଣ ଛାଡ଼, ଚାଷୀ ପରିଚୟପତ୍ର ମାଧ୍ୟମରେ ପେଟ୍ରୋଲ, ଡିଜେଲରେ ରିହାତି, ପେନସନ, ଧାନ ସହାୟକ ମୂଲ୍ୟ ବୃଦ୍ଧି, ଉଠା ଜଳସେଚନର ପୁନରୁଦ୍ଧାର ଆଦି ଦାବି ରଖିଛନ୍ତି। ମା' ଅନ୍ଧାରୀ କୃଷକ ସଂଗଠନ ଏହି ସମାବେଶ ଆୟୋଜନ କରିଥିବାବେଳେ ଏହାର ସଭାପତି ହେମନ୍ତ ସାଗର କୁମୁରାଙ୍କ ନେତୃତ୍ୱରେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଭୂପାଳ ଚନ୍ଦ୍ର ବେହେରା, ସୁରେଶ କୁମାର ପଟେଲ, ଲୋକେନ୍ଦ୍ର ରାଉତ, ଦୈତାରୀ ପଟେଲ, ସଞ୍ଜୟ ପଟେଲ, ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ଜିଲା ପରିଷଦ ସଭ୍ୟ ବ୍ରଜକିଶୋର ସୁନାରୀ, କୃଷ୍ଣଚନ୍ଦ୍ର ଭୋଇ, ଟଙ୍କଧର ନାଏକ, ରମେଶ ସାହୁ, ଦିଲୀପ ବେହେରା, ସୁରେନ୍ଦ୍ର କୁମାର ପଟେଲ, ଅର୍ଜୁନ ମେହେର, ସୁରେଶ ପଟେଲ, ଦିଲୀପ ବଢ଼େଇ, ବିଜୟ ଦାଶଙ୍କ ସମେତ ୧୧ ପଞ୍ଚାୟତର ଚାଷୀ ଏଥିରେ ଯୋଗଦେଇଥିଲେ। ବିଡିଓ ପ୍ରସନ୍ନ କୁମାର ପାଣ୍ଡେଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି ଝାରସୁଗୁଡ଼ା ଜିଲା ବିଜେଡି ପ୍ରତିନିଧି।

■ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ 'ଉଡ଼ାଣ'

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

**ଝାରସୁଗୁଡ଼ା ଅଫିସ,୨୬।୧୦**

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ଉଡ଼ାଣ ସେବା ନିୟମିତ କରିବା ଦାବି ନେଇ ଶୁକ୍ରବାର ଜିଲା ବିଜେଡିର ଏକ ଟିମ୍ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛି। ବିମାନସେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନକାରାତ୍ମକ ମନୋଭାବ ରହିଥିବା ଜିଲା ବିଜେଡି ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପ୍ରତିନିଧିମାନେ ଅନୁରୋଧ କରିଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି କିଶୋର ମହାନ୍ତିଙ୍କ ନେତୃତ୍ୱରେ ଝାରସୁଗୁଡ଼ା ପୌରାଧ୍ୟକ୍ଷ ହରିଶ ଗଣତ୍ରା, ବ୍ରଜରାଜନଗର ପୌରାଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲ, ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ବିଜେଡି ନେତା ରବି ସିଂ, ତାପସ ରାୟ ଚୌଧୁରୀ, ମନ ମହାପାତ୍ର, ତ୍ରିନାଥ ଗୁଆଲ, ସୁକାନ୍ତୀ ଜୟପୁରିଆ, ସୁଶାନ୍ତ ପଟେଲ, ସୌମ୍ୟ ବେହେରା, ବିନୟ ପଟେଲ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ବିମାନବନ୍ଦର ଉଦ୍‌ଘାଟନ ସମୟରେ କରିଥିବା ପ୍ରଚାର ଏବଂ ଘୋଷଣା କାର୍ଯ୍ୟକାରୀ କରନ୍ତୁ, ଉଡାନ୍ ଯୋଜନାକୁ ନିୟମିତ କରନ୍ତୁ ଏବଂ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଝାରସୁଗୁଡ଼ା ଦେଇ ଚଳାଚଳ କରୁ ବୋଲି ଜିଲା ବିଜେଡି ପକ୍ଷରୁ ଦାବି କରାଯାଇଛି।

# ମଦ ବିରୋଧରେ ମହିଳାଙ୍କ ଶୋଭାଯାତ୍ରା

**ଝାରସୁଗୁଡ଼ା ଅଫିସ,୨୬।୧୦**

ଝାରସୁଗୁଡ଼ା ବଢ଼େଇମୁଣ୍ଡା ମହିଳା ସୁରକ୍ଷା ମଞ୍ଚ ଓ ବନ୍ଦେ ଉତ୍କଳ ଜନନୀ ମହିଳା ସମିତି ପକ୍ଷରୁ ମଦବିରୋଧୀ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ରଙ୍ଗିଆପଡ଼ା ହନୁମାନ ମନ୍ଦିରଠାରୁ ବାହାରି ସେଲ୍ ଟ୍ୟାଙ୍କ ଛକ, ବଢ଼େଇମୁଣ୍ଡା, ଭୁଲିଆପଡ଼ା ଆଦି ଅଞ୍ଚଳ ପରିକ୍ରମା କରିଥିଲା। ବଢ଼େଇମୁଣ୍ଡା ଛକରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇ କୁଚିଆ ମଦ, ଦେଶୀମଦ ଏବଂ ଚୋରାମଦ କାରବାର ବିରୋଧରେ ଉଦ୍‌ବୋଧନ ଦିଆଯାଇଥିଲା। ଚୋରା ମଦ କାରବାର ବୃଦ୍ଧି ପାଉଥିବାରୁ ଏହା ଲୋକଙ୍କ ପରିବାରକୁ ପ୍ରଭାବିତ କରୁଛି। ତେଣୁ ଚୋରା ମଦ କାରବାର ବନ୍ଦ କରିବା ପାଇଁ ମହିଳାମାନେ ଏକଜୁଟ ହେବା, ଶୋଭାଯାତ୍ରା ପ୍ରଚାରପତ୍ର ଜରିଆରେ ଲୋକଙ୍କୁ ଆନ୍ଦୋଳନରେ ସାମିଲ କରିବା ଏବଂ ମହିଳା ସଙ୍ଗଠନଗୁଡ଼ିକ ଏ ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଶୋଭାଯାତ୍ରା ଏବଂ ସଭାରେ ରାଜକୁମାରୀ ପଟ୍ଟନାୟକ, ରଜନୀ ପ୍ରଧାନ, ଜନକ ପ୍ରଧାନ, ବିଜିଲି ପୋଡ଼, ରଞ୍ଜିତା ପ୍ରଧାନ, ଚଞ୍ଚଳା ପ୍ରଧାନ, ନମିତା ପ୍ରଧାନ, ସବିତା ମାଝି, ମଞ୍ଜୁଲତା ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।




ମଦ ବିରୋଧରେ ମହିଳାଙ୍କ ଶୋଭାଯାତ୍ରା।



ଭୀମ ପୂଜା ଅବସରରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ଅତିଥି।

# କୁଲିହାମାଲରେ ଭୀମ ପୂଜା

**କୋଲାବିରା,୨୬।୧୦(ଡି.ଏନ୍.ଏ.)**

କୋଲାବିରା ବ୍ଲକ କୁଲିହାମାଲ ପଞ୍ଚାୟତର କୁଲିହାମାଲ ଗ୍ରାମରେ ସଭାବନାର ପର୍ବ ଭୀମପୂଜା କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ପ୍ରତିବର୍ଷ ଏହି ପୂଜାକୁ ଗ୍ରାମବାସୀ ମହୋତ୍ସବ ଭାବରେ ପାଳନ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଦେବୀବାହନ ବରୁଆ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ଧବଳେଶ୍ୱର ନାଏକ କର୍ତ୍ତା ଓ ଗୋବର୍ଦ୍ଧନ ନାଏକ ପୂଜକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ଫକୀର ମୋହନ ଭୋଇ, ମନୋଜ ଧୁରୁଆ, ନବୀନ ନାଏକ, ଯୁଧିଷ୍ଠିର ଧୁରୁଆ, ଦୋଲାଚାନ୍ଦ ନାଏକ, ଜୟଦେବ ରୋହିଦାସ, ପଙ୍କଜ ନାଏକ, ସୀତାକାନ୍ତ ଜୋଷୀଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା ଭୀମବାବାଙ୍କ ଯାତ୍ରା। ଏହି ଅବସରରେ ଆୟୋଜକ ମଣ୍ଡଳୀ ଦ୍ୱାରା କୁଲିହାମାଲ ଖେଳପଡ଼ିଆରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ ସ.ପଣ୍ଡକିମାଲର ଶିବଶଙ୍କର କ୍ଲବ, ସୁନ୍ଦରଗଡ଼ ଏନ୍‌ଜେଓ୍ୱାଇ କ୍ଲବ, ଏନ୍‌ସି ବରାହମୁଣ୍ଡା, ଝାରସୁଗୁଡ଼ା ଜୟଯବାନ କ୍ଲବ, କାଦୋମାଲ ମା' ଦୁର୍ଗା କ୍ଲବ, ରେଙ୍ଗାଲି ସୋନାମାଲର ଜୁନିୟର ଟିମ ଆଦି ୮ଟି ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚ୍ ବରାହମୁଣ୍ଡା ଏବଂ ସରବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସରବାହାଲ ଦଳ ବରାହମୁଣ୍ଡାକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଭୀମବାବା ଫୁଟବଲ କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କୁଲିହାମାଲ ସରପଞ୍ଚ ଅଞ୍ଜନ କୁମାର ପଟେଲ ଏବଂ ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍ ସମେତ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅକ୍ଟୋବର ୨୭/୨୦୧୮



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### କିନିକିବନ୍ଧ ଗ୍ରାମରେ ହାତୀ ଉପଦ୍ରବ

ବାଲିଶଙ୍କରା,୨୬।୧୦(ଡି.ଏନ.ଏ)

ଉଜ୍ଜଳପୁର ରେଞ୍ଜ କିଅଁରକେଲା ସେକ୍ସନ ଅଧୀନ କିନିକିବନ୍ଧ ଗ୍ରାମରେ ଗୁରୁବାର ରାତିରେ ଛତିଶଗଡ ରାଜ୍ୟ ୬ରୁ ୭ଟି ବଣୁଆ ହାତୀ ପଶିଥିଲେ। ପରେ ହାତୀପଲ ଗ୍ରାମର ପଙ୍କଜ କୁମାର ପଟେଲ, ସୁରେନ୍ଦ୍ର କେରକେଟା, ମନୋଜ କେରକେଟା, ଖଗେଶ୍ୱର ବେହେରା, ସଦାନନ୍ଦ ବେହେରଙ୍କ ପାଚିକା ଧାନକୁ ମାଡି ଦଳି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ବନ ବିଭାଗ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କର୍କଟ ରୋଗ ଚିହ୍ନଟ, ପରାମର୍ଶ ଶିବିର: ୨୧ ଜଣଙ୍କୁ କେମୋ ଥେରାପି

ଝାରସୁଗୁଡ଼ା ଅଫିସ,୨୬।୧୦:

ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର କର୍କଟ ରୋଗ ଚିହ୍ନଟ ଏବଂ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ମୁମ୍ବାଇରୁ ଆସିଥିବା କର୍କଟ ବିଶେଷଜ୍ଞ ଡା. ଦୀନେଶ ପେଣ୍ଡାରକର, ବୁର୍ଲାର ଡା. ଦୀପକ ପାଣିଗ୍ରାହୀ, ଝାରସୁଗୁଡ଼ାର ଡା ପ୍ରଫୁଲ୍ଲ ଚନ୍ଦ୍ର ଦଳାଇ ଏବଂ ଡା. ଏନ୍. ଦାଶ ଶିବିରରେ ଯୋଗଦେଇ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଗତବର୍ଷ ମେ ମାସରେ ପ୍ରଥମ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏହା ଚତୁର୍ଥ ଶିବିର। ଆଜିର ଶିବିରରେ ମୋଟ ୨୧ ଜଣ କର୍କଟ ରୋଗୀଙ୍କୁ କେମୋ ଥେରାପି ଦିଆଯାଇଥିଲା। ଜିଲାରେ ବର୍ତ୍ତମାନ ସୁଦ୍ଧା ୮୬ ଜଣ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ୨୦୧୭ ମେରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ୩୨୧ ଜଣ ବହିର୍ବିଭାଗକୁ ଆସିଥିବା ବେଳେ ୯୯ଟି କେମୋ ଦିଆଯାଇଛି। ସେହିପରି ଚଳିତବର୍ଷ ଏପ୍ରିଲରୁ ବର୍ତ୍ତମାନ ସୁଦ୍ଧା ୨୨୭ ଜଣ ବହିର୍ବିଭାଗକୁ ଆସିଥିବା ବେଳେ ୧୧୪ଟି କେମୋ ଦିଆଯାଇଛି। ଏହି ଶିବିର ଜରିଆରେ ଜିଲାରେ ନୂତନ ରୋଗୀ ଚିହ୍ନଟ ସମେତ ରୋଗୀଙ୍କୁ ଚିକିତ୍ସା ପରାମର୍ଶ, ମେଡିସିନ୍ ପରିବର୍ତ୍ତନ, ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଥାଏ ବୋଲି ଡା. ଦଳେଇ କହିଛନ୍ତି।

■ଶିକ୍ଷା ନାମରେ ଠକେଇ

# ଶିକ୍ଷା ବିଭାଗର ଉଦାସୀନତା ସନ୍ଦେହ ଘେରରେ

ସୁନ୍ଦରଗଡ଼/ବଡଗାଁ, ୨୬।୧୦ (ଡି.ଏନ୍.ଏ.)

ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ଲୋକଙ୍କ ସରଳତାର ସୁଯୋଗ ନେଇ ସରକାରୀ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏପରି କି ଛତୁ ଫୁଟିଲା ଭଳି ବେଆଇନ୍ ଶିକ୍ଷାନୁଷ୍ଠାନ ଖୋଲାଯାଇ ଶିକ୍ଷା ନାମରେ ବ୍ୟବସାୟୀକରଣ ଓ ଠକେଇ କାରବାର ଘଟଣା ନଜରକୁ ଆସିଛି । ଜିଲାର ବଡଗାଁ ବ୍ଲକ ସମେତ ଅଧିକାଂଶ ବ୍ଲକରେ ଏକ ବେସରକାରୀ ସଂସ୍ଥା ପକ୍ଷରୁ ବେସରକାରୀ ଭାବେ ସ୍କୁଲ ଖୋଲାଯାଇ ସେଗୁଡିକରେ ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତି ଦେବା ଓ ପରେ ସିଟି ବିଇଡି ଆଦି ତାଲିମଶିକ୍ଷା ଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ କାରବାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବଡଗାଁ ଅଞ୍ଚଳରେ ଠକେଇର ଶିକାର ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଏନେଇ ବଡଗାଁ ଥାନା ପୋଲିସ ଏହି ଠକେଇ ମାମଲାର ଖୋଳତାଡ ଆରମ୍ଭ କରିଛି। ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ଗ୍ରାମର ଧରଣୀଧର ମହାପାତ୍ର ନାମକ ଜଣେ ବ୍ୟକ୍ତି ଜିଲାର ବିଭିନ୍ନ ଅଞ୍ଚଳରେ ବେସରକାରୀ ଭାବେ ସେଣ୍ଟ୍ରାଲ ମଡେଲ ସ୍କୁଲ ନାମରେ ଶିକ୍ଷାନୁଷ୍ଠାନ ଖୋଲି ଶିକ୍ଷକ ନିଯୁକ୍ତି କରିଥିଲେ। ଏଥିରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦୀର୍ଘ ୧୧ମାସ ଦରମା ନ ଦେବା କିମ୍ବା ସେମାନଙ୍କୁ ସିଟି ବିଇଡି ଆଦି ଟ୍ରେନିଂ ବ୍ୟବସ୍ଥା ନ କରିବାରୁ ଏହି ଘଟଣା ପ୍ରଥମେ ପୋଲିସ ପାଖରେ ପହଞ୍ଚିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ବଡଗାଁ ବିଇଓ ହରେକୃଷ୍ଣ ପୁରୋହିତଙ୍କଠାରୁ ମିଳିଥିବା ଏକ ଅନୁମତିପତ୍ର ଦେଖାଇ ଓ ବିଭିନ୍ନ ସ୍ଥାନରେ ପ୍ରଚାର ବ୍ୟାନର ଲଗାଇ ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ଜରଙ୍ଗଲୋଇଠାରେ ବିଦ୍ୟାଳୟ ଖୋଲିଥିଲେ। ମାତ୍ର ସେଠାରେ ନିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ୧୧ମାସର ଦରମା ପାଇଁ ଅନୁଷ୍ଠାନର ମୁଖ୍ୟ ବୋଲାଉଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଘେରାଉ କରିଥିଲେ। ସେତିକିବେଳେ ବଡଗାଁ ପୋଲିସ ଓ ବ୍ଲକ ଅଧ୍ୟକ୍ଷଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ଗତ ୨୫ ତାରିଖ ମଧ୍ୟରେ ବକେୟା ଥିବା ଦରମା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨୫ତାରିଖରେ ସେ ମୋବାଇଲ ଫୋନ ସୁଇଚଅପ୍ କରି ଦେଖାଦେଇ ନ ଥିଲେ। ଫଳରେ ଜିଲାର ରାଉରକେଲା, ରାଜଗାଙ୍ଗପୁର, ଝାରବେଡ଼ା, ଟିକିଲିପଡ଼ା, ଜଗନ୍ନାଥପୋଷ, କରମଡିହି ଆଦି ୧୦ଟି ଗ୍ରାମରେ ଖୋଲିଥିବା ସ୍କୁଲ ଏବଂ ସିଲେଇ ଶିକ୍ଷାକେନ୍ଦ୍ରର ୭୫ରୁ ଉର୍ଦ୍ଧ୍ୱ କର୍ମଚାରୀ ଜରଙ୍ଗଲୋଇ ମୁଖ୍ୟ କାର୍ଯ୍ୟାଳୟକୁ ଆସି ଶେଷରେ ନିରାଶ ହୋଇ ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ । ଏଭଳି ବେସରକାରୀ ଶିକ୍ଷାନୁଷ୍ଠାନ ଖୋଲିବା ପଇଁ ଅନଲାଇନ୍ ମାଧ୍ୟମରେ ଆବେଦନ ପରେ ସମ୍ପୃକ୍ତ ଜିଲାର ଜିଲା ଶିକ୍ଷା ଅଧିକାରୀ ଅନୁଧ୍ୟାନ ପରେ ନୋ ଅବଜେକସନ୍ ସାର୍ଟିଫିକେଟ ଦେଲା ପରେ ଯାଇ ଅନୁମତି ମିଳିଥାଏ ହେଲେ ଏଠାରେ ବଡଗାଁ ବ୍ଲକ ଶିକ୍ଷା ଅଧିକାରୀ କିଭଳି ଏହି ଅନୁଷ୍ଠାନ ଖୋଲିବା ପାଇଁ ଅନୁମତି ପ୍ରଦାନ କଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହୋଇଛି । ଅପରପକ୍ଷେ ବଡଗାଁ ବ୍ଲକର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ତଥା ବର୍ତ୍ତମାନ ଲେଫ୍ରିପଡ଼ା ବ୍ଲକ ଶିକ୍ଷା ଅଧିକାରୀ ଭାବେ ଅବସ୍ଥାପିତ ଥିବା ହରେକୃଷ୍ଣ ପୁରୋହିତଙ୍କୁ ପଚାରିବାରେ ଘଟଣାକୁ ସେ ଅସ୍ୱୀକାର କରିଛନ୍ତି ।

### ଓପିଜିସି କର୍ମଚାରୀ ସଂଘର କଳାବ୍ୟାଜ୍ ପରିଧାନ ସ୍ଥଗିତ

ଲଖନପୁର,୨୬।୧୦(ଡି.ଏନ୍.ଏ.)

ଓପିଜିସି କର୍ମଚାରୀ ସଂଘ କର୍ତ୍ତୃପକ୍ଷଙ୍କ ନିକଟରେ ଦୀର୍ଘଦିନରୁ ଦାବି ଉପସ୍ଥାପନ କରିଆସୁଛି। ଏହାର ସମାଧାନ କରିବା ପରିବର୍ତ୍ତେ ନିଗମ କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସଂଘ ସଦସ୍ୟମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇ ନିଗମ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏନେଇ କର୍ତ୍ତୃପକ୍ଷ ଆଲୋଚନା ପାଇଁ ସହମତି ପ୍ରକାଶ କରିବା ସହ ପତ୍ର ମାଧ୍ୟମରେ କଳାବ୍ୟାଜ୍ ପରିଧାନ ନ କରିବା ପାଇଁ ଅନୁରୋଧ କରିଛନ୍ତି। କର୍ତ୍ତୃପକ୍ଷଙ୍କ ଏହି ଅନୁରୋଧକୁ ସଂଘ ସମ୍ମାନ ଜଣାଇ କଳାବ୍ୟାଜ୍ ପରିଧାନକୁ ସ୍ଥଗିତ ରଖିଛି। ଏନେଇ ଆସନ୍ତା ୩୧ ତାରିଖରେ ସଂଘର ବୈଠକ ଆହ୍ୱାନ କରାଯାଇଛି। ଏହିସମୟ ମଧ୍ୟରେ କର୍ତ୍ତୃପକ୍ଷ ଯଦି ଦାବି ସମୂହ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆସନ୍ତା ୨ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସଂଘ ସଦସ୍ୟମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ ବୋଲି ସଭାପତି ଉମାବଲ୍ଲଭ ରଥ ଚେତାବନୀ ଦେଇଛନ୍ତି।

■ ଜିଲା କଂଗ୍ରେସର ବିକ୍ଷୋଭ

# ସିବିଆଇର କଣ୍ଠରୋଧ କରୁଛି ଭାଜପା ସରକାର

ରାଉରକେଲା ଅଫିସ,୨୬।୧୦

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ନିରପେକ୍ଷ ସଂସ୍ଥା ସିବିଆଇର ରାତିଆଧିଆ କଣ୍ଠରୋଧ ନେଇ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ସେକ୍ଟର-୪ ସିବିଆଇ କାର୍ଯ୍ୟାଳୟ ଆଗରେ ଏକତ୍ରିତ ହୋଇଥିଲେ ବରିଷ୍ଠ କଂଗ୍ରେସ ନେତା। ଜିଲା ସଭାପତି ରବି ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପିସିସି ସମ୍ପାଦକ ରଶ୍ମିରଞ୍ଜନ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଗ୍ରିଗୋରି ମିଞ୍ଜ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏଭଳି ମନମୁଖି ପଦକ୍ଷେପକୁ ତୀବ୍ର ସମାଲୋଚନା କରିଥିଲେ। ରାଫେଲ ଜେଟ୍ ବିମାନ କିଣା ଦୁର୍ନୀତିକୁ ଘଷ୍ଟ ଘୋଡ଼ାଇବାକୁ ମୋଦି ସରକାର ସିବିଆଇ ନିର୍ଦ୍ଦେଶକଙ୍କୁ ନିଜ ଦାୟିତ୍ୱରୁ ଅବ୍ୟାହତି ଦେଇଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ସିବିଆଇ କଣ୍ଠରୋଧ ସମ୍ପୂର୍ଣ୍ଣ ସମ୍ବିଧାନ ବିରୋଧୀ ପଦକ୍ଷେପ। ଏହାକୁ କେବେ ଦେଶବାସୀ ଗ୍ରହଣ କରିବେ ନାହିଁ ବୋଲି କହିଥିଲେ କଂଗେସ ନେତୃମଣ୍ଡଳୀ। ତୁରନ୍ତ କେନ୍ଦ୍ର ସରକାର ଏଭଳି ଜନବିରୋଧୀ ନୀତିରୁ ଦୂରେଇ ରୁହନ୍ତୁ, ଅନ୍ୟଥା ଦେଶବ୍ୟାପୀ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଏଥିରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ସିବିଆଇର କଣ୍ଠରୋଧ ବିରୋଧରେ ଜିଲା କଂଗ୍ରେସ ପକ୍ଷରୁ ସେକ୍ଟର-୪ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### କନ୍‌ଷ୍ଟେବଲଙ୍କୁ ମାଡ଼ ଅଭିଯୋଗରେ ୩ ଗିରଫ

ଝାରସୁଗୁଡ଼ା ଅଫିସ,୨୬।୧୦

ଝାରସୁଗୁଡ଼ା ରିଜର୍ଭ ପୋଲିସରେ କାର୍ଯ୍ୟରତ କନ୍‌ଷ୍ଟେବଲ ବିଟିଏମ୍ ଅଞ୍ଚଳର ନିତ୍ୟାନନ୍ଦ ପରିଡ଼ାଙ୍କୁ ମାଡ଼ ମାରିବା ଅଭିଯୋଗରେ ବିଟିଏମ୍ ଫାଣ୍ଡି ପୋଲିସ ଶୁକ୍ରବାର ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଓରାମପଡ଼ାର ବିକାଶ ଓରାମ, କାପୁମାଲର ଆଶିଷ ମିଞ୍ଜ ଓ ରେଲୱେ କଲୋନୀର ସନ୍ଦୀପ ଡୁଙ୍ଗଡୁଙ୍ଗ। ସମସ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ନିତ୍ୟାନନ୍ଦ ଘରୁ ବାହାରି ଡ୍ୟୁଟିକୁ ଯାଇଥିଲେ। ଏହି ସମୟରେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଛକରେ କେତେଜଣ ଯୁବକ ପରସ୍ପର ମଧ୍ୟରେ ପାଟିତୁଣ୍ଡ କରୁଥିଲେ। ନିତ୍ୟାନନ୍ଦ ସେଠାରେ ଅଟକି ଯୁବକମାନଙ୍କୁ ତାଗିଦ କରିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ନିତ୍ୟାନନ୍ଦଙ୍କୁ ମାଡ଼ ମାରିଥିଲେ। ଏ ନେଇ ନିତ୍ୟାନନ୍ଦ ଝାରସୁଗୁଡ଼ା ଟାଉନଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବିକାଶ, ଆଶିଷ ଓ ସନ୍ଦୀପଙ୍କୁ ଗିରଫ କରିଥିଲା।

### ଭୂତଳ ପାଇପ୍‌ଲାଇନ ବିଛାଇବାକୁ ଦାବି

କିର୍ମିରା,୨୬।୧୦(ଡି.ଏନ୍.ଏ.)

କିର୍ମିରା ବ୍ଲକ ବାଗଡିହି ଗ୍ରାମରେ ଜିଲା ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଓଭରହେଡ୍ ଟ୍ୟାଙ୍କିରୁ ଜଳଯୋଗାଣ ବ୍ୟବସ୍ଥା କରାଯାଉଛି। ତେବେ ଠିକାଦାର କୌଣସି ସୂଚନା ଫଳକ ନ ଲଗାଇ ଏହି କାମ କରୁଛନ୍ତି। କେତେକ ସ୍ଥାନରେ ପାଇପ୍ ଲାଇନ୍ ମାଟି ତଳେ ବିଛାଯାଇଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ଏହା ମାଟି ଉପରେ (ରାସ୍ତା ପାର୍ଶ୍ୱ) ବିପଦସଙ୍କୁଳ ଅବସ୍ଥାରେ ବିଛାଯାଇଛି। ଏହା ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିବା ଆଶଙ୍କା କରି ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ପାଇପ୍ ଲାଇନ୍‌କୁ ମାଟିତଳେ ବିଛାଇବାକୁ ସେମାନେ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ମାଟି ଉପରେ ବିପଦସଙ୍କୁଳ ଅବସ୍ଥାରେ ପାଇପ୍ ଲାଇନ୍ ବିଛାଯାଇଛି।

### ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଲହୁଣୀପଡ଼ା,୨୬।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅଧୀନ ବଡପୁରୁଣା ପାଣି ପଞ୍ଚାୟତ କପଣ୍ଡ ଗ୍ରାମରେ ଶୁକ୍ରବାର କପଣ୍ଡ ସ୍ପୋର୍ଟିଂ ଆସୋସିଏଶନ୍ ପକ୍ଷରୁ ୩ଦିନିଆ ଫୁଟବଲ ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡପୁରୁଣାପାଣି ସରପଞ୍ଚ ପର୍ଶୁରାମ ଓରାମ ଏବଂ ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ପ୍ରତିଯୋଗୀତାରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଜଳନ୍ଧର ପେଣ୍ଟେଇ, ସୁବାସ ମୁଣ୍ଡା, ଦୁର୍ଯ୍ୟୋଧନ ମୁଣ୍ଡାରି ଖେଳ ପରିଚାଳନା କରିଥିଲେ । ପ୍ରଥମ ମ୍ୟାଚରେ ଭୁଲତା ସ୍ପୋର୍ଟିଂ କ୍ଲବକୁ ହରାଇ ଶିବଶକ୍ତି ବାଇପାସ ଦଳ ବିଜୟୀ ହୋଇଥିଲା । ପଙ୍କଜ କୁମାର, ରାଜେଶ ଦାଶ, ପ୍ରଦୀପ କିଷାନ, ବିକ୍ରମ ପାତ୍ର, ରାଇକ କିଷାନ, ଦୀପକ ଦାଶ, ନିରାକର ବଗର୍ତ୍ତି, ଗ୍ରାଜ ଓରାମ, କାର୍ତ୍ତିକ ମାହାନ୍ତ, ଛବିଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋଲାବିରା ଓ ସମାସିଂହା ପଞ୍ଚାୟତରେ ରାଶନକାର୍ଡ ବଣ୍ଟନ

କୋଲାବିରା,୨୬।୧୦(ଡି.ଏନ୍.ଏ.)

କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତର ୧୦୫ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ରାଶନକାର୍ଡ ବଣ୍ଟନ କରାଯାଇଛି। ଏଥିରେ ସରପଞ୍ଚ ହେମନ୍ତ କୁମାର ସାହୁ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ପାଢ଼ୀ ଉପସ୍ଥିତ ରହି କାର୍ଡ ବଣ୍ଟନ କରିଥିଲେ। ସେହିପରି କୋଲାବିରା ପଞ୍ଚାୟତର ୭୦ ହିତାଧିକାରୀଙ୍କୁ ମଧ୍ୟ ରାଶନକାର୍ଡ ବଣ୍ଟନ କରାଯାଇଥିଲା। ସୁଚନାଯୋଗ୍ୟ, କୋଲାବିରା ବ୍ଲକର ୯ଟି ପଞ୍ଚାୟତରର ୨୭୪୮ ଜଣ ହିତାଧିକାରୀଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଶନକାର୍ଡ ପ୍ରଦାନ ପାଇଁ ଚିହ୍ନଟ କରାଯାଇଛି। ଗତ ୭ ତାରିଖ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ୯୦ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଖୁବଶୀଘ୍ର ଅନ୍ୟ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଥିଲେ। ଏହି କ୍ରମରେ ଗୁରୁବାର କୋଲାବିରା ଏବଂ ସମାସିଂହା ପଞ୍ଚାୟତର ୧୭୫ ହିତାଧିକାରୀଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କିର୍ମିରା,୨୬।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ବାଗଡିହି ଗ୍ରାମରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। କିର୍ମିରା ବ୍ଲକ ସମେତ ଅନ୍ୟାନ୍ୟ ଅଞ୍ଚଳର ଦିବ୍ୟାଙ୍ଗ ବ୍ୟକ୍ତିମାନେ ଏଥିରେ ଯୋଗଦେଇ ସେମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ସୁବିଧାର ଲାଭ ନେଇଥିଲେ। ଶିବିରରେ ଚକ୍ଷୁ, ନାଶା, କର୍ଣ୍ଣ, ଗଳା, ଅସ୍ଥିଶଲ୍ୟ, ମାନସିକ ସମେତ ଅନ୍ୟାନ୍ୟ ବିଭାଗ ବିଶେଷଜ୍ଞ ଯୋଗଦେଇ ଦିବ୍ୟାଙ୍ଗଙ୍କ ପରୀକ୍ଷା ନିରୀକ୍ଷା କରିବା ସହ ଜରୁରୀ ଉପକରଣ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ବିଡିଓ ଜୟେନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ସରପଞ୍ଚ ନଟବର ଅଗ୍ରୱାଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଶିଳା କିରୋ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତୀ ବେହେରା, ଏଇ ଧନଞ୍ଜୟ ସେଠୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା, ଅଙ୍ଗନୱାଡି କର୍ମୀ, ସାମାଜିକ କର୍ମୀ ଯୋଗଦେଇଥିଲେ। ଶିବିରରେ ମୋଟ ୯୭ ଜଣ ପଞ୍ଜୀକୃତ ହୋଇଥିଲେ। ୬୪ ଜଣଙ୍କୁ ପରିଚୟପତ୍ର, ପାସ୍‌ବୁକ, ୨୭ ଜଣଙ୍କୁ ୟୁଡିଆଇଡି, ୧୯ଜଣଙ୍କୁ ୪ ପ୍ରତିଶତ ସୁଧରେ ଋଣ, ୫ଜଣଙ୍କୁ ପେନସନ, ୨ଜଣଙ୍କୁ ଲାପ୍‌ଟପ୍, ୧୪ ଜଣଙ୍କୁ ସହାୟକ ଉପକରଣ, ୪୭ ଜଣଙ୍କୁ ବସ୍ ପାସ, ୩୮ଜଣଙ୍କୁ ଟ୍ରେନ୍ ପାସ ପାଇଁ ଚିହ୍ନଟ କରାଯାଇଥିଲା।

### ଜୟଦ୍ରଥଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଓଡ଼ିଆ କବି ଜୟଦ୍ରଥ ସୁନା କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ଯୁବ ପୁରସ୍କାର ୨୦୧୮'ରେ ସମ୍ମାନିତ ହୋଇଛନ୍ତି। ଶୁକ୍ରବାର ମଣିପୁର ଇମ୍ଫାଲର ଟ୍ରାଇବାଲ ରିସର୍ଚ୍ଚ କନଫରେନ୍ସ ହଲରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ଜୟଦ୍ରଥ ତାଙ୍କ ରଚିତ ପ୍ରଥମ କବିତା ସଙ୍କଳନ 'ଶୋଷ' ପାଇଁ ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ଏକାଡେମୀ ପକ୍ଷରୁ ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଛି। କଳାହାଣ୍ଡି ଜିଲାରେ ଜନ୍ମଗ୍ରହଣ କରିଥିବା ଏହି ଯୁବ ସାହିତ୍ୟିକ ଆଗାମୀ ଦିନରେ ଓଡ଼ିଆ ସାହିତ୍ୟକୁ ଆଉ ପାଦେ ଆଗକୁ ନେବାକୁ ଲକ୍ଷ୍ୟ ରଖିଛନ୍ତି।ଏହି ଅବସରରେ ସମଗ୍ର ଦେଶରୁ ୨୨ଜଣ ଯୁବ ସାହିତ୍ୟିକଙ୍କୁ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଛି। ଜଣାଶୁଣା ଇଂଲିଶ ସାହିତ୍ୟିକ ଏପ୍‌ଥର ଡାଭିଡ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଓଡ଼ିଶାରୁ ଗାୟତ୍ରୀବାଳା ପଣ୍ଡା, କ୍ଷେତ୍ରବାସୀ ନାୟକ, ନରେନ୍ଦ୍ର କୁମାର ଭୋଇ, ସୁଜିତ୍ କୁମାର ପଣ୍ଡା, ଦେବାଶିଷ ମିଶ୍ର ଓ ସୂର୍ଯ୍ୟସ୍ନାତ ତ୍ରିପାଠୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ପୁରସ୍କାର ପାଇଛନ୍ତି।

■ଝାରସୁଗୁଡ଼ାରୁ ବିମାନ ଉଡ଼ାଣ ବନ୍ଦ

# ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବା ଜରୁରୀ

ସମ୍ବଲପୁର,୨୬।୧୦(ବ୍ୟୁରୋ)

ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ସେପ୍ଟେମ୍ବର ୨୨ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ । ପଶ୍ଚିମ ଓଡିଶାବାସୀଙ୍କ ଆଶା ଓ ଆକାଂକ୍ଷା ବଢ଼ିଥିଲା । କିନ୍ତୁ ପରିତାପର ବିଷୟ ଯେ, ଅକ୍ଟୋବର ୭ତାରିଖରୁ ବିମାନ ଚଳାଚଳ ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଛି। ତେଣୁ ଝାରସୁଗୁଡାରୁ ନିୟମିତ ବିମାନ ଚଳାଚଳ କରିବା ଦାବି ହୋଇଛି । ଏ ନେଇ ଶୁକ୍ରବାର ବିଜୁ ଜନତା ଦଳ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କ ସଚିବ ବିଭୁତିଭୂଷଣ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନ ବନ୍ଦର ପାଇଁ ସମସ୍ତ ପ୍ରକାର ଆନୁସାଙ୍ଗିକ ବ୍ୟବସ୍ଥା ପ୍ରଦାନ କରିଛନ୍ତି । ଉଦ୍‌ଘାଟନର କିଛି ଦିନ ଭୁବନେଶ୍ୱର, ରାଞ୍ଚି, ଝାରସୁଗୁଡା ମଧ୍ୟରେ ବିମାନ ଚଳାଚଳ ହୋଇଥିଲା। କେଉଁ ପରିସ୍ଥିତିରେ ପରବର୍ତ୍ତୀ ସମୟରେ ବନ୍ଦ ହୋଇଛି ତାହା ତଦନ୍ତ ସାପେକ୍ଷ। ଅପରପକ୍ଷେ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ବାଙ୍ଗାଲୋର, ହାଇଦ୍ରାବାଦ, ଦିଲ୍ଲୀ, ଚେନ୍ନାଇ, ମୁମ୍ବାଇ, କୋଲକତା ଓ ଭୁବନେଶ୍ୱର ମଧ୍ୟରେ ବିମାନ ଚଳାଚଳ କଲେ ଅଧିକ ସଂଖ୍ୟାରେ ଯାତ୍ରୀମାନେ ଯାତାୟତ କରିପାରିବେ । ଏହା ଦ୍ୱାରା ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ବୃଦ୍ଧି ହୋଇପାରିବ । ତେଣୁ ପ୍ରଧାନମନ୍ତ୍ରୀ ଏ ଦିଗରେ ଦ୍ରୁତ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କଚେରି ଛକରୁ ନେତା ଓ କର୍ମୀମାନେ ଆରଡିସି ଅଫିସକୁ ରାଲିରେ ଆସିଥିଲେ । ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ଆର୍ତ୍ତତ୍ରାଣ ମିଶ୍ର, ସିଦ୍ଧାର୍ଥ ଦାଶ, ପ୍ରଫୁଲ୍ଲ କୁମାର ଦାଶ, ସାନ୍ତନୁ କୁମାର ବଡପଣ୍ଡା, ରାଜଲକ୍ଷ୍ମୀ ପ୍ରଧାନ, ଅଶୋକ କୁମାର ସେନାପତି, ଡ. ସୁମିତ୍ରା ଅଗ୍ରୱାଲ, ଭବାନୀଶଙ୍କର ବାବୁ, ସୁଧାଂଶୁ ଶେଖର ମହାରଣା, ମନୋଜ ମହାପାତ୍ର ପ୍ରମୁଖ ସାମିଲ ଥିଲେ ।



ଶୁକ୍ରବାର ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ନେତା ଓ କର୍ମୀଙ୍କ ଗହଣରେ ଆରଡିସି ସଚିବ ବିଭୂତିଭୂଷଣ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

କୁଆଁରମୁଣ୍ଡା,୨୬।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଦିନିକିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶିକ୍ଷା କାର୍ଯ୍ୟାଳୟ ଅଧୀନ ୧୫ଟି କ୍ଲଷ୍ଟରରୁ କୃତୀ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ବକ୍ତୃତା, ରଚନା, ଚିତ୍ରାଙ୍କନ, କୁଇଜ୍, ଗଠନମୂଳକ ଲେଖା, ଗୀତ ଆଦି ମୋଟ ୧୦ଟି ବିଭାଗରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ ବରିଷ୍ଠ ବର୍ଗ ଓ ପଞ୍ଚମ, ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ କନିଷ୍ଠ ବର୍ଗ ଗଠନ କରାଯାଇଥିଲା। ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଆଗାମୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗୋଷ୍ଠୀ ଅଭିନୟ ଓ ଆଲୋକେସନ ବିଭାଗର ବରିଷ୍ଠ ବର୍ଗରେ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରତିଯୋଗିତା ଶେଷରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଶରତ ସାହୁ ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନୀୟ ଅତିଥିଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କୁଆଁରମୁଣ୍ଡା ଶାଖା ପରିଚାଳକ ପ୍ରୀତମୋହନ ଭଞ୍ଜ, ଏବିଇଓ ଗୁରୁଚରଣ ସାହୁ, ମୋହନ କୁମାର ଏବଂ ଅନ୍ୟମାନେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ସିଆରସିସି ନରୋତ୍ତମ ସ୍ୱାଇଁ, ଶିକ୍ଷକ ଶ୍ୟାମଳ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ କ୍ଲଷ୍ଟର ସିଆରସିସିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ ଅଭିନୟ ଜରିଆରେ ସ୍କୁଲ ନିରାପତ୍ତାଧର୍ମୀ ସଚେତନତା ସୃଷ୍ଟି କରୁଛନ୍ତି।